



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-346 • SUNDAY • 14 JUNE 2026 • PAGE-12+4 • ₹ 7.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୩୪୬ • ରବିବାର • ୧୪ ଜୁନ୍ ୨୦୨୬ • ପୃଷ୍ଠା-୧୨+୪ (ସିଟି) • ଟ.୭.୦୦


## ଆସାମରେ ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ

# ୨ ଅଗ୍ନିବୀରଙ୍କ ସମେତ ୫ ସହିଦ

■ ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି): ଆସାମର ଯୋରହାଟ ବାୟୁସେନା ଘାଟୀରେ ଶନିବାର ଏକ ବଡ଼ଧରଣର ବିମାନ ଦୁର୍ଘଟଣା ଘଟିଛି। ଭାରତୀୟ ବାୟୁସେନାର ଏକ 'ଏଏନ୍-୩୨' ପରିବହନ ବିମାନ ଅବତରଣ କରୁଥିବା ସମୟରେ ନିଆଁ ଲାଗିଯିବାରୁ ୫ ଜଣ ପ୍ରାଣ ହରାଇଛନ୍ତି। ତେବେ ବିମାନର କୋ-ପାଇଲଟ୍ ସୌଭାଗ୍ୟବଶତଃ ବଞ୍ଚି ଯାଇଛନ୍ତି। ସହିଦ ହୋଇଥିବା ବୀର ଯବାନମାନେ ହେଲେ ସ୍କ୍ୱାଡ୍ରନ ଲିଡର ପ୍ରଶାନ୍ତ ସିଂହ, ଫ୍ଲାଇଟ୍ ଲେଫ୍ଟନାଣ୍ଟ ଶୁଭମ କୁମାର, ସର୍ଜେଣ୍ଟ ଜିତେନ୍ଦ୍ର ଶର୍ମା, ଅଗ୍ନିବୀର ଖେମାରାମ କୁମାୱତ ଓ ଅଗ୍ନିବୀର ଦାନିଶ ଆଲମ୍।



ଶୋକ ପ୍ରକାଶ କଲେ ନବୀନ

ପ୍ରାଥମିକ ସୂଚନା ଅନୁଯାୟୀ, ଯୋରହାଟ ବାୟୁସେନା ଘାଟି ଭିତରେ ବିମାନଟି ଅବତରଣ କରିବା ମାତ୍ରେ ଏଥିରେ ହଠାତ୍ ନିଆଁ ଲାଗିଯାଇଥିଲା। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ବାୟୁସେନାର ବରିଷ୍ଠ ଅଧିକାରୀମାନେ ସେଠାରେ ପହଞ୍ଚି ଜରୁରୀକାଳୀନ ପରିସ୍ଥିତିର ସମୀକ୍ଷା କରିଛନ୍ତି। ଏହି ଅପୂରଣୀୟ କ୍ଷତି ପାଇଁ ଭାରତୀୟ ବାୟୁସେନା ଗଭୀର ଶୋକ ପ୍ରକାଶ କରିଛି। ବାୟୁସେନା ପକ୍ଷରୁ କୁହାଯାଇଛି ଯେ, ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଆମର ଗଭୀର ସମବେଦନା ରହିଛି ଏବଂ ଏହି ▶ପୃଷ୍ଠା-୭



# ଅଶୋଧିତ ତୈଳ ଦରରେ ବୃହତ ହ୍ରାସ

## ପାକିସ୍ତାନରେ କ୍ରମାଗତ ୫ ଥର କମିଲାଣି ପେଟ୍ରୋଲ-ଡିଜେଲ ଦର

■ ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି): ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ବୃହତ୍ ହ୍ରାସ ଘଟିଛି। ପଶ୍ଚିମ ଏସିଆରେ ଶାନ୍ତି ଆଶା ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ପାଇ ତିନି ମାସର ସର୍ବନିମ୍ନ ସ୍ତରକୁ ଖସିଆସିଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୩.୪୨୦ ଡଲାର ହ୍ରାସ ପାଇ ୮୪.୨୯୦ ଡଲାରକୁ ଖସିଆସିଛି। ତୈଳ ଦରରେ ହ୍ରାସର ଲାଭ କିନ୍ତୁ ଖାଉଟିଙ୍କୁ ମିଳିପାରିନାହିଁ। ବିଶ୍ୱ ବଜାରରେ ମହଙ୍ଗା ତେଲ ଦର ଯୋଗୁ ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବଢ଼ିଚାଲିଥିଲା। ହେଲେ ଏବେ ଦର କମୁଥିବାବେଳେ ତେଲ କମ୍ପାନୀ ନିରବ। ଭାରତରେ ତୈଳ ବିପଣନକାରୀ କମ୍ପାନୀ(ଓଏମ୍ସି) ଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟରେ ବୃଦ୍ଧି କରିଚାଲିଥିବା ବେଳେ ପଡ଼ୋଶୀ ପାକିସ୍ତାନରେ ମୂଲ୍ୟ ଖସୁଛି। ପାକିସ୍ତାନରେ କ୍ରମାଗତ ଭାବେ ୫ ଥର ପେଟ୍ରୋଲ-ଡିଜେଲ ମୂଲ୍ୟରେ ହ୍ରାସ ପାଇଥିବା ବେଳେ ଭାରତରେ କ୍ରମାଗତ ଭାବେ ୪ ଥର ପେଟ୍ରୋଲ-ଡିଜେଲ ଦର ବୃଦ୍ଧି ପାଇଲାଣି। ପାକିସ୍ତାନରେ ପେଟ୍ରୋଲ ଲିଟର ପିଛା ୪ ଟଙ୍କା ଏବଂ ଡିଜେଲ ୨ ଟଙ୍କା ହ୍ରାସ ହୋଇଛି। ସେହିପରି ଗତ ମାସରେ ପାକିସ୍ତାନରେ ପେଟ୍ରୋଲ ଲିଟର ପିଛା ୪୧ ଟଙ୍କା ଏବଂ ଡିଜେଲ ୩୬ ଟଙ୍କା ହ୍ରାସ ପାଇଛି। ଫେବୃଆରୀ ୨୮ରୁ ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ପାକିସ୍ତାନ ସରକାର ପ୍ରତି ଶୁକ୍ରବାର ରାତିରେ ପେଟ୍ରୋଲିୟମ ମୂଲ୍ୟ ସଂଶୋଧନ କରିଆସୁଛନ୍ତି ଏବଂ ଏହା କ୍ରମାଗତ ୫ମ ▶ପୃଷ୍ଠା-୭




ଭାରତରେ ୪ ଥର ବଢ଼ିଲାଣି

# ଛୁଇଁଦେଇ ଲୁଚିଗଲା ମୌସୁମୀ

## ଉପକୂଳରେ କମ୍ ବର୍ଷା; ବିଳମ୍ବ ହେବ ଚାଷକାର୍ଯ୍ୟ

■ ଭୁବନେଶ୍ୱର, ୧୩।୬ (ସମିସ): ଓଡ଼ିଶାର ଉପକୂଳ ଅଞ୍ଚଳ ଦେଇ ଆନୁଷ୍ଠାନିକ ଭାବେ ମୌସୁମୀ ବାୟୁ ପ୍ରବେଶ କରିଥିବା କଥା ଗତକାଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ଘୋଷଣା କରିଥିଲା। କିନ୍ତୁ ସୁଖିଲା ପାଗ ସାଙ୍ଗକୁ କିଛି କିଛି ସ୍ଥାନରେ କମ୍ ବର୍ଷା ଯୋଗୁଁ ମୌସୁମୀକୁ ନେଇ ବିଭ୍ରାନ୍ତି ସୃଷ୍ଟି ହୋଇଛି। ମୌସୁମୀ ରାଜ୍ୟର ୪ ଟି ଜିଲ୍ଲାକୁ ଆଂଶିକ ଛୁଇଁଥିବା କଥା ଆଇଏମ୍ଡି କହିଥିବା ବେଳେ ଅନ୍ୟ ଜିଲ୍ଲାଗୁଡ଼ିକୁ ଏହା ଅଗ୍ରସର ହୋଇପାରିନି। ଓଡ଼ିଶାକୁ ମୌସୁମୀ ଛୁଇଁ ଦେଇ ଲୁଚକାଳି ଖେଳୁଥିବାରୁ ରାଜ୍ୟବାସୀ ମୌସୁମୀକୁ ଚାହିଁ ରହିଛନ୍ତି। ଅନ୍ୟପଟେ ରଜ ପହଞ୍ଚିଯାଇଥିବା ବେଳେ ଏପର୍ଯ୍ୟନ୍ତ ମୌସୁମୀ ସଠିକ୍ ଢଙ୍ଗରେ ନ ପହଞ୍ଚିବା ଓ ବଙ୍ଗୋପସାଗରରେ କୌଣସି ଲଘୁଚାପ ସୃଷ୍ଟି ନ ହେବା ରାଜ୍ୟର ଚାଷ କାର୍ଯ୍ୟ ପ୍ରତି ବିପଦ ସୃଷ୍ଟି କରିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଓଡ଼ିଶାର ଉପକୂଳ ଅଞ୍ଚଳରେ ଆନୁଷ୍ଠାନିକ ଭାବେ ମୌସୁମୀ ବାୟୁ ପ୍ରବେଶ କରିସାରିଛି। ତେବେ, ସାରା ରାଜ୍ୟରେ ବ୍ୟାପକ ଏବଂ ଚାଷ ପାଇଁ ଉପଯୋଗୀ ବର୍ଷା ହେବାରେ ବିଳମ୍ବ ହୋଇପାରେ। ତେଲଙ୍ଗାନା ଏବଂ ▶ପୃଷ୍ଠା-୭



## କୃଷି ଅଭିବୃଦ୍ଧି ଶୂନ୍ ଆଶଙ୍କା

■ ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି): ଏଲ୍-ନିନୋକୁ ନେଇ ଚିନ୍ତା ବଢୁଥିବା ବେଳେ ଦେଶର କୃଷି କ୍ଷେତ୍ର ପାଇଁ ଏବେ ବଡ଼ ବିପଦ ଆସିବାକୁ ଯାଉଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଏଲ୍-ନିନୋ ଭୟରେ ଚାଷୀମାନେ ପୂର୍ବରୁ ଜଳପ୍ରବଣ ଏବଂ ଅଧିକ ଅମଳକାରୀ ଫସଲରୁ କମ୍ ପାଣି ଆବଶ୍ୟକ କରୁଥିବା ଏବଂ କମ୍ ରାଜସ୍ୱ ଦେଉଥିବା ଫସଲ (ଯେପରିକି ବାଜରା, ଯ ଏବଂ ମୁଗ) କୁ ସ୍ଥାନାନ୍ତରିତ ହେବାକୁ ଯୋଜନା କରିଛନ୍ତି। କାରଣ ଅର୍ଥନୀତିଜ୍ଞମାନେ ପୂର୍ବାନୁମାନ କରିଛନ୍ତି ଯେ, ୨୦୨୬-୨୭ରେ କୃଷି କ୍ଷେତ୍ରର ମୋଟ ଘରୋଇ ଉତ୍ପାଦ (ଜିଡିପି) ସ୍ଥିର ରହିବ କିମ୍ବା ସାମାନ୍ୟ ହ୍ରାସ ପାଇବ। ଇଣ୍ଡିଆନ୍ କାଉନସିଲ୍ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନ୍ୟାସନାଲ୍ ଇକୋନୋମିକ୍ ରିଲେସନ୍ସର ବିଶିଷ୍ଟ ପ୍ରଫେସର ଏବଂ କୃଷି ଖର୍ଚ୍ଚ ଏବଂ ମୂଲ୍ୟ କମିଶନର ପୂର୍ବତନ ଅଧ୍ୟକ୍ଷ ଅଶୋକ ଗୁଲାଟି ଏହାକୁ ନେଇ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, କେତେବେଳେ ଏବଂ କେତେ ବର୍ଷା ହେବ ତାହା ଉପରେ ନିର୍ଭର କରି, କୃଷି ଜିଡିପି ଅଭିବୃଦ୍ଧି ଶୂନ୍ୟ ପାଖାପାଖି କିମ୍ବା ନକାରାତ୍ମକ ହୋଇପାରେ।






## ଚାମେଲିଙ୍କୁ ନେଇ ରାଜନୀତି ସରଗରମ

■ କେନ୍ଦ୍ରାପଡ଼ା/ ମହାକାଳପଡ଼ା, ୧୩।୬ (ସମିସ) : କେନ୍ଦ୍ରାପଡ଼ା ଜିଲ୍ଲା ତିଖିରୀ ପଞ୍ଚାୟତ ସରପଞ୍ଚ ଚାମେଲି ଓଝାଙ୍କୁ କେନ୍ଦ୍ର କରି କେନ୍ଦ୍ରାପଡ଼ା ଜିଲ୍ଲାର ରାଜନୈତିକ ପରିବେଶ ସରଗରମ ହୋଇଉଠିଛି। ମହାକାଳପଡ଼ା ବିଡିଓଙ୍କ ଚାମ୍ବରରେ ଘଟଣା ପରେ ରୁଜୁ ହୋଇଥିବା ମାମଲା ଓ ପରବର୍ତ୍ତୀ ସମୟରେ ଚାମେଲି ଓଝାଙ୍କ ଗିରଫକୁ ନେଇ କଂଗ୍ରେସ, ବିଜେଡି, ବିଜେପି ଓ ସିପିଆଇ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପଟେ ▶ପୃଷ୍ଠା-୭

**ଜେଲ୍‌ରେ ଅସୁସ୍ଥ ହେବାରୁ ପୁଣି ଡାକ୍ତରଖାନାକୁ ଆଣିଲା ପୁଲିସ**

**ସମର୍ଥନରେ ବାହାରିଲେ ପିସିସି ସଭାପତି ଭକ୍ତ ଦାସ**

**ଥାନା ଘେରିଲା କଂଗ୍ରେସ ଓ ବିଜେପି**

### ଜେଲ୍ ଗଲେ ଚନ୍ଦ୍ରିକାଙ୍କ ଓଏଏସ୍ ପ୍ରେମିକ ଭୀମସେନ

## ପ୍ରେମ ଭାଙ୍ଗିଦେଲା ଶ୍ୟାମଳ ବର୍ଣ୍ଣ !

■ କଟକ/ତ୍ରିଶୂଳିଆ, ୧୩।୬ (ସମିସ): କଟକ କାଠଯୋଡ଼ି ନଦୀରୁ ମୟୂରଭଞ୍ଜ ଉଦଳା ଅଞ୍ଚଳର ଡାକ୍ତର ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ଘଟଣା ଭିନ୍ନ ମୋଡ଼ ନେବାରେ ଲାଗିଛି। କମିଶନରେଟ୍ ପୁଲିସ ତାଙ୍କ ଓଏଏସ୍ ପ୍ରେମିକ ଭୀମସେନ୍ ଟୁଡୁଙ୍କୁ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅଧୀନ ସଙ୍କୁଚା ଗ୍ରାମରୁ ଗତକାଲି ଗିରଫ କରିଥିଲା। ଆଜି ଭୀମସେନ୍‌ଙ୍କୁ ବାରଙ୍ଗ ପୁଲିସ ଜେରା କରିବା ପରେ କୋର୍ଟଚାଲାଣ କରିଥିଲା। କିନ୍ତୁ, ସେଠାରେ ତାଙ୍କର ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ଜେଲ୍‌କୁ ପଠାଇ ଦିଆଯାଇଛି। ଖୁବଶୀଘ୍ର ତାଙ୍କୁ ରିମାଣ୍ଡରେ ଅଣାଯିବ ଏବଂ ନୂଆ ବାନ୍ଧବୀ ସ୍ୱାତୀଦୀପା ରାଉତଙ୍କ ସହ ମୁହାଁମୁହିଁ ଜେରା କରାଯିବ ବୋଲି ପୁଲିସ କହିଛି। ଚନ୍ଦ୍ରିକାଙ୍କ ମୃତ୍ୟୁ ଖବର ପାଇ ଓଏଏସ୍ ଟ୍ରେନିଂ ସେଣ୍ଟରରୁ ଭୀମସେନ୍ ଫେରାର୍ ହୋଇଯାଇଥିଲେ। ▶ପୃଷ୍ଠା-୭



**ଦୋଛକିରେ ପୁଲିସ: ଚାଲିଛି ଡିଜିଟାଲ୍ ପ୍ରମାଣ ଯାଞ୍ଚ**

**ନୂଆ ବାନ୍ଧବୀ ସ୍ୱାତୀଦୀପାଙ୍କ ସହ ହେବ ମୁହାଁମୁହିଁ ଜେରା**


15001/67/2627

## ରଜ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପ୍ରତୀକ ରଜ ପର୍ବ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଓଡ଼ିଆ ସଂସ୍କୃତିର ଏହି ମହାନ ପର୍ବ ଆମ ମାଟି ମା'ର ମହତ୍ତ୍ୱ, ମାତୃଶକ୍ତିର ସମ୍ମାନ ଏବଂ କୃଷିଭିତ୍ତିକ ସଭ୍ୟତାକୁ ପିଢି ପରେ ପିଢି ସମୃଦ୍ଧ କରିଆସିଛି ।

ଆସନ୍ତୁ, ଆମର ଏହି ଗୌରବମୟ ସଂସ୍କୃତିକୁ ବଜାୟ ରଖି ଘରେ ଘରେ ଆନନ୍ଦ ଉଲ୍ଲାସର ସହ ରଜ ପର୍ବ ପାଳନ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0067

# ସିମୁଳିଆ ଛକରୁ ମାର୍କେଟ ରାସ୍ତା ଶୋଚନୀୟ

କାଳିପଦା, ୧୩।୬ (ସମିସ)



ବାଲିଆପାଳ ବସ୍ତା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ସିମୁଳିଆ ଛକରୁ ମାର୍କେଟ ରାସ୍ତା ଏବେ ମରାମତି ଅଭାବରୁ ଶୋଚନୀୟ ହୋଇ ପଡିଛି। ସ୍ଥାନୀୟ ଲୋକ ବାରମ୍ବାର ବିଭାଗକୁ ଜଣାଇ ଆସିଥିଲେ ମଧ୍ୟ ଅଦ୍ୟାବଧି କୌଣସି ପ୍ରତିକାର ହୋଇ ନ ଥିବା ପ୍ରକାଶ। ଏକ କିଲୋମିଟରରୁ କମ୍ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତା କେତେ ବର୍ଷ ତଳେ ହୋଇ ଥିଲା। ମାତ୍ର ଦୀର୍ଘ ବର୍ଷ ହେବ ମରାମତି ନ ହେବା କାରଣରୁ ରାସ୍ତାଟି ଏବେ ଅଗମ୍ୟ ହୋଇଛି କହିଲେ ଚଳେ। ରାସ୍ତାର ବହୁ ଜାଗାରୁ କଂକ୍ରିଟ ଫାଟି ଯିବା ସହିତ ରାସ୍ତାରୁ କଂକ୍ରିଟ ଉଠି ଯାଇଛି। ରାସ୍ତା ଦବି ଯାଇ ଖାଲ ଖମା ସୃଷ୍ଟି ହୋଇଛି। ଦୈନନ୍ଦିନ ଏହି ରାସ୍ତା ଦେଇ ପରିବା ଚାଷୀ ଓ ଅନ୍ୟ ବ୍ୟବସାୟୀ ମାର୍କେଟକୁ ଯାଆନ୍ତି। ସାଧାରଣ ଲୋକ ଦୁଇ ଚକିଆ ଓ ତିନି ଚକିଆ ଅଥବା ଚାରି ଚକିଆ ଯାନରେ ଯିବା ଆସିବା କଷ୍ଟ କର ହେଉଛି। ମଧୁପୁରା ପଞ୍ଚାୟତ ଅଧିନରେ ଏହି ରାସ୍ତା ପଡୁ ଥିବାରୁ ପଞ୍ଚାୟତ କର୍ତୃପକ୍ଷ ମଧ ଏହି ରାସ୍ତାକୁ ମରାମତି କରି ପାରନ୍ତେ। ମାତ୍ର କରୁ ନଥିବାରୁ ଅସନ୍ତୋଷ ଦେଖା ଦେଇଛି। ଆଗକୁ ବର୍ଷା ଋତୁ ଆସୁଥିବାରୁ ରାସ୍ତା ଅବସ୍ଥା ଆହୁରି ଅଧିକ ଶୋଚନୀୟ ହେବ। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଥବା ପଞ୍ଚାୟତ ରାସ୍ତା ମରାମତି କରୁ ବୋଲି ଭୂପତି ସାହୁ, ଅନନ୍ତ ସାହୁ, ଖଗେନ୍ଦ୍ର ଜେନା, ସନ୍ୟାସୀ ଜେନା, ସଞ୍ଜୟ ନାୟକ, ଖଗେଶ୍ୱର ଜେନା, ମଧୁ ସୂଦନ ସାହୁ, ଗଗନ ସାହୁ, ମୁକୁନ୍ଦ ମୁରାରୀ ଜେନା, ଗଣପତି ଗିରି, ଭୋଳାନାଥ ସିଂ, ଯଯାତି ଜେନା ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

# ମହିଳାଙ୍କ ପେଟରୁ ବାହାରିଲା ୧୧.୫ କେଜିର ଓଭାରିଆନ୍ ସିଷ୍ଟ

ବାଲେଶ୍ୱର,୧୩।୬ (ସମିସ): ଆଧୁନିକ ଚିକିତ୍ସା ବିଜ୍ଞାନର ଆଉ ଏକ ଉଲ୍ଲେଖନୀୟ ସଫଳତା ସାମ୍ନାକୁ ଆସିଛି। ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଅଞ୍ଚଳ ନୂଆଗାଁର ୧୯ ବର୍ଷୀୟା ଯୁବତୀ ଜାହ୍ନବୀ ପଣ୍ଡାଙ୍କ ପେଟରୁ ପ୍ରାୟ ୧୧.୫ କିଲୋଗ୍ରାମ ଓଜନର ଏକ ବିଶାଳ ଓଭାରିଆନ୍ ସିଷ୍ଟ ସଫଳତାର ସହ ବାହାର କରାଯାଇଛି। ଦୀର୍ଘ ଦେଢ଼ ବର୍ଷ ଧରି ଏହି ଜଟିଳ ରୋଗରେ ପୀଡ଼ିତ ଥିବା ଜାହ୍ନବୀଙ୍କ ପାଇଁ ଏହି ଅସ୍ତ୍ରୋପଚାର ନୂଆ ଜୀବନ ଆଣିଦେଇଛି। ଗତ କିଛି ମାସ ଧରି ଜାହ୍ନବୀଙ୍କ ପେଟ ଅସ୍ୱାଭାବିକ ଭାବରେ ବଢ଼ିବା ସହ ତୀବ୍ର ଅସୁବିଧା ଓ ଶାରୀରିକ କଷ୍ଟ ଅନୁଭବ କରୁଥିଲେ। ବିଭିନ୍ନ ସ୍ଥାନରେ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ସ୍ଥିତ ଶ୍ରୀ ରାଜ ମୋମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବିଭିନ୍ନ ପରୀକ୍ଷା-ନିରୀକ୍ଷା ପରେ ତାଙ୍କ ଶରୀରରେ ଏକ ବିରାଟ ଓଭାରିଆନ୍ ସିଷ୍ଟ ଥିବା ଚିହ୍ନଟ ହୋଇଥିଲା। ପରେ ହସ୍ପିଟାଲର ଅଭିଜ୍ଞ ଡାକ୍ତରୀ ଦଳ ଜଟିଳ ଅସ୍ତ୍ରୋପଚାର କରି ସିଷ୍ଟଟିକୁ ସଫଳତାର ସହ ବାହାର କରିଥିଲେ। ଏହି ଅସ୍ତ୍ରୋପଚାରର ନେତୃତ୍ୱ ନେଇଥିଲେ ଡାକ୍ତର ସନ୍ଦୀପ କୁମାର ଦାସ ଓ ଡାକ୍ତର ଚନ୍ଦ୍ରକାନ୍ତ ମଲ୍ଲିକ। ସହଯୋଗୀ ଭାବେ ଜୟନ୍ତ ବେହେରା ଏବଂ ରୋହିତ ଆଚାର୍ଯ୍ୟ ଅସ୍ତ୍ରୋପଚାରରେ ସାମିଲ ଥିଲେ। ଚିକିତ୍ସକଙ୍କ କହିବା ଅନୁଯାୟୀ, ୧୧.୫ କେଜି ଓଜନର ଓଭାରିଆନ୍ ସିଷ୍ଟ ଅତ୍ୟନ୍ତ ବିରଳ ଏବଂ ଏପରି ଜଟିଳ ମାମଲାରେ ଅସ୍ତ୍ରୋପଚାର କରିବା ବଡ଼ ଚ୍ୟାଲେଞ୍ଜ ହୋଇଥାଏ। ତେବେ ସୁଚିନ୍ତିତ ପ୍ରସ୍ତୁତି ଏବଂ ଡାକ୍ତରୀ ଦଳର ଦକ୍ଷତା ଯୋଗୁଁ ଅପରେସନ ସଫଳ ହୋଇଥିଲା ଏବଂ ବର୍ତ୍ତମାନ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି'। ଉଲ୍ଲେଖଯୋଗ୍ୟ ଯେ, ଏହି ସମ୍ପୂର୍ଣ୍ଣ ଚିକିତ୍ସା ଆୟୁଷ୍ମାନ୍ କାର୍ଡ ଯୋଜନା ଅଧୀନରେ କରାଯାଇଥିଲା। ଫଳରେ ଆର୍ଥିକ ଭାବେ ସାଧାରଣ ପରିବାରର ଏହି ଯୁବତୀ ଉନ୍ନତ ଚିକିତ୍ସା ସୁବିଧା ପାଇପାରିଥିଲେ।

# ଅନ୍ନପୂର୍ଣ୍ଣା ଯୋଜନା ଶୁଭାରମ୍ଭ



ବାଲେଶ୍ୱର,୧୩।୬ (ସମିସ): ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ରାଜ୍ୟସ୍ତରୀୟ ଜନକଲ୍ୟାଣ ଯୋଜନା ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଶୁଭାରମ୍ଭ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ସିମୁଳିଆ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପଦ୍ମ ଲୋଚନ ପଣ୍ଡା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ମ୍ୟୁନିସିପାଲଟି ଅଧକ୍ଷା ସବିତା ସାହୁ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସଞ୍ଜୟ ନାୟକ (ଜିଲ୍ଲା ପରିଷଦ) ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତପନ କୁମାର ଖୁଣ୍ଟିଆ ପ୍ରମୁଖ ମଞ୍ଚାସିନ ଥିଲେ। ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କରିବା ଅବସରରେ ବରେଣ୍ୟ ଅତିଥି ଗଣ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ, ଜନ ହିତକାରୀ ଯୋଜନାର ସୁଫଳ ଉପରେ ଆଲୋକପାତ କରିଥିଲେ। ସମଗ୍ର ରାଜ୍ୟରେ ଜଣେ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନ ମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ପ୍ରତି ହିତାଧିକାରୀଙ୍କୁ ୧୦କିଲୋ ସଂପୂର୍ଣ୍ଣ ମାଗଣା ପାଇ ପାରିବେ। ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ ଖାଦ୍ୟ ସୁରକ୍ଷାର ସୁନିଶ୍ଚିତ। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ହିତାଧିକାରୀଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାର ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କାର୍ଡ ବର୍ଣ୍ଟନ ସହ ଅଙ୍ଗନୱାଡି କର୍ମୀଙ୍କୁ ମୋବାଇଲ ଫୋନ ବିତରଣ କରିଥିଲେ।

# ରେଳ ଲାଇନରୁ ମହିଳାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର

ରାଇରଙ୍ଗପୁର,୧୩।୬ (ସମିସ): ରେଳ ଲାଇନରୁ ମହିଳାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଟ୍ରେନରେ କଟି ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ମୃତ ମହିଳା ଜଣକ ହେଲେ ବିହାର ସମସ୍ତିପୁର ଥାନା ଅନ୍ତର୍ଗତ ୱାରିଲଶନଗର ଅଞ୍ଚଳ ତାନ୍ତି ୱାର୍ଡ ୧୧ର ଡଙ୍ଗଲ କୁମାରଙ୍କ ପତ୍ନୀ ନେହା କୁମାରୀ (୨୦)। ମହିଳା ଜଣଙ୍କ ଶିଶୁ କନ୍ୟା ଥିବାବେଳେ ପ୍ରାୟ ୩ ବର୍ଷ ହେବ ସ୍ୱାମୀଙ୍କ ସହ ରାଇରଙ୍ଗପୁରରେ ବଞ୍ଜାରା ଭଳି ରହୁଥିଲେ। ଶନିବାର ଦିନ ପ୍ରାୟ ୨ରୁ ୨.୩୦ ସମୟରେ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର କରାଯାଇଛି। ଟାଟାରୁ ରାଇରଙ୍ଗପୁର ପଟକୁ ରେଳ ବିଦ୍ୟୁତ୍ ରକ୍ଷଣାବେକ୍ଷଣ ଭ୍ୟାନ (ରେଳ ଇଞ୍ଜିନ) ଆସୁଥିବାବେଳେ ରାଇରଙ୍ଗପୁର-ଗୋରୁମହିଷାଣୀ ରାସ୍ତାରେ ଥିବା ନିରଞ୍ଜନ ରେଳବାଇ ଫାଟକ ନିକଟରେ ଅଘଟଣ ଘଟିଛି। ସ୍ଥାନୀୟ ଲୋକ ଦେଖି ପୁଲିସ ଓ ରେଳବାଇକୁ ଖବର ଦେଇଥିଲେ। ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ପଠାଇଛି। ଏ ନେଇ ରେଳବାଇ ଥାନାରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

# ଅଜଣା ବ୍ୟକ୍ତିଙ୍କ ଶବ ସତ୍କାର କଲେ ସମାଜସେବୀ

ଜଳେଶ୍ୱର,୧୩।୬ (ସମିସ) : ଜଳେଶ୍ୱର ବ୍ଲକ ଗୋବରଘାଟା ପଞ୍ଚାୟତ କୃଷ୍ଣ ନଗର ରାସ୍ତା ପାଶ୍ୱର୍ରେ ଏକ ଅଜଣା ବ୍ୟକ୍ତି(୫୦)ଙ୍କ ମୃତ ଶରୀର ମଙ୍ଗଳବାର ଠାବ ହୋଇଥିଲା। ପୁଲିସ ଶବ ଜବତ୍ କରି ଚିହ୍ନଟ ପାଇଁ ସ୍ଥାନୀୟ ଜିକେ ଭଟ୍ଟର ହସ୍ପିଟାଲ ଶବ ଗୃହରେ ସୁରକ୍ଷିତ ରଖିଥିଲେ। ଦୀର୍ଘଦିନ ଧରି ଏହି ଅଞ୍ଚଳରେ ଇଟା ଭାଟିରେ କାର୍ଯ୍ୟ କରି ବୁଲୁଥିବାର ଲୋକେ ଦେଖିଥିଲେ ମଧ ପରିଚୟ ଜାଣି ପାରି ନ ଥିଲେ। ସୋସିଆଲ ମିଡିଆରୁ ସୂଚନା ପାଇ ବିହାରର ପରିବାର ଲୋକେ ଜଳେଶ୍ୱର ଥାନା ରେ ପହଞ୍ଚି ଶବ ଚିହ୍ନଟ କରିଥିଲେ। ଏଥିରେ ସମାଜସେବୀ



ଚନ୍ଦନ କର ସହାୟତା କରିଥିବା ବେଳେ ଶବ ସତ୍କାର ଲାଗି ସମସ୍ୟା ସୃଷ୍ଟି ହୋଇଥିଲା।ଆଇ ଆଇ ସି ଅଶୋକ କୁମାର ବାରିକ ଜଳେଶ୍ୱର ର ଅଗ୍ରଣୀ ସାମାଜିକ ସଂଗଠନ ମେ ଆଇ ହେଲ୍ପ ୟୁ ମୋ ପରିବାର କୁ ଅସହାୟ ପରିବାର କୁ ସାହାଯ୍ୟ କରିବା ଅନୁରୋଧ କରିଥିଲେ। ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ସିଂଙ୍କ ଅନୁମତିରେ ସମାଜସେବୀ ଜଗନ୍ନାଥ ପରିଡ଼ାଙ୍କ ନେତୃତ୍ୱରେ ଶାନ୍ତିଆ ୧୦ ନମ୍ବର ୱାର୍ଡସ୍ଥିତ ଶବ ସତ୍କାର ଗୃହରେ ସତ୍କାର ହୋଇଯାଇଥିଲା।ଉକ୍ତ ସାମାଜିକ ସଂଗଠନ ବିହାର ରାଜ୍ୟ ରୁ ଆସିଥିବା ପୀଡ଼ିତ ପରିବାରକୁ ଶବ ସତ୍କାର ରେ ସମସ୍ତ ସାମଗ୍ରୀ ପ୍ରଦାନ କରିବା ସହିତ ରହଣି ଓ ଖାଦ୍ୟ ପାନୀୟ ର ବ୍ୟବସ୍ଥା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣେଶ ଟୁଡୁ, ସୁବଳ ହେମ୍ବ୍ରମ,ଭଗିରଥ ମାରାଣ୍ଡି, କିସ୍କୁ ମାଝୀ, କରିମା ମାଝୀ ପ୍ରମୁଖ ସତ୍କାରରେ ସହାୟତା କରିଥିଲେ।

# ଅସରାଏ ବର୍ଷାରେ ସାହୁ ଗଳିରେ ଆଣ୍ଠୁଏ ପାଣି

ଜଳେଶ୍ୱର,୧୩।୬ (ସମିସ) : ଅସରାଏ ବର୍ଷାରେ ଜଳେଶ୍ୱର ମ୍ୟୁନିସିପାଲିଟି ୪ ନଂ ୱାର୍ଡ ସାହୁ ଗଳିରେ ଆଣ୍ଠୁଏ ପାଣି। ଶନିବାର ସନ୍ଧ୍ୟାରେ ହଠାତ୍ ଅସରାଏ ବର୍ଷାରେ ପାଣି ନିଷ୍କାସନ ନାଳ ଅବରୋଧ ଯୋଗୁଁ ଆଣ୍ଠୁରେ ପାଣିରେ ଟ୍ରାଫିକ ଜାମ ହୋଇଥିଲା।



ପୌରପରିଷଦ ପକ୍ଷରୁ କୋଟି କୋଟି ଟଙ୍କା ଡ୍ରେନେଜ ପାଇଁ ବ୍ୟୟ ହେଉଥିବା ବେଳେ ସଚେତନତା ଅଭାବ ଓ ଜବର ଦଖଲ ଯୋଗୁଁ ବର୍ଷା ପାଣି ନିଷ୍କାସିତ ହୋଇପାରୁନାହିଁ। ସହରରେ ରଜ ପାଇଁ କିଣା ବିକା ଓ ଭିଡ଼ ଜମିଥିବା ବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏ ସମ୍ପର୍କରେ ସାଧାରଣରେ ଅସନ୍ତୋଷ ବ୍ୟକ୍ତ କରାଯାଇଛି।

# ଡିଆର୍ଏମ୍‌ଙ୍କୁ ସମାଜକଲ୍ୟାଣ ବିକାଶ ପରିଷଦର ଦାବିପତ୍ର

ଜଳେଶ୍ୱର, ୧୩।୬ (ସମିସ) : ବିଖ୍ୟାତ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନା ନେଇ ଆଜି ଡିଆର୍ଏମ୍‌ଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ଜଳେଶ୍ୱର ଷ୍ଟେସନ ସମ୍ମୁଖ ପାର୍କରେ ଏହି ପ୍ରତିମୂର୍ତ୍ତି ସ୍ଥାପନ କରିବାଲାଗି ବହୁ ଦିନରୁ ଦାବୀ ହୋଇ ଆସୁଥିବା ବେଳେ ଆଜି ସମାଜ କଲ୍ୟାଣ ବିକାଶ ପରିଷଦ ଦକ୍ଷିଣ-ପୂର୍ବ ରେଳବାଇର ଖଡଗପୁର ଡିଭିଜନର ଡିଆରଏମ୍‌ଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ଷ୍ଟେସନ ସୁପରିଟେଣ୍ଡେ ଚନ୍ଦନ ସିଂଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ସଂଗଠନର



ସଂପାଦକ ତଥା ବରିଷ୍ଠ ଆଇନ୍‌ଜୀବୀ ରାମଚନ୍ଦ୍ର ଜେନା, ଡ. ଅଜିତ୍ କୁମାର ମହାନ୍ତି, ସୁଧିର କୁମାର ମହାନ୍ତି, ସତ୍ୟନାରାୟଣ ଦାସ, ନରେନ୍ଦ୍ର ରାଉତ, ସୁବ୍ରତ ରଣା ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ମହରମ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୧୩।୬ (ସମିସ): ପରିଖିରେ ଅନୁଷ୍ଠିତ ହେଲା ଶାନ୍ତି କମିଟି ବୈଠକ ଆସନ୍ତା ମହରମ ପର୍ବ ପାଇଁ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଶନିବାର ପୂର୍ବାହ୍ନ ରେ ପରିଖି ସ୍ଥିତ ଏକ ବିଦ୍ୟାଳୟ ପ୍ରାଙ୍ଗଣ ରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି କମିଟି ର ସୁପ୍ରିମ ସଭାପତି ଇଞ୍ଜିନିୟର ଭରତ କୁମାର ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆସନ୍ତା ୨୭ ତାରିଖ ରେ ଅନୁଷ୍ଠିତ ହେବାକୁ ଥିବା ମହରମ୍ ପର୍ବ ର ରୂପରେଖ ସଂପର୍କରେ ଆଲୋଚନା କରଯାଇଥିଲା। ପରିଖି ସରପଞ୍ଚ କାର୍ତ୍ତୀକ ରାଉତ, ସାଇବ - ଏ - ସର୍ଦାର ସେଖ୍ ରଜ୍ଜାକ ଅଲ୍ଲି ମୁଲ୍ଲା, ସହ ସାଇବ - ଏ - ସର୍ଦାର ସେଖ୍ ଅତାବୁଲ, ପ୍ରଦୀପ୍ତ କିଶୋର ମହାପାତ୍ର, କମରୁଲ୍ ଅଲ୍ଲି ଖାନ୍, ଅଜୟ ଜେନା ପ୍ରମୁଖ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ଏବଂ ଭାଇଚାରା ମଧ୍ୟରେ ମହରମ ପର୍ବ ପାଳନ ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ଅପରାହ୍ନ ୪ଟା ରୁ ୧୩ଟି ବସ୍ତିରୁ ସୁସଜ୍ଜିତ ତାଜିୟା ଏବଂ ଆଖଡ଼ା ଦଳ ବାହାରି କର୍ବାଲା ମଇଦାନ ରେ ଏକତ୍ରିତ ହେବାର କାର୍ଯ୍ୟକ୍ରମ ସ୍ଥିର କରଯାଇଛି। ସେଠାରେ



ବିଭିନ୍ନ ବସ୍ତିର ଖେଳାଳି ଆଖଡ଼ା ପ୍ରଦର୍ଶନ କରିବେ। ଏହି ଅବସରରେ ସନ୍ଧ୍ୟାରେ ଏକ ସଭା ଆୟୋଜନ କରାଯିବ ଯେଉଁଥିରେ ମହରମ୍ ପର୍ବର ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରାଯିବ। ଏହି ଅବସରରେ ୧୩ଟି ବସ୍ତିର ସମସ୍ତ ମହେଲଦାର ଏବଂ ସର୍ଦାର ଯୋଗ ଦେଇ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ।

# ରସରାଜ ବଟବିହାରୀ ଦାସଙ୍କ ଶ୍ରାଦ୍ଧବାର୍ଷିକୀ




ବାଲେଶ୍ୱର,୧୩।୬ (ସମିସ): ରସରାଜ ବଟବିହାରୀ ଦାସ କମିଟି ପକ୍ଷରୁ ବଟବିହାରୀ ଦାସଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ବିଧାନ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଅଭିମନ୍ୟୁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ସାଧାରଣ ସମ୍ପାଦକ ଦୁଷ୍ମନ୍ତ କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ପ୍ରଦୀପ କୁମାର ମିଶ୍ର ମଞ୍ଚ ଆହ୍ୱାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. କାଳୀପଦ ପଣ୍ଡା, ମୁଖ୍ୟବକ୍ତା ଭାବେ ଉପେନ୍ଦ୍ର ବିଶ୍ୱାଳ, ଅନ୍ୟତମ ଅତିଥି ଭାବେ ଡ. ନରୋତ୍ତମ ପରିଡ଼ା, ଡା. ସତ୍ୟରଞ୍ଜନ ଦାସ ପ୍ରମୁଖ ରସରାଜଙ୍କର ଓଡ଼ିଶା ପ୍ରତି ଥିବା ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗେଶ ଚନ୍ଦ୍ର ବେହେରା, ସୁନାମଣି ଜେନା, ପ୍ରଭାକର ସାହୁ, ଦୁଷ୍ମନ୍ତ ଦାସ, ପ୍ରଭାତ କୁମାର ଆଚାର୍ଯ୍ୟ, ବିଜୟ କୁମାର ମହାନ୍ତି, ହରେକୃଷ୍ଣ ପଲେଇ, ଜୟଶ୍ରୀ ମିଶ୍ର, ଅଜିତ କୁମାର ପଣ୍ଡା, ବିଜୟ କୁମାର ମହାନ୍ତି, ମଧୁସୂଦନ ମାଝି, ମିନତି ଦାସ, ପଦ୍ମଲୋଚନ ପଣ୍ଡା ସ୍ୱରଚିତ କବିତାପାଠ କରିବା ସହ ସହଯୋଗ କରିଥିଲେ। ଏଥିରେ ହୀରାଲାଲ ପାକଳ, ସନ୍ତୋଷ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ତୋଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଡକାୟତି ଉଦ୍ୟମ ପଣ୍ଡ, ୬ ଆନ୍ତଃରାଜ୍ୟ ଡକାୟତ ଗିରଫ

ବାରିପଦା,୧୩।୬(ସମିସ): ବାରିପଦା ସହରରେ ଡକାୟତି ଯୋଜନା କରୁଥିବା ୬ ଆନ୍ତଃରାଜ୍ୟ ଡକାୟତଙ୍କୁ ବାରିପଦା ଟାଉନ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ଏକ ହୋଟେଲରେ ଥିବା ଖବରପାଇ ପୁଲିସ ଚଢ଼ଉ କରି ସେମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟ ଝାଡଗ୍ରାମ ଜିଲ୍ଲା ଗୋପୀବଲ୍ଲଭପୁର ଥାନା ଅଞ୍ଚଳର ଜୁରେନ ଦାସ ଓ ଅଭିଜିତ ଭକତ, ଉତ୍ତରପ୍ରଦେଶ ବାଘପାଟ ଜିଲ୍ଲା ସିଙ୍ଘୱାଲି ଥାନା ଦେଉଳା ଅଞ୍ଚଳର ଗୁଲଫାମ, ଶାହାରୁଖ ଖାନ, ଗାଜିଆବାଦ ଜିଲ୍ଲା ମୁରାଦାନଗର ଥାନା ଅଞ୍ଚଳର ସବିତନଗରର ଅବଦୁଲ କଲାମ ଓ ମସୁରୀ ଜାମପାଦ ଥାନା ରଫିକାବାଦ କଲୋନୀର ରସିଦ। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଗତ ୯ ତାରିଖରେ ଏକ ସ୍କୋର୍ପିଓ ଗାଡ଼ିରେ ଆସି ଅଭିଯୁକ୍ତମାନେ ବାରିପଦା ବସ୍‌ଷ୍ଟାଣ୍ଡର ଏକ ହୋଟେଲରେ ରହୁଥିଲେ। ସେଠାରେ ରହି ଦିନବେଳେ ସହରର ବିଭିନ୍ନ ସ୍ଥାନରେ ଘୁରି ବୁଲୁଥିଲେ। ରାତିରେ ଡକାୟତି ଯୋଜନା କରୁଥିବା ନେଇ ପୁଲିସ ଖବର ପାଇଥିଲା। ପୁଲିସର ଏକ ଟିମ ହୋଟେଲରେ ଚଢ଼ଉ କରି ସମସ୍ତଙ୍କୁ ଗିରଫ କରିଛି। ତେବେ ଅଭିଯୁକ୍ତମାନେ ସହରର ଏଟିଏମ ଓ ବ୍ୟବସାୟ ପ୍ରତିଷ୍ଠାନ ଉପରେ ନଜର ରଖୁଥିଲେ ବୋଲି ଥାନା ଅଧିକାରୀ କରୁଣାକର ରାଉତ ପ୍ରକାଶ କରିଛନ୍ତି।

# ଠକିକତା କରି ଟଙ୍କା ଉଠାଣ ଅଭିଯୋଗ

ରାଇରଙ୍ଗପୁର/କରଞ୍ଜିଆ,୧୩।୬ (ସମିସ): ଏଟିଏମ କାର୍ଡ ବଦଳାଇ ଜଣେ ବ୍ୟକ୍ତିଙ୍କ ଟଙ୍କା ଉଠାଣ ହୋଇଛି। ଏ ନେଇ ରସମତଲା ଅଞ୍ଚଳର ଦିଲ୍ଲୀପ କୁମାର ସେଠୀ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ସେ ଏଟିଏମକୁ ଟଙ୍କା ଉଠାଇବାକୁ ଯାଇଥିଲେ। ସେଠାରେ ଥିବା ଜଣେ ବ୍ୟକ୍ତି ଚଞ୍ଚକତା କରି ତାଙ୍କ ଏଟିଏମ କାର୍ଡ ବଦଳ କରି ଦେଇଥିଲା। ସେ ଘରକୁ ଆସିବା ପରେ ଘଟଣା ବାବଦରେ ଜାଣିବାକୁ ପାଇଥିଲେ। ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବାରୁ ଉକ୍ତ ବ୍ୟକ୍ତି ଜଣକ ୪୧,୫୦୦ ଟଙ୍କା ଉଠାଇ ନେଇଛନ୍ତି। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ବିଶ୍ୱର ଶ୍ରେଷ୍ଠ ୫% ବୈଜ୍ଞାନିକ ତାଲିକାରେ ଫକୀରମୋହନ କଲେଜର ବିଷ୍ଣୁପଦ ମହାନ୍ତି

ବାଲେଶ୍ୱର,୧୩।୬ (ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ଡ଼. ବିଷ୍ଣୁପଦ ମହାନ୍ତି ୨୦୨୫ ମସିହାର ଏସ୍ ସି ଆଇ ରାଙ୍କ ଗ୍ଲୋବାଲ ରେଜିଷ୍ଟ୍ରି ଦ୍ୱାରା ପ୍ରକାଶିତ ବିଶ୍ୱର ଶ୍ରେଷ୍ଠ ୫% ବୈଜ୍ଞାନିକ' ତାଲିକାରେ ସ୍ଥାନ ପାଇ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଗବେଷଣା ପ୍ରକାଶନ, ଉଦ୍ଧୃତି, ଗବେଷଣାର ପ୍ରଭାବ ଏବଂ ବୈଜ୍ଞାନିକ ଅବଦାନକୁ ଆଧାର କରି କରାଯାଇଥିବା କଠୋର ବିବ୍ଲିଓମେଟ୍ରିକ୍ ବିଶ୍ଳେଷଣ ପରେ ଏହି ସମ୍ମାନଜନକ ସ୍ୱୀକୃତି ପ୍ରଦାନ କରାଯାଇଛି। ଡ଼. ମହାନ୍ତି ନାନୋମାଟେରିଆଲ୍ସ, ଶକ୍ତି ରୂପାନ୍ତରଣ, ସୁପରକ୍ୟାପାସିଟର, ଜଳ ବିଭାଜନ ଏବଂ ପରିବେଶ-ଉପଯୋଗୀ ଉନ୍ନତ ପଦାର୍ଥ କ୍ଷେତ୍ରରେ ଉଲ୍ଲେଖନୀୟ ଗବେଷଣା କରିଆସୁଛନ୍ତି। ତାଙ୍କ ନାମରେ ୩୫ରୁ ଅଧିକ ଆନ୍ତର୍ଜାତୀୟ ଗବେଷଣା ପ୍ରବନ୍ଧ ପ୍ରକାଶିତ ହୋଇଥିବାବେଳେ ସେଗୁଡ଼ିକ ୨,୧୦୦ରୁ ଅଧିକ ଥର ଉଦ୍ଧୃତ ହୋଇଛି। ତାଙ୍କର ଏଚ୍-ଇନଡେକ୍ସ ୨୦ ରହିଥିବା ସହ ଏକ ପେଟେଣ୍ଟ ମଧ୍ୟ ରହିଛି।



ଶିକ୍ଷାଦାନ ସହ ଗବେଷଣା କ୍ଷେତ୍ରରେ ତାଙ୍କର ନିରନ୍ତର ଅବଦାନ ତାଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ସେ ବିଭିନ୍ନ ଉଚ୍ଚମାନର ଆନ୍ତର୍ଜାତୀୟ ଜର୍ଣ୍ଣାଲର ସମୀକ୍ଷକ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି ଏବଂ ଯୁବ ଗବେଷକମାନଙ୍କୁ ଗବେଷଣା ପ୍ରତି ଆକୃଷ୍ଟ କରିବାରେ ଅବଦାନ ରଖୁଛନ୍ତି। ଡ଼. ମହାନ୍ତିଙ୍କ ଏହି ସଫଳତା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜିଲ୍ଲା ପାଇଁ ଗର୍ବର ବିଷୟ ପାଲଟିଛି। ତାଙ୍କର ଏହି କୃତିତ୍ୱ ପାଇଁ ବିଭିନ୍ନ ଶିକ୍ଷାବିତ, ଗବେଷକ, ସହକର୍ମୀ ଓ ଛାତ୍ରଛାତ୍ରୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବାଇକ୍ ଧକ୍କାରେ ଜଣେ ମୃତ

କପ୍ତିପଦା,୧୩।୬(ସମିସ): କପ୍ତିପଦା ଥାନା ଅନ୍ତର୍ଗତ ପାଗଡାଡିହା ଗ୍ରାମରେ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ପାଗଡାଡିହା ଗ୍ରାମର ଶୁକ୍ରା ସିଂ (୩୨)। ସେ ସକାଳେ ଘର ନିକଟରେ ବସିଥିବା ସମୟରେ ରତ୍ନାକର ମାଙ୍କିଡିଆ ଦ୍ରୁତ ଗତିରେ ଗାଡି ଚଳାଇ ଯାଉଥିବା ସମୟରେ ତାଙ୍କ ଉପରେ ଚଢ଼ାଇ ଦେଇଥିଲେ। ଘଟଣାସ୍ଥଳରେ ଶୁକ୍ରା ସିଂ ମୃତ୍ୟୁବରଣ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦଳା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଇକ୍ ଚଳାଉଥିବା ରତ୍ନାକର ମାଙ୍କିଡିଆ ଓ ପଛରେ ବସିଥିବା ବ୍ୟକ୍ତି ଗୁରୁତର ଆହତ ହୋଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। କପ୍ତିପଦା ପୁଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ନଦୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

କୁଆମରା,୧୩।୬(ସମିସ): ଗୋପବନ୍ଧୁନଗର ବ୍ଲକ ଦେଇ ପ୍ରବାହିତ ସୋନ ନଦୀର ବରଡିହି ପଞ୍ଚାୟତ ଚାମୁଡି ଘାଟ ନିକଟରୁ ଆଜି ଜଣେ ବୃଦ୍ଧଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତକ ସାଇଁକୁଳା ପଞ୍ଚାୟତ ଭାନପୁର ଗ୍ରାମର ବାବୁ ନାଏକ (୫୫)। ବାବୁ ଶୁକ୍ରବାର ମଧ୍ୟାହ୍ନରେ ଚାମୁଡି ଘାଟ ଗଣ୍ଡକୁ ମାଛ ଧରିବାକୁ ଯାଇଥିବାବେଳେ ଗଭୀର ପାଣି ମଧ୍ୟକୁ ପଶିଯାଇ ଆଉ ବାହାରି ପାରି ନ ଥିଲେ। ଫଳରେ ସେଠାରେ ବୁଡ଼ିଯାଇଥିବା ଅନୁମାନ କରାଯାଉଛି। ତେବେ ପରିବାର ଲୋକ ଗତକାଲି ଖୋଜାଖୋଜି କରି ପାଇ ନ ଥିବାବେଳେ ଆଜି ସ୍ଥାନୀୟ ଲୋକେ ନଦୀରେ କେହି ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। କୁଶଳଦା ଫାଣ୍ଡି ଅଧିକାରୀ ପହଞ୍ଚି ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଚିହ୍ନଟ କରିଛନ୍ତି। ଏ ନେଇ ଉଦଳା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ରବିବାର ଦିନ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି।

# ହସ ପରିବାର ପକ୍ଷରୁ 'ରଜ ସଜବାଜ ମଉଜ'

ବାଲେଶ୍ୱର,୧୩।୬ (ସମିସ)




ହସ ପରିବାର ପକ୍ଷରୁ ରଜ ଅବସରରେ 'ରଜ ସଜବାଜ ମଉଜ' କାର୍ଯ୍ୟକ୍ରମ ନୃତ୍ୟ ସଙ୍ଗୀତ କଳାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଗୋପାଳ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠାନ ସମସ୍ତ ସଦସ୍ୟ ଉପସ୍ଥିତ ହୋଇ ବିଭିନ୍ନ କାର୍ଯ୍ରକ୍ରମରେ ସାମିଲ ହୋଇଥିଲେ। ମୁଖ୍ୟ ଆକର୍ଷଣ ଥିଲା ମହିଳା ଓ ଝିଅ ମାନଙ୍କ ସଜବାଜ। ରଜ ପାଇଁ ସମସ୍ତ ମହିଳା ଓ ଝିଅ ପରସ୍ପରକୁ ସଜବାଜ କରାଇବାସହ ନିଜେମଧ ସଜବାଜ ହୋଇଥିଲେ। କିଏ ଗୋଡ଼ରେ ଅଳତା ଲଗାଉଥିଲେ ତ କିଏ ଲିପଷ୍ଟିକ। ଆଉକିଏ ପୁଣି ନିଜ ନିଜର କେଶକୁ ବିଭିନ୍ନ ଢ଼ଙ୍ଗରେ ବିନ୍ନାସ କରିବାକୁ ବ୍ୟସ୍ତ ଥିଲା। ଖାଲି ସଜବାଜରେ କାର୍ଯ୍ୟ ସମାପାନ ହୋଇନଥିଲା ଏହା ବ୍ୟତୀତ ସେମାନେ ରଜ ପାନ ଖାଇବା ସହ ବିଭିନ୍ନ ପ୍ରକାର ପିଠା, ମିଠା, ଆମ୍ବ ପଣଷ ଖାଇବାର ମଜା ନେଇଥିଲେ। ଦହିବରା ସାଙ୍ଗକୁ ଆଳୁଦମର ମଜା ଥିଲା ଟିକିଏ ନିଆରା। ଅଧିକାଂଶ ଯୌଥ ପରିବାର ଛାଡ଼ି ଆସି ଏକକ ପରିବାରେ ରହୁଥିବାରୁ ଏପ୍ରକାର ମଜାରୁ ସେମାନେ ବଂଚିତ ହେଉଥିଲେ। ଏହା ସେମାନଙ୍କୁ ଖୁବ ଆନନ୍ଦ ଦେଇଛି ବୋଲି କହିଥିଲେ। ସେହିଭଳି ତଧିକାଂଶ ମହିଳାଙ୍କ ବୟସ ୪୫ରୁ ଉର୍ଦ୍ଧ ଥିବାରୁ ସେମାନେ ସଜବାଜ ହେବାପାଇଁ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ହେଲେ ଏପ୍ରକାର ଆୟୋଜନ ସେମାନଙ୍କ ପାଇଁ ଏକ ନୂତନ ଆନନ୍ଦ ଦେଇଥିବାର କହିଛନ୍ତି। ଉଦ୍ୟକ୍ତାଙ୍କ କହିବା ଅନୁସାରେ, ଗୋଟାଏ ନିର୍ଦ୍ଦିଷ୍ଟ ବୟସ ପରେ ପ୍ରାୟ ଅଧିକାଂଶ ନିଷ୍କ୍ରିୟ ହୋଇ ଯାଆନ୍ତି। ସେମାନଙ୍କ ମନରେ ନୂତନ ଆଶା ସଂଚାର ପାଇଁ ଓ ସେମାନଙ୍କୁ ସକ୍ରୀୟ କରିବାପାଇଁ ହସପରିବାର ପକ୍ଷରୁ ଏପ୍ରକାର ପ୍ରଆସ ବୋଲି ପରିବାରର ସଭାପତି ଗୋପାଳ ଜେନା କହିଥିଲେ। ହସ ପରିବାରର ୪୦ରୁ ଅଧିକ ମହିଳା ଓ ଝିଅ ଏହି କାର୍ଯ୍ୟକ୍ରମର ସାମିଲ ହୋଇଥିଲେ। ସେମାନଙ୍କର ଆନନ୍ଦ ଅନ୍ୟମାନଙ୍କୁ ନିଶ୍ଚିତ ପ୍ରେରଣା ଦେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ସଦସ୍ୟ ସଦସ୍ୟା ଅର୍ଚ୍ଚନା, ଝୁନି, ମାମି, ଉର୍ବଶୀ, ସିଲି, କବିତା, ମାନସୀ, ନମିତା ସୁଧୀର, ଅନୁପ, ମଦନ, ସାଧନା, ସତ୍ୟବ୍ରତ ଚନ୍ଦ୍ରଶେଖର, ପ୍ରକାଶ, ଶରତ, ସୁଜୟ, ବ୍ରହ୍ମ ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର ହେଲା ୯୪ ମୋବାଇଲ୍



ବ୍ରହ୍ମପୁର,୧୩।୬(ସମିସ): ହଜିଯାଇଥିବା ଓ ଚୋରି ହୋଇଥିବା ୯୪ଟି ମୋବାଇଲ୍ ଫୋନକୁ ସାଇବର ଥାନା ପୁଲିସ ଉଦ୍ଧାର କରି ମୋବାଇଲର ପ୍ରକୃତ ମାଲିକଙ୍କୁ ଫେରସ୍ତ କରିଛି। ଆଜି ବ୍ରହ୍ମପୁର ଜିଲ୍ଲା ପୁଲିସ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ ଏକାଧିକ ଆଇଫୋନ ସମେତ ୬୧ଟି ସ୍ମାର୍ଟଫୋନ ସେଗୁଡିକର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଛନ୍ତି। ବ୍ରହ୍ମପୁର ସାଇବର ପୁଲିସ ଦ୍ୱାରା ଉଦ୍ଧାର ୯୪ଟି ସ୍ମାର୍ଟଫୋନ ମଧ୍ୟରୁ ୩୩ଟି ସ୍ମାର୍ଟଫୋନକୁ କୋରିଅର କିମ୍ବା ବ୍ୟକ୍ତିଗତ ଯୋଗାଯୋଗ ମାଧ୍ୟମରେ ସେମାନଙ୍କର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଉଛି ବୋଲି ଏସପି ସୂଚନା ଦେଇଛନ୍ତି। ବ୍ରହ୍ମପୁର ସାଇବର ଥାନା ପୁଲିସ ପକ୍ଷରୁ ଏଯାବତ ୪୭୫ଟି ମୋବାଇଲ ଫୋନ ଉଦ୍ଧାର କରାଯାଇ ସେମାନଙ୍କର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ମୋବାଇଲ ଉଦ୍ଧାର ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠିତ ହୋଇଥିଲା। ଏହି ଟିମରେ ଇନ୍ସପେକ୍ଟର ଶଙ୍କର ପଣ୍ଡା, ଇନ୍ସପେକ୍ଟର ସୌମ୍ୟ ଜାଲ୍ଲି, ଇନ୍ସପେକ୍ଟର ଗାୟତ୍ରୀ ଗୋଛାୟତ, କନଷ୍ଟେବଲ ଅଜିତ କୁମାର ଗୌଡ଼, ରାଜେନ୍ଦ୍ର କୁମାର ବେହେରା, ସନ୍ତୋଷ କୁମାର ଜେନା, ଡି.ଏମ୍. ଡୋରା ଡି. ଗୌଡ଼ ପ୍ରମୁଖ ରହିଥିଲେ। ମୋବାଇଲ ଚୋରି ହୋଇଥିବା ଓ ହଜିଥିବା ନେଇ ବିଭିନ୍ନ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଚୋରି ହୋଇଥିବା ମୋବାଇଲ୍ ଫୋନକୁ ଉଦ୍ଧାର କରି ପୁଲିସ ପ୍ରକୃତ ମାଲିକଙ୍କୁ ଚିହ୍ନଟ କରି ଫେରସ୍ତ କରିଛି। ଲୋକମାନେ ନିଜ ନିଜର ଉପଯୁକ୍ତ ପ୍ରମାଣ ପତ୍ର ଦେଖାଇ ଚୋରି ହୋଇଥିବା ମୋବାଇଲକୁ ଫେରି ପାଇବା ପରେ ବେଶ ଖୁସି ହୋଇଛନ୍ତି। ବିଶେଷ କରି ବ୍ରହ୍ମପୁର ପୁଲିସ ଜନସାଧାରଣଙ୍କ ପ୍ରତି ଏହି ସେବା ମନୋଭାବକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି। ଅନ୍ୟପକ୍ଷରେ ବ୍ରହ୍ମପୁର ସହରରେ ପ୍ରତିଦିନ ମୋବାଇଲ ଚୋରି ହେଉଥିବା ବିଭିନ୍ନ ଥାନାରେ ଅଭିଯୋଗ ହେଉଛି। ଚୋରଙ୍କୁ ଧରିବା ପାଇଁ ପୁଲିସ ଟିମ ଟ୍ରାକିଂ କରୁଥିବା ବେଳେ ଚୋରମାନେ ନାମିଦାମୀ ମୋବାଇଲ ଚୋରି କରି ଅଳ୍ପ ଟଙ୍କାରେ ବିକ୍ରି କରିଥାନ୍ତି। ଅଧିକାଂଶ ଚୋରି ମୋବାଇଲକୁ ସ୍ୱଳ୍ପ ମୂଲ୍ୟରେ କ୍ରୟ କରିଥିବା ବ୍ୟକ୍ତିଙ୍କ ଠାରୁ ଉଦ୍ଧାର କରିଥିବା ଜଣାପଡ଼ିଛି। ତେଣୁ ଯେଉଁମାନେ ଲୋଭରେ ପଡି କୌଣସି ବ୍ୟକ୍ତିଙ୍କ ଠାରୁ ମୋବାଇଲ କିଣୁଛନ୍ତି ତେବେ ମୋବାଇଲର ଆବଶ୍ୟକ କାଗଜପତ୍ର ଯାଞ୍ଚ କରି କିଣନ୍ତୁ ବୋଲି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରକୃତ ମାଲିକଙ୍କୁ ମୋବାଇଲ ହସ୍ତାନ୍ତର କରିବା ବେଳେ ବ୍ରହ୍ମପୁର ଏସପିଙ୍କ ସମେତ ଏଏସପି ଆଲୋକ ଜେନା ଓ ଟାଉନ ଏସଡ଼ିପିଓ ପ୍ରିୟସ ରଞ୍ଜନ ଛୋଟରାୟଙ୍କ ସମେତ ବହୁ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

## କନଷ୍ଟେବଲ ଆଶୁତୋଷ ମୃତ୍ୟୁ ଘଟଣା

# ୧୨ ଘଣ୍ଟାର ରାସ୍ତାରୋକ ପରେ ମିଳିଲା ପ୍ରତିଶ୍ରୁତି

ବ୍ରହ୍ମପୁର,୧୪।୬(ସମିସ)

ଓଏମଭିଡି କନଷ୍ଟେବଲ ଆଶୁତୋଷ ମୃଦୁଙ୍ଗିଆଙ୍କ ମରଶରୀର ସ୍ଥାନୀୟ ପୁରୁଣା ବ୍ରହ୍ମପୁର ପାଣ୍ଡବ ନଗରରେ ପହଞ୍ଚିବା ପରେ ଦେଖାଦେଇଥିଲା

### ଏସପି ଓ ଉପ-ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ହେଲା ଶବ ସତ୍କାର

### ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ, ମୃତକଙ୍କ ପରିବାରକୁ ମିଳିବ ନ୍ୟାୟ: ଏସପି

ଉତ୍ତେଜନା ପରିସ୍ଥିତ। ମୃତ କନଷ୍ଟେବଲଙ୍କ ପତ୍ନୀ ଓ ତାଙ୍କ ଭାଇଙ୍କୁ ଗିରଫ ଦାବିରେ ପାଣ୍ଡବନଗର ଲୋକେ ମୁଖ୍ୟ ରାସ୍ତାରେ ମରଶରୀରକୁ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତା ଉପରେ ଟାୟାର ଜାଳି ରାସ୍ତାରୋକ କରିବା ସହିତ ପ୍ରତିବାଦ କରି ନିଜର ଅସନ୍ତୋଷ ଜାହିର କରିଥିଲେ। ମୃତ କନଷ୍ଟେବଲଙ୍କ ମାଆ ଓ ଭଉଣୀଙ୍କ ଅଭିଯୋଗକୁ ଅଣଦେଖା କରି ପୁଲିସ ଆଶୁତୋଷଙ୍କ ପତ୍ନୀ ସନ୍ଧ୍ୟା ନାୟକକୁ ସୁରକ୍ଷା ପ୍ରଦାନ କରୁଥିବା ଅଭିଯୋଗ କରିଥିଲେ ପରିବାର ବର୍ଗ। ଯାହାକୁ ନେଇ ଅଞ୍ଚଳବାସୀ ସାରାରାତି ପୁରୁଣା ବ୍ରହ୍ମପୁର ମେଣ୍ଟୁ ଛକ ଠାରୁ ବାଲୁଙ୍କେଶ୍ୱର ଛକ





ପର୍ଯ୍ୟନ୍ତ ରାସ୍ତାକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶତାଧିକ ପୁଲିସ କର୍ମଚାରୀ ଓ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉତ୍ୟକ୍ତ ଲୋକଙ୍କୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଏପରିକି ବ୍ରହ୍ମପୁର ଏସପି ଡ଼ା.ସର୍ବଣା ବିବେକ ଏମ୍ ମଧ୍ୟ ରାତ୍ର ୩ଘଣ୍ଟା ସମୟରେ ପାଣ୍ଡବନଗରରେ ପହଞ୍ଚି ସ୍ଥାନୀୟ ସହ ଆଲୋଚନା କରି ଫେରିଯାଇଥିଲେ। ଶନିବାର ପୂର୍ବାହ୍ନରେ ବ୍ରହ୍ମପୁର ଉପ ଜିଲ୍ଲାପାଳ ତଥା ମାଜିଷ୍ଟ୍ରେଟ ଅବିନାଶ କୁମାର ଏବଂ ଏସପି ଘଟଣାସ୍ଥଳରେ ପହଞ୍ଚି ମୃତ କନଷ୍ଟେବଲଙ୍କ ପରିବାର ବର୍ଗ ଓ ଅଞ୍ଚଳବାସୀଙ୍କୁ ବୁଝାସୁଝା କରିଥିଲେ। ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ବ୍ରହ୍ମପୁର ଏସପିଙ୍କୁ ମୃତକଙ୍କ ମାଆ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଘଟଣାର ତଦନ୍ତ ବେଳେ ପୁଲିସ ମୃତକଙ୍କ ପରିବାର ବର୍ଗଙ୍କୁ ସାଙ୍ଗରେ ରହିବାକୁ ମଧ୍ୟ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ଏସପି। ବ୍ରହ୍ମପୁର ଉପଜିଲ୍ଲାପାଳ ଏବଂ ଏସପିଙ୍କ ସହିତ ଦୀର୍ଘ ସମୟ ଆଲୋଚନା ଓ ପ୍ରତିଶ୍ରୁତି ପରେ ଶେଷରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ଉପସ୍ଥିତିରେ ମୃତ କନଷ୍ଟେବଲ ଆଶୁତୋଷଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମୃତ ଆଶୁତୋଷଙ୍କ କନଷ୍ଟେବଲ ପତ୍ନୀ ସନ୍ଧ୍ୟା ଓ ତାଙ୍କ ଭାଇଙ୍କ ପଲିଗ୍ରାଫ ଟେଷ୍ଟ ରିପୋର୍ଟ ମିଳିବା ପରେ ଘଟଣା ଉପରୁ ପରଦା ହଟିବ ବୋଲି ପୋଲିସ ପ୍ରଶାସନ ଆଶା ରଖିଛି। ଏନେଇ ମୃତ କନଷ୍ଟେବଲଙ୍କ ମା' ଦୀପା ମୃଦଙ୍ଗିଆ ଖବରଦାତାଙ୍କୁ କହିଛନ୍ତି ପାଣ୍ଡବ ନଗରରେ ସେ ତାଙ୍କ ସ୍ୱାମୀଙ୍କ ସହ ରହୁଥିବା ବେଳେ ବୋହୁ ସନ୍ଧ୍ୟା ବିଜିପୁର ସ୍ଥିତ ପୁଲିସ କ୍ୱାର୍ଟରରେ ରହୁଥିଲେ। ନିକଟରେ ସନ୍ଧ୍ୟାଙ୍କ ଅଭିଯୋଗ ପ୍ରକାରେ ପୁଲିସ ପୁଅ ଆଶୁତୋଷକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗତ ୩ତାରିଖରେ ସେ ଜାମିନରେ ଆସିଥିଲେ। ଅଧିକାଂଶ ସମୟରେ ସେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ଗତ ୫ତାରିଖରେ ପତ୍ନୀକୁ ବୁଝାଇବାକୁ ଯାଇଥିବା ବେଳେ ତାଙ୍କ ଦେହରେ ପେଟ୍ରୋଲ ଢାଳି ତାଙ୍କୁ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏପରିକି ଏଥିପାଇଁ ସେ ବୋହୁ ସନ୍ଧ୍ୟା ଓ ତାଙ୍କ ଭାଇଙ୍କୁ ସିଧାସଳଖ ଦାୟୀ କରି ସେମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

# ପତ୍ନୀକୁ ମାଡ଼ ମାରିବା ଅଭିଯୋଗରେ ସ୍ୱାମୀ ଗିରଫ



ବ୍ରହ୍ମପୁର,୧୩।୬(ସମିସ): ଗୋଷାଣିନୂଆଗାଁ ଥାନା ପୁଲିସ ଜନୈକ ମହିଳାଙ୍କୁ ଧମକ ଓ ମାଡ଼ମାରିବା ଅଭିଯୋଗରେ ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ସ୍ଥାନୀୟ ଗୁଡ଼ସେଡ ରୋଡ ସ୍ଥିତ ଉପେନ୍ଦ୍ର ଭଞ୍ଜ କଲୋନୀର ଦୀପକ ଦାସ(୩୦)। ଅଭିଯୋଗ ପ୍ରକାରେ, ଉପେନ୍ଦ୍ର ଭଞ୍ଜ କଲୋନୀର ତୁଳସୀ ପଣ୍ଡାଙ୍କୁ ତାଙ୍କ ସ୍ୱାମୀ ଦୀପକ ଦାସ ବାରମ୍ବାର ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ। ଏହାର ପ୍ରତିବାଦ କରିବାରୁ ସେ ବ୍ରହ୍ମପୁର କୋର୍ଟରେ ଉଭୟଙ୍କ ମଧ୍ୟରେ ଚାଲିଥିବା ଛାଡ଼ପତ୍ର ମାମଲା ପ୍ରତ୍ୟାହାର କରିବାକୁ ଧମକ ମଧ୍ୟ ଦେଇଥିବା ଅଭିଯୋଗ ହୋଇଛି। ଏପରିକି ଏନେଇ ତାଙ୍କ ଜୀବନ ପ୍ରତି ଭୟ ଥିବା ସେ ଆଶଙ୍କା କରିଥିଲେ। ଗତ ୩ତାରିଖରେ ସେ ଦିଗପହଣ୍ଡି ଆଙ୍କୋରଡ଼ା ଠାରେ ଏକ ନୃତ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ସ୍ୱାମୀ ଦୀପକ ଦାସ ତାଙ୍କୁ ମାଡ଼ ମାରିଥିବା ନେଇ ଗତ ୭ତାରିଖରେ ଥାନାରେ ଅଭିଯୋଗ କରିଥିଲେ ତୁଳସୀ। ମାମଲାର ତଦନ୍ତ କରି ପୁଲିସ ଅଭିଯୁକ୍ତ ଦୀପକ ଦାସଙ୍କୁ ଶୁକ୍ରବାର ଗିରଫ କରି ପରେ କୋର୍ଟଚାଲାଣ କରିଛି।

# ଶ୍ରମିକଙ୍କୁ ମାଡ଼ମାରି ଟଙ୍କା ଲୁଟ୍ ଘଟଣା; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୪।୬(ସମିସ): ବ୍ରହ୍ମପୁର ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ଓଭରବ୍ରିଜ୍ ନିକଟସ୍ଥ ୪ନଂ ପ୍ଲାଟଫର୍ମ ଅଞ୍ଚଳରେ ରହୁଥିବା ଶ୍ରମିକ ଆଦି ପାୱାରଙ୍କ ଘରେ ପଶି ଆକ୍ରମଣ ସହ ଟଙ୍କା ଲୁଟ ଘଟଣାରେ ପୁଲିସ ଜଣକୁ



ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଉଛନ୍ତି ଚାଞ୍ଚଡ଼ାପଡ଼ିଆ ସାହିର ବି. ରାମ (୪୫)। ସୂଚନାଯୋଗ୍ୟ ଯେ, ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମ ନିବାସୀ ଆଦି ପାୱାର (୨୨) ସମ୍ପ୍ରତି ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ଓଭରବ୍ରିଜ ନିକଟ ପ୍ଲାଟଫର୍ମ ନଂ-୪ ଅଞ୍ଚଳରେ ପରିବାର ସହ ରହି ଶ୍ରମିକ ଭାବେ କାମ କରୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ଘରେ ରୋଷେଇ କରୁଥିବା ବେଳେ ଅଭିଯୁକ୍ତ ରାମଙ୍କ ସହ ୫ଜଣ ଦୁର୍ବୃତ୍ତ ଧାରୁଆ ଅସ୍ତ୍ର ଧରି ବଳପୂର୍ବକ ଘରେ ପ୍ରବେଶ କରି ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ରକ୍ତାକ୍ତ ଆହତ ହୋଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ତାଙ୍କର ଦୁଇଟି ମୋବାଇଲ ଫୋନ୍ ଓ ନଗଦ ୫ହଜାର ଟଙ୍କା ଲୁଟି ନେଇଥିଲେ। ଏପରିକି ଆକ୍ରମଣ କରି ବିଭିନ୍ନ ଧମକଚମକ ମଧ୍ୟ ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯାଇ ୧୦ ହଜାର ଗୋଲ୍

ବ୍ରହ୍ମପୁର,୧୩।୬(ସମିସ): ସ୍ଥାନୀୟ ସୁବାରାଓ ଛକ ଠାରୁ ଉତ୍କଳ ଆଶ୍ରମ ରାସ୍ତା ପାଶ୍ୱର୍ରେ ଥିବା ଏକ ଏଟିଏମ୍ କାଉଣ୍ଟରରେ ଅତି ଚତୁରତାର ସହ ଜଣେ ଦୁର୍ବୃତ୍ତ ୧୦ ହାଜର ଟଙ୍କା ଚୂନ ଲଗାଇ ନେଇଗଲା। ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରୁଛି।, ଜୟଶ୍ରୀ ନାୟକ ନାମ୍ନୀ ଜଣେ ମହିଳା, ନିଜ ଷ୍ଟେଟ ବ୍ୟାଙ୍କ ଏଟିଏମ୍ କାର୍ଡ ଧରି ଟଙ୍କା ଉଠାଇବାକୁ ଯାଇଥିବା ବେଳେ କାର୍ଡଟି ଏଟିମ୍ ଭିତରେ ରହିଯାଇଥିଲା। ତାପରେ ନିକଟରେ କାନ୍ଥରେ ନମ୍ବର ସହ ଯୋଗ ଯୋଗ କରିବାକୁ କୁହାଯାଇଥିଲା। ଉକ୍ତ ନମ୍ବର୍‌ରେ କଥା ହେବାରୁ ମହିଳା ଜଣକୁ ଚାଲି ଯିବାକୁ କୁହାଯାଇଥିଲା, ନମ୍ବର୍‌ରେ କୁହାଯାଇଥିଲା ଯେ , ସିସିଟିଭି ଅଛି ଯାଆନ୍ତୁ, ପରେ ନେବେ, କିଛି ଅସୁବିଧା ନାହିଁ। ମହିଳା ଜଣକ ନିଜ କାର୍ଯ୍ୟରେ ଯାଇକି ଆସିବା ବେଳେ କେହି ଜଣେ ଅନ୍ୟ ଏକ ଏଟିଏମ୍‌ରୁ ୧୦ ହାଜର ଟଙ୍କା କାଢି ଦେଇଥିବା ମେସେଜ ଆସିଥିଲା। ତାପରେ ଉକ୍ତ ନମ୍ବର୍‌ରେ ଯୋଗାଯୋଗ କରିବାରୁ ଆଉ ଉଠେଇ ନଥିଲା, ତାପରେ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ସେପଟେ ତୁରନ୍ତ ବ୍ୟାଙ୍କକୁ କହି ସମ୍ପୃକ୍ତ ଏଟିଏମକୁ ବ୍ଲକ୍ କରାଯାଇଥିଲା । ଅତିଶୀଘ୍ର ସିସିଟିଭି ଯାଞ୍ଚ କରାଯାଇ ଦୁର୍ବୃତ୍ତକୁ ଧରାଯିବ ବୋଲି ପୋଲିସ କହିଛି। ଏ ସଂକ୍ରାନ୍ତରେ ଜନସାଧାରଣ ସଚେତନ ରହିବା ଜରୁରୀ। ଏପରି ଟଙ୍କା ଲୁଟ୍ କାମରେ ଏକ ରାକେଟ୍ କାମ କରୁଥିବା ଅଭିଯୋଗ ହୋଇଛି।

# ବ୍ରହ୍ମପୁର ବାସ୍କେଟ୍ ବଲ୍ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବ୍ରହ୍ମପୁର,୧୩।୬(ସମିସ): ସ୍ଥାନୀୟ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆର ବାସ୍କେଟବଲ ଏରେନାରେ ଚାଲିଥିବା ଗ୍ରୀଷ୍ମକାଳିନ ପ୍ରଶିକ୍ଷଣ ଶିବର ଉଦ୍‌ଯାପିତ ହୋଇଯାଇଛି। କ୍ୟାମ୍ପକୁ ପରିଚାଳନା କରିଥିଲେ ଅନ୍ତଃରାଷ୍ଟ୍ରୀୟ ବାସ୍କେଟବଲ ରେଫ୍ରି ରାଜ ନାରାୟଣ ପାତ୍ର। କ୍ୟାମ୍ପରେ ୮ ବର୍ଷରୁ ୧୮ ବର୍ଷ ପର୍ଯ୍ୟନ୍ତ ଖେଳାଳି ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନୀଲ ଜେନା, ବର୍ଷା କୁମାରୀ ମହାନ୍ତି, ସ୍ପନ୍ଦନା କୁମାରୀ ମହାନ୍ତି, ନୂତନ ବେହେରା ଏବଂ ଅମୀୟ ମହାନ୍ତି ପ୍ରମୁଖ ପ୍ରଶିକ୍ଷକ ଭାବେ ଶିବିରରେ ପ୍ରଶିକ୍ଷଣ ଦେଇଥିଲେ। ଉତ୍ସବରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସହରରେ ଏକ ବାସ୍କେଟବଲ ଇନଡୋର ଷ୍ଟାଡିୟମ ପ୍ରତିଷ୍ଠା କରିବାକୁ ବିଧାୟକ ଘୋଷଣା କରିଥିଲେ। ଯାହାର ନାମ ବରିଷ୍ଠ ବାସ୍କେଟବଲ ଖେଳାଳି ନୀଳକଣ୍ଠ ମହାପାତ୍ରଙ୍କ ନାମରେ ନାମିତ କରିବାକୁ ସେ ପ୍ରସ୍ତାବ ରଖିଥିଲେ। କେ.ଭି.ଜି ରବି କୁମାର ମଞ୍ଚ ପରିଚାଳନା କରିଥିଲେ। ଅତିଥି ଭାବେ ଓଡିଶା ଅଲମ୍ପିକ ସଂଘର ଯୁଗ୍ମ ସମ୍ପାଦକ ଜେ. କାମେଶ୍ୱର ରାଓ, ବ୍ରହ୍ମପୁର ବାସ୍କେଟ ବଲ କ୍ଲବ ପ୍ରତିଷ୍ଠାତା ସଦସ୍ୟ ନବ କିଶୋର ପ୍ରଧାନ, ଦୈନିକ ସକାଳ ଖବର କାଗଜର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ବରିଷ୍ଠ ବାସ୍କେଟବଲ ଖେଳାଳି ସୁଧୀର ବିଶ୍ୱାଳ ଏବଂ ସମ୍ପାଦକ ପ୍ରଦୀପ କୁମାର ପରିଡା ଉପସ୍ଥିତ ଥିଲେ।

# ସମାଜସେବୀଙ୍କ ପକ୍ଷରୁ ଚହ୍ଲା ଦହି ବଣ୍ଟନ



ବ୍ରହ୍ମପୁର,୧୩।୬(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ମାର୍ଗଦର୍ଶନରେ ସ୍ଥାନୀୟ ଆସ୍କା ରୋଡ଼ ସ୍ଥିତ କର୍ପୋରେସନ ରୋଡ଼ ଛକରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଲୋକମାନଙ୍କୁ ଆଶ୍ୱସ୍ତି ଓ ଶରୀରକୁ ଶୀତଳତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଚହ୍ଲା ଓ ଦହି ବଣ୍ଟନ କରାଯାଇଥିଲା। ବିଜୁ ଯୁବ ଜନତା ଦଳର ରାଜ୍ୟ ଯୁବ ଉପସଭାପତି ନିହାର ଶତପଥୀଙ୍କ ନେତୃତ୍ୱରେ ଯୁବ ନେତା ଜ୍ୟୋତି ରଞ୍ଜନ ସାହୁ, ଶୋଭନ ନାୟକ, ଆଶିଷ ପାତ୍ର, ଶୀର୍ଷକ ପାତ୍ର, ପ୍ରଶାନ୍ତି ବେହେରା, କାହ୍ନୁଚରଣ ମହାରଣା, ଲଲାଟେନ୍ଦୁ ରାଓ ଶର୍ମା, ମୋହିତ ବାଗଡ଼ିଆ, ସାନିଆ ସାହୁ, ରାହୁଲ ପାଢ଼ୀ, ସୁମନ ଏବଂ ସନ୍ଦୀପ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ମଧ୍ୟ ସମାଜସେବା ଜାରି ରହିବ ବୋଲି ଶ୍ରୀ ଶତପଥୀ ପ୍ରକାଶ କରିଛନ୍ତି। (ରିପୋର୍ଟ-କ୍ଷୀରସିନ୍ଧୁ; ନିଶ୍ଚିତ ବସିବ)

# କୃଷ୍ଣଚନ୍ଦ୍ର ଦାସଙ୍କ ସ୍ମୃତି ସଭା



ବ୍ରହ୍ମପୁର,୧୩।୬(ସମିସ): ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ରର ପୂର୍ବତନ ସଭାପତି ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ଦାସଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସଭାପତି ଡାକ୍ତର ସଙ୍କର୍ଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ମହମଦ ଆସଲାମ, ପୂର୍ବତନ ସଭାପତି ନୀଳକଣ୍ଠ ସାହୁ, ଉପସଭାପତି ହର ମୋହନ ପାଣିଗ୍ରାହୀ, ସାଙ୍ଗଠନିକ ସମ୍ପାଦକ ପାର୍ବତୀ ପାଢ଼ୀ, ବରିଷ୍ଠ ସଦସ୍ୟ ସୁବାସ ଚନ୍ଦ୍ର ପଟନାୟକ, ମାନସ ରଞ୍ଜନ ପାତ୍ର, ବିଶିଷ୍ଟ ଗାୟକ ଭାସ୍କର ବାଙ୍ଗାରି, ସନ୍ତୋଷ କୁମାର ରେଡି ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

## କେବେ ପୂରଣ ହେବ ଦକ୍ଷିଣ ଓଡ଼ିଶା କର୍କଟ ରୋଗୀଙ୍କ ସ୍ୱପ୍ନ

# ଚାରିବର୍ଷ ପରେ ବି ଅସମ୍ପୂର୍ଣ୍ଣ ଏମ୍‌କେସିଜି କ୍ୟାନ୍ସର କେୟାର ସେଣ୍ଟର

ବ୍ରହ୍ମପୁର,୧୩।୬(ସମିସ)

ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ କର୍କଟ ରୋଗୀଙ୍କ ପାଇଁ ଉନ୍ନତ ଚିକିତ୍ସା ସେବା ଯୋଗାଇବା ଉଦ୍ଦେଶ୍ୟରେ ନିର୍ମାଣାଧିନ ଥିବା କ୍ୟାନ୍ସର କେୟାର ସେଣ୍ଟର ଏପର୍ଯ୍ୟନ୍ତ କାର୍ଯ୍ୟ ପୂର୍ଣ୍ଣ ହୋଇପାରିଲା ନାହିଁ। ବିଜେଡ଼ି ସରକାର ଅମଳରେ ଏହି କାର୍ଯ୍ୟ ଗତ ୪ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। ଇତି ମଧ୍ୟରେ ରାଜ୍ୟରେ ବିଜେପି ସରକାର ଗଠନ କରିଥିବା ବେଳେ କାର୍ଯ୍ୟକାଳକୁ ଦୁଇ ବର୍ଷ ବିତିଯାଇଛି। କିନ୍ତୁ ବହୁ ପ୍ରତୀକ୍ଷିତ ପ୍ରକଳ୍ପ କ୍ୟାନ୍ସର କେୟାର ସେଣ୍ଟର କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। କ୍ୟାନ୍ସର କେୟାର ସେଣ୍ଟର ମାଧ୍ୟମରେ କେମୋଥେରାପି, ରେଡିଓଥେରାପି, ଅଙ୍କୋଲୋଜି ସର୍ଜରୀ ସହିତ ଅନ୍ୟାନ୍ୟ ଉନ୍ନତ ଚିକିତ୍ସା ସେବା ଏକାଠି ଉପଲବ୍ଧ କରାଇବାର ଯୋଜନା ରହିଥିଲା। କିନ୍ତୁ ଧିମା ନିର୍ମାଣ କାର୍ଯ୍ୟା ସହ ଆବଶ୍ୟକ ଯନ୍ତ୍ରପାତି ସ୍ଥାପନ, ବିଶେଷଜ୍ଞ ଡାକ୍ତର ଓ ଟେକ୍ନିକାଲ କର୍ମଚାରୀ ନିଯୁକ୍ତି ଭଳି ଅନେକ କାର୍ଯ୍ୟ ଅଧୂରା ରହିଥିବାରୁ ସେଣ୍ଟରଟି କ୍ଷମତାରେ ହୋଇପାରିନାହିଁ। ଫଳରେ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଭଳି ଜିଲ୍ଲାର କର୍କଟ ରୋଗୀମାନଙ୍କୁ ଚିକିତ୍ସା ପାଇଁ କଟକ କିମ୍ବା ଭୁବନେଶ୍ୱର ଯିବାକୁ ପଡୁଛି। ଏଥିରେ ସମୟ ଓ ଅର୍ଥର ଅତିରିକ୍ତ ବୋଝ ସହିତ ରୋଗୀ ଓ ପରିବାର ଲୋକଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏମକେସିଜି ମେଡ଼ିକାଲର କ୍ୟାନସର ବିଭାଗକୁ ସମ୍ପ୍ରତି ପ୍ରତ୍ୟେକ ଦିନ ୨୦ରୁ ଅଧିକରୁ ରୋଗୀ ଚିକିତ୍ସା ନିମନ୍ତେ ଆସୁଥିବା ବେଳେ ବିଶେଷ ସୁବିଧା ନଥିବାରୁ ଅଧିକାଂଶ ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଯାଉଛି। ଏହାସହ ଏଠାରେ ଆବଶ୍ୟକୀୟ ଡାକ୍ତର ସହ



- ନୂତନ ସରକାରକୁ ପୂରିଲା ଦୁଇବର୍ଷ, ଅଧାଅଧୁରା ପ୍ରକଳ୍ପ
- ଉନ୍ନତ ଚିକିତ୍ସା ସେବାରୁ ବଞ୍ଚିତ ରୋଗୀ, କିଏ ଶୁଣିବ ଗୁହାରି

ଅତ୍ୟାବଶ୍ୟକୀୟ ସରଞ୍ଜାମ ମଧ୍ୟ ନାହିଁ। ପୂର୍ବରୁ ପୁରୁଣା କୋଠାରେ ଇନଡୋର ରୋଗୀଙ୍କୁ ରଖି ଚିକିତ୍ସା କରାଯାଉଛି। କର୍କଟ ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ରହ୍ମପୁରରେ କର୍କଟ ସେବା କେନ୍ଦ୍ର ବା କ୍ୟାନସର କେୟାର ସେଣ୍ଟର ନିର୍ମାଣ ପାଇଁ ନିଷ୍ପତି ହୋଇଥିଲା। ଏହିକ୍ରମରେ ଗତ ୨୦୨୨ ସେପ୍ଟେମ୍ବର ମାସରୁ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ୭୬କୋଟି ୨୯ଲକ୍ଷ ଟଙ୍କାରେ ବେୟରେ ମେଡିକାଲର ଖେଳପଡ଼ିଆ ନିକଟରେ ଥିବା ୧୪ହଜାର ବର୍ଗଫୁଟ ସ୍ଥାନରେ ୪ମହଲା ବିଶିଷ୍ଟ କର୍କଟ ସେବାକେନ୍ଦ୍ର ନିର୍ମାଣ ପାଇଁ ଚିହ୍ନଟ କରାଯାଇଥିଲା। କଲିକତାର ମାକିନଟୋଷ ବର୍ଣ୍ଣ ଲିମିଟେଡ' ନାମ ଏକ ସଂସ୍ଥାକୁ ନିର୍ମାଣ ପାଇଁ ଟେଣ୍ଡର ଦିଆଯାଇଛି। ଏଠାରେ ୧୦୦ଶଯ୍ୟାର ଇନଡୋର ସହ କ୍ୟାନସର ରୋଗୀଙ୍କ ଆଉଟଡୋର, କନଫେରେନ୍ସ ହଲ, ପାର୍କିଂ ଏରିଆ, ରୋଗୀଙ୍କ ପ୍ରତିକ୍ଷାଳୟ ନିର୍ମାଣ କରାଯିବା ନିମନ୍ତେ ନିଷ୍ପତି ହୋଇଥିଲା। ପରେ ବାରମ୍ବାର ନକ୍ସାରେ ପରିବର୍ତ୍ତନ ସହ କେନ୍ଦ୍ର ନିର୍ମାଣରେ ବିଳମ୍ବ ହୋଇଥିଲା। ବର୍ତ୍ତମାନ କ୍ୟାନ୍ସର କେୟାର ସେଣ୍ଟର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ହୋଇଯାଇଥିବା ଜଣାପଡ଼ିଛି। କିନ୍ତୁ ଆବଶ୍ୟକ ଯନ୍ତ୍ରପାତି ସ୍ଥାପନ, ବିଶେଷଜ୍ଞ ଡାକ୍ତର ଓ ଟେକ୍ନିକାଲ କର୍ମଚାରୀ ନିଯୁକ୍ତିରେ ବିଳମ୍ବ ହୋଇଛି। ଫଳରେ ବ୍ରହ୍ମପୁରରେ କ୍ୟାନ୍ସର କେୟାର ସେଣ୍ଟର କାର୍ଯ୍ୟକ୍ଷମ ଦକ୍ଷିଣ ଓଡ଼ିଶାର କର୍କଟ ରୋଗୀଙ୍କ ପାଇଁ ସ୍ୱପ୍ନ ହୋଇ ରହିଯାଇଛି। ଦକ୍ଷିଣ ଓଡ଼ିଶାରେ କର୍କଟ ରୋଗୀଙ୍କ ସଂଖ୍ୟା କ୍ରମଶଃ ବଢୁଥିବା ବେଳେ ଏମକେସିଜି ମେଡ଼ିକାଲରେ କ୍ୟାନ୍ସର କେୟାର ସେଣ୍ଟରକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି। ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହେଲେ ହଜାର ହଜାର ରୋଗୀ ଉନ୍ନତ ଚିକିତ୍ସା ସୁବିଧା ପାଇପାରିବେ। ଅନ୍ୟପକ୍ଷରେ ଦୀର୍ଘଦିନର ଅପେକ୍ଷା ପରେ ମଧ୍ୟ ସେଣ୍ଟରଟି ଚାଲୁ ନହେବା କର୍କଟ ରୋଗୀଙ୍କ ଚିକିତ୍ସା ଆଶା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ପ୍ରକଳ୍ପର ଅବଶିଷ୍ଟ କାମକୁ ଶୀଘ୍ର ସମ୍ପୂର୍ଣ୍ଣ କରି ଆବଶ୍ୟକ ମାନବ ସମ୍ବଳ ଓ ଯନ୍ତ୍ରପାତି ଯୋଗାଇ କ୍ୟାନ୍ସର କେୟାର ସେଣ୍ଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

# ଅଲ ଓଡ଼ିଶା ସବ୍-ଜୁନିଅର ହ୍ୟାଣ୍ଡବଲ ପ୍ରତିଯୋଗିତା: ଗଞ୍ଜାମ ବାଳକ ଦଳ ଚାମ୍ପିଅନ




ବ୍ରହ୍ମପୁର,୧୩।୬(ସମିସ): କେନ୍ଦୁଝରର ହ୍ୟାଣ୍ଡବଲ ଷ୍ଟାଡିୟମରେ ଆୟୋଜିତ ୨୨ତମ ଅଲ ଓଡିଶା ସବ ଜୁନିଅର ବାଳିକା ଓ ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତାର ଫାଇନାଲରେ ଗଂଜାମ ବାଳକ ଦଳ ଆୟୋଜକ କେନ୍ଦୁଝରକୁ ଏକତରଫା (୧୭/୭) ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ସେହିଭଳି ଗଞ୍ଜାମ ବାଳିକା ଦଳ ପ୍ରତିଯୋଗିତାର ସେମିଫାଇନାଲରେ ଯାଜପୁର ସହିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ (୮/୭) ଗୋଲ ବ୍ୟବଧାନରେ ପରାସ୍ତ ହୋଇ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଗ୍ରହଣ କରିଛି। ଚାମ୍ପିଅନ ବାଳକ ଦଳ ସେମିଫାଇନାଲରେ ଭୁବନେଶ୍ୱରକୁ (୧୦/୬) ଗୋଲ ବ୍ୟବଧାନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଚମତ୍କାର ଖେଳ ପ୍ରଦର୍ଶନ କରି ଗଞ୍ଜାମ ଦଳ ଚାମ୍ପିଅନ ହୋଇଥିଲା। ଜିଲ୍ଲାର ଏହି ଚାମ୍ପିଅନ ଦଳର ସମସ୍ତ ଖେଳାଳି ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ନିୟମିତ ପ୍ରଶିକ୍ଷଣ ନେଉଛନ୍ତି। ସିନିୟର ଖେଳାଳି ଅଭିନାଶ ମେଦୀ ଓ ସନ୍ଦୀପ କୁମାର ପାତ୍ର ଖେଳାଳିଙ୍କୁ ଖେଳାଳୀଙ୍କ ପ୍ରଶିକ୍ଷଣରେ ସହଯୋଗ କରି ଆସୁଛନ୍ତି। ଖେଳାଳିଙ୍କ ଏହି ସଫଳତା ପାଇଁ ଜିଲ୍ଲା ହ୍ୟାଣ୍ଡବଲ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳ, ଉପ ସଭାପତି ରାଜେଶ କୁମାର ସାହୁ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢି, ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ ଓ କୋଷାଧ୍ୟକ୍ଷ ଡା ମନୋଜ କୁମାର ପାତ୍ରଙ୍କ ସହ ସଂଘର ସମସ୍ତ କର୍ମକର୍ତ୍ତା ଓ ଅଭିଭାବକମାନେ ଖୁସିବ୍ୟକ୍ତ କରି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଚଳିତ ବର୍ଷ ଜିଲ୍ଲାର ଜୁନିଅର ବର୍ଗରେ ଉଭୟ ବାଳିକା ଓ ବାଳକ ଦଳ ରାୟଗଡ଼ା ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିଲେ।

# ‘ଧୋୟାଞ୍ଚଳ ବିକାଶରେ ଶିବ ବିଶ୍ୱାଳଙ୍କ ଅବଦାନ ଅବିସ୍ମରଣୀୟ’



ପଟ୍ଟାମୁଣ୍ଡାଇ,୧୩।୬(ସମିସ): ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ବିକାଶରେ ସ୍ୱର୍ଗତ ସମାଜସେବୀ ଶିବଚରଣ ବିଶ୍ୱାଳଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି ଶିବଚରଣଙ୍କ ଏକାଦଶାହରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡ଼ିପାଳଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଇଂ ସରୋଜ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶନୀ ତରାଇ, ପ୍ରାଧ୍ୟାପକ ରବିରଞ୍ଜନ ଶର୍ମା, ଯୁବ ନେତା ରଶ୍ମିରଞ୍ଜନ ସ୍ୱାଇଁ, ସମାଜସେବୀ ଅକ୍ଷୟ ମହାନ୍ତି, ଶିକ୍ଷକ ନେତା ଅରୂପାନନ୍ଦ ବିଶ୍ୱାଳ, ନିରଞ୍ଜନ ମହାନ୍ତି, ଇଂ ଗଗନ ବିଶ୍ୱାଳ, ଚନ୍ଦ୍ରଭାନୁ ନାୟକ, ସରପଞ୍ଚ ଦେବବ୍ରତ ନାୟକ, ସମିତିସଭ୍ୟ ନିରଞ୍ଜନ ବାରିକ, ବର୍ଷିଆନ ନେତା ଧନେଶ୍ୱର ପ୍ରଧାନ, ବରିଷ୍ଠ ନେତା କେଦାର ବିଶ୍ୱାଳ, ଯୁବ ନେତା ଜ୍ୟୋତିରଞ୍ଜନ ପ୍ରଧାନ, ପୂର୍ବତନ ସରପଞ୍ଚ କୁଳମଣି ମଲିକ, କୁଶଧ୍ୱଜ ବିଶ୍ୱାଳ, ଯୁବନେତା ପ୍ରକାଶ ଦାସ, ସୁବାସ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସଂଗୀତ ଅନୁଷ୍ଠାନ ପକ୍ଷରୁ ପ୍ରେମାନନ୍ଦ ବିଶ୍ୱାଳ ଓ କୁଳମଣି ମଲିକଙ୍କ ସଂଯୋଜନାରେ ସମର୍ପଣ ଭଜନ ମଞ୍ଚ କଳାକାର ଭଜନ ପରିବେଷଣ କରିଥିବାବେଳେ ମନୋରଞ୍ଜନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଦୀପ୍ତି ବିଶ୍ୱାଳ, ଶାନ୍ତି ମହାନ୍ତି, ବାସନ୍ତୀ ନାୟକ, ଉର୍ମିଳା ରାଉତ, ଦୀପ୍ତିମୟୀ ବିଶ୍ୱାଳ, ଲତିକା ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

# ବିପ୍ଳବୀ ନେତା ରାଜେନ୍ଦ୍ର ରାଉତଙ୍କ ସ୍ମୃତିସଭା

ପଟ୍ଟାମୁଣ୍ଡାଇ,୧୩।୬(ସମିସ): ବିପ୍ଳବୀ ନେତା ରାଜେନ୍ଦ୍ର ରାଉତଙ୍କ ସ୍ମୃତିସଭା ଅଠରବାଟିଆ ବିଏମ୍ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଆଡଭୋକେଟ ରାମକୃଷ୍ଣ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରାଜେନ୍ଦ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଏମ୍ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅନୁସୂୟା ମିଶ୍ର, ଶିକ୍ଷୟିତ୍ରୀ ବନ୍ଦନା ପ୍ରଧାନ, ସିପିଆଇ(ଏମ୍‌ଏଲ) ନେତା ଶ୍ରୀକାନ୍ତ ଲେଙ୍କା, ପ୍ରତାପ କେଶରୀ ରାଉତ, ଶ୍ରୀବତ୍ସ ସେଠୀ, ମହେଶ୍ୱର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗ୍ରାମ ରାଉତ, ନନ୍ଦକିଶୋର ମହାରଣା, ଅଜୟ ସେଠୀ, ନିତ୍ୟାନନ୍ଦ ସେଠୀ, ପ୍ରେମାନନ୍ଦ ଗିରି, ସର୍ବେଶ୍ୱର ଦାସ, ଶ୍ରୀଧର ନାୟକ, ଶୁକଦେବ ମହାରଣା, ବିଦ୍ୟାଧର ବାରିକ, ଭୋଳାନାଥ ପଣ୍ଡା, ଉପେନ୍ଦ୍ର ମଲିକ, ଡଲି ରାଉତ, ସରସ୍ୱତୀ ମଲିକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟ ବ୍ୟସ୍ତତାରୁ ଅନୁପସ୍ଥିତ ଥିବା ସଂସଦର ଉପସଭାପତି ଅନୀଲ ଚୌଧୁରୀଙ୍କ ଦ୍ୱାରା ପ୍ରେରିତ ଶୋକ ବାର୍ତ୍ତା ପାଠ କରାଯାଇଥିଲା।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ



ରାଜନଗର,୧୩।୬(ସମିସ): ରାଜନଗରସ୍ଥ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବୈଠକ ଓ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି କୃପାସିନ୍ଧୁ ସାମଲ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ଅନିଲ ବଳ ଓ ସମ୍ପାଦକ ବିଜୟ ଜେନା ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ରାଜନଗର ଅତିରିକ୍ତ ତହସିଲଦାର ଅସିତ ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜନଗର ଥାନା ଭାରପ୍ରାପ୍ତ ଅଧିକାରୀ ନରେଶ ସାହୁ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ଘନଶ୍ୟାମ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ମୌଳିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ପରେ ଥାନା ପକ୍ଷରୁ ଆଇଆଇସି ଶ୍ରୀ ସାହୁ ୧୪୦ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରିଥିଲେ। ବୈଠକରେ ସୀତାକାନ୍ତ ରାଉଳ, ସୁକାନ୍ତ ତ୍ରିପାଠୀ, ବିଜୟ ବେହେରା, ପରମେଶ୍ୱର ନାୟକ, ଦାଶରଥି ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ଅନିରୁଦ୍ଧ ରାଉଳଙ୍କ ୮୫ତମ ଜୟନ୍ତୀ

ପଟ୍ଟାମୁଣ୍ଡାଇ,୧୩।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍‌ର ବରିଷ୍ଠ ନାଗରିକ ମଞ୍ଚ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ତଥା ପଟ୍ଟାମୁଣ୍ଡାଇ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ୮୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ ସଭାପତି କୈଳାସ ଚରଣ ସ୍ୱାଇଁଙ୍କ ପୌରୋହିତ୍ୟ ଓ ଗାଳ୍ପିକ ପ୍ରଦୀପ ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ଼ଃ କେଳୁଚରଣ ସ୍ୱାଇଁ ମୁଖ୍ୟଅତିଥି, ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ସମ୍ପାଦକ ପ୍ରଫେସର ଭରତ ପାତ୍ର, କୋଷାଧ୍ୟକ୍ଷ ଚତୁର୍ଭୁଜ ରାଉଳ, ଯୁଗ୍ମସମ୍ପାଦକ ବିଜୟ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଫେସର ରାଉଳ ଅନେକ ସଫଳ ଛାତ୍ର ସୃଷ୍ଟି କରିବା, ପରିବେଶ ସୁରକ୍ଷା, ପଟ୍ଟାମୁଣ୍ଡାଇ ବିକାଶ ଓ ବରିଷ୍ଠ ନାଗରିକ ଓ ଅବସର କର୍ମଚାରୀଙ୍କ ଅଧିକାର ପାଇଁ ଲଢେଇ ଜାରି ରଖିଥିବାରୁ ବୟସ ତାଙ୍କ ପାଖରେ ହାର ମାନିଛି ବୋଲି ପ୍ରକାଶ କରି ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ଦାସ ଓ ବିଜୟ ସାହୁଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ଜନ୍ମାଷ୍ଟକ ଧୂପଦୀପ ପ୍ରଦାନ କରାଯାଇଥିଲା। ପ୍ରଫେସର ରମେଶ ଜେନା, ପ୍ରଫେସର କୈଳାସ ପାତ୍ର, ପ୍ରଫେସର ପରୀକ୍ଷିତ ପାତ୍ର, ପ୍ରଫେସର ରବୀନ୍ଦ୍ର ବରାଳ, ନାଟ୍ୟକାର ପ୍ରଫେସର ଗୋଲକ ମହାରଣା, ପ୍ରଫେସର ନରହରି ଲେଙ୍କା, ଇଓ ତ୍ରିଲୋଚନ ସୂତାର, ଇଓ ତପନ ପାତ୍ର, ଇଓ ଗୁଣଧର ସାମଲ, ପ୍ରାକ୍ତନ ବିଡ଼ିଓ ବିଜୟ ରାଉତ, ପାବନୀ ରାଉତ, ପ୍ରଦୀପ୍ତ ରଥ, ପଣ୍ଡିତ ତ୍ରୈଲୋକ୍ୟ ମିଶ୍ର, ପ୍ରମୋଦ ନାୟକ, ପ୍ରଫୁଲ୍ଲ ପ୍ରଧାନ, ବଂଶୀଧର ନାୟକ, ସମାଜସେବୀ ବ୍ରଜବନ୍ଧୁ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ପ୍ରଫେସର ରାଉଳଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଜନ୍ମଦିନର ଅଭିନନ୍ଦନ ଶୁଭେଚ୍ଛା ଜ୍ଞାପନ କରାଯାଇଥିବାବେଳେ ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।

## ବାଲିଘାଟରୁ ବାଲି ସହିତ ନଦୀ ଶଯ୍ୟାରୁ ତାଡ଼ିନେଲେ ମାଟି

# ନଦୀବନ୍ଧ ଧସିବା ନେଇ ଅଞ୍ଚଳବାସୀଙ୍କ ଆଶଙ୍କା

ଡେରାବିଶ,୧୩।୬(ସମିସ)



ଡେରାବିଶ ବ୍ଲକ୍ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତାମୂଳ ବାଲିଘାଟରୁ ବାଲି ସହିତ ନଦୀ ଶଯ୍ୟାରୁ ମାଟି ତାଡ଼ି ବାଲି ମାଫିଆ ଚାଲାଣ କରୁଛନ୍ତି। ଫଳରେ ନଦୀବନ୍ଧ ଧସିବା ଆଶଙ୍କା କରାଯାଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ସରକାରଙ୍କ ପକ୍ଷରୁ ଅର୍ତାମୂଳ ବାଲିଘାଟ ନିଲାମ ଦିଆଯାଇଥିଲା। ତେବେ ସରକାରଙ୍କ ପକ୍ଷରୁ ସଠିକ୍ ଭାବେ ବାଲି ଉଠାଣର ସ୍ଥାନ ନିରୂପଣ ହୋଇ ନ ଥିବାରୁ ନିଲାମଧାରୀ ଜଣକ ମନଇଚ୍ଛା ଲୁଣାନଦୀର ଅର୍ତାମୂଳ ଗ୍ରାମ ଘାଟରେ ଥିବା ବାଲି ଚାଲାଣ କରିଥିବାବେଳେ ନିକଟସ୍ଥ ଖାନନଗର, ଏପରିକି ଗରାମ ମୌଜା ସୀମାରେ ଥିବା ସମସ୍ତ ବାଲିକୁ ଚାଲାଣ କରି ନଦୀ ଶଯ୍ୟାରୁ ସମସ୍ତ ବାଲି ସାରିଦେଇଥିବା ଦେଖିବାକୁ ମିଳିଛି। ଏଥିସହିତ ନଦୀ ଶଯ୍ୟାକୁ ଜେସିବି ଦ୍ୱାରା ବହୁ ଗଭୀରରୁ ବାଲି ଉତ୍ତୋଳନ କରାଯିବା ସହିତ ବେଆଇନ ଭାବେ ମାଟି ମଧ୍ୟ ଚାଲାଣ କରାଯାଇଛି। କାରଣ ବାଲି ଘାଟରେ ବହୁ ସ୍ଥାନରେ ନଦୀ ଶଯ୍ୟା ତଡ଼ାଯାଇ ମାଟି ଠୁଳ କରିଥିବା ଦେଖିବାକୁ ମିଳିଛି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଏବେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। କାରଣ ବର୍ଷକ ପୂର୍ବେ ଏଭଳି ନଦୀ ଶଯ୍ୟାରୁ ଅତ୍ୟଧିକ ଭାବେ ଗଭୀର କରାଯାଇ ଜେସିବି ମେସିନ୍ ଦ୍ୱାରା ବାଲି ଉତ୍ତୋଳନ ହେବା ଦ୍ୱାରା ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳର ପକ୍ଷୋଟ ଗ୍ରାମ ନିକଟରେ ୨୦୦ ଫୁଟର ନଦୀବନ୍ଧ ପାଖାପାଖି ୪୦ ଫୁଟ ଗଭୀରକୁ ଧସିଯାଇଥିଲା। ଆଗକୁ ବର୍ଷାଦିନ ଆସୁଥିବାବେଳେ ନଦୀରେ ବନ୍ୟାଜଳ ଆସି ଯଦି ନଦୀବନ୍ଧ ଧସିଯାଏ କିମ୍ବା ଭାଙ୍ଗିଯାଏ ତେବେ ଡେରାବିଶ ବ୍ଲକ ସମେତ କେନ୍ଦ୍ରାପଡ଼ା, ଗରଦପୁର ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ଲୋକ ଦୁର୍ଦ୍ଦଶା ଭୋଗିବେ। ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀମାନଙ୍କୁ ଦାୟୀ କରିଥିବାବେଳେ ସେମାନଙ୍କ ଇଙ୍ଗିତରେ ଏହି ବାଲି ଓ ମାଟି ଚାଲାଣ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବା ଓ ସତର୍କତା ଅବଲମ୍ବନ କରିବା ସହିତ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

● ତରାସ ନୋଡାଲ ଉଚ୍ଚବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଦ୍ୱିତୀୟ ଦିବସ

# ‘ପୁରାତନ ଛାତ୍ରଛାତ୍ରୀ ହିଁ ଶିକ୍ଷାୟତନର ସର୍ବଶ୍ରେଷ୍ଠ ସମ୍ପଦ’

ରାଜକନିକା,୧୩।୬(ସମିସ): ରାଜକନିକା ବ୍ଲକ ତରାସ ପଞ୍ଚାୟତସ୍ଥ ତରାସ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ତିନିଦିନିଧରିଚାଲିବାକୁଥିବାବେଳେଶନିବାର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ର ତଥା ଚାନ୍ଦବାଲି ବିଡିଓ ସଂଜୀବ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରଥମ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ଓ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ଭାଷା ସାହିତ୍ୟ ଉପରେ ଉପାଦେୟ ବିଶ୍ଳେଷଣ ପୂର୍ବକ ପୁରାତନ ଛାତ୍ରୀଛାତ୍ର ହିଁ ଶିକ୍ଷାୟତନର ସର୍ବଶ୍ରେଷ୍ଠ ସମ୍ପଦ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପରିବେଶବିତ୍ ଡଃ. ଜୟକୃଷ୍ଣ ପାଣିଗ୍ରାହୀ ଯୋଗଦେଇ ଅସନ୍ତୁଳନ ପରିବେଶକୁ ସନ୍ତୁଳନରେ ରଖିବାକୁ ବୃକ୍ଷରୋପଣକୁ ଜୀବନରେ ବ୍ରତ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଓୟୁଏଟିର ଭାଇସ୍ ଚାନସେଲର ଡଃ. ବିଭୂତି ଭୂଷଣ ବିଶ୍ୱାଳ ଓ ପୂର୍ବତନ ଓଡ଼ିଶା ପ୍ରଶାସନିକ ଅଧିକାରୀ ବଂଶୀଧର ରାଉତ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପୁରାତନ ଛାତ୍ରୀ ରଞ୍ଜିତା ମଲ୍ଲିକ ଉପସ୍ଥାପିକା ଓ ପୁରାତନ ଛାତ୍ର ସୁକାନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ପୁରାତନ ଛାତ୍ର ପ୍ରମୋଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୁରାତନ ଛାତ୍ର ବନୋଜ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଓ କର୍ମଚାରୀଙ୍କୁ ଅତିଥିମାନେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପୁରାତନ ଛାତ୍ର ସଂସଦ ଆୟୋଜନରେ ଅନୁଷ୍ଠିତ ସମାରୋହ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଧୁନିକ ଟେରାକୋଟା ଡିଜାଇନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୧୩।୬(ସମିସ): ଗ୍ରାମାଞ୍ଚଳରେ କୁଟୀର ଶିଳ୍ପର ବିକାଶ ସହ ସ୍ୱରୋଜଗାରର ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ରାଇଡ୍’ ପକ୍ଷରୁ ନାବାର୍ଡ ସହଯୋଗରେ ପରକୁଳା ପଞ୍ଚାୟତରେ ଆୟୋଜିତ ୧୫ଦିନିଆ ଆଧୁନିକ ଟେରାକୋଟା ଡିଜାଇନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଏହି ତୃଣମୂଳସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଯୁବକ, ଯୁବତୀ ଓ ମହିଳାଙ୍କୁ ଆଧୁନିକ ହସ୍ତଶିଳ୍ପ କୌଶଳରେ ଦକ୍ଷ କରାଯାଇଥିଲା। ରାଇଡ୍‌ର ସମ୍ପାଦକ କିଶୋର ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ନାବାର୍ଡର ଏଡିଏମ୍ ସ୍ମିତା ବଡ଼ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ହସ୍ତଶିଳ୍ପ କ୍ଷେତ୍ରରେ ଆଧୁନିକ ପ୍ରଶିକ୍ଷଣ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହେବ ବୋଲି କହିଥିଲେ। ହସ୍ତଶିଳ୍ପ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ ମହାନ୍ତି, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କଳପଡ଼ା ଶାଖାର ଭାରପ୍ରାପ୍ତ ପରିଚାଳକ ନିହାରରଞ୍ଜନ ବିଶ୍ୱାଳ, ମିଶନ ଶକ୍ତିର ବିପିଏମ୍ ଅଖିଳ ଆଚାର୍ଯ୍ୟ, ସ୍ଥାନୀୟ ସରପଞ୍ଚ ଦୀପ୍ତିରଞ୍ଜନ ମହାପାତ୍ର, ଟେରାକୋଟା ପ୍ରଶିକ୍ଷକ ମକରକେତନ ସାହୁ ଓ ମହିଳା ମହାସଂଘ ସଭାପତି ସୁଜାତା ଦାସ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ମାଧ୍ୟମରେ ରୋଜଗାରର ନୂତନ ଦିଗ ଉନ୍ମୋଚିତ ହେବା ସହ ସ୍ଥାନୀୟ ପ୍ରତିଭା ବିକାଶରେ ଏଭଳି ପଦକ୍ଷେପର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ୧୫ ଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ୫୦ରୁ ଅଧିକ ମହିଳା ଓ ପୁରୁଷ ଅଂଶଗ୍ରହଣ କରି ଆଧୁନିକ ଟେରାକୋଟା ଡିଜାଇନ ଓ ବିଭିନ୍ନ ହସ୍ତନିର୍ମିତ ସାମଗ୍ରୀ ପ୍ରସ୍ତୁତି ସମ୍ପର୍କରେ ପ୍ରାୟୋଗିକ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ଭବିଷ୍ୟତରେ ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବା ସହ କୁଟୀର ଶିଳ୍ପର ବିକାଶରେ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି।

# ଚାନ୍ଦୋଳ କଲେଜର ଦୁଇ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଡେରାବିଶ, ୧୩।୬(ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ମୁଖ୍ୟ ଲିପିକ ରମେଶ ଚନ୍ଦ୍ର ଦାସ ଓ ଧନ୍ଦାମୂଳକ ଶିକ୍ଷାର କନିଷ୍ଠ ଲିପିକ ପ୍ରମୋଦ ପରିଜାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ସଭାକକ୍ଷରେ ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ ଯୋଗଦେଇ ଅବସର ଗ୍ରହଣ କରିଥିବା ଶ୍ରୀ ଦାସ ଓ ଶ୍ରୀ ପରିଜାଙ୍କ କର୍ମମୟ ଜୀବନ, ସମୟାନୁବର୍ତ୍ତିତା ଉପରେ ଆଲୋକପାତ କରିଥିଲେ। ସେବାନିବୃତ୍ତ ଶ୍ରୀ ଦାସ ଏହି ମହାବିଦ୍ୟାଳୟକୁ ୨୦୨୩ ଜାନୁଆରୀ ମାସରେ ବଦଳି ହୋଇ ଆସିଥିବାବେଳେ ଶ୍ରୀ ପରିଜା ୨୦୧୭ ନଭେମ୍ବର ମାସରେ ବଦଳି ହୋଇଆସିଥିଲେ। ଉଭୟଙ୍କର କର୍ତ୍ତବ୍ୟପରାୟଣତା, ଦାୟିତ୍ୱବୋଧ ଯୋଗୁ ସମସ୍ତଙ୍କର ପ୍ରିୟ ହୋଇପାରିଥିଲେ। ପ୍ରାଧ୍ୟାପିକା ଶ୍ରୀମତୀ ଦାସ, ଅଧ୍ୟାପକ ସଞ୍ଜୟ ନାୟକ, ପ୍ରଭାକର ଦାସ, ଝରାଶ୍ରୀ ପରିଜା ପ୍ରମୁଖ ସେବାନିବୃତ୍ତ ଉଭୟ ଲିପିକଙ୍କ କର୍ମମୟ ଜୀବନ ସମ୍ପର୍କରେ କହିଥିଲେ। ଅଧ୍ୟାପକ ଦିବ୍ୟ କୁମାର ଦାସ ବିଦାୟୀ ସଙ୍ଗୀତ ଗାନ କରିଥିଲେ। ଏ ଅବସରରେ ମହାବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ ପରିଷଦ ପକ୍ଷରୁ ଉଭୟ ଲିପିକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ର ବେଦପାଠ କରିଥିବାବେଳେ ଷ୍ଟାଫ୍ କାଉନସିଲର ସହସମ୍ପାଦକ ଅଧ୍ୟାପକ ପ୍ରତାପ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଷ୍ଟାଫ୍ କାଉନସିଲର ସମ୍ପାଦକ ସୁକନ୍ୟା ମହାନ୍ତି ସଭା ପରିଚାଳନା କରିଥିବାବେଳେ ଅଧ୍ୟାପିକା ମନୀଷା ଦାସ, ଜ୍ୟୋତିର୍ମୟୀ ନାଥଶର୍ମା, ସ୍ମୃତିରେଖା ପଣ୍ଡା, ଶକ୍ତିପ୍ରସାଦ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଓଳାଭର ମାର୍କେଟରେ ଶୌଚାଳୟ ନିର୍ମାଣ ଦାବି

ରାଜକନିକା, ୧୩।୬(ସମିସ): ରାଜକନିକା ବ୍ଲକର ପ୍ରମୁଖ ବ୍ୟବସାୟ କେନ୍ଦ୍ର ଓଳାଭର ମାର୍କେଟରେ ଶୌଚାଳୟ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଓଳାଭରବାସୀ କେନ୍ଦ୍ରାପଡ଼ା ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଓଳାଭର ମାର୍କେଟ ଉପରେ ଦୈନିକ ୧୫ଟି ପଞ୍ଚାୟତର ୬ ହଜାରରୁ ଅଧିକ ଲୋକ ନିର୍ଭରଶୀଳ। ଏଠାରେ ମାର୍କେଟ, ବ୍ୟାଙ୍କ, ପୋଷ୍ଟ ଅଫିସ, ସ୍କୁଲ, କଲେଜ, ସ୍ୱାସ୍ଥ୍ୟକେନ୍ଦ୍ର ଥିବାରୁ ସକାଳୁ ସଞ୍ଜ ଯାଏ ଭିଡ଼ ଲାଗି ରହୁଛି। ମାର୍କେଟରେ ଶୌଚାଳୟ ନାହିଁ। ମହିଳା ଓ ବୟସ୍କ ବ୍ୟକ୍ତି ଶୌଚାଳୟ ଅଭାବରୁ ସବୁଠୁ ଅଧିକ ସମସ୍ୟାରେ ପଡୁଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ଲୋକେ ବାଧ୍ୟ ହୋଇ ଖୋଲା ସ୍ଥାନକୁ ଯାଉଛନ୍ତି। ଏହା କେବଳ ଅସ୍ୱଚ୍ଛତା ନୁହେଁ, ମହିଳାଙ୍କ ସୁରକ୍ଷା ଓ ମର୍ଯ୍ୟାଦା ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଗଣମାଧ୍ୟମ ଜରିଆରେ ଓଳାଭର ବଣିକ ସଂଘ ସଭାପତି କହିଛନ୍ତି, ଆମେ ବାରମ୍ବାର ପଞ୍ଚାୟତ ଓ ବ୍ଲକ ପ୍ରଶାସନଙ୍କୁ ଜଣାଇଲୁ, ହେଲେ କିଛି ଫଳ ମିଳିଲାନି। ତେଣୁ ଗଣମାଧ୍ୟମ ଜରିଆରେ ଆମେ କେନ୍ଦ୍ରାପଡ଼ା ସାଂସଦଙ୍କୁ ଅନୁରୋଧ କରୁଛୁ ସାଂସଦ ପାଣ୍ଠି କିମ୍ବା ସ୍ୱଚ୍ଛ ଭାରତ ମିଶନରୁ ଅନୁଦାନ ଦେଇ ମାର୍କେଟର ମଧ୍ୟଭାଗରେ ମହିଳା ଓ ପୁରୁଷଙ୍କ ପାଇଁ ପୃଥକ ଆଧୁନିକ ଶୌଚାଳୟ ନିର୍ମାଣ କରନ୍ତୁ। ସ୍ଥାନୀୟ ଯୁବକ ସଂଘ ସମ୍ପାଦକ କହିଛନ୍ତି, ସରକାର ଗାଁ ଗାଁରେ ଶୌଚାଳୟ କରୁଛନ୍ତି। ତେବେ ହଜାର ହଜାର ଲୋକ ଏକାଠି ହେଉଥିବା ମାର୍କେଟରେ ଶୌଚାଳୟ ନାହିଁ। ଏହା ଅତ୍ୟନ୍ତ ଦୁଃଖର ବିଷୟ। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

# ମାଟ୍ରିକ ବ୍ଲକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ରାଜନଗର,୧୩।୬(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓସ୍ତା) ରାଜନଗର ବ୍ଲକ ପକ୍ଷରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବ୍ଲକ୍ ଟପ୍ପର ହୋଇଥିବା ଗୋପାଳପୁର ବନବିହାରୀଜୀଉ ସରକାରୀ ଉଚ୍ଚବିଦ୍ୟାଳୟ ଛାତ୍ର ସତ୍ୟଜିତ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସଂଘ ସଭାପତି ମାନସ ମିଶ୍ର, ସମ୍ପାଦକ ସମୀରଣ ମଣ୍ଡଳ, ବ୍ଲକ୍ ନୋଡାଲ ପ୍ରଧାନଶିକ୍ଷକ ସୁଭ୍ରଜ ବରାଳ, ସ୍କୁଲ ଶିକ୍ଷକ ସତ୍ୟଜିତ ପ୍ରଧାନ, ସମାଜସେବୀ ବାଇଲୋଚନ ରାଉତ, ମାନସ ରାଉତ ଓ ସତ୍ୟଜିତ ଜେନାଙ୍କ ପିତା ସୁଶାନ୍ତ କୁମାର ଜେନା ଓ ମାଆ ରଶ୍ମିତା ରାଉତ ଉପସ୍ଥିତ ଥିଲେ।

# କର୍କଟ ପୀଡ଼ିତ କଳାକାରଙ୍କୁ ସହାୟତା

ଡେରାବିଶ,୧୩।୬(ସମିସ): ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ ବଦନୀଦେବୀ ଚାରିଟେବୁଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ପ୍ରତିଷ୍ଠିତ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ କର୍କଟ ରୋଗରେ ପୀଡ଼ିତ ଜଣେ ପାଲା ଗାୟକଙ୍କୁ ସହାୟତା ପ୍ରଦାନ କରାଯାଇଛି। ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳର ଜଳପୋକ ପଞ୍ଚାୟତ ଅନ୍ତର୍ଗତ ପକ୍ଷୋଟ ଗ୍ରାମର ପ୍ରତିଷ୍ଠିତ ପାଲା ଗାୟକ ପ୍ରଶାନ୍ତ କୁମାର ଦାସ (୫୫) ୨୦୨୩ରୁ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି। ଏହା ଏକ ବ୍ୟୟବହୁଳ ଚିକିତ୍ସା ହୋଇଥିବାରୁ ଶ୍ରୀ ଦାସଙ୍କ ପକ୍ଷେ ଏହା ସମ୍ଭବ ହେଉନାହିଁ। ଏ ଖବର ଜାଣି କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ ମନୋଜ ପ୍ରଧାନଙ୍କ ନିର୍ଦ୍ଦେଶରେ ବିଦ୍ୟାଳୟର ଶିକ୍ଷକ ହରେକୃଷ୍ଣ ମହାନ୍ତି ଓ ଦୁର୍ଗାପ୍ରସାଦ ପଣ୍ଡା ଶ୍ରୀ ଦାସଙ୍କ ବାସଭବନରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଞ୍ଚୁପାଣ୍ଡବ,୧୩।୬(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ସ୍ୱାଇଁଙ୍କୁ ପଞ୍ଚାୟତ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭାରେ ସରପଞ୍ଚ ମାନସୀ ସାମଲ ସଭାପତିତ୍ୱ କରିଥିଲାବେଳେ ବିଡିଓ ନମିତା ବାରିକ, ଏବିଡ଼ିଓ ମୃନ୍ମୟ କୁମାର ରାଉତ, ଚାଟରାଚକଡା ପଞ୍ଚାୟତର ସମିତି ସଭ୍ୟ ନିରଞ୍ଜନ କର, ରଘୁଦେଇପୁର ସମବାୟ ସମିତି ସମ୍ପାଦକ ଜୟପ୍ରକାଶ ସ୍ୱାଇଁ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଶ୍ରୀ ସ୍ୱାଇଁ କୁରୁଜଙ୍ଗା ଓ ବାଲିଆ ପଞ୍ଚାୟତର ପିଇଓ ଭାବେ ଦାୟିତ୍ୱ ତୁଲାଇଥିଲେ ବୋଲି ଆଜି ତାଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧିତ କରିଥିବା ସମାଜସେବୀ ସତ୍ୟରଞ୍ଜନ ସାମଲ କହିଛନ୍ତି। ଶ୍ରୀ ସ୍ୱାଇଁ ଗତ ମେ’ ମାସ ୩୧ ତାରିଖରେ ଅବସର ଗ୍ରହଣ କରିଥିଲେ। ଈଶ୍ୱର ପୃଷ୍ଟି ସଭା ପରିଚାଳନା କରିଥିବାବେଳେ ଏଡିଇଓ ସୁଧାଂଶୁ ଶେଖର ବେହେରା, ନାଏବ ସରପଞ୍ଚ ଗଙ୍ଗାଧର ପୃଷ୍ଟି, ଶ୍ରୀକାନ୍ତ ନାଥ, ହିମାଂଶୁ ସାହୁ, ଅଲେଖ ରାଉତ, ଚନ୍ଦ୍ରମଣି ମହାନ୍ତି, ନବଘନ ସେଠୀ, ରତ୍ନାକର ମଲିକ ଓ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ହେମନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ତର୍ଜାତିକ ଚେସ୍‌ରେ ଚାମ୍ପିଅନ୍ ହୋଇ ଗୌରବ ଆଣିଲେ ପ୍ରିୟାଂଶୁ

ରାଜକନିକା,୧୩।୬(ସମିସ): ରାଜକନିକା ବ୍ଲକ ହାଟସାହି ଗ୍ରାମର ପ୍ରିୟାଂଶୁ ନାୟକ କିଟ୍ ଇଣ୍ଟରନ୍ୟାସନାଲ ଚେସ୍‌ର ୧୩ ବର୍ଷରୁ କମ୍ ବର୍ଗରେ ଚାମ୍ପିଅନ୍ ହୋଇ ରାଜକନିକା ପାଇଁ ଗୌରବ ଆଣିଛନ୍ତି। ମୁଖ୍ୟଅତିଥି ଭାବେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ସମ୍ମାନିତ ଅତିଥି ଭାବେ ଅଲ୍ ଇଣ୍ଡିଆ ଚେସ ଫେଡ଼େରେସନ ସଦସ୍ୟ ରଞ୍ଜନ ମହାନ୍ତି, ଆଇଏମ ଶେଖର ଚନ୍ଦ୍ର ସାହୁ, ଅଲ ଓଡ଼ିଶା ଚେସ ଆସୋସିଏସନର ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ସଭାପତି ଜେସି ମହାପାତ୍ର ଯୋଗଦେଇ ପ୍ରିୟାଂଶୁ ନାୟକଙ୍କୁ ଚାମ୍ପିଅନ ଟ୍ରଫି ସହିତ ୮ ହଜାର ଟଙ୍କା ପୁରସ୍କୃତ କରିଥିଲେ। ଅଞ୍ଚଳବାସୀ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଆଗାମୀ ଦିନରେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଅଧିକ ସଫଳତା ହାସଲ କରନ୍ତୁ ବୋଲି ଶୁଭ କାମନା ଜଣାଇଛନ୍ତି।

# ଏସ୍‌କେ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ପଟ୍ଟାମୁଣ୍ଡାଇ,୧୩।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଏସ୍‌କେ ଉଚ୍ଚବିଦ୍ୟାଳୟ ୨୦୦୧ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସନାତନ ତରାଇଙ୍କ ସଂଯୋଜନାରେ ଶିକ୍ଷକ ଅଶୋକ ଦାସ, ପ୍ରେମାନନ୍ଦ ଦାସ, ରବୀନ୍ଦ୍ର ପାତ୍ର, ଦିଲ୍ଲୀପ ଖଣ୍ଡାଇ, ଦିଲ୍ଲୀପ ପରିଡା, ଦୟାନିଧି ଦାସ, ସତ୍ୟାନନ୍ଦ ବିଶ୍ୱାଳ, ଦୈତାରୀ ଦାସ, ମାଗୁଣି ଚରଣ ବାରିକ, ସନ୍ତୋଷ ମଲ୍ଲିକ ପ୍ରମୁଖ ଯୋଗଦେଇ ସମଗ୍ର ଧୋୟାଞ୍ଚଳର ଏହି ଗାରିମାମୟ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ପରାଲୋକଗତ ଦୁଇ ଶିକ୍ଷକ ଚିତ୍ତରଞ୍ଜନ ରାଉତ ଓ ବସନ୍ତ ଦାଶ, ଚାରିଜଣ ବନ୍ଧୁଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଗୁରୁପୂଜନ ଉତ୍ସବରେ ଛାତ୍ରଛାତ୍ରୀ ଗୁରୁଙ୍କ ପାଦ ଧୋଇ ଦେଇ ଉତ୍ତରୀୟ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପରେ ଏହି ମହାନ ଶିକ୍ଷାନୁଷ୍ଠାନ ବିକାଶ ପାଇଁ ସମସ୍ତ ଛାତ୍ରଛାତ୍ରୀ ଶପଥ ନେଇଥିଲେ। ବର୍ତ୍ତମାନର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ମଲ୍ଲିକ ଓ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସୁନୀଲ ପାତ୍ର, ଅଶ୍ୱିନୀ ସାହୁ, ସୂର୍ଯ୍ୟକାନ୍ତ ପରିଡା, ସୁକୁମାର ତରାଇ, ତୁଷାରକାନ୍ତ ଧଳ, ଚନ୍ଦନ ରାଉତ, ଅନୁରୁଦ୍ଧ ରାଉତ, ଅରୋଦୀପ ରାଉତ, କିଷାନ ପାଣ୍ଡବ, ଜିତେନ୍ଦ୍ର ଦାସ, ମନ୍ମଥ ଦାସ, ସାଗରୀକା ଦାସ, ନିବେଦିତା ଦାସ, ଶର୍ମିଷ୍ଠା ଧଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜନଗର ଆଞ୍ଚଳିକ ଆସନ ମନ୍ଦିରର ପ୍ରତିଷ୍ଠା ଦିବସ

ରାଜନଗର,୧୩।୬(ସମିସ): ରାଜନଗରସ୍ଥ ଠାକୁର ନିଗମାନନ୍ଦ ପରମହଂସ ଦେବଙ୍କ ଆଞ୍ଚଳିକ ମନ୍ଦିରର ୪୧ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ସଙ୍ଘର ବରିଷ୍ଠ ସଦସ୍ୟ ଶରତ ବେହେରାଙ୍କ ପୌରୋହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୀଳାଚଳ ସାରସ୍ୱତ ସଙ୍ଘର ପୂର୍ବତନ ସମ୍ପାଦକ ବ୍ରହ୍ମାନନ୍ଦ ବେହେରା ଯୋଗ ଦେଇଥିଲେ। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଶ୍ରୀଶ୍ରୀ ଠାକୁରଙ୍କ ନୀତିକାନ୍ତି କରାଯାଇଥିଲା। ଏଥିରେ ରାଜନଗର ଆଞ୍ଚଳିକ ସଙ୍ଘ ସଭାପତି ବିଜୟ ଜେନା, ସମ୍ପାଦକ ଅନୀଲ ବଳ, ଅକ୍ଷୟ ନାୟକ, ତ୍ରିଲୋଚନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମାନନ୍ଦ ସାହୁ, ଗିରିଧାରୀ ନାୟକ, ବୈଷ୍ଣବ ବେହେରା, ନୃସିଂହ ଜେନା, ସୀତାଂଶୁ ଶେଖର ରାୟ, ନିଗମାନନ୍ଦ ନାୟକ, ପ୍ରଶାନ୍ତ ରାଉତ, କୃପାସିନ୍ଧୁ ସାମଲ, ଅଶୋକ ମହାନ୍ତି, ନିରଞ୍ଜନ ଶତପଥୀ, ପୂର୍ଣ୍ଣଚନ୍ଦ୍ର ପଢିହାରୀ, ଶଶୀକଳା ସ୍ୱାଇଁ, ବ୍ରହ୍ମାନନ୍ଦ ରାଉତ, ବିଜୟ ବେହେରା, ନବଘନ ସାହୁ, ଗୋକୁଳ ମାହନ୍ତ, ନଳିନୀକାନ୍ତ ବିଶ୍ୱାଳ, ସୁରେନ୍ଦ୍ର ବିଶ୍ୱାଳ, ଗୌରୀ ପଣ୍ଡା, ବାସନ୍ତୀ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## କେବେ ହେବ ଲୁଣାନଦୀ ସେତୁ ସଂଯୋଗୀକରଣ ରାସ୍ତା

# ବିପଦସଂକୁଳ ଅବସ୍ଥାରେ କେନାଲ ବନ୍ଧ ଓ ଲକ୍ ପୋଲ

ଡେରାବିଶ, ୧୩।୬(ସମିସ)



ଗମନାଗମନର ସୁବିଧା ପାଇଁ ଲୁଣାନଦୀର ଡେରାବିଶ ବ୍ଲକ୍ ଅନ୍ତର୍ଗତ ଦାନପୁରଠାରେ ଏକ ସେତୁ ନିର୍ମାଣ ନିମନ୍ତେ ଜନସାଧାରଣଙ୍କ ଦାବିରେ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଲୁଣାନଦୀ ସେତୁ ଓ କେନ୍ଦ୍ରାପଡ଼ା କେନାଲ୍ ଉପରେ ସେତୁ ନିର୍ମାଣ ହୋଇଥିଲା। ଏହି ସେତୁକୁ ସଂଯୋଗ କରିବା ପାଇଁ ଆବଶ୍ୟକ ସଂଯୋଗୀକରଣ ରାସ୍ତା ପାଇଁ ଜମି ଅଧିଗ୍ରହଣ ବି ସରିଥିଲା। କିନ୍ତୁ ଅଧିଗୃହିତ ଜମିରୁ ଉଚ୍ଛେଦ ନିମନ୍ତେ ପ୍ରଶାସନର ଇଚ୍ଛାଶକ୍ତି ଅଭାବରୁ ବହୁଦିନ ଧରି ଏହି ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇପାରିଲାନାହିଁ। ଗତ ତିନିବର୍ଷ ପୂର୍ବେ ସେତେବେଳର ବିଧାୟିକା ସାବିତ୍ରୀ ଅଗ୍ରୱାଲ ସଂଯୋଗୀକରଣ ରାସ୍ତା ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିଥିଲେ। କାମ ଆରମ୍ଭ ହେବା ପୂର୍ବରୁ ରାସ୍ତାର ଡିଜାଇନ୍ ବଦଳାଇବା ଓ ଭୂମି ପରୀକ୍ଷା ବାହାନାରେ ତିନିବର୍ଷ ବିତିଗଲାଣି। ତେବେ ଲୁଣାସେତୁକୁ ବ୍ୟବହାର ପାଇଁ କେନ୍ଦ୍ରାପଡ଼ା କେନାଲ୍‌ର ଉଭୟ ପାର୍ଶ୍ୱର୍ ବନ୍ଧ ଓ ଦାନପୁରଠାରେ କେନ୍ଦ୍ରାପଡ଼ା କେନାଲ୍ ଉପରେ ଥିବା ଲକ୍ ପୋଲଦେଇ ଯାନବାହାନ ଯାତାୟତ କରୁଛି। ସ୍ୱାଧୀନତା ପୂର୍ବରୁ ନିର୍ମିତ କେନ୍ଦ୍ରାପଡ଼ା କେନାଲରେ ଦାନପୁରସ୍ଥ ଲକ୍ ପୋଲ ଦେଇ ଭାରୀଯାନ ଯାତାୟାତ ଯୋଗୁ ପୋଲଟି ଦୁର୍ବଳ ହୋଇ ବିପଦସଙ୍କୁଳ ଅବସ୍ଥାରେ ଥିବାବେଳେ କେନାଲର ଉଭୟ ବନ୍ଧ ଦୁର୍ବଳ ହୋଇପଡ଼ିଛି। ଆଜି ପୂର୍ବାହ୍ନରେ ଏକ ୧୨ଚକିଆ ଭାରୀଯାନ କେନାଲ୍ ବନ୍ଧ କଡ଼କୁ ଖସିଯାଇଥିବାବେଳେ ଦୀର୍ଘ ସମୟ ଧରି ଯାତାୟାତ ଠପ୍ ହୋଇଯାଇଥିଲା। ଉଭୟ ପାର୍ଶ୍ୱରେ ବହୁ ଯାନବାହାନ ଦୀର୍ଘ ସମୟ ଧରି ଅଟକି ରହିଥିଲା। ଏହି ବିପଦସଙ୍କୁଳ ଲକ୍ ପୋଲଟି କେତେବେଳେ ଭାଙ୍ଗିପଡ଼ିବ କହି ହେବନି। ତୁରନ୍ତ ସଂଯୋଗୀକରଣ ରାସ୍ତା ନିର୍ମାଣ ପାଇଁ ତିନିବର୍ଷ ତଳେ ହୋଇଥିବା ଟେଣ୍ଡରକୁ କାର୍ଯ୍ୟକାରୀ କରିବା ପାଇଁ ଜନସାଧାରଣରେ ଦାବି ହେଉଛି।

୧୩/୬/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୪୨,୭୩୭/-
ସୁନା:୦୨.୨୦୦ ଗ୍ରାମ୍
ରୁପା: ୧୦.୦୦୦ ଗ୍ରାମ୍





# ମନ୍ତ୍ରୀ ପାରିଲେନି; ଭକ୍ତଙ୍କୁ ମାଗଣା ମହାପ୍ରସାଦ ବାଣ୍ଟିବ ନିଯୋଗ

ପୁରୀ,୧୩।୬(ସମିସ): ଭକ୍ତଙ୍କୁ ବଣ୍ଟାଯିବ ମାଗଣା ମହାପ୍ରସାଦ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଏପରି ଘୋଷଣାକୁ ଆଉ କିଛି ଦିନ ପରେ ୨ବର୍ଷ ପୂରିବ। ହେଲେ ଏଯାଏଁ ଭକ୍ତଙ୍କୁ ମିଳିପାରିଲାନି ମାଗଣା ମହାପ୍ରସାଦ। ତେବେ ଏ ଦିଗରେ ଅଣ୍ଟା ଭିଡ଼ିଛି ସୁଆର ମହାସୁଆର ନିଯୋଗ। ରଥଯାତ୍ରା ପରେ ନିଯୋଗ ପକ୍ଷରୁ ଭକ୍ତଙ୍କୁ ଉତ୍ତର ଦ୍ୱାରରେ ମହାପ୍ରସାଦ ବଣ୍ଟନ କରାଯିବ ବୋଲି କହିଛନ୍ତି ନିଯୋଗ ସଭାପତି ନାରାୟଣ ମହାସୁଆର।

ଶ୍ରୀମନ୍ଦିରକୁ ଦୈନିକ ହଜାର ହଜାର ଶ୍ରଦ୍ଧାଳୁ ଆସିଥା'ନ୍ତି। ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିସାରିବା ପରେ ପ୍ରାୟ ପ୍ରତ୍ୟେକଙ୍କର ମହାପ୍ରଭୁଙ୍କ ମହାପ୍ରସାଦ ପାଇବାକୁ ଇଚ୍ଛା ଥାଏ। ହେଲେ ସମସ୍ତେ ଆନନ୍ଦ ବଜାରରୁ ଅବଢା କିଣି ଖାଇବାକୁ ସମର୍ଥ ହୋଇନଥାନ୍ତି। କିଏ ଆର୍ଥିକ ଦୃଷ୍ଟିକୋଣରୁ ତ ଆଉ କେହି ସମୟ ଅଭାବରୁ ଦର୍ଶନ ସାରି ଫେରିଯାନ୍ତି। ତେଣୁ ମହାପ୍ରସାଦ ପାଇବା ପାଇଁ ଆଶା ରଖିଥିବା ଶ୍ରଦ୍ଧାଳୁଙ୍କୁ ମାଗଣାରେ କଣିକାଏ ଅବଢ଼ା ଦେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିଥିଲା। ୨୦୧୬ ମସିହା ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିଲା ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ବାଇଶି ପାହାଚରେ ଦୁଇ ବଡ଼ ଆଟିକାରେ ପ୍ରତ୍ୟହ ଏହି ମହାପ୍ରସାଦ ବଣ୍ଟନ କରାଯାଉଥିଲା। ଆନନ୍ଦ ବଜାରରୁ ଅବଢ଼ା କିଣି ନପାରିଲେ ମଧ୍ୟ ଭକ୍ତମାନେ କଣିକାଏ ଲେଖାଏ ମହାପ୍ରସାଦ ପାଇ ଆନନ୍ଦ ମନରେ ଫେରୁଥିଲେ। ହେଲେ ବଣ୍ଟାଯିବାର



ପ୍ରାୟ ଦେଢ଼ବର୍ଷ ପରେ ଏହା ବନ୍ଦ ହୋଇଯାଇଥିଲା।

କିନ୍ତୁ, ୨୦୨୪ ଅଗଷ୍ଟରେ ପୁରୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ମାଗଣା ମହାପ୍ରସାଦ ମିଳିବ ବୋଲି କହିଥିଲେ ଆଇନ ମନ୍ତ୍ରୀ। ପରବର୍ତ୍ତୀ ସମୟରେ ଏହା ଉପରେ ମନ୍ତବ୍ୟ ଦେଇ ଶ୍ରୀ ହରିଚନ୍ଦନ କହିଥିଲେ ଯେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ମାଗଣାରେ ମିଳିବ ମହାପ୍ରସାଦ। ଶ୍ରଦ୍ଧାଳୁଙ୍କୁ ମହାପ୍ରସାଦ କୁଡୁଆ ଦେବାକୁ ଯୋଜନା କରାଯାଉଛି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ସଂଖ୍ୟାଦୃଷ୍ଟିରୁ ବର୍ଷକୁ ଏ ବାବଦରେ ବର୍ଷକୁ ୧୪ରୁ ୧୫କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ନିଆଯିବ। ସେମାନେ ମଧ୍ୟ ପୁଣ୍ୟ ଅର୍ଜନ କରିବେ। ଏଥିଲାଗି ଭକ୍ତ ସମାଜକୁ ଅନୁରୋଧ କରିଛୁ, ଅନେକ ଭକ୍ତ ଆସି ସହଯୋଗର ହାତ ବି ବଢ଼ାଇଛନ୍ତି। ଯେଉଁ ବଦାନ୍ୟ ଭକ୍ତମାନେ ଅଛନ୍ତି ସେମାନଙ୍କ ସହଯୋଗରେ ଏହା ହେବ। କାର୍ତ୍ତିକ ମାସ ପରେ ଏହି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କହିଥିଲେ। ଇତିମଧ୍ୟରେ ଦୁଇଟି କାର୍ତ୍ତିକ ଗଲାଣି, ହେଲେ ଭକ୍ତଙ୍କୁ ମିଳିପାରିଲା ନାହିଁ।

ଅନ୍ୟପକ୍ଷରେ ଶନିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ମନ୍ତ୍ରୀ ଘୋଷଣା କରିଥିଲେ ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ କରାଯିବ। ହେଲେ ଏହା ଆରମ୍ଭ ହୋଇପାରିନାହିଁ। ଆମ ନିଯୋଗ ପକ୍ଷରୁ ରଥଯାତ୍ରା ସରିବା ପରେ ଭକ୍ତଙ୍କୁ ଉତ୍ତର ଦ୍ୱାରରେ ଅବଢ଼ା ବାଣ୍ଟିବା ଲାଗି ନିଷ୍ପତ୍ତି ହୋଇଛି ବୋଲି ସେ କହିଛନ୍ତି।

## ମହାପ୍ରଭୁଙ୍କ ଦର୍ଶନ କଲେ ରାଜ୍ୟପାଳ



ପୁରୀ,୧୩।୬(ସମିସ): ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପତି ଶନିବାର ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମ୍‌ପତିଙ୍କ ସହ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଅପରାହ୍ଣରେ ରାଜ୍ୟପାଳ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ। ରାଜ୍ୟପାଳ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ଦର୍ଶନ କରି ଓଡ଼ିଶାର ନିରନ୍ତର ଶାନ୍ତି, ପ୍ରଗତି ଓ ସମୃଦ୍ଧି ସହ ରାଜ୍ୟବାସୀଙ୍କ କଲ୍ୟାଣ କାମନା କରିଥିଲେ। ଦର୍ଶନ ପରେ ରାଜ୍ୟପାଳ ମନ୍ଦିର ପରିସରର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଏହି ଅବସରରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ଓ ଜିଲ୍ଲାପାଳ ଶ୍ରୀ ପରିଡ଼ା ରାଜ୍ୟପାଳଙ୍କୁ ମନ୍ଦିର ପ୍ରଶାସନ, ପରିଚାଳନା ଏବଂ ଭକ୍ତମାନଙ୍କ ପାଇଁ କରାଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ।

● ନଦୀରେ ଗାଧୁଆ ହେଲା କାଳ

## ଚାଲିଗଲା ଦୁଇ ଭାଇଙ୍କ ଜୀବନ

ପୁରୀ,୧୩।୬(ସମିସ): ନଦୀରେ ଗାଧୋଇବା ହେଲା କାଳ। ଅକାଳରେ ଚାଲିଗଲା ଦୁଇଭାଇଙ୍କର ଜୀବନ। ମୃତକ ହେଉଛନ୍ତି ପୁରୀ ସଦର ବ୍ଲକ୍ ବୀରପ୍ରତାପପୁର ପଞ୍ଚାୟତ କେତକୀପାଟଣା ଗ୍ରାମର ରାମକୃଷ୍ଣ ରାୟଙ୍କ ପୁଅ ଆଦିତ୍ୟ (୧୩) ଏବଂ ତାଙ୍କ ଭାଇ ନବକିଶୋର ରାୟଙ୍କ ପୁଅ ସାଇକ୍ରିଷ୍ଣା (୧୨)। ଦୁଇଭାଇଙ୍କର ମୃତ୍ୟୁକୁ ନେଇ ଚନ୍ଦନପୁର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଏବେ ସ୍କୁଲ ଛୁଟି ଅଛି। ଦୁଇଭାଇ ଶନିବାର ସକାଳ ପ୍ରାୟ ୯ଟା ସମୟରେ ଚନ୍ଦନପୁର ଜାନକାଦେଇପୁର ପିଏଚ୍ ନିକଟ ବ୍ରିଜ୍ ତଳେ ଭାର୍ଗବୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ହେଲେ କିଏ ଜାଣିଥିଲା ସେଠାରେ ମୃତ୍ୟୁ ଛକି ବସିଛି ବୋଲି। ଦୁଇଭାଇ ଗାଧୋଉଥିବା ବେଳେ ହଠାତ୍ ନଦୀ ଭିତରକୁ ଚାଲି ଯାଇଥିଲେ, ଯେଉଁଠି ସେମାନଙ୍କୁ ଥଳକୂଳ ମିଳି ନ ଥିଲା। ଉଭୟେ ବୁଡ଼ିଯାଇଥିଲେ। ସେଠାରେ ଥିବା କିଛି ଲୋକ ଦେଖି ସଙ୍ଗେ ସଙ୍ଗେ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ। ଯେହେତୁ ସେଠାରେ ପାଣି ଗଭୀର ଥିଲା ତେଣୁ ବୁଡ଼ି ଖୋଜିବାରେ ବି ସମସ୍ୟା ହୋଇଥିଲା। ପରେ ଦୁଇଭାଇଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ପାଣି ପିଇ ଦେଇଥିବାରୁ ପେଟ ଚିପି ପାଣି ବାହାର କରି ସଙ୍ଗେ ସଙ୍ଗେ ପ୍ରଥମେ ଚନ୍ଦନପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋଟିଏ ପରିବାରର ଦୁଇଭାଇଙ୍କ ଜୀବନ ଚାଲିଯିବା ଘଟଣାକୁ ନେଇ ହସ୍ପିଟାଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଚନ୍ଦନପୁର ଥାନା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ହଜିଥିବା ସୁନାଚେନ୍ ଓ ଟଙ୍କା ଉଦ୍ଧାର କରି ଫେରାଇଲା ପୁଲିସ

ପୁରୀ,୧୩।୬(ସମିସ): ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପୁରୀ ପୁଲିସ ତତ୍ପରତା ଦେଖାଇଛି। ବଳଙ୍ଗା ଥାନା ପାଟଣାସାହିର ପୁଷ୍ପଲତା ସାହୁଙ୍କର ହଜିଯାଇଥିବା ପ୍ରାୟ ୨୫ ଗ୍ରାମ୍ ଓଜନର ସୁନାଚେନ୍, ସୁନା ଲକେଟ୍ ଓ ନଗଦ ୩,୫୦୦ ଟଙ୍କାକୁ ପୁଲିସ ଉଦ୍ଧାର କରି ତାଙ୍କୁ ଫେରସ୍ତ କରିଛି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ପୁରୀ ପୁଲିସ ତୁରନ୍ତ ଅନୁସନ୍ଧାନ ଆରମ୍ଭ କରି ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ପୁଲିସର ତତ୍ପରତା ଯୋଗୁଁ ସମସ୍ତ ସାମଗ୍ରୀ ଠାବ ହୋଇ ଯଥାବିଧି ଯାଞ୍ଚ ଓ ପରିଚୟ ପ୍ରକ୍ରିୟା ପରେ ଶ୍ରୀମତୀ ସାହୁଙ୍କୁ ସୁରକ୍ଷିତ ଭାବେ ହସ୍ତାନ୍ତର କରାଯାଇଥିଲା। ନିଜର ମୂଲ୍ୟବାନ ସମ୍ପତ୍ତି ପୁଣି ପାଇ ଶ୍ରୀମତୀ ସାହୁ ଓ ତାଙ୍କ ପରିବାର ପୁରୀ ପୁଲିସର ଏହି ସେବା ପାଇଁ କୃତଜ୍ଞତା ଜଣାଇଛନ୍ତି।

## ୧୧ ମୋବାଇଲ୍ ଜବତ; ଲୁଟେରା ଗିରଫ

ପୁରୀ,୧୩।୬(ସମିସ): ସମୁଦ୍ର କୂଳ ଥାନା ପୁଲିସ ଜଣେ ମୋବାଇଲ୍ ଚୋରକୁ ଗିରଫ କରିବା ସହ ତା' ନିକଟରୁ ୧୧ଟି ଚୋରା ମୋବାଇଲ୍ ଜବତ କରିଛି। ଅଭିଯୁକ୍ତ ହେଲେ ଗୋପ ଥାନା ମଦରଙ୍ଗର ରାଜା ଦାସ। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତି କଟକ ଜିଲ୍ଲା ଜଗତପୁର ଥାନା ସନ୍ୟାସୀପାଟଣାର ଜୟଦେବ ସାମଲ ଓ ତାଙ୍କ ସାଙ୍ଗ ଚିତ୍ତରଞ୍ଜନ ପ୍ରଧାନ ପୁରୀ ଆସି ପୁରୀ ହୋଟେଲ୍ ସମ୍ମୁଖ ବେଳାଭୂମିରେ ଶୋଇଥିଲେ। ଭୋର୍ ପ୍ରାୟ ୪ଟା ବେଳେ ଜଣେ ବ୍ୟକ୍ତି ଜୟଦେବଙ୍କ ମୋବାଇଲ୍ ଚୋରି କରି ପଳାଉଥିଲା। ଜୟଦେବ ଓ ତାଙ୍କ ସାଙ୍ଗ ତାକୁ ପିଛା କରି ପୁଲିସ ଜିମା ଦେଇଥିଲେ। ତା' ନିକଟରୁ ଗୋଟିଏ ମୋବାଇଲ୍ ଜବତ ହୋଇଥିଲା। ଅଭିଯୁକ୍ତକୁ ପଚରାଉଚରା ପରେ ହାପି ହୋମ୍ ଛକ ଭୂତକୋଠି ନିକଟରୁ ଆଉ ୧୦ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଅଭିଯୁକ୍ତକୁ ଶନିବାର କୋର୍ଟଚାଲାଣ କରିଥିଲା। ପୁଲିସ ଜବତ ମୋବାଇଲ୍‌ଗୁଡ଼ିକ ଆଉ କେଉଁ ଚୋରି ମାମଲା ସହ ଜଡ଼ିତ ଅଛି ତା'ର ତଦନ୍ତ ଜାରି ରଖିଛି।

## ଦାଦାବଟି ଆଦାୟ, ଅଭିଯୁକ୍ତ ଗିରଫ

ପୁରୀ,୧୩।୬(ସମିସ): ଛୁରି ଦେଖାଇ ବ୍ୟବସାୟୀଙ୍କଠାରୁ ଦାଦାବଟି ଆଦାୟ କରୁଥିବା ଜଣେ ବ୍ୟକ୍ତିକୁ ଗିରଫ କରିଛି କୁମ୍ଭାରପଡ଼ା ଥାନା ପୁଲିସ। ଅଭିଯୁକ୍ତ ହେଲେ ନରେନ୍ଦ୍ରକୋଣ ମଙ୍ଗଳାସାହିର ବିଜୁ ରାଣା। ଶନିବାର ପାଟ୍ରୋଲିଂ ବେଳେ ପୁଲିସ ଖବର ପାଇଥିଲା ଯେ, ଶ୍ରୀସେତୁ ପନିପରିବା ବଜାରରେ ଜଣେ ବ୍ୟକ୍ତି ଛୁରି ଦେଖାଇ ଦୋକାନୀଙ୍କଠାରୁ ଟଙ୍କା ଆଦାୟ କରୁଛି। ତୁରନ୍ତ ପୁଲିସ ପହଞ୍ଚି ଅଭିଯୁକ୍ତ ବିଜୁକୁ କାବୁ କରିଥିଲା। ତା' ନିକଟରୁ ଗୋଟିଏ ଛୁରି ଓ ୬୦୦ ଟଙ୍କା ଜବତ କରାଯାଇଛି। ଗିରଫ ପରେ ଅଭିଯୁକ୍ତକୁ ଶନିବାର କୋର୍ଟ ଚାଲାଣ କରିଥିଲା ପୁଲିସ।

## ପ୍ରତିବାଦ ପଦଯାତ୍ରାକୁ ୭୪ ଦିନ



ପୁରୀ,୧୩।୬(ସମିସ): ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି ପୁରୀବାସୀ। ପ୍ରାୟ ବର୍ଷେ ହେବ ଏଭଳି ଦାବି କରାଯାଉଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ହେଲେ ସମାନଙ୍କ ହକ୍ ହାସଲ ଦିଗରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ପଦଯାତ୍ରା ୭୪ ଦିନରେ ପହଞ୍ଚିଛି। ହେଲେ ହକ୍ ହାସଲ ପାଇଁ ଥକି ପଡ଼ିନାହାନ୍ତି। ପ୍ରତିଦିନ ଭଳି ଶନିବାର ସନ୍ଧ୍ୟାରେ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିଲା ଏହି ପଦଯାତ୍ରା। ତେବେ ଏହି ସମୟରେ ରାଜ୍ୟପାଳ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଯାଉଥିବାବେଳେ ପଦଯାତ୍ରୀ ନିରବ ପ୍ରତିବାଦ କରିଥିଲେ। ପରେ ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ। ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ସୁକାନ୍ତ ପଣ୍ଡା, ମନୋରଞ୍ଜନ ରଣସିଂହ, ବିଶ୍ୱନାଥ ମିଶ୍ର, ସରସ୍ୱତୀ ପାତ୍ର, ନିହାରିକା ତ୍ରିପାଠୀ, ସନ୍ଧ୍ୟାରାଣୀ ମିଶ୍ର, ମମତା ସ୍ୱାଇଁ, ପ୍ରଣତି ରାୟ, ଅରୁଣା ପଟ୍ଟନାୟକ, ମମତା ଦାସ, ଛବିରାଣୀ ମହାରଣା, ନୃସିଂହ ନାଥ ନାୟକ, ଜାଦବାନନ୍ଦ ରାୟ, ରାଜା ମହାନ୍ତି, ସନ୍ତୋଷ ସେନାପତି, ଅଭିମନ୍ୟୁ ପ୍ରଧାନ, ପ୍ରଫୁଲ୍ଲ ସାହୁ, ଲିଙ୍ଗରାଜ ସାହୁ, ପ୍ରଦୀପ୍ତ ମହାନ୍ତି, ଜଗନ୍ନାଥ ମହାନ୍ତି, ସଞ୍ଜୟ ମହାନ୍ତି, ସନ୍ଦୀପ କର୍ମକାର, ଲାଲା ଅନନ୍ତ କୁମାର ସିଂ ପ୍ରମୁଖ ସାମିଲ୍ ଥିଲେ।

## 'ବଡ଼ଦାଣ୍ଡ ସେବା'ର ରଜ ଉତ୍ସବ; କୁନି ପିଲାଙ୍କୁ ଉପହାର ବଣ୍ଟନ

ପୁରୀ,୧୩।୬(ସମିସ): ପବିତ୍ର ରଜ ଉତ୍ସବ ଅବସରେ ମରିଚୀକୋଟ ଛକରେ ଶନିବାର ''ବଡ଼ଦାଣ୍ଡ ସେବା' ଅନୁଷ୍ଠାନ ପକ୍ଷରୁ କୁନି କୁନି ପିଲାଙ୍କୁ ଉପହାର ବଣ୍ଟନ କରାଯାଇଛି। ରଜ ପରମ୍ପରାକୁ ଜୀବନ୍ତ ରଖିବା ଉଦ୍ଦେଶ୍ୟରେ ଅନୁଷ୍ଠାନ ତରଫରୁ ପିଲାଙ୍କୁ ଅଳତା, ଟିକିଲି, ମେହେନ୍ଦି, ପାଉଡର, କ୍ଲିପ୍, ମୁଦି, ବିସ୍କୁଟ ଓ ଚକୋଲେଟ୍ ଆଦି ସାମଗ୍ରୀ ବଣ୍ଟନ କରାଯାଇଥିଲା। ରଜର ଶୁଭେଚ୍ଛା ଜଣାଇବା ସହ ପିଲାଙ୍କ ମୁହଁରେ ହସ ଫୁଟାଇଥିଲା ଏହି



କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମକୁ ଅଭିଭାବକମାନେ ଖୁବ୍ ପ୍ରଶଂସା କରିଥିଲେ। ଏହାକୁ ପରିଚାଳନା କରିଥିଲେ ସୁନିଲ ମହାପାତ୍ର। ଏଥିରେ ବୃନ୍ଦାବନ ପାଣିଗ୍ରାହୀ, ଜଗନ୍ନାଥ ପାଢ଼ୀ, ରେଣୁବାଳା ପଣ୍ଡା, ଲକ୍ଷ୍ମୀପ୍ରିୟା ପାଢ଼ୀ, ଜଗନ୍ନାଥ ସୁବୁଦ୍ଧି, ମନୋଜ ସାହୁ, ବିନାୟକ ରାୟ ସିଂ, ସୂର୍ଯ୍ୟକାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ରଥ ନିର୍ମାଣ ସମୀକ୍ଷା କଲେ ଆର୍‌ଡିସି ଓ ଜିଲ୍ଲାପାଳ

ପୁରୀ,୧୩।୬(ସମିସ): ଶନିବାର ରଥ ନିର୍ମାଣ କାର୍ଯ୍ୟ ୫୪ ଦିନରେ ପହଞ୍ଚିଛି। ତିନିରଥର ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ସହଯୋଗୀ ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ସାମଗ୍ରିକ ଭାବେ ଆଗେଇ ଚାଲିଛି ତିନିରଥର ନିର୍ମାଣ କାର୍ଯ୍ୟ। ତିନିରଥର ଉପର ଭାଗର ବେଦୀ ସମ୍ମୁଖ ଭାଗକୁ ଛାଡ଼ି ଆଗ ଏବଂ ପଛ ପାଶ୍ୱର୍ରେ ତାଗ ବା ବଟନ୍ ବାଡ଼ିଆ ଆରମ୍ଭ ହୋଇଛି। ତାଗ ବାଡ଼ିଆ ପରେ ରଥ ବେଦୀ ଚାରିପାଶ୍ୱର୍ରେ ପଟା ପଡ଼ିବା ବାଡ଼ିଆ କାର୍ଯ୍ୟ ହେବ। ସେହିପରି ତିନିରଥର ୧୩ ପରାସ୍ତ ପୋଟଳ ନିର୍ମାଣ ପାଇଁ ଶନିବାର ଅପରାହ୍ଣରେ ରଥ ଅମୀନ ଭୋଇ ସେବକଙ୍କ ସହାୟତାରେ ତିନିରଥ ଚାଳିକୁ ପୋଟଳ ପଟା ଯୋଗାଇ ଦେଇଥିଲେ। ତାଳଧ୍ୱଜ ରଥର ମହାରଣାମାନେ ମାପ ପ୍ରକାରେ ଏକ ନମ୍ବର ପୋଟଳ ପଟା କଟିଙ୍ଗ୍ କାର୍ଯ୍ୟ ଆରମ୍ଭ କରିଛନ୍ତି। ଶନିବାର ମହାରଣା ସେବକମାନେ ତିନି ରଥର ଆଗ ଆଣି ଏବଂ ପଛ ଆଣି ଦୁଇଟି ଲେଖାଏଁ ୨୦ ଫୁଟିଆ କତରା ନିର୍ମାଣ କାର୍ଯ୍ୟ ଶେଷ କରିଛନ୍ତି। ଉକ୍ତ କତରାଗୁଡ଼ିକୁ ଭୋଇ ସେବକମାନେ ତିନିରଥରେ ସାଇତିଲା ପରେ ନନ୍ଦିଘୋଷ



ରଥର ମହାରଣା ଏବଂ ଭୋଇ ସେବକମାନେ ମିଶି ନନ୍ଦିଘୋଷ ରଥର ପଛ ଆଣି କତରା ଦୁଇ ପାଶ୍ୱର୍ରେ ଗୋଟିଏ ଗୋଟିଏ ସଂଯୋଗ କାର୍ଯ୍ୟ ଶେଷ କରିଛନ୍ତି। ରୂପକାର ସେବକମାନେ ରୂପ ଖୋଦେଇ ଶେଷ ହୋଇଥିବା ନାଟଗୋଡ଼ ରୂପର ପଲିସ୍ କାର୍ଯ୍ୟ ସହ ବାକି ନାଟଗୋଡ଼ଗୁଡ଼ିକରେ କନ୍ଦର୍ପ ରୂପ ଖୋଦେଇ ସହ ତିନିରଥର ଗୋଟିଏ ଗୋଟିଏ ଚାର ପରିଛାରେ ଚିତ୍ର ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନି ରଥର କଇଁଚି କଣ୍ଟା ନିର୍ମାଣ ସହ ପୋଟଳ ପାଇଁ ଗୋଡ଼ିଛାଲ, ବାଗିଆ, କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦୋଳବେଦୀଠାରେ ପାହି ମହାରଣାମାନେ ରଥଯାତ୍ରାରେ ଠାକୁରଙ୍କ ସେବା ପୂଜା ନିମନ୍ତେ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି। ଚିତ୍ରକର ସେବକମାନେ ସଫା ହୋଇ ରହିଥିବା ତିନି ରଥର ପାଶ୍ୱର୍ ଦେବଦେବୀ ମୂର୍ତ୍ତି, ସଖୀ, ଓଲଟ ଶୁଆ, ଦେବ ଦେବୀ ଆସ୍ଥାନ ଫ୍ରେମ୍ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ତେବେ ମିଳିଥିବା ସୂଚନା ଅନୁଯାୟୀ, ଶନିବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲ ପୁରୀ ଗସ୍ତରେ ଆସି ରଥ ନିର୍ମାଣ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିବା ସହ ସେବକମାନଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି। ତାଙ୍କ ସହ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉପସ୍ଥିତ ଥିଲେ।

## ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ 'ଏଲ୍ ସାଇନ୍ ଫେଷ୍ଟ'

ପୁରୀ,୧୩।୬(ସମିସ): ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଶୁକ୍ରବାର ଏଲ୍ ସାଇନ୍ ଷ୍ଟୁଡିଓ ପକ୍ଷରୁ ବାର୍ଷିକ ଉତ୍ସବ 'ଏଲ୍ ସାଇନ୍ ଫେଷ୍ଟ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା କରାଯାଇଥିଲା। ଆର୍ଟ୍ସ, ମୋନୋ ଆକ୍ସନ, ମଡର୍ଣ୍ଣ ଡ୍ୟାନ୍ସ, ସେମି କ୍ଲାସିକାଲ ଏବଂ ମିଷ୍ଟର ମିସ୍ ପ୍ରତିଯୋଗିତାରେ ଜିଲ୍ଲାର ବହୁ



ପ୍ରତିଭାବାନ୍ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଆକର୍ଷଣ ଥିଲା ଏଲ୍ ସାଇନରେ ଅଭିନୟ ଶିକ୍ଷା କରୁଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ନାଟକ ''ବଧୀରଈଶ୍ୱର'। ସ୍ୱର୍ଗତ ରଞ୍ଜିତ୍ ପଟ୍ଟନାୟକଙ୍କ ରଚନାକୁ ଆଧାର କରି ଏହାର ନିର୍ଦ୍ଦେଶନା ଦେଇଥିଲେ ସମୀର ଶତପଥୀ। ନାଟକଟି ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଉତ୍ସବରେ ନିଶାନ୍ତ ସାହୁ, ମନୋଜ ରଥ, ଦିବାକର ପାତ୍ର, ମଧୁସୂଦନ ସିଂହାରୀ, ଚକ୍ରଧର ମହାପାତ୍ର, ରୁଚିମିତ୍ରା ଜଗଦେବ, ଜଗନ୍ନାଥ ପୂଜାପଣ୍ଡା, ଗଣେଶ ମହାପାତ୍ର, ଡ. ରାଧେଶ୍ୟାମ ରଥ, ଡ. ପ୍ରଧାନ ଧିରେନ ରାୟ, ଭବାନୀ ଶଙ୍କର ସାହୁ, ରେଶ୍ମା ରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଏଲ୍ ସାଇନ୍ ଫାଉଣ୍ଡର ରଞ୍ଜନ କୁମାର ପଣ୍ଡା, କୋ-ଫାଉଣ୍ଡର ସମୀର ଶତପଥୀ, ପ୍ରଭୁପାଦ ମହାପାତ୍ର, ଗଣେଶ୍ୱର ଦାଶ, ସୌମ୍ୟରଞ୍ଜନ ମିଶ୍ର, ରାକେଶ କୁମାର ଜେନା, ଦେବାଶିଷ ସିଂ, ରବୀନ୍ଦ୍ର ଆଚାର୍ଯ୍ୟ ଏବଂ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ। ସାଂସ୍କୃତିକ ପ୍ରତିଭାର ବିକାଶ ଓ ମଞ୍ଚ ପ୍ରଦର୍ଶନ ପାଇଁ ଏହି ଉତ୍ସବ ଜିଲ୍ଲାରେ ଏକ ନୂତନ ପରମ୍ପରା ସୃଷ୍ଟି କରିଥିବା କହିଥିଲେ ଉପସ୍ଥିତ ବୁଦ୍ଧିଜୀବୀ।

ଜିଲ୍ଲାପାଳ-ସୁଆର ମହାସୁଆର ନିଯୋଗ ଆଲୋଚନା

# ଉତ୍ତର ଦ୍ୱାରରେ ଅବଢ଼ା ବିକ୍ରି ବ୍ୟବସ୍ଥା କରିବାକୁ ପ୍ରସ୍ତାବ

ପୁରୀ,୧୩।୬(ସମିସ)

ଶ୍ରୀମନ୍ଦିରରେ ବିଭିନ୍ନ ସମୟରେ ନୀତିକାନ୍ତିରେ ବିଳମ୍ବ ଏବଂ ବିଭ୍ରାଟ ହେଉଛି। ଏହାଦ୍ୱାରା ଭକ୍ତଙ୍କ ଦର୍ଶନ ପ୍ରଭାବିତ ହେଉଥିବାବେଳେ ଅନେକ ମହାପ୍ରସାଦ ପାଇପାରୁ ନାହାନ୍ତି। ଏପରିକି, ବିଳମ୍ବ ଯୋଗୁଁ ଅବଢ଼ା ବିକ୍ରି ହୋଇ ନ ପାରି ପୋତାଯିବାର ନଜିର ରହିଛି। ଏ ସଂକ୍ରାନ୍ତରେ ଶୁକ୍ରବାର ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛି ସୁଆର-ମହାସୁଆର ନିଯୋଗ। ଏହି ଆଲୋଚନାରେ ନିଯୋଗ ପକ୍ଷରୁ ଭକ୍ତଙ୍କ ସୁବିଧା ପାଇଁ କେତେକ ପ୍ରସ୍ତାବ ଦିଆଯାଇଛି। ଜିଲ୍ଲାପାଳ ମଧ୍ୟ ସକାରାତ୍ମକ ଆଭିମୁଖ୍ୟ ରଖିଥିବା ସୂଚନା ଦେଇଛନ୍ତି ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ହୋଇଥିବା ଏହି ଆଲୋଚନା ସମ୍ପର୍କରେ ଶ୍ରୀ ମହାସୁଆର କହିଛନ୍ତି, ଏବେ ଅଧିକାଂଶ ଦିନ ଶ୍ରୀମନ୍ଦିରରେ ନୀତିକାନ୍ତି ବିଳମ୍ବ ହେଉଛି।

### ନୀତିକାନ୍ତି ବିଳମ୍ବ ଯୋଗୁଁ ଭକ୍ତ ମହାପ୍ରସାଦ ପାଇପାରୁ ନାହାନ୍ତି

ଦ୍ୱାରଫିଟାଠାରୁ ଆରମ୍ଭ କରି ରାତ୍ର ପହୁଡ଼ ସବୁ ନୀତିରେ ବିଳମ୍ବ ହେଉଛି। ନିର୍ଘଣ୍ଟ ସମୟରେ ନୀତିକାନ୍ତି ସମ୍ପନ୍ନ ହେଉନାହିଁ। ଏହାର ପ୍ରଭାବ ମହାପ୍ରସାଦ ଉପରେ ପଡୁଛି। ଅନେକ ଭକ୍ତ ଇଚ୍ଛା କରିଥିଲେ ବି ଅବଢ଼ା ପାଇପାରୁନାହାନ୍ତି। ଯେଉଁମାନେ ଟ୍ରେନ୍, ବସ୍ ଯୋଗେ ଆସନ୍ତି ଏବଂ ଫେରିଯିବାର ଥାଏ ସେମାନେ ନୀତି ବିଳମ୍ବ ହେଲେ ଅବଢ଼ା ପାଇପାରନ୍ତି ନାହିଁ। ସେହିପରି ଦିନେ ଦିନେ ଦ୍ୱିତୀୟ ଭୋଗମଣ୍ଡପ ବାହାରିବାରେ ଏତେ ବିଳମ୍ବ ହେଉଛି ଯେ, ଯେଉଁମାନେ ଅବଢ଼ା ବରାଦି ଦେଇଥା'ନ୍ତି ସେମାନଙ୍କ ପାଖରେ ଠିକଣା ସମୟରେ ପହଞ୍ଚିପାରୁ ନାହିଁ। ଅଧଘଣ୍ଟାଏ କିମ୍ବା ଘଣ୍ଟାଏ ବିଳମ୍ବ ହେଲେ ଚଳିବ। କିନ୍ତୁ ବେଳେବେଳେ ୩/୪ ଘଣ୍ଟାରୁ ଅଧିକ ବିଳମ୍ବ ହୋଇଯାଉଛି।

ସେହିପରି ଯେଉଁମାନେ କେବଳ ମହାପ୍ରସାଦ ନେବାକୁ ଇଚ୍ଛା କରୁଛନ୍ତି ସେମାନଙ୍କୁ ମଧ୍ୟ ଧାଡ଼ିରେ ୨/୩ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏଥିପାଇଁ ବି ଅନେକଙ୍କର ଅବଢ଼ା ନେବାକୁ ଇଚ୍ଛା ଥିଲେ ମଧ୍ୟ ସେମାନେ ଧାଡ଼ିକୁ ଦେଖି ଡରି ଫେରି ଯାଉଛନ୍ତି। ଏହାର ପ୍ରଭାବ ବି ସୁଆର ମହାସୁଆରଙ୍କ ଉପରେ ପଡୁଛି। ଦିନେ ଦିନେ ଏତେ ବିଳମ୍ବ ହେଉଛି ଯେ, ପଛ ଭଅଣ୍ଡରେ ବାହାରୁଥିବା ମହାପ୍ରସାଦ ବିକ୍ରି ହୋଇପାରୁ ନାହିଁ। ଏହାକୁ ପୋତିବାକୁ ପଡୁଛି। ଏ ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ସେହିପରି ଏବେ ପ୍ରବଳ ଖରାହେଉଛି। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତୀକ୍ଷାଳୟ ସୁବିଧା କରିବା ଲାଗି ଜିଲ୍ଲାପାଳଙ୍କୁ ନିଯୋଗ ଜଣାଇଛି। ଜିଲ୍ଲାପାଳ ରଥଯାତ୍ରା ପରେ ଏ ଦିଗରେ ପଦକ୍ଷେପ ନେବେ ବୋଲି ଆଶ୍ୱାସନା ଦେଇଛନ୍ତି। ଏହି ବୈଠକରେ ସୁଆର ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର, ସମ୍ପାଦକ ନାରାୟଣ ମହସୁଆର, ସହସମ୍ପାଦକ ନରସିଂହ ପ୍ରତିହାରୀ, ଉପଦେଷ୍ଟା ବୈଦ୍ୟନାଥ ମହସୁଆରଙ୍କ ସମେତ ପରିଚାଳନା କମିଟି ସେବାୟତ ପ୍ରତିନିଧି କୃଷ୍ଣଚନ୍ଦ୍ର ସାମନ୍ତରା ଓ ମଧୁସୂଦନ ସିଂହାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମାସଟିଏ ପୂରିନି; ମହାପ୍ରଭୁ ୫ ରାତି ଅନିଦ୍ରା

ପୁଣି ରାତି ଅନିଦ୍ରା ହେଲେ ଚକାଆଖି। ମାସଟିଏ ପୂରିନି, ୫ ରାତି ଅନିଦ୍ରା ହେଲେଣି ମହାପ୍ରଭୁ। ଗତ ଗୁରୁବାର ଜଳକ୍ରୀଡ଼ା ଏକାଦଶୀରେ ନୀତି ବିଳମ୍ବ ଯୋଗୁଁ ରାତ୍ର ପହୁଡ଼ ହୋଇପାରି ନ ଥିଲା। ମଧ୍ୟାହ୍ନ ୧୨ଟା ୧୫ରେ ଭିତର କାଠ ନିକଟରେ ରକ୍ତ ପଡ଼ିଥିଲା। ମହାସ୍ନାନ ହୋଇ ଦେଢ଼ ଘଣ୍ଟା ବିଳମ୍ବିତ ହୋଇଥିଲା ନୀତି। ଭୋର୍ ୪ଟା ୫୦ ବେଳକୁ ହୋଇଥିଲା ବଡ଼ ସିଂହାର। ପରେ ଅନ୍ୟ ନୀତିଗୁଡ଼ିକ ବନ୍ଦ ରହିଥିଲା। ପରଦିନର ନୀତି ଆରମ୍ଭ ହୋଇଥିଲା। ଅର୍ଥାତ୍ ରାତି ୮ଟା ୨୫ରୁ ଜଳକ୍ରୀଡ଼ା ସାରିବା ପରେ ସାରା ରାତି ଅନିଦ୍ରା ରହିଥିଲେ ଠାକୁର। ତେବେ ମହାପ୍ରଭୁଙ୍କ ପହୁଡ଼ ନ ହେବା ନୂଆ କଥା ନୁହେଁ ବରଂ ମାସେ ନ ପୂରୁଣୁ ୫ ରାତି ଅନିଦ୍ରା ହେଲେଣି ଚକା ଆଖି। ଦ୍ୱିତୀୟ ଭୋଗମଣ୍ଡପ ବିଳମ୍ବ ହେବାରୁ ମହାପ୍ରସାଦ ପାଇବାରୁ ଅନେକ ଭକ୍ତ ବଞ୍ଚିତ ହୋଇଥିଲେ।

ଜିଲ୍ଲା ପ୍ରଶାସନ ଓ ପୁଲିସର ମିଳିତ ଚଢ଼ଉ

# ୨୨ ବସ୍ତା ନକଲି ଜର୍ଦ୍ଦା ଜବତ; ୩ ଗିରଫ

କୁଜଙ୍ଗ,୧୩।୬(ସମିସ)



ଜିଲ୍ଲା ପୁଲିସ ପକ୍ଷରୁ ଏକ ନକଲି ଜର୍ଦ୍ଦା ନିର୍ମାଣ କାରଖାନା ଉପରେ ଚଢ଼ଉ କରାଯାଇଛି। ଏଥିରେ ୨୨ ବସ୍ତାରେ ଥିବା ନକଲି ୬୬୦ କେଜି ଜର୍ଦ୍ଦା ସହିତ ଏହାର ପ୍ରସ୍ତୁତିରେ ବ୍ୟବହୃତ ଉପକରଣ ଜବତ କରାଯାଇଥିବା ଜଣାପଡ଼ିଛି। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ଏହି କାର୍ଯ୍ୟରେ

**ମିଳିଲା ଦାମୀ ବ୍ରାଣ୍ଡ କଭର, ନିର୍ମାଣ ସରଞ୍ଜାମ**

ବ୍ୟବହାର ହେଉଥିବା ଏକ କାର୍, ନଗଦ ୧ ଲକ୍ଷ ଟଙ୍କା, ୩ଟି ମୋବାଇଲ୍ ଜବତ ହୋଇଛି। ଏହି ଘଟଣାରେ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା କୁଜଙ୍ଗ ଥାନାରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ଏହି ଘଟଣାର ବିସ୍ତୃତ ବିବରଣୀ ରଖିଛନ୍ତି।

ସୂଚନା ଅନୁସାରେ କୁଜଙ୍ଗ ଥାନା ଆଲିଗଡ଼ ଗ୍ରାମର ସୁବାସ ସ୍ୱାଇଁଙ୍କ ଘରେ ବ୍ୟାପକ ପରିମାଣର ନକଲି ଜର୍ଦ୍ଦା ପ୍ରସ୍ତୁତି ସହିତ ଗଚ୍ଛିତ କରି ରଖାଯାଇଥିବା ନେଇ ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ସୂଚନା ଆଧାରରେ ଗତକାଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ ଦାସଙ୍କ ତତ୍ତ୍ୱାବଧାନ ଓ କୁଜଙ୍ଗ ଥାନା ଅଧିକାରୀ ଶିବାଶିଷ ଦାସଙ୍କ ନେତୃତ୍ୱରେ କୁଜଙ୍ଗ ପୁଲିସ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ସେଠାରୁ ୨୨ଟି ବସ୍ତାରେ ମହଜୁଦ ରହିଥିବା ୬୬୦ କେଜି ଜର୍ଦ୍ଦା ସହିତ ସମ୍ପୂର୍ଣ୍ଣ ବିକ୍ରିପାଇ ପ୍ରସ୍ତୁତ ୯ଟି ବସ୍ତାର ଭର୍ତ୍ତି ୩୬୦ ନକଲି ଜର୍ଦ୍ଦା, ଏହି ନକଲି ଜର୍ଦ୍ଦା ପ୍ରସ୍ତୁତି କାର୍ଯ୍ୟରେ ବ୍ୟବହୃତ ହେଉଥିବା ୬ଟି ଓଜନ ମାପକ ଯନ୍ତ୍ର, ୨ଟି ସିଲିଙ୍ଗ ମେସିନ, ଜର୍ଦ୍ଦା ପ୍ୟାକେଜିଂ ପ୍ଲାଷ୍ଟିକ ଜରି, ଜର୍ଦ୍ଦାର ଫ୍ଲେଭର ଥିବା କେମିକାଲ ୨୦ ଲିଟର, ପ୍ୟାକେଜିଂ ଓ ଲେବଲିଂ ଉପକରଣ, ନଗଦ ୧ଲକ୍ଷ ଟଙ୍କା, ୩ଟି ମୋବାଇଲ, ହୁଣ୍ଡାଇ କ୍ରେଟା କାର୍ (ଓଡି-୦୫-ଏଜି-୪୧୦୧) ପୁଲିସ ଜବତ କରିଛି। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବିଜିପୁର, ଆଲିଗଡ଼ ଗ୍ରାମର ସୁବାସ ସ୍ୱାଇଁ, ବଡ଼ବୁଦା ଗ୍ରାମର ବିଜୟ ମୁଦୁଲି, ଅଭୟଚାନ୍ଦପୁର ଥାନା ନୂଆଗାଁ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେଉରା। ସେମାନଙ୍କ ଠାରୁ ଚାଲୁଗୋପାଳ-ସି୪, ଜଇପା୦୪, ଦାସପତି, ଭଲ ଜିପିଏଲ, ଚାଲୁଗୋପାଳ-ସି-୧, ସୁରଭୀ-୫୫, ସ୍ୱାଇସ ମିକ୍ସଏସ-୫ ଆଦି ବ୍ରାଣ୍ଡ ଜର୍ଦ୍ଦା କମ୍ପାନୀର ପ୍ୟାକେଟ ମଧ୍ୟ ଜବତ କରାଯାଇଛି। ଏରସମା ଅତିରିକ୍ତ ତହସିଲଦାର ଦେବେନ୍ଦ୍ର କୁମାର ପାଲଙ୍କ ଲିଖିତ ଅଭିଯୋଗ କ୍ରମେ ୧୫୮/୨୬ରେ ଏକ ମାମଲା ରୁଜୁ କରା ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ଫୁଡସେଫ୍ଟି ଅଧିକାରୀ ସସ୍ମିତା ଦାସ ଜବତ ଜର୍ଦ୍ଦାର ନମୁନା ସଂଗ୍ରହ କରି ଏହାକୁ ଅନୁଧ୍ୟାନ କରିବା ପରେ ଏହା ସ୍ୱାସ୍ଥ୍ୟ ଅନୁପଯୁକ୍ତ ବୋଲି ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି। ତେବେ ସୂଚନା ଅନୁସାରେ ଗିରଫ ଅଭିଯୁକ୍ତମାନେ ୨୦୧୫ ମସିହା ଠାରୁ ଏହି ବେଆଇନ କାରବାର ଚଳାଇ ଆସୁଥିଲେ। ତେବେ ପୁଲିସ ଚଢ଼ଉ କରି ମାମଲା ରୁଜୁ କରିବା ପରେ କିଛିବର୍ଷ ଏହାକୁ ବନ୍ଦ କରିଥିଲେ। ପୁନର୍ବାର ୨୦୧୮ ମସିହା ଠାରୁ ଏହି ବ୍ୟବସାୟ ଚଳାଇ ଆସୁଥିଲେ। ଏହି ମାମଲାର ତଦନ୍ତ ଭାର ଏସ୍‌ଆଇ ରଶ୍ମୀରଞ୍ଜନ ସାହୁଙ୍କୁ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଆଜି ଏହି ସାମ୍ବାଦିକ ସମ୍ମିଳନୀରେ ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ ଦାସ, କୁଜଙ୍ଗ ଥାନା ଅଧିକାରୀ ଶିବାଶିଷ ଦାସ, ଏସ୍‌ଆଇ ରଶ୍ମୀରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ପାରାଦୀପ ଗଡ଼ ରଜ ମହୋତ୍ସବ

## ନାଚ ଗୀତରେ ମଜିଲେ ଦର୍ଶକ



ପାରାଦୀପ,୧୩।୬(ସମିସ): ପାରାଦୀପ ଗଡ଼ ଗ୍ରାମପଞ୍ଚାୟତ ପକ୍ଷରୁ ଆୟୋଜିତ ୫ମ ବାର୍ଷିକ ରଜ ମହୋତ୍ସବ ବେଶ ଜମୁଛି। ଏହାର ତୃତୀୟ ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ ସାଙ୍ଗକୁ ତିନୋଟି କଳା ଅନୁଷ୍ଠାନ ଶ୍ରାବଣୀ କଳା ନିକେତନ ପାରାଦୀପ ଗଡ, ମୟୁରୀ କଳା ନିକେତନ ପାରାଦୀପ, ସାଇ ଶ୍ରଦ୍ଧା କଳା ବିକାଶ କେନ୍ଦ୍ର ତୁନବେଲାରୀ ପକ୍ଷରୁ ଆୟୋଜିତ ଓଡ଼ିଶୀ, ଆଦିବାସୀ, ଆଧୁନିକ ଓ ପାରମ୍ପରିକ ନାଚ ପ୍ରଦର୍ଶନ କରାଯାଇଥିଲା। ଦର୍ଶକ ମାନେ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ମଞ୍ଚ ସମ୍ମୁଖରେ ବସି ନାଚ, ଗୀତକୁ ମନଭରି ଉପଭୋଗ କରିଥିଲେ। ରଜ ମହୋତ୍ସବରେ ଅଞ୍ଚଳବାସୀ ଖୁସି ମନାଇବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା, ଘରକରଣା ସାମଗ୍ରୀ କିଣିବା ସହିତ ଫାଷ୍ଟଫୁଡ ଓ କଟକ ଠୁଙ୍କାପୁରି, ଚାଟ ଖାଇବାର ମଜା ନେଇଥିଲେ। ଆସନ୍ତାକାଲି ରବିବାର ହେତୁ ଅଧିକ ଜନ ସମାଗମ ଆଶା କରାଯାଉଛି। ସ୍ଥାନୀୟ ସରପଞ୍ଚ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ରଜ ମହୋତ୍ସବ କମିଟିର ସଭାପତି ଆଇନଜୀବୀ ସଞ୍ଜୟ କୁମାର ବେହେରା, ଜୟନ୍ତ ସେନାପତି, ସଂଗ୍ରାମ ବେହେରା, ମନୋଜ ରାଉତ, ଅନନ୍ତ ବିଶ୍ୱାଳ, ରାଜେନ୍ଦ୍ର ବେହେରା, ସତ୍ୟନାରାୟଣ ମହାପାତ୍ର, ବିଚିତ୍ର ପ୍ରଧାନ, ରଞ୍ଜନ ସାମଲ, ଉଲ୍ଲାସ ମହାରଥା, ଜୀବନ ବେହେରା, ସାରଦା ପ୍ରସନ୍ନ ସ୍ୱାଇଁ, ପ୍ରଭାତ ସାହୁ, ରମେଶ ବେହେରା, ଦୀପକ ପଣ୍ଡା, ସୂର୍ଯ୍ୟକାନ୍ତ ବେହେରା, ଗୋଲାପ ରାଣୀ ସାହୁ, ଶୁଭସ୍ମିତା ମଙ୍ଗରାଜ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଉତ୍କଳ ଭାରତୀ କଳା ବିକାଶ କେନ୍ଦ୍ରର ବାର୍ଷିକ ଉତ୍ସବ



ନାଉଗାଁ,୧୩।୬(ସମିସ): ଉତ୍କଳ ଭାରତୀ କଳାବିକାଶ କେନ୍ଦ୍ରର ଅଷ୍ଟମ ବାର୍ଷିକ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଂପାଦକ ସୁକାନ୍ତ କୁମାର ଲେଙ୍କା ସଭାପତିତ୍ୱ ଅନୁଷ୍ଠିତ ଉକ୍ତ ଉତ୍ସବକୁ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବିଜେପି ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବରେ ଅଭିନେତ୍ରୀ ନିହାରିକା ଦାସ, ପ୍ରଯୋଜକ ଆଲୋକ କୁମାର ପରିଡା, ଶିଶୁ କଳାକାର ଆଦଭିକା ଦାଶ (ଲୁଇ) ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଲିଉଡ୍ କଳାକାର ତଥା ନିର୍ଦ୍ଦେଶକ ଶଙ୍ଖାଳି ମହାନ୍ତି, ସମାଜସେବୀ ଡାକ୍ତର ବିଚିତ୍ର କୁମାର ପଣ୍ଡା, ନାଉଗାଁ ବ୍ଲକ ଉପାଧ୍ୟକ୍ଷ ସୁଜିତ କୁମାର ପୁହାଣ, ଜିଲ୍ଲା ପରିଷଦ ସଭ୍ୟ ମମତା ପରିଡା, ନାଉଗାଁ ପଞ୍ଚାୟତର ସରପଞ୍ଚ ପ୍ରାଚୀସାଗରିକା ଜେନା, ସମାଜସେବୀ ତ୍ରିନାଥ ପରିଜା ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ସୁଜିତ୍ କୁମାର ପୁହାଣ ନିଜର ଏକ ମାସର ଦରମା ରାଶି ୨୮,୨୦୦ ଟଙ୍କା ନାଉଗାଁ ବ୍ଲକ୍‌ର ଗୈରବ ମଣ୍ଡନ କରିଥିବା ଏ-୧ ଛାତ୍ରଛାତ୍ରୀଙ୍କୁ ଚେକ୍ ମାଧ୍ୟମରେ ପୁରସ୍କାର ରାଶି ଭାବେ ପ୍ରଦାନ କରିଥିଲେ। ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ଓଡିଶୀ ନୃତ୍ୟ ଶିଳ୍ପୀ ସୁଶ୍ରୀ ପଲକ ଚୌଧୁରୀଙ୍କୁ ସଭାରେ ସମ୍ମାନିତ କରାଯାଇଥିଲା। ହିମାଂଶୁ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ବସନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ବୁଲାକି ସେଠୀ, ଜଗତଜୀବନ ଭୋଇ, ସୁଦର୍ଶନ ମହାନ୍ତି, ପ୍ରିୟଦର୍ଶିନୀ ପରିଡ଼ା, ଶୁଭାକାଂକ୍ଷୀ ମହାରଣା, ଚିନ୍ମୟୀ ନାୟକ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅକ୍ଷୟ କୁମାର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

## ‘ସ୍ୱଚ୍ଛ ଭାରତ’ ଓ ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ



ଜଗତସିଂହପୁର,୧୩।୬(ସମିସ): ଜଗତସିଂହପୁର ପୌର ପରିଷଦ ଅନ୍ତର୍ଗତ ଜୟବଢ଼ ଜଗନ୍ନାଥ ମନ୍ଦିରରେ ବିଜେପି ନଗର ମଣ୍ଡଳ ସଭାପତି ରାଜେନ୍ଦ୍ର କୁମାର ବିଶୋଇଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨ ବର୍ଷ ଓ ଓଡିଶା ବିଜେପିର ଦୁଇ ବର୍ଷ ସ୍ୱଚ୍ଛ ଶାସନ ଉପଲକ୍ଷେ ‘ମା’ ପାଇଁ ଗଛଟିଏ’ ଓ ‘ସ୍ୱଚ୍ଛ ଭାରତ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ନଗର ମଣ୍ଡଳ ପ୍ରଭାରୀ ବିନୋଦ ବିହାରୀ ମହାନ୍ତି, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ମହାନ୍ତି, ସର୍ଜନ ସିଂହ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା, ସାଂସଦ ପ୍ରତିନିଧି ସମୀର ନାୟକ, ନଗର ମଣ୍ଡଳ ଉପସଭାପତି ଅଜୟ ତ୍ରିପାଠୀ, ରାଜନାରାୟଣ ସାହୁ, ସମ୍ବିତ ଷଡ଼ଙ୍ଗୀ, ନାରାୟଣ ସାମଲ, ମନୋରମା ଦାସ, ବୈଜୟନ୍ତୀ ମାଳା ଦାସ, ସ୍ନେହଲତା ତାରାଇ, ବନଲତା ସାମଲ, ନବଘନ ସ୍ୱାଇଁ, ପ୍ରଦୀପ ଦାସ, ବିଟୁ କାନୁନଗୋ, ବିଜୟ ମହାପାତ୍ର ପ୍ରମୁଖ ସାମିଲ ହୋଇ ମନ୍ଦିର ପରିସର ସଫେଇ ସହ ବିଭିନ୍ନ ପ୍ରକାର ଫୁଲ ଓ ଫଳ ଚାରାରୋପଣ କରାଯାଇଥିଲା।

● ଚେକ୍ ବାଉନ୍ସ ମାମଲା

## ଅଭିଯୁକ୍ତଙ୍କୁ ୧୮ ମାସ ଜେଲ୍

ଜଗତସିଂହପୁର,୧୩।୬(ସମିସ): ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ଜିଲ୍ଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ସହକାରୀ ଦୌରାଜଜ୍ ନରୋତ୍ତମ ସେଠୀ ଅଭିଯୁକ୍ତଙ୍କୁ ୧୮ ମାସର ସଶ୍ରମ କାରାଦଣ୍ଡ ଆଦେଶ ସହିତ ଅଭିଯୋଗକାରୀଙ୍କୁ ୧୪.୪୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ ଜଗତସିଂହପୁର ସଦର ଥାନା ଅନ୍ତର୍ଗତ କାଳିଆବୋରା ଗ୍ରାମର ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟଙ୍କ ସହିତ ପଲ୍ଲୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଉଡୁଣୀପଡ଼ିଆ ଗ୍ରାମର ବ୍ରଜ କିଶୋର ବେହେରାଙ୍କର ଉତ୍ତମ ସମ୍ପର୍କ ରହି ଆସିଥିଲା। ବ୍ରଜ କିଶୋରଙ୍କର ଜରୁରୀ ଆବଶ୍ୟକତା ପଡିବାରୁ ସେ ବନ୍ଧୁ ପ୍ରଜ୍ଞା ପ୍ରଣବଙ୍କ ଠାରୁ ୯ ଲକ୍ଷ ୬୦ ହଜାର ଟଙ୍କା ଉଦ୍ଧାର ନେଇଥିଲେ। ଏଥିପାଇଁ ଏକ ରସିଦ ଦେଇଥିଲେ ଏବଂ ଏକମାସ ମଧ୍ୟରେ ଟଙ୍କା ଫେରସ୍ତ କରିବେ ବୋଲି ଏଗ୍ରିମେଣ୍ଟ ହୋଇଥିଲା। ତେବେ ସମୟ ସୀମା ପାର ହେବା ପରେ ମଧ୍ୟ ଟଙ୍କା ଫେରସ୍ତ ନହେବାରୁ ପ୍ରଜ୍ଞା ପ୍ରଣବ ଆପତ୍ତି ଉଠାଇଥିଲେ। ପରେ ବ୍ରଜ ଏକ ଚେକ୍ ଦେଇଥିଲେ; ଯାହାକି ବାଉନ୍ସ ହୋଇଯାଇଥିଲା। ଫଳରେ ପ୍ରଜ୍ଞା ପ୍ରଣବ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ଶୁଣାଣି କରି ବିଚାରପତି ନରୋତ୍ତମ ସେଠୀ, ଅଭିଯୁକ୍ତ ବ୍ରଜକିଶୋର ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ବ୍ରଜ, ଅଭିଯୋଗକାରୀ ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟଙ୍କୁ ୧୪ ଲକ୍ଷ ୪୦ ହଜାର ଟଙ୍କା ପରିଶୋଧ କରିବାକୁ ଆଦେଶ ଦେଇଛନ୍ତି। ଏହା ସହିତ ଦୋଷୀଙ୍କୁ ୧୮ ମାସର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଯଦି ଅଭିଯୁକ୍ତ ଉକ୍ତ ଜରିମାନା ଟଙ୍କା ପରିଶୋଧ ନକରନ୍ତି, ତେବେ ତାଙ୍କୁ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ସ୍ପଷ୍ଟ କରାଯାଇଛି। ଏହି ମାମଲାକୁ ଅଭିଯୋଗକାରୀ ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟଙ୍କ ତରଫରୁ ବରିଷ୍ଠ ଆଡ୍‌ଭୋକେଟ୍ ଶରତ କୁମାର ମିଶ୍ର ପରିଚାଳନା କରୁଥିଲେ।

**୧୪.୪୦ ଲକ୍ଷ ଟଙ୍କାର ଜରିମାନା ଦଣ୍ଡାଦେଶ**

## ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ



ଜଗତସିଂହପୁର/ପାରାଦୀପ,୧୩।୬(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଜଗତସିଂହପୁର ଜିଲ୍ଲା ତରଫରୁ ପାରାଦୀପ ନଗର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ମ ଓ ଯୁକ୍ତ ୨ ଶ୍ରେଣୀର ଶତାଧିକ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ଏବିଭିପି ଜିଲ୍ଲା ସଂଯୋଜକ ସତ୍ୟ ପ୍ରକାଶ ମହାନ୍ତିଙ୍କ ସଂଯୋଜନାରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ମୁଖ୍ୟ ଅର୍ଥପରାମର୍ଶଦାତା ଅଶୋକ କୁମାର ସାହୁ, ମୁଖ୍ୟବକ୍ତା ଏବିଭିପି ଓଡ଼ିଶା ପୂର୍ବ ରାଜ୍ୟ ସମ୍ପାଦିକା ଦିପ୍ତିମୟି ପ୍ରତିହାରୀ, ସମ୍ମାନିତ ଅତିଥି ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ, ଏବିଭିପି ପୁରାତନ କାର୍ଯ୍ୟକର୍ତ୍ତା ଓ ବର୍ତ୍ତମାନ ମନ୍ତ୍ରୀଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ପାରାଦୀପ ୯ ନମ୍ବର ୱାର୍ଡ କାଉନସିଲର ସୁବ୍ରତ ପ୍ରଧାନ, ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା ଯୋଗଦେଇ ଥିଲେ। ଏବିଭିପି କଟକ ବିଭାଗ କାର୍ଯ୍ୟକର୍ତ୍ତା ଅବିନାଶ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କସ୍ତୁରୀ ସ୍ୱାଇଁ ଓ ସମ୍ବିତ୍ ଦାସ ସହଯୋଗ କରିଥିଲେ। କରିସ୍ମା ସ୍ୱାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବିଜେପି ପକ୍ଷରୁ କର୍ମୀ ସମ୍ମିଳନୀ

ନାଉଗାଁ,୧୩।୬(ସମିସ): ବିଜେପି ଜିଲ୍ଲା ସଭାପତି ପ୍ରତାପ ମିଶ୍ରଙ୍କ ତତ୍ତ୍ୱାବଧାନରେ ବଛାଳ ପଞ୍ଚାୟତରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଦଳ ଭବିଷ୍ୟତରେ କିପରି ଆହୁରି ସୁଦୃଢ଼ ହେବା ସହ ଆଗକୁ କିପରି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀରେ ପ୍ରଶାନ୍ତ ପରିଡା, ରଞ୍ଜନ ଲେଙ୍କା, ପ୍ରଫୁଲ୍ଲ ବାଉତ, ଜିତେନ୍ଦ୍ର କୁମାର ନାୟକ, ରଞ୍ଜିତ ମଲ୍ଲିକ, ନରେନ୍ଦ୍ର କୁମାର ସ୍ୱାଇଁ, ସନ୍ତୋଷ କୁମାର ଦାସ, ନିତ୍ୟାନନ୍ଦ ମଲ୍ଲିକ ଓ ବହୁ ସଂଖ୍ୟାରେ କର୍ମୀ ଓ ସମର୍ଥକମାନଙ୍କ ଉପସ୍ଥିତି ଥିଲେ।

## କାଟିନେଇଗଲେ ସମାଜସେବୀଙ୍କ ପ୍ରତିମୂର୍ତ୍ତି

ଜଗତସିଂହପୁର,୧୩।୬(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଏରଡଙ୍ଗା ପଞ୍ଚାୟତର ବିଶିଷ୍ଟ ସମାଜସେବୀ, ଜନପ୍ରିୟ ବ୍ୟକ୍ତିତ୍ୱ ସ୍ୱର୍ଗତ ଦେବବ୍ରତ ତ୍ରିପାଠୀ (ବାଇଆ ନନା)ଙ୍କ ସ୍ମୃତିରେ ସର୍ବେଶ୍ୱର ଛକରେ ସ୍ଥାପିତ ହୋଇଥିବା ମୂର୍ତ୍ତିକୁ ଅଜଣା ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଓ କ୍ଷୋଭର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ଗତ ୧୦ ତାରିଖ ବିଳମ୍ବିତ ରାତ୍ରିରେ କେତେକ ଅଜଣା ଦୁର୍ବୃତ୍ତ ସର୍ବେଶ୍ୱର ଛକରେ ସ୍ଥାପିତ ମୂର୍ତ୍ତିକୁ ଉପାଡ଼ି ନେଇ ଚୋରି କରିଥିବାର ସନ୍ଦେହ ହେଉଛି। ପରଦିନ ସକାଳେ ସ୍ଥାନୀୟ ଲୋକମାନେ ମୂର୍ତ୍ତି ନଥିବା ଦେଖି ଆଶ୍ଚର୍ଯ୍ୟ ହେବା ସହିତ ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଦେବବ୍ରତ ତ୍ରିପାଠୀ (ବାଇଆ ନନା) ଅଞ୍ଚଳର ଜଣେ ସୁପରିଚିତ ସମାଜସେବୀ ଭାବେ ପରିଚିତ ଥିଲେ। ତାଙ୍କ ସ୍ମୃତିରେ ସ୍ଥାପିତ ମୂର୍ତ୍ତି ଚୋରି ହେବା କେବଳ ଏକ ସମ୍ପତ୍ତି ଚୋରି ନୁହେଁ, ବରଂ ଅଞ୍ଚଳବାସୀଙ୍କ ଭାବାବେଗ, ସମ୍ମାନ ଓ ସାମାଜିକ ମୂଲ୍ୟବୋଧ ଉପରେ ଏକ ଆଘାତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ଏରଡଙ୍ଗା ପଞ୍ଚାୟତର ଯୁବକ, ବୁଦ୍ଧିଜୀବୀ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର କ୍ଷୋଭ ଦେଖାଦେଇଛି। ଅପରାଧୀମାନଙ୍କୁ ଶୀଘ୍ର ଚିହ୍ନଟ କରି ଗିରଫ କରିବା, ମୂର୍ତ୍ତିକୁ ଉଦ୍ଧାର କରିବା ଏବଂ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହାର ପ୍ରତିବାଦ ସ୍ୱରୂପ ଏରଡଙ୍ଗା ପଞ୍ଚାୟତର ସଚେତନ ଯୁବକମାନେ ତିର୍ତ୍ତୋଲ ଥାନାରେ ଏକ ଲିଖିତ ଏତଲା ଦାଖଲ କରିଛନ୍ତି। ପୁଲିସ ପ୍ରଶାସନ ତୁରନ୍ତ ଘଟଣାର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନେବା ସହ ଚୋରି ହୋଇଥିବା ମୂର୍ତ୍ତିର ଶୀଘ୍ର ଉଦ୍ଧାର ପାଇଁ ଦାବି କରାଯାଇଛି। ଯୁବ ଆଇନଜୀବୀ ବଳରାମ ଦଳାଇ, ପ୍ରସନ୍ନ ଦାସ, ସ୍ମୃତିରଞ୍ଜନ ବେହେରା, ଦେବାଶିଷ ଦଳାଇ, ପ୍ରମୋଦ କୁମାର ଦାସ, ସମୀର ପଟ୍ଟନାୟକ, ଅମିର ଦାସ, ଦୀପ୍ତିରଞ୍ଜନ ମହାପାତ୍ର, ଦୀପ୍ତିରଞ୍ଜନ ଖଟୁଆ ପ୍ରମୁଖ ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।




**ସମାଧାନ ହେଲାନି ଡିଜେଲ ସଙ୍କଟ ସମସ୍ୟା**

## ଅନିର୍ଦ୍ଦିଷ୍ଟ କାଳ ମାଛ ଧରିବା ବନ୍ଦ କଲା ସଂଘ

ପାରାଦୀପ,୧୩।୬(ସମିସ)

ଡିଜେଲ ସଂକଟର ପ୍ରଭାବ ଏବେ ମତ୍ସ୍ୟ ବ୍ୟବସାୟ ଉପରେ ପଡ଼ିବାକୁ ଯାଉଛି। କଟକଣା ଉଠିବା ସତ୍ତ୍ୱେ ସମୁଦ୍ରରୁ ମାଛ ଧରିବାକୁ ବନ୍ଦ କରିଛି ମତ୍ସ୍ୟ ବ୍ୟବସାୟ ସଂଘ। ସରକାର ସମସ୍ୟା ସମାଧାନ ନ କରିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି କଟକଣା ଲାଗୁରହିବ ବୋଲି ସଂଘ କହିଛି।

ସୂଚନାଯୋଗ୍ୟ, ସମୁଦ୍ରରେ ମାଛ ଧରା ପାଇଁ ସରକାରୀ ଭାବେ ଲାଗୁ କଟକଣା ୧୪ ଜୁନରେ ଶେଷ ହେଉଛି। ତେଣୁ ୧୫ ତାରିଖରୁ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯାଇ ମାଛ ଧରିବା କଥା। କିନ୍ତୁ ମତ୍ସ୍ୟଜୀବୀଙ୍କ

**ସରକାରୀ ହସ୍ତକ୍ଷେପ ଦାବି କଲା ଓମ୍ଫା**

ଜୀବିକା ସହ ଜଡ଼ିତ ଦୀର୍ଘଦିନର ସମସ୍ୟାଗୁଡ଼ିକର ସମାଧାନ ନ ହେବା ପର୍ଯ୍ୟନ୍ତ ସମଗ୍ର ଓଡ଼ିଶାରେ ସାମୁଦ୍ରିକ ମାଛଧରା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଓଡ଼ିଶା ମେରାଇନ ଫିଶ୍ ପ୍ରୋଡ୍ୟୁସର୍ସ ଆସୋସିଏସନ (ଓମ୍ଫା) ପକ୍ଷରୁ ଘୋଷଣା କରାଯାଇଛି। ସଂଘର ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି।

ଭାରତର ପୂର୍ବ ଉପକୂଳର ଅନ୍ୟତମ ବୃହତ୍ତମ ମତ୍ସ୍ୟକେନ୍ଦ୍ର ଭାବେ ପରିଚିତ ପାରାଦୀପ ବର୍ତ୍ତମାନ ଗଭୀର ଆର୍ଥିକ ଓ ପରିଚାଳନାଗତ ସଙ୍କଟ ଦେଇ ଗତି କରୁଛି। ସଂଘ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏହି ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛି। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ପାରିନାହିଁ। ପାରାଦୀପ ଫିସିଙ୍ଗ ହାର୍ବର ଓଡ଼ିଶାର




ସାମୁଦ୍ରିକ ମତ୍ସ୍ୟ ଶିଳ୍ପର ଜୀବନରେଖା ସଦୃଶ। ଏହା ପ୍ରାୟ ୫୦ ହଜାର ମତ୍ସ୍ୟଜୀବୀ ଓ ସହଯୋଗୀ କର୍ମଚାରୀଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜୀବିକା ଯୋଗାଇ ଆସୁଛି। ଏଠାରେ ୬୩୪ଟି ମାଛଧରା ବୋଟ୍ ଓ ୧୫୮ଟି ମୋଟରଚାଳିତ ଡଙ୍ଗା ରହିଛି, ଯାହା ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କିନ୍ତୁ ଏବେ ଡିଜେଲ ସଙ୍କଟ ମତ୍ସ୍ୟଜୀବୀଙ୍କ ଜୀବୀନ ଜୀବିକା ପ୍ରତି ବିପଦ ସୃଷ୍ଟି କରିଛି। ବର୍ତ୍ତମାନ ମତ୍ସ୍ୟଜୀବୀମାନଙ୍କ ସାମ୍ନାରେ ଥିବା ସବୁଠାରୁ ବଡ଼ ସମସ୍ୟା ହେଉଛି ଡିଜେଲ ମୂଲ୍ୟର ଅସ୍ୱାଭାବିକ ବୃଦ୍ଧି। ସାଧାରଣ ଲୋକମାନେ ଯେଉଁଠାରେ ପ୍ରତି ଲିଟର ଡିଜେଲ ୯୯-୧୦୧ ଦରରେ ପାଉଛନ୍ତି, ସେଠାରେ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କୁ ଫିସିଙ୍ଗ ହାର୍ବରର ଉପଭୋକ୍ତା କେନ୍ଦ୍ର ମାଧ୍ୟମରେ ୧୪୦-୧୪୨ ଟଙ୍କାରେ କିଣିବାକୁ ବାଧ୍ୟ କରାଯାଉଛି। ତେବେ ଲିଟର ପିଛା ୪୦ଟଙ୍କା ଅଧିକ ଦେବାକୁ ପଡୁଛି, ଯାହା ମତ୍ସ୍ୟଜୀବୀମାନଙ୍କ ପାଇଁ ଅସହ୍ୟ ହୋଇପଡ଼ିଛି। ତେବେ ମାଛଧରା ବୋଟ୍‌ଗୁଡ଼ିକ ମାଛ ଧରିବା ପାଇଁ ସମୁଦ୍ର ମଧ୍ୟକୁ ଗଲା ବେଳେ ହଜାର ହଜାର ଲିଟର ଡିଜେଲ ବ୍ୟବହାର କରିଥାନ୍ତି। ଅହେତୁକ ଡିଜେଲ ଦର ବୃଦ୍ଧିରେ ଲକ୍ଷାଧିକ ଟଙ୍କାର ଅତିରିକ୍ତ ଖର୍ଚ୍ଚ ହେଉଛି। ଯାହା ଫଳରେ ବହୁ ବୋଟ୍ ଖର୍ଚ୍ଚ ବହନ କରିପାରୁ ନଥିବାରୁ ବନ୍ଦରରେ ଅଚଳ ଅବସ୍ଥାରେ ପଡ଼ିରହିଛି।

ଆନ୍ଧ୍ରପ୍ରଦେଶ ଓ ଗୁଜରାଟ ଭଳି ପଡ଼ୋଶୀ ରାଜ୍ୟର ମତ୍ସ୍ୟଜୀବୀମାନେ ବିଭିନ୍ନ ପ୍ରକାରର ଡିଜେଲ ସବ୍‌ସିଡି ଓ ଇନ୍ଧନ ସହାୟତା ପାଉଥିବା ବେଳେ ଓଡ଼ିଶାର ମତ୍ସ୍ୟଜୀବୀମାନେ ସମାନ ଅବଦାନ ସତ୍ତ୍ୱେ ସେହି ସୁବିଧାରୁ ବଞ୍ଚିତ ରହିଛନ୍ତି।

ଗତ କିଛି ବର୍ଷ ଧରି ଜାହାଜ ରକ୍ଷଣାବେକ୍ଷଣ, ମାଛଧରା ଉପକରଣ, ଯନ୍ତ୍ରାଂଶ, ଇଞ୍ଜିନ ମରାମତି, ଶ୍ରମିକ ମଜୁରୀ, ବରଫ, ଖାଦ୍ୟ ସାମଗ୍ରୀ ଆଦିରେ ବ୍ୟୟ ବହୁଗୁଣ ବୃଦ୍ଧି ପାଇଛି। ସେହି ସମୟରେ ପାରମ୍ପରିକ ମାଛଧରା କ୍ଷେତ୍ରରେ ମାଛର ଉପଲବ୍ଧତା କମିବା ଫଳରେ ଧରାଯାଉଥିବା ମାଛର ପରିମାଣ ଓ ଲାଭ ହ୍ରାସ ପାଇଛି। ଫଳସ୍ୱରୂପ, ଅନେକ ଜାହାଜ ମାଲିକ ବ୍ୟାଙ୍କ ଋଣ ଓ ବ୍ୟକ୍ତିଗତ ଋଣ ପରିଶୋଧ କରିବାରେ ସଂଘର୍ଷ କରୁଛନ୍ତି ଏବଂ ମତ୍ସ୍ୟଜୀବୀମାନେ ନିଜ ପରିବାରର ଭରଣପୋଷଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତା’ ସାଙ୍ଗକୁ ବାତ୍ୟା ଓ ମାଛଧରା ଉପରେ କଟକଣା ମତ୍ସ୍ୟ ବ୍ୟବସାୟୀ ଓ ମତ୍ସ୍ୟଜୀବୀଙ୍କୁ ଅଧିକ ବିପଦରେ ପକାଉଛି। ସରକାରଙ୍କ ନିକଟରେ ସଂଘର ମୁଖ୍ୟ ଦାବି ଗୁଡିକ ମଧ୍ୟରେ ଫିସିଙ୍ଗ ହାର୍ବର ଆଉଟଲେଟ ମାଧ୍ୟମରେ ସାଧାରଣ ଖୁଚୁରା ଦରରେ ଡିଜେଲ ଯୋଗାଣ, ପାରାଦୀପ ମାଛଧରା ବନ୍ଦରରେ ଇଣ୍ଡଷ୍ଟ୍ରିଆଲ ଡିଜେଲ ମୂଲ୍ୟ ବୃଦ୍ଧି ବ୍ୟବସ୍ଥା ପ୍ରତ୍ୟାହାର, ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ରକୁ କୃଷି କ୍ଷେତ୍ର ଭଳି ଦିଆଯାଉଥିବା ସୁବିଧା ଓ ସୁରକ୍ଷା ପ୍ରଦାନ, ସମବାୟ ଉପଭୋକ୍ତା କେନ୍ଦ୍ର ମାଧ୍ୟମରେ ଖୁଚୁରା ଦରରେ ଡିଜେଲ ଯୋଗାଣ, ପାରାଦୀପ ଉପକୂଳରେ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କାର୍ଯ୍ୟକାରୀ ପଦକ୍ଷେପ, ସମସ୍ତ ଉପକୂଳ ରାଜ୍ୟର ମତ୍ସ୍ୟଜୀବୀଙ୍କ ପାଇଁ ସମାନ ଇନ୍ଧନ ସହାୟତା ଓ କଲ୍ୟାଣ ସୁବିଧା ସୁନିଶ୍ଚିତ କରିବାକୁ ଏକ ଜାତୀୟ ନୀତି ପ୍ରଣୟନ ପାଇଁ ସରକାରଙ୍କୁ ନିବେଦନ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏହି ସଙ୍କଟର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ ଓମ୍ଫା ଅନୁରୋଧ କରିଛି। ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଓଡ଼ିଶାର ସାମୁଦ୍ରିକ ମତ୍ସ୍ୟ ଶିଳ୍ପ ଧ୍ୱଂସ ଆଡ଼କୁ ଯାଇପାରେ ବୋଲଇ ସଂଘ କହିଛି। ଆଜିର ସାମ୍ବାଦିକ ସମ୍ମିଳନୀରେ ଓମ୍ଫାର ସଭାପତି ଶ୍ରୀକାନ୍ତ ପରିଡା, ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ, ଉପସଭାପତି ମାନସ ରଞ୍ଜନ ପଢିଆରୀ, ସହ-ସମ୍ପାଦକ ସରୋଜ ବୋଇତେଇ ଓ କୋଷାଧ୍ୟକ୍ଷ ପୁରନ୍ଦର ବିଶ୍ୱାଳଙ୍କ ସମେତ ବହୁ ମତ୍ସ୍ୟ ବ୍ୟବସାୟୀ ଉପସ୍ଥିତ ଥିଲେ।

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା

# ମୁତୟନ ହେବେ ୧୫୦ ପ୍ଲାଟୁନ୍ ପୁଲିସ ଫୋର୍ସ

**ରାଇରଙ୍ଗପୁର,୧୩।୬(ସମିସ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତିଙ୍କ ୧୯ ଓ ୨୦, ପ୍ରଧାନମନ୍ତ୍ରୀଙ୍କ ୨୦ ତାରିଖରେ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତକୁ ନେଇ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୫୦ ପ୍ଲାଟୁନରୁ ଅଧିକ ପୁଲିସ ଫୋର୍ସ ମୁତୟନ ହେବେ। ଏନେଇ ସ୍ଥାନୀୟ ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ପ୍ରସ୍ତୁତିକୁ ଅତି ବ୍ୟାପକ ଓ ସୁଦୃଢ଼ କରାଯାଉଛି। ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ସାମ୍ବାଦିକ ସମ୍ମିଳନୀରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଛନ୍ତି। ବ୍ଲୁ-ବୁକ୍ ପ୍ରୋଟୋକଲ୍ ଓ ସମସ୍ତ ପ୍ରାବଧାନ ଅନୁଯାୟୀ ଏହି ହାଇପ୍ରୋଫାଇଲ୍ ଗସ୍ତ ପାଇଁ ପ୍ରସ୍ତୁତି ଚାଲିଛି। ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଗୁରୁବାର ରାଇରଙ୍ଗପୁର ଗସ୍ତ କରି ତଦାରଖ କରିଛନ୍ତି। ସଭା ସ୍ଥଳ, ଟ୍ରାଫିକ ପରିଚାଳନା, ହେଲିପ୍ୟାଡ୍ ବ୍ୟବସ୍ଥା, ସୁରକ୍ଷା ଓ ସେଫ୍ଟି ବ୍ୟବସ୍ଥା ଭଳି ଭିନ୍ନ ଭିନ୍ନ ଦିଗ ପାଇଁ ସିନିୟର ଅଫିସରଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି। ସୁରକ୍ଷା ଦୃଷ୍ଟିକୋଣରୁ ସମ୍ପୃକ୍ତ ଅଞ୍ଚଳକୁ 'ନୋ-ଫ୍ଲାଇଂ ଜୋନ୍' ଭାବେ ଘୋଷଣା କରାଯିବ। ଏଥିସହିତ ଯେକୌଣସି ଅନଧିକୃତ ଡ୍ରୋନ୍ ସମସ୍ୟାକୁ ପ୍ରତିହତ କରିବା ପାଇଁ ସ୍ୱତନ୍ତ୍ର ଆଣ୍ଟି-ଡ୍ରୋନ୍ ଟିମ୍ ମଧ୍ୟ ନିୟୋଜିତ ରହିବେ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପୁଲିସ ଓ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ସତର୍କ ଓ ପ୍ରସ୍ତୁତ ଥିବା ପୂର୍ବାଞ୍ଚ ଡିଆଇଜି ପିନାକ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ନେଇ ପ୍ରଶାସନିକ ଚଳଚଞ୍ଚଳତା ପ୍ରକାଶ ପାଇଛି। ରାଷ୍ଟ୍ରପତି ଜୁନ ୧୯ ତାରିଖ ଓ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଇରଙ୍ଗପୁରରେ ପହଞ୍ଚିବେ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ରାଷ୍ଟ୍ରପତିଙ୍କ ବାଦାମପାହାଡ ନିକଟସ୍ଥ ଉପରବେଡା, ପାହାଡପୁର ଗ୍ରାମ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ସେଠାରେ ରାଷ୍ଟ୍ରପତିଙ୍କ ସ୍ୱର୍ଗତ ସ୍ୱାମୀ ଓ ଦୁଇପୁଅଙ୍କ ସ୍ମୃତିରେ ନିର୍ମିତ ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟକୁ ଯିବେ। ଏଥିସହିତ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିବେ। ଏ ଅବସରରେ ଗ୍ରାମବାସୀ, ଛାତ୍ରଛାତ୍ରୀ ଓ ଯୁବକ/ଯୁବତୀଙ୍କ ସହ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଭାବ ବିନିମୟ କରିବାର ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଗ୍ରାମ ପରିଦର୍ଶନ କରିବା ପରେ ରାଇରଙ୍ଗପୁରଠାରେ ଆୟୋଜିତ ସାଧାରଣ ସଭାରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ଉପରବେଡା, ପାହାଡପୁର ଗ୍ରାମ ସମେତ ରାଇରଙ୍ଗପୁର ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ରାଇରଙ୍ଗପୁର ଗସ୍ତରେ ଆସିବେ। ଯାହାକୁ ନେଇ ୧୨ଟି ହେଲିକପ୍ଟର ଆସିବ। ତେଣୁ ହେଲିପ୍ୟାଡ ସୁରକ୍ଷାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଗସ୍ତକୁ ଦୃଷ୍ଟିରେ ରଖି ପୂରା ଅଞ୍ଚଳରେ ହାଇଆଲର୍ଟ ସହ ସ୍ୱତନ୍ତ୍ର ନଜର ରଖାଯାଇଛି। ସହରର ପ୍ରମୁଖ ପ୍ରବେଶ ପଥରେ ନାକାବନ୍ଦୀ ଜୋରଦାର କରାଯାଇଛି। ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ କରିବା ପାଇଁ ଜୋରଦାର ପ୍ରସ୍ତୁତି ଜାରି ରହିଛି।

## ଦୁଧିଆଣି ଜଙ୍ଗଲରେ ହାତୀ ଶାବକର ବ୍ୟବଚ୍ଛେଦ, ଭୁବନେଶ୍ୱର ଗଲା ନମୁନା



**କରଞ୍ଜିଆ,୧୩।୬(ସମିସ):** କରଞ୍ଜିଆ ବନଖଣ୍ଡ ଅଧୀନ ଦୁଧିଆଣି ବନାଞ୍ଚଳର ପୁରୁଣା ଦେଓଗାଁ ସଂରକ୍ଷିତ ଜଙ୍ଗଲରେ ଗୁରୁବାର ମୃତ ଅବସ୍ଥାରେ ଠାବ ହୋଇଥିବା ହାତୀ ଶାବକର ଶୁକ୍ରବାର ବ୍ୟବଚ୍ଛେଦ କରାଯାଇ ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି। ବ୍ୟବଚ୍ଛେଦ ପରେ ବନ ବିଭାଗ ପକ୍ଷରୁ ଶାବକର ମୃତଦେହକୁ ସେହି ଜଙ୍ଗଲରେ ପୋତି ଦିଆଯାଇଛି। ପ୍ରାଥମିକ ତଦନ୍ତ ଓ ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତିରୁ ହାତୀ ଶାବକଟି ଦୁଇ ଦନ୍ତା ହାତୀଙ୍କ ମଧ୍ୟରେ ହୋଇଥିବା ଲଢେଇର ଶିକାର ହୋଇଥିବା ବନ ବିଭାଗ ଅନୁମାନ କରୁଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛି। କରଞ୍ଜିଆ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ପ୍ରାଣୀ ଚିକିତ୍ସକ ଡ. ପ୍ରଦୀପ କୁମାର ସାହୁ, ଡ. କଲ୍ୟାଣୀ ମାରାଣ୍ଡି ଓ ଯଶିପୁର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ଡ. ସୌରଭ ରଞ୍ଜନ ହୋତା ଘଟଣାସ୍ଥଳରେ ପହଞ୍ଚି ହାତୀ ଶାବକର ବ୍ୟବଚ୍ଛେଦ କରିଥିଲେ। ସରକାରୀ ସାକ୍ଷୀ ଭାବେ ବାଟପଲସା ରାଜସ୍ୱ ନିରୀକ୍ଷକ ବ୍ରହ୍ମଜିତ ରାଉତ, ତହସିଲ ଅମିନ ରାମହରି ଟୁଡୁ, ପୁରୁଣା ଦେଓଗାଁ ୱାର୍ଡ ସଭ୍ୟଙ୍କ ସହ ଦୁଧିଆଣି ବନାଞ୍ଚଳ ଅଧିକାରୀ ମହାବୀର ସିଂ ମୁର୍ମୁ ଓ କରଞ୍ଜିଆ ବନଖଣ୍ଡ ଅଧିକାରୀ ଅଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୃତ ହାତୀ ଶାବକର ମୃତ୍ୟୁର ସଠିକ୍ କାରଣ ଜାଣିବା ପାଇଁ ଭିସେରା ଓ କ୍ଷତସ୍ଥାନରୁ ସଂଗୃହୀତ ମାଂସ ନମୁନାକୁ ପରୀକ୍ଷା ନିମନ୍ତେ ଭୁବନେଶ୍ୱର ପଠାଯାଇଥିବା ଡାକ୍ତର ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ରିପୋର୍ଟ ଆସିବା ପରେ ହାତୀ ଶାବକର ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ।

## ବାଇକ୍ ଧକ୍କାରେ ଜଣେ ମୃତ

**କପ୍ତିପଦା,୧୩।୬(ସମିସ):** କପ୍ତିପଦା ଥାନା ଅନ୍ତର୍ଗତ ପାଗଡାଡିହା ଗ୍ରାମରେ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ପାଗଡାଡିହା ଗ୍ରାମର ଶୁକ୍ରା ସିଂ (୩୨)। ସେ ସକାଳେ ଘର ନିକଟରେ ବସିଥିବା ସମୟରେ ରତ୍ନାକର ମାଙ୍କିଡିଆ ଦ୍ରୁତ ଗତିରେ ଗାଡି ଚଳାଇ ଯାଉଥିବା ସମୟରେ ତାଙ୍କ ଉପରେ ଚଢ଼ାଇ ଦେଇଥିଲେ। ଘଟଣାସ୍ଥଳରେ ଶୁକ୍ରା ସିଂ ମୃତ୍ୟୁବରଣ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦଳା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଇକ୍ ଚଳାଉଥିବା ରତ୍ନାକର ମାଙ୍କିଡିଆ ଓ ପଛରେ ବସିଥିବା ବ୍ୟକ୍ତି ଗୁରୁତର ଆହତ ହୋଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। କପ୍ତିପଦା ପୁଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ରେଳ ଲାଇନରୁ ମହିଳାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର

**ରାଇରଙ୍ଗପୁର,୧୩।୬ (ସମିସ):** ରେଳ ଲାଇନରୁ ମହିଳାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଟ୍ରେନରେ କଟି ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ମୃତ ମହିଳା ଜଣକ ହେଲେ ବିହାର ସମସ୍ତିପୁର ଥାନା ଅନ୍ତର୍ଗତ ୱାରିଲଶନଗର ଅଞ୍ଚଳ ତାନ୍ତି ୱାର୍ଡ ୧୧ର ଡଙ୍ଗଲ କୁମାରଙ୍କ ପତ୍ନୀ ନେହା କୁମାରୀ (୨୦)। ମହିଳା ଜଣଙ୍କ ଶିଶୁ କନ୍ୟା ଥିବାବେଳେ ପ୍ରାୟ ୩ ବର୍ଷ ହେବ ସ୍ୱାମୀଙ୍କ ସହ ରାଇରଙ୍ଗପୁରରେ ବଞ୍ଜାରା ଭଳି ରହୁଥିଲେ। ଶନିବାର ଦିନ ପ୍ରାୟ ୨ରୁ ୨.୩୦ ସମୟରେ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର କରାଯାଇଛି। ଟାଟାରୁ ରାଇରଙ୍ଗପୁର ପଟକୁ ରେଳ ବିଦ୍ୟୁତ୍ ରକ୍ଷଣାବେକ୍ଷଣ ଭ୍ୟାନ (ରେଳ ଇଞ୍ଜିନ) ଆସୁଥିବାବେଳେ ରାଇରଙ୍ଗପୁର-ଗୋରୁମହିଷାଣୀ ରାସ୍ତାରେ ଥିବା ନିରଞ୍ଜନ ରେଳବାଇ ଫାଟକ ନିକଟରେ ଅଘଟଣ ଘଟିଛି। ସ୍ଥାନୀୟ ଲୋକ ଦେଖି ପୁଲିସ ଓ ରେଳବାଇକୁ ଖବର ଦେଇଥିଲେ। ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ପଠାଇଛି। ଏ ନେଇ ରେଳବାଇ ଥାନାରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

## ନଦୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**କୁଆମରା,୧୩।୬(ସମିସ):** ଗୋପବନ୍ଧୁନଗର ବ୍ଲକ ଦେଇ ପ୍ରବାହିତ ସୋନ ନଦୀର ବରଡିହି ପଞ୍ଚାୟତ ଚାମୁଡି ଘାଟ ନିକଟରୁ ଆଜି ଜଣେ ବୃଦ୍ଧଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତକ ସାଇଁକୁଳା ପଞ୍ଚାୟତ ଭାନପୁର ଗ୍ରାମର ବାବୁ ନାଏକ (୫୫)। ବାବୁ ଶୁକ୍ରବାର ମଧ୍ୟାହ୍ନରେ ଚାମୁଡି ଘାଟ ଗଣ୍ଡକୁ ମାଛ ଧରିବାକୁ ଯାଇଥିବାବେଳେ ଗଭୀର ପାଣି ମଧ୍ୟକୁ ପଶିଯାଇ ଆଉ ବାହାରି ପାରି ନ ଥିଲେ। ଫଳରେ ସେଠାରେ ବୁଡ଼ିଯାଇଥିବା ଅନୁମାନ କରାଯାଉଛି। ତେବେ ପରିବାର ଲୋକ ଗତକାଲି ଖୋଜାଖୋଜି କରି ପାଇ ନ ଥିବାବେଳେ ଆଜି ସ୍ଥାନୀୟ ଲୋକେ ନଦୀରେ କେହି ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। କୁଶଲଦା ଫାଣ୍ଡି ଅଧିକାରୀ ପହଞ୍ଚି ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଚିହ୍ନଟ କରିଛନ୍ତି। ଏ ନେଇ ଉଦଳା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ରବିବାର ଦିନ ବ୍ୟବଛେଦ ହେବ ବୋଲି ଜଣାପଡିଛି।

## ଗ୍ରୀଷ୍ମକାଳୀନ ଶିକ୍ଷଣ କାର୍ଯ୍ୟକ୍ରମ ବାଟବଣା

# ପିଲାଙ୍କୁ ସମ୍ପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରଦାନ ପାଇଁ ମାରିସାର ଦାବି



**ବାରିପଦା,୧୩।୬(ସମିସ):** ଜାତୀୟ ଶିକ୍ଷାନୀତି ଲାଗୁ ପରେ ପାଠ୍ୟ ଖସଡ଼ାରେ ପରିବର୍ତ୍ତନ କରାଯାଇଛି। ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟକ୍ରମ ସାମିଲ ହୋଇଛି। ଶିକ୍ଷାବର୍ଷ ଆରମ୍ଭର ଦୁଇମାସ ବିତିଥିବାବେଳେ ପିଲାଙ୍କୁ ବହି ମିଳିପାରିନାହିଁ। ମାତ୍ର ଖଣ୍ଡେ ଦୁଇଖଣ୍ଡ ବହି ମିଳିଛି। ଫଳରେ ଖରା ଛୁଟିରେ ପିଲାମାନେ ପାଠପଢି ପାରିଲେନାହିଁ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କାରଣରୁ ଏପ୍ରିଲ ୨୭ରୁ ସରକାର ସ୍କୁଲ ଛୁଟି ଘୋଷଣା କରିଥିଲେ। ଦେଢ଼ ମାସ ପରେ ସ୍କୁଲ ଖୋଲିବାକୁ ଥିବାରୁ ଏହି ସମୟ ମଧ୍ୟରେ ପାଠପଢ଼ା ଯେପରି ବ୍ୟାହତ ନ ହୁଏ, ସେଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଗ୍ରୀଷ୍ମକାଳୀନ ଶିକ୍ଷଣ କାର୍ଯ୍ୟକ୍ରମରେ ଅନଲାଇନ୍ ଶିକ୍ଷାଦାନର ବ୍ୟବସ୍ଥା କରିଛନ୍ତି। ଚଳିତବର୍ଷ ଏସଆଇଆର ସର୍ଭେ ଯୋଗୁଁ ଗ୍ରୀଷ୍ମକାଳୀନ ଶିକ୍ଷଣ କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାରେ ବାଟବଣା ହୋଇଛି। ଶିକ୍ଷକ/ଶିକ୍ଷୟିତ୍ରୀ ଏସଆଇଆର ସର୍ଭେରେ ନିଯୁକ୍ତ ହୋଇଥିବାରୁ ନିୟମିତ ଭାବେ ଶିକ୍ଷାଦାନ ହୋଇପାରୁନି। ସ୍କୁଲ ଶିକ୍ଷକଙ୍କଠାରୁ ଆରମ୍ଭ କରି ପ୍ରଧାନଶିକ୍ଷକ, ସିଆରସିସି ସର୍ଭେ କାମରେ ନିୟୋଜିତ ଥିବାରୁ ଶତପ୍ରତିଶତ ଭାବେ ପାଠପଢ଼ା ହୋଇପାରୁନି। ଆଜି କୁଳିଅଣା ବ୍ଲକର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି। ପିଲାମାନେ ପାଠପଢ଼ା ବଦଳରେ ବିଭିନ୍ନ କାମରେ ନିୟୋଜିତ ହୋଇଛନ୍ତି ବୋଲି ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ପ୍ରକାଶ କରିଛନ୍ତି। ଅନଲାଇନରେ ପାଠପଢ଼ା ହେଉ ନ ଥିବାରୁ କେଉଁମାନେ ପନିପରିବା ବାଡିରେ କାମ କରୁଛନ୍ତି ତ କେଉଁମାନେ ପ୍ରଚଣ୍ଡ ଖରାରେ ଗାଁ ଦାଣ୍ଡରେ ସାଙ୍ଗସାଥି ସହ ଆଲି, ନଟୁ ଖେଳୁଛନ୍ତି। ରବି ଧାନ କଟା ଚାଲିଥିବାରୁ କିଛି ଛାତ୍ରଛାତ୍ରୀ ପରିବାର ଲୋକଙ୍କୁ ଏ କ୍ଷେତ୍ରରେ ସହଯୋଗ ମଧ୍ୟ କରୁଛନ୍ତି। ତେଣୁ ଯଥାଶୀଘ୍ର ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ବହି ବଣ୍ଟନ କରାଯାଉ ବୋଲି ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା) ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ଦୃଢ଼ ଦାବି କରିବା ସହ ଶିକ୍ଷକମାନେ ଘରକୁ ଘର ବୁଲି ଅନଲାଇନ ପାଠପଢ଼ା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରନ୍ତୁ ବୋଲି ମତ ଦେଇଛନ୍ତି।

## ଡିଆର୍‌କେ କପ୍ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଲାଲ୍‌ବଜାର ୱାରିୟର୍ସକୁ ହରାଇ ଜଗଦ୍ଧାତ୍ରୀ ସୁପର କିଙ୍ଗସ ଚାମ୍ପିଅନ୍



**ବାରିପଦା,୧୩।୬(ସମିସ):** ସ୍ଥାନୀୟ ମଧୁବନ ମିନି ଷ୍ଟାଡ଼ିୟମ ପଡ଼ିଆରେ ଡିଆରକେ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଡିଆରକେ କପ୍ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ୫ଟି ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଜଗଦ୍ଧାତ୍ରୀ ସୁପର କିଙ୍ଗସ ୩୪ ରନରେ ଲାଲବଜାର ୱାରିୟର୍ସକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ପ୍ରଥମେ ବ୍ୟାଟିଂ କରି ଜଗଦ୍ଧାତ୍ରୀ ଦଳ ୨୦ ଓଭରରେ ୯ ୱିକେଟ ହରାଇ ୧୮୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିଷେକ କୁମାର ଯାଦବ ୬୬, ଶୁଭମ ନାଏକ ୨୬ ଓ ମନୁ ରାମ ୨୧ ରନ କରିଥିବାବେଳେ ବିପକ୍ଷ ଦଳର ଯଶୋବନ୍ତ ମାଝୀ ୫ଟି ଓ ଆଦିତ୍ୟ କୁମାର ବସା ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଲାଲବଜାର ଦଳ ୨୦ ଓଭରରେ ୮ ୱିକେଟ୍ ହରାଇ ୧୫୫ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଦିବ୍ୟାଲୋଚନ ଦାଶ ୪୭ ଓ ଆଦିତ୍ୟ କୁମାର ବସା ୩୨ ରନ କରିଥିବାବେଳେ ବିପକ୍ଷ ଦଳର ଉପେନ୍ଦ୍ର ନାୟକ ୩ଟି ଓ ଅଭିଷେକ କୁମାର ଯାଦବ ୨ଟି ୱିକେଟ ଅକ୍ତିଆର କରିଥିଲେ। ଦିଲ୍ଲୀପ କୁମାର ଦାସ ଓ ଶେଖ ଅମଜିତ ଖେଳ ପରିଚାଳନା କରିଥିବାବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହଯୋଗ କରିଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ଚାମ୍ପିଅନ ଦଳକୁ ୧ ଲକ୍ଷ ୨୦ ହଜାର ଓ ଟ୍ରଫି, ରନର୍ସଅପ ଦଳକୁ ୮୦ ହଜାର ଟଙ୍କା ଓ କପ୍ ପ୍ରଦାନ କରାଯାଇଥିବାବେଳେ ମ୍ୟାନ ଅଫ ଦି ମ୍ୟାଚ ଭାବେ ଅଭିଷେକ କୁମାର ଯାଦବ, ଶ୍ରେଷ୍ଠ ଖେଳାଳି ଭାବେ ରାମଚନ୍ଦ୍ର ବେହେରା, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଅଭିଜ୍ଞାନ ମହାନ୍ତି, ଶ୍ରେଷ୍ଠ ବୋଲର ଭାବେ ଯଶୋବନ୍ତ ମାଝୀ ଓ ଶ୍ରେଷ୍ଠ ଫିଲଡର ଭାବେ ଶୁଭମ ନାଏକ ପୁରସ୍କୃତ ହୋଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ସରସକଣା ବିଧାୟକ ଭାଦବ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସିନେ ପ୍ରଯୋଜକ ସଂଜୀବ ଦ୍ୱିବେଦୀ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସମ୍ପାଦକ ବିଜୟ କୁମାର ଦାସ, ପୂର୍ବତନ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା, ସମାଜସେବୀ କାଶୀନାଥ ରଣା, ନନ୍ଦିକେଶ ଶେଜପଡା, କ୍ରୀଡ଼ା ସଂଗଠକ ନିରୋଜ ସାହୁ ଓ ଅମର କୁମାର ସେଠୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। ଅମିତାଭ ଦାସ, ସତ୍ୟନାରାୟଣ ଜୀଉ ଓ ମାନସ ଧଳ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ସେମିନାର ଓ ନୃତ୍ୟ ଉତ୍ସବ

# ଶୁକୃଳି କଳାକାରଙ୍କ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ



**ଶୁକୃଳି, ୧୩।୬(ସମିସ):** ଓଡ଼ିଶାରେ ପ୍ରଚଳିତ ପୁରାତନ ଶାସ୍ତ୍ରୀୟ ନୃତ୍ୟର ନାମ ହେଉଛି ଓଡ଼ିଶୀ ନୃତ୍ୟ। ରାଜ୍ୟର ଗୌରବ ବିମଣ୍ଡିତ ଏହି ନୃତ୍ୟର ଛନ୍ଦ, ଭଙ୍ଗି ଓ ଲାଳିତ୍ୟ ନିଆରା। ଏହାର ପ୍ରଚାର ପ୍ରସାର ନିମିତ୍ତ ଭୁବନେଶ୍ୱରସ୍ଥ ବୁଦ୍ଧ ନଗରରେ ଲବ୍ଧ ପ୍ରତିଷ୍ଠ ସାଂସ୍କୃତିକ ନୃତ୍ୟ କଳା ଅନୁଷ୍ଠାନ ନୃତ୍ୟଶ୍ରୀ ଆନୁକୂଲ୍ୟରେ ଗତ ୧୦ ଓ ୧୧ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି ଦଶମ ଜାତୀୟ ସେମିନାର ଓ ନୃତ୍ୟ ଉତ୍ସବ। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୪୦ରୁ ଉର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଥିବାବେଳେ ମୟୂରଭଞ୍ଜ ଜିଲ୍ଲା ଶୁକୃଳିସ୍ଥ ମା' କିଚକେଶ୍ୱରୀ କଳା ନିକେତନର ଅନନ୍ୟା ନାଏକ, ମଧୁଛନ୍ଦା ମହାନ୍ତ, ଓମ୍ ପ୍ରକାଶ ନାୟକ, ନିହାରିକା ନାଏକ, ଲିପ୍ସିତା ମହାନ୍ତ ପ୍ରମୁଖ କଳାକାର ନୃତ୍ୟଗୁରୁ କହ୍ନେଇ ଚରଣ ନାଏକଙ୍କ ପ୍ରଶିକ୍ଷଣଧାର ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସମ୍ମାନିତ ହେବା ସହିତ ନିଜ ବ୍ଲକ୍ ଓ ଜିଲ୍ଲା ପାଇଁ ଗୌରବ ଆଣିପାରିଛନ୍ତି। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ କୁମାର ଘଣା ଓ ସଭାପତି ଡ. ଜୀବନ କୁମାର ଗିରି ଅଂଶଗ୍ରହଣ କରିଥଲେ।

## ଚଞ୍ଚକତା କରି ଟଙ୍କା ଉଠାଣ ଅଭିଯୋଗ

**ରାଇରଙ୍ଗପୁର/କରଞ୍ଜିଆ,୧୩।୬ (ସମିସ):** ଏଟିଏମ କାର୍ଡ ବଦଳାଇ ଜଣେ ବ୍ୟକ୍ତିଙ୍କ ଟଙ୍କା ଉଠାଣ ହୋଇଛି। ଏ ନେଇ ରସମତଲା ଅଞ୍ଚଳର ଦିଲ୍ଲୀପ କୁମାର ସେଠୀ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ସେ ଏଟିଏମକୁ ଟଙ୍କା ଉଠାଇବାକୁ ଯାଇଥିଲେ। ସେଠାରେ ଥିବା ଜଣେ ବ୍ୟକ୍ତି ଚଞ୍ଚକତା କରି ତାଙ୍କ ଏଟିଏମ କାର୍ଡ ବଦଳ କରି ଦେଇଥିଲା। ସେ ଘରକୁ ଆସିବା ପରେ ଘଟଣା ବାବଦରେ ଜାଣିବାକୁ ପାଇଥିଲେ। ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବାରୁ ଉକ୍ତ ବ୍ୟକ୍ତି ଜଣକ ୪୧,୫୦୦ ଟଙ୍କା ଉଠାଇ ନେଇଛନ୍ତି। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ରଜ ପାଇଁ ଉତ୍ସବମୁଖର ମୋରଡ଼ା

# ଡ୍ରେସ୍ ଦୋକାନରେ ପ୍ରବଳ ଭିଡ଼

**ମୋରଡ଼ା,୧୩।୬(ସମିସ):** ରବିବାର ପହିଲି ରଜ। ଏ ନେଇ ସଂସ୍କୃତି ଓ ପରମ୍ପରାର ଜିଲ୍ଲା ମୟୂରଭଞ୍ଜ ଚଳଚଞ୍ଚଳ ହୋଇ ଉଠିଛି। ରଜ କୁମାରୀଙ୍କ ପର୍ବ ହୋଇଥିବାବେଳେ ଆବାଳ ବୃଦ୍ଧବନିତା ଏଥିରେ ସାମିଲ ହୋଇ ଏହି ପର୍ବକୁ ପାଳନ କରିଥା'ନ୍ତି। ରଜ ପାନଠାରୁ ଆରମ୍ଭ କରି ରଜ ପିଠା, ରଜ ଦୋଳି ଏହି ମହାନ ଓଡ଼ିଆ ଗଣପର୍ବର ସ୍ୱତନ୍ତ୍ରତା ଭରି ଦେଇଥାଏ। ମୋରଡ଼ା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଏହି ଗଣପର୍ବ ୩ ଦିନ ଧରି ଖୁବ ଜାକଜମକରେ ପାଳିତ ହୋଇଥାଏ। ତେବେ ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି ଓ ତୃତୀୟ ଦିନ ହେଉଛି ଭୂମିଦାହ ବା ଭୂମି ଦହନ। ବିଶେଷ କରି ପହିଲି ରଜ ଦିନ କୁମାରୀମାନେ ରଜପର୍ବ ନିମନ୍ତେ ବିଭିନ୍ନ ପୋଷାକ କ୍ରୟ କରିବା ସହିତ ହାତରେ ରଙ୍ଗବେରଙ୍ଗର ମେହେନ୍ଦି କରି ପାଦରେ ଅଳତା ଲଗାଇଥା'ନ୍ତି। ପହିଲି ରଜରେ ସ୍ନାନ କରି କରି ରଜର ଦେବୀ ବସୁମତୀଙ୍କୁ ବିଭିନ୍ନ ଫଳପୁଷ୍ପ ପ୍ରଦାନ କରି ପୂଜାର୍ଚ୍ଚନା କରିଥା'ନ୍ତି। ଏହି ଦିନ କୁମାରୀ ଓ ମହିଳାମାନେ ତାଙ୍କର ଦୈନନ୍ଦିନ କାର୍ଯ୍ୟରୁ ବିରତି ନେଇ ପାଦରେ ଅଳତା, ହାତରେ ମେହେନ୍ଦି ଲଗାଇ ବିଭିନ୍ନ ଅଳଙ୍କାର ପରିଧାନ କରି ଗ୍ରାମ ବୁଲିବା ସହିତ ରଜ ପୋଡପିଠା, ରଜପାନ ଖାଇ ଆନନ୍ଦରେ ରଜ ଦୋଳି ଖେଳିଥା'ନ୍ତି। ଯେଉଁଥିପାଇଁ ଶୁକ୍ରବାର ଚିତ୍ରଡା ହାଟରେ ଥିବା ଡ୍ରେସ ଦୋକାନ ରେ ଭିଡ଼ ଜମିଛି। ସେହିପରି ପୁରୁଷ ଓ ଯୁବକମାନେ ରଜରେ ନୂତନ ବସ୍ତ୍ର ପରିଧାନ କରି ରଜ ପାନ, ରଜ ପୋଡପିଠା ଖାଇ ଗ୍ରାମ ଓ ସାହିରେ ଥିବା ଖୋଲା ପଡ଼ିଆରେ ବାଗୁଡି ବା କବାଡି ଖେଳରେ ନିମଗ୍ନ ରହିଥା'ନ୍ତି। ଫଳରେ ରଜର ଏହି ୩ ଦିନ ସମସ୍ତ ଓଡ଼ିଶାବାସୀଙ୍କ ପାଇଁ ଏକ ଏକ ଆନନ୍ଦର ସମୟ ଭାବେ ପରିଗଣିତ ହୋଇଥାଏ।

## ଡକାୟତି ଉଦ୍ୟମ ପଣ୍ଡ, ୬ ଆନ୍ତଃରାଜ୍ୟ ଡକାୟତ ଗିରଫ

**ବାରିପଦା,୧୩।୬(ସମିସ):** ବାରିପଦା ସହରରେ ଡକାୟତି ଯୋଜନା କରୁଥିବା ୬ ଆନ୍ତଃରାଜ୍ୟ ଡକାୟତଙ୍କୁ ବାରିପଦା ଟାଉନ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ଏକ ହୋଟେଲରେ ଥିବା ଖବରପାଇ ପୁଲିସ ଚଢ଼ଉ କରି ସେମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟ ଝାଡଗ୍ରାମ ଜିଲ୍ଲା ଗୋପୀବଲ୍ଲଭପୁର ଥାନା ଅଞ୍ଚଳର ଜୁରେନ ଦାସ ଓ ଅଭିଜିତ ଭକତ, ଉତ୍ତରପ୍ରଦେଶ ବାଘପାଟ ଜିଲ୍ଲା ସିଙ୍ଘାଲି ଥାନା ଦେଉଳା ଅଞ୍ଚଳର ଗୁଲଫାମ, ଶାହାରୁଖ ଖାନ, ଗାଜିଆବାଦ ଜିଲ୍ଲା ମୁରାଦାନଗର ଥାନା ଅଞ୍ଚଳର ସବିତନଗରର ଅବଦୁଲ କଲାମ ଓ ମସୁରୀ ଜାମପାଦ ଥାନା ରଫିକାବାଦ କଲୋନୀର ରସିଦ। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଗତ ୯ ତାରିଖରେ ଏକ ସ୍କୋର୍ପିଓ ଗାଡ଼ିରେ ଆସି ଅଭିଯୁକ୍ତମାନେ ବାରିପଦା ବସ୍‌ଷ୍ଟାଣ୍ଡର ଏକ ହୋଟେଲରେ ରହୁଥିଲେ। ସେଠାରେ ରହି ଦିନବେଳେ ସହରର ବିଭିନ୍ନ ସ୍ଥାନରେ ଘୁରି ବୁଲୁଥିଲେ। ରାତିରେ ଡକାୟତି ଯୋଜନା କରୁଥିବା ନେଇ ପୁଲିସ ଖବର ପାଇଥିଲା। ପୁଲିସର ଏକ ଟିମ ହୋଟେଲରେ ଚଢ଼ଉ କରି ସମସ୍ତଙ୍କୁ ଗିରଫ କରିଛି। ତେବେ ଅଭିଯୁକ୍ତମାନେ ସହରର ଏଟିଏମ ଓ ବ୍ୟବସାୟ ପ୍ରତିଷ୍ଠାନ ଉପରେ ନଜର ରଖୁଥିଲେ ବୋଲି ଥାନା ଅଧିକାରୀ କରୁଣାକର ରାଉତ ପ୍ରକାଶ କରିଛନ୍ତି।

## ଆଜି ବିଶ୍ୱ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ

# ବାରିପଦା ରକ୍ତଭଣ୍ଡାରକୁ ବିଭିନ୍ନ ମହଲରୁ ପ୍ରଶଂସା

**ବାରିପଦା, ୧୩।୬(ସମିସ)**




ଜନସଂଖ୍ୟା ବୃଦ୍ଧି ତୁଳନାରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ରୋଗୀଙ୍କ ପାଇଁ ରକ୍ତର ଆବଶ୍ୟକତା ମଧ୍ୟ ବଢ଼ିବାରେ ଲାଗିଛି। ତେବେ ଆବଶ୍ୟକ ତୁଳନାରେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ସଂଖ୍ୟା ହ୍ରାସ ବର୍ତ୍ତମାନ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ହସ୍ପିଟାଲ ପରିସରରେ ଥିବା ବାରିପଦା ରକ୍ତଭଣ୍ଡାର ବର୍ତ୍ତମାନ ରକ୍ତ ସଙ୍କଟ ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ପ୍ରଶଂସା ଭାଜନ ହୋଇଛି।

ଜୁନ ୧୪ ତାରିଖକୁ ବିଶ୍ୱ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ ଭାବେ ପାଳନ କରାଯାଉଥିବାବେଳେ ବାରିପଦାସ୍ଥ ଓଡିଶା ରକ୍ତଭଣ୍ଡାର କେନ୍ଦ୍ର ସମଗ୍ର ରାଜ୍ୟରେ କଟକ ବଡ଼ ଡାକ୍ତରଖାନା ରକ୍ତଭଣ୍ଡାର ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ୨୦୨୫-୨୬ ବର୍ଷରେ ଏହି ରକ୍ତଭଣ୍ଡାର ୧୪୦ଟି ରକ୍ତଦାନ ଶିବିର ଜରିଆରେ ୬୫୧୧ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ଓ ରକ୍ତଭଣ୍ଡାରରରେ ୮୮୩୯ ୟୁନିଟକୁ ମିଶାଇ୧୫୩୫୦ ୟୁନିଟ ରକ୍ତ ସଂଗ୍ରହ କରି ରାଜ୍ୟର ପ୍ରମୁଖ ସହଯୋଗୀ କେନ୍ଦ୍ର ଭାବେ ପରିଗଣିତ ହୋଇଛି। ଏଠାରେ କେବଳ ରକ୍ତ ସଂଗ୍ରହ ନୁହେଁ, ବରଂ ରକ୍ତ ପୃଥକୀକରଣ ପରୀକ୍ଷା ଦ୍ୱାରା ପ୍ଲାଜମା, ପ୍ଲେଟଲେଟ, ଆରବିସି, କ୍ରାୟ ପେସିପିଟେଡ ଓ କ୍ରାୟ ପ୍ରେସିପିକେଟ ଓ କ୍ରାୟ ପୋର ପ୍ଲାଜମ ଜରୁରିକାଳୀନ ରୋଗୀଙ୍କୁ ପ୍ରଦାନ କରାଯାଇ ଜୀବନରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିଛି। ଏହି ରକ୍ତଭଣ୍ଡାରର ଉଚ୍ଚ ଗୁଣବତ୍ତା ଓ ନିୟନ୍ତ୍ରିତ ବ୍ୟବସ୍ଥା ପ୍ରଦର୍ଶନ ପାଇଁ ଚଳିତ ଥର ଜାତୀୟ ପୁରସ୍କାର ନିମନ୍ତେ ମନୋନୀତ ହେବା ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବର ବିଷୟ। ଏଥିପାଇଁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ବାରିପଦା ରକ୍ତଭଣ୍ଡାର ପକ୍ଷରୁ ରକ୍ତ ଅଭାବ ଦୂର କରିବାକୁ ବିଭିନ୍ନ ସଂଗଠନ ଜରିଆରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରି ରକ୍ତ ସଂଗ୍ରହ କରାଯାଉଛି। ବିଭିନ୍ନ ସଙ୍ଗଠନକୁ ଛାଡ଼ିଦେଲେ ଅନେକ ସ୍ୱେଚ୍ଛାକୃତ ରକ୍ତଦାତା ନିୟମିତ ବ୍ୟବଧାନରେ ରକ୍ତଦାନ କରୁଛନ୍ତି।

**ରୋଗୀଙ୍କ ଜୀବନ ରକ୍ଷାରେ ୬ ବର୍ଷରେ ୧.୧୬ ଲକ୍ଷ ୟୁନିଟ୍ ରକ୍ତ ପ୍ରଦାନ**

ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୦ରେ ୧୧୯ଟି ରକ୍ତଦାନ ଶିବିରରୁ ୪୪୭୯ ଓ ରକ୍ତଭଣ୍ଡାରରୁ ୩୬୯୪ ୟୁନିଟ ସଂଗୃହୀତ ରକ୍ତକୁ ମିଶାଇ ମୋଟ ୭୯୯୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିବାବେଳେ ୭୬୫୩ ୟୁନିଟ ରକ୍ତ ରୋଗୀଙ୍କ କାର୍ଯ୍ୟରେ ଆସିଛି। ସେହିପରି ୨୦୨୧ରେ ୯୭ଟି ରକ୍ତଦାନ ଶିବିରରୁ ୩୯୯୪ ଓ ରକ୍ତଭଣ୍ଡାରରୁ ୪୦୧୧ ୟୁନିଟ ସଂଗୃହୀତ ରକ୍ତକୁ ମିଶାଇ ମୋଟ ୮୦୦୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିବାବେଳେ ୭୭୧୭ ୟୁନିଟ ରକ୍ତ ରୋଗୀଙ୍କ କାର୍ଯ୍ୟରେ ଆସିଛି। ୨୦୨୨ରେ ୯୦ଟି ରକ୍ତଦାନ ଶିବିରରେ ୪୪୬୮ ଓ ରକ୍ତଭଣ୍ଡାରରେ ୬୧୦୯ ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଜରିଆରେ ମୋଟ ୧୦,୫୭୭ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ସେଥିମଧ୍ୟରୁ ୧୦,୩୭୮ ୟୁନିଟ ରକ୍ତ ରୋଗୀଙ୍କୁ ପ୍ରଦାନ କରାଯାଇଛି। ସେହିପରି ୨୦୨୩ରେ ୧୦୮ଟି ରକ୍ତଦାନ ଶିବିରରେ ୬୨୯୦ ଓ ରକ୍ତଭଣ୍ଡାରରେ ୬୧୪୯କୁ ମିଶାଇ ମୋଟ ୧୨,୪୩୯ ୟୁନିଟ ସଂଗୃହୀତ ହୋଇଛି। ସେଥିମଧ୍ୟରୁ ୧୧୯୨୪ ୟୁନିଟ ରକ୍ତ ରୋଗୀଙ୍କ କାର୍ଯ୍ୟରେ ଆସିଛି। ୨୦୨୪ରେ ୯୨ଟି ରକ୍ତଦାନ ଶିବିରରୁ ୪୨୬୬ ଓ ରକ୍ତଭଣ୍ଡାରରେ ସଂଗୃହୀତ ୯୬୦୭ ୟୁନିଟ ରକ୍ତକୁ ମିଶାଇ ୧୩ ହଜାର ୮୭୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିବାବେଳେ ୨୬୧ଟି ସଂକ୍ରମିତ ରକ୍ତ ରହିଥିବାବେଳେ ୧୩, ୫୦୮ ୟୁନିଟ ରୋଗୀଙ୍କୁ ପ୍ରଦାନ କରାଯାଇଛି। ଦେଖିବାକୁ ଗଲେ ଏହି ୬ ବର୍ଷରେ ବାରିପଦା ରକ୍ତଭଣ୍ଡାର ୧ ଲକ୍ଷ ୧୬ ହଜାର ୨୬୮ ୟୁନିଟ ରକ୍ତ ରୋଗୀଙ୍କୁ ଯୋଗାଇ ଜୀବନ ରକ୍ଷାରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଛି। ରକ୍ତଭଣ୍ଡାରର ଭାରପ୍ରାପ୍ତ ଅଧିକାରୀ ଡା. ସୌମ୍ୟରଞ୍ଜନ ନାୟକଙ୍କ କହିବାନୁଯାୟୀ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତରେ ରକ୍ତଦାନ ସମ୍ବନ୍ଧୀୟ ସଚେତନତା ସୃଷ୍ଟି ସହିତ ବ୍ୟାପକ ରକ୍ତଦାନ ଶିବିର ଆୟୋଜନକୁ ଗୁରୁତ୍ୱ ଦିଆଯାଉଛି। ଆଗାମୀ ଦିନର ଆବଶ୍ୟକତା ପୂରଣରେ ଏହି ରକ୍ତଭଣ୍ଡାର ତା'ର ପୂର୍ବ ପ୍ରତିଛବି ଅକ୍ଷୁର୍ଣ୍ଣ ରଖିପାରିବ। ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ସେ ରକ୍ତଭଣ୍ଡାର ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବାଇପାସ୍ ପାଇଁ ଆହୁରି ଅପେକ୍ଷା

# ଯେତେ ମୁଣ୍ଡ ଗଡୁଛି, ସେତେ ସମୟ ବଢୁଛି

ବଲାଙ୍ଗିର,୧୩।୬(ସମିସ)



ବଲାଙ୍ଗିର ବାଇପାସ୍ ରାସ୍ତା କାମ ମାସ ପରେ ମାସ ଗଡୁଛି। ରାସ୍ତାରେ ମୁଣ୍ଡ ପରେ ମୁଣ୍ଡ ଗଡୁଛି; କିନ୍ତୁ କାମ ସରୁନାହିଁ। ବିଭିନ୍ନ ଆଳ ଦେଖାଇ ରାସ୍ତା ନିର୍ମାଣ କାମକୁ ବିଳମ୍ବ କରାଯାଉଛି। ଜାତୀୟ ରାଜପଥ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ପ୍ରାୟ ୧୨ କିମି ରାସ୍ତା କାମ ସାରିବାକୁ ପୁଣି ଅତିରିକ୍ତ ସମୟ ଦିଆଯାଇଛି। ଜୁଲାଇ ୩୧ ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ ରହିଥଲା। ଆହୁରି ୮ ମାସ ସମୟ ଅଧିକ ଲାଗିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି। ସେହିପରି ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ରାସ୍ତା ମଧ୍ୟ ଅଧାରେ ଅଟକିଛି। ଏହାଫଳରେ ବଲାଙ୍ଗିରବାସୀଙ୍କ ବାଇପାସ୍ ରାସ୍ତା ନିର୍ମାଣ ସ୍ୱପ୍ନ କେବେ ପୂରଣ ହେବ ତାହା ସବୁଠାରୁ ବଡ଼ ପ୍ରଶ୍ନ ହୋଇ ରହିଛି।

ଦୀର୍ଘ ବର୍ଷ ବଲାଙ୍ଗିରବାସୀଙ୍କ ବାଇପାସ୍ ସ୍ୱପ୍ନ ପୂରଣ ହୋଇନାହିଁ। ସହରର ଚାରିପଟେ ଏକ ବାଇପାସ ରାସ୍ତା ନିର୍ମାଣ କରିବାକୁ କରାଯାଇଥିବା ଯୋଜନା କେବେ ସଫଳ ରୂପାୟନ ହେବ ତାହା ଆଜି ବି ଏକ ବଡ଼ ପ୍ରଶ୍ନ ହୋଇରହିଛି। ୨୦୧୨ ମସିହାରୁ ଏହି ବାଇପାସ୍ ରାସ୍ତାରେ ଏକ ଅଂଶ ନିର୍ମାଣ ହୋଇସାରିଛି; କିନ୍ତୁ ବାକି କାମ ଆଜି ବି ସରିନାହିଁ। କେବଳ ସମୟ ଗଡିଚାଲିଛି। ବଲାଙ୍ଗିର ଦେଇ ଦୁଇଟି ଜାତୀୟ ରାଜପଥ ଯାଇଛି। ବରଗଡ-ବୋରିଗମ୍ମା ୨୬ ନଂ ଜାତୀୟ ରାଜପଥ ଓ ଖୋର୍ଦ୍ଧା-ରାୟପୁର ୫୭ ନଂ ଜାତୀୟ ରାଜପଥ ବଲାଙ୍ଗିର ସହର ଦେଇ ଯାଇଛି। ଏହାଫଳରେ ସହର ଭିତରେ ଭାରୀଯାନ ଚଳାଚଳ ଏକ ବଡ ସମସ୍ୟା ସାଜିଛି। ନିୟମିତ ଦୁର୍ଘଟଣାରେ ଲୋକଙ୍କ ଧନଜୀବନ ନଷ୍ଟ ହେଉଛି। ଗତ ୩ ବର୍ଷ ହେଲା ଜାତୀୟ ରାଜପଥ ବିଭାଗ ଅଧୀନରେ ଥିବା ଅଂଶ ବାଇପାସ ରାସ୍ତା କାମ ଆରମ୍ଭ ହୋଇଛି। ଜାତୀୟ ରାଜପଥ ବିଭାଗ ପକ୍ଷରୁ ବଲାଙ୍ଗିର ମାଧିଆପାଲିରୁ ପୁଇଁନ୍ତଲା, ବିଷ୍ଣୁମୁଣ୍ଡା, ଖୁଜେନପାଲି, ବିଜାଖମନ ଦେଇ ଟିଟିଲାଗଡ ରୋଡ୍‌କୁ ସଂଯୋଗ କରିବାକୁ ପ୍ରସ୍ତାବ ରହିଛି। ଏହି ୧୨ କିମି ରାସ୍ତା ନିର୍ମାଣ କାମ ପାଇଁ ୨୦୨୩ ଜୁନ ୨୩ ତାରିଖରେ ଭୂମିପୂଜା କରାଯାଇଥିଲା। ଏହି ରାସ୍ତା ଏପ୍ରିଲ ମାସ ୨୦୨୬ ସୁଦ୍ଧା ସଂପୂର୍ଣ୍ଣ ହୋଇଯିବା କଥା। ଏପରିକି ଏହାର ପରିବର୍ଦ୍ଧିତ ସମୟ ଜୁଲାଇ ୩୧ ତାରିଖ ରଖାଯାଇଥିଲା। ରାସ୍ତାକାମର ପ୍ରାୟ ୫୫ ପ୍ରତିଶତ କାମ ସରିଛି। ଅର୍ଥାତ କାମ ସାରିବାକୁ ଆହୁରି ଅଧିକ ସମୟ ଲାଗିବ। ୨୦୨୭ ମାର୍ଚ୍ଚ ୩୧ ସୁଦ୍ଧା ସାରିବାକୁ ଠିକା ସଂସ୍ଥାକୁ ରାଜପଥ ବିଭାଗ ପକ୍ଷରୁ ଅତିରିକ୍ତ ସମୟ ଦିଆଯାଇଛି। ମନ୍ଥର ଗତିରେ ସଂପୃକ୍ତ ଠିକା ସଂସ୍ଥା କାମ କରୁଥିବାରୁ ଏହି କାମ ବିଳମ୍ବ ହେଉଛି। ସେହିପରି ମାଧିଆପାଲିଠାରୁ ସଦେଇପାଲି, ଲର୍କିପାଲି, ଲାଲଟିକ୍ରା, ଗନ୍ଧରେଲ ଦେଇ ଟିଟିଲାଗଡ ରାସ୍ତାର ବିଜାଖମନ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ନିର୍ମାଣ କରିବା ପାଇଁ ପ୍ରସ୍ତବ ରହିଛି। ଏହି ୧୨ କିମି ରାସ୍ତାରୁ ୬ କିମି (ମାଧିଆପାଲିରୁ ସଦେଇପାଲି ଓ ସଦେଇପାଲିରୁ ପାଟଣାଗଡ ରାସ୍ତା ଧମାମୁରା) ପର୍ଯ୍ୟନ୍ତ ରାସ୍ତା କାମ ନିର୍ମାଣ ସରିଛି; କିନ୍ତୁ ପାଟଣାଗଡ ରାସ୍ତାରୁ ଟିଟିଲାଗଡ ରାସ୍ତାକୁ ସଂଯୋଗ କରୁଥିବା ବାଇପାସର ଏକ ଅଂଶ କାମ ଠିକ୍ ଭାବେ ଆରମ୍ଭ ହୋଇନି। ଜଙ୍ଗଲ ଅନୁମତି ନ ଥିବାରୁ ଏହି କାମ ବନ୍ଦ ଥିଲା। ଏବେ ଏହି ଅନୁମତି ମିଳି ସାରିଛି। ୬ କିମି ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ଆଉ କେତେ ସମୟ ଲାଗିବ ତାହା କହିବା ମୁସ୍କିଲ। ଗୋଟିଏ ପଟେ ବାଇପାସ ରାସ୍ତା ନ ଥିବାରୁ ସହର ରାସ୍ତାରେ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡୁଛି। ଅନ୍ୟପଟେ ରାସ୍ତା କାମ ସାରିବାକୁ ବିଭାଗ ସମୟ ପରେ ସମୟ ଗଡାଇ ଚାଲିଛି। ଏହାକୁ ନେଇ ଅସନ୍ତୋଷ ମଧ୍ୟ ବୃଦ୍ଧି ପାଇଛି।

**ଜୁଲାଇ ୩୧ ବଦଳରେ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଢିଲା ସମୟ**

## 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ



ବଲାଙ୍ଗିର,୧୩।୬(ସମିସ): ବଲାଙ୍ଗିର ଜିଲ୍ଲା ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରେକ୍ଷାଳୟରେ ଆଭାଷୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଟିଟିଲାଗଡ ବିଧାୟକ ନବୀନ ଜୈନ, ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ମାଧବ ସାଏ, ସାଂସଦଙ୍କ ପ୍ରତିନିଧି ଦିନେଶ ଶର୍ମା, ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର, ଅତିରିକ୍ତ ଜିଲ୍ଲାପାଳ ଡା. ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲାପରିଷଦ) ତରିଣୀ ସୁନା ଓ ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନା ଅଧୀନରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନ ସମସ୍ତ ଯୋଗ୍ୟ ରାସନ କାର୍ଡଧାରୀଙ୍କୁ ସେମାନଙ୍କ ନିୟମିତ ପ୍ରାପ୍ୟ ବ୍ୟତୀତ ପ୍ରତି ହିତାଧିକାରୀ ପିଛା ମାସିକ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ବିନା ମୂଲ୍ୟରେ ବଣ୍ଟନ କରାଯିବ। ଏହି ଯୋଜନା ଅପ୍ରିଲରୁ ଲାଗୁ ହେବ। ହିତାଧିକାରୀ ଏକକାଳୀନ ଅପ୍ରିଲ, ମେ ଓ ଜୁନର କୋଟା ପାଇବେ। ପ୍ରତି ହିତାଧିକାରୀ ମାସିକ ୫ କିଲୋଗ୍ରାମ ହିସାବରେ ୧୫ କିଲୋଗ୍ରାମ ଚାଉଳ ନିକଟସ୍ଥ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରରୁ ପାଇପାରିବେ। ଏହି ଯୋଜନାରେ ଲାଭାର୍ଥୀଙ୍କୁ ସ୍ୱତନ୍ତ୍ର ରାସନ କାର୍ଡ ବିନା ମୂଲ୍ୟରେ ଯୋଗାଇ ଦିଆଯିବ। ଜିଲ୍ଲାରେ ସର୍ବମୋଟ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ସଂଖ୍ୟା ୩୪୨ ରହିଛି। ରେଶନ କାର୍ଡ ସଂଖ୍ୟା ୪,୭୩,୪୩୨ ଓ ହିତାଧିକାରୀଙ୍କ ସଂଖ୍ୟା ୧୩,୯୯,୩୯୮ ରହିଛି। ମାସିକ ଚାଉଳ କୋଟା ୬୯,୯୬୯.୯୦ କ୍ୱିଣ୍ଟାଲ ରହିଛି। ମାସିକ ଆନୁମାନିକ ଖର୍ଚ୍ଚ ଅଟକଳ ଟଙ୍କା ୩୦,୧୧,୫୪,୬୪୮ ଏବଂ ବାର୍ଷିକ ଆନୁମାନିକ ଖର୍ଚ୍ଚ ଅଟକଳ ଟଙ୍କା ୩,୬୧,୩୮,୫୫,୭୭୬ ରହିଛି। ଏହି ଅବସରରେ ପୋଷଣ ଅଭିଯାନ ଅଧୀନ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟଫୋନ ମଧ୍ୟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ବଲାଙ୍ଗିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷୀକେଶ ଗଣ୍ଡ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦାମଦୋର ବିଶ୍ୱାଳ, ସହାୟକ ଯୋଗାଣ ଅଧିକାରୀ (ସଦର) ପୀତବାସ ମଲ୍ଲିକ, ଶରତ ରାଉତ, ଜିଲ୍ଲାସ୍ତରୀୟ ଅଧିକାରୀ ସହ ଜିଲ୍ଲାଯୋଗାଣ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## କଳିକେଶଙ୍କ ପ୍ରତାପସାଗର ଓ ମହାରାଣୀ ସାଗର ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା



ବଲାଙ୍ଗିର,୧୩।୬(ସମିସ): ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଐତିହାସିକ ପ୍ରତାପସାଗର ଓ ମହାରାଣୀସାଗର ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ପୌରାଧ୍ୟକ୍ଷା ଲିକା ସାହୁଙ୍କ ସହ ସେ ପରିଦର୍ଶନ କରିଛନ୍ତି। ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବା ପରେ ଏହା ତାଙ୍କର ଦ୍ୱିତୀୟ ପରିଦର୍ଶନ। ପ୍ରତାପସାଗର ପରିଦର୍ଶନ ସମୟରେ ବିଧାୟକ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ରୁଗୁଡିପଡା ଅଞ୍ଚଳରୁ ଆସୁଥିବା ବର୍ଷାଜଳ ବନ୍ଧ ମଧ୍ୟକୁ ପ୍ରବେଶ ନ କରି ଭିନ୍ନ ମାର୍ଗରେ ନିଷ୍କାସନ ହେବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି ରଖିଥିଲେ। ବର୍ଷା ଋତୁ ଆସିଥିବାରୁ ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଧାୟକ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତାପସାଗରରେ ଦୀର୍ଘଦିନ ଧରି ଜମି ରହିଥିବା ବିପୁଳ ପରିମାଣର ପଙ୍କକୁ ପୌରପାଳିକା ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉତ୍ତୋଳନ କରାଯାଇଛି। ଏହି କାର୍ଯ୍ୟ ସମୟରେ କିଛି ସ୍ଥାନରେ ରାସ୍ତା ଉପରେ ମାଟି ପଡିଥିବା ନେଇ ଉଠିଥିବା ଅଭିଯୋଗ ପ୍ରସଙ୍ଗରେ ପୌରାଧ୍ୟକ୍ଷା ସାମୟିକ ଅସୁବିଧାକୁ ସହଯୋଗର ମନୋଭାବ ସହ ଗ୍ରହଣ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ବିଧାୟକ ମଧ୍ୟ ସହରର ଦୀର୍ଘମିଆଦି ଉନ୍ନୟନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ବନ୍ଧଗୁଡିକର ସୁରକ୍ଷା ପାଇଁ ସମସ୍ତ ପଡାରେ ଏକଏକ ବରିଷ୍ଠ ନାଗରିକଙ୍କୁ ନେଇ ସୁରକ୍ଷା କମିଟି ଗଠନ କରିବାକୁ ପୌରପରିଷଦକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ବିଧାୟକ ମହାରାଣୀସାଗର ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଥିଲେ।

ମହାରାଣୀସାଗରରେ ବାହାର ଜଳ ପ୍ରବେଶ ରୋକିବା ପାଇଁ ଏକ ବଡ଼ ଡ୍ରେନ ନିର୍ମାଣ କାର୍ଯ୍ୟ ଚାଲିଛି। ଉପରମୁଣ୍ଡରୁ ନାଳ ଦେଇ ଆସୁଥିବା ପାଣିକୁ ସାଗର ଭିତରକୁ ନ ପଠାଇ ତଳମୁଣ୍ଡ ପର୍ଯ୍ୟନ୍ତ ନେବା ପାଇଁ ଏହି ବ୍ୟବସ୍ଥା କରାଯାଉଛି। ବର୍ତ୍ତମାନ ଏହି ଡ୍ରେନର କଂକ୍ରିଟକରଣ କାମ ଚାଲିଥିବା ବିଧାୟକ ଅନୁଧ୍ୟାନ କରିଥିଲେ।

## ଏସ୍‌ଆଇଆର୍ ସଫଳତା ପାଇଁ ପ୍ରଶାସନର ପ୍ରୟାସ

ବଲାଙ୍ଗିର,୧୩।୬(ସମିସ): ଭୋଟର ତାଲିକାର ସ୍ୱଚ୍ଛ, ନିର୍ଭୁଲ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସର୍ବାଧିକ ଜନସହଭାଗିତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏସଆଇଆର ଚାଲିଛି। ସଫଳ ଓ ତ୍ରୁଟିହୀନ ଭାବେ କାର୍ଯ୍ୟକାରୀ କରିବା ପାଇଁ ବଲାଙ୍ଗୀର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ବଲାଙ୍ଗିର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଉଦ୍‌ଘାଟନ କରିଥିଲେ। ଭୋଟର ତାଲିକାର ସ୍ୱଚ୍ଛତା ଓ ଶତ ପ୍ରତିଶତ ଭୋଟଦାନ ହିଁ ସୁଦୃଢ଼ ଗଣତନ୍ତ୍ର ମୂଳ ଆଧାର। ପ୍ରତ୍ୟେକ ଯୋଗ୍ୟ ନାଗରିକ ନିଜ ନାମ ଭୋଟର ତାଲିକାରେ ସଂଶୋଧନ/ସଂଯୋଜନ କରିବା ସହ ପରିବାର ସମସ୍ତଙ୍କର ନାମ ପଞ୍ଜୀକରଣ ପାଇଁ ଉତ୍ସାହିତ କରନ୍ତୁ ବୋଲି ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନୂତନ ଭୋଟରଙ୍କ ପଞ୍ଜୀକରଣ, ଭୋଟର ତାଲିକାରେ ନାମ ସଂଶୋଧନ, ସଚେତନତା ଏବଂ ନିର୍ଭୁଲ ଭୋଟର ତାଲିକାର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହାସହ ଭୋଟର ତାଲିକାର ଗୁଣାତ୍ମକ ଉନ୍ନତି ଏବଂ ନିର୍ବାଚକ ସଚେତନତା ବୃଦ୍ଧି ପାଇଁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ସାଧାରଣ ନାଗରିକମାନେ ଯୋଗଦେଇ ନିର୍ବାଚକ ସଚେତନତା ଓ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ବିଜୟାନନ୍ଦ ସେଠୀ, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ, ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ବଲାଙ୍ଗିର ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ, ଡେପୁଟି କଲେକ୍ଟର (ନିର୍ବାଚନ) ସୂର୍ଯ୍ୟକାନ୍ତ ପରିଡ଼ାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅଭିଯାନକୁ ସଫଳ କରିବା ପାଇଁ ସମସ୍ତ ସରକାରୀ କର୍ମଚାରୀ, ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ସାଧାରଣ ନାଗରିକଙ୍କ ସକ୍ରିୟ ସହଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।



## ସମବେଦନା ଜଣାଇଲେ କଳିକେଶ



କଣ୍ଟାବାଞ୍ଜି,୧୩।୬(ସମିସ): ବିଧାୟକ କଳିକେଶ ନାରାୟଣ ସିଂହଦେଓ କଣ୍ଟାବାଞ୍ଜିସ୍ଥିତ ପୂର୍ବତନ ବିଧାୟକ ଆୟୁବ ଖାଁଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏହି ଅବସରରେ ସ୍ୱର୍ଗତ ଆୟୁବ ଖାଁ ପୁଅ ଅଜମଦ ଖାଁ, ବରିଷ୍ଠ ବିଜେଡି ନେତା ଭବାନୀ ପ୍ରସାଦ ହୋତା, କଣ୍ଟାବାଞ୍ଜି ବିଜେଡ଼ି ନଗର ସଭାପତି କିଶୋର ମଛଖଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

## ପାଟଣେଶ୍ୱରୀ ମନ୍ଦିର ଗମ୍ଭୀରା ଉନ୍ନତୀକରଣ ପାଇଁ କଳିକେଶଙ୍କୁ ଦାବିପତ୍ର



ବଲାଙ୍ଗିର,୧୩।୬(ସମିସ): ବଲାଙ୍ଗିର ପାଟଣା ରାଜ୍ୟ ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିର ଗମ୍ଭୀରାରେ ବର୍ଷା ପାଣି ଗଳୁଛି। ମାଁଙ୍କ ପ୍ରତିମୂର୍ତ୍ତିରେ ଚୂନ ପଥର ଖସୁଛି। ୧୯୯୨ ମସିହାରେ ନିର୍ମାଣ ହୋଇଥିବା ମାଁଙ୍କ ପରଭା ଭଗ୍ନ ଅବସ୍ଥାରେ ଅଛି। ଏ ସବୁ ନୂଆ ନିର୍ମାଣ କରିବା ସହ ସୌନ୍ଦର୍ଯ୍ୟକରଣ ପାଇଁ ଆଜି ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ଭେଟିଛି। ସଂପାଦକ ପ୍ରଶାନ୍ତ ମହାକୁରଙ୍କ ନେତୃତ୍ୱରେ ଭବାନୀ ଶଙ୍କର ଭୋଇ, କୋଷାଧ୍ୟକ୍ଷ ରିଣ୍ଟୁ ସାହୁ, ସହ-ସଂପାଦକ ଯୁଧିଷ୍ଠିର ମେହେର, ବିଭୁକଲ୍ୟାଣ ଗଡତ୍ୟା, ସ୍ୱର୍ଣ୍ଣ ଶେଖର ସାମଲ ପ୍ରମୁଖ କଳିକେଶଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ତେବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ଅନୁଦାନ ପ୍ରଦାନ କରିବାକୁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୩ରେ ପୂର୍ବ ସରକାର ୧ କୋଟି ୩୫ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ। ମନ୍ଦିର ପ୍ରକଳ୍ପ ଓ ସୌନ୍ଦର୍ଯ୍ୟକରଣ ପାଇଁ ଏହି ଅନୁଦାନ ଆସିଥିଲା। ୩ ବର୍ଷ ପରେ ଏହା ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଭୋଗ ମଣ୍ଡପ, ରୋଷଶାଳ, ଯଜ୍ଞ ମନ୍ଦିର, ଦୀପ ଘର, ସେବାୟତଙ୍କ ପାଇଁ ବିଶ୍ରାମଗାର ଓ ପରିକ୍ରମା ପ୍ରକଳ୍ପ ଡିପିଆରରେ ସ୍ଥାନ ପାଇଥିଲା। ମୁଖ୍ୟ ଦ୍ୱାରରେ ଖାଣ୍ଡୋଲାଇଟ ପଥର ଲଗାଇବା ଓ ପଥରର ସିଂହ ପାଇଁ ଡିପିଆରରେ ପ୍ରସ୍ତାବ ଥିଲା।

## ଶ୍ରଦ୍ଧାଞ୍ଜଳି ସଭାରେ ଆୟୁବ ଖାନଙ୍କ ସ୍ମୃତିଚାରଣ



କଣ୍ଟାବାଞ୍ଜି,୧୩।୬(ସମିସ): ପୂର୍ବତନ ବିଧାୟକ ଆୟୁବ ଖାନଙ୍କ ଉଦ୍ଦେଶ୍ୟରେ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର ଜିଲ୍ଲା ବିଜୁ ଜନତା ଦଳ ସଭାପତି ସରୋଜ ମେହେର, ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅଜିତ ଯୋଶୀ, ବିଜୁ ମହିଳା ଜନତା ଦଳର ରାଜ୍ୟ ଉପ ସଭାନେତ୍ରୀ ଗୋପା ମାହାନନ୍ଦ, ବିଜେଡ଼ି ନେତା ଅମଜଦ ଖାନ, କଣ୍ଟାବାଞ୍ଜି ନଗର ସଭାପତି କିଶୋର ମଜଖଣ୍ଡ, ବଲାଙ୍ଗୀର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମିଥିଳା ମାଝୀ, କାଉନସିଲର ସୂର୍ଯ୍ୟପ୍ରତାପ ମିଶ୍ର, ବରିଷ୍ଠ ଆଇନଜୀବୀ ଶେଷଦେବ ପୁଟେଲ, ସହଦେବ ନାଗ, ସତ୍ୟ ନାରାୟଣ ରାୟ, ପ୍ରେମ ବାଗ, ଏସ ଜଗନ୍ନାଥ ରାଓ, ଛୋଟୁ ଖାନ, ଶ୍ରୀପତି ସୁନା, ମନୋଜ ଚଣ୍ଡୀ, ଭକ୍ତବନ୍ଧୁ ବେହେରା, ଗୁଡୁ ପନିକା, ସୀମରନ କୌର, ଟ୍ରକ୍ ମାଲିକ ସଙ୍ଘ ସଭାପତି ପ୍ରଭଜିତ ସିଂହ ସାଲୁଜାଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଆୟୁବ ଖାନଙ୍କ ସ୍ମୃତିଚାରଣ କରିଥିଲେ।

## ସିନ୍ଧେକେଲା ବିଦ୍ୟୁତ୍ ଗ୍ରୀଡ୍ ଘେରଉ

କଣ୍ଟାବାଞ୍ଜି,୧୩।୬(ସମିସ): ବଲାଙ୍ଗୀର ଜିଲ୍ଲା ସିନ୍ଧେକେଲା ବିଦ୍ୟୁତ୍ ଗ୍ରୀଡ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଓ ସ୍ମାର୍ଟ ମିଟରକୁ ନେଇ ଓଡ଼ିଶା ଜନତା କଂଗ୍ରେସ ତରଫରୁ ଘେରଉ କରାଯାଇଛି। ସିନ୍ଧେକେଲ। ହାଟପଦାସ୍ଥିତ ମାଁ ଦୁର୍ଗା ମଣ୍ଡପ ପ୍ରାଙ୍ଗଣରୁ ବିଦ୍ୟୁତ୍ ଗ୍ରୀଡ୍ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାରିଥିଲା। ଓଡ଼ିଶା ଜନତା କଂଗ୍ରେସ ଜିଲ୍ଲା ସଂଯୋଜକ ରୁପେସ ବେହେରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ମହିଳା ବିଦ୍ୟୁତ୍ ଗ୍ରୀଡ ପହଞ୍ଚିଥିଲେ। ବିଦ୍ୟୁତ ବିଭାଗ ଉପରେ ବିଭିନ୍ନ ନାରା ଦେଇଥିଲେ। ସ୍ମାର୍ଟ ମିଟର ଲଗାଇବା ଇଚ୍ଛାଧୀନ ଥିବାବେଳେ ଗାଁ ଗହଳିରେ ଜୋର୍ ଜବରଦସ୍ତ ମିଟର ଲଗାଇ ଦିଆଯାଉଛି। ମିଟର ଲାଗିବା ପରେ ଯେଉଁ ଘରେ ଆଗରୁ ୫ ଶହ ଟଙ୍କା ବିଲ୍ ଉଠୁଥିଲା ସେ ଘରେ ୫ ହଜାର ଟଙ୍କା ବିଲ୍ ଉଠୁଛି। ପ୍ରବଳ ଗରମରେ ସାଧାରଣ ଜନତା ଛଟପଟ ହେଉଛନ୍ତି। ଠିକ୍ ସମୟରେ ବିଲ୍ ଭରି ନ ପାରିଲେ ବକେୟା ନାଁରେ ତୁରନ୍ତ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଉଛି ବୋଲି ଆନ୍ଦୋଳନକାରୀ କହିଛନ୍ତି। ସେହିଭଳି ଏହା ସ୍ମାର୍ଟ ମିଟର ନୁହେଁ ବରଂ ଟାମ୍ପରିଂ ମେସିନ୍ ବୋଲି ଅଭିଯୋଗ କରିଛନ୍ତି। ତେବେ ଏହି ଖବର ପାଇ ବିଭାଗୀୟ ଅଧିକାରୀ ବିନାୟକ ରାଉତ ପହଞ୍ଚି ଆଲୋଚନା କରିଥିଲେ। ଅସୁବିଧାର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ଆଶ୍ୱାସନା ଦେଇ ସେମାନଙ୍କଠାରୁ ଏକ ଦାବି ପତ୍ର ଗ୍ରହଣ କରିଥିଲେ। ବିକାଶ ବେହେରା, ଚିତ୍ରସେନ ବେହେରା, ଯଶୋବନ୍ତ ରଣା, ଅଜିତ ପୁଟେଲ, ସତ୍ୟ ରଣା, ସୁବାସ ବଛା, ପ୍ରହଲ୍ଲାଦ ବେହେରା, କାହ୍ନା ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।




## ଡୁମଡୁମି ଏମ୍‌ଆଇପି କାମରେ ତଞ୍ଚକତା

# କାମ ଉପରେ ପୁଣି କାମ

ବଲାଙ୍ଗିର,୧୩।୬(ସମିସ)



ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍ ଡୁମଡୁମିଠାରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପୁନରୁଦ୍ଧାର କାମରେ ଠିକାଦାରଙ୍କ ମନମାନୀ କାରବାରକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବରୁ ହୋଇଥିବା କାମ ଉପରେ ଆଉ ଥରେ ମାଟି କାମ କରାଯାଉଛି। ଆବଶ୍ୟକ ନ ଥିବା କଲଭର୍ଟ ଭାଙ୍ଗି ନିର୍ମାଣ କରିବାକୁ ଯୋଜନା କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି; କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହି କାମ କିମ୍ବା ଏହିଭଳି ଯୋଜନା ବିଷୟରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶ ନାହିଁ। ଯଦି ବିଭାଗୀୟ ନିର୍ଦ୍ଦେଶ ନାହିଁ ତେବେ କିଭଳି ଭାବେ ଠିକାଦାର ଜଣକ ଠିକ କାମ ବନ୍ଦ ହେବା ପୂର୍ବରୁ କାମ କରୁଛନ୍ତି ତାହା ସବୁଠାରୁ ବଡ଼ ପ୍ରଶ୍ନ ହୋଇରହିଛି।

ଅଭିଯୋଗ ଅନୁସାରେ ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍ ଡୁମଡୁମି ଶିବ ମନ୍ଦିରକୁ ଲାଗିଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର କାମ ପାଇଁ ୨୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏଥିପାଇଁ କିଛି ମାସ ପୂର୍ବରୁ ମାଟି କାମ ଆରମ୍ଭ ହୋଇଥିଲା; କିନ୍ତୁ ବିଭାଗୀୟ ସମସ୍ୟା ଯୋଗୁ ଏହି କାମ ଅଧାରେ ବନ୍ଦ ହୋଇଥିଲା। ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁସାରେ ଯେଉଁ ଯୋଜନାରେ ଏହି କାମ ଆରମ୍ଭ ହୋଇଥିଲା ସେହି ଯୋଜନା ଅନୁଦାନ ଆସି ନ ଥିବାରୁ ଏହି କାମକୁ ବନ୍ଦ କରାଯାଇଥିଲା; କିନ୍ତୁ ଗତ କିଛି ଦିନ ହେଲା ଏହି କାମ ପୁଣି ଥରେ ଆରମ୍ଭ ହୋଇଛି। ବର୍ଷା ଆଗମନ ଯୋଗୁଁ ଜୁନ ୧୫ରୁ ୩୦ ତାରିଖ ଭିତରେ ଜଳାଶୟ କାମ ବନ୍ଦ କରିବାର ନିର୍ଦ୍ଦେଶ ରହିଛି। ଏହାର ଠିକ ୫ ଦିନ ପୂର୍ବରୁ କେଉଁ ସ୍ୱାର୍ଥ ନେଇ ଠିକାଦାର ଏହି କାମ ଆରମ୍ଭ କରିଛନ୍ତି ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ଅନ୍ୟପକ୍ଷରେ ଗ୍ରାମର ଚାଷୀଙ୍କ ଜମିକୁ ଯେଉଁ କଲଭର୍ଟ ଦେଇ ପାଣି ଯାଇଥାଏ ସେହି କଲଭର୍ଟଗୁଡିକ ନଷ୍ଟ ହୋଇଥିବା ବେଳେ ଗ୍ରାମବାସୀ ତାକୁ ଭାଙ୍ଗି ନୁତନ ନିର୍ମାଣ କରିବାକୁ କହିଥିଲେ; କିନ୍ତୁ ଠିକାଦାର ଜଣକ ଆବଶ୍ୟକ ନ ଥିବା ବନ୍ୟାପାଣି ନିର୍ଗତ ହେଉଥିବା କଲଭର୍ଟ ଭାଙ୍ଗି ନୂତନ ନିର୍ମାଣ କରିବାକୁ ଯୋଜନା କରିଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି କାମ ବନ୍ଦ କରି ଦେଇଛନ୍ତି। ସେହିପରି ଗତ କିଛି ଦିନ ଭିତରେ ହୋଇଥିବା ମାଟି କାମରେ ମଧ୍ୟ ଅନିୟମିତତା କରାଯାଉଥିବା ଦେଖିବାକୁ ମିଳିଛି। ଯେଉଁ ସ୍ଥାନରେ ପୂର୍ବରୁ ମାଟି କାମ ହୋଇଛି ସେହି ସ୍ଥାନରେ ପୁଣି ଥରେ ମାଟି କାମ କରାଯାଇ କଢାଯାଇଥିବା ମାଟିକୁ ହିଡରେ ନ ପକାଇ ପୂର୍ବରୁ ରହିଥିବା ଗାତ ପୋତାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଡୁମଡୁମି ଗ୍ରାମର ଲିଙ୍ଗରାଜ ମେର୍ଲି, ରମେଶ ପାତ୍ର, ମନୋଜ ପାତ୍ର, ବନ ବିହାରୀ କର୍ମୀ ମହାଦେବ ଘିବେଲା, ଦିଲୀପ ବିଶିଙ୍କ ସମେତ ବହୁ ଗ୍ରାମବାସୀ ଠିକାଦାରଙ୍କ ମନମୁଖୀ କାରବାର ବିଷୟରେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଥିଲେ। ତେବେ ଏହି କାମ ବନ୍ଦ ହୋଇଥିବା ବେଳେ ଏହା ପୁଣି ଥରେ କରାଯାଉଥିବା ବିଷୟରେ ସେ କିଛି ଜାଣି ନ ଥିବା କିମ୍ବା କାମ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇ ନ ଥିବା ଗ୍ରାମବାସୀଙ୍କୁ କହିଥିଲେ। ଠିକାଦାର ଜଣକ କାହା ନିର୍ଦ୍ଦେଶରେ ଏହି କାମ କରୁଛନ୍ତି ତାକୁ ନେଇ ଗ୍ରାମବାସୀ ପ୍ରଶ୍ନ କରିବା ସହ ଏହିଭଳି ବେଆଇନ କାରବାର ବିରୋଧରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ତେବେ ଜାଣିଶୁଣି ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ମିଶି ଅନୁଦାନ ହଡପ କରିବା ପାଇଁ କାମ ବନ୍ଦ ହେବାର କିଛି ଦିନ ପୂର୍ବରୁ କରୁଥିବା ଗ୍ରାମବାସୀ ଅଭିଯୋଗ କରିବା ସହ ଏବେ କାମ ବନ୍ଦ କରି ଏହି କାମ ଆସନ୍ତା ବର୍ଷ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏଠି ପ୍ରଶ୍ନ ଉଠୁଛି ବିଭାଗୀୟ ବରିଷ୍ଠ ଯନ୍ତ୍ରୀଙ୍କ ବିନା ଜାଣତରେ କିଭଳି କାମ ହେଉଛି ତାହା ସବୁଠାରୁ ବଡ ପ୍ରଶ୍ନ; ଯାହାର ତଦନ୍ତ କରାଯାଇ କନିଷ୍ଠ ଯନ୍ତ୍ରୀ ଓ ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

**ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ**

**କାମ ବିଷୟରେ ବିଭାଗୀୟ ଅଧିକାରୀ ଅଜଣା**

**ଅନୁଦାନ ହଡ଼ପ ପାଇଁ ଯନ୍ତ୍ରୀ-ଠିକାଦାର ମଧୁଚନ୍ଦ୍ରିକା**



# ଆଜି ପହିଲି ରଜ; ଏଣିକି ମଉଜ

କଟକ,୧୩।୬(ସମିସ)





ରୌପ୍ୟନଗରୀରେ ସଜବାଜ ଶେଷ ହୋଇଥିବା ବେଳେ ପହିଲି ରଜକୁ ବେଶ୍ ଧୂମଧାମ୍‌ରେ ପାଳନ କରିବାକୁ ପୂର୍ବ ପ୍ରସ୍ତୁତି ଶେଷ ହୋଇଛି। ଝିଅମାନଙ୍କ ପାଦରେ ଅଳତା, ହାତରେ ମେହେନ୍ଦୀ, ନୂଆ ପୋଷାକର ଚମକରେ ଚମକି ଉଠିବ ରୌପ୍ୟନଗରୀ। ରଜ ପାଇଁ ସହରର ଡ୍ରେସ୍, ଶାଢ଼ୀ ଓ କସମେଟିକ୍ ଦୋକାନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି ଫଳ ବଜାର ମଧ୍ୟ ଚଳଚଞ୍ଚଳ ହୋଇ ଉଠିଛି। ଆମ୍ବ, ପଣସ, କଦଳୀ ଓ ନଡ଼ିଆ କିଣିବା ପାଇଁ ଲୋକଙ୍କ ଲମ୍ବାଲାଇନ ଦେଖିବାକୁ ମିଳିଥିଲା। ରଜ ଆସିଲେ ପୋଡ଼ ପିଠା କଥା ମନକୁ ଆସେ। କଟକର ଘରେ ଘରେ ଆଜି ରାତିରୁ ପୋଡ଼ ପିଠା, ଚକୁଳି, ଆରିସା ଓ କାକରା ପିଠାର ପ୍ରସ୍ତୁତି କରାଯିବ। କେବଳ ଘରେ ନୁହେଁ, ବ୍ୟବସାୟିକ ଭିତରେ ସହରର ପ୍ରତିଷ୍ଠିତ ମିଠା ଦୋକାନ ଗୁଡ଼ିକରେ ମଧ୍ୟ ସ୍ୱତନ୍ତ୍ର 'ରଜ ପୋଡ଼ ପିଠା'ର କାଉଣ୍ଟର ଖୋଲାଯାଇଛି। ଚାଉଳ ପୋଡ଼ ପିଠା, ବିରି ପୋଡ଼ ପିଠା ଠାରୁ ଆରମ୍ଭ କରି ଛେନା ପୋଡ଼ ପିଠା ପର୍ଯ୍ୟନ୍ତ ବିଭିନ୍ନ କିସମର ପିଠା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ରଜ ଦୋଳି ଓ ରଜ ପାନର ଆସର ଆଜି ଠାରୁ ଜମିଛି। ଏହା ଆସନ୍ତା ୩ଦିନ ପର୍ଯ୍ୟନ୍ତ ଚାଲିବ। କଟକ ସହରର ବିଭିନ୍ନ ପୂଜା କମିଟି, କ୍ଲବ ଏବଂ ଆବାସିକ ଅଞ୍ଚଳ (ଆପାର୍ଟମେଣ୍ଟ) ଗୁଡ଼ିକରେ ରଜ ପାଇଁ ସ୍ୱତନ୍ତ୍ର ଦୋଳିର ବ୍ୟବସ୍ଥା କରାଯାଇଛି। କାଠ ଓ ଦଉଡ଼ିରେ ତିଆରି ପାରମ୍ପରିକ ଦୋଳି ସହ ସହରର କେତେକ ସ୍ଥାନରେ ସଜାଯାଇଛି। ରଜ ବଜାରରେ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି କଟକ କମିଶନରେଟ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବିଶେଷ କରି ମହିଳା ଓ ଯୁବତୀମାନଙ୍କ ସୁରକ୍ଷା ପାଇଁ ଭିଡ଼ ଅଞ୍ଚଳରେ ସାଧା ପୋଷାକଧାରୀ ପୁଲିସ ଏବଂ ପିସିଆର ମୁତୟନ କରାଯାଇଛି। ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ କେତେକ ସ୍ଥାନରେ ଗାଡ଼ି ପାର୍କିଂ ପାଇଁ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରାଯାଇଛି। ପରମ୍ପରା, ସଂସ୍କୃତି ଓ ଭାଇଚାରାର ଏହି ଅନନ୍ୟ ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ପାଇଁ ସାରା କଟକ ସହର ଏବେ ଉତ୍ସବମୁଖର ହୋଇଉଠିଛି।



ଅନ୍ୟପଟେ ଏହି ପାରମ୍ପରିକ ଉତ୍ସବରେ ଝୁମିବେ ଦର୍ଶକ। 'କଟକ ଇନ କଟକ ପ୍ୟାଭିଲିୟନ୍'ରେ ପାଳନ ହେବ ସ୍ୱତନ୍ତ୍ର ରଜ ଉତ୍ସବ। ଜମିବ ପିଠା ପଣାର ଆସର। ପାରମ୍ପରିକ କାର୍ଯ୍ୟକ୍ରମରେ ସାମିଲ ହେବେ ଦର୍ଶକ। ପ୍ରତିଷ୍ଠିତ ମହିଳାମାନେ ହେବେ ସମ୍ମାନିତ। ପ୍ରଥମ ଥର ପାଇଁ କଟକ ମହାନଗର ନିଗମ ପାଳିବ ଏକ ଭିନ୍ନ ସ୍ୱାଦର ରଜ-ଉତ୍ସବ। ତଳ ବାଲିଯାତ୍ରା ପଡିଆ କଟକ ଇନ କଟକ ପ୍ୟାଭିଲିୟନରେ ଜୁନ ୧୪ରୁ ୧୬ ତାରିଖ ତିନିଦିନ ଧରି ଏହି ରଜଉତ୍ସବ ପାଳନ କରାଯିବ। ମାଗଣାରେ ରଜ ପାନ ଓ ପୋଡ ପିଠାର ଆସର ସହ ପାରମ୍ପରିକ ଓ ଆଧୁନିକ ଖାଦ୍ୟର ସମ୍ଭାର ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଓଡ଼ିଶାର ସୁନାମଧନ୍ୟ ମହିଳାମାନଙ୍କ ଗୌରବର କଥା ଓ କାହାଣୀ ପରିବେଷଣ କରାଯିବ। ଏହାଛଡା ସହରରେ ଥିବା ୨ଶହ ବସ୍ତିର ଝିଅ ମାନଙ୍କୁ ବସ୍ତି କମିଟି ଜରିଆରେ ଏକ ଟଙ୍କାର ଗିଫ୍ଟ କୁପନ ପ୍ରଦାନ କରାଯିବ।

## ଏକତରଫା ପ୍ରେମରୁ ମହିଳାଙ୍କୁ ଦୁର୍ବ୍ୟବହାର; ଯୁବକ ଗିରଫ

**କଟକ,୧୩।୬(ସମିସ):** ମଧୁପାଟଣା ଥାନା ଅଞ୍ଚଳରେ ଏକତରଫା ପ୍ରେମ ବିବାଦକୁ କେନ୍ଦ୍ର କରି ଜଣେ ବିବାହିତ ଯୁବକ ଜଣୈକା ମହିଳାଙ୍କୁ ଗାଳିଗୁଲଜ ସହ ତାଙ୍କ ବାପାଙ୍କ ଦୋକାନରେ ପଶି ଭଙ୍ଗାରୁଜା କରିଛି। ଏହି ଘଟଣାରେ ମଧୁପାଟଣା ଥାନା ପୋଲିସ ଅଭିଯୁକ୍ତ ମର୍କତନଗର ସେକ୍ଟର ୭ ଅଞ୍ଚଳର ଅଶୋକ ସାହୁ(୩୭)କୁ ଗିରଫ କରିଛି। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଅଶୋକ ବିବାହିତ ଥାଇ ମଧ୍ୟ ଖାନନଗର ଅଞ୍ଚଳର ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲା। କୌଣସି ପ୍ରକାରେ ଯୁବତୀଙ୍କ ନମ୍ବର ଆଣି ତାଙ୍କୁ ବାରମ୍ବାର ପ୍ରେମ ନିବେଦନ କରୁଥିଲା। ଏହି ବିଷୟ ଜାଣିବା ପରେ ପରିବାର ଲୋକେ ଯୁବତୀର ଅନ୍ୟତ୍ର ବାହାଘର କରିଦେଲେ। ଏହାପରେ ବି ଅଶୋକ ତାଙ୍କର ପିଛା ଛାଡିନଥିଲା। ବିଭିନ୍ନ ସମୟରେ ଅଶୋକ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଫୋନ କରି ଗାଳିଗୁଲଜ ଓ ଧମକଚମକ ଦେଉଥିଲା। ମହିଳାଙ୍କୁ ହ୍ୱାଟସଆପରେ ଅଶ୍ଳୀଳ ଫଟୋ ଓ ଭିଡିଓ ପଠାଉଥିଲା। ଏମିତିକି କିଛି ମାସ ପୂର୍ବେ ମହିଳାଙ୍କ ଅନୁପସ୍ଥିତିରେ ଅଶୋକ ତାଙ୍କ ଶାଶୁ ଘରକୁ ଯାଇ ଦୁହିଁଙ୍କ ଭିତରେ ପୂର୍ବରୁ ପ୍ରେମ ସମ୍ପର୍କ ଥିବା ନେଇ ମିଛରେ କହଥିଲା। ଏହି କଥାକୁ ମହିଳାଙ୍କ ଶାଶୁ ଘରେ ବିବାଦ ମଧ୍ୟ ସୃଷ୍ଟି ହୋଇଥିଲା। ଉଭୟ ପକ୍ଷର ପରିବାର ସଦସ୍ୟଙ୍କ ବୁଝାମଣା ପରେ ଏହି ବିବାଦଟି ଥମିଥିଲା। ଗତ ମେ' ମାସ ୨୨ ତାରିଖରେ ମହିଳା ଜଣକ ନିଜ ବାପଘରକୁ ଆସିଥିଲେ। ମଧ୍ୟାହ୍ନ ସମୟରେ ସେ ନୂଆପଡା ଅଞ୍ଚଳରେ ଥିବା ତାଙ୍କ ବାପାଙ୍କ ଦୋକାନକୁ ଯାଇଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ଅଶୋକ ସେଠାରେ ପହଞ୍ଚିଯାଇଥିଲା । ତାଙ୍କୁ ବିବାହ କରିବା ଜିଦରେ ଅଶୋକ ମହିଳା ଓ ତାଙ୍କ ବାପାଙ୍କୁ ଗାଳିଗୁଲଜ ସହ ଦୋକାନରେ ପଶି ଭଙ୍ଗାରୁଜା କରିଥିଲା । ଏ ନେଇ ମହିଳା ଜଣକ ମଧୁପାଟଣା ଥାନାରେ ଏତଲା ଦେଇଥିଲେ । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା । ଏହି ସୂଚନା ପାଇବା ପରେ ଅଶୋକ କଟକ ଛାଡି ଫେରାର ହୋଇଗଲା । ଆଜି ଅଶୋକ ଘରକୁ ଫେରିଥିବା ସୂଚନା ପାଇ ପୁଲିସ ଚଢଉ କରି ତାକୁ ଗିରଫ କରିଥିବା ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ ସୂଚନା ଦେଇଛନ୍ତି ।

## କିଶନନଗର 'ରଜ ମହୋତ୍ସବ' ଉଦ୍‌ଘାଟିତ



**କିଶନନଗର, ୧୩।୬ (ସମିସ) :** କଟକ ସଦର ଅନ୍ତର୍ଗତ କିଶନନଗର ଠାରେ ଚାରି ଦିନିଆ'କଟକ ସଦର ରଜ ମହୋତ୍ସବ-୨୦୨୬' ହାଟତୋଟା ଠାରେ ଆଜି ଶନିବାର ସଜବାଜ ସଂଧ୍ୟାରେ ଉଦଘାଟିତ ହୋଇଛି। ଆୟୋଜକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଙ୍କ ନେତୃତ୍ୱରେ ରଘୁନାଥ ଚୌଧୁରୀଙ୍କ ସଂଯୋଜନାରେ ଆୟୋଜିତ ମହୋତ୍ସବ କୁ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ ଉଦଘାଟନ କରିଥିବା ବେଳେ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ଭୋଇ, ଚିତ୍ତରଞ୍ଜନ ସାହୁ, ପ୍ରଦୀପ୍ତ ମହାଳି, ଆଲୋକ ମହାନ୍ତି, ସରପଂଚ ସୁଜାତା ସେଠୀ, ହୃଷିକେଶ ଜେନା,ରମା ପ୍ରସାଦ ବିଶ୍ୱାଳ,ସାଧୁ ଜେନା, କିଶନନଗର ଥାନା ଅଧିକାରୀ ମାନେଶ୍ୱର ପ୍ରଧାନ, ସୁଜାତା ନନ୍ଦ,ବିମଳ ପଣ୍ଡା, ମୀନକେତନ ମହାନ୍ତି ପ୍ରମୁଖ ଯୋଗ ଦେଇ ପରମ୍ପରା ଓ ପ୍ରେମର କୃଷିଭିତ୍ତିକ ଗଣପର୍ବ ରଜକୁ ସମସ୍ତେ ଉପଭୋଗ କରିବାକୁ କହିଥିଲେ। ପ୍ରଥମ ସଂଧ୍ୟାରେ ଷ୍ଟେଜ୍ କିଙ୍ଗ୍ ଗଗନ ଜେନା ଓ ସାଥୀ ଙ୍କ ଗୀତରେ ଦର୍ଶକ ମାନେ ବେଶ୍ ଝୁମି ଥିଲେ।

## ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ରଜ ଉତ୍ସବ

**କଟକ,୧୩।୬(ସମିସ):** ଓଡ଼ିଶା ନାରୀ ସେବା ସଙ୍ଘ ପକ୍ଷରୁ ସ୍ଥାନୀୟ ବସ୍ତି ଅଞ୍ଚଳର ମହିଳା ଓ କିଶୋରୀ ବାଳିକାମାନଙ୍କୁ ନେଇ ଓଡ଼ିଶାର ପାରମ୍ପାରିକ କୃଷିଭିତ୍ତିକ ପର୍ବ ରଜ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟା କବି ମହିଜା ଦଳବେହେରା ମୁଖ୍ୟ ଅତୀଥି ରୂପେ ଯୋଗଦେଇ ମହିଳାମାନେ କିପରି ନିଜ ପରମ୍ପରାକୁ ବଜାୟ ରଖିବାକୁ ଉଦ୍ୟମ ଜାରି ରଖିବେ ସେ ସମ୍ପର୍କରେ କହିଥିଲେ। ରଜ ଉତ୍ସବ ପାଳନ ଅବସରରେ ମହିଳା ଓ କିଶୋରୀ କନ୍ୟା ମାନଙ୍କ ଭିତରେ ପୋଡ଼ ପିଠା ଓ ପାନ ଭଙ୍ଗକ୍ଷ ପ୍ରତିଯୋଗିତା କରାଯାଇଥିଲା ଏଥି ସହ କବିତା ପାଠ ଓ ସଙ୍ଗୀତ ମଧ୍ୟ ପରିବେଷଣ କରାଯାଇଥିଲା।



ଏହି ଉପଲକ୍ଷେ ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ପୋଡପିଠା ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ରାଜଲକ୍ଷ୍ମୀ ସାହୁ ପ୍ରଥମ, ଦେବସ୍ମିତା ଦାଶ ଦ୍ୱିତୀୟ ଓ ଶକୁନ୍ତଳା ସାହୁ ତୃତୀୟ ସ୍ଥାନ ଅଧିକାର କରି ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଥିଲେ। କିଶୋରୀ ବାଳିକାମାନଙ୍କୁ ନେଇ ବିଭିନ୍ନ ପାରମ୍ପାରିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ସଂଘର ସଂଗଠନ ସମ୍ପାଦିକା ମୀରା ବେଉରା କାର୍ଯକ୍ରମକୁ ସଞ୍ଚାଳନ କରି ପିଲାମାନେ କିଭଳି ପ୍ରତିକୂଳ ପରିସ୍ଥିତି ସହ ଲଢେଇ କରି ନିଜ ପ୍ରତିଭାର ବିକାଶ ପାଇଁ ଅଗ୍ରସର ହେବେ ସେ ସମ୍ପର୍କରେ କହିଥିଲେ। ସଂଘର ସହ-ସମ୍ପାଦିକା ଇନ୍ଦିରା ଆରୋରା ସ୍ୱାଗତ ଅଭିଭାଷଣ ଦେଇଥିଲେ। ମଞ୍ଜୁ ସିଂହ, କୋଷାଧକ୍ଷକ୍ଷ ନୟନତାରା ନନ୍ଦ, ବାଣୀ ନିର୍ମାଲ୍ୟ , ନଳିନୀ ଦାଶ କାର୍ଯକ୍ରମ ପରିଚଳନା କରିଥିଲେ। କାର୍ଯ୍ୟକାରୀ କମିଟି ସଭ୍ୟା କଲ୍ୟାଣୀ ସାହୁ ଓ ଅର୍ଚ୍ଚନା ଦାସ୍ କାନୁନଗୋ, କବି ନମିତା ମହାନ୍ତି, ପଙ୍କଜିନି ପରିଡ଼ା, ରିମଝିମ୍ ଝା ଓ ବ୍ୟଙ୍ଗ କବି ଲକ୍ଷ୍ମୀଛଡ଼ା ରଜ ଉତ୍ସବ ଗୀତଓ ଅନ୍ୟାନ୍ୟ ପଲ୍ଲୀ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକାରୀ କମିଟି ସଭ୍ୟା ପଦ୍ମଜା ତ୍ରୀପାଠୀ ଧନ୍ୟବାଦ୍ ଦେଇଥିଲେ।

## ବାରବାଟୀ କଟକ ନିର୍ବାଚନମଣ୍ଡଳୀର ବିଏଲ୍‌ଏଙ୍କୁ ଫର୍ମ-୨ ଓ ପରିଚୟପତ୍ର ବଣ୍ଟନ



**କଟକ,୧୩।୬(ସମିସ):** ମେୟର ସୁବାସ ସିଂହ ଓ କଟକ ମହାନଗର ସାଙ୍ଗଠନିକ ଜିଲ୍ଲା ସଭାପତି ସ୍ୱଦେଶ ଦାସଙ୍କ ଉପସ୍ଥିତିରେ ବାରବାଟୀ କଟକ ନିର୍ବାଚନୀ ମଣ୍ଡଳୀର ବିଏଲଏମାନଙ୍କୁ ଫର୍ମ-୨ ଓ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଏହି ମାଧ୍ୟମରେ ବିଏଲ୍‌ଏମାନଙ୍କର କାର୍ଯ୍ୟକ୍ଷମତାକୁ ସଂଗଠନ ତରଫରୁ ଆହୁରି ସୁଦୃଢ଼ କରାଯିବା ସହ, ନିର୍ଦ୍ଦିଷ୍ଟ ଦାୟିତ୍ୱ ଓ ଲକ୍ଷ୍ୟ ଅନୁଯାୟୀ ସଫଳ ଭାବେ କାମ ଆରମ୍ଭ କରିବା ଦିଗରେ ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ କର୍ପୋରେଟର ଏ. ଶ୍ରୀଦେବୀ ଓ କର୍ପୋରେଟର ପୁଷ୍ପିତା ମହାନ୍ତି ସମେତ ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତ ଅତିଥିମାନେ ଫର୍ମ-୨ ଓ ପରିଚୟ ପତ୍ର ଗ୍ରହଣ କରୁଥିବା ବିଏଲଓମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ମହାନଗର ସାଙ୍ଗଠନିକ ଜିଲ୍ଲା ସଭାପତି ଶ୍ରୀ ଦାସ ଓ କଟକ ମେୟର ଶ୍ରୀ ସିଂହ ସ୍ପଷ୍ଟ କରିଥିଲେ ଯେ, ଆଗାମୀ ଦିନରେ ବିଏଲଏମାନେ ସଂଗଠନର ଦାୟିତ୍ୱକୁ ଠିକ୍ ସମୟରେ ଏବଂ ସଠିକ୍ ଭାବେ ପୂରଣ କରିବେ। ସେମାନଙ୍କ ଦ୍ୱାରା ନିର୍ବାଚନୀ ମଣ୍ଡଳୀ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ସଚେତନତା ଓ ସେବାମୁଖୀ କାର୍ଯ୍ୟ ଆହୁରି ଗତିଶୀଳ ହେବ ବୋଲି ଆଶା ବ୍ୟକ୍ତ କରାଯାଇଛି। ବିଏଲଏମାନଙ୍କୁ ଫର୍ମ-୨ ସହ ପରିଚୟ ପତ୍ର ଦିଆଯିବା ମାଧ୍ୟମରେ ସେମାନଙ୍କର ଦାୟିତ୍ୱ, ନିୟମାନୁସାରେ କାର୍ଯ୍ୟ ପଦ୍ଧତି ଏବଂ ଲକ୍ଷ୍ୟ ପୁରଣକୁ ସୁନିଶ୍ଚିତ କରାଯାଇଥିଲା।

## ବାରବାଟୀ-କଟକ ବିଧାୟିକାଙ୍କ ଜନସମ୍ପର୍କ ପଦଯାତ୍ରା

**କଟକ,୧୩।୬(ସମିସ):** କଟକ ମହାନଗର ନିଗମ ଅଞ୍ଚଳର ୨୬ନମ୍ବର ୱାର୍ଡରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ ଜନ ସଂପର୍କ ପଦଯାତ୍ରା କରିଛନ୍ତି। ଏହି ପଦଯାତ୍ରା ସମୟରେ ବିଧାୟିକା ୱାର୍ଡର ବିଭିନ୍ନ ସାହି ପରିକ୍ରମା କରିବା ସହ ସ୍ଥାନୀୟ ମୁରବି, ଯୁବକ ଓ ମହିଳାମାନଙ୍କୁ ସାକ୍ଷାତ କରି ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ବିଧାୟିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୱାର୍ଡର ରାସ୍ତାଘାଟର ଶୋଚନୀୟ ଅବସ୍ଥା, ଅସନ୍ତୋଷଜନକ ପରିମଳ ବ୍ୟବସ୍ଥା ଏବଂ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ନେଇ ଲୋକେ ବହୁ ଅଭିଯୋଗ କରିଥିଲେ। ଏହାର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପଦଯାତ୍ରାରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ସାମିଲ ହୋଇ ସ୍ଥାନୀୟ ଅଞ୍ଚଳର ବିକାଶ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦଯାତ୍ରା କମିଟି ଅଧ୍ୟକ୍ଷ ବିରେନ୍ଦ୍ର ଦାସ, ଶରତ ଚନ୍ଦ୍ର ଶସଠୀ, ପୂର୍ବତନ କର୍ପୋରେଟର କାଞ୍ଚନ ଦାସ, ଚନ୍ଦନ ଦାସ, ମୀର ମୁଜାଫର ଅଲ୍ଲି, ସେକ ଇରଫାନ, ଅବଦୁଲ ମୋକିଦ, ଗଣେଶ ସାହୁ, ହାସିବ ଗୋରା, ରଞ୍ଜନ ବେହେରା, ପ୍ରଫୁଲ୍ଲ ବେହେରା, ଭାବେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## କ୍ରିମିନାଲ କୋର୍ଟ୍‌ସ ବାର୍ ଆସୋସିଏସନ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ



**କଟକ,୧୩।୬(ସମିସ):** କଟକ ମହାନଗର ନିଗମ ପକ୍ଷରୁ କ୍ରିମିନାଲ କୋର୍ଟସ ବାର ଆସୋସିଏସନ ପରିସରରେ ହେବାକୁ ଥିବା ମିନି ହାଇମାସ୍କ ଲାଇଟର ସଂଯୋଗୀକରଣ, ବରିଷ୍ଠ ଆଇନଜୀବୀ ତଥା ସାଂସଦ ବ୍ରହ୍ମାନନ୍ଦ ପଣ୍ଡାଙ୍କ ପ୍ରତିମୂର୍ତ୍ତିର ସୌନ୍ଦର୍ଯ୍ୟକରଣ, ବାର ଚତୁର୍ପାଶ୍ୱରେ ଥିବା ରାସ୍ତାର ମରାମତି ଓ ନିର୍ମାଣ ସହ ଆବର୍ଜନା ମୁକ୍ତ କରାଯିବ। ଏଥିପାଇଁ ଛୁଟି ପୂର୍ବରୁ କାର୍ଯ୍ୟ ଗୁଡିକ ଶେଷ କରିବା ପାଇଁ କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂ ବାର ପରିଦର୍ଶନ କରି ସମୀକ୍ଷା କରିଛନ୍ତି। କ୍ରିମିନାଲ କୋର୍ଟସ ବାର ଆସୋସିଏସନର ସଭାପତି ଆଇନଜୀବୀ ବାଦଲ ଚନ୍ଦ୍ର ରାୟ, ସମ୍ପାଦକ ଆଇନଜୀବୀ ଗଦାଧର ସାହୁ, ଶୁଭେନ୍ଦୁ ମହାନ୍ତି, ଦୀପ୍ତି ରଞ୍ଜନ ମହାନ୍ତି, ସ୍ଥାନୀୟ କର୍ପୋରେଟର ଆରତୀ ସାହୁ ଓ ଚନ୍ଦନ ତ୍ରିପାଠୀଙ୍କ ସହ କଟକ ମହାନଗର ନିଗମର ବିଭିନ୍ନ ବିଭାଗର କନିଷ୍ଠ ଯନ୍ତ୍ରୀ, ସି ଏମ ସି କର୍ମଚାରୀ ଓ ମୋହରିର ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଫେସ୍‌ବୁକ୍‌ରେ ବିଧାୟକଙ୍କୁ ଆପତ୍ତିଜନକ ମନ୍ତବ୍ୟ ଅଭିଯୋଗ

**କଟକ,୧୩।୬(ସମିସ):** ସୋସିଆଲ ମିଡିଆରେ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀଙ୍କୁ ଜାତିଆଣ ଆକ୍ଷେପ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ବିଜେପିର କଟକ ଆଇଟି ସେଲ ପକ୍ଷରୁ ସାଇବର ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ଅନୁସାରେ, ଫେସବୁକରେ 'ସିଏସବି ଫ୍ୟାନ' ନାଁରେ ଏକ ଆଇଡି ରହିଛି । ଉକ୍ତ ଆଇଡି ଦ୍ୱାରା ଗତ କିଛି ଦିନ ହେବ ବିଧାୟକ ଶ୍ରୀ ସେଠୀଙ୍କୁ ଜାତିଆଣ ମନ୍ତବ୍ୟ ସହିତ ଅପମାନଜନକ ମନ୍ତବ୍ୟ ଦିଆଯାଉଛି। ସେହିପରି ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ବିଷୟରେ ମଧ୍ୟ ଆପତ୍ତିଜନକ ତଥ୍ୟ ଦିଆଯାଉଛି। କେହି ବ୍ୟକ୍ତିବିଶେଷ ବା ଏକ ଗୋଷ୍ଠୀ ଏଭଳି ଭାବେ ସାମାଜିକ ଓ ରାଜନୈତିକ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିବା ପାଇଁ ପୋଷ୍ଟ କରୁଥିବା ଅଭିଯୋଗ ହୋଇଛି। ଏନେଇ ପୁଲିସ ତଦନ୍ତ କରୁଥିବା ଜଣାପଡିଛି। ସାଇବର ଥାନାରେ ଅଭିଯୋଗପତ୍ର ପ୍ରଦାନ ସମୟରେ ବିଜେପି ଆଇଟି ସେଲ ସଂଯୋଜକ ଅସୀମ ଅମିତାଭ ମହାନ୍ତି, ଶାଶ୍ୱତ ବିଶ୍ୱାଳ, ଲଲାଟେନ୍ଦୁ ପ୍ରଧାନ, ସ୍ମୃତି ମହାନ୍ତି, ବିଶ୍ୱରଞ୍ଜନ ଦାସ, ଅଭିରାମ ଲେଙ୍କା ଓ ଅଲେଖ ନାୟକ ଉପସ୍ଥିତ ଥିଲେ।

## ଏସ୍‌ଆଇଆର୍ ସମ୍ପର୍କିତ ସଚେତନତା

**କଟକ,୧୩।୬(ସମିସ):** ମତଦାତା ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍.ଆଇ.ଆର୍.-୨୦୨୬) ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କଟକ ସଦର ବିଧାନସଭା ମଣ୍ଡଳୀ ଅନ୍ତର୍ଗତ କିଶନନଗର ଅଞ୍ଚଳରେ ଏକ ସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇ.ଆର୍.ଓ.), କଟକ ସଦରଙ୍କ ନିର୍ଦ୍ଦେଶ ଅନୁଯାୟୀ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏ.ଇ.ଆର୍.ଓ.), କିଶନନଗରଙ୍କ ଦ୍ୱାରା ଏହି ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟର ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ଅଂଶଗ୍ରହଣ କରି ଏସ୍.ଆଇ.ଆର୍. କାର୍ଯ୍ୟକ୍ରମ ସମ୍ପର୍କରେ ସାଧାରଣ ଜନତାଙ୍କୁ ସଚେତନ କରିଥିଲେ। ଏହି ଅବସରରେ କିଶନନଗର ତହସିଲ କାର୍ଯ୍ୟାଳୟ ପରିସରରେ ଏକ ସ୍ୱାକ୍ଷର ଅଭିଯାନ ମଧ୍ୟ ଆୟୋଜିତ ହୋଇଥିଲା। ସେଠାରେ ସ୍ଥାପିତ ବୋର୍ଡରେ ଉପସ୍ଥିତ ଜନସାଧାରଣ ସ୍ୱାକ୍ଷର କରି ଏସ୍.ଆଇ.ଆର୍. କାର୍ଯ୍ୟକ୍ରମ ପ୍ରତି ନିଜର ସମର୍ଥନ ପ୍ରତିପାଦନ କରିଥିଲେ। ଏଥିସହ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ନିର୍ଭୁଲ, ସ୍ୱଚ୍ଛ ମତଦାତା ତାଲିକା ପ୍ରସ୍ତୁତି ଏବଂ ଜନସହଭାଗିତାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ସିଡିଏ ଅଞ୍ଚଳରେ ଏସ୍‌ଆଇଆର୍-୨୦୨୬ କାର୍ଯ୍ୟର ସମୀକ୍ଷା

**କଟକ,୧୩।୬(ସମିସ):** ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) କାର୍ଯ୍ୟକ୍ରମର ଅନୁଧ୍ୟାନ କରିବା ନିମନ୍ତେ ବାରବାଟୀ,କଟକ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ସିଡିଏ ଅଞ୍ଚଳର ବିଭିନ୍ନ ବୁଥ୍ ପରିଦର୍ଶନ କରିଛନ୍ତି। ବାରବାଟୀ କଟକ ନିର୍ବାଚନ ମଣ୍ଡଳୀର ବୁଥ ନଂ-୧୯, ୨୧,୬୦, ୬୫,୬୬,୬୭,୬୮,୬୯ ଅନ୍ତର୍ଗତ ମୁଢି ଗଡ଼ା ,କାଠଯୋଡ଼ି ବିହାର, ଉଗର ପଡ଼ା ଆଦି ଅଞ୍ଚଳ ପରିଦର୍ଶନ କରିଥିଲେ। ଏଥି ସହ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ,ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ),ସୁପରଭାଇଜରଙ୍କ ସହ ଏକ ସମୀକ୍ଷା ବୈଠକ ମଧ୍ୟ କରିଛନ୍ତି। ବୁଥ ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା କରାଯାଉଥିବା ମତଦାତାଙ୍କ ଫର୍ମ ବଣ୍ଟନ ଓ ସଂଗ୍ରହ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି। ଉପଜିଲ୍ଲାପାଳ ଘରକୁ ଘର ବୁଲି ସମସ୍ତ କାର୍ଯ୍ୟର ଯାଞ୍ଚ କରିବା ସହ, ଅଭିଯୋଗ ସମାଧାନ ବ୍ୟବସ୍ଥା, ଡିଜିଟାଇଜେସନ୍ ପ୍ରକ୍ରିୟା ଏବଂ ସମସ୍ତ ଯୋଗ୍ୟ ଭୋଟରଙ୍କ ନିକଟରେ ଏହି କାର୍ଯ୍ୟକ୍ରମର ସୁବିଧା ପହଞ୍ଚାଇବା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। କୌଣସି ଯୋଗ୍ୟ ନାଗରିକ ଯେପରି ଏହି ପ୍ରକ୍ରିୟାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ଅଧିକ ତତ୍ପରତା ଓ ଦାୟିତ୍ୱବୋଧ ସହ କାର୍ଯ୍ୟ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ବିଏଲ୍‌ଓମାନଙ୍କ ଠାରୁ କ୍ଷେତ୍ରସ୍ତରରେ ହେଉଥିବା କାର୍ଯ୍ୟ ସମ୍ପର୍କରେ ମତାମତ ଗ୍ରହଣ କରିବା ସହ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।



### ଗୋର୍ଖା କଲୋନୀ ବସ୍ତି ଉଚ୍ଛେଦ ପାଇଁ ରେଳବାଇ ପକ୍ଷରୁ ନୋଟିସ ଝୁଲିଲା

## ବିନା ଥଇଥାନରେ ଉଚ୍ଛେଦ ନୋଟିସ୍‌କୁ ନେଇ ବିକ୍ଷୋଭ

କଟକ,୧୩।୬(ସମିସ)




ରେଳବାଇ ପକ୍ଷରୁ କୌଣସି ଅଧିକାରୀଙ୍କ ଦସ୍ତଖତ ନ ଥାଇ ଏକ ନୋଟିସ ଗୋର୍ଖା କଲୋନୀ ବସ୍ତିର ଘର ମାନଙ୍କରେ ଲଗାଯାଇଛି। ଏହି ନୋଟିସରେ ଏକ ସପ୍ତାହ ମଧ୍ୟରେ ଉଛେଦ ପାଇଁ କୁହାଯାଇଛି। ଏହି ଗୋର୍ଖା ବସ୍ତି ବହୁ ପୁରୁଣା ବସ୍ତି। ବସ୍ତିର ଲୋକମାନେ ରେଲୱେ ଷ୍ଟେସନରେ ସଫେଇ କାମ ପିଢ଼ି ପରେ ପିଢ଼ି କରି ଆସୁଛନ୍ତି। ଦିନରାତି ସେ ବସ୍ତିର ଲୋକମାନେ ଷ୍ଟେସନ ସଫେଇ କାର୍ଯ୍ୟରେ ଲିପ୍ତ ଥାଆନ୍ତି। ସେମାନଙ୍କ ପିଲାଛୁଆମାନେ ସେହି ସ୍ଥାନୀୟ ରେଲୱେ ସ୍କୁଲରେ ପାଠ ପଢ଼ନ୍ତି। ବସ୍ତିରେ ଅଧିକାଂଶ ଲୋକ ଦଳିତ ସମ୍ପ୍ରଦାୟର। ସେମାନଙ୍କର କୌଣସି ବିକଳ୍ପ ବ୍ୟବସ୍ଥା ନ କରାଯାଇ ସେମାନଙ୍କୁ ଉଛେଦ ନୋଟିସ ଦେବା ମହାନଗର ନିଗମ ଆଇନକୁ ତାହା ବିରୁଦ୍ଧାଚରଣ କରୁଛି। ବିନା ଥଇଥାନରେ ଏହି ବେଆଇନ ନୋଟିସ୍ ବିରୁଦ୍ଧରେ ଆଜି ରେଳ ବିଭାଗର ସିନିୟର ସେକ୍ସନ ଇଞ୍ଜିନିୟର (ଏସ୍‌ଏସ୍‌ଇ) ୱାର୍କ ଅଫିସ୍ ସମ୍ମୁଖରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଶତାଧିକ ବସ୍ତି ବାସିନ୍ଦା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଣୁ ଏହି ବେଆଇନ ଉଛେଦ ପ୍ରତିବାଦରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଶତାଧିକ ବସ୍ତି ବାସିନ୍ଦା ବିକ୍ଷୋଭ ପ୍ରଦର୍ଶନ କରି ଏସ୍ ଏସ୍ ଇ (ୱାର୍କ୍)ଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ। ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀ ନେତୃତ୍ୱରେ ଏସ୍‌ୟୁସିଆଇ (ସି) ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦସ, ବସନ୍ତ ନାୟକ, ବସ୍ତି ନେତା ଦୀପକ ଦାସ ପ୍ରମୁଖ ବିଜୁ ନାୟକ, ପବିତ୍ର ଘଡ଼ାଇ, ପିଣ୍ଟୁ ନାୟକ ମୋହନ ନାୟକ, ମଞ୍ଜୁ ନାୟକ ପ୍ରମୁଖ ଯୋଗଦାନ କରିଥିଲେ।

### କମିଛି ଆଗ୍ରହ, କମିନି ମହକ

# ଏବେ ବି ବଞ୍ଚିରହିଛି ରଜର ମଉଜ

**କୟାଁଗୋଲା,୧୩।୬(ସମିସ)**



ଉପକୂଳବର୍ତ୍ତୀ ଯାଜପୁର ଜିଲ୍ଲାରେ କୃଷିଭିତ୍ତିକ ଗଣପର୍ବ ରଜ। ରଜ ଆସିଲେ ଗାଁ ଗାଁରେ ଉତ୍ସବର ପରିବେଶ ସୃଷ୍ଟି ହୁଏ। ଦାଣ୍ଡରେ ବାଗୁଡ଼ି ଖେଳ, ଯୁବତୀମାନଙ୍କ ପୁଚି ଖେଳ, ଦୋଳି ଉପରେ ଗୀତ, ଆଉ ଘରେ ଘରେ ପିଠାପଣାର ସୁବାସ ଏସବୁ ହେଉଛି ରଜର ପରିଚୟ। କିନ୍ତୁ ସମୟ ବଦଳିବା ସହ ଏହି ଚିତ୍ର ଧୀରେ ଧୀରେ ଫିକା ପଡ଼ିବାକୁ ଲାଗିଛି। ଅତୀତ ଓ ବର୍ତ୍ତମାନ ମଧ୍ୟରେ ରଜ ପର୍ବ ପ୍ରତି ସାଧାରଣ ଲୋକଙ୍କ ଆଗ୍ରହ କମିଥିବା ଦେଖିବାକୁ ମିଳୁଛି। ବିଶେଷକରି ସହରାଞ୍ଚଳ ଓ ଯୁବପିଢ଼ି ମଧ୍ୟରେ ପାରମ୍ପରିକ ଖେଳ ଓ ରୀତିନୀତି ଏବେ କେବଳ ସ୍ମୃତି ପାଲଟି ଯାଇଛି। ତେବେ ଦଶରଥପୁର ବ୍ଲକର କିଛି ଗାଁରେ ଏବେବି ରଜ ପର୍ବର ପୁରୁଣା ପରମ୍ପରା ଦେଖିବାକୁ ମିଳୁଛି।

ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପର୍ବ ପାଇଁ ଯୁବତୀମାନେ ବିଳମ୍ବିତ ରାତି ଯାଏଁ ନିଜକୁ ସଜେଇ ପ୍ରସ୍ତୁତି ଚଳାଇଛନ୍ତି। କେତେକ ସ୍ଥାନରେ ଯୁବତୀମାନେ ନିଜ ହାତରେ ରଜ ଦୋଳି ପ୍ରସ୍ତୁତ କରି ପରମ୍ପରାକୁ ଜୀବନ୍ତ ରଖିଛନ୍ତି। ତିନି ଦିନ ଧରି ବିଭିନ୍ନ ଗାଁରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ପ୍ରସ୍ତୁତି ଚାଲୁଛି। ନୃତ୍ୟ, ଗୀତ ଓ ଭୋଜି-ଭାତର ଆସର ପାଇଁ ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବାହାରେ ରହୁଥିବା ଅନେକ ଲୋକ ରଜ ପାଇଁ ପରିବାର ସହ ଘରମୁହାଁ ହୋଇଛନ୍ତି, ଯାହା ଗାଁକୁ ଉତ୍ସବମୁଖର କରିଛି। ପୁରୁଣା ଦିନର ରଜ ବିଷୟରେ ସ୍ଥାନୀୟ ବୟସ୍କା ଲୋକମାନେ କହନ୍ତି, 'ପିଲାଦିନେ କଦଳୀ ପଟୁଆର ଚପଲ ପିନ୍ଧି ଦୋଳି ଖେଳୁଥିଲୁ। ପୁଚି ଖେଳ, ବାଗୁଡ଼ି ଖେଳ ବିନା ରଜ ଅଧୁରା ଲାଗୁଥିଲା। ଖାଇବା ପିଇବା ଭୁଲି ଯାଇ ଖେଳରେ ମସଗୁଲ ହୋଇଯାଉଥିଲୁ। କିନ୍ତୁ ବର୍ତ୍ତମାନ ସେ ଦୃଶ୍ୟ ଦେଖିବାକୁ ମିଳୁନାହିଁ। ଗାଁରେ ଆଉ ପୁଚି ଖେଳ ନାହିଁ, ଦୋଳି ଖେଳ ବି କମି ଯାଇଛି, କଦଳି ପଟୁଆର ଚପଲ ବି ହଜିଯାଇଛି। ଏବେ ରଜରେ ଡିଜେ ବାଜା, ଭୋଜି ଭାତ ଓ ନୃତ୍ୟ-ଗୀତର ଆସର ଅଧିକ ଦେଖିବାକୁ ମିଳୁଛି। ବୃଦ୍ଧମାନେ କୁହନ୍ତି, 'ରଜରେ ତାସ୍ ଖେଳର ମଜା ଏବେବି ଆମ ଭିତରେ ଉଙ୍କି ମାରୁଛି। କିନ୍ତୁ ନୂଆପିଢ଼ି ପାଇଁ ରଜର ମଉଜ ଯେପରି ଧୀରେ ଧୀରେ ଦୂରେଇ ଯାଉଛି।' ସମୟ ବଦଳିବା ସହ ଉତ୍ସବ ପାଳନର ଢଙ୍ଗ ବି ବଦଳିଛି। ପୂର୍ବରୁ ରଜ ଥିଲା ଗାଁର ଝିଅ-ପୁଅଙ୍କ ମିଳନ ଓ ମନୋରଞ୍ଜନର ପର୍ବ। ଏବେ ତାହା ଅଧିକ ଭୋଜି-ଭାତ ଓ ମନୋରଞ୍ଜନ କେନ୍ଦ୍ରୀକ ହୋଇଯାଇଛି। ତଥାପି ଦଶରଥପୁର ଭଳି ଗ୍ରାମାଞ୍ଚଳରେ ପରମ୍ପରାକୁ ଧରି ରଖିବାର ଉଦ୍ୟମ ଦେଖିବାକୁ ମିଳୁଛି। ତିନିଦିନିଆ ରଜ ପର୍ବ ଏବେ ଗାଁଗୁଡ଼ିକୁ ଉତ୍ସବମୁଖର କରିବ। ସେଦିନର ରଜଦୋଳି ପୂରା ନ ଥିଲେ ବି, କେତେକ ସ୍ଥାନରେ ଯୁବତୀମାନେ ଏହାକୁ ପୁଣି ଜୀବନ୍ତ କରିବାକୁ ଚେଷ୍ଟା କରୁଛନ୍ତି। ରଜ ହୁଏତ ପୁରୁଣା ରୂପ ହରାଇଛି, କିନ୍ତୁ ଗାଁର ମାଟିରେ ଏବେବି ତା'ର ସୁବାସ ବଞ୍ଚି ରହିଛି। ଏନେଇ ଶିକ୍ଷୟିତ୍ରୀ ମୋନାଲିସା ଭୂୟାଁ କୁହନ୍ତି, ଦିନ ଥିଲା ରଜ ଆସିବା ପୂର୍ବରୁ ହିଁ ଧରଣୀ ମା' ତା' ରୂପକୁ ସଜେଇ ଦେଉଥିଲା। ଏବେ ନା ଅଛି ସେ ଦିନ, ନା ଅଛି ସେ ଚିହ୍ନ। ନା ଆଉ ଶୁଭୁଛି ରଜ ଦୋଳିରେ ଝୁଲିବା ବେଳେ ଛୁଟି ଆସୁଥିବା ସେ ମଧୁର ଗୀତ "ରଜ ଦୋଳି କଟ ମଟ, ମୋ ଭାଇ ମୁଣ୍ଡରେ ସୁନା ମୁକୁଟ।' କିନ୍ତୁ ସବୁକିଛି ଆଜିକା ଦିନରେ ସ୍ୱପ୍ନିଳ। ସବୁକିଛି ପାଲଟି ଯାଇଛି ଅତୀତରେ ଥିବା ପିଲାବେଳର କେତେ ମନଲୋଭା ସ୍ମୃତି। ଯାହାକି ଆମକୁ ଏକ ଯୁଗ ବିତିଗଲା ପରି ମନେ ହେଉଛି। ସ୍ମୃତି ପଟଳରେ ଖାଲି ରହି ଯାଉଛି ସେଇ ଦିନ। ଆଧୁନିକତାର ଆଢୁଆଳ ଭିତରେ ହଜି ଯାଇଥିବା ସେଇ ଆମର ମନଲୋଭା ପର୍ବପର୍ବାଣି, ସଂସ୍କୃତି, ପରମ୍ପରା।

## ଟମକା- ଟାଟା ଖଣି କଂକ୍ରିଟ୍ ରାସ୍ତା ବିପଦପୂର୍ଣ୍ଣ



**ଦାନଗଦି/ଟମକା,୧୩।୬(ସମିସ):** ଖଣି ସଂପଦରେ ଭରପୂର ଟମକା ଅଞ୍ଚଳର ବିକାଶ ହେଉନଥିବା ଅଭିଯୋଗ ହେଉଛି। ଟମକା ବଜାରଟି ଦୀପ ତଳ ଅନ୍ଧାର ସଦୃଶ। ଟମକା ଠାରୁ ଟାଟା ଖଣି ଅଞ୍ଚଳ ପର୍ଯ୍ୟନ୍ତ କଂକ୍ରିଟ୍ ରାସ୍ତାଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବାଟସାରା ବେନିୟମ ଭାବରେ ମନଇଚ୍ଛା ହମ୍ପସ୍ ଓ କିଛି ରାସ୍ତାର ମଝି ଅଂଶ ଖାଲଖମାରେ ଭର୍ତ୍ତି ହୋଇରହିଛି। ସମତୁଲ ନ ଥିବାରୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ଜୀବନହାନି ଘଟୁଛି।

ଯାଜପୁର ଜିଲ୍ଲାର ସୁକିନ୍ଦା କ୍ରୋମାଇଟ୍ ଖଣି ଜୋନରୁ ଦୈନିକ ଶହ ଶହ ମାଲ ବୋଝେଇ ଗାଡି ଏବଂ ଦୈତାରୀ ଲୁହା ପଥର ଖଣିରୁ ହଜାର ହଜାର ମାଲ ବୋଝେଇ ଟିପ୍ପର, ଟ୍ରକ୍, ହାଇୱା, ବ୍ରାହ୍ମଣୀପାଳ ଟାଟା ଷ୍ଟିଲ୍ ପ୍ଲାଣ୍ଟର ଶହଶହ ଗାଡି ମୁଖ୍ୟ ଦ୍ୱାର ଟମକା ଛକ ଦେଇ ଯାତାୟତ କରୁଛି। ଫଳରେ ଏହି ରାସ୍ତା ନଷ୍ଟ ହୋଇଯାଇଛି। ଚଣ୍ଡିଖୋଲ ଠାରୁ ଭାୟା ଟମକା ଦେଇ କେନ୍ଦୁଝରେ ପର୍ଯ୍ୟନ୍ତ ଜାତୀୟ ରାଜରାସ୍ତା ମାନ୍ୟତା ପାଇ କିଛି କାର୍ଯ୍ୟ ହାତକୁ ନେଇଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଟମକା ଛକ ରାସ୍ତା ଉପରେ ବିଶାଳ ଗର୍ତ୍ତ ହୋଇଥିଲେ ମଧ୍ୟ ପୂର୍ତ୍ତ ବିଭାଗ ନା ଗ୍ରାମ୍ୟ ଉନ୍ନୟନ ବିଭାଗ ନା ଏନ୍‌ଏଚ୍ ବିଭାଗ ଏହି ରାସ୍ତା ସୁଧାରିବାକୁ ମନଧ୍ୟାନ ଦେଉଛନ୍ତି। ସବୁଦିନ ଏହି ବାଟ ଦେଇ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ, ରାଜନେତା ଯା' ଆସ କରୁଥିଲେ ମଧ୍ୟ କାହାର ଦୃଷ୍ଟିଗୋଚରକୁ ନ ଆସିବା ସ୍ଥାନୀୟ ଜନସାଧାରଣ ମାନଙ୍କୁ ବ୍ୟଥିତ କରିଛି। ଏହି ଖାଲଖମା ଯୋଗୁଁ ବାଇକ୍ ଆରୋହୀ ଭାରୀଯାନଗୁଡ଼ିକ ଯାତାୟତରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶନିବାର ଏହି ମୁଖ୍ୟ ଛକରେ ଖାଲ ଯୋଗୁଁ ଟ୍ରେଲର ଗାଡିଟି ଦୀର୍ଘ ସମୟ ଧରି ଫସିଥିବା ଦେଖିବାକୁ ମିଳିଥିଲା। ଯାହାଫଳରେ ଟ୍ରାଫିକ୍ ଜାମ୍ ହୋଇଯାଇଥିଲା। ଏହି ଛୋଟିଆ କାମଟିକୁ କେଉଁ ବିଭାଗ ମରାମତି କରି ଉନ୍ନତ ସେବା ଯୋଗାଇ ଦେବେ ଜନସାଧାରଣ ଚାହିଁ ରହିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଯଥାଶୀଘ୍ର ରାସ୍ତାଟି ମରାମତି କରିବା ସହିତ ଟମକା ଛକଠାରୁ ଟାଟା ଖଣି ପର୍ଯ୍ୟନ୍ତ ରାସ୍ତାକୁ ସମତୁଲ କରିବା ପାଇଁ ଟମକା ମହାଗିରି ପ୍ରେସ୍ କ୍ଲବ, ଟମକା ବଣିକ ସଂଘ, ଶ୍ରୀରାମ ଯୁବକ ସଂଘ, ଟମକାର ସମସ୍ତ ସଭ୍ୟ ଦାବି କରିଛନ୍ତି।

## ନାଗ ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

**ଦଶରଥପୁର,୧୩।୬(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ପଞ୍ଚାୟତ ବଜରାପାଟ ଗ୍ରାମର ଲୋକନାଥ ଧଳ (୬୮)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଯାଇଛି। ସେ ଗତକାଲି ସନ୍ଧ୍ୟାରେ ନିଜ ଘରେ ଶୋଇଥିଲେ। ତେବେ ସନ୍ଧ୍ୟା ୭ଟା ବେଳେ ପରିବାର ଲୋକ ତାଙ୍କୁ ଡାକିବାକୁ ଯିବାରୁ ତାଙ୍କ ପାଖରେ ସାପ ଦେଖିବାକୁ ପାଇଥିଲେ। ତୁରନ୍ତ ପରିବାର ଲୋକ ତାଙ୍କୁ ଉଦ୍ଧାର କରି ପ୍ରଥମେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। କଟକ ନେବା ବାଟରେ ଲୋକନାଥଙ୍କର ମୃତ୍ୟୁ ହୋଇଯାଇଥିଲା। ଲୋକନାଥଙ୍କ ମୃତ୍ୟୁରେ ମଙ୍ଗଳପୁର ପଞ୍ଚାୟତର ସରପଞ୍ଚ ସସ୍ମିତା ଧଳ, ପୂର୍ବତନ ସରପଞ୍ଚ ଶିଶିର ଧଳ, ପୂର୍ବତନ ମଣ୍ଡଳ ସଭାପତି ଅଧର ଧଳ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ତେବେ ଖବର ପାଇ ସ୍ନେକ ହେଲ୍ପଲାଇନ୍‌ର ସଦସ୍ୟମାନେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ।

## ଗ୍ୟାସ୍ ଟାଙ୍କି ଫାଟି ଦୋକାନ ଜଳିଗଲା

**ପାଣିକୋଇଲି,୧୩।୬(ସମିସ):** ପାଣିକୋଇଲିସ୍ଥିତ ସରକାରୀ ଠିପି ବନ୍ଦ ମଦ ଦୋକାନ ନିକଟରେ ଥିବା ଚାଖଣା ଦୋକାନରେ ଗ୍ୟାସ୍ ଟାଙ୍କି ଫାଟି ଦୋକାନ ଜଳିଯାଇଛି। ପ୍ରକାଶଯେ ପାଣିକୋଇଲି ଅଳତିରି ଠାରେ ଏକ ସରକାରୀ ବିଦେଶୀ ଠିପି ବନ୍ଦ ମଦ ଦୋକାନ ପାଖରେ ଥିବା ଚାଖଣା ଦୋକାନର ଗ୍ୟାସ୍ ଟାଙ୍କି ଫାଟି ପ୍ରଚଣ୍ଡ ଶବ୍ଦ ହେବା ସହ ଦୋକାନରେ ନିଆଁ ଲାଗିଯାଇଥିଲା। ସୌଭାଗ୍ୟବଶତଃ କର୍ମଚାରୀ ବା ମାଲିକର କିଛି କ୍ଷତି ହୋଇନଥିବା ବେଳେ ଦୋକାନଟି ହୁତୁହୁତୁ ହୋଇ ଜଳିଯାଇଥିଲା। ସ୍ଥାନୀୟ ଦୋକାନୀମାନେ ନିକଟସ୍ଥ ଦୋକାନରୁ ପାଣି ଆଣି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ। ଦୋକାନ ମଧ୍ୟରେ ଥିବା କ୍ୟାବିନ, ଫ୍ରିଜ୍ ଓ ଆସବାସପତ୍ର ସବୁ ପୋଡ଼ିଯାଇଥିଲା। ଯାଜପୁରରୋଡ୍ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ ହେଁ ସବୁ କିଛି ଜଳି ପାଉଁଶ ହୋଇଯାଇଥିଲା। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା। ପାଣିକୋଇଲି ପଞ୍ଚାୟତ ଅଳତିରି କାଙ୍କଲା ଗ୍ରାମର ଶରତ ସାହୁ ଉକ୍ତ ଦୋକାନକୁ ଭଡ଼ାରେ ନେଇ ଚାନ୍ଦପୁର ପବିତ୍ର ବେହେରାଙ୍କୁ ଭଡ଼ା ଦେଇଥିଲା। ଅଗ୍ନିକାଣ୍ଡ ଓ ଗ୍ୟାସ୍ ଟାଙ୍କି ଫାଟିବା ଯୋଗୁ ଶବ୍ଦ ବିସ୍ଫୋରଣରେ ଗ୍ରାହକମାନେ ଛାନିଆ ହୋଇଯାଇଥିଲେ।

## ଚୋରି ଅଭିଯୋଗରେ ଲୁଟେରା ଗିରଫ

**କୟାଁଗୋଲା,୧୩।୬(ସମିସ):** ମଙ୍ଗଳପୁର ଥାନା ଅଞ୍ଚଳରେ ଘଟିଥିବା ଚୋରି ଘଟଣାରେ ସମ୍ପୃକ୍ତ ଜଣେ ଲୁଟେରାକୁ ପୁଲିସ୍ ଗିରଫ କରି ଅଦାଲତ ଚାଲାଣ କରିଛି।। ଗିରଫ ଲୁଟେରା ଜଣକ ହେଲେ ଯାଜପୁର ଥାନା ଅଧୀନ ଲକ୍ଷ୍ମଣପୁର ଅଞ୍ଚଳର ରାମଚନ୍ଦ୍ର ମିଶ୍ର (୩୬)। ଗତ ୧୦ ତାରିଖ ବିଳମ୍ବିତ ରାତିରେ ଧନୀପୁର ଲକ୍ଷ୍ମୀଧର ସାହୁଙ୍କ ଧାନ କଳଘରର ତାଲା ଭାଙ୍ଗି ଲୁଟ ହୋଇଥିବା ଅଭିଯୋଗ ହୋଇଥିଲା। ଘଟଣାସ୍ଥଳରୁ ମିଳିଥିବା ସିସିଟିଭି ଫୁଟେଜ ଆଧାରେ ପୁଲିସ୍ ଅଭିଯୁକ୍ତକୁ ଚିହ୍ନଟ କରିଥିଲା। ଏହା ପରେ ମାମଲା ନଂ ୧୫୨/୨୬ରେ ରୁଜୁ କରି ତାକୁ ଗିରଫ କରାଯାଇଛି। ପଚରାଉଚରା ବେଳେ ଅଭିଯୁକ୍ତ ଲୁଟ୍ କରିଥିବା ସାମଗ୍ରୀ ବିକ୍ରି କରିଦେଇଥିବା ସ୍ୱୀକାର କରିଛି। ତେବେ ପୁଲିସ ଅଳ୍ପ କିଛି ସାମଗ୍ରୀ ଜବତ କରିବାରେ ସଫଳ ହୋଇଛି। ଅଭିଯୁକ୍ତ ଜଣକ ଲୁଟ ପାଇଁ ଏକ ଟ୍ରକ୍ ବ୍ୟବହାର କରିଥିଲା ଏବଂ ଟ୍ରକର ଜଗ ରଡ୍ ସାହାଯ୍ୟରେ ତାଲା ଭାଙ୍ଗିଥିବା ଜଣାପଡ଼ିଛି। ପୁଲିସ ଆଗାମୀ ତଦନ୍ତ ଜାରି ରଖିଛି ବୋଲି ତଦନ୍ତ ଅଧିକାରୀ ଜଟାଧାରୀ ଦାସ ପ୍ରକାଶ କରିଛନ୍ତି।

## ରାସ୍ତା ପାର୍ଶ୍ୱ ଡ୍ରେନ୍‌ରେ ଗଳିପଡ଼ିଲା ଟ୍ରକ୍



**ପାଣିକୋଇଲି,୧୩।୬(ସମିସ):** ପାଣିକୋଇେଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଦକ୍ଷିଣ ପାର୍ଶ୍ୱରେ ପୁରୁଣା ଟୋଲଗେଟ୍ ଠାରୁ ଓଭରବ୍ରିଜ ଆରମ୍ଭ ପର୍ଯ୍ୟନ୍ତ ଏକ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇଛି। ସଂଯୋଗୀକରଣ ରାସ୍ତା ପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ କରାଯାଇଛି। ଏହି ରାସ୍ତାରେ ଶହ ଶହ ସଂଖ୍ୟାରେ ଟ୍ରକ୍ ଦିନ ଦିନ ଧରି ଅଟକି ରହୁଛି। ବିଭାଗ ପକ୍ଷରୁ ଡ୍ରେନ୍ ସଫା ପାଇଁ ପଡ଼ିଥିବା ସ୍ଲାବଗୁଡିକୁ ଖୋଲି ଛାଡ଼ି ଦିଆଯାଇଛି। ଫଳରେ ଏହା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିବା ବେଳେ ସତକୁ ସତ ଆଜି ଏକ ୧୪ ଚକିଆ ଟ୍ରକ୍ ( ଓଡି୦୪ଏନ ୫୪୦୪) ଶ୍ରୀପୀଠ ନିକଟସ୍ଥ ଏକ ସର୍ଭିସ ଷ୍ଟେନକୁ ଯାଉଥିବା ବେଳେ ଟ୍ରକର ଗୋଟିଏ ଆଗ ଚକ ଡ୍ରେନରେ ପଡିଯିବାରୁ ଟ୍ରକଟି ଡ୍ରେନ ମଧ୍ୟରେ ଅଟକି ରହିଥିଲା। ଫଳରେ ସଂଯୋଗୀକରଣ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା। ପାଣିକୋଇଲି ଥାନା ଅନ୍ତର୍ଗତ ତଣ୍ଡରା ପଞ୍ଚାୟତ ବରେଇ ଗ୍ରାମର ରାକେଶ ସାହୁ ଟ୍ରକ୍‌ଟି ଚଳାଉଥିବା ବେଳେ ସେ ସାମାନ୍ୟ ଆହତ ହୋଇଥିଲେ। ରାଜପଥ ପାଟ୍ରୋଲିଂ ଗାଡ଼ି ସେଠାରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଟ୍ରକ୍‌ଟିକୁ ଉଠାଇଥିବା ବେଳେ ଘଣ୍ଟାଏରୁ ଊର୍ଦ୍ଧ୍ୱ କାଳ ବନ୍ଦ ହୋଇଥିବା ସଂଯୋଗୀକରଣ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ନଗର କଂଗ୍ରେସର କାର୍ଯ୍ୟକାରିଣୀ ଓ ପ୍ରଶିକ୍ଷଣ ଶିବିର




**ଯାଜପୁର,୧୩।୬(ସମିସ):** ଯାଜପୁର ନଗର କଂଗ୍ରେସ ପକ୍ଷରୁ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଏବଂ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଜିଲ୍ଲା କଂଗ୍ରେସ ସାଧାରଣ ସଂପାଦକ ହୃଷୀକେଶ ପତି ସ୍ତୋତ୍ରପାଠ କରିବା ପରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଉପସଭାପତି ବିଭୂତି ମହାପାତ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯାଜପୁର ନିର୍ବାଚନ ମଣ୍ଡଳୀର ବିଏଲ୍‌ଏ-୧ ତଥା ବରିଷ୍ଠ ନେତା ସନ୍ତୋଷ ନନ୍ଦ ଯୋଗ ଦେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଘରକୁ ଘର ବୁଲି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ କଂଗ୍ରେସ ଦଳ ପକ୍ଷରୁ ପ୍ରତ୍ୟେକ ୱାଡର୍‌ର ବିଏଲ୍‌ଏ-୨ ଏବଂ ବୁଥ୍‌ସ୍ତରରେ ସରକାରଙ୍କ ଦ୍ୱାରା ନିଯୁକ୍ତ ବିଏଲ୍‌ଓମାନଙ୍କୁ ସହଯୋଗ କରିବା ପାଇଁ ଯେଉଁ ୧୨ ଗୋଟି ପ୍ରମାଣପତ୍ରର ଆବଶ୍ୟକତା ରହିଛି ତାକୁ ଉଲ୍ଲେଖ କରିବା ସହିତ ଏହା ସମସ୍ତ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ପୂର୍ବତନ ନଗର କଂଗ୍ରେସ ସଭାପତି ଦିଲ୍ଲୀପ ଦାଶ, ପୂର୍ବତନ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରତିମା କର, ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସ, ପୂର୍ବତନ ଯାଜପୁର ବିଧାନସଭା ପ୍ରାର୍ଥୀ ସୁଦୀପ କର, ପୂର୍ବତନ ଜିଲ୍ଲା ଦଳିତ ସେଲ୍ ସଭାପତି ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରପାଳିକାର ୧୮ ଗୋଟି ୱାର୍ଡର ସମସ୍ତ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀମାନେ ଯୋଗଦେଇଥିଲେ। ଏଥିରେ ପୂର୍ଣ୍ଣଚନ୍ଦ୍ର ଯେନା, ସଂଗ୍ରାମ ଯେନା, କୁମାର ଆଶୁତୋଷ, ଅରଜିତ ନାୟକ, ଅବଦୁଲ ସଲିମ୍, ସସ୍ମିତା ପଣ୍ଡା, ଭାସ୍କର ମହାନ୍ତି, ଅକ୍ଷୟ ଶତପଥୀ, ନିକୁଞ୍ଜ ସାମଲ, ଗୋବିନ୍ଦ ସାହୁ, ବିଦ୍ୟାଧର ବାରିକ, ସ୍ୱପ୍ନା ମହାନ୍ତି, ଚନ୍ଦ୍ରମଣି ସାହୁ, ରୁପାଲି ବାରିକ, ନକୁଳ ଦେବସାହୁ, ପ୍ରମିଳା ସାହୁ, ସୁନିତା ବାରିକ, ଅମୂଲ୍ୟ ବିଶ୍ୱାଳ, ଚନ୍ଦ୍ରଶେଖର ନନ୍ଦ, ନଗେନ୍ଦ୍ର ପତି, ଅବଦୁଲ ରୌଫ, ପତିତପାବନ ରଣା, ବିଜୟ ମହାପାତ୍ର, ପ୍ରଭୃତି ଶତାଧିକ କର୍ମୀ ଯୋଗଦେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

## ଜବତ ଗଚ୍ଛିତ ବାଲିକୁ ନିଲାମ କଲା ଖଣି ବିଭାଗ



**ପାଣିକୋଇଲି,୧୩।୬(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତର ରୁଡ଼ିଆ ଠାରେ ବେଆଇନ ଭାବେ ବାଲି ଗଚ୍ଛିତ ରଖାଯାଇ ଚୋରା ଚାଲାଣ କରାଯାଉଥିଲା। ଖଣି, ପୁଲିସ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ ଗତ ୯ତାରିଖ ଦିନ ଚଢ଼ଉ କରାଯାଇ ଗଚ୍ଛିତ ବାଲିକୁ ଜବତ କରାଯାଇ ନାଲିପତାକା ମରାଯାଇଥିଲା। ଜବତ ବାଲିକୁ ଆକଳନ କରାଯାଇ ମୋଟ ୪୫ଶହ ଘନ ମିଟର ବାଲି ପାଇଁ ୫ଲକ୍ଷ ୪୬ହଜାର ୨୫୫ ଟଙ୍କାରେ ନିଲାମ କରାଯାଇଥିଲା। ଦୀର୍ଘ ଦିନ ହେବ ଚୋରା ବାଲି ଗଚ୍ଛିତ କରି ଚାଲାଣ ହେଉଥିବା ଅଭିଯୋଗ ଖଣି ବିଭାଗ ନିକଟରେ ହୋଇଥିଲା। ପ୍ରଥମେ ଖଣି ବିଭାଗ ପକ୍ଷରୁ ମୂଳାପାଳ ଠାରେ ଗଚ୍ଛିତ ବାଲି ନିଲାମ କରାଯାଇଥିବା ବେଳେ ରୁଡ଼ିଆରେ ଏହା ଦ୍ୱିତୀୟ ଥର କରାଯାଇଛି। ଏହି ବାଲିକୁ ଲକ୍ଷ୍ମୀଧର ଜେନା ନିଲାମ ନେଇଥିଲେ। କିନ୍ତୁ କୌଣସି ସ୍ଥାନରେ ଗଚ୍ଛିତ ବାଲିର ମାଲିକ ଧରାପଡିନାହାନ୍ତି। କ୍ରମାଗତ ୨ ସ୍ଥାନରେ ନିଲାମ ପରେ ଗଚ୍ଛିତ ବାଲି ବେପାରୀଙ୍କ ମନରେ ଛନକା ପସିଛି।

### ବରୀରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

## ଆସୁନାହାନ୍ତି ଡାକ୍ତର; ଧାଡ଼ିରେ ଅପେକ୍ଷା କରୁଛନ୍ତି ରୋଗୀ

**ବରୀ,୧୩।୬(ସମିସ):** ବରୀରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର। ସକାଳୁ ଲମ୍ବା ଲାଇନରେ ଛିଡ଼ା ହୋଇ ରହୁଛନ୍ତି ରୋଗୀ। ହେଲେ ଡାକ୍ତର ଆସୁଛନ୍ତି ୯.୩୦ ପରେ। ଯାଜପୁର ଜିଲ୍ଲା ବରୀ ବ୍ଲକରେ ଥିବା ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ଦୀର୍ଘ ଦିନ ଧରି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲ୍ଲାପାଳଙ୍କ ଠାରୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସମସ୍ତଙ୍କୁ ବାରମ୍ବାର ଲିଖିତ ଅଭିଯୋଗ ପରେ ବି ଅବସ୍ଥାରେ ସୁଧାର ଆସୁନାହିଁ। ଡାକ୍ତରଙ୍କ ଅଭାବରୁ ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ଦ୍ୱାରା ବରୀରେ ରୋଗୀସେବା ମିଳୁଥିବା ବେଳେ ଏହାକୁ କର୍ଣ୍ଣପାତ କରୁନାହାନ୍ତି ଜିଲ୍ଲାପାଳ। ଗତକାଲି ରାତିରେ କୃଷ୍ଣନଗରର ଆୟୁଷ ଡାକ୍ତର କୈବଲ୍ୟ ମଲ୍ଲିକ ଡିଉଟିରେ ଥିବା ବେଳେ ଆଜି ସକାଳ ୮ଟାରେ ତାଙ୍କ ଡିଉଟି ସରିଥିଲା। ମାତ୍ର ସକାଳ ୮ଟାରୁ ୯.୩୦ ଯାଏଁ କୌଣସି ଡାକ୍ତର ଆସିନଥିବା ବେଳେ ରୋଗୀମାନେ ଲମ୍ବା ଲାଇନରେ ଛିଡ଼ା ହୋଇଥିଲେ। ଏ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଖବର ପହଞ୍ଚିବା ପରେ ସକାଳ ୯.୩୦ରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ବି. ଋତୁପର୍ଣ୍ଣା ଶୁଭଲକ୍ଷ୍ମି, ଆୟୁଷ ଡାକ୍ତର ଶଶିକାନ୍ତ ସାହୁ ତରବରିଆ ଭାବେ ପହଞ୍ଚି ରୋଗୀ ଦେଖିବା ଆରମ୍ଭ କରିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବରୀ ଭଳି ସ୍ଥାନରେ ସ୍ୱାସ୍ଥ୍ୟ ସେବା ଭଳି ମୌଳିକ ସେବାରୁ ଲୋକମାନେ ବଞ୍ଚିତ ହେଉଥିବା ବେଳେ ଏହାକୁ ଜିଲ୍ଲାପାଳ ଏବଂ ସ୍ୱାସ୍ଥ୍ୟବିଭାଗ ସମାଧାନ ନ କରିବା ଘଟଣା ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବାରମ୍ବାର ଲିଖିତ ଅଭିଯୋଗ ପରେ ବି ଜିଲ୍ଲାପାଳ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏ ଦିଗରେ ଯଥେଷ୍ଟ ପଦକ୍ଷେପ ନେଉ ନଥିବାରୁ ବରୀରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏ ନେଇ ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଲାୟନ୍ସ କ୍ଲବ୍ ପକ୍ଷରୁ ସହାୟତା



**କୁଆଖିଆ,୧୩।୬(ସମିସ):** ରସୁଲପୁର ବ୍ଲକ କୁଆଖିଆ ସ୍ଥିତ ଲାୟନ୍ସ କ୍ଲବ ପକ୍ଷରୁ କ୍ୟାନ୍ସର ରୋଗୀ, କିଡ୍‌ନୀ ରୋଗୀ, ପକ୍ଷାଘାତ ରୋଗୀ ଓ ଅସହାୟ ପରିବାରକୁ ସଭାପତି ଜନ୍ମେଜୟ ସାହୁଙ୍କ ଦ୍ୱାରା ଆର୍ଥିକ ଓ ରାସନ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ରସୁଲପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ରୋଗୀ ଓ ଅସହାୟ ବ୍ୟକ୍ତି ପ୍ରମୋଦ କୁମାର ଖୁଣ୍ଟିଆ, ଅନ୍ନପୂର୍ଣ୍ଣା ସ୍ୱାଇଁ, ବଂଶୀଧର ବେହେରା, ଝୁନୁ ମଲ୍ଲିକ ଓ ବିଦ୍ୟାଧର ବେହେରାଙ୍କୁ ସହଯୋଗ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବରୁ ବିକାଶ କୁମାର ସାହୁ, ଦେବାଶିଷ ନାୟକ, ଶିଶିର କୁମାର ପଣ୍ଡା, ବୈଷ୍ଣବ ନାଥ, ଚିତ୍ତରଞ୍ଜନ ଦାଶ ଓ ସରୋଜିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବିପଦପୂର୍ଣ୍ଣ ସେତୁ ନିର୍ମାଣରେ ଅବହେଳା

**ବିଞ୍ଝାରପୁର,୧୩।୬(ସମିସ)**



ବିଞ୍ଝାରପୁର ବ୍ଲକ ଅଧୀନ ଛେଳିଆ ନାଳର ପୁନରୁଦ୍ଧାର କାର୍ଯ୍ୟ ଚାଲୁ ରହିଥିବା ବେଳେ କାର୍ଯ୍ୟରେ ଅନିୟମିତତା ଓ ଅବହେଳା ନେଇ ସ୍ଥାନୀୟ ଚାଷୀ ଏବଂ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଭିଯୋଗ ଅନୁସାରେ, ଠିକାଦାର ଭୁବନେଶ୍ୱରରେ ରହି କର୍ମଚାରୀମାନଙ୍କ ମାଧ୍ୟମରେ କାମ କରାଉଥିବା ବେଳେ କାର୍ଯ୍ୟସ୍ଥଳରେ ନା ଠିକାଦାର ନା ଯନ୍ତ୍ରୀଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି। ନାଳ ଖନନ କାର୍ଯ୍ୟ ସମୟରେ ବିଭିନ୍ନ ସ୍ଥାନରେ ନାଗଦଳ ରହିଯାଉଥିବାରୁ ଚାଷ କାର୍ଯ୍ୟ ପ୍ରଭାବିତ ହେବାର ଆଶଙ୍କା ଚାଷୀମାନେ ବ୍ୟକ୍ତ କରିଛନ୍ତି। କେବଳ ମେସିନ୍ ଅପରେଟର ଓ ମେସିନ୍ ମାଲିକଙ୍କ ଦ୍ୱାରା କାମ ଚାଲିଥିବା ଅଭିଯୋଗ ହେଉଛି। ଅରେଇ ଚୌଧୁରୀ ପଡ଼ିଆ ନିକଟରେ ଥିବା ଏକ ସେତୁ ଦୀର୍ଘଦିନ ଧରି ବାଡ଼ବିହୀନ ଓ ବିପଦପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଏହି ସେତୁର ମରାମତି ପାଇଁ ପୂର୍ବରୁ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅଭିଯୋଗ କରାଯାଇଥିଲା। ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜଳସେଚନ ବିଭାଗର ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରି ନାଳ ଉଦ୍ଧାର କାର୍ଯ୍ୟ ସମୟରେ ସେତୁ ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବର୍ଷା ଋତୁ ଆସିଥିଲେ ମଧ୍ୟ ସେତୁ ନିର୍ମାଣ କିମ୍ବା ମରାମତି ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ଘଣ୍ଟିଆଳି ଓ ଅରେଇ ଗ୍ରାମବାସୀଙ୍କ ଯାତାୟାତ ସହ ଚାଷ ଜମିକୁ ଯିବା ପାଇଁ ଏହି ସେତୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଠିକାଦାରଙ୍କ ଅବହେଳା ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପଟେ ବିଭାଗୀୟ ଅଧିକାରୀମାନେ ଠିକାଦାର କାର୍ଯ୍ୟସ୍ଥଳକୁ ଆସୁନଥିବା କଥା କହୁଛନ୍ତି। ସେତୁ ମରାମତି ନ ହେବାରୁ ଗାଈ, ଗୋରୁ, ଛେଳି ଓ ଷଣ୍ଢ ପରି ପଶୁ ନାଳରେ ପଡ଼ି ମୃତ୍ୟୁବରଣ କରିଥିବା ଅଭିଯୋଗ ମଧ୍ୟ ରହିଛି। ଗ୍ରାମବାସୀଙ୍କ ମତରେ ସେତୁ ନିକଟରେ ନାଳର ଉଭୟ ପାର୍ଶ୍ୱରେ ପଥର ସ୍ୱର୍ ଓ ପାହାଚ ନିର୍ମାଣର ଆବଶ୍ୟକତା ରହିଛି। ନାଳ ଖନନ ପରେ ଜଳ ବ୍ୟବହାର ପାଇଁ ଆବଶ୍ୟକ ବ୍ୟବସ୍ଥା ନ କରାଯାଇଥିବାରୁ ବନ୍ୟଜନ୍ତୁମାନେ ପାଣି ପିଇବାକୁ ତଳକୁ ଖସିଲେ ପୁଣି ଉପରକୁ ଉଠିବା କଷ୍ଟକର ହେବ ବୋଲି ସେମାନେ କହିଛନ୍ତି। ଏହାଛଡ଼ା ନିକଟସ୍ଥ ଗ୍ରାମର ଲୋକମାନେ ଶୁଦ୍ଧିକ୍ରିୟା ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟରେ ସେତୁ ନିକଟର ଜଳ ବ୍ୟବହାର କରୁଥିବାରୁ ସୁରକ୍ଷା ବ୍ୟବସ୍ଥା ଜରୁରୀ ବୋଲି ଦାବି କରିଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀମାନେ ଏହା ଉପରେ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଓଡ଼ିଆ ଟପ୍ପର ମହାବିଦ୍ୟାଳୟ ପକ୍ଷରୁ ସମ୍ମାନିତ



କୁନ୍ଦୁରା, ୧୩।୬(ସମିସ): କୁନ୍ଦୁରା ବ୍ଲକ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ପକ୍ଷରୁ ଓଡ଼ିଆରେ ଟପ୍ପର ଛାତ୍ରୀ ମଧୁସ୍ମିତା ହରିଜନଙ୍କୁ ସମ୍ମାନିତ କରାଯାଇଛି। ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଆରମ୍ଭ ହେବାଠାରୁ ମଧୁସ୍ମିତା ହେଉଛନ୍ତି ପ୍ରଥମ ଛାତ୍ରୀ ଯିଏକି ଓଡ଼ିଆ ସମ୍ମାନରେ ଗୌରବ ଅର୍ଜନ କରିଛନ୍ତି। ମଧୁସ୍ମିତାଙ୍କ ଘର ଜୟପୁର ବ୍ଲକ ଧନପୁର ପଞ୍ଚାୟତ ତରଗେଇ ଗ୍ରାମରେ। ଗମନାଗମନ ଅସୁବିଧା ଯୋଗୁଁ ସେ ଘରଭଡା କରି ରହୁଥିଲେ। ବହୁତ ଗରିବ ଶ୍ରେଣୀର ହୋଇଥିବା ସତ୍ତ୍ୱେ ନିଜ ନିଷ୍ଠା ବଳରେ ଅବିଭକ୍ତ କୋରାପୁଟ ଜିଲ୍ଲା ପାଇଁ ସେ ଏକ ପ୍ରେରଣା ସାଜିଛନ୍ତି। ଗତ ଦିନରେ ଅନେକ ଛାତ୍ରୀ ଛାତ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଥିବା ସମୟରେ ନିଜର ଶିକ୍ଷା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବେଳେ ସ୍ଥାନୀୟ ବିଶ୍ୱବିଦ୍ୟାଳୟ ପାଇଁ ମଧୁସ୍ମିତା ଆଣିଛନ୍ତି ଗୌରବ। ସେହିଭଳି ଭାବେ ଲିମା ପଞ୍ଚାୟତ ନୂଆଗୁଡାଠାରେ ଡ ରାଇମତି ଘିଉରିଆଙ୍କ ଫାର୍ମ ସ୍କୁଲଠାରେ ଏମପି ବଳଭଦ୍ର ମାଝୀ ଏବଂ ବିଧାୟକ ରୂପୁ ଭତ୍ରାଙ୍କ ଦ୍ୱାରା ମଧୁସ୍ମିତାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅଞ୍ଚଳ ଏହି ଜିଲ୍ଲା ତଥା ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ମଧୁସ୍ମିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଏମପି ଏବଂ ବିଧାୟକ। ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଦୟ ରଞ୍ଜନ ପଣ୍ଡା, ସିମାଞ୍ଚଳ ଚୌଧୁରୀ, ବଦ୍ରିନାରାୟଣ ଆଚାର୍ଯ୍ୟ, ରମେଶ ଲେଙ୍କା, ଦିବାକର ପଟ୍ଟନାୟକ, ସ୍ୱାଧୀନ ମିଶ୍ର, ଆକାଶ ମହାରଣା, ଆର୍ତ୍ତତ୍ରାଣ ମଣ୍ଡଳ, ଧନପତି ପରଜା ପ୍ରମୁଖ ଉପସ୍ଥିତ ଥିଲେ।

# ନାଲ୍କୋ ପକ୍ଷରୁ ଗ୍ରାମୀଣ ନୃତ୍ୟ ପ୍ରତିଯୋଗିତା



ଦାମନଯୋଡ଼ି,୧୩।୬(ସମିସ): ନବରତ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲକୋ ପକ୍ଷରୁ ଦାମନଯୋଡ଼ିସ୍ଥିତ ଏହାର ଖଣି ଓ ପରିଶୋଧନ ପ୍ରକଳ୍ପର ୪୮ଟି ପାରିପାର୍ଶ୍ୱିକ ଗ୍ରାମର ନୃତ୍ୟ ଦଳଙ୍କୁ ନେଇ ତିନିଦିନିଆ ଗ୍ରାମୀଣ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ଗ୍ରାମୀଣ ନୃତ୍ୟ କଳାର ସଂରକ୍ଷଣ ଓ ସାଂସ୍କୃତିକ ବୈଭବର ବିକାଶ ପାଇଁ ପ୍ରୋତ୍ସାହନ ପାଇଁ ନାଲକୋ ପକ୍ଷରୁ ହୋଇଥିବା ଏହି ଉଦ୍ୟମରେ ପାରିପାର୍ଶ୍ୱିକ ୨୦ଟି ପଞ୍ଚାୟତରୁ ୪୮ଟି ନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଜୁନ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାରେ ୫ଟି ଦଳକୁ ବିଜେତା ଘୋଷଣା କରାଯାଇଥିଲା। ଉଦଯାପନୀ ଉତ୍ସବ ଅବସରରେ ନାଲକୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମଡି) ବ୍ରିଜେନ୍ଦ୍ର ପ୍ରତାପ ସିଂହ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ନିର୍ଦ୍ଦେଶକ (ପି ଆଣ୍ଡ ଟି) ଜଗଦୀଶ ଆରୋରା ଓ କୋରାପୁଟ ବିଧାୟକ ରଘୁରାମ ମାଛ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ଓ ସମସ୍ତ ମୁଖ୍ୟ ମହାପ୍ରବନ୍ଧକ ମଧ୍ୟ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ସମସ୍ତ ବିଜେତା ଦଳଙ୍କୁ ଟ୍ରଫି ସହିତ ନଗଦ ଅର୍ଥରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। ସେହିଭଳି ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଦଳଙ୍କୁ ଆର୍ଥିକ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ସରପଞ୍ଚଙ୍କ ସହିତ ଗ୍ରାମୀଣ ନୃତ୍ୟ କ୍ଷେତ୍ରରେ ସଫଳ ବ୍ୟକ୍ତିବିଶେଷ ଓ କଳାକାରଙ୍କୁ ମଧ୍ୟ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ନାଲକୋର ମୁଖ୍ୟ ମହାପ୍ରବନ୍ଧକ ସୁଗାତୋ ଆନନ୍ଦ ବାସୁଙ୍କ ନେତୃତ୍ୱରେ ନାଲକୋ ସିଏସଆର ବିଭାଗ ଓ ନାଲକୋ ଫାଉଣ୍ଡେସନ ସଦସ୍ୟ ସହଯୋଗ କରିଥିଲେ।

# କୋରାପୁଟ ବିଏସ୍ଏଫ୍‌ରେ ରକ୍ତଦାନ ଶିବିର: ୯୨ ୟୁନିଟ ସଂଗ୍ରହ



କୋରାପୁଟ,୧୩।୬(ସମିସ): କୋରାପୁଟ ବିଏସଏଫ ସେକ୍ଟର ହେଡକ୍ୱାଟରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଏସଏଫ ୧୮୦ ବାଟାଲିୟନ ତତ୍ତ୍ୱାବଧାନରେ ଏବଂ ଓଡିଶା ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସମିତିର ସହଯୋଗରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ବିଏସଏଫ ୧୮୦ ବାଟାଲିୟନ କମାଣ୍ଡାଣ୍ଟ ନାଓରେମ ଗୋପୀନାଥ ସିଂ ମୁଖ୍ୟଅତିଥି ଭାବେ ଉଦଘାଟନ କରିଥିଲେ। ସମୁଦାୟ ୯୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅନ୍ତର୍ଜାତୀୟ ରକ୍ତଦାତା ଦିବସ ପାଳନ ଉପଲକ୍ଷେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ବ୍ଲଡ ବ୍ୟାଙ୍କର ଅଧିକାରୀ ଡାକ୍ତର ଏମଏସ ବଳିୟାର ସିଂ ଏବଂ ଅନ୍ୟମାନେ ରକ୍ତ ସଂଗ୍ରହ କରିଥିଲେ। ବିଏସଏଫ ଅଧିକାରୀ, କର୍ମଚାରୀ ଓ ପରିବାର ସଦସ୍ୟ ଅଂଶଗ୍ରହଣ କରି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

## ମତଦାନ ତାଲିକାଭୁକ୍ତ ହେବେ ବଣ୍ଡା ଓ ଦିଦାୟୀ ଆଦିମ ଜନଜାତି

# ମାଲକାନଗିରି ପ୍ରଶାସନର ସ୍ୱତନ୍ତ୍ର ସ୍ୱିପ୍ ସଚେତନତା ଅଭିଯାନ



ମାଲକାନଗିରି,୧୩।୬(ସମିସ): ଭାରତୀୟ ନିର୍ବାଚନ କମିସନଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱିପ ଆନୁକୂଲ୍ୟରେ ଏକ ବ୍ୟାପକ ତଥା ମାରାଥନ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ (ଏସଆଇଆର-୨୦୨୬) ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସବୁଠାରୁ ଦୁର୍ଗମ ତଥା ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ଆଦିମ ଜନଜାତି ସମ୍ପ୍ରଦାୟର ଶତପ୍ରତିଶତ ଯୋଗ୍ୟ ନାଗରିକଙ୍କୁ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ ସାମିଲ କରିବା ପାଇଁ ପ୍ରଶାସନ ଏହି ବଡ଼ ଧରଣର ଅଭିଯାନ ଆରମ୍ଭ କରିଛି। ବିଶେଷ କରି ସମାଜର ମୁଖ୍ୟସ୍ରୋତରୁ ଦୂରରେ ଥିବା ବଣ୍ଡା ଓ ଦିଦାୟୀ ଆଦିମ ଜନଜାତି ଏବଂ କୋୟା ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ଭୋଟର ଅଧିକାର ବିଷୟରେ ସଚେତନ କରାଯାଇଛି। ଜିଲ୍ଲାର ଖଇରପୁଟ ଏବଂ ପଡ଼ିଆ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ଏହି ସ୍ୱତନ୍ତ୍ର ସଚେତନତା ଶିବିରମାନ ଆୟୋଜନ କରାଯାଇ ସ୍ଥାନୀୟ ଅଧିବାସୀଙ୍କୁ ନିଜର ମତାଧିକାର ସାବ୍ୟସ୍ତ କରିବା ପାଇଁ ଉତ୍ସାହିତ କରାଯାଇଛି। ଏହି ମେଗା ସଚେତନତା ଅଭିଯାନ ମାଲକାନଗିରି ଉପଜିଲ୍ଲାପାଳ ତଥା ଜିଲ୍ଲା ସ୍ୱିପ ନୋଡାଲ ଅଫିସର ଦୁର୍ଯ୍ୟୋଧନ ଭୋଇଙ୍କ ପ୍ରତ୍ୟେକ୍ଷ ନେତୃତ୍ୱ ଓ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏହି ଫିଲ୍ଡ ଆଉଟରିଚ୍ କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ ସ୍ତରର ଅନେକ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁଦୂର ଆଦିବାସୀ ଅଞ୍ଚଳ ଗସ୍ତ କରି ସ୍ଥାନୀୟ ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଇରପୁଟ ବ୍ଲକ ଉନ୍ନୟନ ଅଧିକାରୀ ତଥା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆରଓ) ଏବଂ କୁଡୁମୁଲୁଗୁମ୍ମା ତହସିଲଦାର ତଥା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆରଓ) ଯୋଗ ଦେଇ ଭୋଟର ତାଲିକା ପ୍ରସ୍ତୁତି ଏବଂ ସଂଶୋଧନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ତାଙ୍କ ସହିତ ପାଡ଼ିଆ ବ୍ଲକ ଉନ୍ନୟନ ଅଧିକାରୀ ତଥା ଏଇଆରଓ ଅଶ୍ୱିନୀ କୁମାର ମହାପାତ୍ର, ମାଲକାନଗିରି ସହକାରୀ ଜିଲ୍ଲାପାଳ ତଥା ଏଇଆରଓ କେ. ଅଶୋକ ଚକ୍ରବର୍ତ୍ତୀ ଏବଂ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ଅଜୟ ମାଣ୍ଡାଙ୍ଗୀ ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତି କିଭଳି ନିଜ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିପାରିବେ, ସେ ସମ୍ପର୍କରେ ସରଳ ଭାଷାରେ ବୁଝାଇଥିଲେ।

ବଣ୍ଡା ଜନଜାତିଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ମୁଦୁଲିପଡ଼ା ସ୍ଥିତ ବଣ୍ଡା ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମଧ୍ୟ ନିଜର ସମ୍ପୂର୍ଣ୍ଣ ଟିମ୍ ସହିତ ଏହି ଅଭିଯାନରେ ସାମିଲ ହୋଇଥିଲେ। ଆଦିମ ଜନଜାତିଙ୍କ ଭାଷା ଓ ସଂସ୍କୃତିକୁ ଧ୍ୟାନରେ ରଖି ସେମାନଙ୍କୁ ବୁଝାଯାଇଥିଲା ଯେ ଗଣତନ୍ତ୍ରରେ ସେମାନଙ୍କର ଗୋଟିଏ ଗୋଟିଏ ଭୋଟର କେତେ ମୂଲ୍ୟ ରହିଛି। ଶିବିରରେ ଉପସ୍ଥିତ ଅଧିକାରୀମାନେ ନୂତନ ଭୋଟର ନାମ ପଞ୍ଜୀକରଣ, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ଭୋଟର କାର୍ଡରେ ଥିବା ଭୁଲ୍ ସଂଶୋଧନ କରିବା ପ୍ରକ୍ରିୟା ଉପରେ ଡେମୋ ମାଧ୍ୟମରେ ସୂଚନା ଦେଇଥିଲେ। ମାଲକାନଗିରି ଜିଲ୍ଲା ପ୍ରଶାସନର ଏହି ମିଳିତ ତଥା ଦୃଢ଼ ପ୍ରୟାସକୁ ସ୍ଥାନୀୟ ଜନଜାତି ବେଶ୍ ପ୍ରଶଂସା କରିବା ସହ ଆଗାମୀ ଦିନରେ ସମସ୍ତେ ନିଜର ନାମ ଯାଞ୍ଚ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି। କୌଣସି ଜଣେ ହେଲେ ଯୋଗ୍ୟ ନାଗରିକ ଯେପରି ନିଜର ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ନ ହେବେ, ତାହା ସୁନିଶ୍ଚିତ କରିବା ପ୍ରଶାସନର ମୂଳ ଲକ୍ଷ୍ୟ ବୋଲି ସ୍ୱିପ ନୋଡାଲ ଅଫିସର ସୂଚନା ଦେଇଛନ୍ତି।

# ସହରାଞ୍ଚଳ ଜନସମ୍ପର୍କ ଏବଂ ନାଗରିକ ଭାଗିଦାରୀ

ଉମରକୋଟ, ୧୩।୬(ସମିସ): ଉମରକୋଟ କୋଣ୍ଡା ଗାଁ ରୋଡସ୍ଥିତ କଲ୍ୟାଣମଣ୍ଡପଠାରେ "ସହରାଞ୍ଚଳ ଜନ ସମ୍ପର୍କ ଏବଂ ନାଗରିକ ଭାଗିଦାରୀ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାମ ନାୟକ, ମନ୍ଦିରା ନାୟକ, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ଯୋଗ ଦେଇଥିଲେ। ପୌର ପରିଷଦ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଏବଂ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ ପୌର ପରିଷଦ ୱାର୍ଡ ମାନଙ୍କରେ ଏହି କାର୍ଯ୍ୟକ୍ରମ କରାଯିବ। ଅତିଥିମାନେ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା, ଶୃଙ୍ଖଳାବଦ୍ଧ ବ୍ୟବସ୍ଥା ଏବଂ ସାମୂହିକ ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ସମଗ୍ର ପରିବେଶ ଉତ୍ସାହ, ସମନ୍ୱୟ ଓ ସକାରାତ୍ମକ ମନୋଭାବରେ ପରିପୂର୍ଣ୍ଣ ଥିବାରୁ କାର୍ଯ୍ୟକ୍ରମଟି ଅଧିକ ଗୌରବମୟ ଓ ସଫଳ ହୋଇପାରିଥିଲା। ସମସ୍ତ ସମ୍ମାନିତ ଅତିଥି, ପୌର ପରିଷଦ ଅଧିକାରୀ ଓ କର୍ମଚାରୀବୃନ୍ଦ ତଥା ଉପସ୍ଥିତ ଜନସାଧାରଣଙ୍କ ଅମୂଲ୍ୟ ସହଯୋଗ ଓ ସକ୍ରିୟ ଭାଗିଦାରୀ ଏହି କାର୍ଯ୍ୟକ୍ରମର ସଫଳତାର ମୂଳ ଆଧାର ହୋଇଥିଲା।

# ଚିତ୍ରକୋଣ୍ଡା ବିଧାୟକଙ୍କ ବାଲିମେଳାରେ ସମୀକ୍ଷା; ଶୁଣିଲେ ଲୋକଙ୍କ ସମସ୍ୟା




ମାଲକାନଗିରି/କୋରୁକୋଣ୍ଡା,୧୩।୬ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସିକୁ ଆଜି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଗସ୍ତ କରିଥିଲେ। ପ୍ରଥମେ ସେ ସହରର ୧୨ ନଂ ୱାର୍ଡସ୍ଥିତ ଡମ୍ପିଙ୍ଗ କଲୋନୀକୁ ଯାଇ ସେଠାରେ ଏକ ସାଧାରଣ ସଭାରେ ୱାର୍ଡବାସୀଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ। ଏହାପରେ ସେ ୧୧ ନଂ ୱାର୍ଡରେ ଥିବା ଏମସିସି ଏବଂ ଏମଆରଏଫ ସେଣ୍ଟର ପରିଦର୍ଶନରେ ଯାଇଥିଲେ। ସେଠାରେ ଅଳିଆ ଆବର୍ଜନାରୁ କିପରି ଖତ ପ୍ରସ୍ତୁତ ହେଉଛି ତାହା କାମ କରୁଥିବା ଏସଏଚଜି ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ସେ ମହିଳା ମାନଙ୍କୁ ବହୁ ପ୍ରଶଂସା କରିଥିଲେ। ୯ ନଂ ୱାର୍ଡ ଏବଂ ୭ ନଂ ୱାର୍ଡ ପରିଦର୍ଶନ ରେ ଯାଇଥିବା ବେଳେ ସେଠାକାର ସ୍ଥାନୀୟ ଲୋକ ନିଜ ଅଞ୍ଚଳର ଡ୍ରେନଗୁଡିକ ଦୈନିକ ସଫା ହେଉ ନଥିବା ନେଇ ଅଭିଯୋଗ କରିଥିଲେ। ଏଥିସହ ଆଗକୁ ବର୍ଷା ଋତୁ ଆସୁଥିବା ହେତୁ ବର୍ଷା ହେଲେ ଡ୍ରେନ ପାଣି ନିଜ ନିଜ ଘର ମଧ୍ୟକୁ ପ୍ରବେଶ କରୁଥିବା କହିଥିଲେ। ତୁରନ୍ତ ସ୍ଥାନୀୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ଦୋରାଙ୍କୁ ଘଟଣାସ୍ଥଳକୁ ଡାକି ଏହି ଡ୍ରେନ ସଫେଇ ସହ ତା ଉପରେ ସିମେଣ୍ଟ କଭର ପ୍ଲେଟ ପକାଇବାକୁ ନିର୍ଦ୍ଦେଶ ଦେଇଥିଲେ ବିଧାୟକ। ପରେ ୫ ନଂ ୱାର୍ଡ ଏବଂ ୨ ନଂ ୱାର୍ଡ ପରିଦର୍ଶନ କରି ଲୋକମାନଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହ ତୁରନ୍ତ ଉକ୍ତ ସମସ୍ୟା ଗୁଡିକର ସମାଧାନ କରିବାକୁ ବିଧାୟକ ଶ୍ରୀ ଖିଲ ପ୍ରତିଶ୍ରୁତି ଦେଇଥିଲେ। ୨ ନଂ ୱାର୍ଡ ରେ ନୂତନ କରି ହେଉଥିବା ଶିଶୁ ଉଦ୍ୟାନ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ କାର୍ଯ୍ୟର ମାନ ପରଖିଥିଲେ ବିଧାୟକ ଶ୍ରୀ ଖିଲ। ଏଥିସହ ତୁରନ୍ତ ପାର୍କ ନିର୍ମାଣ କାର୍ଯ୍ୟ ସାରିବାକୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦୋରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଅପରାହ୍ନରେ ୧୦ ନଂ ୱାର୍ଡରେ ହେଉଥିବା ନୂତନ ମେଡ଼ିକାଲ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ଖିଲ। ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ହେଉଥିବା ଦେଖି ବିଗିଡିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ୧ ନଂ ୱାର୍ଡ ଏବଂ ୩ ନଂ ୱାର୍ଡ ଗସ୍ତରେ ଯାଇ ବସ୍ତି ବାସିନ୍ଦାଙ୍କ ସହ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ତେବେ ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ଖିଲ ଆଜି ଦିନ ତମାମ ବାଲିମେଳା ସହରର ପ୍ରତ୍ୟେକଟି ୱାର୍ଡ ପରିଦର୍ଶନ ସମୟରେ ତାଙ୍କ ସହ ବିଧାୟକ ପ୍ରତିନିଧି ଇସାକ୍ ଖୋସଲା, ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ପାତ୍ର, ବାଲିମେଳା ନଗର କଂଗ୍ରେସ ସଭାପତି ସୁରେଶ ଖୋସଲା, କଂଗ୍ରେସ ନେତା ରବି ହରିଜନ, ବିଜୟ ଖିଲଙ୍କ ସମେତ ସ୍ଥାନୀୟ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ।

# ବିଶ୍ୱ ଶିଶୁ ଶ୍ରମିକ ବିରୋଧୀ ଦିବସ ପାଳନ




କୋରାପୁଟ,୧୩।୬(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୋଭା ଦ୍ୱାରା କୋରାପୁଟ ଓ ପଟାଙ୍ଗି ଅଞ୍ଚଳର ବିଭିନ୍ନ ଗ୍ରାମରେ ବିଶ୍ୱ ଶିଶୁ ଶ୍ରମିକ ବିରୋଧୀ ଦିବସ ପାଳନ କରାଯାଇଛି। ଶିଶୁ ଶ୍ରମିକ ବନ୍ଦ କରିବା ଜନସାଧାରଣ, ଶିଶୁ, କିଶୋର, କିଶୋରୀ ନିଯୁକ୍ତିଦାତା ଏବଂ ପିତାମାତାଙ୍କୁ ଶିଶୁ ଶ୍ରମିକର କ୍ଷତିକାରକ ପ୍ରଭାବ ଏବଂ ୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ଶିକ୍ଷାର ଗୁରୁତ୍ୱ ବିଷୟରେ ସଚେତନ କରାଯାଇଥିଲା। ଗୋଷ୍ଠୀସ୍ତରୀୟ ସଚେତନତା ବୈଠକ, ଶିଶୁ ଶ୍ରମିକ ବନ୍ଦ କରିବା ସମ୍ପର୍କିତ ସଚେତନତା ରାଲି, କଣ୍ଢେଇ ନାଚ, ଓ ରେଡ଼ିଓ ମାଧ୍ୟମରେ ସଚେତନତା କରାଯାଇଥିଲା। ସମସ୍ତ ନାଗରିକ, ନିଯୁକ୍ତିଦାତା ଏବଂ ଦୋକାନ ମାଲିକଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ୧୪ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କୌଣସି ବୃତ୍ତିରେ ଏବଂ ୧୪-୧୮ ବର୍ଷ ବୟସର କିଶୋରମାନଙ୍କୁ ବିପଦପୂର୍ଣ୍ଣ ପ୍ରକ୍ରିୟାରେ ନିୟୋଜିତ କରନ୍ତୁ ନାହିଁ। ଏହା ଶିଶୁ ଏବଂ କିଶୋର ଶ୍ରମ (ନିଷେଧ ଏବଂ ନିୟନ୍ତ୍ରଣ) ଆଇନ, ୧୯୮୬ ଅନୁଯାୟୀ ୬ ମାସରୁ ୨ ବର୍ଷ ଜେଲ୍ ଏବଂ ୨୦,୦୦୦ରୁ ୫୦,୦୦୦ ଜରିମାନା ସହିତ ଦଣ୍ଡନୀୟ। ଉକ୍ତ କାର୍ଯ୍ୟକ୍ରମରେ ୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ସଚେତନ କରାଯାଇଥିଲା। ଶୋଭାର ସମ୍ପାଦକ ସଂଜିତ ପଟ୍ଟନାୟକ କହିଛନ୍ତି ଯେ ଏହି ଭଳି ଶିଶୁ ଶ୍ରମିକ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ। ଶୋଭା ସଂଗଠନର କର୍ମକର୍ତ୍ତା ବିଜୟ ପଟ୍ଟନାୟକ, ବିମଳା ପାଙ୍ଗି, ରାଜକୁମାର ଡଙ୍ଗରି, ବଳରାମ ପାତ୍ର, ସଦନ ସାଉଁତା, ପଦଲାମ ଖରା ପ୍ରମୁଖ ଆୟୋଜନ କରିଥିଲେ।

# ଶିକ୍ଷା ହିଁ ଆଦିବାସୀ କନ୍ୟାଙ୍କ ସଶକ୍ତୀକରଣର ମୂଳମନ୍ତ୍ର



ବୈପାରୀଗୁଡା, ୧୩।୬(ସମିସ): ବୈପାରିଗୁଡ଼ା ପଞ୍ଚାୟତସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିନି ପକ୍ଷରୁ ଶିକ୍ଷା ହିଁ ଆଦିବାସୀ କନ୍ୟାଙ୍କ ସଶକ୍ତୀକରଣର ମୂଳମନ୍ତ୍ର ଶୀର୍ଷକ ଏକ ବ୍ଲକସ୍ତରୀୟ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ମୂଳ ଉଦ୍ଦେଶ୍ୟ ହେଉଛି, ଶିକ୍ଷା ମାଧ୍ୟମରେ ବଞ୍ଚିତ ଓ ପ୍ରାନ୍ତିକ ଆଦିବାସୀ କନ୍ୟାମାନଙ୍କୁ ସଶକ୍ତ କରିବା ଏବଂ ସମାଜର ମୂଳସ୍ରୋତ ସହିତ ସାମିଲ କରିବା । ସମ୍ମାନିତ ଅତିଥି ଭାବେ ବୈପାରିଗୁଡ଼ା ବିଇଓ ସୁକାନ୍ତ କର୍ତ୍ତାମୀ, ଏବିଇଓ ପାପାୟା ବେହେରା, ଜିପିଡିଓ ରାଜେନ୍ଦ୍ର ପ୍ରସାଦ ପାତ୍ର ଓ ସିଡିପିଓ ସବିତା ରାଣୀ ବ୍ରହ୍ମା ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିନିର ଥିମାଟିକ ହେଡ୍ ଜୟୀତା ଗାଙ୍ଗୁଲି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କନ୍ୟା ଶିକ୍ଷାର ପ୍ରସାର, ବିଦ୍ୟାଳୟ ଛାଡୁଥିବା ଶିଶୁଙ୍କ ସଂଖ୍ୟା ହ୍ରାସ, ଲିଙ୍ଗଗତ ସମାନତା ଓ ଶିକ୍ଷା ମାଧ୍ୟମରେ ଆତ୍ମନିର୍ଭରଶୀଳ ସମାଜ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ରାଜ୍ୟ ମୁଖ୍ୟ ଶାଶ୍ୱତୀ ନାୟକ ମହାପାତ୍ର ଆଦିବାସୀ କନ୍ୟାଙ୍କ ଶିକ୍ଷା କ୍ଷେତ୍ରରେ ସିନିର ବିଭିନ୍ନ କାର୍ଯ୍ୟକ୍ରମ ଓ ଭବିଷ୍ୟତ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ପ୍ରକଳ୍ପ ପରିଚାଳିକା ଡକ୍ଟର ମିତାଲି ମହାନ୍ତି, ବ୍ଲକ ସଂଯୋଜକ ଜି. ମୀନାକ୍ଷୀ, ଅନୁଷ୍ଠାନ ବିଏଲସି ସୁପରଭାଇଜର ସୁଦେଶ କୁମାର ଗୌଡ଼ ଓ ଗୋବର୍ଦ୍ଧନ ହରିଜନ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟକୁ ବିଦ୍ୟୁତ ସଂଯୋଗ କେବେ ? ହନ୍ତସନ୍ତ ଅଞ୍ଚଳବାସୀ



କୁନ୍ଦୁରା, ୧୩।୬(ସମିସ): ଏବେ ବି ଏମିତି ଗାଁ ଅଛି, ଯେଉଁଠି ବିଜୁଳି ଆଲୁଅ ସାତ ସପନ। କେବଳ ଉପାନ୍ତ ଗାଁ ଗହଳି କଥା ନୁହଁ; ବିକାଶର ମୂଳଦୁଆ ପକାଉଥିବା ପଞ୍ଚାୟତ କାର୍ଯ୍ୟାଳୟଗୁଡିକରେ ମଧ୍ୟ ବିଜୁଳି ସଂଯୋଗ ହୋଇନାହିଁ। ଅନ୍ଧାରରେ ପଞ୍ଚାୟତ କାର୍ଯ୍ୟାଳୟ; ଯଦ୍ୱାରା ହନ୍ତସନ୍ତ ହେଉଛନ୍ତି ପଞ୍ଚାୟତବାସୀ। କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକର ୨ଟି ନୂତନ ପଞ୍ଚାୟତ କାର୍ଯ୍ୟାଳୟରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳର ସମସ୍ୟା ସମାଧାନ ଏବଂ ଅଞ୍ଚଳର ବିକାଶ ପାଇଁ ନୂତନ ପଞ୍ଚାୟତ ଗଠନ ହେଲା। ଏଥିସହ ନୂତନ କାର୍ଯ୍ୟଳୟ କାର୍ଯ୍ୟକାରୀ ଆରମ୍ଭ ହେଲା କିନ୍ତୁ ଆଜି ପର୍ଯ୍ୟନ୍ତ ଗୁଣ୍ଡାଲ ଓ ଫୁଫୁଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ବିଦ୍ୟୁତ ସମସ୍ୟା ସମାଧାନ ହେଲା ନାହିଁ। ଗୁଣ୍ଡାଲ ପଞ୍ଚାୟତ କାର୍ଯ୍ୟାଳୟରେ ପଙ୍ଖା ଲାଗିଛି, ଟିଭି ଲାଗିଛି, ସମସ୍ତ ପ୍ରକାର ବିଦ୍ୟୁତ ଉପକାରଣ ବ୍ୟବହାର ପାଇଁ ସୁବିଧା ରହିଛି କିନ୍ତୁ କାର୍ଯ୍ୟାଳୟରେ ବିଦ୍ୟୁତ ସଂଯୋଗ ହୋଇନାହିଁ। ଅଧିକାରୀମାନେ ପଞ୍ଚାୟତର ଅନଲାଇନ କାର୍ଯ୍ୟ ନିକଟସ୍ଥ ପାଣ୍ଡିରିପାଣି ଛକ ଜନସେବା କେନ୍ଦ୍ରରେ ଉପରେ ନିର୍ଭର କରନ୍ତି ବୋଲି କହିଛନ୍ତି ପଞ୍ଚାୟତ ନିର୍ବାହୀ ଅଧିକାରୀ ଶୁଭରତ୍ନ ବଳିପୁଟିଆ। ସେହିପରି ଫୁଫୁଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ବିଦ୍ୟୁତ ସଂଯୋଗ ହୋଇନାହିଁ। ବାଧ୍ୟ ହୋଇ ପଞ୍ଚାୟତ ପାଣ୍ଠିରୁ ୨ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ କରି ସୋଲାର ବ୍ୟବସ୍ଥା ହୋଇଛି; ହେଲେ କେବଳ ଗୋଟେ-ଯୋଡ଼େ ବଲବ ଜଳେ। ଅନଲାଇନ କାର୍ଯ୍ୟ ପାଇଁ ହନ୍ତସନ୍ତ ହେବାକୁ ପଡୁଛି। ପଞ୍ଚାୟତ ଏଡିଇଓଙ୍କୁ କୁନ୍ଦୁରା ଆସିବାକୁ ପଡେ ବୋଲି ପଂଚାୟତ ନିର୍ବାହୀ ଅଧିକାରୀ ବିପିନ ଗଣ୍ଡ କହିଛନ୍ତି। ବିଦ୍ୟୁତ ହେଉଛି ଆଧୁନିକ ଜୀବନର ମେରୁଦଣ୍ଡ; କିନ୍ତୁ କୁନ୍ଦୁରା ବ୍ଲକର ଏହି ୨ଟି ପଞ୍ଚାୟତ ବିନା ବିଜୁଳିରେ ଚାଲିଛି। ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନୟନ, ଗରିବ କଲ୍ୟାଣ, ଏବଂ ସରକାରୀ ଯୋଜନାଗୁଡ଼ିକର ସଠିକ୍ କାର୍ଯ୍ୟକାରିତା ପାଇଁ ପଞ୍ଚାୟତ ତୃଣମୂଳ ସ୍ତରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଗ୍ରାମସଭା ମାଧ୍ୟମରେ ସାଧାରଣ ଲୋକେ ସିଧାସଳଖ ନିଜ ଅଞ୍ଚଳର ଉନ୍ନୟନ କାର୍ଯ୍ୟରେ ଅଂଶଗ୍ରହଣ କରିଥାନ୍ତି। ଏଥିଲାଗି ନିତିଦିନ ପଂଚାୟତ କାର୍ଯ୍ୟାଳୟଗୁଡିକରେ ଭିଡ଼ ଜମୁଛି। ହେଲେ ବିଜୁଳି ସେବା ନ ଥିବା ଯୋଗୁଁ ହନ୍ତସନ୍ତ ହେଉଛନ୍ତି ଅଧିକାରୀ, ଜନପ୍ରତିନିଧି ଏବଂ ସାଧାରଣ ଲୋକେ। ଏନେଇ ସ୍ଥାନୀୟ ବିଡ଼ିଓଙ୍କ ସହ ଯୋଗାଯୋଗ ହୋଇପାରିଲା ନାହିଁ କିନ୍ତୁ ଜିପିଡିଓ ଜଗତ ସିଂ ମାଝୀ କହିଛନ୍ତି ଯେ ଏହି ୨ଟି ନୂତନ ପଞ୍ଚାୟତ କୋଠାଗୁଡିକ ଗାଁଠାରୁ ଦୂରରେ ଅବସ୍ଥିତ। (ଟିପିଏସଓଡିଏଲ) ବିଦ୍ୟୁତ ବିଭାଗ ସହ ଯୋଗାଯୋଗ ହୋଇଛି। ଏଥିପାଇଁ ସେମାନେ ୧-୧୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ଦେଇଛନ୍ତି। ପଞ୍ଚାୟତ ପାଣ୍ଠିରେ ପର୍ଯ୍ୟାପ୍ତ ଟଙ୍କା ଅଭାବ ଯୋଗୁଁ ବିଦ୍ୟୁତ ସଂଯୋଗ ହୋଇପାରୁନାହିଁ। ଆଗାମୀ ଦିନରେ ଏହି ସମସ୍ୟା ସାନଧାନ ପାଇଁ ଚେଷ୍ଟା କରାଯିବ।

**● ତିନି ମାସର ଦରମା ବକେୟା**

# ବୁଝାସୁଝା ପରେ ସୁରକ୍ଷା କର୍ମୀଙ୍କ ଧାରଣା ହଟିଲା

ମାଲକାନଗିରି, ୧୩।୬(ସମିସ):

ମାଲକାନଗିରି ଜିଲ୍ଲା ସଦର ଚିକିତ୍ସାଳୟରେ କାର୍ଯ୍ୟରତ ସମସ୍ତ ସିକ୍ୟୁରିଟି ଗାର୍ଡ ଦୀର୍ଘଦିନ ଧରି ଦରମା ନ ପାଇବା ପ୍ରତିବାଦରେ ଡିଉଟି ଛାଡ଼ି ଧାରଣାରେ ବସିଛନ୍ତି। ଗତ ଏପ୍ରିଲ ମାସରୁ ଆଜି ପର୍ଯ୍ୟନ୍ତ ସେମାନେ ନିଜର ପ୍ରାପ୍ୟ ଦରମା ପାଇ ନଥିବା ଅଭିଯୋଗ କରିଛନ୍ତି। ଫଳରେ ଆର୍ଥିକ ସଙ୍କଟରେ ପଡ଼ିଥିବା ସୁରକ୍ଷା କର୍ମୀମାନେ ନିଜ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବେ ବୋଲି ଚେତାବନୀ ଦେଇଛନ୍ତି। ତେବେ, ଅଧିକାରୀମାନେ ଆସି ବୁଝାସୁଝା କରିବା ସହ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ବନ୍ଦ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ମେଡିକାଲର ସୁରକ୍ଷା ଦାୟିତ୍ୱ ଏକ ଘରୋଇ ଏଜେନ୍ସି ମାଧ୍ୟମରେ ପରିଚାଳିତ ହେଉଛି। ଚୁକ୍ତିନାମା ଅନୁସାରେ ଏହି ଏଜେନ୍ସି ସୁରକ୍ଷା କର୍ମୀମାନଙ୍କୁ ପ୍ରତିମାସ ନିୟମିତ ଦରମା ପ୍ରଦାନ କରିବା ସହ ବର୍ଷକୁ ଦୁଇ ହଳ ୟୁନିଫର୍ମ, ଜୋତା ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଇବାର ବ୍ୟବସ୍ଥା ରହିଛି। ଅଭିଯୋଗ ଅନୁସାରେ, ଦରମା ପ୍ରଦାନ ନେଇ ଏଜେନ୍ସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଓଲଟା ଦାବି ଉଠାଇଲେ କାମରୁ ବାହାର କରିଦେବା ଭଳି ଧମକ ଦିଆଯାଉଥିବା ସୁରକ୍ଷା କର୍ମୀମାନେ ଅଭିଯୋଗ କରିଛନ୍ତି। ଏହା ଶ୍ରମିକଙ୍କ ଅଧିକାରର ଉଲ୍ଲଂଘନ ବୋଲି ସେମାନେ କହିଛନ୍ତି। ଏହି ଘଟଣା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି ଯେ ନିୟମ ଅନୁଯାୟୀ ସଂପୃକ୍ତ ଏଜେନ୍ସି ନିଜସ୍ୱ ପାଣ୍ଠିରୁ ଅତି କମରେ ଛଅ ମାସ ପର୍ଯ୍ୟନ୍ତ କର୍ମଚାରୀଙ୍କ ଦରମା ପ୍ରଦାନ କରିବାର କ୍ଷମତା ରଖିବା କଥା। ଘଟଣାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମଧ୍ୟ ସୂଚନା ଦେଇଛନ୍ତି। ଅନ୍ୟପଟେ ମେଡିକାଲ ସିକ୍ୟୁରିଟି ଗାର୍ଡ ସଂଘ ପକ୍ଷରୁ କୁହାଯାଇଛି ଯେ ବକେୟା ଦରମା ସମ୍ପୂର୍ଣ୍ଣ ପ୍ରଦାନ ନହେବା ପର୍ଯ୍ୟନ୍ତ ସେମାନଙ୍କ ଆନ୍ଦୋଳନ ଜାରି ରହିବ। ପ୍ରଶାସନ ଓ ଏଜେନ୍ସି କର୍ତ୍ତୃପକ୍ଷ ତୁରନ୍ତ ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦେଇଥିଲେ।

### ମଣ୍ଡିରୁ ରବି ଧାନ ବଲାଙ୍ଗିର ଜିଲ୍ଲାକୁ ପରିବହନ ସମସ୍ୟା

# ତ୍ରିପାକ୍ଷିକ ବୈଠକରେ କ୍ୱିଣ୍ଟାଲ ପିଛା ୬୯ ଟଙ୍କା ଭଡ଼ା ଧାର୍ଯ୍ୟ

ଜୟପୁର, ୧୩।୬ (ସମିସ): କୋରାପୁଟ ଜିଲ୍ଲାରୁ ଚାଷୀଙ୍କ ରବିଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ବେଳେ ବଲାଙ୍ଗିର ଜିଲ୍ଲାର ଚୁକ୍ତି କରିଥିବା ମିଲର୍ସଙ୍କ ମିଲକୁ କ୍ରୟ ଧାନ କଷ୍ଟମ ମିଲିଂ ପରିବହନ ନେଇ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହିପରି କୋରାପୁଟ ଜିଲ୍ଲା ପ୍ରଶାସନର ମଧ୍ୟସ୍ଥିରେ ଜୟପୁର ଟ୍ରକ ମାଲିକ ସଂଘ ଏବଂ ବଲାଙ୍ଗିର ମିଲର୍ସଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ରବିଧାନ ପରିବହନ ନେଇ କ୍ୱିଣ୍ଟାଲ ପିଛା ୬୯ ଟଙ୍କା ଧାର୍ଯ୍ୟ କରାଯାଇଛି। କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ଜୟପୁରସ୍ଥିତ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ମାନସ ରଞ୍ଜନ ମହାପାତ୍ର ଏବଂ ଜିଲ୍ଲା ପରିବହନ ଅଧିକାରୀ ରାଜେଶ ମାରାଣ୍ଡିଙ୍କ ଉପସ୍ଥିତିରେ ଜୟପୁର ଟ୍ରକ ମାଲିକ ସଂଘ, ମା' ଜଗତଜନନୀ ପରିବହନ କଲ୍ୟାଣ ସଂଘ ଏବଂ ବଲାଙ୍ଗିର ଜିଲ୍ଲା ମିଲର୍ସ ପ୍ରତିନିଧି ଏବଂ କୋରାପୁଟ ଜିଲ୍ଲା ମିଲ ମାଲିକ ସଂଘର ସଭାପତିଙ୍କ ଉପସ୍ଥିତିରେ ରବିଧାନ ବଲାଙ୍ଗିର ଜିଲ୍ଲା ମିଲ ଗୁଡିକକୁ ପରିବହନକୁ ନେଇ ଆଲୋଚନା ହୋଇଥିଲା। ଏଥିରେ ପ୍ରାରମ୍ଭରୁ ରବିଧାନ ବଲାଙ୍ଗିର ଜିଲ୍ଲାକୁ ପରିବହନ ଭଡାକୁ ନେଇ ଟଣାଓଟରା ଚାଲିଥିଲା। ଏହିପରି ଡିଜେଲ ଦର ପ୍ରାୟ ୧୦ ଟଙ୍କା ବୃଦ୍ଧି ପାଇଥିବା ଯୋଗୁଁ ଗତବର୍ଷ କ୍ୱିଣ୍ଟାଲ ପିଛା ୬୫ ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ଚଳିତ ବର୍ଷ ୭୦ ଟଙ୍କା କରିବାକୁ ଟ୍ରକ ମାଲିକ ସଂଘର ପ୍ରତିନିଧିମାନେ ଦାବି କରିଥିଲେ। ଅନ୍ୟପକ୍ଷରେ ବଲାଙ୍ଗିର ମିଲର୍ସଙ୍କ ପ୍ରତିନିଧିମାନେ କ୍ୱିଣ୍ଟାଲ ପିଛା ୬୮ ଟଙ୍କା ଧାର୍ଯ୍ୟ କରିବାକୁ କହିଥିଲେ। ଏହିପରି ଉଭୟଙ୍କ ଭଡା ଟଙ୍କାକୁ ନେଇ ବାଦ ବିବାଦ ପରେ ପରିବହନ ଅଧିକାରୀ ଶ୍ରୀ ମାରାଣ୍ଡି ପରିବହନ ଦର ବୃଦ୍ଧି ପାଇଛି। ତେଣୁ ପରିବହନ ଭଡା ଦର ବୃଦ୍ଧି କରାଯାଇ ଅନ୍ତିମ କ୍ୱିଣ୍ଟାଲ ପିଛା ୬୯ ଟଙ୍କା ନିଶ୍ଚିତ କରିବାକୁ ଉଭୟ ଟ୍ରକ ମାଲିକ ଏବଂ ମିଲ ମାଲିକଙ୍କୁ ବୁଝାଇଥିଲେ ଏବଂ ଏଥିରେ ଉଭୟ ରାଜି ହୋଇଥିଲେ। ଏଥିନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ମହାପାତ୍ର ଆଲୋଚନାର ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ଏବଂ ଆବଶ୍ୟକ ଅନୁଯାୟୀ ଟ୍ରକଗୁଡିକ ଉଭୟ ମାଲିକ ସଂଘ ଏବଂ ପରିବହନ କଲ୍ୟାଣ ସଂଘ ପକ୍ଷରୁ ଯୋଗାଇ ଦିଆଯିବ ବୋଲି କହିବା ସହ ଆଜି ଅପରାହ୍ନଠାରୁ ଜିଲ୍ଲାର ବିଭିନ୍ନ ମଣ୍ଡିରୁ କ୍ରୟ ହୋଇଥିବା ରବିଧାନ କଷ୍ଟମ ମିଲିଂ ନିମନ୍ତେ ବଲାଙ୍ଗିର ଜିଲ୍ଲାକୁ ପରିବହନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହିପରି ଟ୍ରକର ଆବଶ୍ୟକତା ଅନୁଯାୟୀ ଆଖପାଖ କୋରାପୁଟ, ବୋରିଗୁମ୍ମା, ସେମିଳିଗୁଡା ଏବଂ ରାୟଗଡାରୁ ମଧ୍ୟ ଟ୍ରକ ଗୁଡିକ ଅଣାଯାଇ ଜୟପୁର ଟ୍ରକ ମାଲିକ ସଂଘ ମାଧ୍ୟମରେ ରବିଧାନ ବଲାଙ୍ଗିର ଜିଲ୍ଲାକୁ ପରିବହନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ପରେ ଜୟପୁର ଟ୍ରକ ମାଲିକ ସଂଘର ଏକ ବୈଠକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ବୈଠକ ସମ୍ପର୍କରେ ସମସ୍ତ ଟ୍ରକ ମାଲିକଙ୍କୁ ସୂଚନା ଦିଆଯାଇଥିଲା। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ବୈଠକରେ ଜିଲ୍ଲା ଯୋଗାଣ ନିଗମର ଏକାଉଣ୍ଟାଣ୍ଟ ମହେନ୍ଦ୍ର ପଟ୍ଟନାୟକ, କୋରାପୁଟ ଜିଲ୍ଲା ମିଲ ମାଲିକ ସଂଘର ସଭାପତି ବି. ତିରୁପତି ରାଓ, ବଲାଙ୍ଗିର ଜିଲ୍ଲା ମିଲର୍ସ ପ୍ରତିନିଧି ଦୀପକ କୁମାର ଅଗ୍ରୱାଲ, ଆଦର୍ଶ ଅଗ୍ରୱାଲ ଏବଂ ଜୟପୁର ଟ୍ରକ ମାଲିକ ସଂଘର କାର୍ଯ୍ୟକାରୀ ସଭାପତି କିରଣ ରେଡ୍ଡି, ସମ୍ପାଦକ ଦେବେନ୍ଦ୍ର ଚୌଧୁରୀ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ମା' ଜଗତଜନନୀ ପରିବହନ କଲ୍ୟାଣ ସଂଘର ସଭାପତି ବାବୁଲା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯେ କୋରାପୁଟ ଜିଲ୍ଲାର ବିଭିନ୍ନ ଧାନ ମଣ୍ଡିରୁ ଚଳିତ ରବିଧାନ କ୍ରୟ ହୋଇଥିବା ବେଳେ ଏହାକୁ କଷ୍ଟମ ମିଲିଂ ନିମନ୍ତେ ବଲାଙ୍ଗିର ଜିଲ୍ଲା ୨୧ ଜଣ ମିଲର୍ସ ଚୁକ୍ତିନାମା କରିଥିଲେ। କିନ୍ତୁ ଗତ ୫ ଦିନ ହେଲାଣି ଚାଷୀଙ୍କ କ୍ରୟ ଧାନ ବିଭିନ୍ନ ମଣ୍ଡିରେ ପଡିରହିଥିବା ବେଳେ ପରିବହନ ଭଡାକୁ ନେଇ ଉଭୟ ଟ୍ରକ ମାଲିକ ସଂଘ ଏବଂ ମିଲ ମାଲିକ ସଂଘ ମଧ୍ୟରେ ଟଣାଓଟରା ଜାରୀ ରହିଥିଲା। ଏଥିନେଇ ଆଜି ସକାଳ ଦୈନିକ ଖବରକାଗଜରେ ଏକ ବିସ୍ତୃତ ଖବର ପ୍ରକାଶିତ ହେବା ପରେ ଏଥିନେଇ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଏବଂ ମଧ୍ୟସ୍ଥିରେ ଉଭୟ ଗୋଷ୍ଠୀକୁ ନେଇ ଆୟୋଜିତ ବୈଠକରେ ଭଡା ନେଇ ନିର୍ଦ୍ଧାରିତ କରାଯିବା ସହିତ ସମାଧାନ ହୋଇଛି।



## କାଳବୈଶାଖୀରେ ଉଡ଼ିଲା ଘରର ଆଜବେଷ୍ଟସ୍

ଦୁର୍ଗୀ, ୧୩।୬(ସମିସ): ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତ ଅନ୍ତର୍ଗତ କାଳିପଦର ଗ୍ରାମରେ ଶୁକ୍ରବାର ଘଟିଥିବା କାଳବୈଶାଖୀରେ ବହୁ ଘରର କ୍ଷୟକ୍ଷତି ହୋଇଛି। ସନ୍ଧ୍ୟା ପ୍ରାୟ ୫ଟାରେ ପ୍ରବଳ ବର୍ଷା, ପବନ, ଘଡ଼ଘଡ଼ି ଓ କୁଆପଥର ପଡି ବ୍ୟାପକ କ୍ଷତି ଘଟୁଛି। ଗ୍ରାମର ପୁନିଆ କଣ୍ଡାଗିରି, ଦାମ କଲକା, ଜଗଦୀଶ ଉର୍ଲାକା, ସାନି କଲକା, ବାବୁରାଓ କଲକା, ରାମରାଓ ହିକକାଙ୍କ ଘରର ଆଜବେଷ୍ଟ ଟିଣ ଛପର ଉଡିଯାଇଥିବା ବେଳେ ମୂଲ୍ୟବାନ ଆସବାପତ୍ର ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି। ପବନର ବେଗ ଏତେ ତୀବ୍ର ଥିଲା ଯେ ଟିଣଛପର ସମ୍ପୂର୍ଣ ଭାବେ ଉଡ଼ିଯାଇଛି। ଗୁହାଳ ଘରର ସମ୍ପୂର୍ଣ ଟିଣ ଉଡିଯାଇଛି। କ୍ଷତିଗ୍ରସ୍ତ ପରିବାର ପଡୋଶୀ ଘର କୁଡ଼ିଆରେ ଆଶ୍ରୟ ନେଇଥିଲେ। ଘର ମଧ୍ୟରେ ଥିବା ଖାଦ୍ୟଶସ୍ୟ ସହ ଆସବା ପତ୍ର ବର୍ଷାରେ ଓଦା ହୋଇ ନଷ୍ଟ ହୋଇଯାଇଛି। ଦୁର୍ଗୀ ସରପଞ୍ଚ ବିଜୟ କୁମ୍ବୁରୁକା ଓ ରାଜସ୍ୱ ନିରୀକ୍ଷକ ଶିଦୁଲା ରାଜୁ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି। ବିଷମକଟକ ତହସିଲଦାର ଭେଙ୍କଟେଶ୍ୱର ରେଡୀ କହିଛନ୍ତି ଯେ ସେ ପ୍ରତ୍ୟେକ କ୍ଷୟକ୍ଷତି ପରିବାରଙ୍କୁ ସରକାର ତରଫରୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ ନେଇ ପଦକ୍ଷେପ ନେବେ।



## ୯ ଦିନ ହେଲା ପୋଡ଼ିଛି ଟ୍ରାନ୍ସଫର୍ମର; ମିଳୁନି ପିଇବା ପାଣି

ମୁନିଗୁଡା,୧୩।୬(ସମିସ): ମୁନିଗୁଡା ବ୍ଲକ ଅନ୍ତର୍ଗତ ରାଣୀପିଣ୍ଡା ପଞ୍ଚାୟତର ବାଲିଯୋଡ଼ି ଗ୍ରାମରେ ବିଦ୍ୟୁତ ସଂଯୋଗ ପାଇଁ ସ୍ଥାପିତ ଟ୍ରାନ୍ସଫର୍ମର ପୋଡ଼ିଯାଇଥିବାର ୯ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ମରାମତି କିମ୍ବା ପରିବର୍ତ୍ତନ କରାଯାଇନାହିଁ। ଗ୍ରାମରେ ପ୍ରାୟ ୨୦୦ ପରିବାରର ୮୦୦ରୁ ଅଧିକ ଲୋକ ବସବାସ କରନ୍ତି। ବିଦ୍ୟୁତ ଟ୍ରାନ୍ସଫର୍ମର ମରାମତି ନ ହେବାରୁ ବିଦ୍ୟୁତ ସରବରାହ ବନ୍ଦ ହୋଇଯିବା ଫଳରେ ଗ୍ରାମର ପାଣି ଯୋଗାଣ ବ୍ୟବସ୍ଥା ମଧ୍ୟ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ଏହା ଯୋଗୁଁ ଗ୍ରାମବାସୀ ପିଇବା ପାଣି ପାଇଁ ଦୂରଦୂରାନ୍ତରୁ ପାଣି ସଂଗ୍ରହ କରିବାକୁ ବାଧ ହେଉଛନ୍ତି। ବିଶେଷ କରି ମହିଳା, ବୃଦ୍ଧ ଓ ଶିଶୁମାନେ ଏଥିରେ ସର୍ବାଧିକ ହଇରାଣ ହେଉଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଟ୍ରାନ୍ସଫର୍ମର ପୋଡ଼ିଯିବା ପରେ ବିଦ୍ୟୁତ ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ତ୍ୱରିତ ପଦକ୍ଷେପ ନିଆଯାଇନାହିଁ। ଫଳରେ ଲୋକଙ୍କ ଦୈନନ୍ଦିନ ଅସନ୍ତୋଷ ବୃଦ୍ଧି ପାଉଛି। ତୁରନ୍ତ ଟ୍ରାନ୍ସଫର୍ମର ମରାମତି କିମ୍ବା ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରି ବିଦ୍ୟୁତ ଓ ପାଣି ଯୋଗାଣ ସ୍ୱାଭାବିକ କରିବାକୁ ଦାବି କରିଛନ୍ତି। ସମସ୍ୟାର ଶୀଘ୍ର ସମାଧାନ ନହେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ମଧ୍ୟ ସେମାନେ ଚେତାବନୀ ଦେଇଛନ୍ତି।



## ଦୁଇ ସନ୍ତାନ ସହ ବଞ୍ଚିବାର ରାହା ଖୋଜୁଛନ୍ତି ବିଧବା

ଲକ୍ଷ୍ମୀପୁର, ୧୩।୬(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଚମ୍ପି ଗାଁରେ ଏକ ଦୁଃଖଦ ଦୃଶ୍ୟ ସାମନାକୁ ଆସିଛି। ଶାନ୍ତିଲତା କଲେକା ନାମକ ଚମ୍ପି ଗ୍ରାମର ଜଣେ ଝିଅ ତିନି ବର୍ଷ ତଳେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍‌ର ବଡଆମ୍ବ ଗ୍ରାମର ଅମିନ ସାଉଁନ୍ତା ନାମକ ଯୁବକକୁ ବିବାହ କରିଥିଲେ। ବିବାହ ପରେ ସୁଖଶାନ୍ତିରେ ପରିବାର ଚାଲିଥିଲା। ଅଢେଇ ବର୍ଷ ବିତିଥିଲା ବୈବାହିକ ଜୀବନ। ଏହା ପରେ ନିଜ ପରିବାର ଲୋକ ସାଜିଥିଲେ ଅମିନର ଶତ୍ରୁ। ଜମିଜମାକୁ କେନ୍ଦ୍ରକରି ଦୁଇ ଭାଇଙ୍କ ମଧ୍ୟରେ ଏକ କଳହ ଘଟି ଅମିନଙ୍କ ମୃତ୍ୟୁ ଘଟିଥିବା ନେଇ ଶାନ୍ତିଲତା କହିଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ହେଲା ପରେ ସ୍ୱାମୀର ସମ୍ପର୍କୀୟ ଲୋକେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ସହ୍ୟ କରି ନପାରି ଗର୍ଭବତୀ ଅବସ୍ଥାରେ ପୁଅକୁ ଧରି ନିଜ ବାପା ଘର ଚମ୍ପିକୁ ଚାଲି ଆସିଥିଲେ କହିଛନ୍ତି ବିଧବା ମହିଳା। ବାପ ଘରେ ଦୁଇମାସ ରହିବା ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ପୁଅକୁ ଦୁଇ ବର୍ଷ ଆଉ ଝିଅକୁ ୬ ମାସ ଚାଲିଥିବା ବେଳେ ସଂସାର ଚଳାଇବାକୁ ବହୁ କଷ୍ଟ ହେଉଥିବା ମହିଳା କହିଛନ୍ତି। ସ୍ୱାମୀର ସବୁ ସମ୍ପତ୍ତି ଥାଇକି ବି ସ୍ୱାମୀଙ୍କ ସମ୍ପର୍କୀୟଙ୍କ ନିର୍ଯାତନା ସହି ନ ପାରି ବାପ ଘରେ ଆସି ଦୁଃଖରେ ଜୀବନ ବିତାଉଛନ୍ତି। ସ୍ୱାମୀ ଘର ଗାଁରେ ନିଜ ଜୀବନ ପ୍ରତି ବିପଦ ଥିବାରୁ ବାପ ଘରେ ରହୁଥିବା ଏବଂ ଥାନାକୁ ଯିବା ପାଇଁ ଭୟ କରୁଥିବା ବିଧବା ମହିଳାଙ୍କ ବାପା ଗୋବ୍ରି କଲେକା କହିଛନ୍ତି। ଶାନ୍ତି ନିଜ ହକ୍‌ର ଲଢେଇ କରିବାକୁ ସାହସ ଜୁଟାଇ ପାରୁ ନଥିବା କଥା ଗଣମାଧ୍ୟମକୁ କହିଛନ୍ତି। ନିରୀହ ମହିଳାଙ୍କୁ ସାହାଯ୍ୟ କରିବା ପାଇଁ ଜିଲ୍ଲା ପ୍ରଶାସନ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ନିହାତି ଜରୁରୀ ହୋଇ ପଡିଛି।



## ଟ୍ରକ୍‌ରେ ପିଟି ହୋଇ ବାଇକ୍ ଚାଳକ ମୃତ

କୋରାପୁଟ,୧୩।୬(ସମିସ): କୋରାପୁଟ ସୁନାବେଡ଼ା ୨୬ ନଂ ଜାତୀୟ ରାଜପଥର ଦୁରୁଗୁଡ଼ା ନିକଟରେ ଏକ ଟ୍ରକକୁ ପିଟି ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ କୋରାପୁଟ ଜାନିଗୁଡ଼ାର ସୁବ୍ରତ ସାବତ (୩୦) ବୋଲି ଜଣାପଡ଼ିଛି। ମୃତ ଯୁବକ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ ଚାକିରି କରୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ସେମିଳିଗୁଡାଠାରୁ କୋରାପୁଟ ବାଇକ ଯୋଗେ ଫେରୁଥିବା ବେଳେ କୋରାପୁଟ ଟାଉନ ଥାନା ଅନ୍ତର୍ଗତ ଦୁରୁଗୁଡା ନିକଟରେ ରାଜପଥରେ ଛିଡ଼ା ହୋଇଥିବା ଏକ ଟ୍ରକକୁ ପଛରୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ସୁବ୍ରତଙ୍କ ମୃତ୍ୟୁ ହୋଇଥିଲା। କୋରାପୁଟ ଟାଉନ ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।



## ନିଜେ ଡ୍ରେନ୍ ସଫାକଲେ ଗ୍ରାମର ମହିଳା

ଅମ୍ବାଦଳା,୧୩।୬(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ଲାଭଟା ପଞ୍ଚାୟତ ଅନ୍ତର୍ଗତ ମେଡିକାଲ ଛକ ନିକଟସ୍ଥ ଖଇରା ସାହିରେ ଦୀର୍ଘ ଦିନ ଧରି ଡ୍ରେନର ପାଣି ଜମି ରହିବା ଫଳରେ ସ୍ଥାନୀୟ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହୋଇ ଆସୁଥିଲେ। ଏନେଇ ବାରମ୍ବାର ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଗ୍ରାମର ମହିଳାମାନେ ନିଜ ଉଦ୍ୟମରେ ଡ୍ରେନ୍ ସଫା କରିଥିଲେ। ସେମାନେ ଶ୍ରମଦାନ କରି ଆବର୍ଜନା ହଟାଇ ପାଣି ନିଷ୍କାସନର ବ୍ୟବସ୍ଥା କରିଥିଲେ। ଆବର୍ଜନା ଜମି ରହିବା ଯୋଗୁଁ ପାଣି ନିଷ୍କାସନ ବାଧାପ୍ରାପ୍ତ ହେଉଥିଲା ଏବଂ ରାସ୍ତା ଉପରେ ମଇଳା ପାଣି ଜମି ରହୁଥିଲା। ଏଥିରୁ ଦୁର୍ଗନ୍ଧ ସୃଷ୍ଟି ହେବା ସହ ମଶା ଓ ବିଭିନ୍ନ ରୋଗ ବ୍ୟାପିବାର ଆଶଙ୍କା ବଢ଼ିଥିଲା। ଗ୍ରାମବାସୀମାନେ କହିଛନ୍ତି ଯେ ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ପ୍ରତି ପଞ୍ଚାୟତ ପ୍ରଶାସନ ଗୁରୁତ୍ୱ ଦେଉ ନଥିବାରୁ ସେମାନଙ୍କୁ ଏଭଳି ପଦକ୍ଷେପ ନେବାକୁ ପଡ଼ିଛି। ତୁରନ୍ତ ଅଞ୍ଚଳର ଡ୍ରେନେଜ୍ ବ୍ୟବସ୍ଥାର ସ୍ଥାୟୀ ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି।



## ତହସିଲ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର

ବୈପାରୀଗୁଡ଼ା, ୧୩।୬(ସମିସ): କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ବିଭାଗୀୟ ଅଧିକାରୀ ୱାଇ ଶ୍ରୀନିବାସ ରାଓଙ୍କୁ ବାଧ୍ୟତାମୂଳକ ଅବସର ଦେଲେ ଜିଲ୍ଲାପାଳ କୋରାପୁଟ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଦେଶପତ୍ର ସଂଖ୍ୟା ୨୦୬୫/୧୦.୦୬.୨୦୨୬ରେ ବିଭାଗୀୟ ଅଧିକାରୀ ୱାଇ ଶ୍ରୀନିବାସ ରାଓଙ୍କୁ ୧୦.୦୬.୨୦୨୬ରୁ ଚାକିରିରୁ ଅବସର ଦିଆଯାଇଛି। ଏହାର ନକଲ ସମସ୍ତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦିଆଯାଇଛି। ୧୦ ତାରିଖ ସୁଦ୍ଧା ଶ୍ରୀ ରାଓଙ୍କୁ ୫୦ ବର୍ଷ ହୋଇଥିବା ଓ ସେ ୩୦ ବର୍ଷ ଧରି ଚାକିରି କରିଥିବା ଉକ୍ତ ଆଦେଶପତ୍ରରେ ଦର୍ଶାଯାଇଛି। ଉକ୍ତ ଆଦେଶପତ୍ରକୁ ନେଇ ଶଶୀଭୂଷଣ ଦାଶ୍ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଗଣମାଧ୍ୟମକୁ ସୂଚନା ଦେବା ସହିତ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ରକ୍ତଦାନ କରି ସଚେତନତା ବାଣ୍ଟୁଛନ୍ତି ସ୍ନିଗ୍ଧାରାଣୀ

ସେମିଳିଗୁଡ଼ା, ୧୩।୬(ସମିସ): ରକ୍ତଦାନଠାରୁ ବଡ଼ ଦାନ କିଛି ନାହିଁ ବୋଲି କହନ୍ତି ସେମିଳିଗୁଡାର ବରିଷ୍ଠ ରକ୍ତଦାତ୍ରୀ ଓ ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର। ଅନ୍ୟର ଜୀବନ ବଞ୍ଚାଇବା ତାଙ୍କ ଜୀବନର ଲକ୍ଷ୍ୟ ପାଲଟିଯାଇଛି। ବର୍ତ୍ତମାନ ସୁଦ୍ଧା ୫୫ ଥର ରକ୍ତଦାନ କରି ଅବିଭକ୍ତ କୋରାପୁଟ ଜିଲ୍ଲାରେ ସବୁଠାରୁ ଅଧିକଥର ମହିଳା ରକ୍ତଦାତ୍ରୀ ସାଜିଛନ୍ତି ସେ। ବର୍ତ୍ତମାନ ସୁଦ୍ଧା ଓଡିଶାର ବିଭିନ୍ନ ସ୍ଥାନରେ ୪୭ଟି ରକ୍ତଦାନ ଶିବିରର ଆୟୋଜନ କରିସାରିଛନ୍ତି। ତାଙ୍କ ଅନୁଷ୍ଠାନ ଲିଭ ଫର ଅଦର୍ସ ଅନ୍ୟ ପାଇଁ ବଞ୍ଚିବାର ବାର୍ତ୍ତା ବାଣ୍ଟି ଚାଲିଛି। ସେ ଓଡିଶା ରକ୍ତଦାତା ସଂଘ କୋରାପୁଟ ଶାଖାର ସାଧାରଣ ସମ୍ପାଦିକା ଅଛନ୍ତି। ଜିଲ୍ଲା ଓ ଜିଲ୍ଲା ବାହାରୁ ପ୍ରତିଦିନ ସେ ଖବର ପାଇଲେ ପାଇଁ ତୁରନ୍ତ ରକ୍ତ ଯୋଗାଡ କରନ୍ତି। ଏଥିରେ କୋରାପୁଟ ଶହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ରକ୍ତ କେନ୍ଦ୍ରର ଡାକ୍ତର ଓ କର୍ମଚାରୀବୃନ୍ଦ ତାଙ୍କୁ ସହଯୋଗ କରିଛନ୍ତି। ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ଅହମଦାବାଦ, ଦିଲ୍ଲୀ, ଜାମସେଦପୁର, ହାଇଦ୍ରାବାଦ ପ୍ରଭୃତି ବହୁ ସ୍ଥାନରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଏହାବ୍ୟତୀତ ସେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଜିଲ୍ଲାର ବିଭିନ୍ନ ସ୍ଥାନରେ କରିଥାନ୍ତି। କୋରାପୁଟ ଜିଲ୍ଲାରେ ସେ ପ୍ରଥମ ସ୍ୱତନ୍ତ୍ର ମହିଳା ରକ୍ତଦାନ ଶିବିର ଲକ୍ଷ୍ମୀପୁରଠାରେ ଆୟୋଜନ କରିଥିଲେ। ବହୁ ମହିଳାଙ୍କୁ ସେ ରକ୍ତଦାନ କ୍ଷେତ୍ରରେ ସାମିଲ କରିପାରିଛନ୍ତି। ମାଲକାନଗିରିର ବଣ୍ଡା ଜନଜାତିଙ୍କୁ ନେଇ ସେ ରକ୍ତଦାନ ଶିବିର ମୁଦୁଲିପଡାରେ କରିଥିଲେ। ଯେଉଁଥିରେ ୨୫ଜଣ ବଣ୍ଡା ପୁରୁଷ, ମହିଳା ରକ୍ତଦାନ କରି ଇତିହାସ ସୃଷ୍ଟି କରିଥିଲେ। ନିଜର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ ଅନ୍ୟର ଜୀବନ ବଞ୍ଚାଇବାପାଇଁ ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବେ ବୋଲି କହନ୍ତି।



## ଭାଙ୍ଗିଗଲାଣି କୂଅ; ପୋତି ହେଲାଣି ନଳକୂଅ

ଆମ୍ବଦଳା,୧୩।୬(ସମିସ): ମୁନିଗୁଡା ବ୍ଲକ ଅନ୍ତର୍ଗତ ଆମ୍ବଦଳାସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଥିବା କୂଅଟି ଦୀର୍ଘ ଦିନ ଧରି ଭାଙ୍ଗି ପଡ଼ିଥିବା ବେଳେ ନଳକୂଅଟି ମଧ୍ୟ ପୋତି ହୋଇ ଅଚଳ ହୋଇପଡ଼ିଛି। ଫଳରେ ମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଏହି ମନ୍ଦିରକୁ ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଆସୁଥିବା ବେଳେ ସେମାନଙ୍କ ପାଇଁ ପାଣିର କୌଣସି ସୁବିଧା ନଥିବାରୁ ଅସୁବିଧା ଭୋଗୁଛନ୍ତି। ବିଶେଷ କରି ପର୍ବପର୍ବାଣୀ ଓ ସୋମବାର ଦିନ ଭିଡ଼ ବଢୁଥିବା ବେଳେ ଏହି ସମସ୍ୟା ଆହୁରି ଗମ୍ଭୀର ରୂପ ନେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କୂଅ ଓ ନଳକୂଅର ମରାମତି ପାଇଁ ବାରମ୍ବାର ସମ୍ପୃକ୍ତ ବିଭାଗକୁ ଜଣାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହା ଯୋଗୁଁ ମନ୍ଦିର ପ୍ରାଙ୍ଗଣରେ ମୌଳିକ ସୁବିଧାର ଅଭାବ ପରିଲକ୍ଷିତ ହେଉଛି। ତୁରନ୍ତ କୂଅ ଓ ନଳକୂଅର ମରାମତି କରାଯାଇ ଶ୍ରଦ୍ଧାଳୁମାନଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକ ଓ ଭକ୍ତମାନେ ଦାବି କରିଛନ୍ତି।





ପାଣି ପାଇଁ ହଇରାଣ

## ରକ୍ତଦାତା ଦିବସ ଉପଲକ୍ଷେ ରକ୍ତଦାନ ଶିବିର

ରାୟଗଡ଼, ୧୩।୬(ସମିସ): ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ରାୟଗଡ଼ ସିଆରପିଏଫ୍ ଚତୁର୍ଥ ବାଟାଲିୟନ ଏବଂ ଡକ୍ଟର ଏପିଜେ ଅବଦୁଲ କଲାମ ଫାଉଣ୍ଡେସନ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସ୍ଥାନୀୟ ରକ୍ତ ଭଣ୍ଡାରରେ ଆୟୋଜନ ଶିବିରକୁ ମୁଖ୍ୟ ଅତିଥି ସିଆରପିଏଫ୍ କମାଣ୍ଡେଣ୍ଟ ଫିରୋଜ ଖୁଜୁର ଉଦଘାଟନ କରିଥିଲେ। ଶିବିରରେ ପ୍ରଥମେ ଶ୍ରୀ ଖୁଜୁର ଓ ସେକେଣ୍ଡ ଇନ୍ କମାଣ୍ଡେଣ୍ଟ ସଞ୍ଜୟ କୁମାର ରାଉତ ରକ୍ତଦାନ କରି ଏହାର ଶୁଭାରମ୍ଭ କରିଥିଲେ। ଶିବିରରେ ମୋଟ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସଂଗୃହୀତ ରକ୍ତକୁ ଓଡ଼ିଶା ରକ୍ତ କେନ୍ଦ୍ର ରାୟଗଡ଼ାକୁ ହସ୍ତାନ୍ତର କରାଯାଇଥିଲା। ଆୟୋଜକଙ୍କ ପ୍ରତିଷ୍ଠାତା ଡକ୍ଟର ଏପିଜେ ଅବଦୁଲ କଲାମ ଫାଉଣ୍ଡେସନ୍ ରାୟଗଡ଼ର ବୋଗିଲି ରାଜେଶ କୁମାର କହିଥିଲେ ଯେ ରକ୍ତଦାନ ପ୍ରତ୍ୟେକ ପରିବାରରେ ଏକ ପରମ୍ପରା ହେବା ଉଚିତ। ସେ ରକ୍ତଦାତାଙ୍କୁ ପ୍ରକୃତ ନାୟକ ଭାବରେ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦ୍ୱିତୀୟ କମାଣ୍ଡାଣ୍ଟ ପ୍ରଭାକର ଉପାଧ୍ୟାୟ ଏବଂ ଡକ୍ଟର ଗୌତମୀ ସିଆରପିଏଫ ଚତୁର୍ଥ ବିଏନ ରାୟଗଡ଼, ଓଡ଼ିଶା ରକ୍ତକେନ୍ଦ୍ର ଅଧିକାରୀ ଡକ୍ଟର ଗୌତମ ପଟ୍ଟନାୟକ, ରକ୍ତକେନ୍ଦ୍ର କର୍ମଚାରୀ ସରୋଜକାନ୍ତ ଆଚାର୍ଯ୍ୟ, ଉମାକାନ୍ତ ମିଶ୍ର ଜଗନ ରାଜ ପଟ୍ଟନାୟକ, ଶଙ୍କର ତାଡିଙ୍ଗି, ବୃଷା ହିମିରିକା, ସଞ୍ଜିତ କୁମାର ସୁନା ଏବଂ ଅନ୍ୟମାନେ ଯୋଗ ଦେଇଥିଲେ।




## ନାଲ୍‌କୋ ହସ୍ପିଟାଲ୍ ପକ୍ଷରୁ ରକ୍ତଦାନ ଶିବିର: ୧୦୫ ୟୁନିଟ୍ ସଂଗ୍ରହ

ସେମିଳିଗୁଡା/ଦାମନଯୋଡ଼ି, ୧୩।୬(ସମିସ): ନାଲକୋ ହସ୍ପିଟାଲ୍ ତରଫରୁ ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ପ୍ରଥମ ଥର ପାଇଁ ନାଲକୋ ବ୍ଲଡ ସେଣ୍ଟର୍ ଦ୍ୱାରା ହସ୍ପିଟାଲ୍ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ରକ୍ତଦାତା ମହାସଂଘ ମିଳିତ ଆନୁକୂଲ୍ୟରେ ଏହି ଶିବିରକୁ ମୁଖ୍ୟଅତିଥି ଭାବେ ନାଲକୋ ସିଏମ୍‌ଡି ବିଜେନ୍ଦ୍ର ପ୍ରତାପ ସିଂ, ଡାଇରେକ୍ଟର ପିଆଣ୍ଡଟି ଜଗଦୀଶ ଆରୋରା, ପରିଚାଳନ ନିର୍ଦ୍ଦେଶକ ଅମରେନ୍ଦ୍ର ମିଶ୍ର ଓ ମୁଖ୍ୟ ମହାପ୍ରବନ୍ଧକ ଏଚ୍‌ଆର ସୁଗତ ଆନନ୍ଦ ବାସୁ ଉଦ୍‌ଘାଟନ କରିଥିଲେ। ନାଲକୋ ହସ୍ପିଟାଲ୍ର ମୁଖ୍ୟ ଡ଼ାଃ ସନ୍ଧ୍ୟା, ସିଆଇଏସଏଫ୍ ବରିଷ୍ଠ କମାଣ୍ଡକ୍ଷଣ୍ଟ ସତ୍ୟଦେବ ଆର୍ଯ୍ୟା, ବ୍ଲଡ ସେଣ୍ଟର ଅଫିସର ଡ଼ାଃ ଶାଶ୍ୱତୀ ମାହାପାତ୍ର ଓ ଫେଡେରେସନ ଅଫ ବ୍ଲଡ ଡୋନର ଅର୍ଗନାଇଯେସନ ଅଫ ଓଡ଼ିଶାର ସଭାପତି ଡ଼ାଃ ନରେଶଚନ୍ଦ୍ର ସାହୁ ଏବଂ ନାଲକୋ ହସ୍ପିଟାଲ୍ ସମସ୍ତ ଡାକ୍ତର ଓ ଟେକନିସିଆନ୍‌ମାନେ ଓ ନବନିର୍ମାଣ ଶ୍ରମିକ ୟୁନିଅନ ସଭାପତି ଶ୍ରୀକାନ୍ତ କୁମାର ସାହୁ ଉପସ୍ଥିତ ଥିଲେ। ଏହି କ୍ୟାମ୍ପରେ ଡ଼ାଃ ଜଳେନ୍ଦ୍ର ତ୍ରିପାଠୀ ତାଙ୍କର ୬୫ତମ ଓ ଶ୍ରୀକାନ୍ତ ସାହୁ ତାଙ୍କ ୫୪ତମ ରକ୍ତଦାନ କରିଥିଲେ। ଏହି କ୍ୟାମ୍ପଟିକୁ ଜ୍ଞାନ ମିଶ୍ର, ପ୍ରଭାତ ଦାସ, ଫେଡରେସନ ଅଫ ବ୍ଲଡ ଡନର ଅର୍ଗାନାଇଜେସନ ଅଫ ଓଡ଼ିଶା (ଏଫବିଡିଓ ଓ) ଓଡିଶାର ପ୍ରଦୀପ କୁମାର ତ୍ରିପାଠୀ, ପବିତ୍ର ସାହୁ ସହଯୋଗ କରିଥିଲେ। ଉକ୍ତ ଶିବିରରେ ବହୁ ରକ୍ତଦାତା ପ୍ରଥମଥର ରକ୍ତଦାନ କରିଥିଲେ। ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ବ୍ଲଡ ବ୍ୟାଙ୍କର ଡକ୍ଟର ମଧୁସୂଦନ ବଳିଆରସିଂ, ସୁଶୀଳା ଶବର,ଭି ଗଙ୍ଗାଧର, ସଞ୍ଜୟ ସିଂହ ଓ ନାଲକୋ ହସ୍ପିଟାଲ୍ ଲାବ୍ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଆଜି ପ୍ରବଳ ଖରା ସତ୍ତ୍ୱେ ଏହି ଶିବିରରୁ ମୋଟ ୧୦୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ପଦକ୍ଷେପକୁ ଓଡ଼ିଶା ରକ୍ତଦାତା ମହାସଂଘର ସଭାପତି ଡ଼ାଃ ନରେଶ ଚନ୍ଦ୍ର ସାହୁ ପ୍ରଶଂସା କରିଥିଲେ। ନାଲକୋ ଜିଏମ୍ ମେଡିକାଲ୍ ସର୍ଭିସ ଡ଼ାଃ ସନ୍ଧ୍ୟା ଓ ଡ଼ାଃ ଶାଶ୍ୱତୀ ମାହାପାତ୍ର ବ୍ଲଡ ବ୍ୟାଙ୍କ ଅଫିସର ନାଲକୋଙ୍କୁ ଏଫ୍‌ବିଡିଓ ଓ ତରଫରୁ ସମ୍ମାନିତ କରାଯାଇଥିଲା। ଶିବିରରେ ସିଆଇଏସଏଫ୍ ବରିଷ୍ଠ ଶ୍ରୀ ଆର୍ଯ୍ୟଙ୍କ ସମେତ ୨୫ ଜଣ ଯବାନ ରକ୍ତଦାନ କରିଥିଲେ। ଏଫ୍ ବି ଡି ଓ ଓ ତରଫରୁ ଶ୍ରୀ ଆର୍ଯ୍ୟାଙ୍କୁ ସମ୍ମାନିତ କରାଯାଇଥିଲା।



● ସରକାରୀ ରାସ୍ତା ମରାମତି କାମକୁ ନେଇ ତୁମୂଳ କାଣ୍ଡ

## ଯୁବକଙ୍କୁ ଛୁରାମାଡ଼; ଅଭିଯୁକ୍ତ ଫେରାର୍

ଧୂଷୁରୀ, ୧୩।୬(ସମିସ): ଧୂଷୁରୀ ଥାନା ଅଧୀନ ବମକୁରା ପଞ୍ଚାୟତରେ ସରକାରୀ ରାସ୍ତା ମରାମତି କାମକୁ କେନ୍ଦ୍ର କରି ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତା ମରାମତି କାର୍ଯ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଥିବାବେଳେ ଗଙ୍ଗାଧର ତରାଇଙ୍କୁ ପ୍ରଫୁଲ୍ଲ ମହାନ୍ତି ନାମକ ଜଣେ ବ୍ୟକ୍ତି ଛୁରାମାଡ଼ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଗଙ୍ଗାଧରଙ୍କୁ ପ୍ରଥମେ ଧୂଷୁରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସେଠାରୁ କଟକସ୍ଥିତ ସରକାରୀ ମେଡିକାଲ ଏବଂ ପରବର୍ତ୍ତୀ ସମୟରେ ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ତାଙ୍କ ପେଟରେ ଗୁରୁତର ଛୁରାଘାତ ଲାଗିଥିବାରୁ ସେ ଏବେ ମଧ୍ୟ ଚିକିତ୍ସାଧୀନ ଅଛନ୍ତି। ଘଟଣା ପରେ ଗଙ୍ଗାଧରଙ୍କ ପରିବାର ଲୋକେ ଚିନ୍ତାରେ ଥିବାବେଳେ ଅଭିଯୁକ୍ତ ପ୍ରଫୁଲ୍ଲ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ଏନେଇ ଧୂଷୁରୀ ଥାନାରେ କେସ୍ ନଂ ୨୬୦/୨୬ରେ ଏକ ମାମଲା ରୁଜୁ ହୋଇଥିବାବେଳେ ପୁଲିସ ତଦନ୍ତ ଜାରି ରଖିଛି।

## ପହିଲି ରଜରେ ବି ମିଳିଲାନି ଭତ୍ତା; ହିତାଧିକାରୀ ନିରାଶ

ବାରିକପୁର, ୧୩।୬(ସମିସ): ଦୀର୍ଘ ୩ ମାସ କାଳ ଅପେକ୍ଷା କରି ଶେଷରେ ଭତ୍ତା ହିତାଧିକାରୀମାନେ ପହିଲି ରଜରେ ବି ନିରାଶ ହୋଇଛନ୍ତି। ଗରିବ, ଅସହାୟ, ଭିନ୍ନକ୍ଷମ ଓ ରୋଗଗ୍ରସ୍ତ ବୃଦ୍ଧବୃଦ୍ଧାମାନେ ମାସିକ ଭତ୍ତା ଗଣ୍ଡାକ ଯୋଗୁଁ ବେଶ୍ ଉପକୃତ ହୋଇଥା'ନ୍ତି। ହିତାଧିକାରୀମାନେ ଭତ୍ତା ଟଙ୍କାରେ ରାସନ ସହିତ ଔଷଧପତ୍ର ମଧ୍ୟ କିଣିଥା'ନ୍ତି। ପରିତାପର ବିଷୟ ୩ ମାସ ହେବ ଲକ୍ଷ ଲକ୍ଷ ହିତାଧିକାରୀ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ପ୍ରାୟ ୬ ହଜାରରୁ ଅଧିକ ବ୍ୟକ୍ତି ଏଯାଏଁ ଭତ୍ତା ପାଇ ନ ଥିବା ଜଣାପଡ଼ିଛି। ଯେଉଁମାନେ ମାସକୁ ମାସ ବ୍ୟାଙ୍କ ଖାତା ଜରିଆରେ ମାସିକିଆ ଭତ୍ତା ପାଉଥା'ନ୍ତି, ସେମାନେ ଏବେ ସେଥିରୁ ବଞ୍ଚିତ ହୋଇଛନ୍ତି। ପ୍ରତ୍ୟେକ ହିତାଧିକାରୀଙ୍କ ଆକାଉଣ୍ଟ ଡେବିଟ୍ ପ୍ରୁଫ୍ ହେଉଥିବା କହି ହିତାଧିକାରୀମାନଙ୍କୁ ଭତ୍ତା ଦେଉନାହାନ୍ତି। ସରକାର ଏକାବେଳକେ ତିନି ମାସ ଭତ୍ତା ଦେବେ ବୋଲି ସୂଚନା ଦେଇଥିବା କହି ପ୍ରଶାସନ ହିତାଧିକାରୀମାନଙ୍କୁ ଭୁଆଁ ବୁଲାଉଛି। ଦିନ ପରେ ଦିନ ଗଡ଼ିବା ପରେ ପହିଲି ରଜରେ ଭତ୍ତା ମିଳିବ ବୋଲି ସମସ୍ତେ ଆଶା ରଖିଥିଲେ। ହିତାଧିକାରୀମାନଙ୍କର ସେ ଆଶା ବି ମଉଳି ଯାଇଛି। ଦୈନିକ ଖର୍ଚ୍ଚ ତ ଦୂରର କଥା ପର୍ବପର୍ବାଣିରେ ମଧ୍ୟ ଗରିବ ଲୋକମାନେ ନିରାଶ ହୋଇଛନ୍ତି। ବ୍ଲକ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ଗୋଲକ ଚନ୍ଦ୍ର ବେହେରା ସରକାରଙ୍କ ଏଭଳି ଦାୟିତ୍ୱହୀନତାକୁ ଘୋର୍ ନିନ୍ଦା କରିଥିବାବେଳେ ହିତାଧିକାରୀମାନଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ଦୃଢ଼ ଦାବି କରିଛନ୍ତି।

## ଓଲଟି ପଡ଼ିଲା ଆଇଚର; ଚାଳକ ଆହତ

ବାରିକପୁର, ୧୩।୬(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଜନରାପୋଖରୀ ଶାସନ ନିକଟରେ ଏକ ଆଇଚର ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଚାଳକ ଜଣକ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା



ମୁତାବକ, ଶନିବାର ଦିନ ପ୍ରାୟ ୧୧ଟା ସମୟରେ ଟ୍ରକ୍‌ଟି ଭଦ୍ରକ ପଟୁ ପାଣିକୋଇଲି ଅଭିମୁଖେ ଆସୁଥିଲା। ଶାସନ ନିକଟସ୍ଥ ରାଜପଥ ପାର୍ଶ୍ୱରେ ଗାଡ଼ିଟି ହଠାତ୍ ଓଲଟି ପଡ଼ିଥିଲା। ପରେ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ଗାଡ଼ି ଚାଳକଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଛନ୍ତି। ଦୁର୍ଘଟଣାର ସଠିକ୍ କାରଣ ଜଣାପଡ଼ିନାହିଁ। ଏନେଇ ପୁଲିସ ନିକଟରେ ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।

## ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ ବୈଠକ



ଦୋଳସାହି, ୧୩।୬(ସମିସ): ତିହିଡ଼ି ବ୍ଲକ ଅଧୀନ ୪୫-ବାସୁଦେବପୁର ୪୭-ଚାନ୍ଦବାଲିର ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କୁ ନେଇ ତିହିଡ଼ି ପଞ୍ଚାୟତ ସମିତି ସଭାଗୃହରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ବିଡିଓ ନିରଞ୍ଜନ ବାରିକ, ଅତିରିକ୍ତ ବିଡିଓ ମାନକେତନ ବାରିକ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ଏଜେଣ୍ଟମାନଙ୍କର ଭୂମିକା ତଥା ସହଯୋଗ ସମ୍ପର୍କିତ ତଥ୍ୟ ସଭାରେ ଉପସ୍ଥାପନ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଏଜେଣ୍ଟମାନେ ବିଭିନ୍ନ ପ୍ରଶ୍ନ ମାଧ୍ୟମରେ କାର୍ଯ୍ୟକ୍ରମର ଗୁରୁତ୍ୱ ଉପଲବ୍ଧ ପଚାରି ବୁଝିଥିଲେ। ଗତ ମାସ ୩୦ ତାରିଖରୁ ଘରକୁ ଘର ବୁଲି ବିଏଲଓମାନେ କାର୍ଯ୍ୟ କରୁଥିବା ଦୃଷ୍ଟିରୁ ଉପସ୍ଥିତ ବିଏଲଓ ସୁପରଭାଇଜରମାନେ ନିଜ ନିଜର ମନ୍ତବ୍ୟରେ ପ୍ରକାଶ କରିଥିଲେ। ବିଶେଷକରି ସୁପରଭାଇଜର ବିଶ୍ୱନାଥ ଦାସ, ଦୁର୍ଗା ଚରଣ ପାଣିଗ୍ରାହୀ, ବଂଶୀଧର ଦାସ, ପ୍ରଦୀପ ନାୟକ, ମନ୍ମଥ କୁମାର ଦାସ, ଭରତ ଜେନା, ଅଶୋକ ପଣ୍ଡା, ଅଜୟ ସାହୁ, ଆନନ୍ଦ ଚନ୍ଦ୍ର ଦାସ, ଦେବାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କ ମଧ୍ୟରୁ ମୁକୁନ୍ଦପୁର ପଞ୍ଚାୟତର ଗଣେଶ ପ୍ରସାଦ ନାୟକ ତଥା ସିନ୍ଦୋଳ ପଞ୍ଚାୟତର ଆନିରୁଦ୍ଧ ବାରିକ ସ୍ୱତନ୍ତ୍ର ସଘନ ସଂଶୋଧନରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଉପସ୍ଥାପନା କରିଥିଲେ।

'ମନରେଗା' ଯୋଜନାରେ ବଡ଼ଧରଣର ଦୁର୍ନୀତି ଅଭିଯୋଗ

# କାମ ନ କରି ୫.୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ

ଧାମନଗର, ୧୩।୬(ସମିସ)

ଧାମନଗର ବ୍ଲକ ଅନ୍ତର୍ଗତ ବୟାଙ୍ଗଡ଼ିହି ପଞ୍ଚାୟତ ଅଧୀନସ୍ଥ ଗୋଠିଣାସ୍ଥିତ ବିଲ ମଝିରେ ଥିବା ହାଲୋଗଣ୍ଡା-ମହାରା ମାଟି ନାଳର ପୁନରୁଦ୍ଧାର କାର୍ଯ୍ୟକୁ ନେଇ ବଡ଼ଧରଣର ଅନିୟମିତତା ଅଭିଯୋଗ ସାମ୍ନାକୁ ଆସିଛି। 'ମନରେଗା' ଯୋଜନାରେ ନାଳ ସଂସ୍କାର ନାଁରେ ୫ ଲକ୍ଷ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ ଦର୍ଶାଯାଇଥିଲେ ମଧ୍ୟ ବାସ୍ତବରେ କାମ ହୋଇ ନ ଥିବା ଅଭିଯୋଗ କରି ସ୍ଥାନୀୟ ଚାଷୀମାନେ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।



**କାଗଜକଲମରେ କାମ ଶେଷ; ଚାଷୀଙ୍କ ତଦନ୍ତ ଦାବି**

ଖବରରୁ ଜଣାଯାଏ ଯେ, 'ମନରେଗା' ଯୋଜନା ଅଧୀନରେ ମଷ୍ଟରରୋଲ୍ ନଂ-୧୧୩୬୨ ଅନୁସାରେ ଚଳିତ ବର୍ଷ ଫେବୃଆରୀ ୪ରୁ ୧୦ ତାରିଖ ମଧ୍ୟରେ ଗୋଠିଣାଠାରେ ହାଲୋଗଣ୍ଡାରୁ ମହାରା ପର୍ଯ୍ୟନ୍ତ ମାଟି ନାଳର ପୁନରୁଦ୍ଧାର କାର୍ଯ୍ୟନ୍ତ ସମ୍ପନ୍ନ ହୋଇଥିବା ରେକର୍ଡରେ ଉଲ୍ଲେଖ ରହିଛି। ପ୍ରାୟ ୨ କିଲୋମିଟର ଲମ୍ବ ବିଶିଷ୍ଟ ଏହି ନାଳର ସଂସ୍କାର ପାଇଁ ୫.୫୦ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। କିନ୍ତୁ ସ୍ଥାନୀୟ ଚାଷୀମାନଙ୍କ କହିବା ଅନୁଯାୟୀ, କାଗଜପତ୍ରରେ କାମ ସରିଥିବା ଦର୍ଶାଯାଇଥିଲେ ମଧ୍ୟ ନାଳରେ କୌଣସି ସଫେଇ କିମ୍ବା ଖନନ କାର୍ଯ୍ୟ ହୋଇନାହିଁ। ବର୍ତ୍ତମାନ ମଧ୍ୟ ନାଳ ପୂର୍ବ ଭଳି ଅବସ୍ଥାରେ ଜଙ୍ଗଲ ହୋଇ ରହିଥିବାରୁ ଆଗାମୀ ବର୍ଷା ଋତୁରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇ ଚାଷଜମି ଜଳମଗ୍ନ ହେବା ସହ ଫସଲ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଉଲ୍ଲେଖଯୋଗ୍ୟ ଯେ, ଏହି ନାଳ ଉପରେ ଜାହାଙ୍ଗିର, ପୁରୁଷୋତ୍ତମପୁର, କଣ୍ଟିଦୋଳ, ବିରୋହାଁ, ପାଟୁଳି, ଫଳପୁର, ବାଘୁଆରୀ, ଆମ୍ବିଳିଗାଁ, ଗୋଠିଣା, ଭଉଁରିଆବାଙ୍କ, ଷୋଳଗାଁ ସମେତ ବହୁ ମୌଜାର ପ୍ରାୟ ୪ ହଜାର ଏକର ଚାଷଜମିର ଜଳ ନିଷ୍କାସନ ଓ ସେଚନ ବ୍ୟବସ୍ଥା ନିର୍ଭର କରିଥାଏ। ତେଣୁ ନାଳର ସଠିକ୍ ସଂସ୍କାର ନ ହେଲେ ହଜାର ହଜାର ଚାଷୀ ପ୍ରଭାବିତ ହେବେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। କିନ୍ତୁ ଏହି ନାଳ ପୁନରୁଦ୍ଧାର ନ ହୋଇ ଟଙ୍କା ହଡ଼ପ କରାଯାଇଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଚାଷୀ ଚନ୍ଦ୍ରଶେଖର ମହାନ୍ତି, ସୁରଥ ଚନ୍ଦ୍ର ଖୁଣ୍ଟିଆ, ପ୍ରମୋଦ ରାଉତ, ଭଗ ବେହେରା, ସନ୍ତ ରାଉତ, ବାବୁଲା ରାଉତ, ସୁଶାନ୍ତ ଖୁଣ୍ଟିଆ, ରମେଶ ନାୟକ, ରମେଶ ରାଉତ, କାଳନ୍ଦୀ ରାଉତ ପ୍ରମୁଖ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହି ଅନିୟମିତତା ଅଭିଯୋଗ ପରେ 'ମନରେଗା' ଯୋଜନାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାମ ହୋଇ ନ ଥିବାବେଳେ କିପରି ମଷ୍ଟରରୋଲ୍ ପ୍ରସ୍ତୁତ ହେଲା, କିପରି ଜବ୍ କାର୍ଡଧାରୀଙ୍କ ନାମରେ ହାଜିରା ଚଢ଼ିଲା ଏବଂ କିପରି ମଜୁରି ବାବଦ ଅର୍ଥ ପ୍ରଦାନ ହେଲା। ତାହାକୁ ନେଇ ଚାଷୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ଏନେଇ ଧାମନଗର ବିଡିଓଙ୍କୁ ପଚାରିବାରୁ କୁହନ୍ତି, ମୋ ପାଖକୁ ଅଭିଯୋଗ ଆସିନାହିଁ। ଯଦି ମୋ ପାଖକୁ ଅଭିଯୋଗ ଆସେ, ତଦନ୍ତ କରି ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ୬ ଗୋ-ମାଫିଆଙ୍କ ଘରେ ଚଢ଼ଉ; ଦୁଇ ଗିରଫ

ଭଦ୍ରକ, ୧୩।୬(ସମିସ): ଗତ କିଛିଦିନ ଅନ୍ତର ପରେ ଭଦ୍ରକ ପୁଲିସ ପକ୍ଷରୁ ଗୋ-ମାଫିଆଙ୍କ ଘରେ ଚଢ଼ଉ ଆରମ୍ଭ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଭଦ୍ରକ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ୬ ଜଣ ଗୋ-ମାଫିଆଙ୍କ ଘରେ ଅଚାନକ ଚଢ଼ଉ କରିଥିଲେ। ଭଦ୍ରକ ଟାଉନ ଥାନା ଅଧୀନ ୩ଟି



**ଟଙ୍କା ଓ ସୁନା ଅଳଙ୍କାର ଜବତ**

ସ୍ଥାନ ଓ ଭଦ୍ରକ ପୁରୁଣା ବଜାର ଥାନା ଅଧୀନ ୩ଟି ସ୍ଥାନରେ ପୁଲିସର ଚଢ଼ଉ ହୋଇଛି। ଏହି ଘଟଣାରେ ୨ ଗୋ-ମାଫିଆ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ଟଙ୍କା, ସୁନା, ବ୍ୟାଙ୍କ ପାସ୍‌ବୁକ୍ ଜବତ କରାଯାଇଛି। ଏହି ଗୋ-ମାଫିଆଙ୍କର ଅନ୍ୟ ସବୁ ସ୍ଥାନରେ ଚଢ଼ଉ ଜାରି ରହିଛି। ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଥିବାବେଳେ ଏହି ଘଟଣାରେ ଆଉ ଯେଉଁମାନଙ୍କର ସମ୍ପୃକ୍ତି ରହିଛି ତା'ର ଖୋଳତାଡ଼ ଚାଲୁଛି। ଭଦ୍ରକର ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଏହି ୬ଟି ସ୍ଥାନରେ ଚଢ଼ଉ ହୋଇଥିଲା। ଦୁଇ ଗୋ-ମାଫିଆ ହେଲେ ପୁରୁଣା ବଜାର ଅଞ୍ଚଳର ଜାହିଦ୍ ଖାନ (୧୯) ଓ ଭଦ୍ରକ ବୁଧବାର ହାଟ ଅଞ୍ଚଳର ମୁନୁ ଖାନ୍। ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି।

ଗୋ-ମାଫିଆଙ୍କ ପ୍ରତି କଠୋର ହୋଇଛି ଭଦ୍ରକ ପୁଲିସ। ବିଭିନ୍ନ ସମୟରେ ଗୋରୁ ବୋଝେଇ ଗାଡ଼ି ପୁଲିସ ଜବତ କରୁଥିବାବେଳେ ଗୋ-ମାଫିଆ ସେଠାରୁ ଖସିଯାଆନ୍ତି, ଅଥବା ପରଦା ପଛରେ ରହି ବେପାର କରନ୍ତି। ତେବେ ସେମାନଙ୍କ ତାଲିକା ପ୍ରସ୍ତୁତ କରି ଶୁକ୍ରବାର ମଧ୍ୟରାତ୍ରରୁ ସେମାନଙ୍କ ଘରେ ଚଢ଼ଉ କରିଛି ପୁଲିସ। ମୋଟ୍ ୬ ଜଣ ଗୋ-ମାଫିଆଙ୍କ ଘରେ ଭଦ୍ରକ ପୁଲିସ ଚଢ଼ଉ କରିଥିବାବେଳେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୪ ହଜାର ୫୦୦ ଟଙ୍କା ଜବତ ହୋଇଛି। ସୂଚନାନୁଯାୟୀ, ଟାଉନ ଥାନା ଅଞ୍ଚଳରେ ୩ ଜଣ ଗୋ-ମାଫିଆଙ୍କ ଘର ସମେତ ପୁରୁଣା ବଜାର ଥାନା ଅଞ୍ଚଳରେ ୩ ଜଣ ଗୋ-ମାଫିଆଙ୍କ ଘରେ ଚଢ଼ଉ ହୋଇଛି। ନଙ୍ଗା ମହଲାର ଜାହିଦ ଖାନ୍, ମୁନା ଖାନ୍ ଓ ଛୋଟୁ ଖାନ୍, ମୀର ସାହିର ରାଜେଶ ଅଲ୍ଲୀ, ବୁଧବାର ହାଟର ମତାର ଖାନ୍‌ଙ୍କ ସମେତ ମୋଟ୍ ୬ ଜଣଙ୍କ ଘରେ ଚଢ଼ଉ ହୋଇଥିବା ସୂଚନା ମିଳିଛି।

● ସରପଞ୍ଚ ଚାମେଲି ଓଝାଙ୍କୁ ନ୍ୟାୟ ଦାବିରେ ପ୍ରତିବାଦ ସଭା

## ପୁଲିସର ଗୁଣ୍ଡାରାଜ୍ ବିରୋଧରେ ଗର୍ଜିଲେ ସାଧାରଣଜନତା

ଧାମନଗର, ୧୩।୬(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ବେତାଳିଗାଁ ବଜାରଠାରେ ପାଳାସାହି ଗ୍ରାମପଞ୍ଚାୟତ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିଖିରି ଗ୍ରାମ ପଞ୍ଚାୟତର ମହିଳା ଯୁବ ସରପଞ୍ଚ ଚାମେଲି ଓଝାଙ୍କ ସହ ଘଟିଥିବା ଘଟଣାକୁ ନେଇ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଏହି ପ୍ରତିବାଦ ସଭାରେ ବହୁ ସଂଖ୍ୟାରେ ରାଜନେତା, ସମାଜିକ କର୍ମୀ, ବୁଦ୍ଧିଜୀବୀ ଯୋଗଦେଇ ସରକାରଙ୍କ ଏପରି ଅରାଜକତା ଓ ଏକଛତ୍ରବାଦ ଶାସନ ଭଳି ଜଣେ ନିର୍ବାଚିତ ମହିଳା



ଜନପ୍ରତିନିଧିଙ୍କୁ ପୁଲିସ ଲଗାଇ ଯେଉଁଭଳି ଭାବେ ଅକଥନୀୟ ଅତ୍ୟାଚାର କରାଯାଉଛି ତାହା ଅତ୍ୟନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ ଘଟଣା। ଏହି ପ୍ରତିବାଦ ସଭାରେ ରାଜ୍ୟ ସରକାର ଓ ପୁଲିସ ପ୍ରଶାସନ ବିରୋଧରେ କ୍ଷୋଭ ପ୍ରକାଶ କରିବା ସହିତ ଦୋଷୀଙ୍କ ବିରୋଧରେ ନିରପେକ୍ଷ ତଦନ୍ତ ସହ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଯଦି ଦୋଷୀଙ୍କ ବିରୋଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର୍ କରାଯିବ ବୋଲି ସତର୍କ କରାଯାଇଥିଲା। ଏହି ପ୍ରତିବାଦ ସଭାରେ ଧାମନଗର ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ରଇପୁର ପଞ୍ଚାୟତର ସରପଞ୍ଚ ଜଗଦାନନ୍ଦ ସେଠୀ, ପାଳାସାହି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଅନିଲ ଦାସ, କଂଗ୍ରେସର ପୂର୍ବତନ ବ୍ଲକ ସଭାପତି ରମେଶ ବେହେରା, ସିପିଏମ୍ ନେତା ଚନ୍ଦ୍ରଶେଖର ନାୟକ, ମୁକ୍ତିକାନ୍ତ ନାୟକ, ମାର୍କଣ୍ଡ ଜେନା, ଅମର ସାହୁ, ସୁଶାନ୍ତ ମଲ୍ଲିକ, କୈଳାସ ବାରିକ, ଆଲୋକ ରାଉତ, ଅଚ୍ୟୁତାନନ୍ଦ ବେହେରା, ବିଜୟ ସୂତାର, କୁଳମଣି ମଲ୍ଲିକ, ପ୍ରକାଶ ନାୟକ ପ୍ରମୁଖଙ୍କ ସମେତ ବହୁ ସର୍ବଦଳୀୟ ନେତା ଯୋଗଦେଇ ରଙ୍ଗ ବଦଳା ସରକାରଙ୍କ ଉପରେ ବର୍ଷିଥିଲେ।

## ଗ୍ରାମ୍ୟ ରାସ୍ତାରେ ବେଧଡ଼କ ବାଲି ବୋଝେଇ ଟ୍ରକ୍ ଚଳାଚଳ

ବାରିକପୁର, ୧୩।୬(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମ୍ୟ ରାସ୍ତା ଦେଇ ଦୈନିକ ବେଆଇନ ବାଲି ବୋଝେଇ ଗାଡ଼ି ଅବାଧ ଚଳାଚଳ କରୁଛି। ଏହାଦ୍ୱାରା ଦୁର୍ଘଟଣା ଆଶଙ୍କା ମଧ୍ୟ ବୃଦ୍ଧି ପାଉଛି। ବିଶେଷ କରି ବୈତରଣୀ ଓ ଏହାର ଶାଖା ବୁଢ଼ା ଏବଂ ଗେଙ୍ଗୁଟି ନଈରୁ ପ୍ରତ୍ୟେକ ଦିନ ବେଆଇନ ବାଲି ଚାଲାଣ ହେଉଛି। କେତେବେଳେ ଟ୍ରାକ୍ଟର ତ ପୁଣି କେତେବେଳେ ହାଇୱା



ଦ୍ୱାରା ବାଲି ପରିବହନ ହେଉଛି। ଚୋରା ଗାଡ଼ିଗୁଡ଼ିକ ସିଧାସଳଖ ମଣୀନାଥପୁର ଭଣ୍ଡାରିପୋଖରୀ ପୂର୍ତ୍ତ ରାସ୍ତା ଓ ଛତାବର ବଳିଘାଇ ରାସ୍ତା ଅତିକ୍ରମ କରି ଭଦ୍ରକ ଅଭିମୁଖେ ଯାଉଛି। ଏହାଛଡ଼ା ନୀଳକ ଛତାବର ରାସ୍ତାରେ ମଧ୍ୟ ବେଆଇନ ବାଲି ଗାଡ଼ି ଚଳାଚଳ କରୁଛି। ଯେହେତୁ ଚୋରାରେ ବାଲି ପରିବହନ ହେଉଛି, ତେଣୁ ଗାଡ଼ିର ବଗେ ମଧ୍ୟ ଅପେକ୍ଷାକୃତ ଅଧିକ ରହୁଛି। ବାଲି ଗାଡ଼ି ପାଇଁ ପୂର୍ବରୁ କିଛି ସ୍ଥାନରେ ଦୁର୍ଘଟଣା ଘଟିଥିବା ନଜିର୍ ରହିଛି। ସ୍ଥାନୀୟ ପୁଲିସ ଓ ଖଣି ବିଭାଗ ଅଧିକାରୀମାନେ ବେଳେବେଳେ ବେଆଇନ ବାଲି ଟ୍ରକ୍ ଓ ଟ୍ରାକ୍ଟରକୁ ଜବତ କରୁଛନ୍ତି ସତ କିନ୍ତୁ ଅବସ୍ଥା ସୁଧୁରିବା ନାଁ ଧରୁନାହିଁ। ଦିନକୁ ଦିନ ଗ୍ରାମ୍ୟ ରାସ୍ତାଗୁଡ଼ିକରେ ବେଆଇନ ବାଲି ପରିବହନ ବୃଦ୍ଧି ପାଉଥିବା ଦେଖାଯାଉଛି। କେତେବେଳେ ଯେ ବଡ଼ ଦୁର୍ଘଟଣା ଘଟି ଜନଜୀବନ ନଷ୍ଟ ହେବ କହି ହେଉନାହିଁ। ତେଣୁ ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବୃଦ୍ଧିଜୀବୀମାନେ ଦାବି କରିଛନ୍ତି।

● ଆଦମପୁରଠାରେ ସାଇକଲ ଚାଳନା ପ୍ରତିଯୋଗିତା

## ପ୍ରତିଯୋଗୀଙ୍କ ସହିତ ସାଇକଲ ଚଳାଇଲେ ଜିଲ୍ଲାପାଳ

ବାରିକପୁର, ୧୩।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଆଦମପୁର ଷ୍ଟାଡିୟମ୍‌ଠାରେ ଜିଲ୍ଲାସ୍ତରୀୟ ମହିଳା ସାଇକଲ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାଇକଲ ଆସୋସିଏସନ ଦ୍ୱାରା ପରିଚାଳିତ ତଥା ବିଡିସିଏର ସଭାପତି ଅପୂର୍ବ ରଞ୍ଜନ ବେହେରା ଓ ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ମନୋରଞ୍ଜନ ବାରିକଙ୍କ ସଂଯୋଜନାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀମାନେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ପ୍ରତିଯୋଗୀମାନଙ୍କ ସହିତ ସାଇକଲରେ ଭ୍ରମଣ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ



ପଣ୍ଡିତ ଦୈତାରି ମହାପାତ୍ର, ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ନାୟକ, ସମାଜସେବୀ ପୂର୍ଣ୍ଣ ଚନ୍ଦ୍ର ଖିଲାର, ପ୍ରଭାତ ଖିଲାର, ନିରଞ୍ଜନ ବାରିକ, ଅଧ୍ୟାପକ ସୁଶାନ୍ତ ଜେନା, ଅରୁଣ ବାରିକ, ବିଶ୍ୱରଞ୍ଜନ ମହାପାତ୍ର, ପ୍ରତାପ କୁମାର ଖିଲାର ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରୁଥିଲେ। ବାଳିକାମାନଙ୍କୁ ନେଇ କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉତ୍ତମ ପ୍ରଦର୍ଶନ ଭିତ୍ତିରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଦିପ୍ତୀରେଖା ବେହେରା, ଶ୍ରୀୟା ଟୁଡୁ, ଜ୍ୟୋତିର୍ମୟୀ ନାଥ, ଆଶାରାଣୀ ଦାସ, ସେହେନାଜ କାଦ୍ରି, ଅନୁପମା ସାହୁ, ମନିଷା ସାହୁ, ଗିରିଜାପ୍ରଭା ରାଉତ, ଅନ୍ନପୂର୍ଣ୍ଣା ସେନାପତିଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାକୁ ଅଜୟ ବିଶ୍ୱାସ, ତାଜ୍ ଉଦ୍ଦିନ୍ ଖାନ୍, ମନୋଜ ପେରେଇ ପ୍ରମୁଖ ପରିଚାଳନା କରିଥିଲେ।

# ପୂଜ୍ୟପୂଜା ସଂସଦ ପକ୍ଷରୁ ବ୍ଲକସ୍ତରୀୟ ମେଧାବୀ ପ୍ରତିଭା ସମ୍ମାନ

ଧୂଷୁରୀ, ୧୩।୬(ସମିସ)

ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀ ଅଞ୍ଚଳର ପୂଜ୍ୟପୂଜା ସଂସଦ ଏକ ଅଗ୍ରଣୀ ଅନୁଷ୍ଠାନ। ଦୀର୍ଘ ୨୦ ବର୍ଷ ହେବ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରି ଏହି ଅନୁଷ୍ଠାନ ଏକ ଆଦର୍ଶ ଯଶ ଗୌରବ ଅର୍ଜନ କରିଛି। ଏହି ପୂଜ୍ୟପୂଜା ସଂସଦ ଧୂଷୁରୀ ପକ୍ଷରୁ ୨୦୨୬ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଧାମନଗର ବ୍ଲକସ୍ତରୀୟ ମେଧାବୀ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂଜ୍ୟପୂଜା ସଂସଦ ଭବନରେ ବର୍ଷୀୟାନ ଶିକ୍ଷାବିତ୍ ତଥା ପୂଜ୍ୟପୂଜା ସଂସଦର ସଭାପତି ବାବାଜୀ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ସମ୍ପାଦକ ଅକ୍ଷୟ କୁମାର ହୋତା ସଞ୍ଚାଳନ କରିଥିଲେ। ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ଏହି ମେଧା ସମ୍ମାନ କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ବରେଣ୍ୟ ଅତିଥି ଭାବେ ଯୋଗଦେଇ ସଫଳତା ଅର୍ଜନ କରିଥିବା ବିଦ୍ୟାର୍ଥୀମାନଙ୍କ ଉତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଦୁର୍ଗାଶଙ୍କର ଦାଶ, ସଂସଦର ପ୍ରତିଷ୍ଠାତା ତଥା ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ,



ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ ଓ ଶିକ୍ଷାବିତ୍ ରମାକାନ୍ତ ପରିଡ଼ା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଶିକ୍ଷକ ସୁବାସ ନାୟକ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ସମ୍ପାଦକ ଶ୍ରୀ ହୋତା ଅତିଥି ପରିଚୟ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କୁ ଆରାଧନା ପରେ ସଭାକାର୍ଯ୍ୟ ଆରମ୍ଭ ଓ ଶେଷରେ ବ୍ଲକ ଅନ୍ତର୍ଗତ ୧୨ ଜଣ ଏ-୧ ଗ୍ରେଡ୍‌ଧାରୀ କୃତୀ ଛାତ୍ରଛାତ୍ରୀ, ସେମାନଙ୍କ ବିଦ୍ୟାଳୟ ମୁଖ୍ୟ ଏବଂ ପିତାମାତାଙ୍କୁ ଅତିଥିମାନଙ୍କ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅଭିନନ୍ଦନ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ତଥା ଧାମନଗର ପ୍ରେସ୍ କ୍ଲବ୍‌ର ସଭାପତି କିଶାନ କୁମାର ରାଉତ ଓଡ଼ିଶାର ସର୍ବବୃହତ୍ ସାମ୍ବାଦିକ ସଂଗଠନ ଓୟୁଜେର ରାଜ୍ୟ ସାଧାରଣ ସମ୍ପାଦକ ରୂପେ ମନୋନୀତ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଥିବାରୁ ପୂଜ୍ୟପୂଜା ସଂସଦ ପକ୍ଷରୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ସେହିପରି ସଂସଦର ସଭାପତି ବର୍ଷୀୟାନ ଶିକ୍ଷାବିତ୍ ବାବାଜୀ ଚରଣ ପଣ୍ଡାଙ୍କୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ଗଙ୍ଗାଧର ବେହେରା, ବିମ୍ବାଧର ବିଶ୍ୱାଳ, ସଞ୍ଜୟ ହୋତା, ରାଜେନ୍ଦ୍ର ପଲାଇ ପ୍ରମୁଖଙ୍କ ସମେତ ସଂସଦର ସଦସ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସିମେଣ୍ଟ ଇଟା ଫ୍ୟାକ୍ଟ୍ରି ଚୁନ ନିଆଁ କୁଣ୍ଡରେ ପଡ଼ି ୨ ଶ୍ରମିକ ଗୁରୁତର

ବାସୁଦେବପୁର, ୧୩।୬(ସମିସ): ଏକ ସିମେଣ୍ଟ ଇଟା ଫ୍ୟାକ୍ଟ୍ରିରେ କାମ କରିବାକୁ ଯାଉଥିବାବେଳେ ଚୁନ ନିଆଁ କୁଣ୍ଡରେ ପଡ଼ି ଜଣେ ମହିଳା ଗୁରୁତର ହୋଇଥିବାବେଳେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଆଉ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି। ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁ ସହିତ ମହିଳା ଶ୍ରମିକ ସଂଗ୍ରାମ କରୁଥିବାବେଳେ ଅନ୍ୟ ଜଣେ ଶ୍ରମିକ ଆଖି

**ଆହତ ଶ୍ରମିକଙ୍କ ପାଖରେ ପହଞ୍ଚିଲେନି ମାଲିକ**

ହରାଇବାର ଆଶଙ୍କା ଦେଖାଦେଇଛି। ଏହି ହୃଦୟ ବିଦାରକ ଦୃଶ୍ୟ ଦେଖିବାପାଇଁ ଦେଖଣାହାରୀମାନେ ଅଟକି ଯାଉଥିବାବେଳେ ବିବେକହୀନ ମାଲିକର ସେଠାରେ ଦେଖା ନ ଥିଲା।

ବାସୁଦେବପୁର ବ୍ଲକର ବ୍ରାହ୍ମଣଗାଁ ପଞ୍ଚାୟତର କେନାଲ ଆଡ଼ିରେ ବିଟୁ ରଣା ସିମେଣ୍ଟ ଇଟା ଫ୍ୟାକ୍ଟ୍ରି ଗଢ଼ିଉଠିଛି। ଏହି ଇଟା ଫ୍ୟାକ୍ଟ୍ରିରେ ୧୫ରୁ ଊର୍ଦ୍ଧ୍ୱ ଶ୍ରମିକ ବିପଦସଙ୍କୁଳ ଅବସ୍ଥାରେ କାମ କରୁଛନ୍ତି। ସୁରକ୍ଷାର ନୀତିନିୟମକୁ ଜଳାଞ୍ଜଳି ଦେଇ ମାଲିକ ଚଳାଇଛନ୍ତି ସିମେଣ୍ଟ ଇଟା ଫ୍ୟାକ୍ଟ୍ରି। ଶନିବାର ଅପରାହ୍ଣରେ ସିମେଣ୍ଟ ଇଟା ନିର୍ମାଣ କରିବାକୁ ଶ୍ରମିକମାନେ ଯାଉଥିଲେ। ମହିଳା ଶ୍ରମିକ ରୂପା ବେହେରାଙ୍କ ଗୋଡ଼ ଖସିଯିବାରୁ ଚୁନ ନିଆଁ କୁଣ୍ଡରେ ପଡ଼ିଯାଇଥିଲେ। ଚିତ୍କାର ଶୁଣି ତାଙ୍କୁ ବଞ୍ଚାଇବାକୁ ଯାଇଥିବାବେଳେ ଆଉ ଜଣେ ଶ୍ରମିକଙ୍କ ଆଖିରେ ଚୁନ ପଡ଼ିଯିବାରୁ ସେ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ଦୁଇ ଜଣଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କୁ ଭଦ୍ରକ ଏବଂ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି। ଗୁରୁତର ମହିଳାଙ୍କ ଘର ରୂପ୍ସା ଅଞ୍ଚଳରେ ହୋଇଥିବାବେଳେ ଆହତ ପୁରୁଷ ଶ୍ରମିକଙ୍କ ଘର ମୟୂରଭଞ୍ଜ ଜିଲ୍ଲାରେ ବୋଲି ଜଣାଯାଇଛି। ମହିଳାଙ୍କ ଶରୀରର ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅଂଶ ଜଳିଯାଇଛି ବୋଲି



ଡାକ୍ତର କହିଛନ୍ତି। ଦୁଇ ଶ୍ରମିକ ଗୁରୁର ଆହତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ଇଟା ଫ୍ୟାକ୍ଟ୍ରିର ମାଲିକଙ୍କୁ ଦେଖିବାକୁ ମିଳି ନ ଥିଲା। ସେନେଇ ଶ୍ରମିକ ତଥା ସ୍ଥାନୀୟ ଅଞ୍ଚଳରେ ଘୋର୍ ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ନୀତିନିୟମକୁ ଜଳାଞ୍ଜଳି ଦେଇ ବାସୁଦେବପୁରରେ ବେଆଇନ ଭାବେ ଏହି ସିମେଣ୍ଟ ଇଟା ଫ୍ୟାକ୍ଟ୍ରି ଗଢ଼ି ଉଠିଥିବା ଅଭିଯୋଗ ହେଉଛି। ନିର୍ମାଣ କାର୍ଯ୍ୟରେ ଶ୍ରମିକ ଲାଇସେନ୍ସ ନ ଥାଇ ବେଧଡ଼କ ଭାବେ କାମ ଚାଲିଛି। ନା ଅଛି ସରକାରୀ ଅଙ୍କୁଶ ନା ଶ୍ରମିକଙ୍କ ସୁରକ୍ଷା। ଶ୍ରମ ବିଭାଗ ଶ୍ରମିକମାନଙ୍କର ସୁରକ୍ଷା ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଶ୍ରମିକ ମୃତ୍ୟୁ ମୁଖରୁ ରକ୍ଷା ପାଇପାରନ୍ତେ ବୋଲି ଦାବି ହେଉଛି।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତି ସରକାରୀ ଅବହେଳା

# 'ଜ୍ଞାନ ଭାରତମ୍ ମିଶନ'ରେ ସାମିଲ ହୋଇପାରିଲାନି ସଂଗ୍ରହାଳୟ

ବ୍ରହ୍ମପୁର,୧୩।୬(ଶକ୍ତିଧର ରାଜଗୁରୁ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଉ ଏକ ବୈମାତୃକ ମନୋଭାବ ପଦାରେ ପଡିଛି। ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ଅଧିନରେ ରହିଛି ଦକ୍ଷିଣ ଓଡିଶା ସାଂସ୍କୃତିକ ଗବେଷଣା କେନ୍ଦ୍ର। ଯାହା ୨୦୧୪ମସିହାରେ ପ୍ରତିଷ୍ଠା କରାଯାଇଥିଲା। ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଗବେଷଣା ସହିତ ଏଠାରେ ୧୯୮୮ମସିହାରୁ ସଂଗୃହିତ ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ବହୁ ପୁରାତନ ଓ ଉପାଦେୟ ତାଳପତ୍ର ପୋଥି ସଂଗ୍ରହ କରି ରଖାଯାଇଛି। ୧୯୮୮ମସିହାରେ ଓଡିଆ ବିଭାଗର ତତ୍କାଳୀନ ପ୍ରାଧ୍ୟାପକ ପ୍ରଫେସର ଡକ୍ଟର ସୁଦର୍ଶନ ଆଚାର୍ଯ୍ୟ ଓ ଅଶ୍ୱିନୀ ପଣ୍ଡାଙ୍କ ସମେତ ଅନ୍ୟମାନଙ୍କ ଉଦ୍ୟମରେ ଏହି ସବୁ ତାଳପତ୍ର ପୋଥି ସଂଗ୍ରହ କରାଯାଇଥିଲା। ଏଥି ମଧ୍ୟରେ ଭାଷା ସାହିତ୍ୟ, ଇତିହାସ, ସଂସ୍କୃତି ଓ ପରମ୍ପରା ସହିତ ଆୟୁର୍ବେଦ ଚିକିତ୍ସା ସମ୍ପର୍କିତ ପୋଥି ଥିବା ଜଣାପଡିଛି। ପୂର୍ବରୁ ଏହି ସଂଗ୍ରହାଳୟ କ୍ୟାମ୍ପସର ରଘୁନାଥ ପ୍ରସାଦ ପାଢୀ ଗ୍ରନ୍ଥାଗାରର ଉପର ମହଲାରେ ଥିଲା। ପରବର୍ତ୍ତି ସମୟରେ ପ୍ରଥମେ ଇତିହାସ ଓ ପରେ ଓଡିଆ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ୨୦୧୪ମସିହାରୁ ସମସ୍ତ ତାଳପୋଥିକୁ ଏହି କେନ୍ଦ୍ରରେ ସାଇତି ରଖାଯାଇଛି। ଯାହାକୁ ଦେଖିବାକୁ ନିୟମିତ ଛାତ୍ରଛାତ୍ରୀ ଓ ଗବେଷକମାନେ ଆସିଥାନ୍ତି। ସମ୍ପ୍ରତି କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ 'ଜ୍ଞାନ ଭାରତମ ମିଶନ୍' ଗଠନ କରାଯାଇଛି। ଦେଶର ବିଭିନ୍ନ ସ୍ଥାନରେ ଥିବା ତାଳପତ୍ର ପୋଥି ତଥା ଅନ୍ୟାନ୍ୟ ପ୍ରାଚୀନ ଦସ୍ତାବିଜ ଗୁଡିକର ସଂଗ୍ରହ, ସଂରକ୍ଷଣ ଓ ଡିଜିଟାଇଜେସନ କରିବା ହେଉଛି ମିଶନର ଉଦ୍ଦେଶ୍ୟ। ଏହି ମିଶନ ଅଧିନରେ






- ୧୦ଲକ୍ଷ ଟଙ୍କାର ଅନୁଦାନ ଦେଇ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଚୁପ୍
- ସଂରକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି ସଂଗ୍ରହାଳୟର ବହୁ ଉପାଦେୟ ତାଳପତ୍ର ପୋଥି
- ଜଣେ 'ପିଅନ'ଙ୍କ ଭରସାରେ ଚାଲିଛି ସଂଗ୍ରହାଳୟ, କେବେ ହେବ ଡିଜିଟାଇଜେସନ?

ଗତ ମାର୍ଚ୍ଚ ୧୬ତାରିଖରୁ ୩ମାସ ପର୍ଯ୍ୟନ୍ତ ଅର୍ଥାତ୍ ଜୁନ ୧୫ତାରିଖ ମଧ୍ୟରେ ବିଭିନ୍ନ ସ୍ଥାନରୁ ତାଳପତ୍ର ପୋଥି ଓ ଅନ୍ୟାନ୍ୟ ଦସ୍ତାବିଜର ସର୍ଭେ କରାଯିବାକୁ ସ୍ଥିର ହୋଇଥିଲା। ଇତି ମଧ୍ୟରେ ସର୍ଭେ ପାଇଁ ନିର୍ଦ୍ଧାରିତ ୩ମାସ ସମୟ ଶେଷ ହୋଇସାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା ଏହି କେନ୍ଦ୍ରରେ ନଷ୍ଟ ହେବାକୁ ବସିଥିବା ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ତାଳପତ୍ର ପୋଥି ଉପରେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କର ନଜର ପଡିନଥିବା ଚିନ୍ତା ଓ ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ତେବେ କେନ୍ଦ୍ର ସରକାରଙ୍କ ପକ୍ଷରୁ 'ଜ୍ଞାନ ଭାରତମ୍ ମିଶନ' ଗଠନ ପୂର୍ବରୁ ଅର୍ଥାତ୍ ଗତ ଫେବୃଆରୀ ମାସରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡିଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ଉତ୍କଳ ବିଶ୍ୱବିଦ୍ୟାଳୟକୁ ସର୍ବାଧିକ ୨୦ଲକ୍ଷ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମେତ ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବାରିପଦାର ଏମଏସସିବି ବିଶ୍ୱବିଦ୍ୟାଳୟ ଓ ଭବାନିପାଟଣାର ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭଳି ୬ଟି ବିଶ୍ୱବିଦ୍ୟାଳୟକୁ ତାଳପତ୍ର ପୋଥିର ଡିଜିଟାଇଜେସନ ପାଇଁ ପ୍ରତ୍ୟେକଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏଁ ମୋଟ ୭୦ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଦିଆଯାଇଛି। ଅନୁଦାନ ଦେବା ସହ କେନ୍ଦ୍ର ସରକାରଙ୍କ ମିଶନ ଜରିଆରେ ସର୍ଭେର ନିର୍ଦ୍ଧାରିତ ଅବଧି ମଧ୍ୟ ଇତି ମଧ୍ୟରେ ଶେଷ ହୋଇଯାଇଛି। ଏଭଳି ସ୍ଥିତିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଦକ୍ଷିଣ ଓଡିଶା ସାଂସ୍କୃତିକ ଗବେଷଣା କେନ୍ଦ୍ରକୁ କୌଣସି ଟିମର ପରିଦର୍ଶନ ତ ଦୂରର କଥା କେହି ଯୋଗାଯୋଗ ମଧ୍ୟ କରିନଥିବା ଜଣାପଡିଛି। ଫଳରେ ଏଠାରେ ଗଚ୍ଛିତ ଥିବା ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ବହୁ ପୁରାତନ ଓ ଉପାଦେୟ ତାଳପତ୍ର ପୋଥି ଗୁଡିକରେ ପୋକଲାଗି ଅଥବା ଆଉ ଖୋଲିବା ଯୋଗ୍ୟ ନହୋଇ ନଷ୍ଟ ହେବାକୁ ବସିଛି। ନିକଟରେ ବିଶ୍ୱବିଦ୍ୟାଳୟର ନିଜସ୍ୱ ଉଦ୍ୟମରେ ଆୟୁର୍ବେଦ ଚିକିତ୍ସାର ଥିବା ମୋଟ ୧୩ଟି ପୋଥିକୁ ଖୋଲି ସେଥିରୁ ୧୨୧୬ପୃଷ୍ଠା ବା ଫୋଲିଓର ଡିଜିଟାଇଜେସନ ସମ୍ଭବ ହୋଇପାରିଛି। ଅବଶିଷ୍ଟ ୧୩ଟି ପୋଥିକୁ ଖୋଲିବା ସମ୍ଭବପର ହୋଇନଥିଲା। ଏଣୁ ଏବେ ଠାରୁ ଯଦି କେନ୍ଦ୍ରରେ ଥିବା ତାଳପତ୍ର ପୋଥି ଗୁଡିକର ସଂରକ୍ଷଣ ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆନଯାଏ ତେବେ ସେସବୁ ନଷ୍ଟ ହୋଇଯିବା ନେଇ ଆଶଙ୍କା ଉପୁଜିଛି। ପୂର୍ବରୁ ଏହି କାର୍ଯ୍ୟ 'ଇଣ୍ଟେକ' କରୁଥିଲା। ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ମନୁସ୍କ୍ରିପ୍ଟ ମିଶନ' ସହିତ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ପ୍ରତ୍ୟୁତ୍ତର ମିଳିନଥିବା ଜଣାପଡିଛି। ଗୁରୁତ୍ୱପୂର୍ଣ୍ଣ ତାଳପତ୍ର ପୋଥି ଗୁଡିକର ଡିଜିଟାଇଜେସନ ପାଇଁ ଅର୍ଥ ଥିବା ସତ୍ତ୍ୱେ ଏହାକୁ ବିନିଯୋଗ କରାଯାଇପାରୁ ନାହିଁ କି ସେଗୁଡିକର ସୁରକ୍ଷିତ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ହୋଇପାରୁନାହିଁ। ଏଭଳି ସ୍ଥିତିରେ ବିଶ୍ୱବିଦ୍ୟାଳୟର ଏହି ଦକ୍ଷିଣ ଓଡିଶା ସାଂସ୍କୃତିକ ଗବେଷଣା କେନ୍ଦ୍ର କେବଳ ଜଣେ ପିଅନ ଭରଷାରେ ଚାଲିଥିବା ଦେଖିବାକୁ ମିଳିଛି। ଏଠାରେ ଓଡିଆ ବିଭାଗର ଜଣେ ସହକାରୀ ପ୍ରାଧ୍ୟାପକଙ୍କୁ ସଂଯୋଜକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। କେନ୍ଦ୍ରର ସୁପରିଚାଳନା ଓ ଏଠାରେ ଥିବା ବିଭିନ୍ନ ସାମଗ୍ରୀର ସଂରକ୍ଷଣ ପାଇଁ ପ୍ରଥମେ କର୍ମଚାରୀଙ୍କ ଅଭାବକୁ ଦୂର କରି ଅନ୍ତତଃ ଜଣେ କ୍ୟୁରେଟର, ଜଣେ ସହାୟକ, ସୁରକ୍ଷା କର୍ମୀ ଓ ଜଣେ ପିଅନଙ୍କୁ ନିଯୁକ୍ତି ଦେବା ଜରୁରୀ ହୋଇପଡିଛି। (ରିପୋର୍ଟ- ଶକ୍ତିଧର ରାଜଗୁରୁ)

ମଦ କାରବାର ଓ ମଦ୍ୟପଙ୍କ ଉପରେ ଚଢ଼ଉ

## ମୋବାଇଲ ଖୋଜି ଦେଉଛି ପୋଲିସ୍



**ପାରଳାଖେମୁଣ୍ଡି, ୧୩।୬ (ସମିସ):** ଗଜପତି ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶକ୍ରମେ ଗଜପତି ଜିଲ୍ଲାରେ ଅବୈଧ ମଦ କାରବାର ଓ ସାର୍ବଜନୀନ ସ୍ଥାନରେ ମଦ୍ୟପାନ ଜନିତ ଅଶାନ୍ତି ବିରୋଧରେ ଜିଲ୍ଲାର ବିଭିନ୍ନ ପୋଲିସ ଥାନା ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ବିଳମ୍ବିତ ରାତ୍ରୀରେ ହୋଇଥିବା ଏକ ଚଢ଼ଉରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ବିପୁଳ ପରିମାଣର ଦେଶୀ ମଦ ଜବତ କରାଯାଇଛି। ସୂଚନା ପ୍ରକାରେ ସହର ଓ ଆଖପାଖ ଅଞ୍ଚଳରେ ଚାଲିଥିବା ଯାଞ୍ଚ ସମୟରେ ସାର୍ବଜନୀନ ସ୍ଥାନରେ ମଦ୍ୟପାନ କରି ଅଶାନ୍ତି ସୃଷ୍ଟି କରୁଥିବା ୮ ଜଣଙ୍କୁ ପୋଲିସ ଅଟକ ରଖିଥିଲା। ପରେ ପିଆର ବଣ୍ଡରେ ସେମାନଙ୍କୁ ମୁକ୍ତ କରାଯାଇଥିଲା। ସେହିପରି ଦେବିତୀ ଗ୍ରାମରେ ପେଟ୍ରୋଲିଂ ବେଳେ ନାକା ବାଳକୃଷ୍ଣ (୨୪) ନାମକ ଜଣେ ଯୁବକ ନିଜ ଘର ପଛପଟେ ଅବୈଧ ଭାବେ ଦେଶୀ ମଦ ବିକ୍ରି କରୁଥିବା ଜଣାପଡ଼ିଥିଲା। ପୋଲିସ ଚଢ଼ାଉ କରି ତାଙ୍କ ନିକଟରୁ ୪୦ ଲିଟର ଦେଶୀ ମଦ ଓ ୬୭୦ ଟଙ୍କା ନଗଦ ଜବତ କରିଥିଲା। ଏହି ଘଟଣାରେ ପାରଳାଖେମୁଣ୍ଡି ଥାନାରେ ୨୨୩/୨୦୨୬ରେ ଏକ ମାମଲା ରୁଜୁ ହୋଇଥିବାର ଜଣେପଡିଛି। ତେବେ ଧରାପଡିଥିବା ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ୫ଟି ଅପରାଧିକ ମାମଲା ରହିଥିବାର ପୋଲିସ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ, ହଜିଯାଇଥିବା ମୋବାଇଲ ଫୋନ୍ ସମ୍ପର୍କିତ ଅଭିଯୋଗର ତଦନ୍ତ କରି ପୋଲିସ ଏକ ମୋବାଇଲ ଉଦ୍ଧାର କରି ପ୍ରକୃତ ମାଲିକଙ୍କୁ ଫେରସ୍ତ କରିଛି । ନିଜ ମୋବାଇଲ ଫେରି ପାଇ ମାଲିକ ଖୁସି ବ୍ୟକ୍ତ କରିବା ସହ ପାରଳାଖେମୁଣ୍ଡି ପୋଲିସ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି। ସାର୍ବଜନୀନ ଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ ଏବଂ ଅବୈଧ ମଦ କାରବାର ଦମନ ପାଇଁ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ ଓ ସ୍ୱତନ୍ତ୍ର ଅଭିଯାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## କୃଷକମାନଙ୍କ ପାଇଁ ସ୍ଥାୟୀ ଓ ଆଇନଗତ ଜୀବିକା ଉପରେ ସଚେତନତା




**ପାରଳାଖେମୁଣ୍ଡି, ୧୩।୬ (ସମିସ):** ଗଜପତି ଜିଲ୍ଲା ଆର.ଉଦୟଗିରିରେ ବ୍ଲକ ସଦରମହକୁମା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପୋଲିସ ଏବଂ କୃଷି ବିଭାଗର ମିଳିତ ଆନୁକୂଲ୍ୟରେ କୃଷକ ମାନଙ୍କ ପାଇଁ ସ୍ଥାୟୀ ଏବଂ ଆଇନଗତ ଜୀବିକା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆର୍.ଉଦୟଗରି ଏସଡିପିଓ ରାକେଶ ସାହୁ, ଜିଲ୍ଲାପରିଷଦର ଅତିରିକ୍ତ ଜିଲ୍ଲାମୁଖ୍ୟ ଉନ୍ନୟନ ଅଧିକାରୀ ପୃଥିବୀରାଜ ମଣ୍ଡଳ ପ୍ରମୁଖଙ୍କ ସମେତ କୃଷି ବିଜ୍ଞାନ କେନ୍ଦ୍ରର ଅଧିକାରୀ ଓ କୃଷି ଅଧିକାରୀ ମଞ୍ଚାସୀନଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ କହିଥିଲେ ଯେ ଚାଷୀମାନେ ଅବୈଧ ଗଞ୍ଜେଇ ଚାଷରୁ ନିବୃତ ରହି ଆଇନଗତ ଏବଂ ଲାଭଜନକ ଉଦ୍ୟାନ କୃଷି ଏବଂ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଚାଷକୁ ପରିବର୍ତ୍ତନ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ କରି ଚାଷୀମାନେ ନିଶା ଫସଲ ଚାଷ କଲେ କି ପ୍ରକାରର ଆଇନଗତ ପରିଣାମ ଭୋଗିବେ ସେ ବିଷୟରେ ସଚେତନ କରାଯାଇଥିଲା। ଏହା ସହ ଉଦ୍ୟାନ କୃଷି ଏବଂ ଉଚ୍ଚ ମୂଲ୍ୟର ଅର୍ଥକାରୀ ଫସଲ ପାଇଁ ଉପଲବ୍ଧ ବିଭିନ୍ନ ସରକାରୀ ଯୋଜନା, ବୈଷୟିକ ସହାୟତା ଏବଂ ବଜାର ସୁଯୋଗ ବିଷୟରେ ଅବଗତ କରାଯାଇଥିଲା। ଅଧିକାରୀମାନେ ସ୍ଥାୟୀ କୃଷି ପଦ୍ଧତି ଗ୍ରହଣ କରିବାର ଦୀର୍ଘକାଳୀନ ଆର୍ଥିକ ଲାଭ ଉପରେ ଆଲୋକପାତ ମଧ୍ୟ କରିଥିଲେ। ଏହା ସହ ଆଇନଗତ କୃଷି କାର୍ଯ୍ୟକଳାପକୁ ପରିବର୍ତ୍ତନ ପାଇଁ ଆବଶ୍ୟକ ମାର୍ଗଦର୍ଶନ ଦେଇଥିଲେ। ଏହି ପଦକ୍ଷେପ ଆଇନଗତ ଜୀବିକାକୁ ପ୍ରୋତ୍ସାହିତ କରିବା, ଚାଷୀଙ୍କ ଆୟ ବୃଦ୍ଧି କରିବା ଏବଂ ସାମୁଦାୟିକ ଅଂଶଗ୍ରହଣ ଏବଂ ସଚେତନତା ମାଧ୍ୟମରେ ଏକ ନିଶାମୁକ୍ତ ସମାଜ ସୁନିଶ୍ଚିତ କରିବା ପ୍ରତି ପ୍ରଶାସନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ କୃଷକମାନେ ଉପସ୍ଥିତ ଥିଲେ।

## ଟିକାବାଲିରେ ରଜ ମହୋତ୍ସବ



**ଟିକାବାଲି,୧୩।୬(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲିସ୍ଥିତ ମାଁ ଭୈରବୀ କଲ୍ୟାଣ ମଣ୍ଡପଠାରେ ମାଁ ବନଦେବୀ କଳା ସାଂସ୍କୃତିକ ଦଳ, ତେଙ୍ଗେଡାପଥର ଏବଂ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆବାହକ ଅପସରି ଦିଗାଲଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ କଳାକାର ଓ ଜନସାଧାରଣ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟିକାବାଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ଦିଲୀପ କହଁର ଯୋଗଦେଇ ରଜ ପର୍ବର ସାଂସ୍କୃତିକ ପରମ୍ପରା ଓ ଧରିତ୍ରୀ ମାତା ସହ କୃଷିର ନିବିଡ଼ ସମ୍ପର୍କ ବିଷୟରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚାସୀନ ଅତିଥି ଭାବେ ବିଜେପି ରାଜ୍ୟ ଉପସଭାପତି ରାମବିଶ ଦିଗାଲ, ଜିଲ୍ଲା ସାଂସ୍କୃତିକ ମଞ୍ଚ ସଭାପତି ଅକ୍ଷୟ କର୍ଣ୍ଣ, ଜାଗରଣ ମଞ୍ଚ ସଭାପତି ପରେଶ ପାତ୍ର, ସମାଜସେବୀ ପାତ୍ର ଦିଗାଲ, ସାଇରାମ ବେହେରା, ଅନନ୍ତ ନାୟକ, ପୂର୍ଣ୍ଣିମା ଦିଗାଲ, ଶ୍ରୀମତୀ ସୁନନ୍ଦା କହଁର ଓ ଜିତା ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସୁଧୀର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଭାନେତ୍ରୀ ବେବି କହଁର, ସମ୍ପାଦିକା ବିନୋଦିନୀ ଦିଗାଲ ଓ ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ କଳା ପ୍ରଦର୍ଶନ କରିଥିବା ପ୍ରତିଭାବାନ କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଉପସ୍ଥିତ ସମସ୍ତେ ପାରମ୍ପରିକ ରଜ ପିଠା, ପଣା ଓ ରଜ ପାନ ଖାଇବା ସହ ଦୋଳି ଓ ଧୂଳି ଖେଳି ଆନନ୍ଦ ଉଲ୍ଲାସର ସହ ଉତ୍ସବ ମନାଇଥିଲେ।

## ଜାରା ଶବର ସମାଜର ତୃତୀୟ ବାର୍ଷିକ ଛାତ୍ରଛାତ୍ରୀ ସମ୍ମିଳନୀ

**ରାୟଗଡ଼(ଗଜପତି), ୧୩/୬(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧୀନ କରଡ଼ାସିଂ ଗ୍ରାମରେ ଜାରାଶବର ସମାଜ ପାରଳା ଅଞ୍ଚଳ ସମିତି ଆନୁକୂଲ୍ୟରେ ଶନିବାର ତୃତୀୟବାର୍ଷିକ ଛାତ୍ରଛାତ୍ରୀ ସମ୍ମିଳନୀ ବେଶ୍ ଧୂମଧାମରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ନନ୍ଦ ରାଗସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିସି)ର ଅଧ୍ୟକ୍ଷ କାମଦେବ ବଡ଼ନାୟକ ଯୋଗ ଦେଇଥିଲେ।



ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ରାଧାକୃଷ୍ଣ ଜାନି ଏବଂ ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧକ୍ଷା ପଙ୍କଜିନି ଦଳାଇ, ଉପସଭାପତି ପଞ୍ଚୁମନ କୁମ୍ଭ, ଉପଦେଷ୍ଟା ତ୍ରିନାଥ କାର୍ଯୀ ଓ ସୀମାଦ୍ରୀ ଦଳାଇ ଉପସ୍ଥିତ ଥିଲେ। ଏଥିସହ ବଡ଼ଖେମୁଣ୍ଡି ଅଞ୍ଚଳର ସଭାପତି କାର୍ତ୍ତିକ ପାଇକ, ସମ୍ପାଦକ ନୀଳମାଧବ ନାୟକ, ସରକାରୀ କର୍ମଚାରୀ ସଂଘର ସଭାପତି ଦୁର୍ଯ୍ୟୋଧନ ଜାନି ଏବଂ ଜିଲ୍ଲା ପରିଷଦ ସଦସ୍ୟା ଗୌତମୀ ଜାନି ପ୍ରମୁଖ ମଞ୍ଚାସୀନ ରହି ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସିଟି ଏବଂ ଜିଏସଟି (ଉଞ୍ଚ ଓ ଏଫଞ୍ଚ) ବିଭାଗର ମାଲକାନଗିରି କମିଶନର ପ୍ରେମଚାନ୍ଦ ଜାନି ଏବଂ ଡେପୁଟି କମିସନର ବୃନ୍ଦାବନ ବଡ଼ରାଇତ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଇଥିଲେ। ସମ୍ମିଳନୀରେ ଅଞ୍ଚଳର ପ୍ରାୟ ୭୦ଟି ଗ୍ରାମର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ କୁଇଜ୍, ତର୍କ (ଡିବେଟ୍), ଚିତ୍ରାଙ୍କନ, ସଙ୍ଗୀତ ଏବଂ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହା ସହିତ ସମିତି ପକ୍ଷରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ମେଧାବୀ ଛାତ୍ରଛାତ୍ରୀ, ନୂତନ ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିବା ଆଞ୍ଚଳିକ ପ୍ରତିଭା ଏବଂ ସମାଜର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ବିଶେଷ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା କାର୍ଯ୍ୟକ୍ରମର ଶେଷ ଭାଗରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯାହା ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶିବ ଶଙ୍କର ଦଳାଇ, ସୁରେନ୍ଦ୍ର ଦଳାଇ, ସମ୍ପାଦକ ପ୍ରଫୁଲ୍ଲ ରାଉତ, ରଜନୀକାନ୍ତ ବସୁପତି ଏବଂ ନୃସିଂହ ନାୟକ ପ୍ରମୁଖ ସୂଚାରୁରୂପେ ପରିଚାଳନା କରିଥିଲେ। ଉତ୍ସବରେ ଜାରାଶବର କୂଳ ସଂସ୍କାର ସମିତିର ସମସ୍ତ କର୍ମକର୍ତ୍ତା, ସମାଜର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ଓ ବିପୁଳ ସଂଖ୍ୟାରେ ଯୁବଗୋଷ୍ଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

## ଶିକ୍ଷା ବିଭାଗର ଅବ୍ୟବସ୍ଥା ନା ଅବହେଳା

**ବାଲିଗୁଡ଼ା,୧୩।୬(ସମିସ):** ଆଉ କିଛି ଦିନ ପରେ ଖୋଲିବ ସ୍କୁଲ। କିନ୍ତୁ ଛାତ୍ର ଛାତ୍ରୀ ବସି ପାଠ ପଢିବା ପାଇଁ ନାହିଁ ଶ୍ରେଣୀ ଗୃହ। କାଳବୈଶାଖୀରେ ଉଡ଼ି ଯାଇଥିବା ବିଦ୍ୟାଳୟର ଛାତ କୁ ସଜାଡ଼ିବାକୁ କାହାରିପାଖରେ ସମୟ ନାହିଁ। ତେବେ ଏହା ଶିକ୍ଷା ବିଭାଗର ଅବ୍ୟବସ୍ଥା ନା ଅବହେଳା। ଏଭଳି ଆଶ୍ଚର୍ଯ୍ୟ ଜନକ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ରୁଡୁଙ୍ଗିଆ ପଞ୍ଚାୟତରର ବାଲିମୁଣ୍ଡି ପ୍ରାଥମିକ ବିଦ୍ୟାଳୟରେ। ସୂଚନା ଅନୁଯାୟୀ ଗତ କିଛିଦିନ ହେବ କାଳବୈଶାଖୀରେ ବାଲିମୁଣ୍ଡି ପ୍ରାଥମିକ ବିଦ୍ୟାଳୟର ଗୋଟିଏ ଶ୍ରେଣୀ ଗୃହର ଛାତ ସମ୍ପୂର୍ଣ୍ଣ ଉଡ଼ି ନଷ୍ଟ ହୋଇଯାଇଛି। ଘଟଣା ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ସ୍ଥାନୀୟ



ସରପଞ୍ଚ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାଲିଗୁଡ଼ାଙ୍କୁ ଜଣା କଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମରାମତି କାର୍ଯ୍ୟ ଆରମ୍ଭ ହୋଇନି। ବାଲିମୁଣ୍ଡି ପ୍ରାଥମିକ ବିଦ୍ୟାଳୟରେ ମାତ୍ର ଦୁଇଟି ଶ୍ରେଣୀଗୃହ। ସେଥିରୁ ପୁଣି ଗୋଟିଏ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କିଛିଦିନ ପରେ ଗ୍ରୀଷ୍ମ ଛୁଟି ସରି ଖୋଲିବ ବିଦ୍ୟାଳୟ, ହେଲେ ଶ୍ରେଣୀ ଗୃହ ଅଭାବରେ ଥିବା ବେଳେ ଆଉ ଗୋଟିଏ ଶ୍ରେଣୀ ଗୃହ ର ମରାମତି କାର୍ଯ୍ୟ ଆରମ୍ଭ ହୋଇନି। ତେବେ ଗୋଟିଏ ଶ୍ରେଣୀଗୃହରେ ପ୍ରଥମରୁ ପାଞ୍ଚମ ତା ସହ ଶିଶୁ ବାଟିକା କିଭଳି ବସି ପାଠ ପଢିବେ ତାହା ଶିକ୍ଷା ବିଭାଗ ହିଁ କହିପାରିବ। ଯଥାଶୀଘ୍ର ବିଦ୍ୟାଳୟ କାର୍ଯ୍ୟ ମରାମତି ହେଲେ ପିଲାମାନେ ଠିକ୍ ସେ ପଢ଼ି ପାରିବେ ବୋଲି କହିଛନ୍ତି ଅଞ୍ଚଳବାସୀ।

## କାଳ ବୈଶାଖୀ ପ୍ରଭାବ; ଗଛପଡ଼ି ରାସ୍ତା ଅବରୋଧ

**ପାରଳାଖେମୁଣ୍ଡି, ୧୩।୬(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ଶନିବାର ସନ୍ଧ୍ୟାରେ କାଳ ବୈଶାଖୀ ର ତାଣ୍ଡବ ଦେଖିବାକୁ ମିଳିଛି। ମାତ୍ର ୧୦ ମିନିଟର ପବନ ବର୍ଷାରେ ପୁରୁଣାପଟଣା ରୋଡରେ ରାସ୍ତାକଡରେ ଥିବା ଗଛ ଭାଙ୍ଗି ବିଦ୍ୟୁତ ତାର ଛିଡିଯିବା ସହ ସେହି ଅଞ୍ଚଳରେ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଛି। ମାତ୍ର ୧୦ ମିନିଟ ପାଇଁ ବର୍ଷା ହୋଇ ଖୁବ ଜୋରରେ ପବନ ହୋଇଥିଲା ତେବେ ରାସ୍ତା କଡରେ ଗଛ ଭାଙ୍ଗି ବିଦ୍ୟୁତ ତାର ଉପରେ ପଡିବା ପରେ ସେହି ଅଞ୍ଚଳର କମାଖି ନଗର, ଶ୍ରୀଧର ନଗର, କୃଷ୍ଣ ନଗର ଇତ୍ୟାଦି ଅଞ୍ଚଳରେ ବିଦ୍ୟୁତ ପ୍ରବାହ ବାଧା ପ୍ରାପ୍ତ ହୋଇଛି। ଫଳରେ ଘଟଣା ସ୍ଥଳରେ ପୋଲିସ ,ଅଗ୍ନିଶମ ବାହିନୀ ଓ ବିଦ୍ୟୁତ କର୍ମଚାରୀ ମିଳିତ ଭାବେ ରାସ୍ତାରୁ ଅବରୋଧ ହଟାଇବା ସହ ବିଦ୍ୟୁତ ତାର ମରାମତି ଏବଂ ଯାତାୟାତ ସ୍ୱଭାବିକ କରିବା ପାଇଁ ଜୋରସୋରରେ ଉଦ୍ୟମ ଜାରି ରଖିଛନ୍ତି ।ଗଛଟି ପଡିଯିବା ଫଳରେ ଆନ୍ଧ୍ରର ପୁରୁଣାପଟଣା ଏବଂ ପାରଳାଖେମୁଣ୍ଡି ମଝିରେ ଯାତାୟାତ ସମ୍ପୂର୍ଣ୍ଣ ଭାବେ ଅବରୋଧ



ହୋଇଥିଲା ଫଳରେ ଦୀର୍ଘ ସମୟ ଧରି ସହ ସହ ଗାଡି ଅଟକିରହିଥିଲା ପରବର୍ତ୍ତୀ ସମୟରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

## ଜି ଉଦୟଗିରି ବ୍ଲକ୍ କଂଗ୍ରେସର ସାଂଗଠନିକ ସମ୍ମିଳନୀ

**ଜି ଉଦୟଗିରି, ୧୩।୬ (ସମିସ):** ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସ୍ଥାନୀୟ ସମନ୍ୱିତ ସଭାଗୃହରେ ବ୍ଲକ ସଭାପତି ମନମୋହନ ପ୍ରଧାନଙ୍କ ଅଧକ୍ଷତାରେ ସାଙ୍ଗଠନିକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ନଗର କଂଗ୍ରେସ ସଭାପତି ଜାକି ନାୟକ, ବ୍ଲକ ସାଧାରଣ ସମ୍ପାଦକ ଗୋପାଳ ନାୟକ, ସମିତିସଭ୍ୟ ଉମେଶ ପ୍ରଧାନ, କେଶବ ପ୍ରଧାନ ବାକିରାମ ନାୟକ ମଞ୍ଚାସୀନ ଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ହେରଦ ଡିଗାଲ, ମୁନା ପଟ୍ଟନାୟକ, ମିଥୁନ ପ୍ରଧାନ, ବକ୍ସି ପ୍ରଧାନ, ରଞ୍ଜୁ ନାୟକ, ଅଭିଷେକ ନାୟକ, ପାଲେ ଖାନ, ସଞ୍ଜୀବ ପ୍ରଧାନ, ରୋହିତ ପ୍ରଧାନ ସମେତ ସମସ୍ତ ଗ୍ରାମ ପଞ୍ଚାୟତ ସଭାପତି ପ୍ରମୁଖ ଉପସ୍ଥିତ ରହି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳ ଅଧିକାରୁ ଅଧିକା ଆସନ ଦଖଲ କରିବ ସେନେଇ ରୋଡ ମ୍ୟାପ ପ୍ରସ୍ତୁତ କରାଯାଇ ଥିଲା।

## ସପ୍ତମ ଗଳ୍ପ ଗଞ୍ଜାମ ଉତ୍ସବ

**ବ୍ରହ୍ମପୁର,୧୩।୬(ସମିସ):** ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ, ବ୍ରହ୍ମପୁର ତରଫରୁ ବର୍ଷ ୨୦୨୬ ନିମନ୍ତେ "ସପ୍ତମ ଗଳ୍ପ ଗଞ୍ଜାମ ଉତ୍ସବ' ସ୍ଥାନୀୟ ଡାକ ବଙ୍ଗଳା ସଭାଗୃହରେ ଆୟୋଜିତ ହୋଇଯାଇଛି। ଉତ୍ସବରେ ବିଶିଷ୍ଟ ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଡ କବିତା ବାରିକ ମୁଖ୍ୟବକ୍ତା, ଡ ସ୍ମୃତି ପଟ୍ଟନାୟକ ନିମନ୍ତ୍ରିତ ବକ୍ତା, ଦାମୋଦର ପାତ୍ର ଓ ଦେବେନ୍ଦ୍ର କୁମାର ବାଉରୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ନିମନ୍ତ୍ରିତ ଅତିଥି ରୂପେ ବିଦେଶୀ ନାୟକ, ରବି ରଥ, ସୁଧାଂଶୁ ଶେଖର ସାହୁ, ହୃଷୀକେଶ ଗୌଡ, ପ୍ରତୀକ୍ଷା ଜେନା ଯୋଗ ଦେଇଥିଲେ। ଡ ରାଜେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱ ଏବଂ ଭାଗୀରଥି ବେହେରାଙ୍କ ସଂଯୋଜନାରେ ମୟୂରଭଞ୍ଜ ଜିଲ୍ଲାର ବିଶିଷ୍ଟ ଲେଖିକା ଡଃ କବିତା ବାରିକ 'କଥାକାର ସମ୍ମାନ ', ଭଦ୍ରକରୁ ଗାଳ୍ପିକ ମେଜର ମନୋରଂଜନ ମହାନ୍ତି ଓ କେନ୍ଦୁଝରରୁ ଗାଳ୍ପିକା ସନ୍ତୋଷିନୀ ଗିରି "ଯୁବ ଗାଳ୍ପିକ ସମ୍ମାନ", ଗଞ୍ଜାମର ଜିଲ୍ଲାର ଗାଳ୍ପିକା ସରୋଜିନୀ ' ଗଳ୍ପ ପୁସ୍ତକ ସମ୍ମାନ'ରେ ସମ୍ମାନିତ କରାଯାଇଛି। ସେହିଭଳି ଗଞ୍ଜାମ ଜିଲ୍ଲାରୁ ଗାଳ୍ପିକ ତ୍ରିନାଥ ବେହେରା, ଅନୁଗୁଳରୁ ଗାଳ୍ପିକା ଭୁବନେଶ୍ୱରୀ ମିଶ୍ର, କୋରାପୁଟରୁ ଡଃ ସବିତା ଶତପଥୀ, କେନ୍ଦ୍ରାପଡାରୁ ଗାଳ୍ପିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ, ଭୁବନେଶ୍ୱରରୁ ଗାଳ୍ପିକ ଦାମୋଦର ପାତ୍ର, ମାଲକାନଗିରିରୁ ଗାଳ୍ପିକ ପ୍ରଦୀପ ସରକାରଙ୍କୁ "ଗଳ୍ପ ପ୍ରତିଭା ସମ୍ମାନ' ପ୍ରଦାନ କରାଗଲା। ଅତିଥି ମାନଙ୍କର କର କମଳରେ ଭଲ ଗଞ୍ଜାମ ୨୦୨୬ ସଂକଳନ ସହ ଭାଗୀରଥି ବେହେରାଙ୍କ ଗଳ୍ପ ସଂକଳନ' ଶୂନ୍ୟଗର୍ଭା' , ଡ ରାଜେନ୍ଦ୍ର କୁମାର ବେହେରାଙ୍କ ହିନ୍ଦୀ ଉପନ୍ୟାସ 'ଏକ ନଦୀ ଭିତର ଭି ', ଓ ଜ୍ୟୋତ୍ସ୍ନା ରାଣୀ ଦେବୀଙ୍କ କବିତା ସଂକଳନ 'ଜୀବନ ସଙ୍ଗୀତ' ଉନ୍ମୋଚନ ହେଲା।



## ସବ୍‌ଷ୍ଟେସନ ନିର୍ମାଣ ସରିଛି; ତଥାପି ମିଳୁନି ସୁଫଳ

**ପାରଳାଖେମୁଣ୍ଡି, ୧୩।୬ (ସମିସ) :** ଜିଲ୍ଲାରେ ବିଦ୍ୟୁତ ଗ୍ରାହକ ସଂଖ୍ୟା ଦ୍ରୁତ ହାରରେ ବୃଦ୍ଧି ପାଉଥିବା ବେଳେ ବର୍ତ୍ତମାନର ସବ୍‌ଷ୍ଟେସନଗୁଡ଼ିକ ଉପରେ ଅତ୍ୟଧିକ ଚାପ ପଡୁଛି। ଗୋଟିଏ ଗୋଟିଏ ସବ୍‌ଷ୍ଟେସନରୁ ୬ରୁ ୭ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ ସଂଯୋଗ ଯୋଗାଇ ଦିଆଯାଉଥିବାରୁ ଲୋ-ଭୋଲ୍‌ଟେଜ, ଘନଘନ ବିଦ୍ୟୁତ କାଟ ଏବଂ ଅନିୟମିତ ସରବରାହ ସାଧାରଣ ଘଟଣା ପାଲଟିଛି। ବିଶେଷକରି ଗ୍ରୀଷ୍ମ ଋତୁରେ ଏହି ସମସ୍ୟା ଅଧିକ ଉତ୍କଟ ରୂପ ଧାରଣ କରୁଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ନୂତନ ବିଦ୍ୟୁତ ସବ୍‌ଷ୍ଟେସନ ନିର୍ମାଣ ଯୋଜନା ଗ୍ରହଣ କରାଯାଇଥିଲା। ଗତ କିଛି ବର୍ଷ ମଧ୍ୟରେ ଅନେକ ସ୍ଥାନରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇନାହିଁ। ଫଳରେ ସାଧାରଣ ଲୋକେ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଥିବା ବେଳେ ସରକାରଙ୍କ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ପ୍ରକଳ୍ପଗୁଡ଼ିକ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି । ଏହାକୁ ନେଇ ସ୍ଥାନୀୟ ବିଧାୟକ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ସମ୍ପୃକ୍ତ ପ୍ରକଳ୍ପ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିବା ସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଶୀଘ୍ର ସବ୍‌ଷ୍ଟେସନଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କହିଛନ୍ତି ଯେ, ପ୍ରକଳ୍ପକୁ ସମ୍ପୂର୍ଣ୍ଣ ଚାଲୁ କରିବା ପାଇଁ ଆବଶ୍ୟକ ଅତିରିକ୍ତ ଅନୁଦାନ ମଞ୍ଜୁରି ପାଇଁ ପ୍ରସ୍ତାବ ପଠାଯାଇଛି। ଅନୁଦାନ ମିଳିବା ମାତ୍ରେ ଯୁଦ୍ଧକାଳୀନ ଭିତ୍ତିରେ କାମ ସରି ନୂତନ ସବ୍‌ଷ୍ଟେସନଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସ୍ଥାନୀୟ ଲୋକେ ମଧ୍ୟ ଶୀଘ୍ର ପ୍ରକଳ୍ପଗୁଡ଼ିକ ଚାଲୁ କରାଯାଇ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ କରାଯିବାକୁ ଦାବି କରିଛନ୍ତି।

କ୍ଷୋଭ ପ୍ରକାଶ କଲେ ବିଧାୟକ



# ଆଇଏନ୍ଏସ୍ ଚିଲିକାରେ ୩୦୧୧ ଅଗ୍ନିବୀରଙ୍କ ପାସିଙ୍ଗ୍ ଆଉଟ୍ ପରେଡ୍



ବାଲୁଗାଁ,୧୩।୬(ସମିସ): ଭାରତୀୟ ନୌସେନା ତାଲିମ କେନ୍ଦ୍ର ଚିଲିକା ଶାଖାରେ ଦୀର୍ଘ ୧୬ ସପ୍ତାହ ଧରି କଠିନ ପରିଶ୍ରମ ସହ ପ୍ରାରମ୍ଭିକ ପ୍ରଶିକ୍ଷଣର ସଫଳ ସମାପ୍ତି ପରେ ଶୁକ୍ରବାରଅପରାହ୍ନରେ ପ୍ୟାରେଡ ଗ୍ରାଉଣ୍ଡରେ ୮ମ ବ୍ୟାଚ ତଥା ୨୦୨୬ ମସିହା ସଂସ୍କରଣର ପ୍ରଥମ ବ୍ୟାଚ ଅଗ୍ନିବୀରଙ୍କ ପାସିଙ୍ଗ ଆଉଟ ପରେଡ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ନୌସେନାର ୧୧୬ ଜଣ ମହିଳା ଅଗ୍ନିବୀରଙ୍କ ସମେତ ୨୧୯୨ ଜଣ ଏସ୍ଏସଆର ଅଗ୍ନିବୀର ଓ ୫୫୪ଜଣ ଏମ୍ଆର ଅଗ୍ନିବୀର ଏବଂ ୨୬୫ଜଣ ତଟରକ୍ଷୀ ନାବିକ ଆଦି ସମୁଦାୟ ୩୦୧୧ ଅଗ୍ନିବୀର ପ୍ରଶିକ୍ଷଣରେ ଉତ୍ତୀର୍ଣ୍ଣ ଲାଭ କରି ଦେଶ ପ୍ରତିରକ୍ଷା କ୍ଷେତ୍ରରେ ନିୟୋଜିତ ହୋଇଛନ୍ତି। ଆୟୋଜିତ ପାସିଙ୍ଗ ଆଉଟ ପରେଡ ସମାରୋହରେ ମୁଖ୍ୟ ଅତିଥି ଭାବେ ପିଭିଏସଏମ, ଏଭିଏସଏମ, ଏନଏମ, ଫ୍ଲାଗ ଅଫିସର୍ କମାଣ୍ଡିଂ ଇନ ଚିଫ୍ ତଥା ପଶ୍ଚିମ ନୌସେନା କମାଣ୍ଡର ମୁଖ୍ୟ ଭାଇସ୍ ଆଡମିରାଲ୍ ସଞ୍ଜୟ ଭାଟସାୟନ୍ ଯୋଗ ଦେଇ ପରେଡ ନିରୀକ୍ଷଣ କରିବା ସହ ଅଗ୍ନିବୀରଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାଇସ୍ ଆଡମିରାଲ୍ ଅଗ୍ନିବୀରଙ୍କୁ ସେମାନଙ୍କ କଠିନ ପ୍ରଶିକ୍ଷଣର କର୍ତ୍ତବ୍ୟବୋଧତାକୁ ଉତ୍ସାହିତ କରିବା ସହ ଜଣେ ଲେଖାଏଁ ବଳିଷ୍ଠ ସାମୁଦ୍ରିକ ଯୋଦ୍ଧା ଭାବେ ଦେଶ ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମସ୍ତ ତାଲିମପ୍ରାପ୍ତ ଅଗ୍ନିବୀର ପ୍ୟାରେଡ଼ ଗ୍ରାଉଣ୍ଡରେ ଚିତ୍ତାକର୍ଷକ ପରେଡ ପ୍ରଦର୍ଶନ କରିଥିଲେ। ଉକ୍ତ ସମାରୋହରେ ବହୁ ନୌସେନା ଅଧିକାରୀ ଓ ବିଶିଷ୍ଟ କ୍ରୀଡା ବ୍ୟକ୍ତିତ୍ୱଙ୍କ ସମେତ ଉଚ୍ଚ କୋଟୀର ଭେଟେରାନ ଓ ଅଗ୍ନିବୀରଙ୍କ ଅଭିଭାବକ ମାନେ ସାମିଲ ହୋଇଥିଲେ। ଏହି ଅବସରରେ ଶ୍ରେଷ୍ଠ ମହିଳା ଅଗ୍ନିବୀର ପ୍ରଶିକ୍ଷାର୍ଥୀ ପ୍ରାପ୍ତି ରମେଶ ଚହ୍ୱାନଙ୍କୁ ଜେନେରାଲ ବିପିନ ରାୱତ ରୋଲିଂ ଟ୍ରଫି ସହ ସମ୍ମାନିତ କରାଯାଇଥିବା ବେଳେ ଶ୍ରେଷ୍ଠ ଅଗ୍ନିବୀର ଏସଏସଆର କୋରନାନା ଧନଲକ୍ଷ୍ମୀ, ଶ୍ରେଷ୍ଠ ଅଗ୍ନିବୀର ଏମଆର ରୁଦ୍ଧିକେଶ ମାରୁତି ପାୱାର, ଶ୍ରେଷ୍ଠ ନାବିକ ଜିଡି ଦେବାଶିଷ ପ୍ରମୁଖ ଶ୍ରେଷ୍ଠ ବିବେଚିତ ଅଗ୍ନିବୀରଙ୍କୁ ରୋଲିଂ ଟ୍ରଫି ସହ ସ୍ୱର୍ଣ୍ଣ ପଦକ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ବେଳେ ନିଜ ନିଜ ପାଠ୍ୟକ୍ରମରେ ଶ୍ରେଷ୍ଠ ପ୍ରଶିକ୍ଷକଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପ୍ରଶିକ୍ଷଣ ବେଳେ ସାମଗ୍ରୀକ ଭାବେ ଶ୍ରେଷ୍ଠ ଡିଭିଜନକୁ ଚମ୍ପିୟାନସିପ ଟ୍ରଫି ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଡିଭିଜନକୁ ରନର୍ସ ଅପ ଭାବେ ପୁରସ୍କୃତ କରା ଯାଇଥିଲା। ଏହି ଅବସରରେ ଆଇଏନଏସ ଚିଲିକାର ଦ୍ୱିଭାଷୀ ପତ୍ରିକା' ଅଙ୍କୁର-୨୦୨୬ ସଂସ୍କରଣକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ଆଇଏନଏସ ଚିଲିକାର ମୁଖ୍ୟ କମୋଡ଼ର ବି.ଦୀପକ ଅନିଲଙ୍କ ପରିଚାଳନା ଓ ତତ୍ତ୍ୱାବଧାନ ରେ ନୌସେନା ତାଲିମ କେନ୍ଦ୍ର ଚିଲିକାର ଅଫିସର ମାନେ ଉପସ୍ଥିତ ରହି ପାସିଙ୍ଗ ଆଉଟ ପରେଡ ସମାରୋହକୁ ସୁପରିଚାଳନା କରିବାରେ ସହାୟତା କରିଥିଲେ। ସୁଚନା ଥାଉ କି, ଆଇଏନଏସ ଚିଲିକାରେ ଅଗ୍ନିବୀର ପ୍ରଶିକ୍ଷଣ ପ୍ରାରମ୍ଭରୁ ଏଯାବତ ସମୁଦାୟ ୧୯ ହଜାର ୬୯୯ ଜଣ ଅଗ୍ନିବୀର ପ୍ରଶିକ୍ଷଣ ଶେଷ କରି ନୌସେନାରେ ଯୋଗଦେଇ ନିଜର ଦାୟିତ୍ୱ ଭାର ସୁଚାରୁରୂପେ ତୁଲାଇ ଆସୁଛନ୍ତି।

# ସାରସ୍ୱତ ସାଧକ ଡ. ଆର୍ତ୍ତତ୍ରାଣ ସାହୁ ସମ୍ବର୍ଦ୍ଧିତ



ନିରାକାରପୁର,୧୩।୬(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ବରିଷ୍ଠ ନାଗରିକ ମଞ୍ଚ, କଣାସ, ପୁରୀଙ୍କ ମିଳିତ ଆନୁକୂଲ୍ୟରେ ଏକ ଭବ୍ୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଆୟୋଜିତ ଏହି ସାରସ୍ୱତ ଉତ୍ସବରେ ବିଭିନ୍ନ କ୍ଷେତ୍ରର ପ୍ରତିଭା ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ। ଏହି ବିଶେଷ ଅବସରରେ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳର ଆଧ୍ୟାତ୍ମବାଦୀ, ବିଶିଷ୍ଟ ସାରସ୍ୱତ ସାଧକ ତଥା ଲଳିତକବି ଡକ୍ଟର ଆର୍ତ୍ତତ୍ରାଣ ସାହୁଙ୍କୁ ସାହିତ୍ୟ ଏବଂ ସମାଜସେବା କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ "ସଶ୍ରଦ୍ଧ ସମ୍ବର୍ଦ୍ଧନା' ଜ୍ଞାପନ କରାଯାଇଛି। ଅତିଥିମାନଙ୍କ ଦ୍ୱାରା ତାଙ୍କୁ ଆନୁଷ୍ଠାନିକ ଭାବେ ଉପାୟନ ଓ ସ୍ମାରକୀ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଣାସ ଓ ନିରାକାରପୁର ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାହିତ୍ୟିକ, ଗବେଷକ ଓ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ ଉପସ୍ଥିତ ରହି ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ତଥା ପ୍ରସାର ସମ୍ପର୍କରେ ଆଲୋଚନା କରିଥିଲେ। ଡ. ସାହୁଙ୍କ ଏହି ସମ୍ବର୍ଦ୍ଧନା ପାଇଁ ନିରାକାରପୁର ଓ କଣାସ ଅଞ୍ଚଳର ସାହିତ୍ୟ ପ୍ରେମୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

# ଚିଲିକାରେ ୧୭୫ଟି ଡଲଫିନ୍

## ଗଣନାର ୫ ମାସ ପରେ ଆସିଲା ରିପୋର୍ଟ

ବାଲୁଗାଁ,୧୩।୬(ସମିସ)

ଚିଲିକା ବନ୍ୟପ୍ରାଣୀ ଡିଭିଜନ, ବାଲୁଗାଁ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ପ୍ରତି ବର୍ଷ ଚିଲିକା ହ୍ରଦରେ କେତେ ସଂଖ୍ୟକ ଇରାୱାଡ଼ି ଡଲଫିନ ଅଛନ୍ତି ତାହାର ଗଣନା କରାଯାଉ ଥିବା ବେଳେ ଚଳିତ ବର୍ଷ ଗତ ଜାନୁଆରୀ ୨୨ତାରିଖ ଠାରୁ ଗଣନା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଗଣନାରେ ମୋଟ ୧୮ ଗୋଟି ଦଳ ନିୟୋଜିତ ହୋଇ ୨୩ ଓ ୨୪ ତାରିଖ ପର୍ଯ୍ୟନ୍ତ ୩

## ୧୫୯ଟି ଇରାୱାଡ଼ି ଓ ୧୬ଟି ହମ୍ପବ୍ୟାକ୍ ଡଲଫିନ୍

ଦିନ ଧରି ଡ଼ଲଫିନ ଗଣନା ଚାଲିଥିଲା। ବିଶେଷ କରି ଡଲଫିନ ମାତ୍ରାଧିକ ଦୃଷ୍ଟି ଗୋଚର ହେଉଥିବା ଅଞ୍ଚଳ ସାତପଡ଼ା ଠାରେ ୮ ଗୋଟି ଟିମ୍ ଓ ବାହାର ଚିଲିକା ଅଞ୍ଚଳରେ ୧୦ ଗୋଟି ଟିମ୍‌ରେ ମୋଟ ଏକ ଶହରୁ ଉର୍ଦ୍ଧ୍ୱ ଜଣ ଗଣନାକାରୀ ଏହି ଗଣନା କାର୍ଯ୍ୟରେ ସାମିଲ୍ ହୋଇ ଲାଇନ୍ ଟ୍ରାନଜାକ୍ଟ ପଦ୍ଧତ୍ତରେ ଡଲଫିନ୍ ଗଣନା କରିଥିଲେ। ସେମାନଙ୍କୁ ଜିପିଏସ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ସମେତ ଗୋଟେ ଲେଖାଏଁ ଯନ୍ତ୍ରଚାଳିତ ଡଙ୍ଗା ଯୋଗାଇ ଦିଆଯାଇଥିଲା। ଭୋର ୬ ଘଟିକା ଠାରୁ ପୂର୍ବାହ୍ନ୧୨ ଟା ମଧ୍ୟରେ ଡଲଫିନ ଗଣନା କାର୍ଯ୍ୟ ଚାଲୁଥିବା ବେଳେ



ଗଣନା ସମୟରେ ଯାତ୍ରୀବାହୀ ଓ ମାଛ ଧରା ଡଙ୍ଗାକୁ ଚିଲିକାରେ ଚଳା ଚଳ ପାଇଁ ବିଭାଗ ପକ୍ଷରୁ ବାରଣ କରାଯାଇଥିଲା। ଗଣନାକାରୀମାନେ ଡଲଫିନ ଗଣନାର ବିବରଣୀ ଚିଲିକା ବନ୍ୟପ୍ରାଣୀ ବିଭାଗକୁ ପ୍ରଦାନ କରିଥିଲେ। ତେବେ ପୂର୍ବରୁ ବିଗତ ବର୍ଷରେ ଡଲଫିନ ଗଣନା ରିପୋର୍ଟ ଚିଲିକା ବନ୍ୟପ୍ରାଣୀ ବିଭାଗ ପ୍ରକାଶ କରୁଥିବା ବେଳେ ବର୍ତ୍ତମାନ କିଛି ବର୍ଷ ହେବ ରିପୋର୍ଟ ପ୍ରକାଶ କରାଯାଉ ନଥିବା ବେଳେ ଏସମ୍ପର୍କରେ ପଚାରିଲେ ବିଭାଗୀୟ ଭୁବନେଶ୍ୱର କାର୍ଯ୍ୟାଳୟରେ ରିପୋର୍ଟ ପ୍ରକାଶ ପାଇବ ବୋଲି ଉତ୍ତର ମିଳୁଛି। ଏପରିସ୍ଥଳେ ଚଳିତ ବର୍ଷ ଜାନୁଆରୀ ମାସରେ ଗଣନା କରାଯାଇଥିବା ବେଳେ ଏଯାବତ ରିପୋର୍ଟ ନମିଳିବାରେ ପଚାରିବାରେ ୫ମାସ ପରେ ବର୍ତ୍ତମାନ ବିଭାଗୀୟ ଟିପୋର୍ଟରୁ ଜଣାଯାଇଛି। ତେବେ ଗଣନା ରିପୋର୍ଟ ଅନୁଯାଇ ଗତ ବର୍ଷ ୨୦୨୫ ମସିହାରେ ଇରାୱାଡ଼ି ଡଲଫିନ ସଂଖ୍ୟା ୧୫୯ଗୋଟି ଥିବା ବେଳେ ଚଳିତ ବର୍ଷ ୨୦୨୬ ମସିହାରେ ଚିଲିକା ହ୍ରଦରେ ଇରାୱାଡ଼ି ଡଲଫିନ ସଂଖ୍ୟା ୧୫୯ ଗୋଟି ତଥା ଗତ ବର୍ଷ ଭଳି ସମାନ ରହିଛି। ହେଲେ ଚିଲିକାରେ ହମ୍ପବ୍ୟାକ୍ ଡଲଫିନ ସଂଖ୍ୟା ଗତ ୨୦୨୫ ମସିହାରେ ୧୫ ଗୋଟି ଥିବା ସ୍ଥଳେ ଚଳିତ ବର୍ଷ ୨୦୨୬ ମସିହାରେ ସେଥିରେ ଗୋଟିଏ ବୃଦ୍ଧି ପାଇ ସଂଖ୍ୟା ୧୬ରେ ପହଞ୍ଚି, ଚିଲିକାରେ ସମୁଦାୟ ଡଲଫିନ ସଂଖ୍ୟା ୧୭୫ ଗୋଟି ଡଲଫିନ ଥିବା ବିଭାଗୀୟ ଗଣନାରୁ ଜଣାଯାଇଛି।

ଗଣନା ରିପୋର୍ଟ ଅନୁଯାଇ ଚିଲିକାରେ ୨୦୧୫ ମସିହାରେ ଚିଲିକାରେ ୧୪୪ ଗୋଟି ଇରାୱାଡ଼ି ଡଲଫିନ ଥିବା ବେଳେ ୨୦୧୬ରେ ୧୩୪କୁ ହ୍ରାସ ପାଇଥିଲା। ୨୦୧୭ ମସିହାରେ ମଧ୍ୟ ୧୨୧କୁ ହ୍ରାସ ପାଇ ଥିବା ବେଳେ ୨୦୧୮ ରେ କ୍ରମାଗତ ଭାବେ ଏହା ୧୧୮କୁ ହ୍ରାସ ପାଇ ଥିବା ବେଳେ ୨୦୧୯ ମସିହାରେ ବୃଦ୍ଧି ଘଟି ଡଲଫିନ ସଂଖ୍ୟା୧୪୫ ରେ ପହଞ୍ଚି ଥିଲା। ୨୦୨୦ମସିହାରେ ପୁଣି ବୃଦ୍ଧ ପାଇ୧୫୪ରେ ପହଞ୍ଚିଥିବା ବେଳେ ୨୦୨୧ରେ ୧୫୮ରେ ପହଞ୍ଚି ଥିଲା। ହେଲେ ଚିଲିକାରେ ଗତ ୩ବର୍ଷ ହେବ ଡଲଫିନ ସଂଖ୍ୟା ହ୍ରାସ ପାଇ ଥିବା ବେଳେ୨୦୨୨ମସିହା ଠାରୁ ହ୍ରାସ ପାଇ ୨୦୨୩ ମସିହାରେ ଇରାୱାଡ଼ି ଡଲଫିନ ସଂଖ୍ୟା ୧୫୪ରେ ସିମିତ ଥିବା ବେଳେ ବଟଲ ନୋଜ ଡଲଫିନ ୧୯ଗୋଟି ଥିଲା। ୨୦୨୪ମସିହାରେ ଇରାୱାଡ଼ି ଡଲଫିନ ଗୋଟିଏ ବୃଦ୍ଧି ପାଇ ସଂଖ୍ୟା ୧୫୫ ଥିବା ବେଳେ ବଟଲ ନୋଜ ଡଲଫିନ ଦୃଶ୍ୟମାନ ହୋଇ ନଥିବା ସ୍ଥଳେ ୪୭ ଗୋଟି ହମ୍ପବ୍ୟାକ ଡଲଫିନ ଦେଖାଯାଇଥିଲା। ସେହିପରି ୨୦୨୫ମସିହାରେ ଇରାୱାଡ଼ି ଡଲଫିନ ବୃଦ୍ଧି ପାଇ ସଂଖ୍ୟା ୧୫୯ ରେ ପହଞ୍ଚି ଥିବା ବେଳେ ୧୫ ଗୋଟି ହମ୍ପବ୍ୟାକ ଡଲଫିନ ଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି।

# ରଜ ସଂକ୍ରାନ୍ତିରେ ହେବ ନାଟକ ମଞ୍ଚସ୍ଥ

ନିରାକାରପୁର,୧୩।୬(ସମିସ): ପବିତ୍ର ରଜ ଉତ୍ସବ ଅବସରରେ ଆସନ୍ତା ରଜ ସଂକ୍ରାନ୍ତି ଦିନ ସ୍ଥାନୀୟ ଛଣଗିରି ରଜ ପଡ଼ିଆଠାରେ ମହାବୀର ଯୁବ ନାଟ୍ୟ କଳା ପରିଷଦ ପକ୍ଷରୁ ଏକ ଭବ୍ୟ ନାଟକ ପରିବେଷଣ କରାଯିବାକୁ ଯାଉଛି। ଚଳିତ ବର୍ଷ ପରିଷଦ ଆନୁକୂଲ୍ୟରେ ସାମାଜିକ ନାଟକ 'ଅସତୀ ତୁଳସୀ ସତୀ ଚଉରା' ମଞ୍ଚସ୍ଥ ହେବ ବୋଲି ସୂଚନା ମିଳିଛି। ଏହି ନାଟକଟି ରଜ ସଂକ୍ରାନ୍ତି ସନ୍ଧ୍ୟା ୯ଟା ସମୟରୁ ପ୍ରଦର୍ଶିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅନୁଷ୍ଠାନର ଉପଦେଷ୍ଟା ସୁଶାନ୍ତ ପରିଡ଼ା, ପରିଚାଳକ ସତ୍ୟଜିତ ଦାଶ, ନବକିଶୋର ପ୍ରଧାନ, ମାନସ ଦାସ, ମନୋରଞ୍ଜନ ସାମନ୍ତରାୟ, ଦୁର୍ଗାପ୍ରସାଦ ସୁନ୍ଦରାୟ ଓ ବୁବୁ ସ୍ୱାଇଁ ପ୍ରମୁଖ ସକ୍ରିୟ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଅଞ୍ଚଳର ସମସ୍ତ କଳାପ୍ରେମୀ ତଥା ଦର୍ଶକବୃନ୍ଦ ଉକ୍ତ ଦିନ ସନ୍ଧ୍ୟାରେ ଉପସ୍ଥିତ ରହି ନାଟକଟିକୁ ଉପଭୋଗ କରିବା ପାଇଁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅନୁରୋଧ କରିଛନ୍ତି।

# ଯୁବକଙ୍କ ମୃତଦେହ ଜବତ

ଟାଙ୍ଗୀ, ୧୩।୬(ସମିସ): ଟାଙ୍ଗୀ ଥାନା କୁହୁଡି ଫାଣ୍ଡି ଅଧୀନସ୍ଥ ୧୬ ନମ୍ବର ଜାତୀୟ ରାଜପଥ ଫାଲକନ କମ୍ପାନୀ ନିକଟରେ ରାସ୍ତା କଡ଼ରେ ପଡିଥିବା ଜଣେ ଅଜଣା ଯୁବକଙ୍କ ମୃତଦେହ ଟାଙ୍ଗୀ ପୁଲିସ ଜବତ କରି ଘଟଣାର ଅନୁସନ୍ଧାନ କରୁଥିବା ଟାଙ୍ଗୀ ଥାନା ଆଇଆଇସି ରବୀନ୍ଦ୍ର କୁମାର ଭୂଜବଳ ସୂଚନା ପ୍ରଦାନ କରିଛନ୍ତି। ମୃତ୍ୟୁର କାରଣ ଜଣାପଡିନଥିବା ବେଳେ ୨୪ ଘଣ୍ଟା ମଧ୍ୟରେ ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଟାଙ୍ଗୀ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ୭୨ ଘଣ୍ଟା ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଆଇଆଇସି ଶ୍ରୀ ଭୂଜବଳ ସୂଚନା ପ୍ରଦାନ କରିଛନ୍ତି। ମୃତ ଯୁବକଙ୍କ ବୟସ୨୨ରୁ୨୫ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ରିପୋର୍ଟ ଲେଖା ହେବା ବେଳକୁ ଯୁବକଙ୍କ ଠିକଣା ମିଳିପାରିନାହିଁ।

# କଳାପଥର ଧଳାପଥର ଆଞ୍ଚଳିକ ରଜ ମହୋତ୍ସବ | ମନ ମୋହିଲା ସମ୍ବଲପୁରୀ ନୃତ୍ୟ



ବେଗୁନିଆ,୧୩।୬(ସମିସ): ବୋଲଗଡ ବ୍ଲକ ଅନ୍ତର୍ଗତ ଧଳାପଥର- କଳାପଥର ଉଚ୍ଚ ବିଦ୍ୟାଳୟର ଖେଳ ପଡିଆରେ ଓଡ଼ିଶୀ ଚିତ୍ରକଳା ଫାଉଣ୍ଡେସନ ପକ୍ଷରୁ ତୃତୀୟ ବାର୍ଷିକ ଆଞ୍ଚଳିକ ରଜ ମହୋତ୍ସବ କମିଟି ସହଯୋଗରେ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ ମନ ମୋହି ପାରିଥିଲା। ଏଥିରେ ମହୋତ୍ସବ କମିଟିର ସଭାପତି ନରେଶ କୁମାର ସାହୁଙ୍କ ଅଧ୍ୟକ୍ଷତା ଓ ମାମିନା ଦଳେଇଙ୍କ ସଂଯୋଜନାରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି, ଜଗନ୍ନାଥ ସଂସ୍କୃତି ପ୍ରବଚକ ଡ. ଗଣେଶ୍ୱର ସ୍ୱାଇଁ ମୁଖ୍ୟବକ୍ତା, ଜିଲ୍ଲା ପରିଷଦ ସଦସ୍ୟା ରଶ୍ମିତା ସାହୁ, ସମାଜସେବୀ ଅନନ୍ତ ଚରଣ ଦାସ, ରତ୍ନାକର ମହାପାତ୍ର, କଳାପଥର ସରପଞ୍ଚ କମଳା ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ପୁରାତନ ପରମ୍ପରାକୁ ଉଜ୍ଜୀବିତ କରିଥାଏ ବୋଲି ମତ ପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷାବିତ ରାଜକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ବାବା ଧବଳେଶ୍ୱରଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ସହ ଆଜ୍ଞାମାଳ ବାହାରି ମହୋତ୍ସବ ସ୍ଥଳରେ ସ୍ଥାପନ ହୋଇଥିଲା। ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ନରେଶ କୁମର ସାହୁଙ୍କ ଅଧ୍ୟକ୍ଷତାରେ ରଜ ମହୋତ୍ସବ କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ଉଦଘାଟନ କରିଥିଲେ। ପରେ ଓଡ଼ିଶା କଳା ସଂସ୍କୃତି ବିଭାଗ ପକ୍ଷରୁ କଳାକାର ମାନଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା।

# ଚମ୍ପାଇଲୋ ସିପିଏଲ୍-୬ | ଗୁରୁକୃପାକୁ ହରାଇ ପାୱାର ହିଟର୍ ବିଜୟୀ



ବୋଲଗଡ଼,୧୩।୬(ସମିସ): ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମରେ ଚାଲିଥିବା ଷଷ୍ଠ ସଂସ୍କରଣ "ଚମ୍ପାଇଲୋ ପ୍ରିମିୟର ଲିଗ୍-୬' (ସିପିଏଲ)ର ୯ମ ମ୍ୟାଚର ପାୱାର ହିଟର ଦଳ ଏକ ଚିତ୍ତାକର୍ଷକ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ଟି ପାୱାର ହିଟର ଏବଂ ଗୁରୁକୃପା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ହାଇ-ସ୍କୋରିଂ ମ୍ୟାଚର ପାୱାର ହିଟର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୩ ଉଇକେଟ୍ ହରାଇ ୧୭୮ ରନର ଏକ ବିଶାଳ ସ୍କୋର ଛିଡ଼ା କରିଥିଲା। ୧୭୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଗୁରୁକୃପା ଦଳ ୮ ଉଇକେଟ୍ ବିନିମୟରେ ମାତ୍ର ୧୩୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ ପାୱାର ହିଟର ଦଳ ଏହି ମ୍ୟାଚ୍କୁ ସହଜରେ ଜିତି ନେଇଥିଲା। ପାୱାର ହିଟର ଦଳର ଷ୍ଟାର୍ ବ୍ୟାଟ୍ସମ୍ୟାନ୍ ସମ୍ବିତ କୁମାର ଜେନା ମାତ୍ର ୩୮ଟି ବଲରୁ ୧୧୮ ରନର ଏକ ବିସ୍ଫୋରକ ଓ ଶତକୀୟ ପାଳି ଖେଳି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଅସାଧାରଣ ପ୍ରଦର୍ଶନ ପାଇଁ ତାଙ୍କୁ "ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଭାବେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଛି। ଏହି ଖେଳକୁ ଅମ୍ପାୟାର ଭାବେ ଅନିଲ କୁମାର ମଙ୍ଗରାଜ ଏବଂ ରାକେଶ ଚମ୍ପତିରାୟ ପରିଚାଳନା କରିଥିଲେ। ମ୍ୟାଚର ଅବସରପ୍ରାପ୍ତ ପୁଲିସ୍ କର୍ମଚାରୀ ପ୍ରସନ୍ନ ଚମ୍ପତିରାୟ ଏବଂ ସମାଜସେବୀ ରତିକାନ୍ତ ରାଉତରାୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ।

# ମୂକ ପଶୁପକ୍ଷୀଙ୍କ ପାଇଁ ସାହାଭରସା 'ହାପି'

ନିରାକାରପୁର,୧୩।୬(ସମିସ)

ଭଗବାନଙ୍କ ସୃଷ୍ଟିରେ ମଣିଷ ନିଜ ସୁଖ-ଦୁଃଖ ପ୍ରକାଶ କରିପାରେ। ହେଲେ ମୂକ ପଶୁପକ୍ଷୀମାନେ କଷ୍ଟ ପାଇଲେ ବି କାହାକୁ କିଛି କହିପାରନ୍ତି ନାହିଁ। ବିଶେଷ କରି ରାସ୍ତାଘାଟରେ ଦୁର୍ଘଟଣାର ଶିକାର ହୋଇ ରକ୍ତାକ୍ତ ଅବସ୍ଥାରେ ପଡ଼ିରହୁଥିବା ଗାଈଗୋରୁ ବା ଅନ୍ୟାନ୍ୟ ପଶୁପକ୍ଷୀଙ୍କ ଯନ୍ତ୍ରଣା ଦେଖିବାକୁ କାହା ପାଖରେ ସମୟ ନଥାଏ। କିନ୍ତୁ

## ଦୁର୍ଘଟଣା ଖବର ପାଇଲେ ଧାଇଁ ଯାଆନ୍ତି ସ୍ୱେଚ୍ଛାସେବୀ

ଏଭଳି ସ୍ଥିତିରେ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ଜଣେ ଯୁବକ ସାଜିଛନ୍ତି ଏହି ଅସହାୟ ଜୀବମାନଙ୍କର ତ୍ରାଣକର୍ତ୍ତା। ସେ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ପଶୁପ୍ରେମୀ ଯୁବକ ସୌମ୍ୟରଞ୍ଜନ ବଳିୟାରସିଂହ, ଯାହାଙ୍କୁ ସମସ୍ତେ "ହାପି' ବୋଲି ଜାଣନ୍ତି। ୨୦୨୨ ମସିହା ଡିସେମ୍ବର ୬ ତାରିଖରୁ ହାପି ନିଜ ଜୀବନର ଏକ ବଡ଼ ବ୍ରତ ଭାବେ ଗୋ-ସେବା ତଥା ପଶୁପକ୍ଷୀଙ୍କ ସେବା ଆରମ୍ଭ କରିଥିଲେ। ଅଞ୍ଚଳରେ କେଉଁଠି ବି କୌଣସି ପଶୁପକ୍ଷୀ କ୍ଷତାକ୍ତ ବା ଆହତ ହୋଇ ପଡ଼ିଥିବା



ଖବର ମିଳିଲେ, ସବୁଠୁ ଆଗେ ମନେପଡ଼ନ୍ତି ହାପି। ଖବର ପାଇବା ମାତ୍ରେ ସେ ଆଦୌ ବିଳମ୍ବ ନକରି ନିଜର ସହଯୋଗୀ ବନ୍ଧୁମାନଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚି ଯାଆନ୍ତି ଏବଂ ଆହତ ଜୀବର ସେବା ଓ ଚିକିତ୍ସା ଆରମ୍ଭ କରିଦିଅନ୍ତି। ସେ ସମ୍ପୂର୍ଣ୍ଣ ନିଶୁଳ୍କ ଭାବେ ଏହି ମହତ କାର୍ଯ୍ୟ କରିଆସୁଛନ୍ତି। ପଶୁମାନଙ୍କ ପ୍ରତି ଥିବା ତାଙ୍କର ଏହି ଭଲପାଇବା ଓ ନିଶା, ତାଙ୍କୁ ଆଜି ଅଞ୍ଚଳରେ ଜଣେ ସୁପରିଚିତ "ସଡ଼କ ପଶୁ ପ୍ରେମୀ' ଭାବେ ଗଢ଼ି ତୋଳିଛି। ହାପି କେବଳ ରାସ୍ତାରେ ଚିକିତ୍ସା କରି ଛାଡ଼ିଦିଅନ୍ତି ନାହିଁ, ବରଂ ଦୀର୍ଘ ଦିନ ଧରି ସେ ଏକ ଅସ୍ଥାୟୀ ଗୋଶାଳା ତିଆରି କରି ସେଠାରେ ବିଭିନ୍ନ ଅସହାୟ ଗାଈଗୋରୁ ଓ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ପଶୁମାନଙ୍କୁ ରଖି ସେମାନଙ୍କର ଯତ୍ନ ଓ ଚିକିତ୍ସା କରୁଥିଲେ। ତେବେ ଉପଯୁକ୍ତ ସ୍ଥାନ ବା ଜାଗାର ଅସୁବିଧା କାରଣରୁ ଏହି ଗୋ-ଶାଳାଟି ଏବେ କିଛି ଦିନ ହେବ ବନ୍ଦ ରହିଛି। ସରକାର କିମ୍ବା କୌଣସି ସହୃଦୟ ବ୍ୟକ୍ତି ଯଦି ତାଙ୍କୁ ଜାଗା ଖଣ୍ଡିଏ ଯୋଗାଇ ଦିଅନ୍ତେ, ତେବେ ବନ୍ଦ ହୋଇଯାଇଥିବା ଗୋ-ଶାଳାଟି ପୁଣି ଚାଲିପାରନ୍ତା ଏବଂ ଅନେକ ନିରୀହ ଜୀବ ନୂଆ ଜୀବନ ପାଆନ୍ତେ। ନିଜର ନିଷ୍ଠା, ତ୍ୟାଗ ଓ ମହାନତା ପାଇଁ ଆଜି ହାପି ଅନ୍ୟ ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ପ୍ରେରଣା ସାଜିଛନ୍ତି। ମୂକ ପଶୁଙ୍କ ପ୍ରତି ତାଙ୍କର ଏହି ଭଲପାଇବା ଆଗାମୀ ଦିନରେ ଆହୁରି ଅନେକଙ୍କୁ ପଶୁ ସେବା ଦିଗରେ ଅନୁପ୍ରାଣିତ କରିବ ଏଥିରେ କୌଣସି ସନ୍ଦେହ ନାହିଁ।

# ଗ୍ରାହକଙ୍କ ଚାହିଦା ବଢ଼ାଉଛି 'ହଜ ଖଡ଼ା'



ନିରାକାରପୁର,୧୩।୬(ସମିସ): କେଉଁ ଆବାହନ କାଳରୁ ଲୋକକଥାରେ ରହିଛି 'ରମ୍ଭାବିଲି ସାରୁ, କେରଙ୍ଗର ମଣିଷ, ତାପଙ୍ଗ ଓ କଲରାଝରର ପଣସ, ଭୂଷଣ୍ଡପୁରର ତାମ୍ପଡା ଏବଂ ହଜର ଖଡା' ସବୁଠି ପ୍ରସିଦ୍ଧ। ସମୟ ବଦଳିଥିଲେ ସୁଦ୍ଧା ଆଜି ବି ହଜଖଡାର ଆଦର କମିନାହିଁ, ବରଂ ବଜାରରେ ଏହାର ଚାହିଦା ଦିନକୁ ଦିନ ବଢିବାରେ ଲାଗିଛି। ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ହଜ-ଜଙ୍କିଆ ରାସ୍ତାର ହଜ ଛକଠାରେ ଏବେ ପ୍ରତିଦିନ ସକାଳ ୬ ଟାରୁ ରାତି ୮ଟା ପର୍ଯ୍ୟନ୍ତ ହଜଖଡାର ଜମୁଛି ବେପାର। ଏହି ସଫଳତା ପଛରେ ରହିଛନ୍ତି ଦୁଇ ସହଯୋଗୀ ଖଡ଼ା ଚାଷୀ ବାବୁଲି ଓରଫ ରଶ୍ମିରଞ୍ଜନ ପଟ୍ଟଯୋଶୀ ଏବଂ ମନୋଜ ବଳିୟାରସିଂହ। ପ୍ରତିଦିନ ବଡ଼ିଭୋରୁ ଉଠି ଦୁହେଁ ନିଜ ଖଡା କିଆରିକୁ ଯାଆନ୍ତି। ସେଠାରୁ ସତେଜ ଖଡା ଗଛ ଉପାଡି, ତାକୁ ପାଣିରେ ଭଲଭାବେ ଧୋଇ ସଫା କରନ୍ତି। ଏହାପରେ ହଜ ବଜାରରେ ଥିବା ସେମାନଙ୍କର ଖୋଲା ବିକ୍ରୟ କେନ୍ଦ୍ରକୁ ବିକ୍ରି ପାଇଁ ଆଣିଥାନ୍ତି। ଏଠାକାର ଗୋଟିଏ ଗୋଟିଏ ଖଡା ଗଛର ଉଚ୍ଚତା ପ୍ରାୟ ୩ ଫୁଟରୁ ଅଧିକ ରହିଥାଏ। ଏହାର ଉତ୍କୃଷ୍ଟ ମାନ ଓ ଆକାର ଅନୁଯାୟୀ ପ୍ରତି ଗଛର ମୂଲ୍ୟ ୩୦ ଟଙ୍କା, ୪୦ ଟଙ୍କା ଓ ୫୦ ଟଙ୍କାରେ ବିକ୍ରି କରାଯାଉଛି। ଏହି ବାଟ ଦେଇ ଯାତାୟତ କରୁଥିବା ପଥଚାରୀଙ୍କ ସମେତ ବସର ଯାତ୍ରୀମାନେ ଗାଡ଼ି ରଖି ଏହି ସ୍ୱାଦିଷ୍ଟ ଖଡା କିଣି ନେଉଥିବା ଦେଖିବାକୁ ମିଳୁଛି। ବାବୁଲି ପଟ୍ଟଯୋଶୀ, ସଫଳ ଚାଷୀ କୁହନ୍ତି ଦୋଳପୂର୍ଣ୍ଣିମା ପୂର୍ବରୁ ଆମେ ଏହି ଖଡା ଚାଷ ଆରମ୍ଭ କରିଥାଉ। ସାବିତ୍ରୀ ଅମାବାସ୍ୟା ପୂର୍ବରୁ ଏହାକୁ ବଜାରକୁ ବିକ୍ରି ପାଇଁ ଅଣାଯାଏ। ପ୍ରତିବର୍ଷ ସାବିତ୍ରୀ ଅମାବାସ୍ୟାରୁ ଏହି ବ୍ୟବସାୟ ଆରମ୍ଭ ହୋଇ ବାହୁଡା ଯାତ୍ରା ପରେ ଶେଷ ହୁଏ। ମାତ୍ର ୩୦ ହଜାର ଟଙ୍କା ଖଡା ଚାଷରେ ଖର୍ଚ୍ଚ କଲେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇପାରୁଛି।"ଖଡା ଚାଷ ସହିତ ବାବୁଲି ପୋଟଳ, ଛଚିନ୍ଦ୍ରା ଓ କାକୁଡି ଭଳି ପନିପରିବା ଚାଷ କରି ନିଜ ପରିବାର ପ୍ରତିପୋଷଣ ଖୁବ୍ ସ୍ୱଚ୍ଛଳ ଭାବେ କରୁଥିବା ପ୍ରକାଶ କରିଛନ୍ତି। ସ୍ୱଳ୍ପ ପୁଞ୍ଜି ଓ ପରିଶ୍ରମ ବଳରେ ହଜ ଅଞ୍ଚଳର ଏହି ପାରମ୍ପରିକ ଖଡା ଚାଷ ଆଜି ସ୍ଥାନୀୟ ଚାଷୀଙ୍କ ପାଇଁ ଆର୍ଥିକ ସମୃଦ୍ଧିର ଅନନ୍ୟ ମାଧ୍ୟମ ସାଜିଛି।

# ଛାମୁଣ୍ଡା-ସିରିଆବାହାଲ ରାସ୍ତାର ପଡ଼ିଲା ଭିତ୍ତିପ୍ରସ୍ତର



ତେଲକୋଇ, ୧୩ା୬(ସମିସ): ତେଲକୋଇ ବ୍ଲକ ଛାମୁଣ୍ଡା ଗ୍ରାମ ପୂର୍ତ୍ତ ବିଭାଗ ରାସ୍ତାଠାରୁ ସିରିଆ ବାହାଲ ଦେଇ ସରୁଆଲିକୁ ସଂଯୋଗ ରାସ୍ତାକୁ ନିର୍ମାଣ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆଜି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଦୀର୍ଘ ୫.୮୦ କିମି ରାସ୍ତା ନିର୍ମାଣ ପାଇଁ ମୁଖ୍ୟ ମନ୍ତ୍ରୀ ସଡ଼କ ଯୋଜନାରେ ୭ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡାକ୍ତର ଫକିର ମୋହନ ନାଏକ, ଛଇଳ ବାଳା ନାୟକ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅମିତ୍ ପ୍ରଶ୍ନ କିରୋ, ଅଧୀକ୍ଷଣ ଯନ୍ତ୍ରୀ କପିଳେଶ୍ୱର ସିଂହ, ସୋଭପ୍ରକାସ ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରତ୍ୟୁଷ କୁମାର ମଲ୍ଲ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ, ସାଂସଦ ପ୍ରତିନିଧି ହରିହର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ରାଧେଶ୍ୟାମ ମାଝୀ, ସ୍ଥାନୀୟ ସରପଞ୍ଚ ସୁଷୋମା ନାୟକ ଯୋଗ ଦେଇଥିଲେ। ଏକ ସଭାରେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଲୋକାଭିମୁଖୀ ଯୋଜନାକୁ ମନ୍ତ୍ରୀ ଓ ବିଧାୟକ ନିଜ ବକ୍ତବ୍ୟରେ ପ୍ରକାଶ କରିଥଲେ। ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଉପାନ୍ତ ଅଞ୍ଚଳରେ ରାସ୍ତା କାର୍ଯ୍ୟ ଓ ପୋଲ ନିର୍ମାଣ ବ୍ୟାପକ ଅର୍ଥ ବ୍ୟୟ ବରାଦ କରାଯାଇ ଆଗାମୀ ଦିନରେ ୧୫ଟି ପ୍ରକଳ୍ପ ଯଥା କୁଇଲିସୁତାଠାରୁ କରଦାଙ୍ଗି, ସିରିଗିଡାଠାରୁ ନମକାନି, ୪୯ନମ୍ବର ଜାତୀୟ ରାଜପଥଠାରୁ କଳାପୋଖରୀ, ଆରଡି ରୋଡଠାରୁ ବାଦବିଲ, ଆରଡି ରୋଡଠାରୁ ନୂଆଗାଁ ମାରଦ୍ଦା, ଗୋଡ଼ିନରଦାଠାରୁ ଖର୍ବା, ରାଇସୁଆଁଠାରୁ ମାରଦ୍ଦା ସହ ପୋଲ ନିର୍ମାଣ, ଘୋରୁଡ଼ିଆ ନାଳଠାରେ ପୋଲ ନିର୍ମାଣ, ତେଲକୋଇ ନୂଆଗଡ ସମାକୋଇଠାରେ ପୋଲ ନିର୍ମାଣ, ଆରଡି ରୋଡଠାରୁ ଜୟପୁର ଆକୁଳ ରାସ୍ତା, ୪୯ ନମ୍ବର ଜାତୀୟ ରାଜପଥଠାରୁ ପଟାଟାଙ୍ଗର, ତେଲକୋଇ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଘୁଣ୍ଟପଶୀ, ଆରଡି ରୋଡଠାରୁ ଜଟ ମୁଣ୍ଡା ସାହି ଆଦି କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ଟେଣ୍ଡର ପ୍ରକ୍ରିୟା ଜାରି ରହିଛି। ଏହି କାର୍ଯ୍ୟକ୍ରମକୁ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ ପରିଚାଳନା କରିଥଲେ।

# ଜୋର୍‌ସୋରରେ ଚାଲିଛି ଚମ୍ପୁଆ ଶ୍ରୀଜଗନ୍ନାଥ ମନ୍ଦିରର ଉନ୍ନତୀକରଣ



ଚମ୍ପୁଆ, ୧୩ା୬(ସମିସ): ଚମ୍ପୁଆ ସହରର ଐତିହ୍ୟବାହୀ ଶ୍ରୀଜଗନ୍ନାଥ ମନ୍ଦିରକୁ ଏକ ଆଧୁନିକ ଓ ଆକର୍ଷଣୀୟ ରୂପ ଦେବା ପାଇଁ ଦେବୋତ୍ତର ବିଭାଗ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ଉନ୍ନୟନ କାର୍ଯ୍ୟ ଜୋରଦାର ଭାବେ ଚାଲିଛି। ମନ୍ଦିର ପରିସରର ସୌନ୍ଦର୍ଯ୍ୟକରଣ, ଭକ୍ତମାନଙ୍କ ସୁବିଧା ଏବଂ ଧାର୍ମିକ ପରିବେଶକୁ ଅଧିକ ସମୃଦ୍ଧ କରିବା ପାଇଁ ଏକାଧିକ ପ୍ରକଳ୍ପ ହାତକୁ ନିଆଯାଇଛି। ମନ୍ଦିର ଚତୁପାର୍ଶ୍ୱରେ ମାଟି ସମତଳ, ପେଭର ବ୍ଲକ ବିଛାଇବା, ରଙ୍ଗକାମ ଓ ସୌନ୍ଦର୍ଯ୍ୟବର୍ଦ୍ଧନ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଭବିଷ୍ୟତରେ ୪ଟି ଭବ୍ୟ ପ୍ରବେଶ ଦ୍ୱାର ନିର୍ମାଣ କରାଯିବ। ସେହିପରି ମନ୍ଦିରର ପୂଜକମାନଙ୍କ ପାଇଁ ସ୍ୱତନ୍ତ୍ର ଆବାସ ଗୃହ ଏବଂ ଭକ୍ତମାନଙ୍କ ସୁବିଧା ନିମନ୍ତେ ପୂଜା ସାମଗ୍ରୀ ଦୋକାନ ସ୍ଥାପନ କରିବାର ଯୋଜନା ରହିଛି। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ସୂଚନା ଦେଇଛନ୍ତି ଯେ ଶ୍ରୀଜଗନ୍ନାଥ ମନ୍ଦିରକୁ ଜିଲ୍ଲାର ଏକ ପ୍ରମୁଖ ଧାର୍ମିକ ଓ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରିବା ପାଇଁ ପର୍ଯ୍ୟାୟକ୍ରମେ ଆହୁରି ଅନେକ ପଦକ୍ଷେପ ଗ୍ରହଣ କରାଯିବ। ଏହାସହିତ ଚମ୍ପୁଆ ବ୍ଲକର ବଡ଼ନଇ ପଞ୍ଚାୟତ ଅନ୍ତର୍ଗତ ପଳସା ଗ୍ରାମକୁ ପ୍ରଭୁ ଜଗନ୍ନାଥଙ୍କ 'ମାମୁଁ ଘର' ଭାବେ ଗଢ଼ି ତୋଳିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ପଳସା ଅଞ୍ଚଳରେ ପ୍ରାୟ ୫ ଏକର ଜମିରେ ଆମ୍ବ ବଗିଚା ସୃଷ୍ଟି କରାଯାଇଥିବା ବେଳେ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ଏକ ସୁନ୍ଦର ପରିବେଶ ଗଢ଼ି ତୋଳିବାର ଲକ୍ଷ୍ୟ ରଖାଯାଇଛି।

ସେହିପରି ପଳସାରେ କୀର୍ତ୍ତନ ମଣ୍ଡପ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସ୍ଥାନୀୟ ପୋଖରୀରେ ମାଛ ଚାଷ କରାଯାଇଛି। ଏହା ଦ୍ୱାରା ଧାର୍ମିକ କାର୍ଯ୍ୟକଳାପ ସହ ଗ୍ରାମର ଆର୍ଥିକ ଓ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଉନ୍ନତି ଆସିବ ବୋଲି ଆଶା କରାଯାଉଛି।

## ୪ଟି ଭବ୍ୟ ଦ୍ୱାର ସହ ହେବ ଅନେକ ନୂଆ ବ୍ୟବସ୍ଥା

ଚମ୍ପୁଆ ଓ ପଳସାରେ ଚାଲିଥିବା ଏହି ଉନ୍ନୟନ ପ୍ରକଳ୍ପକୁ ନେଇ ସ୍ଥାନୀୟ ଶ୍ରଦ୍ଧାଳୁ ଓ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଚମ୍ପୁଆ ଶ୍ରୀଜଗନ୍ନାଥ ମନ୍ଦିର ଓ ପଳସା ଗ୍ରାମ ଧାର୍ମିକ, ସାଂସ୍କୃତିକ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂତନ ପରିଚୟ ସୃଷ୍ଟି କରିବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

# ମତ୍ସ୍ୟ ବିଭାଗର ବ୍ଲକସ୍ତରୀୟ ସଚେତନତା କର୍ମଶାଳା



ତେଲକୋଇ, ୧୩ା୬(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର କୃଷି ଓ ପରାମର୍ଶ କେନ୍ଦ୍ର ତରହ ଗୋଷ୍ଠୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକଦିବସୀୟ ଉନ୍ନତ ମତ୍ସ୍ୟ ଚାଷ ତାଲିମ ଶିବିର ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ ଏବଂ ସମ୍ମାନିତ ଅତିଥି ଭାବେ କେନ୍ଦୁଝରର ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ତଥା ଉପନିର୍ଦ୍ଦେଶକ ପ୍ରମୋଦ କୁମାର ରାଉତ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ଉମେଶଚନ୍ଦ୍ର ଧାରୁଆ, ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ବିଶ୍ୱ ଭୋଷଣ ଘୋଷ, ସହକାରୀ ମତ୍ସ୍ୟ ଅଧିକାରୀ ସଦର ବିରେନ୍ ନାଏକ, ସହକାରୀ ମତ୍ସ୍ୟ ଅଧିକାରୀ ବାଂଶପାଳ ମନୋଜ କୁମାର ବେହେରା, ସହକାରୀ ମତ୍ସ୍ୟ ଅଧିକାରୀ ତେଲକୋଇ ବାଲ୍ମିକୀ ପାତ୍ର, ଏସଏଫଂଟିଏ ରଶ୍ମି ରଞ୍ଜିତା ପଣ୍ଡା ପ୍ରମୁଖ ଚାଷୀଙ୍କ ମାର୍ଗଦର୍ଶନ କରିଥିଲେ। ବ୍ଲକର ଶତାଧିକ ମତ୍ସ୍ୟ ଚାଷୀ ତାଲିମରେ ଅଂଶଗ୍ରହଣ କରିଥିଲେ।

# ଏସ୍‌ଆର୍‌ଏମ୍ ସେବାଶ୍ରମରେ ସ୍ନେହାଶ୍ରୀଙ୍କ ଜନ୍ମଦିନ ପାଳନ




ଆନନ୍ଦପୁର, ୧୩ା୬ (ସମିସ): ଘଷିପୁରା ବ୍ଲକ ଗୋହିରା ପଞ୍ଚାୟତ ତାଳଗାଁରେ ଥିବା ଏସଆରଏମ ସେବାଶ୍ରମରେ ନୂଆଗାଁର ସତ୍ୟବ୍ରତ ତ୍ରିପାଠୀ ତାଙ୍କ ଝିଅ ସ୍ନେହାଶ୍ରୀଙ୍କ ତୃତୀୟ ବର୍ଷ ଜନ୍ମଦିନ ସେବାଶ୍ରମର ଛାତ୍ରଛାତ୍ରୀଙ୍କ ଗହଣରେ ପାଳନ କରାଯାଇଛି। ଏହି ଅବସରରେ ସେବାଶ୍ରମ ଆନନ୍ଦର ମାହୋଲ ଦେଖାଯାଇଥିଲା। ଛାତ୍ରଛାତ୍ରୀଙ୍କ ନିଃସ୍ୱାର୍ଥପର ଭଲ ପାଇବା ପାଇ ସ୍ନେହାଶ୍ରୀଙ୍କ ପରିବାର ଲୋକେ ଏହି ସେବା ଆଶ୍ରମ ଆସିବା ପରେ ମନ୍ଦିର ପରି ଆନନ୍ଦ ଲାଗୁଛି ବୋଲି ମତ ଦେଇଛନ୍ତି। ଲୋକେ ଆଧୁନିକ ଡାଞ୍ଚାକୁ ଛାଡ଼ି ସେବ।।ଶ୍ରମ ଆସି ଜନ୍ମଦିନ ପାଳନ କରନ୍ତୁ ପ୍ରକୃତ ଭଲ ପାଇବା କଣ ଜାଣି ପାରିବେ ବୋଲି ସ୍ନେହାଶ୍ରୀଙ୍କ ବାପା ଶ୍ରୀ ତ୍ରିପାଠୀ କହିଥିଲେ। ଅଙ୍କିତା ତ୍ରିପାଠୀ, ବାପା ଗିରିଶଚନ୍ଦ୍ର ତ୍ରିପାଠୀ, ମା' ଉମାମଣି ତ୍ରିପାଠୀ, ଅଜୟ କୁମାର ଓଝା, ଧନଞ୍ଜୟ ଦିବେଦୀ, ବିଶ୍ୱରଞ୍ଜନ ତ୍ରିପାଠୀ, ଅର୍ପିତ ମିଶ୍ର, ପଞ୍ଚାନନ ମିଶ୍ର, ଶୁଭଶ୍ରୀ ମିଶ୍ର, ବସନ୍ତ କୁମାର ଦାସ ଅବିନାଶ ଓଝା ଛାତ୍ରଛାତ୍ରୀଙ୍କୁ ଖୁସି ବାଣ୍ଟିଥିବାରୁ ଆଶ୍ରମର ପରିଚାଳିକା ନମିତା ବଳ ଧନ୍ୟବାଦ ଜଣାଇଛନ୍ତି।

● ଆଦର୍ଶ ରଜ ଉତ୍ସବ

# ନଗର ପରିକ୍ରମା କରିବେ ରାଧାକୃଷ୍ଣ




ଆନନ୍ଦପୁର, ୧୩ା୬ (ସମିସ): ଘଷିପୁରାରେ ଆଦର୍ଶ ରଜ ଉତ୍ସବ ୪ ଦିନ ବ୍ୟାପୀ ହେବାକୁ ଥିବା ବେଳେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତାକାଲି ସକାଳେ ଝାଡେଶ୍ୱର ମନ୍ଦିରରୁ ରାଧାକୃଷ୍ଣ ଶୋଭାଯାତ୍ରା ନଗର ପରିକ୍ରମା କରିବ। ବିଭିନ୍ନ ପାରମ୍ପରିକ ବାଦ୍ୟର ତାଳେତାଳେ ସୁସଜ୍ଜିତ ରଥରେ ବସି କୁନି କୁନି ରାଧାକୃଷ୍ଣ ଗାଁ ବୁଲିବେ ବୋଲି ସଂଘ ସଭାପତି ଯଜ୍ଞପ୍ରସାଦ ସାହୁ କହିଛନ୍ତି। ସେହିପରି ପୂର୍ବାହ୍ନ ୧୦ଟାରେ ଦୋଳି ପୂଜା କରାଯାଇ ଏହାର ଶୁଭାରମ୍ଭ ହେବ। ଚଳିତ ବର୍ଷ ଆଦର୍ଶ ରଜକୁ ଆସୁଥିବା ଦର୍ଶକଙ୍କୁ ମିଆଯାକି ଆମ୍ବର ସ୍ୱାଦ ପ୍ରଦାନ କରାଯିବ। ଏହି ଆମ୍ବର କିଲୋ ପ୍ରତି ବଜାର ଦର ଦେଢ଼ ଲକ୍ଷରୁ ଅଧିକ ଟଙ୍କା ରହିଛି। ସନ୍ଧ୍ୟାରେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ପିଠା, ଶଙ୍ଖନାଦ, ହୁଳହୁଳି, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ହେବ। ସେହିପରି ସନ୍ଧ୍ୟା ୫ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବା ସମ୍ପର୍କରେ ଶ୍ରୀ ସାହୁ ସୂଚନା ଦେଇଛନ୍ତି। ଅପରପକ୍ଷରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ୧ରେ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀମାନଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ ବୋଲି ଯଜ୍ଞ ପ୍ରସାଦ ସାହୁ କହିଛନ୍ତି। ପ୍ରତିଦିନ ସନ୍ଧ୍ୟାରେ ସମସ୍ତ ଦର୍ଶକଙ୍କୁ ମାଗଣାରେ ପିଠା, ମିଠା ଓ ପାନ ଦେଇ ସ୍ୱାଗତ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତି ହୋଇଛି। ରଜକୁ ଦୃଷ୍ଟିରେ ରଖି ଭଳିକି ଭଳି ଦୋଳି ମଧ୍ୟ ବ୍ୟବସ୍ଥା କରାଯାଇଛି।

# ରାତି ପାହିଲେ ବରିଗାଁରେ 'ରଜ ମଉଜ': ମଞ୍ଚ ଓ ପଡ଼ିଆ ପ୍ରସ୍ତୁତ





ଆନନ୍ଦପୁର, ୧୩ା୬(ସମିସ): ପବିତ୍ର ରଜ ପର୍ବ ଅବସରରେ ବରିଗାଁର 'ରଜ ମଉଜ ଯୁବକ ସଂଘ' ପକ୍ଷରୁ ଆୟୋଜିତ ରଜ ଉତ୍ସବ ପାଇଁ ଗ୍ରାମର ସମସ୍ତ ବର୍ଗର ଲୋକଙ୍କୁ ଏକାଠି କରି ସାମାଜିକ ସମ୍ପ୍ରୀତି ଓ ଭାଇଚାରାର ବାର୍ତ୍ତା ପହଞ୍ଚାଇବା ଏହି ଉତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଉତ୍ସବର ପ୍ରଥମ ଦିନ ପୂର୍ବାହ୍ନ ୧୦ଟାରେ ଦୋଳିର ଶୁଭ ଉଦଘାଟନ କରାଯିବ। ରଜର ତିନିଦିନ ଧରି ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ସଙ୍ଗୀତ ଓ ମନୋରଞ୍ଜନଧର୍ମୀ ପ୍ରତିଯୋଗିତା ଆୟୋଜନ କରାଯିବ। ମହିଳାମାନଙ୍କ ପାଇଁ ପିଠା ପ୍ରତିଯୋଗିତା ଏବଂ ପୁରୁଷମାନଙ୍କ ପାଇଁ ତାସ ପ୍ରତିଯୋଗିତାର ବ୍ୟବସ୍ଥା କରାଯାଇଛି। ଏହା ସହ ଗ୍ରାମର ପାରମ୍ପରିକ ଖେଳକୁଦ, ପାଲା-ଦାସକାଠିଆ ଓ ଖାଦ୍ୟମେଳା ଉତ୍ସବର ମୁଖ୍ୟ ଆକର୍ଷଣ ସାଜିବ। ଉତ୍ସବରେ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତୃତ୍ୱ, ମନ୍ତ୍ରୀ, ସାମ୍ବାଦିକ ଓ ବିଶିଷ୍ଟ ଅତିଥିମାନେ ଯୋଗଦେବେ ବୋଲି ସଙ୍ଘ ସଭାପତି ସୂଚନା ଦେଇଛନ୍ତି। ଏହି ଅବସରରେ ଶିକ୍ଷା, କ୍ରୀଡ଼ା, ସାହିତ୍ୟ, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ।

ସଂଘର ସଭାପତି ବିକ୍ରମ ଜେନା, ଆଶୁତୋଷ ସେଠୀ, ଉପଦେଷ୍ଟା ମହାଦେବ ସାହୁ, ଉପଦେଷ୍ଟା ସିପୁନ ନାହାକ ଓ କୋଷାଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଉତ୍ସବର ସମସ୍ତ ପ୍ରସ୍ତୁତି ସୁଚାରୁରୂପେ ସମ୍ପନ୍ନ ହୋଇଛି। ଏହି ଅବସରରେ ମାନସ ବାରିକ, ରମେଶ ସାହୁ, ରାଜକିଶୋର ଜେନା, ନାରାୟଣ ସାହୁ, ସର୍ବେଶ୍ୱର ବାରିକ, ବୁବୁନ ସାହୁ, ଚିନ୍ମୟ ସାହୁ, ଈଶ୍ୱରଚନ୍ଦ୍ର ସାହୁ, ବିରେନ ସେଠୀ, ଆଦର୍ଶ ମହାନ୍ତି, ଦୀପକ ସାହୁ, ଅଶୁତୋଷ ପଣ୍ଡା, ସତ୍ୟଜିତ ସାହୁ, ତପନ ସେଠୀ, ସଞ୍ଜୟ ଜେନା, ତରୁଣ ଜେନା, ଚନ୍ଦନ ସାହୁ, ମହେଶ୍ୱର ସାହୁ ଓ ଅନ୍ୟାନ୍ୟ ଯୁବକମାନେ ସକ୍ରିୟ ଭାବେ ସହଯୋଗ କରୁଛନ୍ତି।

# ଗିରିଗାଁ ଘାଟରୁ ଦିନରାତି ବେଆଇନ ବାଲି ଲୁଟ୍; ପୁଲିସ ଜଳକା



ଆନନ୍ଦପୁର, ୧୩ା୬ (ସମିସ): ସମଗ୍ର ଆନନ୍ଦପୁର ଉପଖଣ୍ଡରେ ପୁଲିସର ଅପରେସନ ବୈତରଣୀ ଜାରି ରହିଥିଲେ ମଧ୍ୟ କେନ୍ଦୁଝର ଜିଲ୍ଲାର ନନ୍ଦିପଦା ଥାନା ଅନ୍ତର୍ଗତ ବୈତରଣୀ ନଦୀର ଗିରିଗାଁ ଘାଟରୁ ବେଆଇନ ଭାବେ ହାଇୱାରେ ବାଲି ଚାଲାଣ ଚାଲିଥିବା ଅଭିଯୋଗ ହୋଇଛି। ପୁଲିସର ଗତିବିଧିକୁ ଲକ୍ଷ୍ୟ ରଖିବା ପାଇଁ ରାସ୍ତାର ବିଭିନ୍ନ ସ୍ଥାନରେ ଲୋକ ରଖି ଏପରି ବାଲି ଚାଲାଣ ହେଉଛି। ବିଳମ୍ବିତ ରାତ୍ରିରେ ବିନା ଟିପିରେ ହେଉଛି ଚୋରା ବାଲି ଚାଲାଣ। କିଛି ଦିନ ତଳେ ନନ୍ଦିପଦା ପୁଲିସ ପ୍ରଶାସନ ସହ ଖଣି ବିଭାଗର ଅଧିକାରୀ ବିଳମ୍ବିତ ବିଳମ୍ବିତ ରାତିରେ ଚଢ଼ଉକରି କେତେକ ଗାଡିକୁ ଧରିଥିବା ବେଳେ ପୁଣି ଆରମ୍ଭ ହୋଇଯାଇଛି ଚୋରା କାରବାର। ହେଲେ ପୁଲିସ ପ୍ରଶାସନ ଓ ଖଣି ବିଭାଗର ନିରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଧରପଗଡ଼ ପରେ ଗିରୀଗାଁ ଘାଟରୁ ବାଲି ଚାଲାଣ ବନ୍ଦ ଥିବାବେଳେ କେଉଁ ପ୍ରଶାସନିକ ଅଧିକାରୀ ଓ ଶାସକ ଦଳର ନେତାଙ୍କ ଇଙ୍ଗିତରେ ପୁଣି ବେଧଡକ ବାଲି ଚାଲାଣ ହେଉଛି ସେନେଇ ସନ୍ଦେହ ପ୍ରକଟ ହୋଇଛି। ବୈତରଣୀ ନଦୀର ବାଲି ଘାଟରୁ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଛି। ବୈତରଣୀ ନଦୀରୁ ଚୋରାବାଲି ଚାଲାଣ କେବେ ବନ୍ଦ ହେବ, ସେନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ହୋଇଛି।

# ବିଶ୍ୱର ପାଞ୍ଚ ପ୍ରତିଶତ ବୈଜ୍ଞାନିକ ସୂଚୀରେ କୁଳପତି ପ୍ରଫେସର ସଞ୍ଜୟ ପାତ୍ର



କେନ୍ଦୁଝର, ୧୩ା୬(ସମିସ): ଏହି ନିକଟରେ ସାଇରାଙ୍କ ଗ୍ଲୋବାଲ ରେଜିଷ୍ଟ୍ରି ବିଶ୍ୱର କାର୍ଯ୍ୟରତ ଗବେଷକଙ୍କ ଗବେଷଣାର ମୂଲ୍ୟାୟନ ପୂର୍ବକ ଶ୍ରେଷ୍ଠ ବୈଜ୍ଞାନିକଙ୍କ ଏ ବର୍ଷର ସୂଚୀ ପ୍ରକାଶ କରିଛି। ଐତିହ୍ୟ ସମ୍ପନ୍ନ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର ଏହି ସୂଚୀରେ ବିଶ୍ୱର ଶ୍ରେଷ୍ଠ ପାଞ୍ଚ ପ୍ରତିଶତ ବୈଜ୍ଞାନିକଙ୍କ ଭିତରେ ସ୍ଥାନ ପାଇଥିବାରୁ ବିଶ୍ୱବିଦ୍ୟାଳୟ ଓ କେନ୍ଦୁଝର ଜିଲ୍ଲାରେ ଖୁସିର ଲହରୀ ଖେଳି ଯାଇଛି। ଭିସୁଟରେ ପ୍ରଫେସର ଭାବେ କାର୍ଯ୍ୟରତ ଥିବାବେଳେ ସେ ଉଚ୍ଚ ମାନର ଗବେଷଣା କାର୍ଯ୍ୟ କରି ବିଶ୍ୱର ବିଭିନ୍ନ ଶ୍ରେଷ୍ଠ ଓ ସମ୍ଭ୍ରାନ୍ତ ଜର୍ଣ୍ଣାଲରେ ଗବେଷଣାତ୍ମକ ନିବନ୍ଧ ପ୍ରକାଶ ପୂର୍ବକ ବୈଷୟିକ ଜ୍ଞାନର ଗନ୍ତାଘରକୁ ଋଦ୍ଧିମନ୍ତ କରିଥିଲେ। ଏହି ବିଶ୍ୱସ୍ତରୀୟ ଗବେଷଣାକୁ ସ୍ୱୀକୃତି ପ୍ରଦାନ ପୂର୍ବକ ଡ଼ ସଞ୍ଜୟ କୁମାର ପାତ୍ର ସାଇରାଙ୍କ ଗ୍ଲୋବାଲ ରେଜିଷ୍ଟ୍ରି ଦ୍ୱାରା ପ୍ରକାଶିତ ସୂଚୀରେ ବିଶ୍ୱର ଶ୍ରେଷ୍ଠ ପାଞ୍ଚ ପ୍ରତିଶତ ବୈଜ୍ଞାନିକ ସୂଚୀରେ ସ୍ଥାନ ପାଇଛନ୍ତି। ରାଜ୍ୟ ସରକାର ସମ୍ପ୍ରତି ଡ଼ ପାତ୍ରଙ୍କୁ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଚୟନ କରି ନିଯୁକ୍ତି ଦେବା ଯୋଗ୍ୟତାକୁ ଯଥୋଚିତ ସ୍ଥାନ ଦେବାର ନିଦର୍ଶନ ବୋଲି ଚର୍ଚ୍ଚା ହେଉଛି। ଜଣେ ଦକ୍ଷ ଗବେଷକ କୁଳପତି ହେଲେ ବିଶ୍ୱବିଦ୍ୟାଳୟର ଗବେଷଣାର ମାନ ବୃଦ୍ଧି ପାଇବା ସ୍ୱାଭାବିକ କଥା। ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ରେ ବିଶ୍ୱବିଦ୍ୟାଳୟଗୁଡିକୁ ରିସର୍ଚ୍ଚ ବିଶ୍ୱବିଦ୍ୟାଳୟ ଭାବେ ରୂପାନ୍ତରିତ କରିବା ପାଇଁ କେନ୍ଦ୍ର ସରକାର ଯେଉଁ ଆଶା ରଖିଛନ୍ତି ଡ଼ ପାତ୍ରଙ୍କ ନେତୃତ୍ୱରେ ଧରଣୀଧର ବିଶ୍ୱବିଦ୍ୟାଳୟ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ହୋଇପାରିବ ବୋଲି କେନ୍ଦୁଝରବାସୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଆଶା ରଖିଛନ୍ତି।

# ଗୌରବ ବଢ଼ାଇଲେ ପ୍ରତିଜ୍ଞା



ଆନନ୍ଦପୁର, ୧୩ା୬(ସମିସ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ 'ୟୁଥ୍ ଆଇକନ୍' ଭାବେ ଚୟନ ହୋଇ କେନ୍ଦୁଝର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଯୁବ ପ୍ରତିଭା ପ୍ରତିଜ୍ଞା ପ୍ରତିଶ୍ରୁତି ସା। ଦେଶର ବିଭିନ୍ନ ରାଜ୍ୟରୁ ଶ୍ରେଷ୍ଠ ୧୫୦ ଜଣ ଯୁବ ପ୍ରତିଭାଙ୍କ ମଧ୍ୟରୁ 'ୟୁଥ୍ ଆଇକନ୍' ଭାବେ ତାଙ୍କୁ ମନୋନୀତ କରାଯାଇଛି। ସେ ୨୦୨୬ରେ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦରେ କେନ୍ଦୁଝର ଜିଲ୍ଲାକୁ ପ୍ରତିନିଧିତ୍ୱ କରିଥିଲେ। ୨୦୨୩ରେ ଆଇଆଇଆଇଟି ଭୁବନେଶ୍ୱରଠାରେ ଆୟୋଜିତ ସ୍ମାର୍ଟ ଓଡ଼ିଶା ହ୍ୟାକାଥନ୍‌ରେ ମଧ୍ୟ ସେ କେନ୍ଦୁଝର ଜିଲ୍ଲାର ପ୍ରତିନିଧିତ୍ୱ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଭାବେ ସେ ସାହିତ୍ୟ କ୍ଷେତ୍ରରେ ମଧ୍ୟ ନିଜର ପରିଚୟ ସୃଷ୍ଟି କରିଛନ୍ତି। ବାଲେଶ୍ୱର ଜିଲ୍ଲାକୁ ପ୍ରତିନିଧିତ୍ୱ କରି ସେ ରାଜ୍ୟସ୍ତରୀୟ କବିତା ଲେଖନ ପ୍ରତିଯୋଗିତାରେ ଦୁଇଥର ଅଂଶଗ୍ରହଣ କରିଥିଲେ। ୨୦୨୪ରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଏବଂ ୨୦୨୫ରେ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତାଙ୍କର ଏହି ସଫଳତା କେନ୍ଦୁଝର ଓ ଓଡ଼ିଶା ପାଇଁ ଗର୍ବର ବିଷୟ। ସେ ଆନନ୍ଦପୁର ପୌରାଞ୍ଚଳ ଶୈଳଙ୍ଗ ଗ୍ରାମର ପ୍ରମୋଦ କୁମାର ସା ଓ ମାତା ପ୍ରୀତିଧାରା ରାଉତଙ୍କ କନ୍ୟା ଅଟନ୍ତି।

# ଅଙ୍ଗନବାଡ଼ି କର୍ମୀଙ୍କୁ ସ୍ମାର୍ଟଫୋନ୍ ବଣ୍ଟନ




କେନ୍ଦୁଝର,୧୩ା୬(ସମିସ): ରାଜ୍ୟର ଗରିବ ଓ ନିଷ୍ପେଷିତ ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ଓଡ଼ିଶା ସରକାର ଏକ ଐତିହାସିକ ପଦକ୍ଷେପ ସ୍ୱରୂପ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟକ୍ରମ ପରିସରସ୍ଥ ଦରବାର ହଲ୍‌ଠାରେ ଏକ ଭବ୍ୟ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ ଏବଂ ଡିଜିଟାଲାଇଜ୍ କରିବା ଉଦ୍ଦେଶ୍ୟରେ ଜିଲ୍ଲାର ଅଙ୍ଗନବାଡ଼ି କର୍ମୀମାନଙ୍କୁ ସ୍ମାର୍ଟଫୋନ୍ ପ୍ରଦାନ କରାଯାଇଛି। ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ସ୍ମାର୍ଟଫୋନ୍ ବଣ୍ଟନ ପ୍ରକ୍ରିୟା ଆୟୋଜିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର ସଦର ବ୍ଲକ୍ ପ୍ରକଳ୍ପ ଅଧୀନରେ ଥିବା ବିଭିନ୍ନ ଅଙ୍ଗନବାଡ଼ି କର୍ମୀଙ୍କୁ ମନ୍ତ୍ରୀ ଓ ଅତିଥିମାନଙ୍କ ଦ୍ୱାରା ସ୍ମାର୍ଟଫୋନ୍ ହସ୍ତାନ୍ତର କରାଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ,ବିଧାୟକ ଚମ୍ପୁଆଙ୍କ ପ୍ରତିନିଧି ସଞ୍ଜୀବ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣଙ୍କ ସମେତ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର ସାହୁ ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

# ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି : ବଖାଣିଲେ ବିକାଶ ଧାରା




କେନ୍ଦୁଝର, ୧୩ା୬(ସମିସ): ରାଜ୍ୟରେ ବିଜେପି ସରକାର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଆଜି କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟଖସଡ଼ାର ଚିତ୍ର ଉନ୍ମୁକ୍ତ କରାଯାଇଛି। ଏହି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଭିନ୍ନ ପ୍ରଗତିଶୀଳ ଯୋଜନାର ସଫଳ ରୂପାୟନ ହୋଇପାରିଛି। ସରକାର ସମାଜର ପ୍ରତିଟି ବର୍ଗଙ୍କ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ ଭାବେ କାର୍ଯ୍ୟ କରୁଛନ୍ତି। ସରକାରୀ ସ୍ତରରେ ମା' ମାନଙ୍କୁ ସର୍ବାଧିକ ପ୍ରାଧାନ୍ୟ ଓ ସମ୍ମାନ ଦିଆଯାଉଛି। ଜିଲ୍ଲା ତଥା ରାଜ୍ୟର ପର୍ଯ୍ୟଟନ ଶିଳ୍ପର ଉନ୍ନତି ଉପରେ ସରକାର ବିଶେଷ ଗୁରୁତ୍ୱ ଦେଇଛନ୍ତି। ପ୍ରସିଦ୍ଧ ଶକ୍ତିପୀଠ ଘଟଗାଁକୁ ଯେପରି ଅଧିକରୁ ଅଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସିପାରିବେ, ସେଥିପାଇଁ ବିଶେଷ ଭାବେ ମା' ତାରିଣୀ ପ୍ରକଳ୍ପ' କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ପୀଠର ସୌନ୍ଦର୍ଯ୍ୟକରଣ ଏବଂ ପର୍ଯ୍ୟଟକଙ୍କ ସୁବିଧା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ବଡବିଲ ସହରର ଦୀର୍ଘଦିନର ଟ୍ରାଫିକ୍ ଓ ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଗତ ୧୩ ଅପ୍ରେଲ ୨୦୨୬ ଦିନ ୧,୫୮୧ କୋଟି ୨୧ ଲକ୍ଷ ଟଙ୍କା ବ୍ୟୟରେ ୧୮.୩୨୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏକ ବାଇପାସ୍ ରିଂ-ରୋଡର ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପ ଅନ୍ତର୍ଗତ ଭଦ୍ରା ସାହିରୁ ସେରେଣ୍ଡା (୩.୭ କିମି), ସେରେଣ୍ଡାରୁ ବଲାଣି (୬.୩ କିମି) ଏବଂ ସେରେଣ୍ଡାରୁ ନଲ୍‌ଦା (୮.୩ କିମି) ରାସ୍ତା ନିର୍ମାଣ ହେବ। ଏହାଦ୍ୱାରା ଯାତାୟାତ ସମୟ ଅଧା ହେବା ସହ ପ୍ରଦୂଷଣ ଓ ଦୁର୍ଘଟଣା ହ୍ରାସ ପାଇବ ଏବଂ ଅଞ୍ଚଳରେ ଆର୍ଥିକ ସ୍ଥିତି ବୃଦ୍ଧି ପାଇବ।

ଓସିଏସି ମାଧ୍ୟମରେ ୧୮୭ କୋଟି ଟଙ୍କା ବ୍ୟୟରେ ଏହି ଡାଟା ସେଣ୍ଟର ନିର୍ମିତ ହେବ। ଏହା ଭୁବନେଶ୍ୱର ରାଜ୍ୟ ଡାଟା ସେଣ୍ଟରର ବ୍ୟାକଅପ୍ ଭାବେ କାର୍ଯ୍ୟ କରିବ। ଏହାଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ସରକାରଙ୍କ ୪୦୦ରୁ ଅଧିକ ଅନଲାଇନ୍ ସେବା ଏବଂ ନାଗରିକଙ୍କ ତଥ୍ୟ ସୁରକ୍ଷିତ ଓ ନିରବଚ୍ଛିନ୍ନ ରହିବ। ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଏବଂ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ସହଯୋଗ କରିଥିଲେ।

■ ଧୂଷୁରୀରେ ପ୍ରସ୍ତାବିତ ମଦ ଦୋକାନକୁ ତୀବ୍ର ବିରୋଧ

# ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ହରିହଂସ ଗ୍ରାମବାସୀ



**ଅସୁରାଳି,୧୩।୬(ସମିସ):** ଧାମନଗର ବ୍ଲକ୍ ଧୂଷୁରୀ ଅଞ୍ଚଳରେ ପ୍ରସ୍ତାବିତ ମଦ ଦୋକାନକୁ କେନ୍ଦ୍ର କରି ଜନଅସନ୍ତୋଷ ତେଜିବାରେ ଲାଗିଛି। ଧୂଷୁରୀରୁ ପଙ୍ଗଟା ଦେଇ ହସନାବାଦ ଯାଇଥିବା ଗ୍ରାମ୍ୟ ରାସ୍ତାକଡ଼ରେ ଉଭୟ ଦେଶୀ ଓ ବିଦେଶୀ ମଦଭାଟି ସ୍ଥାପନ ପାଇଁ କିଛି ଅସାଧୁ ବ୍ୟବସାୟୀ ଚଳାଇଥିବା ଚକ୍ରାନ୍ତକୁ ସ୍ଥାନୀୟ ଲୋକେ ତୀବ୍ର ବିରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ, ଶନିବାର ଧୂଷୁରୀ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍ଏସି) ଅଧୀନ ହରିହଂସ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ଗ୍ରାମ ଦେବତୀଙ୍କ ପୀଠରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଏହି ପ୍ରମୁଖ ରାସ୍ତା ଦେଇ ପ୍ରତିଦିନ ଶହଶହ ସ୍କୁଲ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଜନତା ଯାତାୟାତ କରିଥାନ୍ତି। ଏଠାରେ ମଦ ଦୋକାନ ହେଲେ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ଓ ଆଡ୍ଡାସ୍ଥଳୀ ବୃଦ୍ଧି ପାଇବ। ମହିଳା ଓ ଛାତ୍ରଛାତ୍ରୀମାନେ ଯାତାୟାତ ସମୟରେ ଅସୁରକ୍ଷିତ ମଣିବେ। ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଚାଷ ଜମି ନଷ୍ଟ ହେବା ସହ କୃଷି କାର୍ଯ୍ୟ ବ୍ୟାହତ ହେବ ଓ ପରିବେଶ ପ୍ରଦୂଷିତ ହେବ। ପ୍ରସ୍ତାବିତ ସ୍ଥାନ ନିକଟରେ ପବିତ୍ର ମଣ୍ଡୁଅ ନାୟକାଣୀଙ୍କ ପୀଠ ଏବଂ ଶିକ୍ଷାନୁଷ୍ଠାନ ରହିଛି। ଏଭଳି ସ୍ଥାନରେ ମଦଭାଟି ପ୍ରତିଷ୍ଠା କରିବା ଆଧ୍ୟାତ୍ମିକ ପରିବେଶ ପ୍ରତି ଏକ ଗଭୀର ଅବମାନନା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ତୁରନ୍ତ ପ୍ରସ୍ତାବିତ ମଦ ଦୋକାନ ପ୍ରତ୍ୟାହାର କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଭଦ୍ରକ ଜିଲ୍ଲାପାଳ, ଏସ୍‌ପି ଓ ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କୁ ଡାକ ଓ ଇ-ମେଲ୍ ଯୋଗେ ଏକ ସ୍ମାରକପତ୍ର ପ୍ରେରଣ କରାଯାଇଛି। ପ୍ରଶାସନ ଯଦି ଏହି ଦାବି ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ, ତେବେ ଆଗାମୀ ଦିନରେ ହରିହଂସ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଜନସାଧାରଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବୈଠକରେ ସ୍ପଷ୍ଟ ଚେତାବନୀ ଦିଆଯାଇଛି।

ଧାମନଗର ବ୍ଲକ୍‌ର ନଦୀକୂଳିଆ ଗାଁ

# ଲାଗିରହିଛି କୁମ୍ଭୀର ଆତଙ୍କ; ସୁରକ୍ଷା ପାଇଁ ଡଙ୍ଗା ଭରସା

**ଅସୁରାଳି,୧୩।୬(ସମିସ):**

ଧାମନଗର ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ନଦୀକୂଳିଆ ଗାଁରେ ଏବେ କୁମ୍ଭୀର ଆତଙ୍କ ଚରମ ସୀମାରେ ପହଞ୍ଚିଛି। ବିଶେଷ କରି ହସନାବାଦ, ପାଳସାହି, ଅର୍ଜୁନପୁର, ପଧାନି, ଆନନ୍ଦପୁର, ଅସ୍ତକ, ମାମାଦୁଲା, ସଇଲୋ ଏବଂ ଦାସପାରି ଭଳି ନଦୀକୂଳରେ ଅବସ୍ଥିତ ଗ୍ରାମଗୁଡ଼ିକର ବାସିନ୍ଦା ଏବେ ପ୍ରତି ମୁହୂର୍ତ୍ତରେ ଭୟ ଓ ଆଶଙ୍କା ମଧ୍ୟରେ ଦିନ କାଟୁଛନ୍ତି। ଏହିସବୁ ଗ୍ରାମର ଲୋକମାନେ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟ ଯଥା- ଗାଧୋଇବା, ଶୌଚ ହେବା ଏବଂ ଗୃହପାଳିତ ପଶୁଙ୍କ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ଭାବେ ନଦୀ ଜଳ ଉପରେ ହିଁ ନିର୍ଭର କରିଥା'ନ୍ତି। ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଜୀବନକୁ ବାଜି ଲଗାଇ ସେମାନଙ୍କୁ ନଦୀ ତୁଠକୁ ଯିବାକୁ ପଡୁଛି। କୁମ୍ଭୀର ଆକ୍ରମଣର ଭୟ ଥିଲେ ମଧ୍ୟ ନଦୀକୁ ନ ଯାଇ ଗ୍ରାମବାସୀଙ୍କ ପାଖରେ ଅନ୍ୟ କୌଣସି ଉପାୟ ନାହିଁ।

ନିଜର ସୁରକ୍ଷା ଲାଗି ଏହି ଗ୍ରାମଗୁଡ଼ିକର ଲୋକମାନେ ଏବେ ଏକ ଅଦ୍ଭୁତ ଅନ୍ଧବିଶ୍ୱାସର ଆଶ୍ରୟ ନେଇଛନ୍ତି। ଗ୍ରାମବାସୀଙ୍କ ମନରେ ଏକ ଦୃଢ଼ ଧାରଣା ବା ଅନ୍ଧବିଶ୍ୱାସ ରହିଛି ଯେ, ନଦୀ ତୁଠରେ ଡଙ୍ଗା ରଖି ଗାଧୋଇଲେ କୁମ୍ଭୀର ପାଖକୁ ଆସେନାହିଁ। ତେଣୁ ସେମାନେ ନଦୀରେ ସ୍ନାନ କରିବାବେଳେ ବା ଅନ୍ୟ କାର୍ଯ୍ୟ କରିବା ସମୟରେ ଏକ ଡଙ୍ଗାକୁ ନିଜ ପାଖରେ ବାନ୍ଧି ରଖୁଛନ୍ତି। ଏହି ଅନ୍ଧବିଶ୍ୱାସକୁ ଭରସା କରି ଲୋକେ ନିତିଦିନ ନଦୀ ଜଳ ବ୍ୟବହାର କରୁଛନ୍ତି, ଯାହା ଯେକୌଣସି ମୁହୂର୍ତ୍ତରେ ଏକ ବଡ଼ ଦୁର୍ଘଟଣାକୁ ଆମନ୍ତ୍ରଣ କରିପାରେ। ଲୋକଙ୍କ ପ୍ରତ୍ୟକ୍ଷ କହିବା ଅନୁଯାୟୀ, ପ୍ରଶାସନର ଉଦାସିନତା ଯୋଗୁଁ ଆମେ ଆଜି ଅନ୍ଧବିଶ୍ୱାସର ଆଶ୍ରୟ ନେବାକୁ ବାଧ୍ୟ ହୋଇଛୁ। ଡଙ୍ଗା ରଖିଲେ କୁମ୍ଭୀର ଆସିବ ନାହିଁ ବୋଲି ଭାବି ଆମେ ପାଣିକୁ ଓହ୍ଲାଉଛୁ, କିନ୍ତୁ ଏହା କେତେଦୂର ସୁରକ୍ଷିତ ତାହା ଭଗବାନ ଜାଣନ୍ତି।



■ ନଦୀ ତୁଠରେ ସରକାରୀସ୍ତରରେ ତାରଜାଲି ବାଡ଼ ବ୍ୟବସ୍ଥା ଦାବି

■ ଅନ୍ଧବିଶ୍ୱାସକୁ ପାଥେୟ କରି ଜୀବନକୁ ବାଜି ଲଗାଯାଉଛି

ଏଭଳି ସମ୍ବେଦନଶୀଳ ସ୍ଥିତିରେ ସ୍ଥାନୀୟ ପ୍ରଶାସନର ଭୂମିକାକୁ ନେଇ ଏବେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନଦୀ ତୁଠଗୁଡ଼ିକରେ ସରକାରୀସ୍ତରରେ ସୁରକ୍ଷିତ ତାରଜାଲି ବ୍ୟବସ୍ଥା କରାଯାଉନାହିଁ କାହିଁକି, ତାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବନ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏହି ଅନ୍ଧବିଶ୍ୱାସ ଦୂର କରିବା ଏବଂ କୁମ୍ଭୀର ଆକ୍ରମଣରୁ ରକ୍ଷା ପାଇବା ପାଇଁ କୌଣସି ଦୃଢ଼ ସଚେତନତାମୂଳକ ପଦକ୍ଷେପ କିମ୍ବା ବିକଳ୍ପ ପାଣିର ବ୍ୟବସ୍ଥା କରାଯାଇନାହିଁ। ଗ୍ରାମବାସୀଙ୍କ ଜୀବନ ସହ ଏଭଳି ଖେଳ ଖେଳିବା ଆଉ ଗ୍ରହଣୀୟ ନୁହେଁ। ଯଦି ପ୍ରଶାସନ ତୁରନ୍ତ ହସନାବାଦ, ପାଳସାହି, ଅର୍ଜୁନପୁର ପରି ସମସ୍ତ ବିପଦସଙ୍କୁଳ ନଦୀକୂଳିଆ ଗ୍ରାମଗୁଡ଼ିକରେ ସୁରକ୍ଷା ପାଚେରି କିମ୍ବା ତାରଜାଲିର ବ୍ୟବସ୍ଥା ନ କରେ, ତେବେ ଆଗକୁ କୌଣସି ବଡ଼ଧରଣର ଧନଜୀବନ ହାନୀ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ।

# ବୈତରଣୀ ନଦୀବନ୍ଧ ରାସ୍ତା ପ୍ରଶସ୍ତୀକରଣ ଦାବି

**କୋରେଇ,୧୩।୬(ସମିସ):** କୋରେଇ ଏକ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ। ଏହାର ଦକ୍ଷିଣରେ ଖରସ୍ରୋତା ଓ ଉତ୍ତରରେ ବୈତରଣୀ ନଦୀ ପ୍ରବାହିତ। ପ୍ରତ୍ୟେକ ବର୍ଷ ବର୍ଷା ଦିନେ ନଦୀରେ ବନ୍ୟା ଆସି ବହୁ କ୍ଷୟକ୍ଷତି ହେବା ସହ ରାସ୍ତାଘାଟ ଧୋଇ ଯିବା ଓ ଚାଷ ଜମିରେ ବାଲିଚର ହୋଇ ଫସଲ କ୍ଷତି ଘଟିଥାଏ। ନଦୀରେ ବନ୍ୟା ଆସିଲେ ବହୁ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସମେତ ନିର୍ବାଚିତ ରାଜନେତା ବନ୍ୟା ଅଞ୍ଚଳ ପରିଦର୍ଶନ ସମୟରେ ଲୋକଙ୍କର ସମସ୍ତ ସମସ୍ୟା ଦୂର କରିବା ପାଇଁ ପ୍ରତିଶ୍ରୁତି ଦେଇ ଚାଲିଯାଆନ୍ତି। ତା' ପରବର୍ଷ ପୁନର୍ବାର ବନ୍ୟା ଆସିଲେ ଚାଉଳ ମୁଠେ ରିଲିଫ୍ ଦେବାକୁ ସେହିନେତା ମନ୍ତ୍ରୀଙ୍କ ଭିଡ଼ ଜମେ।

ବୈତରଣୀ ନଦୀର ବାମ ପାର୍ଶ୍ୱରେ ଏକ ମଜବୁତ ପଥର ବନ୍ଧ ହୋଇଥିବାରୁ ସାମାନ୍ୟ ବନ୍ୟାରେ ସମସ୍ତ ବନ୍ୟାଜଳ ନଦୀର ଡାହାଣ ପାର୍ଶ୍ୱରେ ଥିବା କୋରେଇ ବ୍ଲକ ଅନ୍ତର୍ଗତ ୪୨ ଗୋଟି ମୌଜାର ଅଞ୍ଚଳକୁ ମାଡ଼ିଆସି ଧନଜୀବନ ନଷ୍ଟ ଦେବା ସହ ୨/୩ ଦିନ ଧରି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହିଥାଏ। ଅସଂଝର ପଞ୍ଚାୟତର ବେଲଦା, ଅସଂଝର, ରାମକୃଷ୍ଣପୁର, ସୁନଚରା, ବଛିପୁର, ସୋଲବନ୍ଧି, ରଣପୁର ପଞ୍ଚାୟତର ରଣପୁର, ଟିଙ୍ଗୁଡ଼ିପୁର, ତୋରନ୍ଦା, ଗୋପାଳପୁର, ଶ୍ୟାମପୁର, ମହୁଲିଆ, ସାଆଁଳା କଣ୍ଟାବଣିଆ, ଗୌରପୁର ପଞ୍ଚାୟତର ଗୌରପୁର, ତୁଳସୀପୁର, ଇଚ୍ଛାପୁର, ମଙ୍ଗଳପୁର, ସାହସପୁର, ନୟାହାଟ,



ପାଟଣା, ମକୁନ୍ଦପୁର ପଞ୍ଚାୟତର ମକୁନ୍ଦପୁର, ମଥୁରାପୁର, ନିଶଂଖପୁର, ଓଷଳା, ଜଳପତିପୁର, ଜଗୁଲେଇଗଡ଼ିଆ, ବିରିଡ଼ି, ଶୋଲପାଟିଆ, ବନ୍ଦାଲୋ ପଞ୍ଚାୟତର ବାଲିଆପାଳ, ଗମ୍ଭାରିଆ, ବନ୍ଦାଲୋ, ରାଉତପଡ଼ା, ମୂଳାପାଳ ପଞ୍ଚାୟତର ଶାଳବା, ପଥରପଦା ପଞ୍ଚାୟତର ପଥରପଦା, ବଡ଼ବରୁଣେଇପଦା ମୌଜା ଆଦି ଜଳମଗ୍ନ ହୋଇଥାଏ। ଏହିସବୁ ଗ୍ରାମବାସୀ ବୈତରଣୀ ନଦୀ ବନ୍ୟାରୁ ରକ୍ଷା ପାଇବା ପାଇଁ ମଥୁରାପୁରଠାରୁ ସୋଲବନ୍ଧି ପର୍ଯ୍ୟନ୍ତ ଅସଂପୂର୍ଣ୍ଣ ଥିବା ନଦୀବନ୍ଧ ସଂପୂର୍ଣ୍ଣ ନିର୍ମାଣ କରିବା ସହ ଯାତାୟାତ ନିମନ୍ତେ ବନ୍ଧକୁ ପ୍ରଶସ୍ତ କରିବା ନିମନ୍ତେ ଦାବି କରାଯାଇଛି। କୋରେଇ ବ୍ଲକ କଂଗ୍ରେସ କମିଟି ସଭାପତି ହରେକୃଷ୍ଣ ସାହୁଙ୍କ ନେତୃତ୍ୱରେ ଏହି ଅଞ୍ଚଳର କଂଗ୍ରେସ କର୍ମୀ ପରୀକ୍ଷିତ ମଳିକ, ନିରଞ୍ଜନ ନାୟକ, ନାରାୟଣ ବେହେରା, ତପନ ଶତପଥୀ, ଗଜେନ୍ଦ୍ର ଯେନା, ବିଜୟ ବାରିକ, ସୁରଥ ଶାହା, ମହେନ୍ଦ୍ର ମହାପାତ୍ର, ଶରତ ପଣ୍ଡା, ରଘୁନାଥ ସାହୁ, ଭାଗୀରଥି ସାହୁ, ରଘୁନାଥ ଯେନା, ସୁକାନ୍ତ ବେହେରା, ଦିଲ୍ଲୀପ ରଥ, ଅଭିମନ୍ୟୁ ଯେନା, ସୁନିଲ ପାଲ ପ୍ରମୁଖ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ରାସ୍ତା ସଂପ୍ରସାରଣ ପାଇଁ ଦାବି ରଖିଛନ୍ତି।

● ଷ୍ଟାଡିୟମ ଉଦ୍‌ଘାଟନ କଲେ ବିଧାୟକ

# ୭୧ତମ ସର୍ବଭାରତୀୟ କବାଡ଼ି ଆରମ୍ଭ



**କୁଆଖିଆ,୧୩।୬(ସମିସ):** ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଖଣ୍ଡିତରଠାରେ ଆଜିଠାରୁ ୭୧ତମ କବାଡ଼ି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର କବାଡ଼ି ଆସୋସିଏସନର ସଭାପତି ପ୍ରଦୀପ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ୧୧ କୋଟି ୯ ୬ ଲକ୍ଷ ୧୫ ହଜାର ଟଙ୍କା ବ୍ୟୟବରାଦରେ ନୂତନ ଷ୍ଟାଡିୟମର ଶୁଭ ଉଦଘାଟନ କରିଥିଲେ। ଆସୋସିଏସନର ସମ୍ପାଦକ ଅଧ୍ୟାପକ ସମରେନ୍ଦ୍ର ଦାଶ ଏ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିବା ବେଳେ ଉତ୍ସବରେ ଜିଲ୍ଲା ସ୍ପୋର୍ଟ୍ସ ଅଧିକାରୀ ଫକୀର ମୋହନ ଟୁଡୁ, ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସେଠୀ, ସାଧାରଣ ସମ୍ପାଦକ ଅଭୟ କୁମାର ମହାନ୍ତି, ପୂର୍ତ୍ତ ବିଭାଗର ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀ କୋମଲ କୁମାର ସ୍ୱାଇଁ, ବରିଷ୍ଠ ଉପଦେଷ୍ଟା ନିଗମାନନ୍ଦ ମହାନ୍ତି, ଉପସଭାପତି କୃଷ୍ଣକାନ୍ତ ପଣ୍ଡା, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ଶତପଥି, ରବୀନ୍ଦ୍ର କୁମାର ପୃଷ୍ଟି, ଅରୁଣ କୁମାର ସାହୁ, ଫାଲ୍ଗୁନୀ ମହାନ୍ତି ପ୍ରମୁଖ ଆସୋସିଏସନର ସମସ୍ତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

ଚାନ୍ଦବାଲି ଜଳ ସମ୍ପଦ ବିଭାଗ

# ବିନା ଟେଣ୍ଡରରେ ଲକ୍ଷାଧିକ ଟଙ୍କାର ପୁରୁଣା ଯନ୍ତ୍ରାଂଶ ବିକ୍ରି !







**ଭଦ୍ରକ,୧୩।୬(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଜଳ ସମ୍ପଦ ବିଭାଗରେ ଚାଲିଛି ଜେଇଙ୍କ ରାଜୁତି। ଏଠାରେ ଗଚ୍ଛିତ ଥିବା ବହୁ ମୂଲ୍ୟବାନ ପୁରୁଣା ଯନ୍ତ୍ରାଂଶକୁ ବିନା ଟେଣ୍ଡରରେ କବାଡ଼ିଖାନାକୁ ବିକ୍ରି ଉଦ୍ୟମ ବେଳେ ମାଡ଼ିବସିଲେ ସ୍ଥାନୀୟ ଲୋକେ। ଖବର ପାଇ ତୁରନ୍ତ ପୁଲିସ ପହଞ୍ଚି ସମ୍ପୃକ୍ତ ଟ୍ରକ୍ ଓ ଯନ୍ତ୍ରାଂଶକୁ ଜବତ କରିବା ସହ ଟ୍ରକ୍ ଚାଳକ ଓ କବାଡ଼ିବାଲାକୁ ଅଟକ ରଖି ତଦନ୍ତ ଜାରି ରଖିଛି। ସ୍ଥାନୀୟ ଲୋକଙ୍କ ପକ୍ଷରୁ ଜେଇ ଓ କବାଡ଼ିବାଲା ନାଁରେ ଥାନାରେ ଅଭିଯୋଗ କରିବାରୁ ଜେଇ ହରଡ଼ଘଣାରେ ପଡ଼ିଛନ୍ତି।

ପ୍ରକାଶ ଯେ, ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଜଳ ସମ୍ପଦ ବିଭାଗରେ ଗଚ୍ଛିତ ଥିବା ବହୁ ମୂଲ୍ୟବାନ ପୁରୁଣା ଯନ୍ତ୍ରାଂଶ ଟ୍ରକ୍‌ରେ ଲଦି ଜନୈକ କବାଡ଼ିଆ ବୋହି ନେବାକୁ ଉଦ୍ୟମ କରୁଥିଲେ। ଏହାକୁ ଦେଖି ସ୍ଥାନୀୟ ଲୋକେ ଗଣମାଧ୍ୟମ ପ୍ରତିନିଧି ଓ ପୁଲିସକୁ ଖବର ଦେଇଥିଲେ। ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଛୁଟି ଦିନରେ ଜଳ ସମ୍ପଦ କାର୍ଯ୍ୟାଳୟ ବନ୍ଦ ଥିବାବେଳେ ଗେଷ୍ଟ ହାଉସ୍ ପରିସରରେ ଟ୍ରକ୍‌ରେ ଯନ୍ତ୍ରାଂଶଗୁଡ଼ିକ ସ୍ଥାନାନ୍ତର ହେବା ଓ ଘଟଣାସ୍ଥଳରେ ନା ଜଳ ସମ୍ପଦ ବିଭାଗର ଅଧିକାରୀ ନା କର୍ମଚାରୀ ଉପସ୍ଥିତ ନ ରହିବା ତାହା ସ୍ଥାନୀୟ ବାସିନ୍ଦାଙ୍କର ସନ୍ଦେହ ଉପୁଜିଥିଲା। ସେହି ପୁରୁଣା ଯନ୍ତ୍ରାଂଶଗୁଡ଼ିକର ଆନୁମାନିକ ମୂଲ୍ୟ ୭୦ରୁ ୮୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ତେବେ କେଉଁ କାରଣରୁ ତାହା ଟେଣ୍ଡର ହୋଇ ନ ଥିଲା ଏବଂ ଯଦି ହୋଇଥିଲା ଏହି ଟେଣ୍ଡରରେ କେମିତି ବିଡରମାନେ ଭାଗ ନେଲେ ନାହିଁ ତାହା ସନ୍ଦେହ ଘେରରେ। ଘଟଣା ସମ୍ପର୍କରେ ବିଭାଗୀୟ ଜେଇ ବାଣିଶ୍ରୀ ନାୟକ ଏସିଙ୍କ ନିର୍ଦ୍ଦେଶରେ ଯନ୍ତ୍ରାଂଶ କବାଡ଼ିବାଲାକୁ ଦିଆଯାଇଛି ବୋଲି ସଫେଇ ଦେଇଥିବାବେଳେ ଏହି ଘଟଣାରେ ଏସ୍‌ଡିଓ କିନ୍ତୁ ସିଧା ମୁହଁ ଖୋଲିଛନ୍ତି। ତାଙ୍କ ଅଜାଣତରେ ଜେଇ ଏହି ବେଆଇନ କାର୍ଯ୍ୟ କରିଛନ୍ତି।

■ ମାଡ଼ିବସିଲେ ସ୍ଥାନୀୟ ଲୋକେ; ଟ୍ରକ୍ ଚାଳକ ଓ କବାଡ଼ିବାଲା ଅଟକ

■ ଯନ୍ତ୍ରାଂଶ ବୋଝେଇ ଟ୍ରକ୍ ଜବତ କାଲା ଚାନ୍ଦବାଲି ପୁଲିସ

■ ଜେଇଙ୍କ ନାମରେ ଥାନାରେ ଏତଲା

ଅନ୍ୟପଟେ ଏହି ଘଟଣାରେ ସ୍ଥାନୀୟବାସୀ ଜେଇ ବାଣିଶ୍ରୀ ନାୟକ ଓ କବାଡ଼ିବାଲାଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ହରଡ଼ଘଣାରେ ପଡ଼ିଛନ୍ତି ଜେଇ ବାଣିଶ୍ରୀ ନାୟକ। ତେବେ ଏହି ଘଟଣାରେ ଜଳ ସମ୍ପଦ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ କ'ଣ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଏବେ ଦେଖିବାକୁ ବାକି ରହିଲା।

# ୩ ବର୍ଷ ଧରି ରାଜସ୍ୱ ଫାଙ୍କୁଛନ୍ତି ଇଟାଭାଟି ମାଲିକ

**ଦୋଲସାହି,୧୩।୬(ସମିସ):** ସରକାରଙ୍କ ପକ୍ଷରୁ ମାଟି ଇଟା ପୋଡ଼ିକୁ ବେଆଇନ ଘୋଷଣା କାଗଜପତ୍ରରେ ସୀମିତ ଥିବାବେଳେ ଏହି ବେଆଇନ ଇଟାଭାଟି ମାଲିକଙ୍କଠାରୁ ତହସିଲ୍ ପ୍ରଶାସନ ଦ୍ୱାରା ଫାଇନ୍ କଟାଯାଉନାହିଁ। ବିଗତ କିଛି ବର୍ଷ ଧରି ସରକାର ଏହି ଫାଇନ୍ କାଟିବା ଦାୟିତ୍ୱ ଖଣିଜ ସମ୍ପଦ ବିଭାଗକୁ ଦେଇଛନ୍ତି। କିନ୍ତୁ ଗତ ୩ ବର୍ଷ ହେଲା ଅନେକ ଇଟାଭାଟି ମାଲିକ ଜରିମାନା ନ ଦେଇ ସରକାରଙ୍କୁ ରାଜସ୍ୱ ଫାଙ୍କୁଥିବା ଜଣାପଡ଼ିଛି। ଆଉ କିଛି ଇଟାଭାଟି ମାଲିକ ବେସରକାରୀ ଭାବେ ଜରିମାନା ଦେଇଥିବା ନିଜ ନାମ ଗୋପନ ରଖି କହିଥିବାବେଳେ ପ୍ରକୃତରେ ଏହି ଟଙ୍କା କାହା ପାଖକୁ ଯାଇଛି ତାହା ଜଣାପଡ଼ିନି।

ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲାରେ ଏକମାତ୍ର ଖଣିଜ ସମ୍ପଦ ବିଭାଗ କାର୍ଯ୍ୟାଳୟ ଥିବାବେଳେ ଜଣେ ମାତ୍ର ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ କାର୍ଯ୍ୟ କରୁଥିବା ଗତ କିଛିଦିନ ତଳେ ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଭଦ୍ରକ ଜିଲ୍ଲାରେ ହଜାର ହଜାର ଏହି ବେଆଇନ ଇଟାଭାଟି ମାଲିକଙ୍କଠାରୁ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ଜରିମାନା କରାଯାଉଥିବା ଜଣାଯାଇଥିଲା ବେଳେ ଗତ ୩ ବର୍ଷ ଧରି ଏହି ଇଟାଭାଟି ମାଲିକଙ୍କ ମଧ୍ୟରୁ ଅଧିକାଂଶ ମାଲିକ ଏହି ଫାଇନ ଫାଙ୍କୁଥିବା ସାଧାରଣରେ ଆଲୋଚନା ହେଉଛି। ତିହିଡ଼ି ତହସିଲ୍ ଅଧୀନରେ ଏହି ବେଆଇନ ଇଟାଭାଟି ମାଲିକଙ୍କ ମଧ୍ୟରୁ ଅଧିକାଂଶ ମାଲିକ ଏହି ଫାଇନ୍ ଫାଙ୍କିଥିବା ଅଭିଯୋଗ ହେଉଥିବାବେଳେ କିଛି ଇଟାଭାଟି ମାଲିକ ନିଜ ନାମ ଗୋପନ ରଖି ଏହି ଫାଇନ୍ ଟଙ୍କା ବେସରକାରୀ ଭାବେ ପ୍ରଦାନ କରିଥିବା କହିଛନ୍ତି। ସେହିପରି ସରକାରଙ୍କ ପକ୍ଷରୁ ଏହି ଖଣିଜ ସମ୍ପଦ ବିଭାଗର କାର୍ଯ୍ୟାଳୟ ଓ କର୍ମଚାରୀ ସଂଖ୍ୟା ବୃଦ୍ଧି କରିବାକୁ ସାଧାରଣରେ ଦାବି ହେଉଛି।



# ଭଦ୍ରକ ଜିଲ୍ଲାରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ

**ଭଦ୍ରକ,୧୩।୬(ସମିସ):**

ରାଜ୍ୟର ପ୍ରତ୍ୟେକ ଗରିବ ଓ ଅଭାବୀ ପରିବାର ପାଇଁ ଖାଦ୍ୟ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ବହୁ ପ୍ରତୀକ୍ଷିତ "ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଶୁକ୍ରବାର ଭଦ୍ରକ ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଜନସାଧାରଣ ଓ ଅତିଥିମାନେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଥିଲେ। ଏହାପରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ରଙ୍କ କରକମଳରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ଔପଚାରିକ ଉଦ୍‌ଘାଟନ କରାଯାଇଥିଲା। 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଏହି ଭବ୍ୟ ସମାରୋହରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରାଧ୍ୟକ୍ଷା ଗୁଲ୍‌ମକି ହବିବି, ମୁଖ୍ୟ ଉନ୍ନୟନ ଅଧିକାରୀ ସୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।





ଏହି ଅବସରରେ ବିଧାୟକ ଶ୍ରୀ ମହାପାତ୍ର 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ସମ୍ପର୍କରେ କହିଥିଲେ ଯେ, ଏହା ରାଜ୍ୟ ସରକାରଙ୍କ ଏକ ଐତିହାସିକ ଓ ଜନକଲ୍ୟାଣମୂଳକ ପଦକ୍ଷେପ। ଏହି ଯୋଜନା ମାଧ୍ୟମରେ ଗରିବ ଓ ଯୋଗ୍ୟ ହିତାଧିକାରୀମାନଙ୍କୁ ଅତ୍ୟନ୍ତ ସୁଲଭ ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି, ଯାହା ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ସହ ସେମାନଙ୍କ ଆର୍ଥିକ ବୋଝକୁ ହ୍ରାସ କରିବ। ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ସମାଜର ଶେଷ ଧାଡ଼ିର ଲୋକଙ୍କ ନିକଟରେ କଲ୍ୟାଣମୂଳକ ଯୋଜନାର ସୁଫଳ ପହଞ୍ଚାଇବା ପାଇଁ ପ୍ରତିବଦ୍ଧ ରହିଛନ୍ତି। ଏହି ଯୋଜନା ସାମାଜିକ ନ୍ୟାୟ ଓ ସମାବେଶୀ ବିକାଶ ଦିଗରେ ଏକ ମାଇଲ୍ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ ମତପ୍ରକାଶ କରିଥିଲେ।

ଏହି ଯୋଜନା ଅଧୀନରେ ଏନ୍‌ଏଫ୍‌ଏସ୍‌ଏ-ପିଏମ୍‌ଜିକେଏୱାଇ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍) ଅନ୍ତର୍ଗତ ସମସ୍ତ ଯୋଗ୍ୟ ରାସନକାର୍ଡଧାରୀଙ୍କୁ ସେମାନଙ୍କ ନିୟମିତ ପ୍ରାପ୍ୟ ବ୍ୟତୀତ ହିତାଧିକାରୀ ପିଛା ପ୍ରତିମାସ ଅତିରିକ୍ତ ୫ କିଲୋଗ୍ରାମ୍ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବ। ଯୋଜନାଟି ଚଳିତ ବର୍ଷ ଏପ୍ରିଲ୍ ମାସରୁ ଲାଗୁ ହୋଇଥିବାରୁ ହିତାଧିକାରୀମାନେ ଏକକାଳୀନ ଭାବେ ଏପ୍ରିଲ୍, ମେ' ଓ ଜୁନ୍ ମାସର ମୋଟ୍ ୧୫ କିଲୋଗ୍ରାମ୍ ଅତିରିକ୍ତ ଚାଉଳ ନିଃଶୁଳ୍କରେ ପାଇପାରିବେ। ଭଦ୍ରକ ଜିଲ୍ଲାରେ ସର୍ବସାଧାରଣଙ୍କୁ ଖାଦ୍ୟ ସୁରକ୍ଷା ସୁବିଧା ପ୍ରଦାନ ପାଇଁ ଯୋଗାଣ ବିଭାଗ ପକ୍ଷରୁ ସୁଦୃଢ଼ ସାର୍ବଜନୀନ ବିତରଣ ବ୍ୟବସ୍ଥା କାର୍ଯ୍ୟକରୀ କରାଯାଇଛି। ଜିଲ୍ଲାରେ ୭ଟି ବ୍ଲକ୍, ୭ଟି ତହସିଲ୍, ୨ଟି ପୌରପାଳିକା ଏବଂ ୨ଟି ଏନ୍‌ଏସି ରହିଥିବାବେଳେ ୨୦୧୧ ଜନଗଣନା ଅନୁସାରେ ଜନସଂଖ୍ୟା ୧୫ ଲକ୍ଷ ୬ ହଜାର ୩୩୭ ରହିଛି।

ଜିଲ୍ଲାରେ ମୋଟ୍ ୪୪୫ଟି ନ୍ୟାୟମୂଲ୍ୟ ଦୋକାନ କାର୍ଯ୍ୟ କରୁଛି। ସେଥିମଧ୍ୟରୁ ୧୩୬ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ୨୯ଟି ଗ୍ରାମ ପଞ୍ଚାୟତ, ୧ଟି ସମବାୟ ସମିତି ଏବଂ ୨୭୯ଟି ବ୍ୟକ୍ତିଗତ ଡିଲରଙ୍କ ଦ୍ୱାରା ପରିଚାଳିତ ହେଉଛି। ଜିଲ୍ଲାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୩ ଲକ୍ଷ ୪୪ ହଜାର ୪୬୨ ପରିବାରର ୧୧ ଲକ୍ଷ ୫୧ ହଜାର ୧୯୧ ଜଣ ସଦସ୍ୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ୧୯ ହଜାର ୧୩୧ ପରିବାରର ୩୬ ହଜାର ୬୭୦ ଜଣ ସଦସ୍ୟ ଅନ୍ତର୍ଭୁକ୍ତ ଅଛନ୍ତି। ଏହିପରି ମୋଟ ୩ ଲକ୍ଷ ୬୩ ହଜାର ୫୯୩ ପରିବାରର ୧୧ ଲକ୍ଷ ୮୭ ହଜାର ୮୬୧ ଜଣ ସଦସ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ଲାଭ ପାଉଛନ୍ତି। ପ୍ରତିମାସରେ ଏନ୍‌ଏଫ୍‌ଏସ୍‌ଏ ଅଧୀନରେ ୬୫ ହଜାର ୬୭୧ କ୍ୱିଣ୍ଟାଲ ଏବଂ ଏସ୍‌ଏଫ୍‌ଏସ୍‌ଏସ୍ ଅଧୀନରେ ୧,୫୫୫.୫୫ କ୍ୱିଣ୍ଟାଲ ଚାଉଳ ଆବଣ୍ଟନ କରାଯାଉଥିବା ବେଳେ ମୋଟ ୬୭,୨୨୬.୫୫ କ୍ୱିଣ୍ଟାଲ ଚାଉଳ ବଣ୍ଟନ ପାଇଁ ଯୋଗାଇ ଦିଆଯାଉଛି। ସେହିପରି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା (ଏମ୍‌ଏପିୱାଇ) ଅଧୀନରେ ତିନି ମାସ ପାଇଁ ୧,୭୮,୧୭୯.୧୫ କ୍ୱିଣ୍ଟାଲ ଚାଉଳ ଆବଣ୍ଟନ କରାଯାଇଛି।

**ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଲେ ଜିଲ୍ଲାବାସୀ**

ସକାଳ THE SAKALA



www.sakalaepaper.com

## ନିଶ୍ଚିନ୍ତକୋଇଲିରେ ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି, ୧୩।୬ (ସମିସ) : ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କୁ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ନିଶ୍ଚିନ୍ତକୋଇଲି ବଜାରରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କଂଗ୍ରେସ କମିଟିର ସଭାପତି ନାରାୟଣ ଦ୍ୱିବେଦୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ବହୁ କଂଗ୍ରେସ ନେତୃବୃନ୍ଦ ଯୋଗଦେଇଥିଲେ। ଶନିବାର ଅପରାହ୍ନରେ ପିସିସି ସଭାପତି ଶ୍ରୀ ଦାସଙ୍କ ସମେତ କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସ, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ, ରାଜ୍ୟସେବା ଦଳର ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, କେନ୍ଦ୍ରାପଡା ଜିଲ୍ଲାକୁ ଗ୍ରସ୍ତରେ ଯିବା ସମୟରେ ଏଭଳି ସମ୍ବର୍ଦ୍ଧନା ଦିଆଯାଇଥିଲା। ମହାକାଳପଡା ବ୍ଲକ ତିଖିରି ପଂଚାୟତର ସରପଂଚ ଚାମେଲି ଓଝାଙ୍କ ଗିରଫ ପ୍ରତିବାଦରେ କେନ୍ଦ୍ରାପଡା ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ଆଲୋଚନା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶ୍ରୀ ଦାସ କେନ୍ଦ୍ରାପଡା ଜିଲ୍ଲା ଗ୍ରସ୍ତ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସଂପାଦକ ପ୍ରମୋଦ କୁମାର ପଣ୍ଡା, ଆଇନଜୀବୀ ଭାସ୍କର ଚନ୍ଦ୍ର ବେହେରା, ସର୍ବଜିତ୍ ଦାସ, ବାନାମ୍ବର ଚାନ୍ଦ, ସୁଶୀଳ ଲେଙ୍କା, ରମେଶ ବାରିକ, ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ଯ୍ୟକାରୀ ହେଲାନି ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ

ନିଶ୍ଚିନ୍ତକୋଇଲି, ୧୩।୬(ସମିସ) :



ନିଶ୍ଚିନ୍ତକୋଇଲି ତହସିଲ ଅଧୀନସ୍ଥ ନତକାଇ ଗ୍ରାମର ବିଶ୍ୱାଳସାହି ଗ୍ରାମ୍ୟ ରାସ୍ତାଟି ଏବେ ବହୁ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଉକ୍ତ ରାସ୍ତାରୁ ଜବରଦଖଲ ଉଚ୍ଛେଦ ପାଇଁ ଗତ ୭ ବର୍ଷରୁ ଉର୍ଦ୍ଧ୍ୱ ହେବ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ତହସିଲ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିଲା। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମ ଗତ ୧୨.୭.୨୦୨୬ ରିଖରେ ତହସିଲ ପକ୍ଷରୁ ଏହାକୁ ଉଚ୍ଛେଦ କରିବା ପାଇଁ ନୋଟିସ ଜାରୀ ହୋଇଥିଲା। ତହସିଲ ନୋଟିସ ଅନୁଯାୟୀ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାରଙ୍କ ସମେତ କେତେକ ପୋଲିସ କର୍ମଚାରୀ ଜେସିବି ନେଇ ଜବରଦଖଲ ଉଚ୍ଛେଦ ପାଇଁ ସଂପୃକ୍ତ ଗ୍ରାମକୁ ଯାଇଥିଲେ। ହେଲେ ସନ୍ଦେହ ଜନକ ଭାବେ ଏହି ଉଚ୍ଛେଦ ପ୍ରକ୍ରିୟା କରାନଯାଇ ସମସ୍ତେ ଫେରିଆସିଥିବା ଦେଖାଯାଇଥିଲା। ତହସିଲ ପକ୍ଷରୁ ସମସ୍ତ ପ୍ରକାର ସଜବାଜ ହୋଇ ଜବରଦଖଲ ଉଚ୍ଛେଦ ପାଇଁ ସଂପୃକ୍ତ ଗ୍ରାମକୁ ପୋଲିସ ଓ ପ୍ରଶାସନ ଯାଇଥିଲା ବେଳେ କାହା ଇଙ୍ଗିତରେ ଏହି ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରାଗଲା ତାହା ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଅପରପକ୍ଷରେ ଜବରଦଖଲ ଉଚ୍ଛେଦ ନହେବାରୁ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ଏଠାରେ ସୂଚନାଯୋଗ୍ୟ ନତକାଇ ଗ୍ରାମର ବୁଢିଜାଗୁଲାଇ ଛକଠାରୁ ବିଶ୍ୱାସସାହି ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ରାସ୍ତାକୁ ଜବରଦଖଲ କରାଯାଇଛି। ଏହି ଜବରଦଖଲ ଉଚ୍ଛେଦ ପାଇଁ ସେହି ଗ୍ରାମର ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରଥମେ ୨୦୧୮ ମସିହାରେ ତହସିଲଦାରଙ୍କୁ ଅବଗତ କରିଥିଲେ ମଧ୍ୟ କିଛି ଫଳ ହୋଇନଥିଲା। ପରବର୍ତ୍ତୀ ସମୟରେ ଏହାର ଉଚ୍ଛେଦ ପାଇଁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନିଆଯାଇଥିଲା। ଉଚ୍ଚ ନ୍ୟାୟାଳୟ ପକ୍ଷରୁ ୨୦୧୮ ରୁ ୨୦୨୫ ମଧ୍ୟରେ ଉଚ୍ଛେଦ ନିମନ୍ତେ ତହସିଲଦାରଙ୍କୁ ଦୁଇ ଥର ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ବର୍ତ୍ତମାନର ତହସିଲଦାର ଦମୟନ୍ତୀ ସାହୁଙ୍କ ନିର୍ଦ୍ଦେଶରେ ଉକ୍ତ ରାସ୍ତାକୁ ମାପଚୁପ କରାଯାଇ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ଜାରୀ କରାଯାଇଥିଲେ ମଧ୍ୟ ଏହା

### ଜବରଦଖଲ ଉଚ୍ଛେଦ ବନ୍ଦ ନେଇ ଅସନ୍ତୋଷ

ଶେଷ ସମୟରେ ବନ୍ଦ ହୋଇଥିଲା। ଉକ୍ତ ଘଟଣା ସଂପର୍କରେ ସଂପୃକ୍ତ ଅତିରିକ୍ତ ତହସିଲଦାରଙ୍କୁ ପଚାରିବାରୁ ପୋଲିସ ଫୋର୍ସର ଅଭାବ ଏବଂ ମାପ ସମୟରେ ଜବରଦଖଲକାରୀମାନଙ୍କ ଅନୁପସ୍ଥିତର ଅଭିଯୋଗକୁ ନେଇ ଏହି ଉଚ୍ଛେଦ ପ୍ରକ୍ରିୟା ବନ୍ଦ୍ ରହିଥିବା ପ୍ରକାଶ କରିଛନ୍ତି।

## କାର୍‌କୁ ପିଟିଲା ହାଇୱା

ତ୍ରିଶୁଳିଆ,୧୩।୬(ସମିସ): ଗୋବିସାହି ପାଣ୍ଡି ଅନ୍ତର୍ଗତ ପଦ୍ମନାଭନଗର ଛକରେ ହାଇୱା କାର ଧକ୍କାରେ ଅଳ୍ପକେ ବର୍ତ୍ତିଗଲେ ଚାଳକ ସହ ଯାତ୍ରୀ। ଘଟଣା ରୁ ପ୍ରକାଶ ଯେ ଶନିବାର ଅପରାହ୍ନ ୨ଟା ସମୟରେ ତ୍ରିଶୁଳିଆ ବଜାରରୁ ଆଠଗଡ଼ ଅଭିମୁଖେ ଯାଉଥିବା ଓଡି ୦୨ଏୟୁ ୧୬୯୭ କାରକୁ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଓଡି ୦୫ସିଡି ୯୬୭୭ ହାଇୱା ଗାଡ଼ିଟି ପଦ୍ମନାଭନଗର ଛକ ଉପରେ କାରର ଡାହାଣ ପାଖରେ ଧକ୍କା ଦେଇଥିଲା। ଫଳରେ ହାଇୱା ର ଡାହାଣ ପଟ ନଷ୍ଟ ହୋଇଯାଇଥିବା ବେଳେ କାର ଚାଳକ ସହ ଯାତ୍ରୀ ଜଣକ ଏକ ବଡ଼ ଅଘଟଣରୁ ବର୍ତ୍ତି ଯାଇଛନ୍ତି। ଖବର ପାଇ ବାଙ୍କୀ ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଚୋରା ବନ୍ଧୁକ ଜବତ, ଜଣେ ଗିରଫ



ଚୌଦ୍ୱାର,୧୩।୬(ସମିସ): ଦେଶୀ ଶିକାରୀ ବନ୍ଧୁକ ରଖିବା ଅଭିଯୋଗରେ ଚୌଦ୍ୱାର ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ବ୍ୟକ୍ତି ଜଣଙ୍କ ଗୋଡ଼ପୁଆ ଗ୍ରାମର ରାମ ସିଂ ଶିଙ୍କୁ (୪୦) ବୋଲି ଜଣାପଡିଛି । ଚୌଦ୍ୱାର ପୁଲିସ ତା ନିକଟରୁ ଏକ ସିଙ୍ଗଲ ବ୍ୟାରେଲ ଶିକାରୀ ଦେଶୀ ବନ୍ଧୁକ ଜବତ କରିଛି । ତେବେ ରାମ ସିଂ ଏହି ବନ୍ଧୁକକୁ ଶିକାର ଉଦ୍ଦେଶ୍ୟରେ ବ୍ୟବହାର କରୁଥିଲେ। ଅନ୍ୟ ସମୟରେ ବନ୍ଧୁକ ଦେଖାଇ ସ୍ଥାନୀୟ ଅଂଚଳବାସୀଙ୍କୁ ଭୟଭୀତ କରାଉଥିଲେ। ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ରାମ ସିଂ ଙ୍କ ଘରେ ଚଢ଼ାଉ କରିଥିଲା । ପୂର୍ବରୁ ୨୦୨୩ ମସିହାରେ ରାମ ସିଂ ଠାରୁ ଆଉ ଦୁଇଟି ବନ୍ଧୁକ ଜବତ ହୋଇଥିବା ନେଇ ପୁଲିସ ପ୍ରକାଶ କରିଛି ।

## ଗ୍ରୀଷ୍ମକାଳୀନ ସଂଗୀତ ଶିବିର ଉଦ୍‌ଯାପିତ

ନିଶ୍ଚିନ୍ତକୋଇଲି, ୧୩।୬ (ସମିସ) : ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ସର୍ବପୁରାତନ ବେଲେଶ୍ୱରୀ ସଂଗୀତ କଳାନିକେତନରେ ୧୨ ଦିନ ଧରି ଚାଲିଥିବା ଗ୍ରୀଷ୍ମକାଳିନ ସଂଗୀତ ଶିବିର ଉଦ୍‌ଯାପିତ ହୋଇଛି। ଏହି ଶିବିରରେ ୩୫ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀମାନେ ସଂଗୀତ, ତବଲା ଓ ଅନ୍ୟାନ୍ୟ



ବିଭାଗରେ ବହୁ ସୁନାମଧନ୍ୟ ଗୁରୁଙ୍କ ନିକଟରୁ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। କଳାନିକେତନର ପ୍ରତିଷ୍ଠାତା ସଂପାଦକ ରାଜ୍ୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁ ଗୋପୀନାଥ ବେହେରାଙ୍କ ସଭାପତିତ୍ୱରେ ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଳାନିକେତନର ପରିଚାଳନା କମିଟି ସଭାପତି ସାହିତ୍ୟିକ ଦେବେନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବେ ସଂପାଦକ ପରିବେଶବିତ୍ ପ୍ରମୋଦ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ସଂଗୀତପ୍ରେମୀ ଅଭିମନ୍ୟୁ ସାହୁ, ଆରତୀ ଦାସ ପ୍ରମୁଖ ଯୋଗଦେଇ ସଂଗୀତ ଓ ବାଦ୍ୟ ଶିକ୍ଷାର ବିଭିନ୍ନ କଳା ଓ କୌଶଳ ସଂପର୍କରେ ଶିବିରାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ସଂଗୀତ ଅଧ୍ୟାପକ ଗୁରୁ ଯଶୋବନ୍ତ ଜେନା ପ୍ରାରମ୍ଭିକ ସୂଚନା ଏବଂ ଶିକ୍ଷାଦାନ ସଂପର୍କରେ ଆଲୋଚନା କରିଥିଲେ। ଦାମୋଦର ରାଉତ, ଅଜୟ କୁମାର ଦାସ, ଭାଗ୍ୟଧର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଗୁରୁ ଦେବାଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ତିଗିରିଆ କୋର୍ଟ ପରିସରରେ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ

ତିଗିରିଆ,୧୩।୬ (ସମିସ): ତିଗିରିଆ କୋର୍ଟ ପରିସରରେ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି କାଯ୍ୟକ୍ରମକୁ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ତିଗିରିଆ କୋର୍ଟର ବିଚାରପତି ଅନିମେଶ ସାମଲ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି କାଯ୍ୟକ୍ରମରେ ଶିଶୁ ମାନଙ୍କର ସାମ୍ବିଧାନିକ ଅଧିକାର ବିଷୟରେ ବୁଝେଇଥିଲେ । ଶିଶୁ ମାନଙ୍କୁ ବିଭିନ୍ନ ଶ୍ରମ ରେ ଲଗାଇଲେ ଭାରତୀୟ ସମ୍ବିଧାନ ରେ କି ପ୍ରକାର ଆଇନ ରେ ଦଣ୍ଡିତ ହବାର ବ୍ୟବସ୍ଥା ଅଛି ଏବଂ ଶିଶୁ ମାନଙ୍କ ପାଇଁ କିଭଳି ମାଗଣା ରେ ପଢ଼ିବାର ବ୍ୟବସ୍ଥା ଅଛି ସେ ବିଷୟରେ ଅଧ୍ୟକ୍ଷ ସମ୍ୟକ ଭାବରେ କହିଥିଲେ ।ଏହି କାଯ୍ୟକ୍ରମରେ ସ୍ଥାନୀୟ ତିଗିରିଆ ମହାବିଦ୍ୟାଳୟରର ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ତିଗିରିଆ ଓକିଲ ସଂଘ ର ସମ୍ପାଦକ ତନ୍ମୟ କୁମାର ମିଶ୍ର, ଲିଗାଲ ରିଟେନର ଆଇନଜୀବୀ ରମେଶ ଚନ୍ଦ୍ର ମାଝି, ସରୋଜ କୁମାର ସାହୁ, ଆଶୁତୋଷ ମିଶ୍ର, ସୁରେଶ ଚନ୍ଦ୍ର ସାହୁ, ଆଦ୍ୟାଶା ମିଶ୍ର ଏବଂ ତିଗିରିଆ କୋର୍ଟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବଜାରରେ ବିକ୍ରି ପାଣି ବୋତଲର ମାନ ହେଉନି ଯାଞ୍ଚ

ନିଶ୍ଚିନ୍ତକୋଇଲି, ୧୩।୬ (ସମିସ) : ସାଧାରଣ ଲୋକମାନେ ପିଇବା ପାଇଁ ବଜାରରେ ବିକ୍ରି ହେଉଥିବା ପାଣି ବୋତଲ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଦିନକୁ ଦିନ ଛତୁ ଫୁଟିଲା ପରି ପାଣି ବୋତଲ ପ୍ୟାକିଙ୍ଗ୍ କଂପାନୀ ଖୋଲାଯାଇଥିବା ଦେଖିବାକୁ ମିଳିଛି। ବିକ୍ରି ହେଉଥିବା ପାଣି ବୋତଲର ମାନ ଯାଞ୍ଚ କରାଯାଉନଥିବାରୁ ବହୁ ବ୍ୟବସାୟିକ ପ୍ରତିଷ୍ଠାନରେ ଅବଧି ଶେଷ ହୋଇଥିବା ପାଣି ବୋତଲ ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଗତ ବୁଧବାର ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ବୈଠକରେ ଜନପ୍ରତିନିଧି ଓ ଅଫିସରମାନଙ୍କୁ ଯେଉଁ ପାଣି ବୋତଲ ପିଇବା ପାଇଁ ଦିଆଯାଇଥିଲା ତାହା ମଧ୍ୟ ଅବଧି ଶେଷ ହୋଇଥିବା ନେଇ ବହୁ ଜନପ୍ରତିନିଧି ଅଭିଯୋଗ କରିଛନ୍ତି। ବର୍ଷସାରା ପାଣି ପାଉଚ ଓ ପାଣି ବୋତଲ ଲୋକମାନଙ୍କର ଅତ୍ୟାବଶ୍ୟକ ହୋଇପଡିଥିବା ବେଳେ ବିଭିନ୍ନ ଭୋଜି, ବିବାହ, ବ୍ରତ , ସାମାଜିକ କାର୍ଯ୍ୟକ୍ରମ, ସଭା, ସମିତି, ହୋଟେଲ ଓ ପର୍ବପର୍ବାଣୀରେ ଏହି ବୋତଲ ପ୍ୟାକିଂ ପାଣି ବ୍ୟବହାର କରାଯାଉଥିବା ଦେଖାଯାଇଛି। ଏହାର ସୁଯୋଗରେ ପାଣି ବୋତଲ ପ୍ୟାକିଂ କଂପାନୀ ୨୦୦ ମିଲିଲି. ରୁ ଆରମ୍ଭ କରି ୩୦୦ ମିଲିଲି. ୫୦୦ମିଲିଲି.୧ ଲିଟର ୨ ଲିଟର ୫ଲିଟର ଓ ୨୦ ଲିଟର ପର୍ଯ୍ୟନ୍ତ ପାଣି ପ୍ୟାକିଂ ପ୍ରସ୍ତୁତ କରୁଛନ୍ତି। ପାଣି ପ୍ୟାକିଂ ପ୍ରସ୍ତୁତ ସମୟରେ ବୋତଲରେ ଯେଉଁ ଷ୍ଟିକର ଲଗାଯାଉଛି ସେଥିରେ ଅବଧି ଶେଷ ତାରିଖ ମଧ୍ୟ ଦିଆଯାଉଛି। ଅଧିକ ପରିମାଣରେ ପାଣି ରଖିଲେ କଂପାନୀ ପକ୍ଷରୁ ବ୍ୟବସାୟୀମାନଙ୍କୁ ରିହାତି ଦିଆଯାଉଥିବା ଲୋଭରେ ବ୍ୟବସାୟୀମାନେ ଯେତିକି ପାଣି ବିକ୍ରି ହେବା କଥା ତାହାଠାରୁ ଅଧିକ ପାଣି ଗଚ୍ଛିତ ରଖୁଥିବାରୁ ଏହା ବିକ୍ରି ହୋଇ ନପାରି ଅବଧି ଶେଷ ହେଉଛି। ଯାହାଦ୍ୱାରା ଏହି ଅବଧି ଶେଷ ହେଉଥିବା ପାଣି ଗୁଡିକୁ ବ୍ୟବସାୟୀମାନେ ନଷ୍ଟ ନକରି ଗ୍ରାହକଙ୍କୁ ବିକ୍ରି କରୁଥିବା ଦେଖାଯାଉଛି। ବଜାରରେ ମିଳୁଥିବା ପାଣି ପ୍ୟାକେଜ୍ ଉପଯୁକ୍ତ ମାନର କି ନୁହେଁ କିମ୍ବା ଏହାକୁ ମଣିଷ ପିଇଲେ ଶରୀର କେତେ ସୁରକ୍ଷିତ ରହିବ ସେ ନେଇ ସରକାରଙ୍କ ଯାଞ୍ଚ ବିଭାଗ ତରଫରୁ ପରୀକ୍ଷା ନିରୀକ୍ଷା କରାଯିବା କଥା। ହେଲେ ଏହା କରାଯାଉନଥିବାରୁ ବଜାରରେ ଏଭଳି ଦୂଷିତ ପାଣି ବିକ୍ରି କରାଯାଉଥିବା ଦେଖାଯାଇଛି।

## ୨୮୩୦ ଲିଟର ମଦ ଜବତ

ତିଗିରିଆ,୧୩।୬ (ସମିସ): ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପଧାନ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ଆଜି ତିଗିରିଆ ଥାନା ଅନ୍ତର୍ଗତ ଭୀରୁଡ଼ା (ଉପରଗଡ, ଗରପଡ଼ା, ପାଇକସାହି) ,ପଣସ ପାଟଣା ଗ୍ରାମ ଏବଂ ସଂରକ୍ଷିତ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, କଟକ ସଦର -୩ ଅବକାରୀ ବିଭାଗ, ନରସିଂହପୁର ଅବକାରୀ ଥାନା ଏବଂ ଜିଲ୍ଲା ଭ୍ରାମ୍ୟମାଣ ୟୁନିଟ ସହଯୋଗରେ ଏକ ମିଳିତ ଚଡାଉ କରାଯାଇ ଥିଲା। ଉକ୍ତ ଚଡାଉରେ ସର୍ବମୋଟ ୨୮୩୦ ଲିଟର ଦେଶୀ ମଦ ସହ ୨୧୦୩୫ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି ।ଏହି ଘଟଣା ରେ ଅବକାରୀ ବିଭାଗ ପକ୍ଷରୁ କାହାକୁ ଗିରଫ କରାଯାଇନଥିବା ବେଳେ ୬ ଗୋଟି ମାମଲା ରୁଜୁ କରା ଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।ଏହି ଚଢ଼ାଉ ରେ ଅନ୍ୟ ମାନଙ୍କ ମଧ୍ୟରେ କଟକ ସଦର -୩ ଅବକାରୀ ଥାନା ଓଆଇସି ରାଜେଶ ପଟେଲ, ଜିଲ୍ଲା ଭ୍ରାମ୍ୟମାଣ ୟୁନିଟ ର ଏସଆଇ ଅକ୍ଷୟ କୁମାର ଜେନା ଙ୍କ ସମେତ ଆଠଗଡ ଅବକାରୀ ଥାନା, ବାଙ୍କୀ ଅବକାରୀ ଥାନା, ନ ରସିଂହପୁର ଅବକାରୀ ଥାନା ର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ଯୁବ ସାମ୍ବାଦିକଙ୍କୁ ମେଡିକାଲରେ ଭେଟିଲେ ବିଧାୟକ

ସାଲେପୁର,୧୩।୬(ସମିସ): ଖବର ସଂଗ୍ରହ କରି ଫେରୁଥିବାବେଳେ ଦୁର୍ବୃତ୍ତମାନଙ୍କ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ଅବସ୍ଥାରେ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଯୁବ ସାମ୍ବାଦିକ ଲକ୍ଷ୍ମଣ ଦାସଙ୍କୁ ଆଜି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଡାକ୍ତରଖାନାରେ ପହଞ୍ଚି ତାଙ୍କୁ ସାକ୍ଷାତ କରିଥିବା ଜଣାଯାଇଛି। ଶ୍ରୀ ବେହେରା ଲକ୍ଷ୍ମଣଙ୍କୁ ସାକ୍ଷାତ କରି ତାଙ୍କର ଚିକିତ୍ସା ସଂପର୍କରେ ପଚାରି ବୁଝିବା ସହ ତାଙ୍କୁ ବିନା ଦୋଷରେ ଆକ୍ରମଣ କରିଥିବା ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାପାଇଁ



ଗ୍ରାମାଞ୍ଚଳ ଏସ୍.ପି.ଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ପ୍ରକାଶ ଯେ ଗତ ୪ଦିନ ତଳେ ଖବର ସଂଗ୍ରହ କରି ଘରକୁ ଫେରୁଥିବାବେଳେ ସାମ୍ବାଦିକ ଲକ୍ଷ୍ମଣ ଦାସଙ୍କୁ ୫ରୁ ୬ଜଣ ଦୁର୍ବୃତ୍ତ ରଡ୍ ଓ ମାରଣାସ୍ତ୍ରରେ ଆକ୍ରମଣ କରି ଗୁରୁତର ଆହତ କରିଥିଲେ। ଶ୍ରୀ ଦାସ ଉକ୍ତ ଦିନ ଠାରୁ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବାବେଳେ ଆଜି ସାଲେପୁର ବିଧାୟକ ଶ୍ରୀ ବେହେରା ତାଙ୍କ ନିକଟରେ ପହଞ୍ଚି ତାଙ୍କର ଚିକିତ୍ସା ସଂପର୍କରେ ପଚାରି ବୁଝିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

## ପଦ୍ମନାଭଙ୍କ ବିୟୋଗରେ ସ୍ମୃତିସଭା

ଟାଙ୍ଗୀ,୧୩।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ଅଭୟପୁର ନିବାସୀ ଧର୍ମପ୍ରାଣ ବ୍ୟକ୍ତି ପଦ୍ମଲାଭ ସ୍ୱାଇଁଙ୍କ ବିୟୋଗରେ ଦ୍ୱାଦଶରେ ଶନିବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ଅନ୍ୟତମ ଅତିଥିଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିନିଧି ଜନ୍ମେଜୟଖିଲାର, ସ୍ଥାନୀୟସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ପ୍ରାକ୍ତନ ସରପଞ୍ଚ ସୁବୋଧ କୁମାର ସାମଲ, ଗୋବିନ୍ଦ ଚନ୍ଦ୍ର ଦାସ, ପ୍ରମୋଦ ଜଟ, ସୁଲଭ ଧଳ, ପ୍ରଶାନ୍ତ ବସ୍ତିଆ, ଗଙ୍ଗାଧର ବେହେରାଙ୍କ ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଜ୍ୟେଷ୍ଠ ପୁତ୍ର ରକ୍ଷ୍ୟାନନ୍ଦ ସ୍ୱାଇଁ ଅତିଥି ଚର୍ଚ୍ଚା କରିଥିବାବେଳେ କନିଷ୍ଠ ପୁତ୍ର ପ୍ରେମାନନ୍ଦ ସ୍ୱାଇଁଙ୍କ ସମେତ ବନ୍ଧୁ ପରିବାର ବର୍ଗ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ରଜରେ ହେବ ଅଲେଖ ଟୁଙ୍ଗି ବାର୍ଷିକ ଉତ୍ସବ

ଟାଙ୍ଗୀ,୧୩।୬ (ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ କଉଡିଆପଡା ଗ୍ରାମର ଅଲେଖ ମହିମା ଟୁଙ୍ଗୀର ବାର୍ଷିକ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମ ଅବଧୂତ ସାଧୁ ଶୁକଦେବ ବାବା ଯୋଗଦେଇ ରଜ ସଂକ୍ରାନ୍ତିରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଅଖଣ୍ଡ ବ୍ରହ୍ମଧ୍ୱନି ସ୍ଥାପନ, ଘୃତବତୀ ପ୍ରଜ୍ୱଳନ ସହ ଭଜନ ସଂକୀର୍ତ୍ତନ ଅନୁଷ୍ଠିତ ହେବ। ଆଖପାଖ ଅଞ୍ଚଳର ଭଜନ ମଣ୍ଡଳୀ ଯୋଗଦେବେ ବୋଲି ସୂଚନା ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ସମସ୍ତ ଗ୍ରାମବାସୀ ଯୋଗଦେଇଥିଲେ।

## ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କଲେ ସାଂସଦ

ନିଶ୍ଚିନ୍ତକୋଇଲି ୧୩.୬(ସମିସ) : କେନ୍ଦ୍ରାପଡା ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଶନିବାର ଦିନ ନିଶ୍ଚିନ୍ତକୋଇଲି ବ୍ଲକ ଅଧିନରେ ଥିବା ବିଭିନ୍ନ ପଂଚାୟତ ଗ୍ରସ୍ତ କରି ଲୋକମାନଙ୍କର ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଏବଂ ତାଙ୍କର ହଜାର ହଜାର ସମର୍ଥକ ଶ୍ରୀ ପଣ୍ଡାଙ୍କୁ ସ୍ୱାଗତ କରିବା ସହିତ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିବା ପାଇଁ ପାଛୋଟି ନେଇଥିଲେ। ପ୍ରଥମେ ଓରତି ପଂଚାୟତ ବରକୋଳିଆଠାରେ ଦ୍ୱୀପାଂଚଳକୁ ପାଇପ ଦ୍ୱାରା ପାନୀୟ ଜଳ ଯୋଗାଇ ଦେବା ପାଇଁ ନିର୍ମାଣ କରାଯାଉଥିବା ପ୍ରକଳ୍ପ କାର୍ଯ୍ୟର ଅନୁଧ୍ୟାନ କରିବା ସହିତ ଏହାକୁ ତୁରନ୍ତ ଶେଷ କରିବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜମରା ପଂଚାୟତର ବିଷମପଡା ଗ୍ରାମ ପରିଦର୍ଶନ କରି ଗ୍ରାମବାସୀମାନଙ୍କ ସହିତ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ଏହାପରେ ଲୁଣା ନଦୀ ଉପରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବହୁ ଚର୍ଚ୍ଚିତ ହାଇଲେବୁଲ ସୁଇସ୍ ସେତୁର ପ୍ରକଳ୍ପ କାର୍ଯ୍ୟକୁ ବୁଲି ଦେଖିଥିଲେ। ଏହାପରେ ଅସୁରେଶ୍ୱର ପଂଚାୟତ ଦିକ୍ଷିତପଡାରେ ଥିବା ମାହାଙ୍ଗାର ବରପୁତ୍ର ଗୌରୀଶଙ୍କର ରାୟଙ୍କ ବାସଭବନ ପରିଦର୍ଶନ କରି ତାଙ୍କର ପରିବାର ସଂକ୍ରାନ୍ତରେ ଅଣନାତି ଉଦୟଶଙ୍କର ରାୟଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସାଂସଦଙ୍କ ସହିତ କଟକ ଜିଲ୍ଲା ବିଜେପି ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି ଉପସ୍ଥିତ ରହିଥିବା ବେଳେ ବିଭିନ୍ନ ପଂଚାୟତର ସରପଂଚ, ସମିତିସଭ୍ୟସଭ୍ୟା ଏବଂ ବହୁ ନେତୃବୃନ୍ଦ ଯୋଗଦେଇଥିଲେ।

## ୩ ମାସ ହେଲା ମିଳିନି ଭତ୍ତା ଟଙ୍କା

ସାଲେପୁର,୧୩।୬(ସମିସ): ତିନି ମାସ ହେଲା ସାଲେପୁର ବ୍ଲକ୍‌ର ୩୫ଟି ପଞ୍ଚାୟତରେ ବୁଢ଼ାବୁଢ଼ୀଙ୍କୁ ଭତ୍ତା ଟଙ୍କା ମିଳିନାହିଁ। ଏହି ଭତ୍ତା ଟଙ୍କା ନମିଳିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଯେଉଁ ବୁଢ଼ାବୁଢ଼ୀମାନେ ପ୍ରତିମାସରେ ଭତ୍ତା ଟଙ୍କା ପାଇଁ ନିଜର ଗୁଜୁରାଣ ମେଣ୍ଟାଇ ଆସୁଥିଲେ, ଏବେ ୩ମାସ ଧରି ଭତ୍ତା ଟଙ୍କା ନମିଳିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ବ୍ଲକ୍‌ର ସତ୍ୟଭାମାପୁର ଗ୍ରାମପଞ୍ଚାୟତର ଗଣେଶ୍ୱରପୁର ଗ୍ରାମର ଶତାୟୁ ପୁରୁଷ ଉପେନ୍ଦ୍ର ବିଶ୍ୱାଳଙ୍କୁ ୧୦୫ବର୍ଷ ହୋଇଥିବାବେଳେ ଦୀର୍ଘ ୩ମାସ ଧରି ସେ ଭତ୍ତା ଟଙ୍କା ପାଇନାହାଁନ୍ତି। ତାଙ୍କ ଭତ୍ତା ଟଙ୍କା ଡାକଘରକୁ ଆସୁଥିଲାବେଳେ ତାଙ୍କର ଟିପଚିହ୍ନ ଓ ଆଖି ଛାପ ମେଳ ଖାଉନଥିବାରୁ ସେ ଭତ୍ତା ଟଙ୍କା ଉଠାଇ ପାରୁନାହାଁନ୍ତି। ଯାହା ଫଳରେ ଡାକଘରେ ଦୀର୍ଘ ସମୟ ଧରି ଅପେକ୍ଷା କରି ହତାଶ ହୋଇ ଫେରୁଛନ୍ତି। ରଜ ପୂର୍ବରୁ ଭତ୍ତା ଟଙ୍କା ମିଳିଥିଲେ, ତାଙ୍କର ଔଷଧ ପତ୍ର ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚରେ ତାହା ଲାଗିଥାନ୍ତା। କିନ୍ତୁ ଏହି ଟଙ୍କା ନମିଳିବା ଯୋଗୁ ଶତାୟୁ ପୁରୁଷ ଉପେନ୍ଦ୍ର ବିଶ୍ୱାଳ ଦୁଃଖରେ ଭାଙ୍ଗିପଡିଛନ୍ତି। ସେହିପରି ସାଲେପୁର ବ୍ଲକ୍‌ର ବହୁ ଲୋକ ଏବେ ସୁଦ୍ଧା ଭତ୍ତା ଟଙ୍କା ବ୍ୟାଙ୍କ୍ ଜରିଆରେ ପାଉନାହାଁନ୍ତି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରଜ ଉତ୍ସବ ପାଳନ ହେଉଥିବାବେଳେ ଭତ୍ତା ଟଙ୍କା ନ ମିଳିବାରୁ ବୁଢ଼ାବୁଢ଼ୀମାନେ ଦୁଃଖରେ ଭାଙ୍ଗିପଡିଛନ୍ତି।

## ସାଂସଦ ବୈଜୟନ୍ତ ପଣ୍ଡାଙ୍କ ସାଲେପୁର ଗସ୍ତ



ସାଲେପୁର,୧୩।୬ (ସମିସ): ଆଜି କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଦିନିକିଆ ସାଲେପୁର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଫେରିଯାଇଥିବା ଜଣାଯାଇଛି। ଶ୍ରୀ ପଣ୍ଡା ଆଜି ସକାଳ ପ୍ରାୟ ୯ଟା ସମୟରେ ପ୍ରଥମେ ସାଲେପୁର ବଜାର ନିକଟରେ ଥିବା ମା'ସାହେଶ୍ୱରୀ ମନ୍ଦିରରେ ପହଞ୍ଚି ମନ୍ଦିର ପରିସର ସଫେଇ କରିଥିଲେ। ସେହିପରି ଶତାଧିକ କର୍ମୀଙ୍କ ସହ ସାଲେପୁର ହାଇସ୍କୁଲ ପଡ଼ିଆରେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଚାରାରୋପଣ କଲାପରେ ସାଲେପୁର ମଧୁମଣ୍ଡପଠାରେ ହରିଜନ ଆଦିବାସୀ ଲୋକଙ୍କ ସହ ବିଭିନ୍ନ ପ୍ରକାର ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀ ପଣ୍ଡା ସାଲେପୁର ତହସିଲଦାରଙ୍କ ନୂତନ କାର୍ଯ୍ୟାଳୟ ଗୃହ ବୁଲି ଦେଖିବା ସହ ସେଠାରେ ସାଲେପୁର ତହସିଲଦାରଙ୍କ ସହ ଆଲୋଚନାରେ ଭାଗନେଇଥିଲେ। କଟକ ଜିଲ୍ଲା ବିଜେପି ଗ୍ରାମୀଣ ଉପସଭାପତି ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଗ୍ରାମୀଣ ବିଜେପି ସଭାପତି ରାମନାରାୟଣ ମହାନ୍ତି, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ କୁଂଜମୋହନ ସେଠୀ, ପୂର୍ବତନ ଜିଲ୍ଲା ସଭାପତି ଚୌଧୁରୀ ହେମନ୍ତ ସାହୁ, ବିଜେପି କର୍ମକର୍ତ୍ତା ପ୍ରଫୁଲ୍ଲ କୁମାର ସ୍ୱାଇଁ, ସନାତନ ଦାଶ, ରଶ୍ମିରଂଜନ ଲେଙ୍କା, ବିଶିଷ୍ଟ ଶିକ୍ଷାବିତ୍ ତ୍ରିଦେବ ବେହେରା, ରାଜ୍ୟ ବିଜେପି କିଷାନ୍ ମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନି, ମହିଳା ନେତ୍ରୀ ବିଜୟଲକ୍ଷ୍ମୀ ଦାଶଙ୍କ ସହିତ ବହୁ ବିଜେପି ନେତା ଓ କର୍ମୀମାନେ ସାଂସଦ ଶ୍ରୀ ପଣ୍ଡାଙ୍କ ସହିତ ଏହି ସବୁ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ରାସ୍ତାର ଶିଳାନ୍ୟାସ ଉତ୍ସବ




ମାହାଙ୍ଗା,୧୩।୬(ସମିସ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ହଳଦିଆ ପଂଚାୟତସ୍ଥ ଇଟାମୁଣ୍ଡୁଳି ଠାରେ ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଭୁକ୍ତ ନିଶ୍ଚିନ୍ତକୋଇଲି ଲଳିତଗିରି ଆରଆଣ୍ଡବି ରାସ୍ତା ଶୁଭ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ବୈଜୟନ୍ତ ପଣ୍ଡା ଯୋଗ ଦେଇ ଏହି ଶିଳାନ୍ୟାସର ଭିତିପ୍ରସ୍ତର ସ୍ଥାପନ କରି ମାହାଙ୍ଗା ଅଞ୍ଚଳର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି ମାନଙ୍କ ଆଲୋଚନା, ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେବା ସହିତ ଏରକଣା ଠାରେ କବି ଓ ଲେଖକ ମାନଙ୍କ ସହ ଆଲୋଚନା, ପଲ୍ଲୀସହି ଠାରେ ବିଦ୍ଧିଜୀବୀ ମାନଙ୍କ ସହ ବୈଠକ, ଆଦିନାଟ୍ୟକାର ଜଗମୋହନ ଲାଲା ଙ୍କ ବାସଭବନ ପରିଦର୍ଶନ, ବିନୋଦବିହାରୀ ମନ୍ଦିର ପରିଦର୍ଶନ କରିବା ସହ ଚାହାପଡା ପଂଚାୟତ ଜହଲ ଗ୍ରାମରେ ପହଂଚି ବୁଦ୍ଧିଜୀବୀ ମାନଙ୍କ ସହ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କ ରେ ଆଲୋଚନା କରିଥିଲେ। ଏଥିରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଉପେନ୍ଦ୍ର ବେହେରା, ନାରୀନେତ୍ରୀ ଯାଜ୍ଞସେନୀ ଜେନା, କବି ଏକାଦଶୀ ପ୍ରଧାନ, ଜୟଦେବ ଖଟୁଆ, ଭକ୍ତଚାରଣ ସ୍ୱାଇଁ , ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଗ୍ରାମୀଣ ବିଜେପି ଜିଲା ସଭାପତି ରାମ ନାରାୟଣ ମହାନ୍ତି, ପୁର୍ବତନ ବ୍ଲକ ଆଧ୍ୟକ୍ଷା କନକ ଲତା ବେହେରା, କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବିଜେପିର ବହୁ କର୍ମୀ ଉପସ୍ଥିତ ଥିଲେ।

# ରଜ ପାଇଁ ଉତ୍ସବମୁଖର ପୁରପଲ୍ଲୀ

ଚୌଦ୍ୱାର,୧୩।୬(ସମିସ):

ଆନନ୍ଦ ଉତ୍ସବର ପର୍ବ ରଜ। ଏହା ହିନ୍ଦୁ ଧର୍ମର ଏକ କୃଷି ଭିତ୍ତିକ ପର୍ବ। ଏହି ରଜପର୍ବର ଅବ୍ୟବହିତ ପୂର୍ବରୁ ଆଜି ରାଜ୍ୟର ପୁରପଲ୍ଲୀ ଠାରୁ ସହର ବଜାର ପର୍ଯ୍ୟନ୍ତ ଆରମ୍ଭ ହୋଇଛି ସଜବାଜ। ଘରେ ଘରେ ପିଠାପଣା ତିଆରି କରିବା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ପିଠା ଆଉ ମିଠା ପ୍ରସ୍ତୁତି ପାଇଁ ବିରି, ଚାଉଳ, ନଡ଼ିଆ ଆଦିକୁ ନେଇ ପିଠଉ ତିଆରି ହେଉଥିବାବେଳେ ରଜ ପର୍ବକୁ ଅଧିକ ମଧୁର କରିବା ପାଇଁ ଘରେ ଘରେ ପୋଡ଼ପିଠା ମଧ୍ୟ ତିଆରି ଚାଲିଛି। ଝିଅମାନେ ବିଭିନ୍ନ ପ୍ରସାଧନ ସମାଗ୍ରୀ ଦ୍ୱାରା ନିଜକୁ ଆଭୁଷଣ କରିବା ଆରମ୍ଭ କରିଛନ୍ତି। ରଜ ପର୍ବ ଝିଅମାନଙ୍କ ମୁଖ୍ୟପର୍ବ ହୋଇଥିବାରୁ ପୁଅମାନଙ୍କ ଅପେକ୍ଷା ଝିଅମାନେ ଅଧିକ ପ୍ରସ୍ତୁତିରେ ଲାଗିଯାଇଛନ୍ତି। ସାଙ୍ଗ ସାଥିଙ୍କ ଗହଣରେ ନିଜକୁ ସଜେଇ ହେବାର ଅଭ୍ୟାସ ଆରମ୍ଭ କରିଥିବାବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଜପର୍ବକୁ ଅଧିକ ଉତ୍ସବମୁଖର କରିବା ପାଇଁ ବିଭିନ୍ନ ଫୁଲ ଓ ଡାଳ ପତ୍ର ବାନ୍ଧି ଦୋଳି ଝୁଲାଇବା କାର୍ଯ୍ୟରେ କର୍ମକର୍ତ୍ତାମାନେ ବ୍ୟସ୍ତ ଅଛନ୍ତି। ଆସନ୍ତା କାଲି ଠାରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ଥାନରେ ରଜ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ଆୟୋଜିତ ବିଭିନ୍ନ ପିଠା ଓ ମିଠାର ପ୍ରତିଯୋଗିତାରେ ଭାଗ ନେବା ପାଇଁ ମହିଳାମାନେ ମଧ୍ୟ ସ୍ୱତନ୍ତ୍ର ପିଠା ପ୍ରସ୍ତୁତିରେ ବ୍ୟସ୍ତ ରହିଛନ୍ତି। ଆଉକିଛି ସ୍ଥାନରେ ରଜଦୋଳି ଖେଳ ସାଙ୍ଗକୁ ରଜ ଗୀତ ଗାଇବା ପାଇଁ ରଜଦୋଳି କଟ ମଟ ମୋ ଭାଇ ମୁଣ୍ଡରେ ସୁନାମୁକୁଟ... ସହିତ ପୁଚି ଖେଳବେଳେ 'ଠିଆପୁଚି ନାରଙ୍ଗ ଗୋଡ ଦିଇଟା ସାରଙ୍ଗ' ଆଦି ଗୀତର ପଙ୍‌କ୍ତି ଗୁଣୁଗୁଣୁ ହେବା ସହ ଆସନ୍ତାକାଲି କିପରି ରଜର ମଜା ଉଠାଇବେ ସେ ନେଇ ପୁରା ସଜବାଜ ହୋଇ ଉଠିଛନ୍ତି।

ରଜପାଇଁ ସ୍ୱତନ୍ତ୍ର ବ୍ୟବହୃତ ଗୀତ ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ ଆସିଛି ରଜଲୋ ନେଇ ନୂଆସଜବାଜ ଆଜିବି ଗୁଞ୍ଜରିତ ହେଉଛି। ଅର୍ଥାତ ଗ୍ରୀଷ୍ମର ନିଧାଗର ଅନ୍ତଘଟାଇ ଆଶାଢ଼ର ପ୍ରବେଶ ହିଁ ରଜପର୍ବ। ତେଣୁ ଚାଷ କାମ ପାଇଁ ଆରମ୍ଭର ସମୟ। ତେଣୁ ରଜ ୩ଦିନ ପାଳନ ପରେ ଭୂଦହନ ଠାରୁ ଚାଷୀଭାଇମାନେ ଚାଷ କାମରେ ମନୋନିବେଶ କରିଥାନ୍ତି। ଏଥିପାଇଁ ପ୍ରତ୍ୟେକ ଚାଷୀ ଘରେ ନୂଆ ସଜବାଜ ହେବାର ପରମ୍ପରା ରହିଛି। ମାତ୍ର ବର୍ତ୍ତମାନ ଯୁଗ ଅନୁଯାଇ ସବୁକିଛି ବଦଳିବାରେ ଲାଗିଛି। ପ୍ରତି ଘରେ ଏହି ପର୍ବ ପାଳିତ ହେଉଥିଲେ ମଧ୍ୟ ସମୟକ୍ରମେ ପରମ୍ପରାରେ ଘଟିଲାଣି ଅନେକ କିଛି ପରିବର୍ତ୍ତନ। ଏହି ପର୍ବ ୩ଦିନ ଧରି ପାଳନ ହେଉଥିବାବେଳେ ପ୍ରଥମ ଦିନକୁ ପହିଲି ରଜ ବୋଲି କୁହାଯାଏ। ଏହି ପର୍ବର ପୂର୍ବଦିନକୁ ବଟା-



ଘଷା ବା ସଜବାଜ ଭାବେ ଅଭିହିତ ହୋଇଥାଏ। ରଜ ସମୟରେ ବସୁମାତା ରଜସ୍ୱାଳା ହୋଇଥିବାରୁ ଏହି ଦିନ ଧରିତ୍ରୀ ଅର୍ଥାତ ମାଟିକୁ କୌଣସି ଆଘାତ ଲାଗିବା ଭଳି କାର୍ଯ୍ୟ କରାଯାଏ ନାହିଁ। ତେଣୁ ରଜ ପୂର୍ବ ଦିନ ପ୍ରତ୍ୟେକ କାର୍ଯ୍ୟ ଶେଷ କରାଯାଇଥାଏ। ରଜରେ ପିଠା ଓ ମିଠା ଖାଇବାର ପରମ୍ପରା ରହିଛି। ତେଣୁ ଲୋକେ ପିଠା ପ୍ରସ୍ତୁତ କରିବା ପାଇଁ ଆବଶ୍ୟକୀୟ ପିଠଉ ମଧ୍ୟ ପୂର୍ବ ଦିନରୁ ପ୍ରସ୍ତୁତ କରିଥାନ୍ତି। ହେଲେ ଏବେ ସମୟ ବଦଳିଛି। ଘରେ ଘରେ ଅତି ପରିଚିତ ଶିଳ, ଚକି ଏବେ କାହାଣୀ ପାଲଟିଛି। ବିଦ୍ୟୁତ ଚାଳିତ ଗ୍ରାଇଣ୍ଡର ତଥା ଅନ୍ୟାନ୍ୟ ଉପକରଣ ଯୋଗୁଁ ପାରମ୍ପରିକ ଶିଳ ଚକିର ଆଉ ବ୍ୟବହାର ହେଉନାହିଁ। ତଥାପି ଘରେ ଥିବା ବୁଢ଼ାବୁଢ଼ୀଲୋକଙ୍କ ମନ ମାନୁନି ରଜ ପାଇଁ ଶିଳ ଚକି ଧରି ପିଠଉ ପ୍ରସ୍ତୁତ କରିବାରେ ବ୍ୟସ୍ତ ରହିଛନ୍ତି। ଏ ସଂକ୍ରାନ୍ତରେ ଯୁବପିଢ଼ିର ମତ ମଧ୍ୟ ବଦଳିଛି। ରଜରେ ଆମେ ଶିଳ ଚକିତ ବ୍ୟବହାର କରୁନୁ ତେଣୁ ପୂର୍ବରୁ କାହିଁକି ପ୍ରସ୍ତୁତି କରିବୁ। ପ୍ରସ୍ତୁତି ବେଶି ସମୟ ରହିଲେ ତାହା ନଷ୍ଟ ହୋଇଯିବ ବୋଲି ମଧ୍ୟ ମତ ଦେଉଛନ୍ତି। ବର୍ଷରେ ଥରେ ଆସୁଥିବା ରଜ ଯେମିତି ମଉଜ ଦେବ ସେଥିପାଇଁ ସେଥି ପାଇଁ ସମସ୍ତେ ବ୍ୟସ୍ତ। ମାତ୍ର ବଟା-ଘଷା ଦିନରେ ପୂର୍ବରୁ ଚାଲୁଥିବା କାର୍ଯ୍ୟ ଏବେ ଆଉ ଦେଖିବାକୁ ମିଳୁନାହିଁ। ଏହି ଭଳି ଆଧୁନିକତାର ଦ୍ୱାହିରେ ଅନେକ ପରମ୍ପରା ଆଜି ହଜିବାକୁ ବସିଛି। ତେବେ ଚଳିତ ବର୍ଷ ରଜ ରବି, ସୋମ ଓ ମଙ୍ଗଳବାର ପଡୁଛି। ତେଣୁ ପହିଲି ରଜ ଦିନ ଆମିଷ ଚାହିଦା ରହିବ ବୋଲି କୁହାଯାଉଥିବାବେଳେ ଅବଶିଷ୍ଟ ଦୁଇଦିନ ଆମିଷ ହେବ ନାହିଁ। ତେଣୁ ଚଳିତ ବର୍ଷ ନିରାମିଷରେ ଚଳାଇ ଦେବା ପାଇଁ ଲୋକେ ମନ ସ୍ଥିର କରିଛନ୍ତି।

# ଏମ୍‌ସିଏଲ୍ ମହିଳା କର୍ମଚାରୀଙ୍କ ଆତ୍ମହତ୍ୟା

## ପୁରୁଷବନ୍ଧୁ ଉସୁକାଇଥିବା ନେଇ ପରିବାରର ଅଭିଯୋଗ

**ସମ୍ବଲପୁର, ୧୩।୬ (ସମିସ):** ବୁର୍ଲା ଆନନ୍ଦବିହାରସ୍ଥିତ ମହାନଦୀ କୋଲଫିଲ୍ଡ୍‌ସ ଲିମିଟେଡ(ଏମସିଏଲ)ର ଜଣେ ମହିଳା କର୍ମଚାରୀଙ୍କ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ରହୁଥିବା କ୍ୱାର୍ଟରରେ ଦଉଡ଼ି ଲଗାଇ ଝୁଲିପଡ଼ିଥିବା ଜଣାପଡ଼ିଛି। ପୁରୁଷ ବନ୍ଧୁ ଆତ୍ମହତ୍ୟା ପାଇଁ ଉସୁକାଇଥିବା ନେଇ ପରିବାର ପକ୍ଷରୁ ବୁର୍ଲା ଥାନାରେ ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଉଛନ୍ତି ଅନୁଗୁଳ ଜିଲ୍ଲା ତାଳଚେର ସହରର ଆୟୁସ୍ମିତା ସାମତ(୨୩)। ସୂଚନା ଅନୁସାରେ ଆୟୁସ୍ମିତା ବୁର୍ଲା ଏମସିଏଲର ଫାଇନାନ୍ସ ଡିପାର୍ଟମେଣ୍ଟ (ଆକାଉଣ୍ଟସ ସେକ୍ସନ)ରେ କ୍ଲର୍କ ଭାବେ କାର୍ଯ୍ୟରତ ଥିଲେ। ଆୟୁସ୍ମିତାଙ୍କ ପିତା ସୁଦେଶ କୁମାର ସାମତ ମଧ୍ୟ ଏମ୍‌ସିଏଲ୍‌ର ଜଣେ କର୍ମଚାରୀ ଥିଲେ। ପିତାଙ୍କ ଦେହାନ୍ତପରେ ଆୟୁସ୍ମିତାଙ୍କୁ ଏହି ଚାକିରି ମିଳିଥିଲା। ଏମ୍‌ସିଏଲ ଜାଗୃତି ବିହାର ସରକାରୀ କ୍ୱାର୍ଟର ନମ୍ବର ୩୬ (ବି-ଟାଇପ, ବ୍ଲକ ନମ୍ବର ୫)ରେ ଏକୁଟିଆ ରହୁଥିଲେ। ଆଜି ଅଫିସ ନ ପହଞ୍ଚିବାରୁ ସହକର୍ମୀ ଓ ସାଙ୍ଗମାନେ ତାଙ୍କୁ ଫୋନ କରିଥିଲେ। ମାତ୍ର ବାରମ୍ବାର ଫୋନ କରିବା ସତ୍ତ୍ୱେ ସେ କଲ୍ ଗ୍ରହଣ କରି ନ ଥିଲେ। ତେଣୁ ସନ୍ଦେହ ହେବାରୁ ସାଙ୍ଗମାନେ ତାଙ୍କ କ୍ୱାର୍ଟରକୁ ଯାଇ କବାଟ ବାଡେଇଥିଲେ। କବାଟ ନ ଖୋଲିବାରୁ ସେମାନେ ଏମ୍‌ସିଏଲ ସିକ୍ୟୁରିଟି ଇନ୍‌ଚାର୍ଜଙ୍କୁ ଜଣାଇଥିଲେ। ପରେ ସିକ୍ୟୁରିଟି କର୍ମଚାରୀ ଓ ବୁର୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଆୟୁସ୍ମିତା ଏକ ଦଉଡ଼ି ସାହାଯ୍ୟରେ ଝୁଲୁଥିବା ଝରକାରେ ଦେଖିବାକୁ ମିଳିଥିଲା। ପରିବାର ଉପସ୍ଥିତିରେ ଶବକୁ ବାହାର କରାଯାଇଥିଲା। ଆସନ୍ତାକାଲି ଶବବ୍ୟବଚ୍ଛେଦ ହେବାନେଇ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଅଧିକାଂଶ ସରକାରୀ ଗାଡ଼ିରେ ନାହିଁ କାଗଜପତ୍ର

## ଏସ୍‌ଏମ୍‌ସି ଡେପୁଟି କମିଶନର ଗାଡ଼ି ଦୁର୍ଘଟଣାରେ ମଧ୍ୟ ସମାନ ସ୍ଥିତି

## ସାଧାରଣଲୋକଙ୍କ ପାଇଁ ନିୟମ, ବଡ଼ବଡ଼ିଆଙ୍କୁ ମାଫ୍

## ଗାଡ଼ି ଚେକିଂ କାହା ପାଇଁ ?

**ସମ୍ବଲପୁର, ୧୩।୬(ସମିସ)**

ନିୟମ ତିଆରି ହେଉଛି କେବଳ ସାଧାରଣ ଲୋକଙ୍କ ପାଇଁ। ବଡ଼ବଡିଆ ବାବୁଙ୍କ ପାଇଁ ସବୁ ନିୟମ ମାଫ୍। ଏଭଳି ଘଟଣା ସମ୍ବଲପୁରରେ ପରିଲିକ୍ଷିତ ହେଉଛି। କାରଣ ଗୁରୁବାର ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନର ଗାଡ଼ି ଧକ୍କାରେ ଜଣେ ଲାଇନମ୍ୟାନଙ୍କ ମୃତ୍ୟୁ ହୋଇଥିଲା। ହେଲେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ବୀମା କି ଫିଟ୍‌ନେସ୍ ନାହିଁ। ଦୁର୍ଘଟଣା ପରେ ଗାଡ଼ିର ତଥ୍ୟ ସାମ୍ନାକୁ ଆସିଥିଲା। କିନ୍ତୁ ବାସ୍ତବରେ ସମ୍ବଲପୁରର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଲାଗିଥିବା ଅଧିକାଂଶ ଗାଡ଼ିରେ ବିଭିନ୍ନ କାଗଜପତ୍ର ନାହିଁ। ବାବୁମାନେ ଉକ୍ତ ଗାଡ଼ି ଗୁଡିକୁ ବ୍ୟବହାର କରୁଛନ୍ତି କିନ୍ତୁ ଗାଡ଼ି ସମ୍ପର୍କରେ କିଛି ଜାଣିବାକୁ ଇଛା କରୁନାହାନ୍ତି କି ଜାଣି ଅଣଦେଖା କରୁଛନ୍ତି। ସୂଚନା ଅନୁସାରେ ରାଜ୍ୟ ସରକାର ସଡ଼କ ସୁରକ୍ଷାକୁ ନେଇ ବଡ଼ବଡ଼ ସଚେତନତା ଶିବିର କରୁଛନ୍ତି, ବିନା ହେଲମେଟ୍ କିମ୍ବା ବୀମା ନଥିବା ଗାଡ଼ି ଚାଳକଙ୍କ ଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଛି। ହେଲେ ନିୟମ କେବଳ ସାଧାରଣ ଜନତାଙ୍କ ପାଇଁ, ସରକାରୀ ବାବୁଙ୍କ ପାଇଁ ନୁହେଁ। ଯାହା ଏସଏମସି ଗାଡ଼ି ଦୁର୍ଘଟଣାରୁ ଜଣାପଡ଼ିଛି। ଏହା ସ୍ଥାନୀୟ ପ୍ରଶାସନର ଦାୟିତ୍ୱହୀନତାକୁ ପଦାରେ ପକାଇ ଦେଇଛି। ସହରରେ ଚାଲୁଥିବା ଅଧିକାଂଶ ସରକାରୀ ଅଫିସ୍ ଗାଡ଼ିରେ ନା ଅଛି ବୈଧ ବୀମା ନା ଅଛି ଫିଟନେସ୍। ଆଉ ଏହି ବେଆଇନ ଗାଡ଼ିଗୁଡ଼ିକ ଯୋଗୁଁ ସହରରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ସମ୍ବଲପୁର ପ୍ରଶାସନ ପୂରା ନିରବ ସାଜିଛି।

ଦୁର୍ଘଟଣାଗ୍ରସ୍ତ ହୋଇଥିବା ଡେପୁଟି କମିଶନରଙ୍କ ସେହି ଗାଡ଼ିର କୌଣସି ବୈଧ ବୀମା କିମ୍ବା ଫିଟନେସ୍ ସାର୍ଟିଫିକେଟ୍ ନଥିଲା। ଦୀର୍ଘ ଦିନ ହେବ ସରକାରୀ ନିୟମକୁ ବେଖାତିର କରି ଏହି ଗାଡ଼ିଟି ସହରର ରାଜପଥରେ ଦ୍ରୁତ ଗତିରେ ଦୌଡୁଥିଲା। ଏହି ଘଟଣା ପରେ ସାଧାରଣ ଜନତା ପ୍ରଶ୍ନ କରିବା ଆରମ୍ଭ କଲେଣି। ଯଦି ଜଣେ ସାଧାରଣ ବାଇକ୍ ଚାଳକର ଇନସ୍ୟୁରାନ୍ସ କିମ୍ବା ପଲ୍ୟୁସନ ସାର୍ଟିଫିକେଟ୍ ନଥାଏ, ତେବେ ଆରଟିଓ ଏବଂ ଟ୍ରାଫିକ ପୁଲିସ ହଜାର ହଜାର ଟଙ୍କାର ଚାଲାଣ କାଟିଥାନ୍ତି। ଗାଡ଼ି ଜବତ କରିବାକୁ ମଧ୍ୟ ପଛାନ୍ତି ନାହିଁ। କିନ୍ତୁ ସରକାରୀ ଅଧିକାରୀ ଓ ବିଭିନ୍ନ ବିଭାଗରେ ଭଡ଼ାରେ ଲାଗିଥିବା ଗାଡ଼ିଗୁଡ଼ିକ କ୍ଷେତ୍ରରେ ଏହି ନିୟମ କୁଆଡ଼େ ଯାଉଛି। ଫିଟନେସ୍ ନଥାଇ ଚାଲୁଥିବା ଏହି ଗାଡ଼ିଗୁଡ଼ିକ ପ୍ରତିଦିନ ଲୋକଙ୍କ ଜୀବନ ସହ ଖେଳୁଛନ୍ତି, ହେଲେ ସବୁ ଜାଣିଶୁଣି ପ୍ରଶାସନ ଆଖିରେ ଅନ୍ଧପୁଟୁଳି ବାନ୍ଧି ବସିଛି। ସରକାରୀ ବାବୁଙ୍କ ଗାଡ଼ିର ଯଦି ବୀମା ଓ ଫିଟନେସ୍ ନାହିଁ, ତେବେ ସେହି ଗାଡ଼ିଗୁଡ଼ିକୁ ସିଜ୍ କରାଯାଉ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସମ୍ବଲପୁରର ବିଭିନ୍ନ ସରକାରୀ ଅଫିସ, ଯେପରିକି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମହାନଗର ନିଗମ, ଏବଂ ଅନ୍ୟାନ୍ୟ ବିଭାଗରେ ଶତାଧିକ ଗାଡ଼ି ଚୁକ୍ତିଭିତ୍ତିରେ କିମ୍ବା ସରକାରୀ ଭାବେ ଚାଲୁଛି। ଏଥିମଧ୍ୟରୁ ଅଧିକାଂଶ ଗାଡ଼ିର କାଗଜପତ୍ର ଅଚଳ ହୋଇପଡ଼ିଥିବା ଅଭିଯୋଗ ହେଉଛି। ଏହି ସାଂଘାତିକ ଖାମଖିଆଲି ନୀତି ଉପରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଆର.ଟି.ଓ କି ପଦକ୍ଷେପ ନେଉଛନ୍ତି, ନା ପୂର୍ବପରି 'ବାବୁ' ସଂସ୍କୃତିକୁ ସୁରକ୍ଷା ଦେଇ ନିରବ ରହୁଛନ୍ତି ତାହା ଦେଖିବାକୁ ବାକି ରହିଛି।

# ଯୁବକଙ୍କୁ ଭାଲୁ ଆକ୍ରମଣ ବେଳେ ବଞ୍ଚାଇଲେ କୁକୁର ପଲ

**ରେଢ଼ାଖୋଲ, ୧୩।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧୀନ ବଡ଼ମାଳ ପଞ୍ଚାୟତ ଅଧୀନ ରାଇତୁଆ ଗାଁ ମୁଣ୍ଡରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଆହତ ହୋଇଛନ୍ତି। ଯୁବକ ଜଣକ ହେଲେ ଜୁଯୁମୁରା ଥାନା ବଡ଼ ସୁଡୁଙ୍ଗୁପାଲ ବାସିନ୍ଦା ସୁବିଲ ପଟା(୪୫)।



ସୂଚନା ଯୋଗ୍ୟ ଯେ ଉକ୍ତ ଯୁବକ ଜଣଙ୍କ କୌଣସି କାର୍ଯ୍ୟରେ ଚାରମାଳ ଥାନା ରାଇତୁଆ ଗ୍ରାମକୁ ଆସିଥିବାବେଳେ ଆଜି ସକାଳୁ ଗାଁ ମୁଣ୍ଡ ସଂଲଗ୍ନ ଜଙ୍ଗଲକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ହଠାତ୍ ତିନୋଟି ଭାଲୁ ଅତର୍କିତ ଭାବରେ ଆକ୍ରମଣ କରିଥିଲେ। ସେ ଏକ ଗଛ କୁ ଚଢ଼ି ଯାଇଥିବାବେଳେ ଭାଲୁ ଗଛ ଉପରୁ ତାଙ୍କୁ ଟାଣି ଆଣିଥିଲେ। ତେବେ ଏହା ଦେଖି କୁକୁର ପଲମାନେ ଭାଲୁ ମାନଙ୍କ ସହିତ ଲଢ଼େଇ କରି ସେ ସ୍ଥାନରୁ ଘଉଡ଼ାଇ ଦେବାରୁ ଯୁବକଙ୍କ ଜୀବନ ରକ୍ଷା କରିଥିଲେ। ଏହା ଜାଣିବା ପରେ ଗ୍ରାମବାସୀ ଓ ପୂର୍ବତନ ସରପଞ୍ଚ ଷଡାନନ ପ୍ରଧାନ ପହଞ୍ଚି ୧୦୮ ଆମ୍ବୁଲାନ୍ସରେ ଚାରମାଳ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଯୁବକଙ୍କ ପେଟ, ହାତ, କାନ୍ଧ, ଅଣ୍ଟା, ପିଠି ଓ ପାପୁଲିରେ ଗଭୀର କ୍ଷତ ହୋଇଛି। ଯୁବକ ଜଣଙ୍କ ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଜଣାପଡ଼ିଛି।

# ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା

**କୁଚିଣ୍ଡା, ୧୩।୬ (ସମିସ):** ଶୁକ୍ରବାର ସନ୍ଧ୍ୟାରେ କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ ୬ ରାଜଧାନୀ ପଡ଼ାର ନିରଞ୍ଜନ ସିଂ (୬୦) କୌଣସି କାରଣରୁ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ବଡ଼ ଭାଇ ଶୌଚ ପାଇଁ ଯିବା ସମୟରେ ଝରକା ଖୋଲାଥିବା ଦେଖି ଭିତରକୁ ଯାଇ ଦେଖିବାବେଳକୁ ତାଙ୍କ ଭାଇ ଦଉଡ଼ିଦେଇ ପଙ୍ଖାରେ ଝୁଲି ପଡ଼ିଛନ୍ତି। ପରିବାର କୁଚିଣ୍ଡା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଶବ ଜବତକରି କୁଚିଣ୍ଡା ଡାକ୍ତରଖାନାକୁ ପଠାଇ ଥିଲେ। ଶନିବାର କୁଚିଣ୍ଡା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି।

# ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ



**ସମ୍ବଲପୁର, ୧୩।୬ (ସମିସ) :** ଆଇନ ସେବା ପ୍ରାଧିକରଣ ସମ୍ବଲପୁର ତଥା ଜିଲ୍ଲା ଦୌରା ଜଜ୍ ପ୍ରଜ୍ଞା ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଘେନୁପାଲିସ୍ଥିତ 'ରାଜୀବ ଗାନ୍ଧୀ ଭବନ' ଠାରେ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସୁକୁମାର ମହାପାତ୍ର, ସହକାରୀ ଶ୍ରମ ଅଧିକାରୀ ତାନିୟା ଠାକୁର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣା ସେଠ, ସରପଞ୍ଚ ଜଗଦୀଶ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରବାସୀ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଶ୍ରୀମତୀ ଠାକୁର ଶ୍ରମିକମାନଙ୍କର ଅସୁବିଧା ଗୁଡିକର ସମାଧାନ କରିଥିଲେ ଓ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସଚିବ ଶ୍ରୀ ମହାପାତ୍ର ଜନସାଧାରଣଙ୍କୁ ମାଗଣା ଆଇନ ସେବା ଓ ଶ୍ରମର ମହତ୍ୱ ବିଷୟରେ ଅବଗତ କରାଇଥିଲେ। ଶେଷରେ ସରପଞ୍ଚ ଶ୍ରୀ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁକୁମାର ମହାପାତ୍ର ପରିଚାଳନା କରିଥିବାବେଳେ ପିଏଲ୍‌ଭି ଅନିରୁଦ୍ଧ ପ୍ରଧାନ ସହଯୋଗ କରିଥିଲେ।

# ବରିଷ୍ଠ ନେତା ଭବାନୀ ଶଙ୍କରଙ୍କ ବିୟୋଗରେ ଶୋକ

**ସମ୍ବଲପୁର, ୧୩।୬(ସମିସ):** କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ଭବାନୀ ଶଙ୍କର ନାଏକଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କ ଗଭୀର ଶୋକ ପ୍ରକଟ କରିଛନ୍ତି। ଇଂ ପୂଜାରୀ ନିଜର ଶୋକ ବାର୍ତ୍ତାରେ ପ୍ରକାଶ କରିଛନ୍ତି ଯେ, ସମ୍ବଲପୁର ଜିଲ୍ଲାର ବରିଷ୍ଠ ନେତା, ବାମରା ଅଞ୍ଚଳର ବରିଷ୍ଠ ସଂଗଠକ ଭବାନୀ ଶଙ୍କର ନାଏକ (କାମ ବାବୁ)ଙ୍କ ବିୟୋଗ ଖବର ଶୁଣି ମୁଁ ଗଭୀର ମର୍ମାହତ ଏବଂ ଦୁଃଖିତ। ସ୍ୱର୍ଗତ ନାଏକ ତତ୍କାଳୀନ ଲଇକେରା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବରେ ପ୍ରତିଦ୍ୱନ୍ଦ୍ୱିତ କରି ବହୁ ଅଳ୍ପ ଭୋଟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ଠାରୁ ପରାଜିତ ହୋଇଥିଲେ, ପରବର୍ତ୍ତୀ ସମୟରେ ବାମରା ବ୍ଲକ ଗୋବିନ୍ଦପୁର ସରପଞ୍ଚ ଭାବରେ ନିର୍ବାଚିତ ହୋଇ ଜନସେବାରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ। ଏହା ସହ ବିଗତ ଦିନରେ ବିଜୁ ଜନତା ଦଳର ଜିଲ୍ଲା ଉପସଭାପତି ଦାୟିତ୍ୱରେ ରହି କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଙ୍ଗଠନକୁ ସୁଦୃଢ କରିବା ପାଇଁ କାମ କରିଥିଲେ। ଏଭଳି ଅସମୟରେ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ମୋର ଗଭୀର ସମବେଦନା ଜଣାଉଛି, ଅମର ଆତ୍ମାର ସଦଗତି ଏବଂ ପରିବାର ବର୍ଗଙ୍କ ଅସୀମ ଧୈର୍ଯ୍ୟ ଓ ସାହସ ନିମନ୍ତେ ମାଁ ସମଲେଶ୍ୱରୀ ଏବଂ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

# ରାଜ୍ୟସ୍ତରୀୟ 'ସମ୍ବଲପୁରୀ ଦିନ୍' ପାଇଁ ପ୍ରସ୍ତୁତି



## ସମ୍ବଲପୁରୀ ଡେରା ହେବ ସମ୍ବଲପୁରୀ ଚିତ୍ର କର୍ମଶାଳା

**ସମ୍ବଲପୁର, ୧୩।୬(ସମିସ):** ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ଏକ ଅବସରରେ ସମ୍ବଲପୁରରେ ୧୪ ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଅନୁଷ୍ଠିତ ଏହି ବୈଠକରେ ସମ୍ବଲପୁରୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ଭୂମିକା ଉପରେ ଆଲୋଚନା କରାଯାଇଥିଲା। ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀଶ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ବଲପୁରୀ ଡେରାକୁ ସମ୍ବଲପୁରୀର ପ୍ରଦର୍ଶନ କେନ୍ଦ୍ର ହିସାବରେ ବିକଶିତ କରିବା ପାଇଁ ଯୋଜନା ରହିଛି। ସମ୍ବଲପୁରୀ ଦିନ ଭଳି ପରିକଳ୍ପନା ସଫଳ ହେବାପରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଦାୟିତ୍ୱ ବଢ଼ିଛି। ସମ୍ବଲପୁରୀ ପାଇଁ ସମର୍ପିତ ପ୍ରତିଷ୍ଠିତ ବ୍ୟକ୍ତି ମାନଙ୍କ ଫଟୋ ଡେରା ପରିସରରେ ଅଙ୍କାଯାଇ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏଥିପାଇଁ ଚିତ୍ରଶିଳ୍ପୀ ମାନଙ୍କୁ ନେଇ ଏକ କର୍ମଶାଳା ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ଏକତା ମଞ୍ଚର ମୁଁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ଚିତ୍ରସେନ ଭୋଇ, ସ୍ୱରୂପ ସାହୁ, ଗୁରୁ ରଞ୍ଜିତ ସାହୁ, ଭାରତୀ ସମାଜ ମହାସଚିବ ଗୋପବନ୍ଧୁ ସେନାପତି, ଦଶରଥ ମେହେର, ରାହୁଲ ଗୁପ୍ତା, ସୁରେନ୍ଦ୍ର ବଗର୍ତି, ସୁବ୍ରତ ପ୍ରଧାନ, ଆଦିତ୍ୟ ସାହୁ, ରାଜେଶ ସ୍ୱାଇଁ, ପଙ୍କଜିନୀ ମେହେର, ଭୂମିସୁତା ମେହେର, ଯାମିନୀ ଠାକୁର, ଦୀପା ରାଉତ, ରିତା ସ୍ୱାଇଁ, ଲଳିତା ଭୋଇ ପ୍ରମୁଖ ସାମିଲ ରହିଥିଲେ।

## କୁଚିଣ୍ଡା ଡାକ୍ତରଖାନାରେ ରୋଗୀଙ୍କୁ ଚିକିତ୍ସାରେ ଅବହେଳା ଘଟଣା

# ମାସେ ପରେ ବି ତଦନ୍ତ ବାଟବଣା

**କୁଚିଣ୍ଡା, ୧୩।୬(ସମିସ):** କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡା ପିନାକ ଦାସ ରୋଗୀଙ୍କୁ ଚିକିତ୍ସାରେ ଅବହେଳା ଓ ଖରାପ ବ୍ୟବହାର କରୁଥିବା ଏସଡିଏମଓ ସୁବୋଧ ନାୟକଙ୍କ ଠାରେ କିଛି ରୋଗୀ ଏବଂ ତାଙ୍କର ସମ୍ପର୍କୀୟ ଅଭିଯୋଗ କରିଥିଲେ। ମାତ୍ର ଅଭିଯୋଗର ଏକ ମାସ ପରେ ବି ଏହାର ତଦନ୍ତ କରାଯାଉ ନାହିଁ କି ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏଣୁ ସ୍ୱାସ୍ଥ୍ୟ ବିଭାଗ କାହା ସ୍ୱାର୍ଥରେ ଡାକ୍ତରଙ୍କୁ ଘଣ୍ଟ ଘୋଡ଼ାଯାଉଛି, କିମ୍ବା ଏସଡି.ଏମ.ଓ ଙ୍କ ପାରିବା ପଣିଆ ଉପରେ ଜନସାଧାରଣରେ ପ୍ରଶ୍ନ ସୃଷ୍ଟି ହେଉଛି।

ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, ଅର୍ଡାବାହାଲ ପଞ୍ଚାୟତର ଡିପୁପଡ଼ା ଗ୍ରାମର ହରିପ୍ରିୟା ନାୟକ ନାମକ ଜଣେ ମହିଳା କୁଚିଣ୍ଡା ଏସ୍‌ଡିଏମଓ ଡା. ସୁବୋଧ ନାୟକଙ୍କୁ ଗତ ମାସ ୧୧ ତାରିଖ ଦିନ ଲିଖିତ ଅଭିଯୋଗ କରିଥିଲେ ଯେ, ସେ ଗତ ମାସ ୬ ତାରିଖ ଦିନ ଅସୁସ୍ଥ ଅନୁଭବ କରିବାରୁ ତାଙ୍କ ସ୍ୱାମୀ ତାଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ପିନାକ ଦାସ ତାଙ୍କ ସ୍ୱାମୀଙ୍କୁ ଘରକୁ ଡାକି ତାଙ୍କଠାରୁ ଔଷଧ ନେବାକୁ କହିଲେ, ମାତ୍ର ତାଙ୍କର ସ୍ୱାମୀ ମନାକରି ସେଠାରୁ ଫେରି ଆସିବାରୁ ତା ପରଦିନ ଡାକ୍ତର ଦାସ ଆସି ତୁମକୁ ମୁଁ ଡିସଚାର୍ଜ କରି ତୁମର ଝିଅକୁ ରିପୋର୍ଟ ଦେଇ ଦେଇଛି, ତୁମେ କାହିଁକି ଏଠି ଅଛ, ଏଠାରୁ ଶୀଘ୍ର ପଳାଅ ବୋଲି କହିଥିଲେ। ଏପରିକି ମୁଁ ସୁସ୍ଥ ଅନୁଭବ କରୁନାହିଁ, କିଛି ଔଷଧ ଲେଖି ଦିଅନ୍ତୁ ବୋଲି ଅନୁରୋଧ କରିଥିଲେ ମଧ୍ୟ ଡାକ୍ତର ବିରକ୍ତ ହୋଇ ଔଷଧ ଲେଖିବାକୁ ସ୍ପଷ୍ଟ ଭାବେ ମନା କରି ଦେଇଥିଲେ ବୋଲି ସେ ଅଭିଯୋଗ କରି ଏହି ଘଟଣା କେବଳ ତାଙ୍କ ସହିତ ଘଟୁ ନାହିଁ ଅନ୍ୟରୋଗୀଙ୍କୁ ମଧ୍ୟ ସମ୍ପୃକ୍ତ ଡାକ୍ତର ଏପରି ବ୍ୟବହାର କରୁଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସେ ଅଭିଯୋଗ କରିଥିଲେ ଯେ, ଡାକ୍ତର ପିନାକ ଦାସ ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ପାଇଁ ତାଙ୍କର କ୍ଲିନିକକୁ ଡାକୁଛନ୍ତି ଏବଂ ସେଠାରୁ ଔଷଧ ନେବା ପାଇଁ ବାଧ୍ୟ କରୁଛନ୍ତି, ଯିଏ ଏଥିରେ ରାଜି ହେଉ ନାହିଁ ଚିକିତ୍ସାରେ ଅବହେଳା କରିବା ସହିତ ତାକୁ ଗାଳିମନ୍ଦ କରୁଛନ୍ତି। ଏହି ଅଭିଯୋଗରେ ସେହି ୱାର୍ଡରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ଅନ୍ୟ ୫ ଜଣ ରୋଗୀ ଏବଂ ତାଙ୍କର ସମ୍ପର୍କୀୟମାନଙ୍କ ଦସ୍ତଖତ ମଧ୍ୟ ରହିଥିଲା। ତେବେ ରୋଗୀମାନେ କୁଚିଣ୍ଡା ଏସଡିଏମଓ ସୁବୋଧ ନାୟକଙ୍କୁ ଅଭିଯୋଗ କରିବାର ଏକ ମାସ ହୋଇ ଯାଇଥିଲେ ମଧ୍ୟ ଏହାର ତଦନ୍ତ କରାଯାଉ ନାହିଁ କି ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।

## ମୁଦିପଡ଼ା ଜାଗେଶ୍ୱର ବାବା ଶୀତଳଷଷ୍ଠୀ

# ବହୁ ବର୍ଷ ଅପେକ୍ଷା ପରେ ପାର୍ବତୀଙ୍କୁ ଝିଅ ରୂପେ ପାଇଲେ



**ସମ୍ବଲପୁର, ୧୩।୬(ସମିସ)**

## ବନ୍ଧୁ ପରିଜନଙ୍କୁ ଆମନ୍ତ୍ରଣ କରାଯାଇଛି

ଦେବୀ ପାର୍ବତୀ ଦୁଇଟି ପୁତ୍ର ସନ୍ତାନ ଦେଇଛନ୍ତି। ଝିଅ ଟିଏ ନାହିଁ। ଝିଅ ବାହାଘର କରିବାର ମନରେ ଅନେକ ଇଚ୍ଛା ଥିଲା। ବିବାହ ପରଠାରୁ ମାତା ପାର୍ବତୀଙ୍କୁ କନ୍ୟାଭାବେ ଗ୍ରହଣ କରି ଭଗବାନ ମହାଦେବଙ୍କ ସହ ବିବାହ ଦେବା ପାଇଁ ଇଚ୍ଛା କରିଥିଲୁ। ଚଳିତବର୍ଷ ମୁଦିପଡ଼ା ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରାରେ ମାତା ପାର୍ବତୀଙ୍କ କନ୍ୟାଦାନ କରିବାର ସୁଯୋଗ ପାଇ ବେଶ ଆନନ୍ଦିତ ଅଛୁ ବୋଲି ବ୍ରିଜେଶ ସୋନି କହିଛନ୍ତି। କୁମ୍ଭାରପଡ଼ା ବାସିନ୍ଦା ବ୍ରିଜେଶ କହିଛନ୍ତି, ଏହି ଐତିହାସିକ ଯାତ୍ରାରେ ମାତା ପାର୍ବତୀଙ୍କୁ କନ୍ୟା ଭାବେ ଗ୍ରହଣ କରି ବିବାହ ଦେବା ଏକ ପରମ ସୌଭାଗ୍ୟ। ଏହା ସମସ୍ତଙ୍କୁ ମିଳିନଥାଏ। ଏପରି ସୌଭାଗ୍ୟ ଜୀବନରେ ବାରମ୍ବାର ମିଳୁନଥିବାରୁ ଏହି ଦାୟିତ୍ୱକୁ ତ୍ରୁଟିଶୂନ୍ୟ ଓ ମାର୍ଜିତ ଭାବେ ସମ୍ପନ୍ନ କରିବା ପାଇଁ ପୂରା ପରିବାର ପ୍ରସ୍ତୁତିରେ ଲାଗିଛି। ଝିଅ ଓ ଜ୍ୱାଇଁଙ୍କ ପାଇଁ ସୁନା ରୂପା ଗହଣା, ପାଟବସ୍ତ୍ର, ବିବାହ ଓ ସାମାଜିକ ଚଳଣୀ ଅନୁସାରେ, ଯୌତୁକ ସାମଗ୍ରୀ କିଣାକିଣି ଜାରି ରହିଛି। ଏକ ପ୍ରକାରର ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସେପଟେ ନିମନ୍ତ୍ରଣ ପତ୍ର ବଣ୍ଟା ଚାଲିଥିବାବେଳେ ସମ୍ପର୍କୀୟମାନେ ଘରକୁ ଆସିବା ଆରମ୍ଭ କଲେଣି।

ସେହିପରି କନ୍ୟା ମାତା ହୋଇଥିବା ବ୍ରିଜେଶଙ୍କ ପତ୍ନୀ ସୁସ୍ମିତା ସୋନି କହିଛନ୍ତି, ମୋ ବାପଘର ମୁଦିପଡ଼ା ହୋଇଥିବା କାରଣରୁ ଜାଗେଶ୍ୱର ଶୀତଳଷଷ୍ଠୀ ଯାତ୍ରା ସହ ଆମର ବହୁବର୍ଷ ଧରି ପାରିବାରିକ ସମ୍ପର୍କ ରହିଛି। ଏପରି ସୁଯୋଗ ଏକ ଦିବ୍ୟ ଅନୁଭବ। ପରିବାରର ସମସ୍ତେ ଏଥିରେ ଉତ୍ସାହିତ। କନ୍ୟା ପାର୍ବତୀଙ୍କ ପାଇଁ ସୁନା ହାର, ପାଉଜି, ଝୁଣ୍ଟିଆ, ସୁନା ଚୁଡି, କାନଫୁଲ, ସମ୍ବଲପୁରୀ ପାଟ, ବନାରସୀ ପାଟ, ଦକ୍ଷିଣ ଭାରତର କାଞ୍ଜିବରମ ପାଟ ଓ ସିଲ୍କ ଶାଢ଼ୀ କିଣିଛୁ। ପିତ୍ତଳ ବାସନ ସେଟ୍, ପୂଜା ସାମଗ୍ରୀ ସେଟ୍, କଂସା, ଥାଳି, ଗିନା ଆଦି ମଧ୍ୟ କିଣିଛୁ। ସେହିପରି ଜ୍ୱାଇଁ ତଥା ବାବା ଜାଗେଶ୍ୱରଙ୍କ ପାଇଁ ସୁନା ଚେନ୍, ମୁଦି, ରୂପାର ମୁକୁଟ, କଠଉ, ତ୍ରିଶୂଳ, ବେଲପତ୍ର, ମଠା ବସ୍ତ୍ର ଆଦି କିଣି ସାରିଲୁଣି। ପୂରା ପରିବାର ପ୍ରସ୍ତୁତିରେ ଲାଗିଛନ୍ତି। ମାମୁ ଘରୁ ମଉଳା ଭାର ଆସିବା ବାକିଅଛି। ମଉଳା ଭାର ଆସିବା ପରେ ପ୍ରସ୍ତୁତି ପୂରାହେବ। ପତରପେଣ୍ଡି ପୂର୍ବରୁ ସବୁ କାମ ଶେଷ କରିବାକୁ ପୂରା ପରିବାର କାମରେ ଲାଗିଛି। ପରିବାର ସଦସ୍ୟମାନେ କହିଛନ୍ତି, ଏହି ସୁଯୋଗ ପୁରା ପରିବାର ପାଇଁ ଏକ ସ୍ମରଣୀୟ ଘଟଣା। ସମସ୍ତେ ଉତ୍ସାହିତ ଓ ପ୍ରସ୍ତୁତିରେ ଲାଗିଛନ୍ତି। ପତରପେଣ୍ଡି ପୂର୍ବରୁ ସବୁ ବନ୍ଧୁବାନ୍ଧବ ଓ ସମ୍ପର୍କୀୟ ଘରେ ପହଞ୍ଚିବେ। ପଟେଲ ଗାର୍ଡନେରେ ଦେବ ବିବାହ ସମ୍ପନ୍ନ ହେବ। ଅଳ୍ପକିଛି ନିମନ୍ତ୍ରଣ ପତ୍ର ବାଣ୍ଟିବା ବାକି ରହିଛି। ଯାହା ଖୁବଶୀଘ୍ର ସମ୍ପନ୍ନ ହୋଇଯିବ ବୋଲି ବ୍ରିଜେଶ କହିଛନ୍ତି।

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଦାବି



**ନାକଟିଦେଉଳ, ୧୩।୬ (ସମିସ):** ନାକଟିଦେଉଳ ବ୍ଲକ ସରାପାଲି ଗ୍ରାମବାସୀଙ୍କ ଦ୍ୱାରା ଏକ ସଂରକ୍ଷିତ ସରକାରୀ ଜମିରେ ଗ୍ରାମର ଜଣେ ବ୍ୟକ୍ତି ବେଆଇନ ଭାବେ ଜବରଦଖଲ କରି ଗୃହ ନିର୍ମାଣ କରୁଥିବାନେଇ ଗ୍ରାମବାସୀ ଜବରଦଖଲ ଉଚ୍ଛେଦ କରିବା ପାଇଁ ନାକଟିଦେଉଳ ତହସିଲଦାର ଓ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସରାପାଲି ଗ୍ରାମରେ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସରକାରୀ ଅଫିସ୍ ଗୃହ ନିର୍ମାଣ ପାଇଁ ଜମି ଅଭାବ ରହିଛି। ଏହାକୁ ଦୃଷ୍ଟିରେ ରଖି ଗ୍ରାମବାସୀ କିଛି ସରକାରୀ ଜମି ସଂରକ୍ଷିତ ରଖିଛନ୍ତି। ତେବେ ସଂରକ୍ଷିତ ଜମିରେ ସମ୍ପୃକ୍ତ ବ୍ୟକ୍ତି ଖୁଣ୍ଟପୋତି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହାକୁ ବିରୋଧ କରି ସରାପାଲି ଗ୍ରାମର ନବୀନ ସ୍ୱାଇଁ, ହୃଦାନନ୍ଦ ସାହୁ, ମାନଗୋବିନ୍ଦ ମାଝୀ, ଧୁରେନ୍ ସାହୁ, ପ୍ରଦୀପ କୁମାର ବିଶ୍ୱାଳ, ଭରତ ସ୍ୱାଇଁ, ବିଦ୍ୟାଧର ମହାକୁଡ଼, ଲବସାହୁ, ସହଦେବ ଚନ୍ଦନ, ମେଘନାଦ ମହାକୁଡ଼ଙ୍କ ସମେତ ଶତାଧିକ ଗ୍ରାମବାସୀ ନାକଟିଦେଉଳ ତହସିଲଦାର ଏବଂ ନାକଟିଦେଉଳ ବିଡିଓଙ୍କ ନିକଟରେ ଏକ ଦାବିପତ୍ର ଦେଇଛନ୍ତି। ଦାବିପତ୍ରର ନକଲ ସମ୍ବଲପୁର ଜିଲ୍ଲାପାଳ, ରେଢ଼ାଖୋଲ ଉପଜିଲ୍ଲାପାଳ, ନାକଟିଦେଉଳ ଥାନାଧିକାରୀଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି। ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନାକଟିଦେଉଳ ତହସିଲଦାର ଅମର ଜେ ଡୁଙ୍ଗଡୁଙ୍ଗ ପ୍ରକାଶ କରିଛନ୍ତି।

# ମଙ୍ଗଳବାର କୃଷକ ସଂଗଠନର ରାସ୍ତାରୋକ

**ଅତାବିରା, ୧୩।୬(ସମିସ):** ବରଗଡ଼ ଜିଲ୍ଲାରେ ଟୋକନ ସମସ୍ୟା ଗୁରୁତର। ଟୋକନ ଆସିବାର ସମୟ ସରିଛି। ଏହାକୁ ନେଇ ଶନିବାର ସନ୍ଧ୍ୟାରେ ଗୋଡ଼ଭଗା ମାର୍କେଟ୍ ୟାର୍ଡରେ ଓଡ଼ିଶା ରାଜ୍ୟ କୃଷକ ସଂଗଠନର ବୈଠକ ବସିଥିଲା। ଏଥିରେ ଅତାବିରା ଓ ଭେଡେନ ବ୍ଲକ ଥୁଆପାଲି, ଖୁଣ୍ଟୁଲିପାଲି ଅଞ୍ଚଳର ବହୁ ଚାଷୀ ଯୋଗଁ ଦେଇଥିଲେ। ମଙ୍ଗଳବାର ରେଙ୍ଗାଲି କ୍ୟାମ୍ପରୁ ଗୋଡ଼ଭଗା ମଧ୍ୟରେ ରାସ୍ତାରୋକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜୁନ ଶେଷ ସୁଦ୍ଧା ରବି ଧାନ ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଜୁନ୍ ମାସର ପାଖାପାଖି ଅଧାମାସ ବିତି ଯାଇଥିଲେ ସୁଦ୍ଧା ବହୁ ଚାଷୀଙ୍କ ଦ୍ୱିତୀୟ, ତୃତୀୟ ଟୋକନ ଆସି ନାହିଁ। ଜମି ପରିମାଣ ଅନୁଯାୟୀ କମ୍ ଟୋକନ ଆସିଥିବା ଚାଷୀଙ୍କୁ ବାକି ଟୋକନ ମଧ୍ୟ ଆସି ନାହିଁ। ଏ ନେଇ ଅତାବିରା ବ୍ଲକ କାର୍ଯ୍ୟାଳୟରେ ଗତ ୧ ତାରିଖ ଚାଷୀଙ୍କ ସମସ୍ତ ଟୋକନ ଦେବାକୁ ଓଡ଼ିଶା ରାଜ୍ୟ କୃଷକ ସଂଗଠନର ପକ୍ଷରୁ ଦାବି ପତ୍ର ଦିଆଯାଇଥିଲା। ଗତ ୧୦ ତାରିଖ ସଂଗଠନର ବୈଠକ ହୋଇଥିଲା। ଶୁକ୍ରବାର ଭିତରେ ବାକି ଟୋକନ ନ ଆସିଲେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଶୁକ୍ରବାର ଟୋକନ ନ ଆସିବାରୁ ଶନିବାର ସଂଗଠନର ସଭାପତି ଭୁବନ ପ୍ରଧାନଙ୍କ ସଭାପତିତ୍ୱରେ ବୈଠକରେ ହୋଇଥିଲା। ୨ ଦିନ ରଜ ଛୁଟି ଥିବାରୁ ମଙ୍ଗଳବାର ରାସ୍ତାରୋକ କରିବାକୁ ସହମତି ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ନରେନ୍ଦ୍ର ପ୍ରଧାନ, ଚାଷୀନେତା ବୀରେନ୍ଦ୍ର କର, ବୁଦ୍ଧଦେବ ନନ୍ଦ, ମନୋରଞ୍ଜନ ସାହୁ, ଦେବେନ୍ଦ୍ର ସାହୁ, ସୁରେଶ କର୍ଣ୍ଣ, ସମୀର ପ୍ରଧାନ, ରାଜେଶ ପ୍ରଧାନ, ଗୁରୁଦେବ ଭୋଇ, ବି ପାପାରାଓ, ସଂକ୍ରାନ୍ତି ଭେଙ୍କଟେଶ୍ୱର ରାଓ, ଭି କ୍ରିଷ୍ଣ ମୂର୍ତ୍ତି, ଏମ୍ ସତ୍ୟ ପ୍ରକାଶ, ଜେ ସୂର୍ଯ୍ୟପ୍ରକାଶ, କେ ରାମ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

# ୧୩ ଦିନ ଆନ୍ଦୋଳନ ପରେ ମିଳିଲା ଟୋକନ୍

## ଟୋକନ ପାଇଲେ ୬୮ ଚାଷୀ, ପ୍ରତ୍ୟାହୃତ ହେଲା ଆମରଣ ଅନଶନ

**ଝାରବନ୍ଧ, ୧୩।୬(ସମିସ)**

ଡଭା ସେବା ସମବାୟ ସମିତିରେ ପଞ୍ଜିକୃତ ହୋଇଥିବା ୫୧୪ ଜଣ ଚାଷୀଙ୍କ ମଧ୍ୟରୁ ବହୁ ସଂଖ୍ୟକ ଚାଷୀଙ୍କ ଟୋକନ ନ ଆସିବା ପ୍ରତିବାଦରେ ଆଞ୍ଚଳିକ କୃଷକ ସଂଗଠନ, ଡଭା ପକ୍ଷରୁ ଗତ ୧୩ ଦିନ ଧରି ଚାଲିଥିବା ଆମରଣ ଅନଶନ ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ, ଏଆର୍‌ସିଏସ୍ ଓ ଏସିଏସ୍‌ଓ ଅନଶନସ୍ଥଳ ରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ।

ଆଲୋଚନା ବେଳେ ଟୋକନ ପାଇବାରୁ ବଞ୍ଚିତ ୬୮ ଜଣ ଚାଷୀଙ୍କ ଟୋକନ ଆସିଥିବା ଏବଂ ପର୍ଯ୍ୟାୟ କ୍ରମେ ସମସ୍ତ ପଞ୍ଜିକୃତ ଚାଷୀଙ୍କୁ ଟୋକନ ପ୍ରଦାନ କରାଯିବା ସହ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କ୍ରୟ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଆଶ୍ୱାସନା



ଦିଆଯାଇଥିଲା। ଏହା ସହ କଟ୍‌ନୀ-ଛଟନୀ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ମିଳିବା ପରେ ଚାଷୀମାନେ ଅନଶନରୁ ଓହରିଥିଲେ। ତେବେ କୌଣସି ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେଲେ ପୁନର୍ବାର ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

ପ୍ରକାଶ ଯେ, ଆଦିବାସୀ ବହୁଳ ଓ ଦାଦନ ପ୍ରବଣ ଝାରବନ୍ଧ ବ୍ଲକରେ ଜଳସେଚନ ସୁବିଧାର ଅଭାବ ରହିଥିବା ବେଳେ ଚାଷୀମାନେ ଗଭୀର ନଳକୂପ ଉପରେ ନିର୍ଭର କରି ଚାଷ କରିଥାନ୍ତି। ରବିଧାନ ବିକ୍ରି ପାଇଁ ଟୋକନ ନ ମିଳିବାରୁ ଚାଷୀମାନେ ଅନଶନରେ ବସିଥିଲେ। ଉପଜିଲ୍ଲାପାଳଙ୍କ ଆଶ୍ୱାସନା ପରେ ଚାଷୀମହଲରେ ଆନନ୍ଦର ଲହରୀ ଖେଳିଯାଇଥିଲା। ଆନ୍ଦୋଳନକାରୀମାନେ ବାଇକ୍ ଶୋଭାଯାତ୍ରାରେ ଡଭା ଗ୍ରାମ ପରିକ୍ରମା କରିବା ସହ ସାପ୍ତାହିକ ହାଟ ନିକଟସ୍ଥ ବଜରଙ୍ଗବଲୀ ମନ୍ଦିରରେ ପୂଜାର୍ଚ୍ଚନା କରି ବାଣ ଫୁଟାଇଥିଲେ ଓ ପରସ୍ପରକୁ ମିଠା ଖୁଆଇ ଖୁସି ବ୍ୟକ୍ତ କରିଥିଲେ। ସଂଯୁକ୍ତ କୃଷକ ସଂଗଠନର ରମେଶ ମହାପାତ୍ର, ଅଜିତ ଶତପଥୀ, ରବିଶଙ୍କର ପଧାନ ଓ ପ୍ରଭାତ ସାହୁ ଏହାକୁ ଚାଷୀଙ୍କ ବିଜୟ ବୋଲି କହିଛନ୍ତି।

# ଟିଙ୍ଗିପାଲିରେ ରଥ ନିର୍ମାଣ ଆରମ୍ଭ



**ବରଗଡ଼, ୧୩।୬(ସମିସ):** ବରଗଡ଼ ଜିଲ୍ଲା ମନପଡ଼ା ପଞ୍ଚାୟତ ଅନ୍ତର୍ଗତ ଟିଙ୍ଗିପାଲି ଗ୍ରାମରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏକ ଭବ୍ୟ ୬ ଚକିଆ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। କାଠଡେରା ଠାରେ ଅନୁଷ୍ଠିତ ରଥ ଯାତ୍ରାରେ ପ୍ରଥମ ଥର ପାଇଁ ଏହି ରଥ ସାମିଲ ହେବ। ଏହାକୁ ନେଇ ଟିଙ୍ଗିପାଲି ସମେତ ସମଗ୍ର ଅଞ୍ଚଳରେ ବେଶ୍ ଉତ୍ସାହ। ପ୍ରତିବର୍ଷ କାଠଡେରା ଠାରେ ଛଅଟି ରଥ ଏକତ୍ରିତ ହୋଇ ପ୍ରାୟ ଦଶ ଦିନ ଧରି ଯାତ୍ରା ଓ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଟିଙ୍ଗିପାଲି ଗ୍ରାମର ନୂତନ ଛଅ ଚକିଆ ରଥ ଏହି ଯାତ୍ରାରେ ଯୋଗଦେବାକୁ ଯାଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଆଖପାଖ ଗ୍ରାମର ଲୋକମାନେ ପ୍ରତିଦିନ ଟିଙ୍ଗିପାଲିକୁ ଆସି ନିର୍ମାଣ କାର୍ଯ୍ୟ ଦେଖିଆସୁଛନ୍ତି। ରଥ ନିର୍ମାଣର ଦାୟିତ୍ୱ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ତାଳପଦର ଗ୍ରାମର ଅଭିଜ୍ଞ କାରିଗର ସୌକିଲାଲ ସାହୁ, ତେଜରାଜ ସାହୁ, ପଞ୍ଚମ ସାହୁ ଓ ଲକ୍ଷ୍ମଣ ସାହୁ ନେଇଛନ୍ତ। ଅନ୍ୟପକ୍ଷରେ, ଚଳିତ ବର୍ଷ ଲୁରୁପାଲି, କତାବଗା, ଲଛିଦା, ହିର୍ଲିପାଲି, ଭୁର୍ଶୀପାଲିରେ ନୂତନ ଢଙ୍ଗରେ ରଥର ଡିଜାଇନ ପ୍ରସ୍ତୁତ କରାଯାଉଥିବା ସୂଚନା ମିଳିଛି।

### ଝାରବନ୍ଧରେ କ୍ୟାରିଅର କାଉନସେଲିଂ

# ରୋଜଗାର ସୁଯୋଗ ସମ୍ପର୍କରେ ଜାଣିଲେ ୧୧୯ ଛାତ୍ରଛାତ୍ରୀ

**ଝାରବନ୍ଧ, ୧୩।୬(ସମିସ):** ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ଓ କୌଶଳଭିତ୍ତିକ ରୋଜଗାର ଦିଗରେ ପ୍ରେରିତ କରିବା ଲକ୍ଷ୍ୟରେ ଝାରବନ୍ଧ ଉଚ୍ଚ ବିଦ୍ୟାଳୟ ପରିସରରେ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ), ବିଜେପୁର ପକ୍ଷରୁ ଏକ କ୍ୟାରିଅର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଶମ, ଦ୍ୱାଦଶ ଓ ଦ୍ୱାଦଶ ଅନୁତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୧୯ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଜେପୁର ଆଇଟିଆଇର ଆସିଷ୍ଟାଣ୍ଟ ଟ୍ରେନିଂ ଅଫିସର ଦୁଃଖନାଶନ ଓରାମଙ୍କ ସହ ଇନ୍‌ଷ୍ଟ୍ରକ୍ଟର ଅବିନାଶ ପଧାନ ଓ ଆୟୁଷ ପଧାନ ଉପସ୍ଥିତ ରହି ବିଭିନ୍ନ ଟ୍ରେଡ୍, ପାଠ୍ୟକ୍ରମ, ନାମଲେଖା ପ୍ରକ୍ରିୟା ଏବଂ ରୋଜଗାର ସମ୍ଭାବନା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଝାରବନ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ କୁମାର ପତି, ସିଡିପିଓ ସୁଷମା ପଟେଲ, ଏବିଇଓ ଦୟାନିଧି କୈବର୍ତ୍ତ, ଝାରବନ୍ଧ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଦୀପଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀ, ସମସ୍ତ ସିଆରସିସି ଓ ଅଭିଭାବକ ଯୋଗ ଦେଇଥିଲେ। ବକ୍ତାମାନେ ଛାତ୍ରଛାତ୍ରୀଙ୍କୁ ପାରମ୍ପରିକ ଶିକ୍ଷା ସହ କୌଶଳଭିତ୍ତିକ ତାଲିମର ଗୁରୁତ୍ୱ ବୁଝାଇଥିବାବେଳେ ଆଇଟିଆଇ ଶିକ୍ଷା ମାଧ୍ୟମରେ ସ୍ୱାବଲମ୍ବୀ ହେବା ଓ ରୋଜଗାର ସୁଯୋଗ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ।




# କେବେ ମରାମତି ହେବ ପ୍ରଧାନମନ୍ତ୍ରୀ ସଡ଼କ



**ଝାରବନ୍ଧ, ୧୩।୬(ସମିସ):** ଝାରବନ୍ଧ ବ୍ଲକ ଭଣ୍ଡାରପୁରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜାମପାଲି ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କ ଆଜକୁ ୧୨ ବର୍ଷ ହେବ ଥରେ ହେଲେ ମରାମତି ହୋଇନାହିଁ। ଫଳରେ ରାସ୍ତାଟି ଖାଲଖମାରେ ଭର୍ତ୍ତି ହେବା ସହ ବର୍ଷା ହେଲେ କାଦୁଅ ପଚ ପଚ ହୋଇ କେଉଁ ଉପାନ୍ତ ଅଞ୍ଚଳର ଜଙ୍ଗଲ ରାସ୍ତାର ଭ୍ରମ ସୃଷ୍ଟି କରୁଛି। ପଞ୍ଚାୟତର ଚାରୋଟି ଗ୍ରାମର ଲୋକେ ଏହି ରାସ୍ତା ଦେଇ ଯିବାଆସିବା କରୁଥିବା ବେଳେ ଛତିଶଗଡ଼ ସୀମାନ୍ତ ପଞ୍ଚାୟତ ହୋଇଥିବାରୁ ବ୍ଲକର ଅନ୍ୟ ଗ୍ରାମରୁ ଶହ ଶହ ଲୋକେ ଏହି ବାଟ ଦେଇ ଛତିଶଗଡ଼କୁ ଯାଉଛନ୍ତି। ପଞ୍ଚାୟତ ଲୋକେ ରାତି ପାହିଲେ ବ୍ୟାଙ୍କ, ଡାକ୍ତର ଖାନା, କୃଷି କେନ୍ଦ୍ର, ସ୍କୁଲ, କଲେଜ ଏହି ରାସ୍ତା ଦେଇ ଯିବାଆସିବା କରିଥାନ୍ତି। ଅଳ୍ପ ବର୍ଷା ହେଲେ ଯିବା ଆସିବା କଷ୍ଟ ହେଉଥିବା ଗ୍ରାମବାସୀ କହିଛନ୍ତି। ବାରମ୍ବାର ଜିଲ୍ଲାପାଳଙ୍କୁ ଜଣାଇବା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ନ ଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗାଁ ମଝିକୁ ଛାଡ଼ି ଅନ୍ୟପଟେ ମରାମତି ହେଉଥିବା ବେଳେ ଗାଁ ଭିତରେ ଯାଇଥିବା ରାସ୍ତାକୁ କଂକ୍ରିଟ କରାଯିବ କହି ଠକି ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଏସ୍‌ପିଙ୍କୁ ଭେଟିଲେ ଭାରତ ନିର୍ମାଣ ସମିତି କର୍ମକର୍ତ୍ତା



**ବରଗଡ଼, ୧୩।୬(ସମିସ):** ବରଗଡ଼ ଭାରତ ନିର୍ମାଣ ସମିତିର ବରିଷ୍ଠ ନାଗରିକ ଗଣ ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ପୁଲିସ ଅଧୀକ୍ଷକ ରବୀନ୍ଦ୍ରନାଥ ଶତପଥୀଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧିତ କରିଛନ୍ତି। ଅଭିନନ୍ଦନ ଜଣାଇବା ସହ ବରଗଡ଼ର ଆଇନ୍ ଶୃଙ୍ଖଳା ସମ୍ବନ୍ଧରେ ଆଲୋଚନା କରିଥିଲେ। ଶିଶୁ ଉଦ୍ୟାନରେ ସନ୍ଧ୍ୟାରେ ପୁଅ ଓ ଝିଅ ଅସଜ୍ଜିତ ଅବସ୍ଥାରେ ବସୁଥିବା, ଜର୍ଜ ଉଚ୍ଚ ବିଦ୍ୟାଳୟ ପଡ଼ିଆ, ନିଶାମଣି ଉଚ୍ଚ ବିଦ୍ୟାଳୟ ପଡ଼ିଆ ଓ ଦାନିକଟା ପାର୍ଶ୍ୱରେ ସନ୍ଧ୍ୟାରେ ନିଶା ସେବନ ତଥା ଅସାମାଜିକ କାର୍ଯ୍ୟକଳାପ ବଢୁଥିବାରୁ ଏହାର ଉଚିତ ପଦକ୍ଷେପ ନେବାପାଇଁ ଅନୁରୋଧ କରିଥିଲେ। ପ୍ରାତଃ ଭ୍ରମଣ ସମୟରେ ନାରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇ ପୁଲିସ ପାଟ୍ରୋଲିଂ କଡ଼ାକଡି କରିବା ପାଇଁ ଅନୁରୋଧ କରିଥିଲେ। କାଳିମନ୍ଦିର ଓ ଭଟଲି ଛକରେ ଟ୍ରାଫିକ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦେବା ପାଇଁ ଅନୁରୋଧ କରିଥିଲେ। ସମିତିର ସାଧାରଣ ସମ୍ପାଦକ ଉଦ୍ଧବ ଚରଣ ବେହେରାଙ୍କ ସହ ଅବସରପ୍ରାପ୍ତ ପ୍ରଧାପକ ରବୀନ୍ଦ୍ର ପ୍ରଧାନ, ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ସୁବଳ କିଶୋର କର, ସୁବାସ ଚନ୍ଦ୍ର ଦାଶ, ଜୟନାରାୟଣ ମିଶ୍ର ଓ ସୁଜାତା ମାଝୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ପାଇକମାଳରେ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ

**ପାଇକମାଳ, ୧୩।୬ (ସମିସ):** ପାଇକମାଳରେ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କରାଯାଇଛି। ପାଇକମାଳ ପଞ୍ଚାୟତ ସମିତି ପରିସରରେ ଯୋଗାଣ ଅଧିକାରୀ ଦେବାଶିଷ ମେହେରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରତାପ ସିଂ ବରିହା, ସରପଞ୍ଚ ତୁଳାବତୀ ତାଣ୍ଡି, ଗୋବର୍ଦ୍ଧନ ଅଗ୍ରୱାଲ, ସରୋଜ ସାମଲ, କୈଳାସ ଦିଶ୍ରୀ ପ୍ରମୁଖ ଯୋଗ ଦେଇ ଅତିରିକ୍ତ ୫ କେଜି ଚାଉଳ ଏପ୍ରିଲ ମାସରୁ ହିତାଧିକାରୀମାନଙ୍କୁ ପ୍ରଦାନ କରିଥିଲେ। ଏଥିସହ ଅନ୍ନପୂର୍ଣ୍ଣା କେନ୍ଦ୍ରରେ ପ୍ରତିଦିନ ନିର୍ଦ୍ଧାରିତ ସମୟରେ ଭାତ, ଡାଲି, ତରକାରୀ ସହ ସନ୍ତୁଳିତ ଖାଦ୍ୟ ପରିବେଷଣ କରାଯିବ। ଏହାଦ୍ୱାରା ଦିନ ମଜୁରିଆ, ରିକ୍ସା ଚାଳକ, ବୃଦ୍ଧ ଓ ଅନ୍ୟାନ୍ୟ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଲୋକମାନେ କମ ଖର୍ଚ୍ଚରେ ପୌଷ୍ଟିକ ଖାଦ୍ୟ ପାଇପାରିବେ। ସ୍ଥାନୀୟ ଅଞ୍ଚଳବାସୀ ଏହି ଯୋଜନାକୁ ସ୍ୱାଗତ କରିଥିବା ବେଳେ ଏହାର ସଫଳ ରୂପାୟନ ପାଇଁ ନିୟମିତ ତଦାରଖ ଓ ଉନ୍ନତ ମାନର ଖାଦ୍ୟ ଯୋଗାଣ ଉପରେ ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି।

# ସୋମନାଥ ସ୍ୱାଭିମାନ ଯାତ୍ରା ଅଭିମୁଖେ ତୀର୍ଥଯାତ୍ରୀ

**ବରଗଡ଼, ୧୩।୬(ସମିସ):** ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ସୋମନାଥ ସ୍ୱାଭିମାନ ଯାତ୍ରାରେ ଯୋଗଦେବା ପାଇଁ ବରଗଡ଼ ଜିଲ୍ଲାର ୫୭ ଜଣ ତୀର୍ଥଯାତ୍ରୀ ଯାତ୍ରା ଆରମ୍ଭ କରିଛନ୍ତି। ଏହି ତୀର୍ଥଯାତ୍ରୀ ମାନେ ପ୍ରଥମେ ଭୁବନେଶ୍ୱରରେ ପହଞ୍ଚିବା ପରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଆସିଥିବା ଯାତ୍ରୀଙ୍କ ସହ ଜୁନ୍ ୧୫ରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେବା ସହ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗୁଜରାଟର ସୋମନାଥ ଅଭିମୁଖେ ଯାତ୍ରା କରିବେ। ବରଗଡ଼ ଜିଲ୍ଲାରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ପତାକା ଦେଖାଇ ତୀର୍ଥଯାତ୍ରୀଙ୍କୁ ବିଦାୟ ଜଣାଇଥିଲେ। ଏହି ଅବସରରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ସଂସ୍କୃତି ବିଭାଗର କନିଷ୍ଠ ସହାୟକ ତଥା କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଆଲୋକ ଗାରିଆ, ଜିଲ୍ଲା ସଂଯୋଜକ ତାରକଚାନ୍ଦ କାନ୍ତ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।




# ୱିନର ବ୍ରାଇଟ ଫ୍ୟୁଚର ସ୍କୁଲ୍‌ରେ ଖାଦ୍ୟ ମହୋତ୍ସବ



**ପଦ୍ମପୁର, ୧୩।୬ (ସମିସ):** ୱିନର ବ୍ରାଇଟ ଫ୍ୟୁଚର ସ୍କୁଲ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଖାଦ୍ୟ ମହୋତ୍ସବ ଆୟୋଜିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅଞ୍ଚଳ ମହାବିଦ୍ୟାଳୟ ସଂସ୍କୃତ ବିଭାଗର ଅଧ୍ୟାପକ ପ୍ରଭାତ ମହାପାତ୍ର ଯୋଗଦେଇ ସମାରୋହର ଉଦ୍‌ଘାଟନ କରିଥିଲେ। ସ୍କୁଲର ସଭାପତି ଶ୍ରୀକାନ୍ତ ମିଶ୍ର, ଅଧ୍ୟକ୍ଷା ଅପାଲି ଅପରାଜିତା ଦାଶ, ଉପାଧ୍ୟକ୍ଷା ନିବେଦିତା ଦାସ, ଖୁଣ୍ଟପାଲି ମୁଖ୍ୟ ଜେନିସ ତିୱାରୀ, ମାର୍କେଟିଂ ଏବଂ ଲୋକସମ୍ପର୍କ ଅଧିକାରୀ ଶାଶ୍ୱତ ଦାଶ, ସ୍କୁଲ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଏହି ଖାଦ୍ୟ ମହୋତ୍ସବରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ହାତପରସା ଏବଂ ସୁସ୍ୱାଦୁ ବ୍ୟଞ୍ଜନ ଖାଦ୍ୟ ମହୋତ୍ସବର ମହତ୍ତ୍ୱକୁ ଆହୁରି ବଢ଼ାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲୁ ଯୋଗ ଦେଇଥିଲେ। ଏହି ଅବସରରେ ଗଣମାଧ୍ୟମ ଏବଂ ସାମାଜିକ ଗଣ ମାଧ୍ୟମର ପ୍ରତିନିଧିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିଭଳି ସ୍କୁଲର ବିଭିନ୍ନ ବିଭାଗରେ କୃତକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଚୋରା ଚାଲାଣ ବେଳେ ଧରାପଡ଼ିଲା ଗଞ୍ଜେଇ ଭର୍ତ୍ତି କାର୍

**ବରଗଡ଼, ୧୩।୬(ସମିସ)**

ବରଗଡ଼ ଗ୍ରାମାଞ୍ଚଳ ଥାନା ପୁଲିସ ୧୩୧ କେଜି ୩୪୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୨ ଜଣ ଚୋରା ଚାଲାଣକାରୀଙ୍କୁ ଗିରଫ କରିଛି। ଏକ କଳା ରଙ୍ଗର କାରରେ ବିପୁଳ ଗଞ୍ଜେଇ ଚୋରା ଚାଲାଣ ହେଉଥିବା





ନେଇ ସୂଚନା ମିଳିଥିଲା। ଏହା ପରେ ବରଗଡ଼ ଏସପି ରବୀନ୍ଦ୍ର ନାଥ ଶତପଥୀ ଓ ଏସ୍‌ଡିପିଓ ପଦାର ବିନ୍ଦ୍ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇ ଜାତୀୟ ରାଜପଥରେ ଯାଞ୍ଚ କରାଯାଇଥିଲା। ଏହି ସମୟରେ ଓଡି-୨୩-ଏମ-୦୦୮୮ ନମ୍ବର ବିଶିଷ୍ଟ ଏକ କଳା ରଙ୍ଗର କାର୍‌କୁ ଅଟକାଇ ତଲାସି କରାଯାଇଥିଲା। ତଲାସି ବେଳେ କାର୍ ଭିତରୁ ୧୩୮ଟି ପ୍ୟାକେଟରେ ରଖାଯାଇଥିବା ୧୩୧ କେଜି ୩୪୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏହି ଗଞ୍ଜେଇକୁ ଝାଡ଼ଖଣ୍ଡ ରାଜ୍ୟକୁ ବିକ୍ରି ଉଦ୍ଦେଶ୍ୟରେ ନିଆଯାଉଥିବା ତଦନ୍ତରୁ ଜଣାପଡ଼ିଛି। ଏହି ଘଟଣାରେ ଝାଡ଼ଖଣ୍ଡର ହଜାରିବାଗ ଜିଲ୍ଲା ଅଞ୍ଚଳର ମନୋଜ ଦିବାକର ଯାଦବ (୨୯) ଏବଂ ରୌଶନ କୁମାର ସିଂହ (୩୦)ଙ୍କୁ ପୁଲିସ ଗିରଫ କରିଛି। ଗଞ୍ଜେଇ ସହ ପୁଲିସ ଚୋରା ଚାଲାଣରେ ବ୍ୟବହୃତ କାର, ୩ଟି ଭିନ୍ନ ନମ୍ବର ପ୍ଲେଟ, ଦୁଇଟି ଆଣ୍ଡ୍ରଏଡ୍ ମୋବାଇଲ ଫୋନ, ନଗଦ ଟଙ୍କା, ଆଧାର କାର୍ଡ, ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଭୋଟର ପରିଚୟପତ୍ର ଓ ଏଟିଏମ୍ କାର୍ଡ ମଧ୍ୟ ଜବତ କରିଛି। ଏହି ସଫଳ ଚଢ଼ାଉ ମାଧ୍ୟମରେ ଏକ ବଡ଼ ଗଞ୍ଜେଇ ଚୋରା ଚାଲାଣ ରାକେଟ୍‌କୁ ପୋଲିସ ଧରିବାରେ ସକ୍ଷମ ହୋଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି। ପୋଲିସ ଏହି ଚୋରା ଚାଲାଣ ଚକ୍ରରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ସେ ନେଇ ଖୋଳତାଡ଼ କରୁଛି।

ଝାରବନ୍ଧ/ପଦ୍ମପୁର: ବରଗଡ଼ ଜିଲ୍ଲାର ଜଗଦଲପୁର ଥାନା ପୁଲିସ ଏକ ବଡ଼ ଗଞ୍ଜେଇ ଚାଲାଣ ଘଟଣାର ପର୍ଦ୍ଦାଫାସ କରି ୨୪ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ମାମଲାରେ ଏକ କାର୍, ୩ଟି ମୋବାଇଲ ଫୋନ୍ ଓ ନଗଦ ୫ ହଜାର ଟଙ୍କା ମଧ୍ୟ ଜବତ କରାଯାଇଛି। ଜଗଦଲପୁର ଥାନା ଅଧିକାରୀ ଦୀପ୍ତିରଞ୍ଜନ ଦିଗାଲ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ ଯେ ଏକ ଲାଲ ରଙ୍ଗର କାର୍‌ରେ ବରପାଲି ପଟରୁ ଛତିଶଗଡ଼ ଦିଗକୁ ବିକ୍ରି ଉଦ୍ଦେଶ୍ୟରେ ଗଞ୍ଜେଇ ଚାଲାଣ ହେଉଛି। ସୂଚନା ପାଇବା ପରେ ପୁଲିସ ଟିମ୍ ସ୍ଥାନୀୟ ସାକ୍ଷୀ ଏବଂ ମାଜିଷ୍ଟ୍ରେଟ ଗାଇସିଲେଟ ଅତିରିକ୍ତ ତହସିଲଦାର ଦେବାଶିଷ ମିଶ୍ରଙ୍କ ଉପସ୍ଥିତିରେ ଅଙ୍ଗ ନଦୀ ନିକଟ

## ୫ ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ

ଛକ ଅଞ୍ଚଳରେ ଗାଡ଼ିକୁ ଅଟକାଇ ତଲାସି କରିଥିଲେ। ତଲାସି ବେଳେ କାର୍ ଭିତରୁ ୨୪ଟି ପ୍ୟାକେଟରେ ରଖାଯାଇଥିବା ମୋଟ ୨୪ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ଘଟଣାରେ ସମ୍ପୃକ୍ତ ଥିବା ଛତିଶଗଡ଼ ରାଜ୍ୟର ସୀତାରାମ ନିଷାଦ (୩୯), ନୀଳାଧରା ସାହୁ (୪୫) ଓ ବିନେଶ ସାହୁ (୨୫)ଙ୍କୁ ଗିରଫ କରାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ଗଞ୍ଜେଇ ସହ ଏକ କାର୍, ୩ଟି ମୋବାଇଲ ଫୋନ ଏବଂ ନଗଦ ୫, ୦୦୦ ଟଙ୍କା ରହିଛି। ଏହି ଘଟଣାରେ ଜଗଦଲପୁର ଥାନାରେ ମାମଲା ରୁଜୁ କରାଯାଇଛି। ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# ଅସରାଏ ବର୍ଷାରେ ଜମୁଛି ପାଣି



**ପାଇକମାଳ, ୧୩।୬(ସମିସ):** ପାଇକମାଳ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ବସ୍‌ଷ୍ଟାଣ୍ଡ ନିକଟରେ ଗାଁ ପଟକୁ ଯାଇଥିବା ପ୍ରମୁଖ ରାସ୍ତାରେ ଅସରାଏ ବର୍ଷା ହେଲେ ପାଣି ଜମୁଛି। ଫଳରେ ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁଯାୟୀ, ମାଣ୍ଡୋସିଲ ବସଷ୍ଟାଣ୍ଡରୁ ଗାଁକୁ ସଂଯୋଗ ରାସ୍ତା ଦେଇ ପ୍ରତିଦିନ ଶତାଧିକ ଲୋକ ଯାତାୟତ କରନ୍ତି। ମାତ୍ର ଅସରାଏ ବର୍ଷା ହେଲେ ରାସ୍ତାର ନିମ୍ନାଞ୍ଚଳରେ ପାଣି ଜମି ରରହିବା ସହ ଯାତାୟାତରେ ସମସ୍ୟା ହୋଇଥାଏ। ଏପରି ପାଣି ଜମି ଦିନକୁ ଦିନ ରାସ୍ତା ଅଧିକ ଖରାପ ହେବାରେ ଲାଗିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାସ୍ତା ପାର୍ଶ୍ୱରେ ସଠିକ୍ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ଏପରି ହେଉଛି। ରଜ ପରେ ସ୍କୁଲ ଓ କଲେଜ ଖୋଲିବାକୁ ଯାଉଥିବାରୁ ବର୍ଷା ଋତୁରେ ଏହି ସମସ୍ୟା ଆହୁରି ଗୁରୁତର ହେବ। ତେଣୁ ସମ୍ପୃକ୍ତ ବିଭାଗ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ରାସ୍ତାର ମରାମତି ସହ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ବିଭାଗୀୟ ଏସଡିଓ ଚିନ୍ମୟ ସାହୁଙ୍କୁ ଅବଗତ କରାଯିବାରୁ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଥିଲେ।



# ରାଜଧାନୀରୁ ଠାବ ହେଲା ଏସ୍କର୍ଟ ସର୍ଭିସ୍





- ଗ୍ରାହକ ବେଶରେ ମାଡ଼ିବସିଲା ପୁଲିସ
- ରାଣୀ ମହୁମାଛି ଓ ୩ ଦଲାଲ୍ ଗିରଫ
- ଦୁଇ ଦେହଜୀବୀ ଉଦ୍ଧାର
- ୯ ମୋବାଇଲ୍ ଓ ୧୫ ସିମ୍ କାର୍ଡ ଜବତ
- ବ୍ୟବହାର କରୁଥିଲେ ମହିଳା ଆଇନଜୀବୀଙ୍କ ଫଟୋ

ଭୁବନେଶ୍ୱର, ୧୩।୬ (ସମିସ)

ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଫଟୋ ଅପବ୍ୟବହାର ମାମଲାର ତଦନ୍ତ କରୁଥିବା ତମାଣ୍ଡୋ ପୁଲିସ ଏସ୍କର୍ଟ ସର୍ଭିସ୍ ଠାବ କରିଛି। ରାକେଟର କିଙ୍ଗ ପିନ୍ ତଥା ରାଣୀ ମହୁମାଛି ସମେତ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ କଟକ ଜିଲ୍ଲା କୁଳଶ୍ରୀର ମିଞ୍ଜି ଭୋଇ (୨୨), ଖୋର୍ଦ୍ଧା ସଦର ଥାନା କୋକସିଂହ ଗାଁର ଉମାକାନ୍ତ ଦଳାଇ ଓରଫ୍ ବାବୁନି (୩୨), ଅଣ୍ଡା ବାଜପୁରର ଚିତ୍ତରଞ୍ଜନ ମହାନ୍ତି ଓରଫ୍ ପେନୁ (୨୯) ଓ ନୟାଗଡ଼ ନାଗ ମୁଣ୍ଡଳୀର ତୋଫାନ ପ୍ରଧାନ (୨୩)।

ପୁଲିସ ସୂଚନାନୁସାରେ, କଳିଙ୍ଗନଗର ଅଞ୍ଚଳର ଜଣେ ୨୩ ବର୍ଷୀୟା ଆଇନଜୀବୀଙ୍କର ଇନଷ୍ଟାଗ୍ରାମରେ ପ୍ରୋଫାଇଲ୍ ରହିଛି। ଅନ୍ୟ କେହି ଏସ୍କର୍ଟ ସର୍ଭିସ୍ ଯୋଗାଇବା ଆଳରେ ତାଙ୍କ ଫଟୋକୁ ବ୍ୟବହାର କରୁଥିବା ନେଇ ନିକଟରେ ଆଇନଜୀବୀ ଜଣକ ଜାଣିବାକୁ ପାଇଥିଲେ। ସେସବୁ ପୋଷ୍ଟର ସ୍କ୍ରିନସଟ୍ ଓ ମୋବାଇଲ ନମ୍ବର ସଂଗ୍ରହ କରି ନେଇଥିଲେ। ଆଇନଜୀବୀ ଜଣକ ତମାଣ୍ଡୋ ଥାନାର ଦ୍ୱାରସ୍ଥ ହେବାପରେ ଅପବ୍ୟବହାରକାରୀଙ୍କ ପାଖରେ ପହଞ୍ଚିବା ଲାଗି ପୁଲିସ ଜାଲ ବିଛାଇଥିଲା। ଯୋଜନା ମୁତାବକ, ଯୁବତୀଙ୍କ ଜଣେ ସାଙ୍ଗ ସଂପୃକ୍ତ ନମ୍ବରକୁ ଯୋଗାଯୋଗ କରି ଏସ୍କର୍ଟ ସର୍ଭିସ୍ ପାଇଁ ଅନୁରୋଧ କରିଥିଲେ। କଥାବାର୍ତ୍ତା ହେବାପରେ ଅଭିଯୁକ୍ତମାନେ ୨ଟି ଯୁବତୀ ଯୋଗାଇବାକୁ ୧୬ ହଜାର ଟଙ୍କା ଦାବି କରିଥିବାବେଳେ କ୍ୟାବ୍ ଚାର୍ଜ ବାବଦରେ ୩୨୦ ଟଙ୍କା ଦେବାକୁ କହିଥିଲେ। ଯୁବତୀଙ୍କ ସାଙ୍ଗ ସେମାନଙ୍କ କଥାରେ ରାଜି ହୋଇଯାଇଥିଲେ। ହେଲେ କିଛି ସମୟପରେ ଅଭିଯୁକ୍ତମାନେ କ୍ୟାବ୍ ମିଳୁନଥିବା ଦର୍ଶାଇ ଲିଙ୍ଗିପୁରର ଏକ ଲୋକେସନ୍ ଦେଇଥିଲେ।

ଠିକଣା ମିଳିଯିବା ପରେ ତମାଣ୍ଡୋ ଥାନା ପୁଲିସ ଲିଙ୍ଗିପୁରରେ ଚଢ଼ଉ କରିଥିଲା। ଫଟୋ ଅପବ୍ୟବହାରକାରୀଙ୍କୁ ଧରିବାକୁ ଯାଇଥିବା ପୁଲିସ ସେକ୍ସ ରାକେଟ ଠାବ କରିଥିଲା। ସେଠାରୁ ମିଞ୍ଜି, ବାବୁନି, ପେନୁ ଓ ତୋଫାନକୁ ଗିରଫ କରିଥିଲା। ଏଥିସହିତ ଦୁଇ ଜଣ ଦେହଜୀବୀଙ୍କୁ ମଧ୍ୟ ଉଦ୍ଧାର କରିଥିଲା। ତଦନ୍ତ ସମୟରେ ସ୍କ୍ରିନସଟ, ଚାଟ୍ ରେକର୍ଡ, ମୋବାଇଲ ନମ୍ବର, ୟୁପିଆଇ କାରବାର ସମ୍ବନ୍ଧୀୟ ତଥ୍ୟ ଓ ଅନ୍ୟାନ୍ୟ ଡିଜିଟାଲ ପ୍ରମାଣ ସଂଗ୍ରହ କରିଛି ପୁଲିସ।

ଅଭିଯୁକ୍ତମାନେ କେବଳ ଅଭିଯୋଗକାରିଣୀ ଯୁବତୀଙ୍କର ନୁହେଁ, ବରଂ ୧୦ରୁ ଅଧିକ ଯୁବତୀଙ୍କ ଅଜାଣତରେ ସେମାନଙ୍କ ଫଟୋର ଅପବ୍ୟବହାର କରୁଥିବା ଜଣାପଡ଼ିଥିଲା। ଅଭିଯୁକ୍ତମାନେ ସୋସିଆଲ ମିଡିଆ ଓ ମେସେଜିଂ ପ୍ଲାଟଫର୍ମରେ ଏସ୍କର୍ଟ ସର୍ଭିସ୍ ଯୋଗାଉଥିଲେ ବୋଲି ବୈଷୟିକ ବିଶ୍ଳେଷଣରୁ ଜଣାପଡ଼ିଛି। ମିଞ୍ଜି ଏହି ରାକେଟର ମଙ୍ଗ ଧରିଥିବା ବେଳେ ପେନୁ, ବାବୁନି ଓ ତୋଫାନ ଗ୍ରାହକ ଯୋଗାଡ଼ କରୁଥିଲେ। ଗ୍ରାହକଙ୍କୁ ଜଣେ ଯୁବତୀଙ୍କ ଫଟୋ ଦେଖାଇ ବୁକିଂ ନେଉଥିଲେ, କିନ୍ତୁ ଅନ୍ୟ ଯୁବତୀଙ୍କୁ ସେମାନଙ୍କ ପାଖକୁ ପଠାଉଥିଲେ ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ତଦନ୍ତ ପରେ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ସେମାନଙ୍କ ଠାରୁ ୯ଟି ମୋବାଇଲ ଫୋନ, ୧୫ଟି ସିମ୍ କାର୍ଡ, ଡିଜିଟାଲ ରେକର୍ଡ, ବ୍ୟାଙ୍କ ଖାତା ସମ୍ବନ୍ଧୀୟ ତଥ୍ୟ ଓ ୟୁପିଆଇ କାରବାର ବିବରଣୀ ଜବତ କରିଛି। ସେପଟେ ଉଦ୍ଧାର ହୋଇଥିବା ୨ ଯୁବତୀ ଚାକିରି କରିବାକୁ ଆସି ଫସି ଯାଇଥିବା ପୁଲିସ ଆଗରେ କହିଛନ୍ତି। ପୁଲିସ ତାଙ୍କ ବୟାନ ରେକର୍ଡ କରିବା ପରେ ଆଶ୍ରୟସ୍ଥଳରେ ଛାଡ଼ିଛି।

# ପଚାଶ ଟଙ୍କା ପାଇଁ ଖଣ୍ଡା ଚୋଟ





ଭୁବନେଶ୍ୱର, ୧୩।୬ (ସମିସ): ଧାର୍ ଟଙ୍କା ଫେରାଇବାକୁ କେନ୍ଦ୍ରକରି ଖଣ୍ଡା ବୁଲିଛି। ମାତ୍ର ୫୦ ଟଙ୍କା ପାଇଁ ସାଙ୍ଗକୁ ଖଣ୍ଡାରେ ହାଣିଛି। ଛଡ଼ାଇବାକୁ ଆସିଥିବା ଭାଇ ମଧ୍ୟ ଆକ୍ରମଣରୁ ବାଦ୍ ପଡ଼ିନାହାନ୍ତି। କେଳା ସାହିରେ ଏଭଳି ଘଟଣା ଘଟିଥିବା ବେଳେ ଗଗନ ବରାଡ଼ ଓ ଶିବରାମ ଗଡ଼ତିଆ ଆହତ ହୋଇଛନ୍ତି। ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେଳା ସାହିରେ ରହୁଥିବା ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅଞ୍ଚଳର ସାରଙ୍ଗ ବେହେରା (୫୬)।

ପୁଲିସ ସୂଚନାନୁସାରେ, ସାରଙ୍ଗ ଓ ଗଗନ ଭଲ ବନ୍ଧୁ ହୋଇଥିବା ବେଳେ ଉଭୟ କେଳା ସାହି ବସ୍ତିରେ ରୁହନ୍ତି। ଗଗନ କିଛିଦିନ ପୂର୍ବରୁ ସାରଙ୍ଗ ଠାରୁ ୫୦ ଟଙ୍କା ଧାର ସୂତ୍ରରେ ନେଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ଫେରାଇ ନଥିଲେ। ଗତକାଲି ରାତିରେ ସାରଙ୍ଗ ୫୦ ଟଙ୍କା ଫେରାଇବାକୁ ଗଗନକୁ କହିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଗଗନ ମଧ୍ୟ ସାଙ୍ଗେ ସାଙ୍ଗେ ଟଙ୍କା ଫେରାଇ ପାରିବେ ନାହିଁ ବୋଲି କହିବା ସହ ପରେ ଫେରାଇ ଦେବେ ବୋଲି କହିଥିଲେ। ସାରଙ୍ଗ ଉତ୍ତ୍ୟକ୍ତ ହୋଇ ଗଗନଙ୍କୁ ଗାଳିଗୁଲଜ କରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲା। ଖଣ୍ଡା ଚୋଟରେ ଗଗନଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଗଗନଙ୍କୁ ଆକ୍ରମଣ ହେଉଥିବା ଦେଖି ସମ୍ପର୍କୀୟ ଭାଇ ଶିବରାମ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଖଣ୍ଡା ଆକ୍ରମଣରେ ଶିବରାମଙ୍କ ଡାହାଣ ହାତର ବୁଢ଼ା ଆଙ୍ଗୁଠି କଟି ଯାଇଥିଲା। ହତ୍ୟା କରିବାକୁ ଧମକ ଦେଇ ସାରଙ୍ଗ ସେଠାରୁ ଫେରାର ହୋଇଯାଇଥିଲା। ଖବରପାଇ ଏୟାରପୋର୍ଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଶିବରାମଙ୍କ ଅଭିଯୋଗ ଆଧାରରେ ଏୟାରପୋର୍ଟ ପୁଲିସ ମାମଲା ରୁଜୁ କରିଥିଲା। ଆଜି କେଳାସାହି ବସ୍ତିରୁ ସାରଙ୍ଗଙ୍କୁ ଗିରଫ କରିବା ସହ ଖଣ୍ଡା ଜବତ କରିଛି।

# ମହିଳାଙ୍କଠାରୁ ମୋବାଇଲ ଲୁଟ୍; ଜଣେ ଗିରଫ

ଭୁବନେଶ୍ୱର, ୧୩।୬ (ସମିସ): ମହିଳାଙ୍କ ଠାରୁ ମୋବାଇଲ ଲୁଟ୍ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ହଂସପାଳରେ ରହୁଥିବା ଏରସମା ଥାନା ଅଞ୍ଚଳର ଅନିରୁଦ୍ଧ ସାହୁ (୩୦)।



ପୁଲିସ ସୂଚନାନୁସାରେ, ଗତକାଲି ରାତି ପ୍ରାୟ ୧୧ଟା ୫୦ ସମୟରେ ଜଣେ ମହିଳା ମଞ୍ଚେଶ୍ୱରରେ ଥିବା ସାଲ ଏକ୍ସପୋର୍ଟରୁ ଡ୍ୟୁଟି ସାରି ଘରକୁ ଫେରୁଥିଲେ। ସେହି ସମୟରେ ଅନିରୁଦ୍ଧ ଏକ ବାଇକରେ ଆସି ହଠାତ୍ ତାଙ୍କ ମୋବାଇଲ ଫୋନ ଛଡ଼ାଇ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ମହିଳା ଜଣକ ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତୁରନ୍ତ ମୋବାଇଲ ଫୋନର ଲାଇଭ ଲୋକେସନ ଟ୍ରାକ୍ କରି ହଂସପାଳ ଅଞ୍ଚଳରେ ପହଞ୍ଚିଥିଲା। ସନ୍ଦେହ କରି ଘଟଣାରେ ବ୍ୟବହୃତ ଏକ ବାଇକ୍ ଚିହ୍ନଟ କରିଥିଲା। ପରେ ଅନିରୁଦ୍ଧକୁ ଗିରଫ କରିବା ସହ ଲୁଟ୍ ହୋଇଥିବା ମୋବାଇଲ ସହ ୨ଟି ଫୋନ୍ ଓ ଘଟଣାରେ ବ୍ୟବହୃତ ବାଇକ୍ ଜବତ କରିଥିଲା। ଅନିରୁଦ୍ଧ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ପୂର୍ବରୁ ତା' ନାମରେ ୭ଟି ଅପରାଧିକ ମାମଲା ରହିଛି।

# କାଫେରୁ ଟେକିନେଇ ଜମି ବ୍ୟବସାୟୀଙ୍କୁ ପିଟିଲେ

ଭୁବନେଶ୍ୱର, ୧୩।୬ (ସମିସ)



- ୫ ଘଣ୍ଟା ଅଟକ ରଖି ମାଡ଼ ମାରିଲେ
- ସାଦା କାଗଜରେ ଦସ୍ତଖତ କରାଇନେଲେ
- ଜଣେ ଗିରଫ; ଅନ୍ୟମାନେ ଫେରାର

ପୂର୍ବରୁ ଲାଗି ରହିଥିବା ବ୍ୟବସାୟିକ ବିବାଦ ଉଗ୍ରରୂପ ନେଇଛି। କାଫେରେ ବସିଥିବା ଜମି ବ୍ୟବସାୟୀଙ୍କୁ ଟେକି ନେଇଛନ୍ତି। ଖାଲି ସେତିକି ନୁହେଁ, ମାଡ଼ ମାରିବା ସହ ସାଦା କାଗଜରେ ଦସ୍ତଖତ କରି ନେଇଛନ୍ତି। ହିଲ୍ ଭିୟୁ କାଫେରେ ଏଭଳି ଘଟଣା ଘଟିଥିବା ବେଳେ ଜମି ବ୍ୟବସାୟୀ ଦୀପକ କୁମାର ଦଳାଇ ଆହତ ହୋଇଛନ୍ତି। ଅଭିଯୋଗ ପାଇବା ପରେ ଜଣଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଦାରୁଠେଙ୍ଗର ପର୍ଶୁରାମ ଗଜେନ୍ଦ୍ର ଓରଫ୍ ପ୍ରଶାନ୍ତ (୫୫)।

ପୁଲିସ ସୂଚନାନୁସାରେ, ଦୀପକ ଭୁବନେଶ୍ୱରରେ ପ୍ଲଟ୍ ଓ ରିଅଲ୍ ଇଷ୍ଟେଟ୍ ବ୍ୟବସାୟ କରି ଆସୁଛନ୍ତି। ପ୍ରଶାନ୍ତ ଓ ତାଙ୍କ ସହଯୋଗୀମାନେ ମଧ୍ୟ ସମାନ ବ୍ୟବସାୟ ସହ ଜଡ଼ିତ ଅଛନ୍ତି। ଜମି ବିକ୍ରୟକୁ କେନ୍ଦ୍ର କରି ଦୀପକ ଓ ପ୍ରଶାନ୍ତ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ପ୍ରଶାନ୍ତ ମଧ୍ୟ ଦୀପକଙ୍କ ପ୍ରତି ଶତ୍ରୁତା ଭାବ ରଖିଥିଲା। ଗତମାସ ୨୯ ତାରିଖ ଦିନ ଦୀପକ ହିଲ୍ ଭିୟୁ କାଫେରେ ବସି ଜଣେ ସମ୍ଭାବ୍ୟ ଗ୍ରାହକଙ୍କୁ ଜମି ସମ୍ବନ୍ଧୀୟ କାଗଜପତ୍ର ଦେଖାଉଥିଲେ। ଠିକ୍ ସେହି ସମୟରେ ପ୍ରଶାନ୍ତ ଓ ସହଯୋଗୀମାନେ ଏକାଠି ସେଠାରେ ପହଞ୍ଚି ଦୀପକଙ୍କ ମୋବାଇଲ୍ ଫୋନ୍ ଓ ଜମି ସମ୍ବନ୍ଧୀୟ ଦସ୍ତାବିଜ ଛଡ଼ାଇ ନେଇଥିଲେ। ଦୀପକଙ୍କୁ ମାଡ଼ ମାରିବା ସହ ଅପହରଣ କରି ନେଇଥିଲେ।

କାଫେରୁ ନେଇ ଦାରୁଠେଙ୍ଗ ସ୍ଥିତ ଏକ ନିଛାଟିଆ ସ୍ଥାନରେ ତାଙ୍କୁ ବନ୍ଦୀ କରି ରଖିଥିଲେ। ସେଠାରେ ୫ ଘଣ୍ଟା ଧରି ଅଟକ ରଖିବା ସହ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ଏଥିସହିତ ଦୀପକଙ୍କୁ ଏକ ଖାଲି କାଗଜରେ ସ୍ୱଇଚ୍ଛାରେ ଜମି କାଗଜପତ୍ର ହସ୍ତାନ୍ତର କରୁଥିବା ନେଇ ଲେଖିବାକୁ ବାଧ କରିଥିଲେ। ଘଟଣା ସମ୍ପର୍କରେ ପୋଲିସରେ ଅଭିଯୋଗ କଲେ ତାଙ୍କ ଘରକୁ ଜାଳିଦେବାକୁ ମଧ୍ୟ ଧମକ ଦେଇଥିଲେ। ଦୀପକ କୌଶଳକ୍ରମେ ସେମାନଙ୍କ କବଳରୁ ଖସି ଆସି ମେଣ୍ଡ୍ରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଜର ଚିକିତ୍ସା କରାଇଥିଲେ। ଏନେଇ ଦୀପକ ଇନଫୋସିଟି ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ପ୍ରଶାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ମାନବ କେଶ ବ୍ୟବସାୟରେ ୨ କୋଟିର ଠକେଇ

- କୋଲକାତା କୋର୍ଟ ନିର୍ଦ୍ଦେଶରେ ଦୁଇ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର ୧୩।୬ (ସମିସ) ପଶ୍ଚିମବଙ୍ଗ ଭିତ୍ତିକ ମାନବ କେଶ ଯୋଗାଣକାରୀ ସଂସ୍ଥା 'ଏସ୍. ଇଣ୍ଟରପ୍ରାଇଜର୍ସ' ସହ ୨କୋଟି ଟଙ୍କାର ଠକେଇ ମାମଲାରେ ପ୍ରଦୀପ ଓ ଭାରତ ନାମକ ଦୁଇ ବ୍ୟକ୍ତିଙ୍କୁ ଖାରବେଳନଗର ଥାନା ପୁଲିସ ଗିରଫ କରିଛି। ଏସ୍. ଇଣ୍ଟରପ୍ରାଇଜର୍ସ ମାଲିକ ସୁବେନ୍ଦୁ ଜାନାଙ୍କ ଅଭିଯୋଗ ଅନୁଯାୟୀ, ୨୦୨୨-୨୩ ଆର୍ଥିକ ବର୍ଷରେ ସେ ପ୍ରଦୀପ ଓ ଭାରତଙ୍କୁ ପ୍ରାୟ ୪ କୋଟି ଟଙ୍କା ମୂଲ୍ୟର "ଡବଲ୍ ରାଉଣ୍ଡ ହ୍ୟୁମାନ ହେୟାର' ଯୋଗାଇଥିଲେ। ଉଭୟ ଅଭିଯୁକ୍ତ ମାଲ୍ ନେବା ବଦଳରେ ବ୍ୟାଙ୍କ ଚେକ୍ ଦେଇଥିଲେ। କିନ୍ତୁ ପରେ ଚେକ୍ ବାଉନ୍ସ ହୋଇଯାଇଥିଲା ଏବଂ ସେମାନେ ଟଙ୍କା କିମ୍ବା ମାଲ୍ ଫେରାଇ ନଥିଲେ। ବାରମ୍ବାର ତାଗିଦ୍ ସତ୍ତ୍ୱେ ଟଙ୍କା ନ ମିଳିବାରୁ ସୁବେନ୍ଦୁ ଜେନା କୋଲକାତା କୋର୍ଟରେ ମାମଲା ଦାୟର କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ପୁଲିସ ଉଭୟ ଅଭିଯୁକ୍ତଙ୍କୁ ଅଟକ ଗିରଫ କରିଛି। ଏସମ୍ପର୍କରେ ଖାରବେଳନଗର ଥାନା ପକ୍ଷରୁ କୁହାଯାଇଛି କୋଲକତା ଏକ କୋର୍ଟଙ୍କ ୱାରେଣ୍ଟ ଅନୁଯାୟୀ ତାଙ୍କୁ ଗିରଫ କରାଯାଇଥିଲା। ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି।

# ସରିଲା ସଜବାଜ; ଆଜି ପହିଲି ରଜ

- ମେହେନ୍ଦୀ ଓ ଅଳତା ଲଗାଇ ସଜେଇ ହେଲେ
- ବିଭିନ୍ନ ସ୍ଥାନରେ ରଜ ଉଦ୍‌ଘାଟିତ

ଭୁବନେଶ୍ୱର,୧୩।୬(ସମିସ): ଆରମ୍ଭ ହୋଇଛି ରାଜଧାନୀର ରଜ ମଉଜ। ଓଡ଼ିଶାର ପାରମ୍ପରିକ ଗଣପର୍ବ ରଜକୁ ସହରଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ସମସ୍ତେ ଆନନ୍ଦ ଓ ଉଦ୍ଦୀପନାର ସହ ପାଳନ କରୁଥିବା ବେଳେ ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି। ସବୁଠି ଦେଖିବାକୁ ମିଳୁଛି ରଜର ମାହୋଲ। ରଜ ପିଠା ସାଙ୍ଗକୁ ରଜ ପାନ ଖାଇବାର ନିଆରା ଅନୁଭୂତିକୁ ସାଉଁଟୁଛନ୍ତି ସହରବାସୀ। ଏହାସାଙ୍ଗକୁ ରଜଦୋଳିରେ ବସି ଗାଉଛନ୍ତି ରଜ ଗୀତ। ରାଜଧାନୀର ବସ୍ତିବାସିନ୍ଦା ଖୁବ୍ ଧୂମ୍‌ଧାମ୍‌ରେ ପାଳନ କରୁଛନ୍ତି ଏହି ନିଆରା ପର୍ବକୁ। ଗରମ ଗୁଳୁଗୁଳି ପ୍ରବଳ ମାତ୍ରାରେ ଅନୁଭୂତ ହେଉଥିଲେ ବି ରଜ ଗୀତର ତାଳେ ତାଳେ ସବୁଆଡ଼େ ଦେଖିବାକୁ ମିଳୁଛି ଖୁସିର ମାହୋଲ। ରାଜଧାନୀରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଆରମ୍ଭ ହୋଇଛି ସଜବାଜ। ଆସନ୍ତା କାଲି ପହିଲିତି ରଜ ଉପଲକ୍ଷେ ଦୋଳି ଖେଳ ସହ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ।

## ସହିଦ ନଗର ଦୁର୍ଗାପୂଜା ସମିତି ପକ୍ଷରୁ ରଜ ମହୋତ୍ସବ



ସହିଦନଗର ଦୁର୍ଗା ପୂଜା ସମିତି ପକ୍ଷରୁ ରଜ ମହୋତ୍ସବ ମେୟର ସୁଲୋଚନା ଦାସଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ୧୬ ତାରିଖ ଯାଏ ଅନୁଷ୍ଠିତ ହେବାକୁ ଥିବା ରଜ ମହୋତ୍ସବରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କୁଇଜ୍ ପ୍ରତିଯୋଗିତା ଓ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ପାରମ୍ପରିକ ପିଠା ସହ ରଜ ପାନ ଷ୍ଟଲରେ ପ୍ରଦର୍ଶିତ ହୋଇଛି। ସମିତିର ସଭାପତି ବିଶ୍ୱ ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ରଜ ମହୋତ୍ସବରେ ଉପଦେଷ୍ଟା ମନୋରଞ୍ଜନ ଦାସ, ଦିଲ୍ଲୀପ କୁମାର ଦାସ, ସୁରେଶ କୁମାର ଦାସ, କର୍ପୋରେଟର ତଥା ଉପସଭାପତି ରାଜକିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ହରିଶ ପ୍ରସାଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଆସନ୍ତା କାଲି ପହିଲି ରଜରେ ବିଭିନ୍ନ ସ୍ଥାନରେ ରଜ ମହୋତ୍ସବ ଉଦ୍‌ଘାଟିତ ହେବ। ସଜବାଜରେ ରାଜଧାନୀର ବିଭିନ୍ନ ହାଟବଜାରରେ ପ୍ରବଳ ଭିଡ଼ ମଜିଥିଲା। ଏହାସହ ସଜବାଜ ଉପଲକ୍ଷେ ମେହେନ୍ଦୀ ଷ୍ଟଲ ଗୁଡ଼ିକରେ ମହିଳା ଓ ଯୁବତୀଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## ପାନ୍ଥନିବାସରେ ରଜ ମହୋତ୍ସବ

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ପାନ୍ଥନିବାସରେ 'ରଜ ମହୋତ୍ସବ' ଆରମ୍ଭ ହୋଇଛି। ସଜବାଜ ଅବସରରେ ମହିଳାମାନେ ମେହେନ୍ଦୀ, ଅଳତା ଲଗାଇବା ସହ ରଜପାନର ମଜ୍ଜା ନେଇଥିଲେ। ଏହାସହ ଦୋଳି ଖେଳି କିଏ ରିଲସ କରୁଥିଲା ତ ଆଉ କିଏ ଫଟୋ ଉଠାଇବାରେ ବ୍ୟସ୍ତ ରହୁଥିଲା। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ପରିବାର ସହ ରଜ ମଉଜ କରିଥିଲେ ରାଜଧାନୀବାସୀ। ଏହି ଅବସରରେ ପାନ୍ଥନିବାସରେ ବିଭିନ୍ନ ପିଠାର ଆୟୋଜନ ହୋଇଛି।

## ଏକାମ୍ର ହାଟରେ 'ସଜରେ ସଜରେ ରଜ'




ଭୁବନେଶ୍ୱର,୧୩।୬(ସମିସ): ପ୍ରତ୍ୟେକବର୍ଷ ପରି ଚଳିତବର୍ଷ ପହଲି ରଜର ପୂର୍ବଦିନ ସଜରେ ସଜରେ ରଜ କାର୍ଯ୍ୟକ୍ରମ ଭୁବନେଶ୍ୱର ଏକାମ୍ର ହାଟଠାରେ ସୁର ଭାଇବ୍ରେସନ ପକ୍ଷରୁ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ନବରତ୍ନ କୋଲ ମାଇନ୍ସର ଡିଜିଏମ ସୁବ୍ରତ କୁମାର ବିଶ୍ୱାଳ, ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବିର, ଶିକ୍ଷାବିତ ଅଜନ୍ତା ପାଲ, ମାନୀ ପଣ୍ଡା, ଗୁରୁ ଗୋବିନ୍ଦ ପାଲ, ପ୍ରଫେସର ଦାଶ ବେହେନୁର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଓ ବିଶିଷ୍ଟ କଣ୍ଠଶିଳ୍ପୀ ଡ. ଜୟଶ୍ରୀ ଧଳଙ୍କର ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। ନୂଆ ଓଡ଼ିଆ ସିନେମା ଶିକାରର ପ୍ରମୋସନ ହୋଇଥିଲା। ଓଡ଼ିଆ ସିନେମା ହିରୋ ଅମ୍ଳାନ ଓ ନାୟିକା ଏଲିନା ପ୍ରମୁଖ ଦର୍ଶକଙ୍କର ଆକର୍ଷଣ ସାଜିଥିଲେ। ସଂସ୍କୃତି ଗବେଷିକା ଡ. ଭାଗ୍ୟଲିପି ମଲ୍ଲ କାର୍ଯ୍ୟକ୍ରମ ତତ୍ତ୍ୱାବଧାନ କରିଥିଲେ। ରଜଦୋଳି, ପୋଡପିଠା ଓ ପାନର ମହକି ପଡୁଥିଲା। ଡ. ରୋଜାଲିନ ପାଟଶାଣୀ ଓ ଶାଶ୍ୱତ ଯୋଶୀଙ୍କ ଅନୁଷ୍ଠାନ ପରିଚୟ ଓ ଲାସ୍ୟକଳା ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ପହିଲି ରଜରେ ଜମିବ ଆମିଷ ବେପାର

ଭୁବନେଶ୍ୱର,୧୩।୬(ସମିସ): ଏଥର ରଜରେ ପ୍ରଥମ ଦିନ ଜମିବ ଆମିଷ ବେପାର। ପହିଲି ରଜ ରବିବାର ପଡୁଥିବାରୁ ଏହି ଦିନରେ ଘରେ ଘରେ ଆମିଷ ବ୍ୟଞ୍ଜନ ପ୍ରସ୍ତୁତି ସାଙ୍ଗକୁ ବିଭିନ୍ନ ହୋଟଲେ ଓ ରେସ୍ତୋରାଁରେ ମଧ୍ୟ ଭଳି କି ଭଳି ଆମିଷ ଆଇଟମ୍ ପ୍ରସ୍ତୁତି ହେବ। କାରଣ ଦ୍ୱିତୀୟ ରଜ ଅର୍ଥାତ୍ ରଜ ସଂକ୍ରାନ୍ତି ସୋମବାର ପଡୁଥିବା ବେଳେ ଶେଷ ରଜ ମଙ୍ଗଳବାର ପଡୁଥିବାରୁ ଏହି ଦୁଇ ଦିନରେ ସାଧାରଣତଃ ଅଧିକାଂଶ ଆମିଷ ଖାଇନଥାନ୍ତି। ତେଣୁ ରବିକାର ପାଇଁ ବ୍ୟବସାୟୀମାନେ ମଧ୍ୟ ପ୍ରସ୍ତୁତି ଥିବା ଜଣାପଡ଼ିଛି। ଏଥିପାଇଁ ପୂର୍ବରୁ ଛେଳି, କୁକୁଡ଼ା, ମାଛ ଆଦି ଆମଦାନୀ ମଧ୍ୟ ହୋଇଛି। ତେବେ ରଜ ପାଇଁ ଖାସି ମାଂସ ମାଂସ ଦର ୮୫୦ ଟଙ୍କା ରହିବ। କାରଣ ବର୍ତ୍ତମାନ ବେଙ୍ଗଲ, ଯଶୀପୁର, ଦଶପଲା, ମୟୁରଭଞ୍ଜରୁ ଛେଳି ଆମଦାନୀ ହୋଇଥାଏ। ଓଡ଼ିଶାରେ ଚିକେନ୍ ଭଳି ଛେଳି ଚାଷ କରାଯାଉ ନାହିଁ। ତେଣୁ ଧିରେ ଧିରେ ଛେଳି ଆମଦାନୀ କମୁଛି। ସେଥିପାଇଁ ରାଜ୍ୟ ବାହାରୁ ଯଥା ୟୁପି, ବିହାର, ବେଙ୍ଗଲରୁ ଆମଦାନୀ ହେଉଥିବାରୁ ଦର ବୃଦ୍ଧି ପାଉଛି। ମାଛ, ଚିକେନ୍, ଅଣ୍ଡା ପ୍ରଚୁର ପରିମାଣରେ ଉପଲବ୍ଧ ହେଉଥିବା ବେଳେ ୭୦ ପ୍ରତିଶତ ବାହାର ରାଜ୍ୟକୁ ଭରସା କରିବାକୁ ପଡୁଛି। ତେଣୁ ରଜ ପାଇଁ ପହିଲି ରଜରେ ୬ରୁ ୭କୋଟି ଟଙ୍କାର ଆମିଷ ବ୍ୟବସାୟ ହେବ ବୋଲି ଆଶା କରାଯାଉଥିବା ଅଲ୍ ଓଡ଼ିଶା ନନଭେଜ୍ ଫେଡେରେସନହ୍ରାଜ୍ୟ ସଭାପତି ସେକ୍ ମୁଷ୍ଟାକିମ୍ ବକ୍ସ କହିଛନ୍ତି। ତେବେ ଖାସି ମାଂସର ବର୍ଦ୍ଧିତ ଦର କେବଳ ରଜ ପାଇଁ ରହିବ ବୋଲି ସେ କହିଛନ୍ତି। ସାଧାରଣତଃ ରଜ ଆସିଲେ ଧନୀ ଠାରୁ ଗରିବ ଶ୍ରେଣୀର ପ୍ରତ୍ୟେକଙ୍କ ଘରେ ଆମିଷ ରୋଷେଇ ହୋଇଥାଏ। ଏହାସହ ବିଭିନ୍ନ ସ୍ଥାନରେ ଭୋଜିର ଆସର ଜମେ। ଚଳିତ ବର୍ଷ ରଜ ତିନିଦିନରୁ ପ୍ରଥମ ରଜ ଆମିଷ ବାର ପଡୁଥିବାରୁ ଆମିଷ ଉପରେ ଅଧିକ ଚାହିଦା ରହିବ ବୋଲି ବ୍ୟବସାୟୀମାନେ ପୂର୍ବରୁ ମାଛ, ଚିକେନ୍ ଓ ମଟନ୍ ଅମାଦାନୀ ଦ୍ୱିଗୁଣ କରିଥିବା ଜଣାପଡ଼ିଛି।

**୭କୋଟି ବ୍ୟବସାୟ ଲକ୍ଷ୍ୟ**

# ମଦନପୁର ରଜ ମହୋତ୍ସବ ଉଦ୍‌ଘାଟିତ



ଝାଁଳା/ବଡ଼ରଘୁନାଥପୁର, ୧୩।୬ (ସମିସ): ଭୁବନେଶ୍ୱର ଉପକଣ୍ଠ ପଞ୍ଚାୟତ ସ୍ତରୀୟ ମଦନପୁର ରଜ ମହୋତ୍ସବ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଟଣୀ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ଉଦଘାଟନ କରି ଦୋଳି ଖେଳିଥିଲେ। ଏହି ଉତ୍ସବରେ ସର୍ବ ଭାରତୀୟ ବାଳକ, ବାଳିକା କବାଡି ଖେଳର ମଧ୍ୟ ଉଦଘାଟନ କରିଥିଲେ। ମୁଖ୍ୟ ଆକର୍ଷଣ ୧୦୦ଟି ଦୋଳି ଶହ ମିନାବଜାର, ଯାତ୍ରା ପରିବେଷଣ ଏ ଅଞ୍ଚଳ ରେ ଏକ ଆକର୍ଷଣ ସାଜିବ ବୋଲି କମିଟି ସୂଚନା ଦେଇଛି। ମୁଖ୍ୟ ଆୟୋଜକ ଛେନୁ ଶେଖର ପଟନାୟକ, ଗାନ୍ଧୀ ଛୁଆଳସିଂହ, ପ୍ରଦୀପ କୁମାର ବଳିୟାରସିଂହ, ତପନ କୁମାର ବିଦ୍ୟାଧର, ସୌମ୍ୟରଞ୍ଜନ ପଟନାୟକ, ନନ୍ଦା ଜେନାଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଯୋଗଦେଇଥିଲେ।





# ଆଜି ବିଶ୍ୱ ରକ୍ତଦାତା ଦିବସ

# ରକ୍ତଦାନର ସଂଗ୍ରାମୀ ଯୋଦ୍ଧା

ଭୁବନେଶ୍ୱର,୧୩।୬(ସମିସ)

ରକ୍ତଦାନ କେବଳ ପୁଣ୍ୟ ଅର୍ଜନର ମାଧ୍ୟମ କିମ୍ବା ବିକଳ୍ପ ନୁହେଁ, ବରଂ ସୃଷ୍ଟିର ଏକ ସତ୍ତା ହିସାବରେ ସମାଜ ପ୍ରତି ଦାୟିତ୍ୱବୋଧ ଓ କର୍ତ୍ତବ୍ୟ। ଅସହାୟଙ୍କୁ ରକ୍ତ ଦେଇ ଜୀବନ ବଞ୍ଚାଇବାର ମହାର୍ଘ ଉପଲବ୍ଧି ମାଧ୍ୟମରେ ଜଗତର ସ୍ରଷ୍ଟାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିହୁଏ। ବିଶ୍ୱ ରକ୍ତଦାତା ଦିବସରେ ରକ୍ତଦାତାଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

## ଗୋଟିଏ ଫୋନ୍ କଲ୍‌ରେ ରକ୍ତଦାନ ପାଇଁ ପହଞ୍ଚନ୍ତି ସୌମ୍ୟକାନ୍ତ



ରାତି ହେଉ ଅବା ଦିନ, ଗୋଟିଏ ଫୋନ୍ କଲ୍‌ରେ ଯେକୌଣସି ସ୍ଥାନରେ ପହଞ୍ଚିଯାଆନ୍ତି ଆଯାଁଳାର ସତ୍ୟଶ୍ରୀ ସୌମ୍ୟକାନ୍ତ ମହାପାତ୍ର। ମାତ୍ର ୪୫ ବର୍ଷ ବୟସରେ ସେ ପ୍ରାୟ ୬୦ ଥର ରକ୍ତଦାନ କରିବା ସହ ୨ଥର ପ୍ଲେଟଲେଟ ଦାନ କରିଛନ୍ତି। ଯଦିଓ ସେ ଜଣେ ସାମାଜିକ କର୍ମୀଭାବେ ବେଶ୍ ଜଣାଶୁଣା କିନ୍ତୁ ରକ୍ତଦାତା ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। କାର୍ଯ୍ୟବ୍ୟସ୍ତତା ମଧ୍ୟରୁ ରୋଗୀଙ୍କ ପାଇଁ ସେ ସର୍ବଦା ତତ୍ପରତା ଦେଖାଇଥାନ୍ତି। ବିଶେଷ କରି ହସ୍ପିଟାଲରେ ରକ୍ତ ଅଭାବରୁ ଯନ୍ତ୍ରଣା ଭୋଗୁଥିବା ରୋଗୀଙ୍କ ନିକଟରେ କିଭଳି ରକ୍ତ ପହଞ୍ଚି ପାରିବ ସେଥିପାଇଁ ସେ ଚେଷ୍ଟା ଜାରୀ ରଖିଛନ୍ତି। ଦୀର୍ଘ ବର୍ଷ ହେବ ସେ କେବଳ ରକ୍ତଦାନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟି ନାହାନ୍ତି ବରଂ ଅନେକ ରୋଗୀଙ୍କୁ ନୂଆ ଜୀବନ ଦେଇଛନ୍ତି। ଯେଉଁଥିପାଇଁ ତାଙ୍କ ନିକଟକୁ କେବଳ ରାଜଧାନୀ ନୁହେଁ ବରଂ ବିଭିନ୍ନ ସ୍ଥାନରୁ ପ୍ରଶଂସାର ସୁଅ ଛୁଟିଛି।

ରାଜଧାନୀ ହେଉ ଅବା ଅନ୍ୟ କୌଣସି ସ୍ଥାନରୁ ଗୁରୁତର ରୋଗୀଙ୍କୁ ରକ୍ତର ଆବଶ୍ୟକତା ନିମନ୍ତେ ତାଙ୍କ ନିକଟକୁ ଫୋନ୍ କଲ୍ ଆସିବା ମାତ୍ରେ ସବୁକାମ ପଛରେ ପକାଇ ନିଜର ସହଯୋଗୀଙ୍କ ସହ ସେ ଧାଇଁ ଯାଆନ୍ତି ଉକ୍ତ ରୋଗୀଙ୍କ ନିକଟକୁ। ସବୁଠାରୁ ବଡ଼କଥା ହେଉଛି, ନିଜ ଜନ୍ମଦିନରେ ସେ ନିଜ ଘରେ ପ୍ରତିଷ୍ଠା କରିଥିବା ସଦ୍‌ଭାବନା ଗୃହରେ ରକ୍ତଦାନ ଶିବିର ଆୟୋଜନ କରିଥାନ୍ତି। ଯେଉଁ ଶିବିରରେ ନିଜ ବନ୍ଧୁ ପରିଜନଙ୍କ ସମେତ ସମ୍ପର୍କୀୟମାନେ ସାମିଲ ହୋଇ ରକ୍ତଦାନ କରିଥାନ୍ତି। ଏହାସହ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସମ୍ପର୍କୀୟଙ୍କୁ ରକ୍ତଦାନ କରିବାକୁ ସଚେତନ କରିବାକୁ ମଧ୍ୟ ପରାମର୍ଶ ଦେଇଥାନ୍ତି। କରିଥିବା ଏନେଇ ସୌମ୍ୟକାନ୍ତ କହିଛନ୍ତି ଯେ, ରକ୍ତ ଅଭାବରୁ କୌଣସି ରୋଗୀଙ୍କ ଜୀବନ ଯେମିତି ଚାଲି ନଯାଉ ସେଥିପାଇଁ ମୋ ପକ୍ଷେ ଯାହା ସମ୍ଭବ ମୁଁ କରୁଛି। ଦୁର୍ଘଟଣାରେ ଶିକାର ହୋଇଥିବା ଜଣେ ସମ୍ପର୍କୀୟଙ୍କୁ ନେଇ ହସ୍ପିଟାଲ ଯାଇଥିବା ବେଳେ ସେଠାରେ ରକ୍ତ ପାଇଁ ଯେଉଁଭଳି ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା ସେହିଦିନ ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ। ସେହିଦିନରୁ ରକ୍ତଦାନ କରିବା ଆରମ୍ଭ କରିଥିବା ସୌମ୍ୟକାନ୍ତ ଏବେ ଜଣେ ରକ୍ତଦାତା ଭାବେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ପୂର୍ବରୁ ସେ ଗନ୍ଧିଆନ୍ ଅନୁଷ୍ଠାନ ସହ ଜଡ଼ିତ ଥିବା ବେଳେ ନିଜେ ଅହିଂସା ବିଚାର ଫାଉଣ୍ଡେସନ୍ ପ୍ରତିଷ୍ଠା କରି ବିଭିନ୍ନ ସାମାଜୀକ କାର୍ଯ୍ୟ ଜାରୀ ରଖିଛନ୍ତି। ୧୯୯୮ରୁ ରକ୍ତଦାନ ଆରମ୍ଭ କରିଥିବା ବେଳେ ଏପର୍ଯ୍ୟନ୍ତ ପ୍ରାୟ ୬୦ ଥର ରକ୍ତଦାନ କରିଛନ୍ତି। ପ୍ରତ୍ୟେକ ଜୀବନ ମୂଲ୍ୟବାନ ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ରକ୍ତଦାନ କରିବାକୁ ଆଗେଇ ଆସିବା ଉଚିତ୍ ବୋଲି ତନ୍ମୟ କହିଛନ୍ତି।

## ୩୪ବର୍ଷ ବୟସରେ ୩୭ଥର ରକ୍ତଦାନ

ଅନେକ ସମୟରେ ଥାଲାସେମିଆ ରୋଗୀ ରକ୍ତ ଅଭାବରୁ ମୃତ୍ୟୁବରଣ କରିଥାନ୍ତି। ନିୟମିତ ରକ୍ତ ନେବାକୁ ବିଭିନ୍ନ ହସ୍ପିଟାଲ୍ ରକ୍ତ ଅଭାବ ହେଉଥିବା ବେଳେ ସେମାନଙ୍କ ପାଖରେ ଦେବଦୂତ ସାଜି ପହଞ୍ଚନ୍ତି ଖୋର୍ଦ୍ଧା ବାଲିପାଟଣା ଅଞ୍ଚଳର ଜଗନ୍ନାଥ ମିଶ୍ର। କେବଳ ଯେ ତାଙ୍କ ନାଁ ଜଗନ୍ନନାଥ ନୁହେଁ ପ୍ରକୃତରେ ସେ ଗରୀବ ଲୋକମାନଙ୍କର ନାଥ ବୋଲି ରୋଗୀଙ୍କ ମୁହଁରୁ ଶୁଣିବାକୁ ମିଳେ। ମାତ୍ର ୩୪ ବର୍ଷ ବୟସରେ ସେ ୩୭ ଥର ରକ୍ତଦାନ କରିବା ସହ ପ୍ରାୟ ଥରେ ପ୍ଲେଟଲେଟ୍ ଦାନ କରିଛନ୍ତି। କେବଳ ଭୁବନେଶ୍ୱର ନୁହେଁ, କଟକ, ବାଲିପାଟଣାରେ ମଧ୍ୟ ରକ୍ତଦାନ ପାଇଁ ଜଗାଙ୍କ ସୁନାମ ରହିଛି। ଏମିତି ଦୂର ଦୂରଦୂରାନ୍ତରୁ ରକ୍ତ ଆବଶ୍ୟକତା ଖବର ପାଇ ସେଠାରେ ପହଞ୍ଚିଥାନ୍ତି ସେ। ୨୦୧୦ ମସିହାରୁ ରକ୍ତଦାନ ଆରମ୍ଭ କରି ସେ ଅନେକ ଲୋକଙ୍କ ପ୍ରିୟ ମଣିଷ ପାଲଟିଯାଇଛନ୍ତି। ବର୍ଷକୁ ୪ଥର ଏବଂ ଜରୁରୀ ପରିସ୍ଥିତିରେ ୫ରୁ ୬ଥର ରକ୍ତଦାନ କରୁଛନ୍ତି। ତେବେ ଏକ ଘରୋଇ ଡାକ୍ତରଖାନାରେ ଜଣେ ରୋଗୀଙ୍କ ରକ୍ତର ଅବାଶ୍ୟକତା ପାଇଁ ସମ୍ପର୍କୀୟ ଅନ୍ୟ ଜଣଙ୍କ ନିକଟରେ ନେହୁରା ହେଉଥିବାର ଦୃଶ୍ୟ ଜଗାଙ୍କୁ ବ୍ୟଥିତ କରିଥିଲା। ସେ ନିଜଆଡୁ ଉକ୍ତ ରୋଗୀଙ୍କୁ ରକ୍ତଦାନ କରିବାକୁ କହିଥିବା ବେଳେ ରୋଗୀଙ୍କ ସମ୍ପର୍କୀୟଙ୍କ ଖୁସି ତାଙ୍କୁ ରକ୍ତଦାନ ପାଇଁ



ପ୍ରେରଣା ଯୋଗାଇଥିଲା। ସେବେଠାରୁ ଆଉ ପଛକୁ ଫେରି ନାହାନ୍ତି ଜଗା। ରକ୍ତଦାନ ଜୀବନ ଦାନ ସହ ସମାନ। ଏହି ମହାନ କାମ କରିବାକୁ ପ୍ରତ୍ୟେକ ଯୁବିପଢ଼ୀ ଆଗେଇ ଆସିବାକୁ ସେ ପରାମର୍ଶ ଦେବା ସହ ରକ୍ତଦେଇ ଅନ୍ୟର କଷ୍ଟ ଦୂର କରିବାକୁ ସର୍ବଦା ଚେଷ୍ଟା କରିବି ବୋଲି ଜଗନ୍ନାଥ କହିଛନ୍ତି।

# ନିର୍ମାଣାଧୀନ କୋଠାରୁ ଖସି ବଙ୍ଗୀୟ ଇଞ୍ଜିନିୟର ମୃତ

**ହତ୍ୟା ଷଡ଼ଯନ୍ତ୍ର ସନ୍ଦେହ**

ଭୁବନେଶ୍ୱର, ୧୩।୬(ସମିସ): ରାଜଧାନୀରେ ଏକ ନିର୍ମାଣାଧୀନ କୋଠାର ୪ର୍ଥ ମହଲାରୁ ଖସି ପଶ୍ଚିମବଙ୍ଗର ଜଣେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ରାଜୁ ଅଧିକାରୀ। ସେ ଗତ ଏକ ବର୍ଷ ହେଲା ଭୁବନେଶ୍ୱରରେ ରହି ଏକ ଘରୋଇ ନିର୍ମାଣ କମ୍ପାନୀରେ ସାଇଟ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଅପରାହ୍ନ ପ୍ରାୟ ୩ଟା ସମୟରେ ରାଜୁ ଇନଫୋସିଟି ପୁଲିସ ଅଞ୍ଚଳରେ ଥିବା କମ୍ପାନୀର ଏକ ନିର୍ମାଣାଧୀନ ବହୁତଳ କୋଠା ଇନ୍ସପେକ୍ସନ୍ ପାଇଁ ଯାଇଥିଲେ। ୪ର୍ଥ ମହଲାରେ କାମ ଯାଞ୍ଚ କରୁଥିବା ବେଳେ ସେ ତଳକୁ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ଉପସ୍ଥିତ କିଛି ଶ୍ରମିକ ଓ ସ୍ଥାନୀୟ ଲୋକ ତୁରନ୍ତ ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପଞ୍ଚନାମା କରିଥିଲା। ଶବକୁ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ପଠାଯାଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଏହି ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ସନ୍ଦେହ ଦେଖାଦେଇଛି। କିଛି ପ୍ରତ୍ୟକ୍ଷଦର୍ଶୀ ଓ ଶ୍ରମିକଙ୍କ କହିବା ଅନୁଯାୟୀ, ରାଜୁ ଖସିପଡ଼ିବା ସମୟରେ ୪ର୍ଥ ମହଲାରେ ଅନ୍ୟ ଦୁଇ-ତିନି ଜଣ ବ୍ୟକ୍ତି ଉପସ୍ଥିତ ଥିଲେ। ତେଣୁ ଏହା ଦୁର୍ଘଟଣା ନୁହେଁ, ବରଂ କେହି ଜାଣିଶୁଣି ଧକ୍କା ଦେଇ ତଳକୁ ଠେଲି ଦେଇଥିବା ସନ୍ଦେହ କରାଯାଉଛି।ମୃତ ରାଜୁଙ୍କ ପରିବାର ଲୋକଙ୍କୁ ପଶ୍ଚିମବଙ୍ଗରେ ଖବର ଦିଆଯାଇଛିକ୍ଷ ଯୋଗାଯୋଗ କରି ଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ବସ୍‌ଯାତ୍ରୀଙ୍କ ଠାରୁ ଅପହରଣ ପରେ ଲୁଟ୍; ଜଣେ ଗିରଫ

ଭୁବନେଶ୍ୱର,୧୩।୬(ସମିସ): ଖଣ୍ଡଗିରି ବାଇପାସ୍ ବସ୍‌ଯାତ୍ରୀଙ୍କ ଠାରୁ ଲୁଟ୍ ଅଭିଯୋଗରେ ଅନ୍ୟତମ ଅଭିଯୁକ୍ତ ବନବାସ ବାରିକ ଓରଫ ବାଣୀଙ୍କୁ ଭରତପୁର ଥାନା ପୁଲିସ ଗିରଫ କରିଛି। ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ମାସରେ ଅଭିଯୋଗକାରୀ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ବସ୍‌ରେ ଆସୁଥିବା ବେଳେ ଖଣ୍ଡଗିରି ବାଇପାସ୍ ରୋଡ୍‌ସ୍ଥିତ ମଦର୍ସ ପବ୍ଲିକ ସ୍କୁଲ ନିକଟରେ ଓହ୍ଲାଇଥିଲେ। ସେହି ସମୟରେ କିଛି ଯୁବକ ଏକ ସ୍ୱିଫ୍ଟ ଡିଜାୟାର କାର୍‌ରେ ଆସି ତାଙ୍କୁ ଜବରଦସ୍ତି ଅପହରଣ କରି ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେଠାରେ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରି ତାଙ୍କର ମୋବାଇଲ ଫୋନ, ନଗଦ ଦେଢ଼ ହଜାର ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଥିଲେ। ଘଟଣା ପରେ ତାଙ୍କୁ ସେଠାରେ ଛାଡ଼ି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ଜଣେ ରାହାଗିର ତାଙ୍କୁ ଉଦ୍ଧାର କରିଥିଲେ। ତଦନ୍ତ ସମୟରେ ସହ ଅଭିଯୁକ୍ତ ପବିତ୍ର ସାହୁଙ୍କୁ ପୂର୍ବରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ପଚରାଉଚରା ବେଳେ ସେ ବନବାସ ବାରିକ ଓରଫ ବାଣୀ ଏବଂ ଅନ୍ୟ ସହଯୋଗୀମାନଙ୍କ ସମ୍ପୃକ୍ତି ବିଷୟରେ ସୂଚନା ଦେଇଥିଲେ। ପରେ ଅନ୍ୟ ଜଣେ ସହଅଭିଯୁକ୍ତ ବିକାଶ ପ୍ରଧାନ ଓରଫ ସାନା ମୁଣ୍ଡି ଓରଫ ଭିକିଙ୍କୁ ମଧ୍ୟ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ତଦନ୍ତ ସମୟରେ ଆଜି ନିର୍ଭରଯୋଗ୍ୟ ସୂଚନା ଆଧାରରେ ବରମୁଣ୍ଡା ଜଗନ୍ନାଥ ମନ୍ଦିର ନିକଟରୁ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା। ଘଟଣାରେ ବ୍ୟବହୃତ ଧଳା ରଙ୍ଗର ମାରୁତି ସୁଜୁକି ସ୍ୱିଫ୍ଟ ଡିଜାୟାର କାର୍ ତାଙ୍କ ନିକଟରୁ ଜବତ କରାଯାଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବାରୁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ପଞ୍ଚମ ବେଦ ଉତ୍ସବ ଉଦଯାପିତ

ଭୁବନେଶ୍ୱର,୧୩।୬(ସମିସ): ପ୍ରସନ୍ନାକ୍ଷି ପକ୍ଷରୁ ୧୦ମ ପଞ୍ଚମ ବେଦ ଉତ୍ସବ ଶନିବାର ରବିନ୍ଦ୍ର ମଣ୍ଡପଠାରେ ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବରେ ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି, ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ସୁକାନ୍ତ କୁମାର କୁଣ୍ଡୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ଘନଶ୍ୟାମ ପଣ୍ଡାଙ୍କୁ 'ପଞ୍ଚମ ବେଦ ସମ୍ମାନ' ରେ ସମ୍ମାନୀତ କରାଯିବା ସହ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିପରି ସତ୍ୟବ୍ରତ କାଠଙ୍କୁ ପଞ୍ଚମ ବେଦ ଯୁବ ସମ୍ମାନରେ ସମ୍ମାନୀତ କରାଯିବା ସହ ୫ହଜାର ଟଙ୍କର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପରେ ପରେ ଖବରଦାତା



ସୁମିତ୍ରା ସାହୁ, ପ୍ରିୟଙ୍କା ରାୟ, ଚିତ୍ତ ରଞ୍ଜନ ମାଝି, ରଶ୍ମୀ ରଞ୍ଜନ ସ୍ୱାଇଁ, ମନୋରଞ୍ଜନ ମହାନ୍ତିଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନୀତ କରାଯାଇଥିଲା। ପରେ ପରେ ନୃତ୍ୟଶିଳ୍ପୀ ନନ୍ଦିନୀ ଘୋଷାଲଙ୍କ ନୃତ୍ୟରୁ ଆରମ୍ଭ ହୋଇଥିଲା। ସେହିପରି ଗୁରୁ ମଧୁସ୍ମିତା ମହାନ୍ତି, ଗୁରୁ ରମେଶ ଚନ୍ଦ୍ର ଜେନା, ଗୁରୁ ଅମ୍ବାଳି ପ୍ରଧାନ ଶାସ୍ତ୍ରୀୟ ନୃତ୍ୟରେ ପରିବେଷଣ କରି ବିମୋହିତ କରିଥିଲେ। ଶ୍ରୀ ନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସିଜିୟୁରେ ଅନ୍ତର୍ଜାତୀୟ ଛାତ୍ରଛାତ୍ରୀଙ୍କ ସ୍ନାତକୋତ୍ସବ ସମାରୋହ



ଭୁବନେଶ୍ୱର, ୧୩।୬(ସମିସ)

ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି (ସିଜିୟୁ) ଠାରେ ଅନ୍ତର୍ଜାତୀୟ ଛାତ୍ରଛାତ୍ରୀଙ୍କ ସ୍ନାତକୋତ୍ସବ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିମ୍ବାୱେର ଭାରତ, ନେପାଳ, ଶ୍ରୀଲଙ୍କା ଓ ମାଳଦ୍ୱୀପ ପାଇଁ ରାଷ୍ଟ୍ରଦୂତ ଷ୍ଟେଲା ନୋମୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ନାତକମାନଙ୍କୁ ଉଦବୋଧନ ଦେଇଥିଲେ। ସମାରୋହ ଆରମ୍ଭରେ ଉପକୁଳପତି ଡ. ବଂଶୀଧର ମାଝୀ ସ୍ୱାଗତ ଭାଷଣ ସହ ବିଶ୍ୱବିଦ୍ୟାଳୟର ବାର୍ଷିକ ପ୍ରତିବେଦନ ଉପସ୍ଥାପନ କରିଥିଲେ। ସିଜିୟୁର ସଭାପତି ସଞ୍ଜୀବ କୁମାର ରାଉତ ବିଶ୍ୱବିଦ୍ୟାଳୟର ସଫଳତା ଓ ବିକାଶ ଯାତ୍ରା ଉପରେ ଆଲୋକପାତ କରି ସ୍ନାତକମାନଙ୍କୁ ସମାଜ ଓ ଦେଶ ଗଠନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ ଜଣାଇଥିଲେ। ଏହି ସ୍ନାତକୋତ୍ସବରେ ଅଷ୍ଟ୍ରେଲିଆ, ବାଂଲାଦେଶ, ଇଥିଓପିଆ, କେନିଆ, ଲାଇବେରିଆ, ମାଡାଗାସ୍କର, ନେପାଳ, ନାଇଜେରିଆ, ରୁଆଣ୍ଡା, ଦକ୍ଷିଣ ସୁଦାନ, ଶ୍ରୀଲଙ୍କା, ସୁଦାନ, ତାଞ୍ଜାନିଆ, ଉଗାଣ୍ଡା ଓ ଜିମ୍ବାୱେ ସମେତ ବିଭିନ୍ନ ଦେଶର ଛାତ୍ରଛାତ୍ରୀମାନେ ଉପାଧି ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ନୋମୋ ଭାରତ-ଜିମ୍ବାୱେ ମଧ୍ୟରେ ଶିକ୍ଷା, ନବସୃଜନ ଓ ନିରନ୍ତର ବିକାଶ କ୍ଷେତ୍ରରେ ବିଦ୍ୟମାନ ସୁଦୃଢ଼ ସମ୍ପର୍କ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ ସିଜିୟୁ ପରି ଅନୁଷ୍ଠାନ ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ଓ ନୂତନ ସମାଧାନ ସୃଷ୍ଟି କରିବାରେ ସକ୍ଷମ କରୁଛି। ସମାରୋହର ଶେଷରେ ରେଜିଷ୍ଟ୍ରାର ଡଃ ବିନିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରୋ-ଉପକୁଳପତି ଡଃ ଗୁଡ଼ା ଶ୍ରୀଦେବୀଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଆର୍‌ଏମ୍‌ଏନ୍‌ଏଲ ତରଫରୁ ରକ୍ତଦାନ ଶିବିର



ଭୁବନେଶ୍ୱର,୧୩।୬(ସମିସ): ଆଚାର୍ଯ୍ୟବିହାରସ୍ଥିତ ଆରଏମଏନଏଲ ତରଫରୁ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଛି। ଏହି ଅବସରରେ ଆରଏମଏନଏଲ ଅଡିଟୋରିଅମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଆରଏମଏନଏଲର ମୁଖ୍ୟ ଡ. ଦେବୀ ପ୍ରିୟଦର୍ଶିନୀ ନିଜେ ରକ୍ତଦାନ ପୂର୍ବକ ଶିବିରଟିକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିମନ୍ତ୍ରିତ ଅତିଥିମାନଙ୍କ ଭିତରେ ତାରାନା ଆଜାଦ, ଓଡ଼ିଶା ରକ୍ତଦାତା ମହାସଂଘର ସର୍ବ କନିଷ୍ଠ ମୋଟିଭେଟର ମିନକେତନ୍ ସାହୁ ଓ ରାଜେଶ କୁମାର ପଣ୍ଡା ଯୋଗଦେଇ ନୂତନ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପ୍ରବଳ ଖରା ସତ୍ତ୍ୱେ କଟକସ୍ଥିତ କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତ କେନ୍ଦ୍ରର ସରୋଜ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ମୋଟ ୧୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଓଡ଼ିଶା ରକ୍ତଦାତା ମହାସଂଘର ଏମ୍ କେ ସାହୁ ଓ ଆରଏମଏନଏଲ ପ୍ରତୀକ ପ୍ରମୁଖ ଶିବିର ଆୟୋଜନରେ ସହଯୋଗ ଓ ପରିଚାଳନା କରିଥିଲେ। ଏଫ୍‌ବିଡିଓର ସଭାପତି ଡ. ନରେଶ ଚନ୍ଦ୍ର ସାହୁ ଏହି ପ୍ରୟାସର ପ୍ରଶଂଶା କହିଥିଲେ।

# ସୋଆ ପକ୍ଷରୁ 'ୱି କ୍ୟାନ୍ ବେକ୍' ଉଦ୍‌ଯାପିତ

ଭୁବନେଶ୍ୱର,୧୩।୬(ସମିସ)

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ



(ଏସ୍‌ଏଚଏମ୍) ପକ୍ଷରୁ ଆରମ୍ଭ ହୋଇଥିବା ୬ ଦିନିଆ ରନ୍ଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ୱି କ୍ୟାନ୍ ବେକ୍' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ରାନ୍ଧଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ସ୍ଥାନରୁ ଭାଗ ନେଇଥିବା ୨୦ ପ୍ରତିଯୋଗୀଙ୍କୁ ମିଲେଟ୍ କୁକିଜ୍, ୱାଲନଟ୍ ବ୍ରାଉନି, ନାନ୍ ଖଟାଇ, ସ୍ୱିସ୍ ରୋଲ୍, ରେଡ୍ ଭେଲଭେଟ୍ କେକ୍, ପେଟିସ୍ ଏବଂ ଇଟାଲୀୟାନ୍ ହୋମ୍ ମେଡ୍ ପିଜା ସହିତ ବେକରୀ ଖାଦ୍ୟ ପ୍ରସ୍ତୁତିର ପ୍ରଶିକ୍ଷଣ ଦିଆଯାଇଥିଲା। ଏସ୍‌ଏଚ୍‌ଏମ୍ ପ୍ରଫେସର ରଞ୍ଜନ କୁମାର ମଲ୍ଲିକ ପ୍ରତିଯୋଗୀମାନଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ଲକ୍ଷ୍ୟ ନେଇ ରୁଚିକର ଓ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି ସେମାନେ ଏହାକୁ କିପରି ପରଷି ପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବା ସହ ପ୍ରତିଯୋଗୀମାନଙ୍କୁ ମାନପାତ୍ର ପ୍ରଦାନ କରାଯାଇଥିଲା।

ଏଥିରେ ସୋଆ ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ପ୍ରୋଗ୍ରାମ୍ କୋର୍ଡିନେଟର ତଥା ଏସ୍‌ଏଚ୍‌ଏମ୍‌ର ପ୍ରଫେସର ମଉ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଲିଥିୟମ୍ ବ୍ୟତୀତ: ଭାରତର ପଦାର୍ଥ ସାର୍ବଭୌମତ୍ୱ ରଣନୀତି ଶୀର୍ଷକ ବକ୍ତୃତା

ଭୁବନେଶ୍ୱର, ୧୩।୬(ସମିସ): ସିଏସଆଇଆର-ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସଆଇଆର-ଆଇଏମଏମଟି) ଭୁବନେଶ୍ୱର ପକ୍ଷରୁ କାନାଡାରେ ଭାରତର ପୂର୍ବତନ ହାଇକମିଶନର ତଥା ଜାପାନ, ରିପବ୍ଲିକ୍ ଅଫ୍ ଦି ମାର୍ଶଲ ଆଇଲ୍ୟାଣ୍ଡସ ଏବଂ ସୁଦାନରେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ସଞ୍ଜୟ କୁମାର ବର୍ମାଙ୍କ ଦ୍ୱାରା 'ଲିଥିୟମ ବାହାରେ: ଭାରତ ପାଇଁ ଏକ ପଦାର୍ଥ ସାର୍ବଭୌମତ୍ୱ ରଣନୀତି' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଏନସିଏମଏମ ଅଧୀନରେ ଥିବା ସିଏସଆଇଆର-ଆଇଏମଏମଟି ସେଣ୍ଟର ଅଫ୍ ଏକ୍ସଲେନ୍ସ ମାଧ୍ୟମରେ ସିଏସଆଇଆର-ଆଇଏମଏମଟି ଏବଂ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏହି ଆଲୋଚନାରେ ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳାର ପରିବର୍ତ୍ତିତ ସ୍ଥିତି, ଶକ୍ତି ରୂପାନ୍ତରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ବଢୁଥିବା ଗୁରୁତ୍ୱ ଏବଂ ସମ୍ବଳ ନିର୍ଭରଶୀଳତାର ଭୂ-ରାଜନୈତିକ ପ୍ରଭାବ ବିଷୟରେ ସମୀକ୍ଷା କରାଯାଇଥିଲା। ପ୍ରତିଷ୍ଠାନ ପରିସରରେ ଏକ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ, ସିଏସଆଇଆର-ଆଇଏମଏମଟି ସେଣ୍ଟର ଅଫ୍ ଏକ୍ସଲେନ୍ସ ଆଣ୍ଡ ବିଜନେସ୍ ଡେଭଲପମେଣ୍ଟର ମୁଖ୍ୟ ଡ. କାଳି ସଞ୍ଜୟ ପ୍ରମୁଖ ଉପସ୍ଥିତ ରହି ନିଜର ମତ ଉପସ୍ଥାପନା କରିଥିଲେ।

# ଚାରି ଦିନିଆ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ



ଭୁବନେଶ୍ୱର, ୧୩।୬ (ସମିସ): ବସ୍ତି ଓ ପଥପ୍ରାନ୍ତ ଶିଶୁମାନଙ୍କ ମଧ୍ୟରେ ସୃଜନଶୀଳତା, ଜୀବନ କୌଶଳ, ନେତୃତ୍ୱ ଗୁଣ ଏବଂ ସାମାଜିକ ଦାୟିତ୍ୱବୋଧର ବିକାଶ ଉଦ୍ଦେଶ୍ୟରେ ଆଶାଏଁ ପକ୍ଷରୁ ଭୁବନେଶ୍ୱରର ପାଞ୍ଚଟି ବସ୍ତି କମ୍ୟୁନିଟିରେ ଚାରି ଦିନିଆ ଗ୍ରୀଷ୍ମକାଳୀନ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ଶିଶୁମାନେ ଭଙ୍ଗା କାଚ, ଟିନ୍ କ୍ୟାନ୍, ପ୍ଲାଷ୍ଟିକ୍ ବୋତଲ ଓ ଅନ୍ୟାନ୍ୟ ପରିତ୍ୟକ୍ତ ସାମଗ୍ରୀ ବ୍ୟବହାର କରି ଆକର୍ଷଣୀୟ କଳାକୃତି ଓ ହସ୍ତଶିଳ୍ପ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ଆଶାଏଁର ଅଧ୍ୟକ୍ଷ ରତ୍ନାକର ସାହୁ ଯୋଗ ଦେଇଥିଲେ।

# ଛାତ ଖଣ୍ଡିଏ ପାଇଁ କନ୍ଧମାଳରୁ ରାଜଧାନୀକୁ ଦୃଷ୍ଟିବାଧିତ ଦମ୍ପତିଙ୍କ ଯାତ୍ରା

ଭୁବନେଶ୍ୱର,୧୩।୬(ସମିସ)

ଆଖିରେ ସେମାନଙ୍କର ଦୁନିଆକୁ ଦେଖିବାର ଆଲୋକ ନାହିଁ, ହେଲେ ମନରେ ଥିଲା ପିଲା ଦୁଇଟିଙ୍କୁ ନେଇ ସୁରକ୍ଷିତ ଛାତ ଖଣ୍ଡିଏ ତଳେ ମୁଣ୍ଡ ଗୁଞ୍ଜିବାର ଏକ କୁନି ସ୍ୱପ୍ନ। ସେହି ସ୍ୱପ୍ନକୁ ସାକାର କରିବାକୁ ଯାଇ ଆଜି ବ୍ୟବସ୍ଥାର ଅନ୍ଧଗଳିରେ ହନ୍ତସନ୍ତ ହେଉଛନ୍ତି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବାଡ଼ାବାଙ୍ଗା ପଞ୍ଚାୟତ ପଦ୍ମପଲ୍ଲୀ ଗ୍ରାମର ଦୃଷ୍ଟିବାଧିତ ଦମ୍ପତି ଅର୍ଜୁନ ସ୍ୱାଇଁ ଓ ବିମଳା ପ୍ରଧାନ। ରାଜଧାନୀର ଧୁ ଧୁ ତତଲା ବୈଶାଖର ଖରାରେ ନିଜର ଦୁଇଟି କୋମଳମତି ଶିଶୁଙ୍କୁ ଧରି ସହାୟତା ପାଇଁ ଦ୍ୱାର ଦ୍ୱାର ବୁଲୁଛନ୍ତି ଏହି ଅସହାୟ ପରିବାର।

ନିୟମର କାଠଗଡାରେ ଅଧାଗଢ଼ା ସ୍ୱପ୍ନ ଅର୍ଜୁନ ଓ ବିମଳାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ମିଳିଛି ସତ, ହେଲେ ସରକାରୀ ନିୟମର ଜଟିଳତା ସେମାନଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ମିଳିଥିବା ପ୍ରଥମ କିସ୍ତି ଅର୍ଥରେ ସେମାନେ କଷ୍ଟେମଷ୍ଟେ ଲିଣ୍ଟେଲ୍ (ତାଜା) ପର୍ଯ୍ୟନ୍ତ ଘର ତୋଳିଛନ୍ତି। ନିୟମ କହୁଛି, ଛାତ ପଡ଼ି ଜିଓ-ଟ୍ୟାଗିଂ ହେବା ପରେ ଯାଇ ଦ୍ୱିତୀୟ କିସ୍ତି ଟଙ୍କା ମିଳିବ। କିନ୍ତୁ ପ୍ରଶ୍ନ ଉଠୁଛି, ଯେଉଁ ଦୃଷ୍ଟିବାଧିତ ଦମ୍ପତି ଦୁଇ ଓଳି ଦୁଇ ମୁଠା ଖାଇବାକୁ ସଂଘର୍ଷ କରୁଛନ୍ତି, ସେମାନେ ଛାତ ପକାଇବାକୁ ଆଗୁଆ ଟଙ୍କା ଆଣିବେ କେଉଁଠାରୁ? ମାତ୍ର ୧୨ ହଜାର ଟଙ୍କା ପାଇଁ ଅଟକିଛି ଛାତ କାମ ବର୍ତ୍ତମାନ ଛାତ କାମ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରାୟ ୨୦ ହଜାର ଟଙ୍କାର ଆବଶ୍ୟକତା ରହିଛି। ଅର୍ଜୁନ ସମସ୍ତ ସଞ୍ଚିତ ପୁଞ୍ଜି ଏକାଠି କରି ମାତ୍ର ୮ ହଜାର ଟଙ୍କା ଯୋଗାଡ କରିପାରିଛନ୍ତି। ଆଉ ମାତ୍ର ୧୨ ହଜାର ଟଙ୍କା ଅଭାବରୁ ତାଙ୍କ ମୁଣ୍ଡ ଉପରେ ଛାତ ପଡ଼ିପାରୁ ନାହିଁ କି ସରକାରୀ କିସ୍ତି ମିଳିପାରୁ ନାହିଁ। ଏହି ସାମାନ୍ୟ ଅର୍ଥ ପାଇଁ ସୁଦୂର କନ୍ଧମାଳରୁ ଭୁବନେଶ୍ୱର ଧାଇଁ ଆସି ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ପ୍ରଧାନ ଓ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ସହାୟତା





ଲୋଡିଛନ୍ତି ଅର୍ଜୁନ। ସହୃଦୟତାର ଅପେକ୍ଷାରେ ଅସହାୟ ପରିବାର ରାଜଧାନୀର ଗରମ ପବନ ଓ କୁନି ପିଲାଙ୍କ ଭୋକିଲା ଆଖିକୁ ଦେଖିଲେ ଯେକୌଣସି ସହୃଦୟ ବ୍ୟକ୍ତିଙ୍କ ଆଖି ଭିଜିଯିବ। ଏହି ଅସହାୟ ପରିବାରକୁ ସାହାଯ୍ୟ କରିବା ପାଇଁ କୌଣସି ବଦାନ୍ୟ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ କିମ୍ବା ଜନପ୍ରତିନିଧି ଚାହିଁଲେ (ଯୋଗାଯୋଗ ନମ୍ବର ୯୬୯୨୫୮୯୭୮୪ ଫୋନ୍ ପେ ନମ୍ବର ୬୩୮୩୭୭୭୨୩୪) ସେମାନଙ୍କ ସହ ସିଧାସଳଖ ଯୋଗାଯୋଗ କରିପାରିବେ କିମ୍ବା ଆର୍ଥିକ ସହାୟତା ପଠାଇପାରିବେ।

## ଭୁବନେଶ୍ୱର + କଟକ



# ଭିକ୍ଷୁକମୁକ୍ତ ହୋଇପାରୁନି କଟକ !

କଟକ,୧୩।୬(ସମିସ)



ରାଜ୍ୟର ପୁରୁଣା ରାଜଧାନୀ ତଥା ହଜାରେ ବର୍ଷର ସହର କଟକକୁ କେବେ ଭିକାରି ମୁକ୍ତ କରାଯିବ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କଟକ ସହର ସମେତ ଜିଲ୍ଲାର ୧୪ଟି ଯାକ ବ୍ଲକରେ ଭିକ୍ଷୁକଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବୃଦ୍ଧି ପାଇଥିବାର ପରିଲକ୍ଷିତ ହୋଇଛି। ଏହା ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ୨୦୨୬ ସୁଦ୍ଧା ସହରକୁ ଭିକାରି ମୁକ୍ତ କରିବା ପାଇଁ ପ୍ରଶାସନିକ ସ୍ତରରେ ଯେଉଁ ଲକ୍ଷ୍ୟ ସ୍ଥିର କରାଯାଇଥିଲା ଓ ଯୋଜନା ପ୍ରସ୍ତୁତ ହୋଇଥିଲା ତାହା ଫଳପ୍ରସୂ ହୋଇପାରିନାହିଁ । ସହରରେ ଯେତିକି ଭିକାରି ରହିଥିଲେ ସେହି ସଂଖ୍ୟା ହ୍ରାସ ପାଇନଥିବା ବେଳେ ଦିନକୁ ଦିନ ବୃଦ୍ଧି ପାଇଥିବାର କୁହାଯାଉଛି। କଟକ ଜିଲ୍ଲା ସ।।ମାଜିକ ସୁରକ୍ଷା ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁସାରେ କଟକରେ ଦୁଇ ବର୍ଷ ତଳେ ରହଥିଲେ ୧୦୬୦ ଭିକାରି। ରାଜ୍ୟରେ ମୋଟ ୫୯୫୦ ଭିକାରି ରହିଥିଲା ବେଳେ କେବଳ କଟକରେ ସର୍ବାଧିକ ଭିକାରି ରହିଥିବା ଜଣାପଡିଛି। କଟକକୁ ଭିକାରିମୁକ୍ତ କରିବା ପାଇଁ ଭିକାରୀ ମାନଙ୍କ ଚିହ୍ନଟ ପ୍ରକ୍ରିୟା କରାଯାଇଆସୁଛି । ହେଲେ ଏହି ପ୍ରକ୍ରିୟା ଦୀର୍ଘ ଦୁଇ ବର୍ଷ ଧରି ବନ୍ଦ ରହିଥିବାର ଜଣାପଡିଛି । ଗଣନା ସମୟରେ କଟକ ସମଗ୍ର ରାଜ୍ୟରେ ସର୍ବାଗ୍ରେ ରହିଥିଲା ବେଳେ ଏବେ ଏହି ସହର ଶୀର୍ଷରେ ରହିଥିବା ଆକଳନ କରାଯାଉଛି । ବିଶେଷକରି ଅଣଓଡିଆ ଭିକାରିଙ୍କୁ ଚିହ୍ନଟ କରିବାରେ ପ୍ରଶାସନ ବିଫଳ ହୋଇଛି । କଟକ ସହରର ରେଳଷ୍ଟେସନ, ବାଦାମବାଡି , ଖାନନଗର ନେତାଜୀ ବସ ଟର୍ମିନାଲ, ଚଣ୍ଡୀ ମନ୍ଦିର, ସାଇମନ୍ଦିର, ହନୁମାନ ମନ୍ଦିର ଗୁଡିକ ନିକଟରେ ଭିକାରିଙ୍କୁ ଦେଖିବାକୁ ମିଳିଛି। କେତେକ ମନ୍ଦିର ଗୁଡିକ ନିକଟରେ

- ରାଜ୍ୟ ବାହାର ଭିକାରିଙ୍କୁ ଚିହ୍ନଟ କରିପାରୁନି ପ୍ରଶାସନ
- କାଗଜକଲମରେ ଭିକାରି ସଂଖ୍ୟା ୧୦୬୦

ଏମାନଙ୍କ ସଂଖ୍ୟା କମିବା ବଦଳରେ ବୃଦ୍ଧି ପାଇଥିବାର କୁହାଯାଉଛି । ତେବେ ସେମାନଙ୍କୁ କିପରି ଭିକ୍ଷାବୃତ୍ତିରୁ ନିବୃତ୍ତ କରାଯିବ ସେନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା ବେଳେ ଅଦ୍ୟାବଧି ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସହରକୁ ଭିକାରି ମୁକ୍ତ କରିବାରେ ସଫଳ ହୋଇପାରିନାହିଁ। ଭିକାରି ମାନଙ୍କୁ ଆତ୍ମନିଯୁକ୍ତି ପ୍ରଦାନ କରିବା ସହିତ ସେମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ରାଜ୍ୟସ୍ତରରେ ଏହାର ସମୀକ୍ଷା କରାଯାଉଥିଲେ ମଧ୍ୟ ସେମାନେ ପୁନର୍ବାର ଏହି ବୃତ୍ତି ଆପଣାଉଥିବା ଦେଖିବାକୁ ମିଳୁଛି । ଜଣେ ଜଣେ ଭିକାରି ଦୈନିକ ଅତିକମରେ ହାରାହାରି ୪୦୦ରୁ ୫୦୦ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବାର ଜଣାପଡିଛି । ଏହାକୁ ଆକଳନ କରିଲେ କଟକରେ ୧୦୬୦ ଭିକାରସଙ୍କ ଦୈନିକ ଆୟ ପ୍ରାୟ ୪ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି କୁହାଯାଉଛି । ଭିକାରି ଗଣନା ସମୟରେ କେତେକ ବ୍ୟକ୍ତି ସଂପୂର୍ଣ୍ଣ ଅକର୍ମଣ୍ୟ ବା ଦିବ୍ୟାଙ୍ଗ ତାହାର ମଧ୍ୟ ତାଲିକା କରାଯାଇଆସୁଥିଲା। ଏବେ ଏହି ଦିଗ ପ୍ରତି ଆଉ ଦୃଷ୍ଟି ଦିଆନଯିବାରୁ ସହରରେ ଏମାନଙ୍କ ସଂଖ୍ୟା ହ୍ରାସ ବଦଳରେ ବଢିଚାଲିଛି ।

## ଆମେ ଗାଁରୁ ଆସିଛୁ

# ଗାଁ ସୌନ୍ଦର୍ଯ୍ୟ ସହରରେ ନାହିଁ



ଭୁବନେଶ୍ୱର,୧୩।୬(ସମିସ): ଗାଁ ପରିବେଶ, ନଈ, ନାଳ ଆଉ ଗଛଲତାର ମେଳ ବେଶ ସୁନ୍ଦର ଦେଖାଯାଏ। ସେଇ ମାଟିରେ ଗଢି ହେଇଛି ଜୀବନର କେତେ ଅଭୁଲା ସ୍ମୃତି। ଚିହ୍ନା ଅଚିହ୍ନା କେତେ ସମ୍ପର୍କଙ୍କ ଭିତରେ ସବୁ ସେଠି ନିଜର ଭଳିଆ ଲାଗନ୍ତି। ଭାଇ ବନ୍ଧୁ କୁଟୁମ୍ବଙ୍କ ମେଳିରେ ମଣିଷ ସେଠି ଅନେକ କିଛି ଶିଖିଛି।

ନିଜ ଶବ୍ଦର ଗହଣାରେ ଗାଁକୁ ଏପରି ସଜେଇଥିବା ମହିଳା ହେଉଛନ୍ତି ବିମଳା ସିଂ। ଭଦ୍ରକ ଜିଲ୍ଲାର ସନ୍ଥିଆ ଗ୍ରାମରେ ତାଙ୍କ ଘର। ଦୀର୍ଘ ବର୍ଷ ହେବ ରାଜଧାନୀର ରହୁଛନ୍ତି ଏବଂ ତାଙ୍କ ବର୍ତ୍ତମାନର ଠିକଣା ହେଉଛି କଳିଙ୍ଗ ବିହାର ଅଞ୍ଚଳ। ୧୯୯୫ ମସିହାରୁ ସେ ରାଜଧାନୀରେ ରହିଲେଣି ବୋଲି କୁହନ୍ତି। ସେ ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମଧ୍ୟ। ନିଜ ଗାଁ ବିଷୟରେ ସେ କୁହନ୍ତି, ମୁଁ ଗାଁକୁ କେବେ ଛାଡିନି। ସବୁବେଳେ ମୋ ଗାଁ ମୋ ସହ ହୃଦୟରେ ରହିଥାଏ। ସେଥିପାଇଁ ଗାଁ କୁ ନେଇ ଅନେକ କବିତା ଲେଖିଛି। ସହରରେ ଗାଁର ସେ ଭଲ ପାଇବା ନାହିଁ କି ମିଳିବନି ମଧ୍ୟ। ଗାଁର ସ୍ନେହ, ମମତା, ଭଲ ପାଇବା ଏବଂ ସେଠାକାର ଲୋକ ସବୁବେଳେ ନିଆରା। ଯେତବେଳେ ବି ସେଠିକି ଫେରେ, ଲାଗେ ଯେପରି ସବୁକିଛି ଫେରି ପାଇଗଲା ପରି। ଏଠାରେ ଗାଁର ପରିବେଶ, ପରିପାଟି, ପର୍ବପର୍ବାଣୀ, ଉତ୍ସବ ବହୁତ ମନେ ପଡେ। ରଜ ସମୟରେ ଘରେ ଘରେ ବନ୍ଧୁବାନ୍ଧବଙ୍କ ମେଳ ହୁଏ। ଯେପରି ଉତ୍ସବ ମୁଖର ଗାଁ ମନରେ ଖୁସି ଆଣିଦିଏ। ସବୁଜ କିଆରି, ଗାଁ ନଈନିଜ ସହ କେତେ କେତେ ସ୍ମୃତିକୁ ଜାବୁଡି ଧରିଛି। ସନ୍ଧ୍ୟା ହେଲେ ଗାଁର ବୟଜ୍ୟେଷ୍ଠଙ୍କ ମେଳରେ ଆଧ୍ୟାତ୍ମିକ ଚର୍ଚ୍ଚା ଶୁଣିବାକୁ ଭଲ ଲାଗେ। ସୁବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗାଁରେ ସମସ୍ତେ ଏକଜୁଟ ହୋଇଥାନ୍ତି। କାହାର କିଛି ଅସୁବିଧା ହେଲେ ସାଙ୍ଗରେ ଠିଆ ହୁଅନ୍ତି। ହେଲେ ଏଠି ପଡିଶା ଘର ଲୋକଙ୍କ ସହ ସେ ସମ୍ପର୍କ ନାହିଁ। ଭଲରେ ମନ୍ଦରେ କେହି କାହାରିକୁ ପଚାରନ୍ତି ନାହିଁ। ଆଜିକାଲି କାହାରି ପାଇଁ ଯେମିତି କାହା ପାଖେ ସମୟ ନାହିଁ। ଗାଁର ସେ ସୌନ୍ଦର୍ଯ୍ୟ ଏଠି ନାହିଁ। ଚାରିଆଡେ କଂକ୍ରିଟ ରାସ୍ତା, କୋଠାବାଡି ଏବଂ ପ୍ରଦୂଷଣ ହିଁ ଦେଖିବାକୁ ମିଳୁଛି। ଗାଁର ଯେଉଁ ଆପଣାପଣର ବାସ୍ନା, ସବୁଦିନ ପାଇଁ ମନ ସହରରେ ଖୋଜି ଝୁରି ହେଉଥାଏ। ଏହି ରଜ ସମୟରେ ଗାଁରେ ଦୋଳି ଲାଗେ, ପିଠାପଣାରେ ଗାଁ ଯେମିତି ମହକେ, ପାନ ଖିଆ, ସାଙ୍ଗ ସାଥୀ ବୁଲା ହୁଏ। ସହରରେ କେବେବି ସେସବୁ ଗାଁ ଭଳି ମିଳି ପାରିବ ନାହିଁ।

## ଜିଲ୍ଲାପାଳ-ସୁଆର ମହାସୁଆର ନିଯୋଗ ଆଲୋଚନା

# ଉତ୍ତର ଦ୍ୱାରରେ ଅବଢ଼ା ବିକ୍ରି ବ୍ୟବସ୍ଥା କରିବାକୁ ପ୍ରସ୍ତାବ

ପୁରୀ,୧୩।୬(ସମିସ): ଶ୍ରୀମନ୍ଦିରରେ ବିଭିନ୍ନ ସମୟରେ ନୀତିକାନ୍ତିରେ ବିଳମ୍ବ ଏବଂ ବିଭ୍ରାଟ ହେଉଛି। ଏହାଦ୍ୱାରା ଭକ୍ତଙ୍କ ଦର୍ଶନ ପ୍ରଭାବିତ ହେଉଥିବାବେଳେ ଅନେକ ମହାପ୍ରସାଦ ପାଇପାରୁ ନାହାନ୍ତି। ଏପରିକି, ବିଳମ୍ବ ଯୋଗୁଁ ଅବଢ଼ା ବିକ୍ରି ହୋଇ ନ ପାରି ପୋତାଯିବାର ନଜିର ରହିଛି। ଏ ସଂକ୍ରାନ୍ତରେ ଶୁକ୍ରବାର ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛି ସୁଆର-ମହାସୁଆର ନିଯୋଗ। ଏହି ଆଲୋଚନାରେ ନିଯୋଗ ପକ୍ଷରୁ ଭକ୍ତଙ୍କ ସୁବିଧା ପାଇଁ କେତେକ ପ୍ରସ୍ତାବ ଦିଆଯାଇଛି। ଜିଲ୍ଲାପାଳ ମଧ୍ୟ ସକାରାତ୍ମକ ଆଭିମୁଖ୍ୟ ରଖିଥିବା ସୂଚନା ଦେଇଛନ୍ତି ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର।

**ନୀତିକାନ୍ତି ବିଳମ୍ବ ଯୋଗୁଁ ଭକ୍ତ ମହାପ୍ରସାଦ ପାଇପାରୁ ନାହାନ୍ତି**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ହୋଇଥିବା ଏହି ଆଲୋଚନା ସମ୍ପର୍କରେ ଶ୍ରୀ ମହାସୁଆର କହିଛନ୍ତି, ଏବେ ଅଧିକାଂଶ ଦିନ ଶ୍ରୀମନ୍ଦିରରେ ନୀତିକାନ୍ତି ବିଳମ୍ବ ହେଉଛି। ଦ୍ୱାରଫିଟାଠାରୁ ଆରମ୍ଭ କରି ରାତ୍ର ପହୁଡ଼ ସବୁ ନୀତିରେ ବିଳମ୍ବ ହେଉଛି। ନିର୍ଘଣ୍ଟ ସମୟରେ ନୀତିକାନ୍ତି ସମ୍ପନ୍ନ ହେଉନାହିଁ। ଏହାର ପ୍ରଭାବ ମହାପ୍ରସାଦ ଉପରେ ପଡୁଛି। ଅନେକ ଭକ୍ତ ଇଚ୍ଛା କରିଥିଲେ ବି ଅବଢ଼ା ପାଇପାରୁନାହାନ୍ତି। ଯେଉଁମାନେ ଟ୍ରେନ୍, ବସ୍ ଯୋଗେ ଆସନ୍ତି ଏବଂ ଫେରିଯିବାର ଥାଏ ସେମାନେ ନୀତି ବିଳମ୍ବ ହେଲେ ଅବଢ଼ା ପାଇପାରନ୍ତି ନାହିଁ। ସେହିପରି ଦିନେ ଦିନେ ଦ୍ୱିତୀୟ ଭୋଗମଣ୍ଡପ ବାହାରିବାରେ ଏତେ ବିଳମ୍ବ ହେଉଛି ଯେ, ଯେଉଁମାନେ ଅବଢ଼ା ବରାଦି ଦେଇଥା'ନ୍ତି ସେମାନଙ୍କ ପାଖରେ ଠିକଣା ସମୟରେ ପହଞ୍ଚିପାରୁ ନାହିଁ। ଅଧଘଣ୍ଟାଏ କିମ୍ବା ଘଣ୍ଟାଏ ବିଳମ୍ବ ହେଲେ ଚଳିବ। କିନ୍ତୁ ବେଳେବେଳେ ୩/୪ ଘଣ୍ଟାରୁ ଅଧିକ ବିଳମ୍ବ ହୋଇଯାଉଛି।

ସେହିପରି ଯେଉଁମାନେ କେବଳ ମହାପ୍ରସାଦ ନେବାକୁ ଇଚ୍ଛା କରୁଛନ୍ତି ସେମାନଙ୍କୁ ମଧ୍ୟ ଧାଡ଼ିରେ ୨/୩ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏଥିପାଇଁ ବି ଅନେକଙ୍କର ଅବଢ଼ା ନେବାକୁ ଇଚ୍ଛା ଥିଲେ ମଧ୍ୟ ସେମାନେ ଧାଡ଼ିକୁ ଦେଖି ଡରି ଫେରି ଯାଉଛନ୍ତି। ଏହାର ପ୍ରଭାବ ବି ସୁଆର ମହାସୁଆରଙ୍କ ଉପରେ ପଡୁଛି। ଦିନେ ଦିନେ ଏତେ ବିଳମ୍ବ ହେଉଛି ଯେ, ପଛ ଭଅଣ୍ଡରେ ବାହାରୁଥିବା ମହାପ୍ରସାଦ ବିକ୍ରି ହୋଇପାରୁ ନାହିଁ। ଏହାକୁ ପୋତିବାକୁ ପଡୁଛି। ଏ ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ସେହିପରି ଏବେ ପ୍ରବଳ ଖରାହେଉଛି। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତୀକ୍ଷାଳୟ ସୁବିଧା କରିବା ଲାଗି ଜିଲ୍ଲାପାଳଙ୍କୁ ନିଯୋଗ ଜଣାଇଛି। ଜିଲ୍ଲାପାଳ ରଥଯାତ୍ରା ପରେ ଏ ଦିଗରେ ପଦକ୍ଷେପ ନେବେ ବୋଲି ଆଶ୍ୱାସନା ଦେଇଛନ୍ତି। ଏହି ବୈଠକରେ ସୁଆର ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର, ସମ୍ପାଦକ ନାରାୟଣ ମହସୁଆର, ସହସମ୍ପାଦକ ନରସିଂହ ପ୍ରତିହାରୀ, ଉପଦେଷ୍ଟା ବୈଦ୍ୟନାଥ ମହସୁଆରଙ୍କ ସମେତ ପରିଚାଳନା କମିଟି ସେବାୟତ ପ୍ରତିନିଧି କୃଷ୍ଣଚନ୍ଦ୍ର ସାମନ୍ତରା ଓ ମଧୁସୂଦନ ସିଂହାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ମାସଟିଏ ପୂରିନି; ମହାପ୍ରଭୁ ୫ ରାତି ଅନିଦ୍ରା

ପୁଣି ରାତି ଅନିଦ୍ରା ହେଲେ ଚକାଆଖି। ମାସଟିଏ ପୂରିନି, ୫ ରାତି ଅନିଦ୍ରା ହେଲେଣି ମହାପ୍ରଭୁ। ଗତ ଗୁରୁବାର ଜଳକ୍ରୀଡ଼ା ଏକାଦଶୀରେ ନୀତି ବିଳମ୍ବ ଯୋଗୁଁ ରାତ୍ର ପହୁଡ଼ ହୋଇପାରି ନ ଥିଲା। ମଧ୍ୟାହ୍ନ ୧୨ଟା ୧୫ରେ ଭିତର କାଠ ନିକଟରେ ରକ୍ତ ପଡ଼ିଥିଲା। ମହାସ୍ନାନ ହୋଇ ଦେଢ଼ ଘଣ୍ଟା ବିଳମ୍ବିତ ହୋଇଥିଲା ନୀତି। ଭୋର୍ ୪ଟା ୫୦ ବେଳକୁ ହୋଇଥିଲା ବଡ଼ ସିଂହାର। ପରେ ଅନ୍ୟ ନୀତିଗୁଡ଼ିକ ବନ୍ଦ ରହିଥିଲା। ପରଦିନର ନୀତି ଆରମ୍ଭ ହୋଇଥିଲା। ଅର୍ଥାତ୍ ରାତି ୮ଟା ୨୫ରୁ ଜଳକ୍ରୀଡ଼ା ସାରିବା ପରେ ସାରା ରାତି ଅନିଦ୍ରା ରହିଥିଲେ ଠାକୁର। ତେବେ ମହାପ୍ରଭୁଙ୍କ ପହୁଡ଼ ନ ହେବା ନୂଆ କଥା ନୁହେଁ ବରଂ ମାସେ ନ ପୂରୁଣୁ ୫ ରାତି ଅନିଦ୍ରା ହେଲେଣି ଚକା ଆଖି। ଦ୍ୱିତୀୟ ଭୋଗମଣ୍ଡପ ବିଳମ୍ବ ହେବାରୁ ମହାପ୍ରସାଦ ପାଇବାରୁ ଅନେକ ଭକ୍ତ ବଞ୍ଚିତ ହୋଇଥିଲେ।

# ୨ ବର୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଫଳତା ପଦାରେ ପଡ଼ିଛି: ବିଜେଡି

ଭୁବନେଶ୍ୱର, ୧୩।୬ (ସମିସ)

ଓଡ଼ିଶାରେ ବିଜେପି ସରକାରର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଚରମ ବିଫଳତାକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛି ବିଜୁ ଜନତା ଦଳ। ଗତ ଦୁଇ ବର୍ଷ ଧରି ପ୍ରଶାସନିକ ସ୍ତରରେ ଅଚଳାବସ୍ଥା, ବ୍ୟାପକ ଦୁର୍ନୀତି, ଜନସାଧାରଣଙ୍କୁ ସେବା ପ୍ରଦାନରେ ବିଳମ୍ବ ଏବଂ ବିପର୍ଯ୍ୟୟ ପରିଚାଳନା ଓ ରିଲିଫ ବଣ୍ଟନରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହୋଇଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

- ପ୍ରଶାସନ ସଙ୍କଟରେ ଥିବାରୁ ବଢ଼ିଚାଲିଛି ଦୁର୍ନୀତି, ଜନସାଧାରଣ ହନ୍ତସନ୍ତ
- ସରକାରୀ ପାଣ୍ଠିର ଅପବ୍ୟବହାର, ରିଲିଫ ବଣ୍ଟନରେ ହେଉଛି ଅନିୟମିତତା

ଶନିବାର ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ ଗତ ଦୁଇ ବର୍ଷ ଧରି ବିଜେପି ସରକାରର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସାଧାରଣ ଜନତାଙ୍କୁ ସେବା ଯୋଗାଇ ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହି ୨ ବର୍ଷରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଜମି ମ୍ୟୁଟେସନ ମାମଲା, ରେକର୍ଡ ଅଫ୍ ରାଇଟ୍ସ (ଆରଓଆର) ସଂଶୋଧନ, ଭୂମି ରାଜସ୍ୱ ଛାଡ଼ ଓ କ୍ଷତିପୂରଣ ସମ୍ବନ୍ଧୀୟ ମାମଲାଗୁଡ଼ିକରେ ଅହେତୁକ ବିଳମ୍ବ ଯୋଗୁଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟବ୍ୟାପୀ ହଜାର ହଜାର ମାମଲା ଦୀର୍ଘ ସମୟ ଧରି ପଡ଼ି ରହିଥିବାରୁ ସାଧାରଣ ଜନତାଙ୍କୁ ନାନାଦି କଷ୍ଟ ଭୋଗିବାକୁ ପଡୁଛି। ସେ ଆହୁରି ମଧ୍ୟ କହିଥିଲେ ଯେ ତହସିଲ କାର୍ଯ୍ୟାଳୟ ଗୁଡ଼ିକରେ ବ୍ୟାପକ ଦୁର୍ନୀତି ହେଉଛି। ରାଜସ୍ୱ ଅଧିକାରୀମାନଙ୍କ ବିରୋଧରେ ଭିଜିଲାନ୍ସ ଚଢ଼ଉ, ଆୟ ବହିର୍ଭୂତ ସମ୍ପତ୍ତି ମାମଲା, ଜମି କାରବାରରେ ଅନିୟମିତତା ଏବଂ ଅଦାଲତଙ୍କ ନିର୍ଦ୍ଦେଶ ଅମାନ୍ୟ କରିବା ଭଳି ଘଟଣା ପ୍ରତିଦିନ ଘଟୁଥିବାରୁ ବିଭାଗ ପ୍ରତି ସାଧାରଣ ଜନତାଙ୍କ ବିଶ୍ୱାସ ତୁଟି ଯାଉଛି। ଜମି ପଞ୍ଜୀକରଣ ପ୍ରକ୍ରିୟାରେ ଅନିୟମିତତା ପାଇଁ ଶହ ଶହ ପଞ୍ଜୀକରଣ ଅଧିକାରୀଙ୍କୁ ନୋଟିସ ଜାରି ହେବା ବ୍ୟବସ୍ଥାଗତ ଅଚଳାବସ୍ଥାକୁ ଦର୍ଶାଉଛି। ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ କରିବାରେ ସରକାର ସଂଘର୍ଷ କରୁଛନ୍ତି ଏବଂ ଖଣିଜ ରୟାଲଟି ଉପରେ ଅଧିକ ନିର୍ଭରଶୀଳ ରହୁଛନ୍ତି । ଆଦିବାସୀ ଜମି ସୁରକ୍ଷା, ଆଇନଗତ ବିବାଦ ଏବଂ ଶାସନଗତ ତ୍ରୁଟି ସରକାରଙ୍କ ବ୍ୟବସ୍ଥାଗତ ଦୁର୍ବଳତାକୁ ସ୍ପଷ୍ଟ କରୁଛି ବୋଲି ଡ. ମହାନ୍ତି କ୍ଷୋଭ ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ ଯେ ପୂର୍ବ ବିଜେଡି ସରକାରରେ ବିପର୍ଯ୍ୟୟ ପରିଚାଳନାକୁ ନେଇ ଜାତିସଂଘ ଓଡ଼ିଶାକୁ ଭୂୟସୀ ପ୍ରଶଂସା କରିଥିଲେ। ସେହି ସଫଳତାକୁ ବଜାୟ ରଖିବାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି। ବିପର୍ଯ୍ୟୟ ନିବାରଣ ଓ ମୁକାବିଲା ପାଇଁ ବ୍ୟୟବରାଦ ହୋଇଥିବା ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ନ ହୋଇ ଦୀର୍ଘ ସମୟ ଧରି ପଡ଼ି ରହିଥିବାରୁ ପ୍ରଶାସନିକ ଦକ୍ଷତାକୁ ନେଇ ଗଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶାର ଜନସାଧାରଣଙ୍କୁ ସ୍ୱଚ୍ଛ, ପ୍ରତିକ୍ରିୟାଶୀଳ ଓ ଜନମୁଖୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଯୋଗାଇଦେବା ପାଇଁ ସରକାର ଦାୟିତ୍ୱବାନ ହୁଅନ୍ତୁ ବୋଲି ଡ. ମହାନ୍ତି ଦାବି କରିଛନ୍ତି।

## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର,୧୩।୬(ସମିସ): ପୁରୁଣା ସମୟରୁ ହିଁ ଓଡିଆମାନଙ୍କ ହୃଦୟକୁ ଛୁଇଁ ଆସିଛି ଓଡିଆ ସିନେମା। ଏବେ ଧୀରେ ଧୀରେ ପରିବର୍ତ୍ତନ ସହ ନୂଆ ସୁଯୋଗ ସୃଷ୍ଟି ହୋଇଛି। ଏଭଳି ଅନେକ ପୁରୁଣା ଓଡିଆ ସିନେମା ରହିଛି ଯାହା ଲୋକଙ୍କ ମନରେ ଘରେ କରି ରହିଛି। ଯେଉଁଥିରେ କଳାକାର, ସିନେ ପ୍ରଯୋଜକ, ନିର୍ଦ୍ଦେଶକ ଆଦି ସମସ୍ତଙ୍କ ଭୂମିକା ରହିଆସିଛି। ସେହିଭଳି ଏକ ପୁରୁଣା ଫଟୋ ଆଜି ସାମାଜିକ ଗଣମାଧ୍ୟମରେ ପରିଲକ୍ଷିତ ହୋଇଥିଲା। ଏହି ଫଟୋଟି ଓଡିଆ ଚଳଚ୍ଚିତ୍ର 'ଅହଲ୍ୟା'ର ଏକ ଦୃଶ୍ୟ। ୧୯୯୮ ମସିହାର ଏହି ଚଳଚ୍ଚିତ୍ର, ସିନେମା ଜଗତର ଗୋଟିଏ ପ୍ରସିଦ୍ଧ କଳାଧାରା ଫିଲ୍ମ ଥିଲା। ଏହି ସିନେମାକୁ ନିର୍ଦ୍ଦେଶନା କରିଥିଲେ ବିଜୟ କେତନ ମିଶ୍ର। ଫିଲ୍ମଟି ଜଣେ ନାରୀଙ୍କ ନିରବ ଯନ୍ତ୍ରଣା, ସମାଜର ଅନ୍ୟାୟ ଓ ଭାବନାକୁ ଅତ୍ୟନ୍ତ ସୁନ୍ଦର ଭାବରେ ପ୍ରକାଶ କରିଥିଲା। ଏଥିରେ ଅଭିନୟ କରିଥିବା ପ୍ରମୁଖ କଳାକାରମାନଙ୍କ ମଧ୍ୟରେ ଚୌଧୁରୀ ଜୟପ୍ରକାଶ ଦାସ, ତନୁଜା ନାୟକ, ବିଦ୍ୟୁତପ୍ରଭା, ହେମନ୍ତ ଦାସ, ମିହିର ଦାସ ଏବଂ ଦିପ୍ତି ପଣ୍ଡା। ଏହି ସିନେମା ଭାରତୀୟ ପାନୋରାମାରେ ମଧ୍ୟ ସ୍ଥାନ ପାଇଥିଲା ଏବଂ ଓଡିଆ କଳା ଚଳଚ୍ଚିତ୍ର ଇତିହାସରେ ଏକ ସ୍ମରଣୀୟ ସିନେମା ଭାବେ ପରିଚିତ।

# ରଥ ନିର୍ମାଣ ସମୀକ୍ଷା କଲେ ଆର୍‌ଡିସି ଓ ଜିଲ୍ଲାପାଳ

ପୁରୀ,୧୩।୬(ସମିସ): ଶନିବାର ରଥ ନିର୍ମାଣ କାର୍ଯ୍ୟ ୫୪ ଦିନରେ ପହଞ୍ଚିଛି। ତିନିରଥର ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ସହଯୋଗୀ ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ସାମଗ୍ରିକ ଭାବେ ଆଗେଇ ଚାଲିଛି ତିନିରଥର ନିର୍ମାଣ କାର୍ଯ୍ୟ। ତିନିରଥର ଉପର ଭାଗର ବେଦୀ ସମ୍ମୁଖ ଭାଗକୁ ଛାଡ଼ି ଆଗ ଏବଂ ପଛ ପାର୍ଶ୍ୱରେ ତାଗ ବା ବଟନ୍ ବାଡ଼ିଆ ଆରମ୍ଭ ହୋଇଛି। ତାଗ ବାଡ଼ିଆ ପରେ ରଥ ବେଦୀ ଚାରିପାର୍ଶ୍ୱରେ ପଟା ପଡ଼ିବା ବାଡ଼ିଆ କାର୍ଯ୍ୟ ହେବ। ସେହିପରି ତିନିରଥର ୧୩ ପରାସ୍ତ ପୋଟଳ ନିର୍ମାଣ ପାଇଁ ଶନିବାର ଅପରାହ୍ଣରେ ରଥ ଅମୀନ ଭୋଇ ସେବକଙ୍କ ସହାୟତାରେ ତିନିରଥ ଚାଲିକୁ ପୋଟଳ ପଟା ଯୋଗାଇ ଦେଇଥିଲେ। ତାଳଧ୍ୱଜ ରଥର ମହାରଣାମାନେ ମାପ ପ୍ରକାରେ ଏକ ନମ୍ବର ପୋଟଳ ପଟା କଟିଙ୍ଗ୍ କାର୍ଯ୍ୟ ଆରମ୍ଭ କରିଛନ୍ତି। ଶନିବାର ମହାରଣା ସେବକମାନେ ତିନି ରଥର ଆଗ ଆଣି ଏବଂ ପଛ ଆଣି ଦୁଇଟି ଲେଖାଏଁ ୨୦ ଫୁଟିଆ କତରା ନିର୍ମାଣ କାର୍ଯ୍ୟ ଶେଷ କରିଛନ୍ତି। ଉକ୍ତ କତରାଗୁଡ଼ିକୁ ଭୋଇ ସେବକମାନେ ତିନିରଥରେ ସାଇତିଲା ପରେ ନନ୍ଦିଘୋଷ ରଥର ମହାରଣା ଏବଂ ଭୋଇ ସେବକମାନେ ମିଶି ନନ୍ଦିଘୋଷ ରଥର ପଛ ଆଣି କତରା ଦୁଇ ପାର୍ଶ୍ୱରେ ଗୋଟିଏ ଗୋଟିଏ ସଂଯୋଗ କାର୍ଯ୍ୟ ଶେଷ କରିଛନ୍ତି। ରୂପକାର ସେବକମାନେ ରୂପ ଖୋଦେଇ ଶେଷ ହୋଇଥିବା ନାଟଗୋଡ଼ ରୂପର ପଲିସ୍ କାର୍ଯ୍ୟ ସହ ବାକି ନାଟଗୋଡ଼ଗୁଡ଼ିକରେ କନ୍ଦର୍ପ ରୂପ ଖୋଦେଇ ସହ ତିନିରଥର ଗୋଟିଏ ଗୋଟିଏ ଚାର ପରିଛାରେ ଚିତ୍ର ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନି ରଥର କଇଁଚି କଣ୍ଟା ନିର୍ମାଣ ସହ ପୋଟଳ ପାଇଁ ଗୋଡ଼ିଛାଲ, ବାଗିଆ, କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦୋଳବେଦୀଠାରେ ପାହି ମହାରଣାମାନେ ରଥଯାତ୍ରାରେ ଠାକୁରଙ୍କ ସେବା ପୂଜା ନିମନ୍ତେ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି। ଚିତ୍ରକର ସେବକମାନେ ସଫା ହୋଇ ରହିଥିବା ତିନି ରଥର ପାଶ୍ୱର୍ ଦେବଦେବୀ ମୂର୍ତ୍ତି, ସଖୀ, ଓଲଟ ଶୁଆ, ଦେବ ଦେବୀ ଆସ୍ଥାନ ଫ୍ରେମ୍ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ତେବେ ମିଳିଥିବା ସୂଚନା ଅନୁଯାୟୀ, ଶନିବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲ ପୁରୀ ଗସ୍ତରେ ଆସି ରଥ ନିର୍ମାଣ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିବା ସହ ସେବକମାନଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି। ତାଙ୍କ ସହ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉପସ୍ଥିତ ଥିଲେ।

## ● ନଦୀରେ ଗାଧୁଆ ହେଲା କାଳ

# ଚାଲିଗଲା ଦୁଇ ଭାଇଙ୍କ ଜୀବନ

ପୁରୀ,୧୩।୬(ସମିସ): ନଦୀରେ ଗାଧୋଇବା ହେଲା କାଳ। ଅକାଳରେ ଚାଲିଗଲା ଦୁଇଭାଇଙ୍କର ଜୀବନ। ମୃତକ ହେଉଛନ୍ତି ପୁରୀ ସଦର ବ୍ଲକ୍ ବୀରପ୍ରତାପପୁର ପଞ୍ଚାୟତ କେତକୀପାଟଣା ଗ୍ରାମର ରାମକୃଷ୍ଣ ରାୟଙ୍କ ପୁଅ ଆଦିତ୍ୟ (୧୩) ଏବଂ ତାଙ୍କ ଭାଇ ନବକିଶୋର ରାୟଙ୍କ ପୁଅ ସାଇକ୍ରିଷ୍ଣା (୧୨)। ଦୁଇଭାଇଙ୍କର ମୃତ୍ୟୁକୁ ନେଇ ଚନ୍ଦନପୁର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏବେ ସ୍କୁଲ ଛୁଟି ଅଛି। ଦୁଇଭାଇ ଶନିବାର ସକାଳ ପ୍ରାୟ ୯ଟା ସମୟରେ ଚନ୍ଦନପୁର ଜାନକାଦେଇପୁର ପିଏଚ୍ ନିକଟ ବ୍ରିଜ୍ ତଳେ ଭାର୍ଗବୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ହେଲେ କିଏ ଜାଣିଥିଲା ସେଠାରେ ମୃତ୍ୟୁ ଛକି ବସିଛି ବୋଲି। ଦୁଇଭାଇ ଗାଧୋଉଥିବା ବେଳେ ହଠାତ୍ ନଦୀ ଭିତରକୁ ଚାଲି ଯାଇଥିଲେ, ଯେଉଁଠି ସେମାନଙ୍କୁ ଥଳକୂଳ ମିଳି ନ ଥିଲା। ଉଭୟେ ବୁଡ଼ିଯାଇଥିଲେ। ସେଠାରେ ଥିବା କିଛି ଲୋକ ଦେଖି ସଙ୍ଗେ ସଙ୍ଗେ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ। ଯେହେତୁ ସେଠାରେ ପାଣି ଗଭୀର ଥିଲା ତେଣୁ ବୁଡ଼ି ଖୋଜିବାରେ ବି ସମସ୍ୟା ହୋଇଥିଲା। ପରେ ଦୁଇଭାଇଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ପାଣି ପିଇ ଦେଇଥିବାରୁ ପେଟ ଚିପି ପାଣି ବାହାର କରି ସଙ୍ଗେ ସଙ୍ଗେ ପ୍ରଥମେ ଚନ୍ଦନପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋଟିଏ ପରିବାରର ଦୁଇଭାଇଙ୍କ ଜୀବନ ଚାଲିଯିବା ଘଟଣାକୁ ନେଇ ହସ୍ପିଟାଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ଗଛ ସଂକଟ; ଝୁଲୁଛି ବାଉଁଶ ଓ ରାମ ଦୋଳି

ଭୁବନେଶ୍ୱର, ୧୩।୬(ସମିସ)

ରଜ ପର୍ବରେ ଦିନେ ଦୋଳି ଗଛରେ ଝୁଲୁଥିଲା ହେଲେ ଏବେ ଦୋଳି ପାଇଁ ଗଛ ସଙ୍କଟ ପଡ଼ିଛି। ସବୁଠି ଏବେ ବାଉଁଶ ଦୋଳି ସହିତ ପାର୍କର ଲୁହା ଦୋଳି, ପ୍ଲାଷ୍ଟିକ୍, ନାଇଲନ୍ ଦୋଳି ରଜରେ ରାଜ କରୁଛି। ରାଜଧାନୀରେ ପୂର୍ବରୁ ଅନେକ ସ୍ଥାନରେ ରଜ ପର୍ବ ସମୟରେ ଗଛରେ ଦୋଳି ବନ୍ଧା ହେଉଥିବାର ଦେଖିବାକୁ ମିଳୁଥିଲା। ଛୋଟରୁ ବଡ଼ ସମସ୍ତେ ଏହି ଦୋଳିର ମଜା ନଉଥିଲେ। ହେଲେ ଏବେ ନା ଗଛ ଅଛି ନା ଗଛରେ ଦୋଳି ଲାଗିଥିବାର ଦେଖିବାକୁ ମିଳୁଛି। ସହରୀକରଣ ହେଉ ଅବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ପାଇଁ ଅନେକ ଗଛକୁ ବଳି ପକାଯାଇଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଏକାମ୍ରକାନନ ଓ ଆଇଏମ୍ଏ ରାସ୍ତା। ଏହି ରାସ୍ତା ପାଇଁ ପ୍ରାୟ ୯୦ ରୁ ଅଧିକ ଗଛକୁ କାଟି ସଫା କରାଯାଇଛି। ପୂର୍ବରୁ ସହରରେ ୟୁନିଟ୍ ୮, ଆଇଗିଣିଆ, ସିରିପୁର, ପାତ୍ରପଡ଼ା, ଖଣ୍ଡଗିରି ପରି ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଭରି ରହିଥିଲା। ପର୍ବରୁ ଏହି ଗଛ ମାନଙ୍କରେ ଦୋଳି ମଧ୍ୟ ଲଗା ଯାଉଥିଲା। ହେଲେ ଏବେ ସେହି ଗଛରେ ଲାଗୁଥିବା ଦୋଳି ଆଉ ଦେଖିବାକୁ ମିଳୁନାହିଁ। ଏହିପରି ପାତ୍ରପଡ଼ାରେ ମଧ୍ୟ ରଜମହୋତ୍ସବକୁ ଧୁମ୍‌ଧାମ୍‌ରେ ପାଳନ କରାଯାଉଥିଲେ ମଧ୍ୟ ଏବେ ସେଠାରେ ବାଉଁଶ ଦୋଳି ସହିତ ରାମ ଦୋଳି ଆଦି ପଡ଼ିଥିବାର ଦେଖିବାକୁ ମିଳୁଛି। ଏଥିସହିତ ଏବେ ରାସ୍ତା କଡ଼ ମାନଙ୍କରେ ଭଳିକି ଭଳି ପ୍ଲାଷ୍ଟିକ୍, ନାଇଲନ୍ ଦୋଳି ବିକ୍ରି ହଉଥିବାର ଦେଖିବାକୁ ମିଳୁଛି। ଏତତ୍ ବ୍ୟତୀତ ସହର ଉପକଣ୍ଠ ଗାଁ ମାନଙ୍କରେ ମଧ୍ୟ ପୂର୍ବରୁ ଗଛରେ ଦୋଳି ଦେଖିବାକୁ ମିଳୁଥିଲା ହେଲେ ଏବେ ଗାଁ ମଧ୍ୟ ମିନି ସହରରେ ପରିଣତ ହୋଇଗଲାଣି। ଉପକଣ୍ଠର ଗାଁ ମାନଙ୍କର ଲୋକମାନେ ମଧ୍ୟ ଏବେ ରଜରେ ପାର୍କର ଦୋଳି ଉପରେ ମଧ୍ୟ ନିର୍ଭରଶୀଳ ହୋଇପଡ଼ିଛନ୍ତି।



ଦିନେ ସହର ସବୁଜିମାରେ ଭରି ରହିଥିଲା ହେଲେ ଏବେ ସହର ପାଇଁ ଗଛ ସ୍ୱପ୍ନ ପାଲଟିବାରେ ଲାଗିଲାଣି। ସବୁ ପର୍ବରେ ଗଛ ଆମ ସହିତ ଜଡ଼ିତ ରହିଛି। ହେଲେ ଆମେ ସେହି ଗଛକୁ ସୁରକ୍ଷିତ ରଖିପାରୁ ନାହାନ୍ତି। ରଜ ପାଇଁ ସହରରେ ୨ ଦିନ ଆଗରୁ ଦୋଳି ଗଛରେ ଝୁଲୁଥିଲା ହେଲେ ଏବେ କେବଳ ପାର୍କରେ ସିମୀତ ହୋଇଗଲାଣି। ଯଦି ଏବେ ଠାରୁ ସଜାଗ ନହେବେ ତେବେ ଆଗରୁ ଦୋଳି ବାନ୍ଧିବା ପାଇଁ ବାଉଁଶ ଟିଏ ମଧ୍ୟ ରହିବ ନାହିଁ। ପର୍ବ ପାଳିବା ସହିତ ଗୋଟେ ଗଛ ଯଦି ଭବିଷ୍ୟତ କଥା ଭାବି ଲଗାଇବା ତେବେ ସେହି ଗଛରେ ଦିନେ ଦୋଳି ବନ୍ଧା ହବ ବୋଲି ପରିବେଶ ବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି।

# ଠିକା କାମକୁ କେନ୍ଦ୍ରକରି ମାର୍‌ପିଟ୍; ଜେଲ୍ ଗଲା ଅଭିଯୁକ୍ତ

**କର୍ଲାମୁଣ୍ଡା, ୧୩।୬(ସମିସ):** ଠିକା କାମକୁ କେନ୍ଦ୍ରକରି ଗଣ୍ଡଗୋଳ, ମାର୍‌ପିଟ ଘଟଣାରେ ଜଣେ ବ୍ୟକ୍ତି ଜେଲ୍‌ଯାଇଛନ୍ତି। ଘଟଣାଟି ମ.ରାମପୁର ଥାନା ଅଧୀନ ରିଷିଡ଼ା ଫାଣ୍ଡି ଅଧୀନସ୍ଥ ଗୋଛାଡେଙ୍ଗେନ ପଞ୍ଚାର କନ୍ଧକୁନ୍ଦେଇପାଲି ଗ୍ରାମରେ ଘଟିଥିବା ଜଣାଯାଇଛି।




ପୁଲିସ ସୂଚନା ଅନୁସାରେ କନ୍ଧକୁନ୍ଦେଇପାଲି ଗ୍ରାମରେ ବନବିଭାଗ ପକ୍ଷରୁ ଏକ ଗୃହ ନିର୍ମାଣ ପାଇଁ ଅନୁଦାନ ଆସିଥିଲା। ଏହି ଗୃହ ନିର୍ମାଣ ପାଇଁ ପ୍ରଥମେ ବଡସୁର୍ଡା ଗ୍ରାମର ଯୁଧିଷ୍ଠିର ବେହେରାଙ୍କୁ କୁଆଡେ କୁହାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କନ୍ଧକୁନ୍ଦେଇପାଲିର ଶିବମନ୍ଦିର କମିଟିର କର୍ମକର୍ତ୍ତା ତଥା ତାଳକୁନା ଗ୍ରାମର କ୍ଷେତ୍ରମୋହନ ପଧାନଙ୍କ ଚାଲବାଜି ଥିବା ମନେକରି ଯୁଧିଷ୍ଠିର ଶ୍ରୀ ପଧାନଙ୍କ ଉପରେ ରାଗରଖି ପୂର୍ବରୁ କୁଆଡେ ଧମକଚମକ ଦେଇଥିଲେ। ତେବେ ଗତକାଲି କନ୍ଧକୁନ୍ଦେଇପାଲି ଗ୍ରାମରେ କ୍ଷେତ୍ରମୋହନ ସ୍ଥାନୀୟ ୱାର୍ଡମେମ୍ବର ସହ ଆଲୋଚନା କରିଥିବାବେଳେ ଯୁଧିଷ୍ଠିର ଉକ୍ତ ସ୍ଥାନକୁ ଯାଇ କ୍ଷେତ୍ରମୋହନକୁ ଆକ୍ରମଣ କରିଥିବା ରିଷିଡା ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ଉକ୍ତ ଗ୍ରାମର ପୁଷ୍ପା ମାଝୀଙ୍କୁ ମଧ୍ୟ ଯୁଧିଷ୍ଠିର ବେହେରା ଟଣାଓଟରା, ଧମକଚମକ ଦେଇଥିବା ନେଇ ଶ୍ରୀମତୀ ମାଝୀ ଫାଣ୍ଡିରେ ଅଭିଯୋଗ କରିଥିଲେ। ଏନେଇ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀଙ୍କ ତତ୍ତ୍ୱାବଧାନରେ ମ.ରାମପୁର ଥାନାଧିକାରୀ ସଂଯୁକ୍ତା ପଧାନଙ୍କ ନେତୃତ୍ୱରେ ରିଷିଡା ଫାଣ୍ଡିଧିକାରୀ ମନୁଆ ବିଡିକା ଅଭିଯୁକ୍ତ ଯୁଧିଷ୍ଠିରକୁ ଗିରଫ କରିଥିଲେ। ପରେ ଯୁଧିଷ୍ଠିର ମଧ୍ୟ କ୍ଷେତ୍ରମୋହନ ଙ୍କ ନାମରେ ପାଲଟା ଏତଲା ଦାୟର କରିଥିଲେ। ଏନେଇ ମ.ରାମପୁର ଥାନାରେ ତିନୋଟି ମାମଲା ରୁଜୁ ହୋଇଛି। ଏହି ମାମଲାରେ ଯୁଧିଷ୍ଠିରଙ୍କୁ ଆଜି କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ନାମାଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାଯାଇଛି।

### ଜଙ୍ଗଲ ଡେଇଁ ପାରିଲାନି 'ବିକାଶ'

# ପୁଣି ଦୁଇ କିମି ଖଟିଆରେ ବୁହାହେଲେ ଗର୍ଭବତୀ

**କୋକସରା, ୧୩।୬(ସମିସ)**



ରାଜ୍ୟରେ ବିକାଶର ନାରା ଭିତରେ ପୁଣି ସାମ୍ନାକୁ ଆସିଛି ଦୁର୍ଗମର ଜନନୀ ଯନ୍ତ୍ରଣା। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ପଞ୍ଚାୟତର ଲେକାଆମ ଗାଁକୁ ରାସ୍ତା ନ ଥିବାରୁ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ମହିଳାଙ୍କ ପାଖକୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ଏଭଳିସଙ୍କଟ ସମୟରେ ଜଣେ ଆମ୍ବୁଲାନ୍ସ ଚାଳକଙ୍କ ମାନବିକତା ଯୋଗୁଁ ଉଭୟ ମା' ଓ ନବଜାତ ଶିଶୁକନ୍ୟାର ଜୀବନ ରକ୍ଷା ହୋଇପାରିଛି। ସୂଚନା ମୁତାବକ, ଲେକାଆମ ଗ୍ରାମର ସମ୍ବାରୁ ସାନ୍ତାଙ୍କ ପତ୍ନୀ ଦୂରସାନ୍ତା (୩୫)ଙ୍କୁ ପ୍ରସବ ଯନ୍ତ୍ରଣା ହେବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ପଡ଼ୋଶୀ ନବରଙ୍ଗପୁର ଜିଲ୍ଲା ମୈଦଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ଖରାପ ରାସ୍ତା ଯୋଗୁଁ ଗାଁଠାରୁ ୨ କିଲୋମିଟର ଦୂରରେ ଅଟକି ଯାଇଥିଲା। ସମୟର ଗୁରୁତ୍ୱକୁ ବୁଝି ଆମ୍ବୁଲାନ୍ସ ଚାଳକ ଡମ୍ବରୁ ହରିଜନ ନିଜେ ଚାଲି ଚାଲି ଗାଁରେ ପହଞ୍ଚିଥିଲେ ଏବଂ ପରିବାରଲୋକଙ୍କ ସହ ମିଶି ପ୍ରସୂତିଙ୍କୁ ଏକ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ। ପରେ ତାଙ୍କୁ ମୈଦଲପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ସେ ଏକ କନ୍ୟାସନ୍ତାନ ଜନ୍ମ ଦେଇଛନ୍ତି ଓ ଉଭୟ ସୁସ୍ଥ ଅଛନ୍ତି।

ପ୍ରକାଶ ଯେ, ଆମପାଣି ପଞ୍ଚାୟତର କୁଟରୁ, ଲେକାଆମ, ବାଘଝରେଣ, ସର୍ଗିପାନୀ ଭଳି ପ୍ରାୟ ଅଧା ଦର୍ଜନ ଗାଁରେ ସ୍ୱାସ୍ଥ୍ୟସେବା ଆଜି ବି ଅପହଞ୍ଚ। କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାୟ ୨୪ କିଲୋମିଟରରୁ ଅଧିକ ଦୂର ହେଉଥିବାରୁ ଏହି ଆଦିବାସୀ ବହୁଳ ଅଞ୍ଚଳର ଲୋକେ ମାତ୍ର କିଛି କିଲୋମିଟର ଦୂରରେ ଥିବା ନବରଙ୍ଗପୁର ଜିଲ୍ଲାର ମୈଦଲପୁର ଉପରେ ନିର୍ଭର କରନ୍ତି। ଗମନାଗମନ, ସ୍ୱାସ୍ଥ୍ୟ ଓ ପାନୀୟଜଳ ଭଳି ମୌଳିକ ସୁବିଧା ଯୋଗାଇ ଦେବାକୁ ବର୍ଷବର୍ଷ ଧରି ଏହି ଗାଁ ଗୁଡ଼ିକର ଲୋକେ ଦାବି କରି ଆସୁଥିଲେ ମଧ୍ୟ ସରକାର ଓ ନେତା, ମନ୍ତ୍ରୀ କିମ୍ବା ପ୍ରଶାସନର ଆଖିକୁ ଦେଖାଯାଉ ନାହିଁ। ପ୍ରଶାସନିକ ଅବହେଳାର ପାଚେରି ଭିତରେ ଛନ୍ଦି ହୋଇ ପଡ଼ିଥିବା କୋକସରାର ଏହି ଦୁର୍ଗମ ଆଦିବାସୀ ଅଞ୍ଚଳବାସୀଙ୍କ ଦୁଃଖ କେବେ ଦୂର ହେଉଛି ଏବଂ ସରକାରଙ୍କ ମୌଳିକ ସେବା କେବେ ଗାଁ ମୁଣ୍ଡରେ ପହଞ୍ଚୁଛି, ତାହା ଦେଖିବାକୁ ରହିଲା।

# ବିକଶିତ ଓଡ଼ିଶା-୨୦୩୬ ଜିଲ୍ଲାସ୍ତରୀୟ ସମ୍ମିଳନୀ

**ଭବାନୀପାଟଣା, ୧୩।୬ (ସମିସ):** ଭବାନୀପାଟଣା ସହରସ୍ଥିତ ଟାଉନ୍‌ହଲ୍‌ଠାରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅବସରରେ 'ବିକଶିତ ଓଡ଼ିଶା୨୦୩୬' ଉପରେ ଏକ ଜିଲ୍ଲାସ୍ତରୀୟ ସମ୍ମିଳନୀ ଆୟୋଜିତ ହୋଇଛି। ଏହି ସମ୍ମିଳନୀରେ ପ୍ରାୟ ୩୫୦ ଜଣ ବୁଦ୍ଧିଜୀବୀ, ବିଭିନ୍ନ ବିଭାଗର କର୍ମଚାରୀମାନଙ୍କର ଜନ ସମାବେଶ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ, ସମ୍ମାନିତ ଅତିଥି ଭାବେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପବନ କୁମାର ଅଗ୍ରୱାଲ, ରେଜିଷ୍ଟ୍ରାର ଡ. ଗୁଣନିଧି ନାଏକ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟକୁମାର ଦରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଲେଇ, ଥୁଆମୂଳ ରାମପୁର ବିଡିଓ ଧ୍ରୁବଚରଣ ମୁଦୁଲି ଏବଂ ମଦନପୁର ରାମପୁର ବିଡିଓ ସରତ କୁମାର ସେଠୀ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକନନ୍ଦ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



# ମିଲର୍ସଙ୍କ ମନମାନି, ମଣ୍ଡିରେ ପଡ଼ିରହିଛି ହଜାର ହଜାର କ୍ୱିଣ୍ଟାଲ୍ ଧାନ

**ଜୟପାଟଣା, ୧୩।୬(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅଧୀନ ରଣମାଲ୍ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ବିଭିନ୍ନ ଧାନ ମଣ୍ଡିରେ ଚଳିତ ରବି ଋତୁରେ ଧାନ ଉଠାଣ ପ୍ରକ୍ରିୟାରେ ଅବହେଳା କରାଯାଉଛି। ମଣ୍ଡି ସହିତ ଟ୍ୟାଗ୍ ହୋଇଥିବା ମିଲର୍ସମାନଙ୍କ ମନମାନି ଏବଂ ପର୍ଯ୍ୟାପ୍ତ ପରିମାଣର ପରିବହନ ଗାଡ଼ି ଯୋଗାଇ ନଦେବା କାରଣରୁ ମଣ୍ଡି ଗୁଡ଼ିକରେ ହଜାର ହଜାର କ୍ୱିଣ୍ଟାଲ୍ ପଡ଼ିଛି। ଏହାକୁ ନେଇ ସ୍ଥାନୀୟ ରଣମାଲ୍ କୃଷକ ସଂଘ ଏବଂ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ସମାଧାନ ପାଇଁ ଧର୍ମଗଡ଼ ଉପଜିଲ୍ଲାପାଳଙ୍କୁ ଅବଗତ କରିବା ସହ ରବିବାର ଧାରଣା ଦେବେ ବୋଲି ସଂଘ ପକ୍ଷରୁ ପ୍ରଶାସନକୁ ଜଣାଇ ଦିଆଯାଇଛି।

ସୂଚନା ମୁତାବକ, ରଣମାଲ୍ ପାକ୍ସ ଅଧୀନରେ ଥିବା ୬ଟି ପ୍ରମୁଖ ମାଣ୍ଡିରେ (ରଣମାଲ୍, ଆରେବେଦା, ବଡ଼ଟେମେରି, ବାଣ୍ଡିଗାଁ, ଭେଜିଗୁଡ଼ା ଏବଂ ଗୁନଗୁନିଆ ଚଳିତ ରବି ଋତୁରେ ମୋଟ ୧, ୨୪, ୫୦୦ କ୍ୱିଣ୍ଟାଲ୍ ଧାନ ସଂଗ୍ରହର ଟାର୍ଗେଟ୍ ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ମିଲର୍ସମାନେ କେବଳ ୭୮, ୩୪୧.୨ କ୍ୱିଣ୍ଟାଲ୍‌ଧାନ ଉଠାଇଛନ୍ତି। ଅବଶିଷ୍ଟ ପ୍ରାୟ ୪୬, ୧୫୮.୮ କ୍ୱିଣ୍ଟାଲ୍ ଧାନ ମିଲର୍ସଙ୍କ ଅବହେଳା ଓ ମନ୍ଥର ଗତି ଯୋଗୁଁ ଏବେ ମଧ୍ୟ ମଣ୍ଡିରେ ପଡ଼ିରହିଛି। ସେଥିମଧ୍ୟରୁ କେବଳ ରଣମାଲ୍ ମାଣ୍ଡିର ସ୍ଥିତି ସବୁଠାରୁ ଚିନ୍ତାଜନକ ଅଟେ। ଖୋଦ୍ ରଣମାଲ୍ ମଣ୍ଡିରେ ୪୩ ଜଣ ଚାଷୀଙ୍କର ୨୦୫୯.୨୬ କ୍ୱିଣ୍ଟାଲ୍‌ଧାନ ପଡ଼ିରହିଛି। ଧାନ ଉଠାଣରେ ହେଉଥିବା ବିଳମ୍ବକୁ ନେଇ ରଣମାଲ୍ ପ୍ରାଥମିକ କୃଷି ସମବାୟ ସମିତିର ମୁଖ୍ୟ ନିର୍ବାହୀ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁପତ୍ର ସଂଖ୍ୟା ୧୪ ୧୩-୦୬-୨୦୨୬ ମାଧ୍ୟମରେ ଲିଖିତ ଭାବେ ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି ଯେ, ରବି ଧାନ ସଂଗ୍ରହ ପାଇଁ ସମୟସୀମା ଅତି ସୀମିତ ଥିବା ବେଳେ ମିଲର୍ସମାନେ ଗାଡ଼ି ସଂଖ୍ୟା ବଢ଼ାଉ ନାହାନ୍ତି। ଏହି କାରଣରୁ ଚାଷୀଙ୍କ ପାଖରେ ଥିବା ସରକାରୀ ଟୋକନ୍ ଲାପ୍ସ ହେବାର ଆଶଙ୍କା ଦେଖାଦେଇଛି। ଏହି ପତ୍ରର ନକଲ ଜୟପାଟଣା ତହସିଲଦାର ଏବଂ ଧର୍ମଗଡ଼ ସମବାୟ ସମିତିର ସହକାରୀ ନିବନ୍ଧକଙ୍କୁ ମଧ୍ୟ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି। ରଣମାଲ୍ କୃଷକ ସଂଘର ସଭାପତି ଯଶୋବନ୍ତ ସାହୁ, ଉପ-ସଭାପତି ଗୋଲୋକ ବିହାରୀ ହାତୀ, ଯୁବ କଂଗ୍ରେସ ନେତା ବେଣୁ ଦୁର୍ଗା, ଚାଷୀ ତୁଳାରାମ ଭାଟି, ପହଲ୍ଲାଦ ମୋଟେଲ, ନିରଞ୍ଜନ ବିଶ୍ୱାଳ, ନିଳାମ୍ବର ପୁଝାରୀ, ହରପ୍ରସାଦ ସାହୁ, ଦିଲୀପ ବିଶ୍ୱାଳ, ସାନନ୍ଦ ପ୍ରଧାନୀ, ଦେବଦାସ ବିଶ୍ୱାଳ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଏହି ପ୍ରତିବାଦରେ ସାମିଲ ଅଛନ୍ତି।

# ରେଢ଼ାମାଲରେ ପାନୀୟ ଜଳ ସମସ୍ୟା ଉତ୍କଟ



**ଖଡ଼ିଆଳ, ୧୩।୬ (ସମିସ):** ଦୀର୍ଘ ବର୍ଷର ଦାବି ପରେ ରେଢ଼ାମାଲରେ ପାଣି ଟାଙ୍କି ହେଲା, ହେଲେ ଆରମ୍ଭରୁ ପାଣି ମିଳୁନି। ରେଢ଼ାମାଳ ସମେତ ଗହିରାପଡ଼ା, ବ୍ରହ୍ମଣୀଖୋଲା ସମେତ ଅନେକ ଛୋଟ ବଡ଼ ପଡ଼ାରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ଭଇଁସାଦାନୀ ପଞ୍ଚାୟତର ଉପାନ୍ତ ରେଢ଼ାମାଳ ଗ୍ରାମରେ ପାଣି ସମସ୍ୟା ଦେଖା ଦେଇଛି। ଗ୍ରାମରେ ଓଭରହେଡ ଟ୍ୟାଙ୍କ, ସୋଲାର ଟ୍ୟାପ୍ ଥାଇ ମଧ୍ୟ ପାଣି ଠିକ ଭାବରେ ମିଳୁନାହିଁ। ଫଳରେ ଗ୍ରାମର ମହିଳାମାନେଘଣ୍ଟା ଘଣ୍ଟା ଅପେକ୍ଷା କଲେ ମିଳୁଛି ଖରାପ ହୋଇଥିବା ସୋଲାର ଟ୍ୟାପରୁ ଗୋଟିଏ ବାଲ୍‌ଟି ପାଣି। ପାଣି ସମସ୍ୟା ନେଇ ବ୍ଲକ ଠାରୁ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ପାଣି ସମସ୍ୟା ନେଇ ଏବେ ଚିନ୍ତାରେ ଗାଁ ଲୋକେ। ଗ୍ରାମ ମୁଣ୍ଡରେ ବସୁଧା ଯୋଜନାର ଓଭରହ୍ୟାଡ ଟ୍ୟାଙ୍କ ଅଛି ଗାଁର ପଡ଼ାକୁ ପଡ଼ା ପାଇପ ପୋତି ଟ୍ୟାପ୍ ଲାଗିଛି। ହେଲେ କେବେ କେମିତି ମାସକୁ ଥରେ ଦୁଇଥର ପାଣି ମିଳୁଥିବା ଅଭିଯୋଗ ଗ୍ରାମବାସୀ। ଫଳରେ ଗ୍ରାମରେ ଥିବା କାମଚଲା ସୋଲାର ଟାଙ୍କି ପାଖରେ ସମସ୍ତେ ନିର୍ଭରଶୀଳ ଥିବାବେଳେ ଗ୍ରୀଷ୍ମପ୍ରବାହରେ ଦୁଃଖ ଦ୍ୱିଗୁଣିତ ହେଥିବା ପ୍ରକାଶ କରିବା ସହିତ ପାଣି ସମସ୍ୟା ନେଇ ଯେତେ ଅଭିଯୋଗ କଲେ ମଧ୍ୟ ସମସ୍ୟାର ସମାଧାନ ହେଉ ନାହିଁ ବୋଲି ନୀଳାଦ୍ରି ମାଝୀ, ଅମ୍ବିକା ମାଝୀ, ଶାଳନ୍ଦୀ ମାଝୀ, କ୍ଷୁଦ୍ର ମାଝୀ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଶୀଘ୍ର ସମାଧାନ କରିବାକୁ ଦାବି ହୋଇଛି।

# ବିଶ୍ୱକର୍ମା ଟ୍ରଷ୍ଟ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ



**ଖଡ଼ିଆଳ, ୧୩।୬ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ବିଶ୍ୱକର୍ମା ଟ୍ରଷ୍ଟର ସ୍ୱଚ୍ଛତା କାର୍ଯ୍ୟକ୍ରମ ସହିତ ବିଶ୍ୱକର୍ମା ପୂଜା ପାଳନ କରିବା ପାଇଁ ପ୍ରସ୍ତୁତି ବୈଠକ ସଭାପତି ମେଜର ରାମଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ନମ୍ବର ୱାର୍ଡ ମୁକ୍ତାପୁର ଅଙ୍ଗନବାଡ଼ି କେନ୍ଦ୍ର ଓ ଗୋଷ୍ଠୀ ଗୃହ ଚାରିପାଖରେ ପଡ଼ିଥିବା ପଲିଥିନ୍, ବୋତଲ ଓ ଅନ୍ୟାନ୍ୟ ମଇଳା ସାମଗ୍ରୀକୁ ଟ୍ରଷ୍ଟର କର୍ମକର୍ତ୍ତାଙ୍କ ଦ୍ୱାରା ସଫେଇ କରାଯାଇଥିଲା। ପରେ ଖଡ଼ିଆଳ ପାଟଣା କ୍ଷତ୍ରୀୟ ସମାଜ ଭବନ ପରିସରରେ ଆସନ୍ତା ସେପ୍ଟେମ୍ବର ମାସ ୧୭ ତାରିଖରେ ହେବାକୁ ଥିବା ବିଶ୍ୱକର୍ମା ପୂଜା କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନୂଆପଡ଼ା ଜିଲ୍ଲାର ପାଞ୍ଚଗୋଟି ବ୍ଲକର କୌଣସି କାରିଗର ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା କରିବା ସହିତ ଦ୍ୱିତୀୟ ସଂସ୍କରଣ ଭାବେ ଏକ ସ୍ମରଣିକା ଉନ୍ମୋଚନ କରିବା ପାଇଁ ଆଲୋଚନା ହୋଇଥିଲା। ସ୍ମରଣିକାର ଲେଖା ଗୁଡ଼ିକ ଟ୍ରଷ୍ଟର ସଭାପତି ଶ୍ରୀ ମିଶ୍ରଙ୍କୁ ଦେବା ପାଇଁ ଆଲୋଚନା ହୋଇଥିଲା। ବୈଠକର ଟ୍ରଷ୍ଟର ସଭାପତି ମେଜର ଡ. ରାମଚନ୍ଦ୍ର ମିଶ୍ର, ସମ୍ପାଦକ ଶ୍ରୀବତ୍ସ ବାରିକ, ଉପଦେଷ୍ଟା ଅଶୋକ କୁମାର ରାଉତ, ସଦସ୍ୟ ପରମେଶ୍ୱର ବାରିକ, ସତ୍ୟ ନାରାୟଣ ଦାସ, ଉମାକାନ୍ତ ରାଉତ, ଜଗନ୍ନାଥ ନାଏକ, ପରୀକ୍ଷିତ ବିଶି ଓ ମୁକ୍ତାପୁର ଗ୍ରାମବାସୀ ଯୋଗ ଦେଇଥିଲେ।

# ବୋଡେନରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ

**ଖଡ଼ିଆଳ, ୧୩।୬ (ସମିସ):** ନୂଆପଡ଼ା ଜିଲ୍ଲା ବୋଡେନରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ସହ ଚଢ଼ଉ କରି ଜରିମାନା ଆଦାୟ କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବୋଡେନରେ ଚଢ଼ଉ କରି ୧୯ କିଗ୍ରା ୩୦୦ ଗ୍ରାମ ପ୍ଲାଷ୍ଟିକ ଜବତ ଓ ୫ ହଜାର ଟଙ୍କା ଜରିମାନା ଆଦାୟ। ଏହି ଚଢ଼ଉରେ ବୋଡେନ ବିଡିଓ ଚିନ୍ମୟ କୁମାର ସାଗର, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ ନାଏକ, ପିଇଓ ତାପସ କୁମାର ଅଗସ୍ତି, ପିଇଓ କ୍ଷମାସାଗର ସୁନାନି ଏବଂ ସ୍ୱତନ୍ତ୍ର ଏସୟୁପି ଦଳରୁ ଜିଲ୍ଲା ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ହରେକୃଷ୍ଣ ହାଁସଦା, ଡିଆର୍‌ସି ଏସ୍ ଶିବ ପ୍ରସାଦ ସ୍ୱାଇଁ, ଏଡିଭିଓ ପାର୍ଥ ସାରଥୀ ଦୋରା, ହେରାମ୍ବ ବିଶ୍ୱାଳଙ୍କ ସମେତ ସିଡିପିଓ ଅର୍ଚ୍ଚନା ରାଉତ, ପୁଲିସ ଏସଆଇ ସସ୍ମିତା ପ୍ରଧାନୀ, କନେଷ୍ଟବଲ୍ କୃତ୍ତିବାସ ପାନ ଓ ପୁଲିସ ଟିମ୍ ସାମିଲ ଥିଲେ। ପରେ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ସହ ସମସ୍ତ ଅଧିକାରୀ ତୀର୍ଥକ୍ଷେତ୍ର ପାତାଳଗଙ୍ଗାଠାରେ ଦୋକାନ ମାନଙ୍କୁ ଚଢ଼ଉ କରି କିଛି ନିଷିଦ୍ଧ ପ୍ଲାଷ୍ଟିକ ଜବତ ସହ ଜରିମାନା କରିଥିଲେ। ଜିଲ୍ଲାପାଳ ପର୍ଯ୍ୟଟକ ମାନଙ୍କ ସହିତ ବସି ସେମାନଙ୍କୁ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଗଠନରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ।



### ସ୍ଥାନାନ୍ତର ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ

# କେଗାଁ ମୁଖ୍ୟ ରାସ୍ତାରେ ମଦ ଦୋକାନକୁ ବିରୋଧ

**ଗୋଲାମୁଣ୍ଡା, ୧୩।୬(ସମିସ):** କଳାହାଣ୍ଡି ଜିଲ୍ଲା କେଗାଁ ଅଞ୍ଚଳରେ ଏକ ନୂତନ ବିଦେଶୀ ମଦ ଦୋକାନ ଖୋଲିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମଦ ଦୋକାନଟି ମୁଖ୍ୟ ରାସ୍ତା କଡ଼ରେ ଖୋଲିବାକୁ ଯାଉଥିବାରୁ ଏହାକୁ ବିରୋଧ କରି ଗ୍ରାମବାସୀ କଳାହାଣ୍ଡି ଜିଲ୍ଲାପାଳ, ଅବକାରୀ ଅଧୀକ୍ଷକ, ଧର୍ମଗଡ଼ ଉପ ଜିଲ୍ଲାପାଳଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କେଗାଁ ମୁଖ୍ୟ ରାସ୍ତା ପୁଲିସପଡ଼ାଠାରୁ ବସ୍ତିପଡ଼ା ମଧ୍ୟରେ ମଦ ଦୋକାନ ଖୋଲିବାକୁ ପ୍ରସ୍ତୁତି ଚାଲିଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ବ୍ୟାଙ୍କ କର୍ମଚାରୀ ଏବଂ ବିଭିନ୍ନ ଅଫିସକୁ କାମ ପାଇଁ ଯାଉଥିବା ସାଧାରଣ ଲୋକେ ଯିବା ଆସିବା କରିଥାନ୍ତି। ମଦ ଦୋକାନ ଖୋଲିବାଫଳରେ ସେଠାରେ ମଦ୍ୟପଙ୍କ ଭିଡ଼ ଜମିବ ଏବଂ ଏହା ଛାତ୍ରଛାତ୍ରୀ ଓ ମହିଳାମାନଙ୍କ ପାଇଁ ଅସୁରକ୍ଷିତ ହୋଇ ପଡ଼ିବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ରାସ୍ତାରେ ମଦ ବୋତଲ ପଡ଼ିବା ଦ୍ୱାରା ଏହା ସାଧାରଣ ଜନଜୀବନ ଓ ଯାତାୟାତ ରେ ବାଧା ସୃଷ୍ଟି କରୁଥିବା ମଧ୍ୟ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏଣୁ ଏହି ଦୋକାନକୁ ତୁରନ୍ତ ସ୍ଥାନାନ୍ତର କରି ଗ୍ରାମ ବାହାରେ ସ୍ଥାପନ କରିବା ପାଇଁ ଅଞ୍ଚଳବାସୀ ଏବଂ ମହିଳା ସଂଘ ପକ୍ଷରୁ ଦୃଢ଼ ଦାବି କରାଯାଇଛି।

### କପଡ଼ା ଦୋକାନରୁ ଚୋରି ; ସନ୍ଧାନ ପାଇଲାନି ସନ୍ଧାନୀ କୁକୁର

# ଜଗୁଆଳି ରଖିବାକୁ ଏସ୍‌ପିଙ୍କ ପରାମର୍ଶ

**ଭବାନୀପାଟଣା, ୧୩।୬(ସମିସ)**

ନର୍ଲା ଥାନା ଅଧୀନ ରୁପ୍ରାରୋଡ ଓ ନର୍ଲା, ନର୍ଲାରୋଡର ବିଭିନ୍ନ ଦୋକାନରୁ ଗତ ଦୁଇମାସ ମଧ୍ୟରେ ୮ଟି ଚୋରି ଓ ଡକାୟତି ହୋଇ ସାରିଛି। ଗତ ୧୦ ତାରିଖ ରାତିରେ ତୁଳାଗାଁର କୈଳାସ ବୁଦ୍ଧିଆଙ୍କ ଘରୁ ଚୋରି ହୋଇଥିବାବେଳେ ପଞ୍ଚେଶ୍ୱର ବୁଦ୍ଧିଆଙ୍କ ଦୋକାନରୁ ଜୁନ୍ ୨ରେ ଚୋରି ହୋଇଥିଲା। ତୁଳାଗାଁର କୈଳାସ ବୁଦ୍ଧିଆଙ୍କ ଘରେ ଦିନ ଦ୍ୱି-ପହରେ ମାରଣାସ୍ତ୍ର ଦେଖାଇ ୪ ଲକ୍ଷ ଟଙ୍କା ଓ ୪ ତୋଳା ସୁନା ନେଇ ଫେରାର ମାରିଥିଲେ ଡକାୟତି ଦଳ।ସେହିଭଳି ନର୍ଲାରୋଡ ଷ୍ଟେସନମାଷ୍ଟରଙ୍କ ଘରେ ଗତ ମାର୍ଚ୍ଚ ମାସରେ ଚୋରମାନେ କଳାକନା ବୁଲାଇଥିଲେ। ରୁପ୍ରାରୋଡର ଦୁଇଜଣ ବ୍ୟବସାୟୀଙ୍କୁ ପିସ୍ତଲ ଦେଖାଇ ୫ ଲକ୍ଷ ଟଙ୍କା ଲୁଟି ନେଇଥିଲେ ଆସାମୀ। ନର୍ଲା ପୁଲିସ ତୁଳାଗାଁ ଡାକାୟତି କାଣ୍ଡ ଭିଆଇଥିବା ୫ ଜଣଙ୍କ ମଧ୍ୟରୁ ସ୍ଥାନୀୟ ଦୁଇଜଣ ବ୍ୟକ୍ତିଙ୍କୁ ସନ୍ଧାନୀ କୁକୁର ସାହାଯ୍ୟରେ ଧରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ହେଲେ ବାକି ସମସ୍ତ ସ୍ଥାନର ଚୋର ଓ ଡକାୟତଙ୍କ ଟେର ପାଇ ପାରିନି ନର୍ଲା ପୁଲିସ। ବଡ଼ ଲଜ୍ଜାର କଥା ଶୁକ୍ରବାର ରାତିରେ ନର୍ଲା ଥାନା ସମ୍ମୁଖସ୍ଥ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଲାଗି ରହିଥିବା ଜିନମାତା କପଡ଼ା ଦୋକାନରେ କଳାକନା ବୁଲାଇଛନ୍ତି ଚୋର। ଘର ତିଆରି ନିମନ୍ତେ ଛଡ, ସିମେଣ୍ଟ ଦୋକାନରେ ଟଙ୍କା ଦେବା ପାଇଁ ଲକ୍ଷାଧିକ ଟଙ୍କା ଆଣି ଦୋକାନରେ ରଖିଥିଲେ ଜିନମାତା କପଡ଼ା ଦୋକାନର ମାଲିକ ସଞ୍ଜିବ କମାନୀ (ପିଣ୍ଟୁ)। ଗତକାଲି ବିଳମ୍ବିତ ରାତିରେ ସଟର ତାଲା ଭାଙ୍ଗି ଟଙ୍କା ନେଇଯିବା ସହ ଅନେକ ଦାମୀ ସମ୍ବଲପୁରୀ ଶାଢୀ ନେଇଯାଇଥିବା କହିଛନ୍ତି ଦୋକାନ ମାଲିକ ପିଣ୍ଟୁ। ଏନେଇ ନର୍ଲା ଥାନାରେ ମାମଲା ଦାଏର କରିଥିଲେ। ପୁଲିସ ତରଫରୁ ତଦନ୍ତ ପାଇଁ ନର୍ଲା ଥାନାକୁ ଆସିଥିଲେ କଳାହାଣ୍ଡି ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଓ ଏସଡିପିଓ ସନ୍ଦୀପ ମାଝୀ। ସ୍ଥାନୀୟ ନେତୃ ବୃନ୍ଦ ଓ ବଣିକ ସଂଘର ସଦସ୍ୟ ଏସପିଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ନର୍ଲା ପୁଲିସ ତରଫରୁ ଠିକ ଭାବରେ ପାଟ୍ରୋଲିଂ ହେଉ ନ ଥିବା କହିଥିଲେ। ସ୍ଥାନୀୟ ବଣିକ ସଂଘ ଓ ଦୋକାନୀମାନେ ସୁରକ୍ଷା ଦୃଷ୍ଟିରୁ ଦୁଇଜଣ ରାତି ଜଗୁଆଳି ନିଯୁକ୍ତି କରନ୍ତୁ ବୋଲି ଏସ୍‌ପି କହିଥିଲେ। ଏସପି ଜିନମାତା ଦୋକାନ ମାଲିକକୁ ପଚରା ଉଚୁରା କରିବା ସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ଜରିଆରେ ତଦନ୍ତ କରିଥିଲେ। ସନ୍ଧାନୀ କୁକୁର ନର୍ଲା ଗଉଡପଡ଼ା ଦେଇ ବିନେକ ବନ୍ଧ ପଛପଟେ ଯାଇ ଏକ ଗଛମୂଳେ ରହିଯାଇ ସେଠାରୁ ଫେରି ଆସିଥିଲା। ତୁଳାଗାଁ କୈଳାସ ବୁଦ୍ଧିଆଙ୍କ ଗର ଡକାୟତି ମାମଲାରେ ୩ ଜଣ ଡକାୟତ ଧରାପଡ଼ି କୋର୍ଟ ଚାଲାଣ ହୋଇଛନ୍ତି ସତ ହେଲେ କୈଳାସ ବୁଦ୍ଧିଆଙ୍କ ଡକାୟତି ହୋଇଥିବା ସୁନା ଓ ଟଙ୍କା ଏଯାଏଁ ମିଳି ପାରିନଥିବା ଜଣାପଡ଼ିଛି। ନର୍ଲା ଅଞ୍ଚଳରେ ନୂଆବର୍ଷ ଆରମ୍ଭରୁ ୬ ମାସ ହୋଇଗଲା ପ୍ରତି ମାସରେ ଗୋଟାଏ ଦୁଇଟା ଲେଖାଏଁ ଚୋରି ଓ ଡକାୟତି ବାରମ୍ବାର ସଂଘଟିତ ହେଉଥିବା ବେଳେ ସ୍ଥାନିୟ ଲୋକଙ୍କ ମଧ୍ୟରେ ଏନେଇ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। କଳାହାଣ୍ଡି ଆରକ୍ଷୀ ଅଧିକ୍ଷକ ଗମ୍ଭୀରତାର ନେବା ଏକାନ୍ତ ଆବଶ୍ୟକ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି।



# ଦେବଗିରି ମଠରେ ଦେବସ୍ନାନ ପୂର୍ଣ୍ଣିମା ପ୍ରସ୍ତୁତି



**ଭବାନୀପାଟଣା, ୧୩।୬ (ସମିସ):** ନର୍ଲା ବ୍ଲକ ବୁଢ଼ୀପଦରସ୍ଥିତ ଦେବଗିରି ମଠରେ ଶନିବାର ଦେବସ୍ନାନ ପୂର୍ଣ୍ଣିମାକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଭଗବତ ସ୍ୱାମୀ ଦେବଗିରି ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ ଧଙ୍ଗଡ଼ାମାଝୀଙ୍କ ତତ୍ତ୍ୱାବଧାନରେପୂର୍ବତନ ଟ୍ରଷ୍ଟି ବିଜୟ ଧଙ୍ଗଡ଼ାମାଝୀ ଅଧକ୍ଷତା କରିଥିଲେ। ଆଗାମୀ ୨୯ ତାରିଖ ଦିନ ଦେବଗିରି ମଠରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବ। ଏହିଦିନ ଅପରାହ୍ନ ୩ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମହାପ୍ରଭୁ ଦଧିବାମନ ଜୀଉଙ୍କ ମହାସ୍ନାନ ହେବ। ଭକ୍ତମାନେ ସ୍ନାନଯାତ୍ରାରେ ସାମିଲ ହେବାକୁ ଦେବଗିରି ମଠ ଟ୍ରଷ୍ଟ ବୋର୍ଡପକ୍ଷରୁ ଅନୁରୋଧ କରାଯାଇଛି। ଏହି ବୈଠକରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ରଜନୀ ଗଉଡ଼, ପ୍ରଦୀପ ଧଙ୍ଗଡ଼ା ମାଝୀ, ଦେବରାଜ ଗଉଡ଼, ସୁରେନ୍ଦ୍ର ମାଝୀ, ଭରତ ଧଙ୍ଗଡ଼ାମାଝୀ, ସେବାୟତ ତପିବର ଦାସ, ହରି ଦାସ, ରୋମାଞ୍ଚଳ ଦାସ, ବିଭୀଷଣ ଦାସ, ରାମଚନ୍ଦ୍ର ଦାସ, ପୂଜକ ସନ୍ତୋଷ ପାଢ଼ୀ, ଗୋପାଳ ସେବକ, ଟିକେ ଗଉଡ଼, ରାକ୍ସି ସରପଞ୍ଚ ହେମନ୍ତ ପୋଢ଼, ଶିକ୍ଷାବିତ୍ ଅଶୋକ ଧଙ୍ଗଡ଼ାମାଝୀ, ସରୋଜିନୀ ବଗର୍ତ୍ତି, ସୁଧୀର ଧଙ୍ଗଡ଼ାମାଝୀ, ଅର୍ଜୁନ ପଧାନ, ଜଗନ୍ନାଥ ଧଙ୍ଗଡ଼ାମାଝୀ, ଗୌନ୍ତିଆଙ୍କ ପ୍ରତିନିଧି ଖିରାବ୍‌ଠଧ ମାଝୀ, କାନ୍ତ ମାଝୀ, ଡୁମେର ଗଣା, ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଟ୍ରଷ୍ଟ ବୋର୍ଡର ବରିଷ୍ଠ ସଦସ୍ୟ ତଥା ବିଖ୍ୟାତ ଆଇନଜୀବୀ ସଞ୍ଜୟ ଧଙ୍ଗଡ଼ାମାଝୀ ସଭା ପରିଚାଳନା କରିଥିବାବେଳେ ପୂର୍ବା ଗଉଡ଼ ଓ ଧର୍ମେନ୍ଦ୍ର ଧଙ୍ଗଡ଼ାମାଝୀ ଭାଗବତ ପାଠ କରିଥିଲେ।